# ରେଖାକୁଞ୍ଜ

କାନନ ମିଶ୍ର



Digitized by srujanika@gmail.com

# ରେଖାକୁଞ୍ଜ

(ଚରିତୋପନ୍ୟାସ)

କାନନ ମିଶ୍ର

ପ୍ରକାଶିକା
ଶ୍ରୀମତୀ ରାଧାରାଣୀ ପଣ୍ଡା
ଭୁବନେଶ୍ୱର - ୧୪

Digitized by srujanika@gmail.com

# ରେଖାକୁଞ୍ଜ
(ଚରିତୋପନ୍ୟାସ)

ଲେଖିକା :
**କାନନ ମିଶ୍ର**

ପ୍ରଥମ ପ୍ରକାଶ :
ଦୁର୍ଗାପୂଜା, ୨୦୧୦

ପ୍ରଚ୍ଛଦ :
ଶ୍ରଦ୍ଧାଞ୍ଜଳି

ପ୍ରକାଶିକା
**ଶ୍ରୀମତୀ ରାଧାରାଣୀ ପଣ୍ଡା**
୨୦, ଲୁଇସ୍ ରୋଡ୍, ଫାଷ୍ଟ ଲେନ୍
ରବି ଟକିଜ୍ ସ୍କୋୟାର,
ଭୁବନେଶ୍ୱର - ୧୪
ଫୋନ୍ : ୨୪୩୧୮୧୯

ଶବ୍ଦ ବିନ୍ୟାସ ଓ ମୁଦ୍ରଣ :
**ଶ୍ରଦ୍ଧାଞ୍ଜଳି**
ନାଗେଶ୍ୱରଟାଙ୍ଗି, ଭୁବନେଶ୍ୱର

ମୂଲ୍ୟ : ଟ ୧୦୦/-ଙ୍କା

# REKHAKUNJA
(A Novel)

Author :
**Kanan Mishra**

First Edition :
Durga Puja, 2010

Cover Design :
Shradhanjali

Published by :
**SMT. RADHARANI PANDA**
20, Lewis Road, First Lane
Ravi Talkies Square,
Bhubaneswar - 14
Ph. : 2431819

Page Layout & Printed at
**Shradhanjali**
Nageswartangi
Bhubaneswar

Price : Rs. 100/-

Digitized by srujanika@gmail.com

## ଉତ୍ସର୍ଗ

ବାପାଙ୍କୁ
ସପ୍ରଣାମ ।

Digitized by srujanika@gmail.com

# ପୂର୍ବାଭାସ

ଓଡ଼ିଆ ସାହିତ୍ୟରେ ଜୀବନୀ ତଥା ଆତ୍ମଜୀବନୀର ସଂଖ୍ୟା ଏକାଧିକ । କିନ୍ତୁ ଚରିତୋପନ୍ୟାସ ପ୍ରାୟତଃ ନାହିଁ କହିଲେ ଚଳେ । ସେଇ ଦୃଷ୍ଟିରୁ, ରେଖାକୁଞ୍ଜ ମୋ'ର ଏକ ଅଭିନବ ପ୍ରୟାସ । ସହୃଦୟ ପାଠକମାନଙ୍କ ଦ୍ୱାରା ସସ୍ନେହ ଆଦୃତ ହେବ ବୋଲି ଆଶା ।

ମୋ'ର ପରମ ପୂଜ୍ୟ ପିତା ଅଧ୍ୟାପକ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀଙ୍କ ଜୀବନ ଚରିତ ଉପରେ ଆଧାରିତ ଏ ଉପନ୍ୟାସ । ବାପାଙ୍କ ଜୀବନର ଟିକିନିଖି ଖବର ମୁଁ ଜାଣେନି । ଜାଣିବା ସମ୍ଭବ ବି ନୁହେଁ । କିଛି ପୁରୁଣା ଚିଠି ଓ ଡାଇରୀ, ଆପଣା ଲୋକମାନଙ୍କଠାରୁ ଶୁଣିଥିବା କିଛି କିଛି କଥା ଏବଂ ସର୍ବୋପରି ମୋ' ନିଜସ୍ୱ ଅନୁଭୂତି – ଏଇ ଭିତ୍ତିଭୂମିକୁ ସମ୍ବଳ କରି ଗଢ଼ି ଉଠିଛି ଏ ସତ୍ୟାଶ୍ରିତ କାହାଣୀ ।

ବାପାଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ଦର୍ଶାଉଥିବା ମୋ'ର କିଛି ଲେଖା, ଏହା ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ସାରିଛି । ସେ ସବୁ ରଚନା ପରିଶିଷ୍ଟରେ ସ୍ଥାନିତ ।

ଉପନ୍ୟାସଟି ଧାରାବାହିକ ଭାବରେ ଛପାଇଥିବାରୁ, ଦୈନିକ ସମ୍ବାଦପତ୍ର 'ଅନୁପମ ଭାରତ'କୁ ମୋ'ର ଆନ୍ତରିକ ଧନ୍ୟବାଦ । ଆନ୍ତରିକ ଧନ୍ୟବାଦ ମଧ୍ୟ ସାହିତ୍ୟିକ ଶ୍ରୀ ଶଙ୍କର୍ଷଣ ପଣ୍ଡାଙ୍କୁ – ତାଙ୍କର ସଦିଚ୍ଛା ଓ ସହଯୋଗ ପାଇଁ ।

ବହିଟିକୁ ପ୍ରକାଶୋପଯୋଗୀ କରିବାରେ, 'ଶ୍ରଦ୍ଧାଞ୍ଜଳି' ସଂସ୍ଥାର ଶ୍ରୀ ପ୍ରଶାନ୍ତ କୁମାର ସେନାପତି ଓ ଶ୍ରୀ ମାନସ ରଂଜନ ଦାସଙ୍କର ଅବଦାନ ଅବଶ୍ୟ ସ୍ୱୀକାର୍ଯ୍ୟ ।

**କାନନ ମିଶ୍ର**

Digitized by srujanika@gmail.com

## ॥ ୧ ॥

ଯୁବକ ମହାଦେବ ତଲ୍ଲୀନ ହୋଇ ଖୋଳ ବଜାଉଥିଲେ ।

ଦୀର୍ଘକାୟ, ମେଦବିହୀନ ଚେହେରା - ରଙ୍କୁ ବାଉଁଶ କଣି ପରି । ଉଜ୍ଜ୍ୱଳ ଶ୍ୟାମଳ ବର୍ଣ୍ଣ, ପ୍ରଶସ୍ତ କପାଳ ଓ ଉନ୍ନତ ନାସିକା । ମସ୍ତକର ପଶ୍ଚାତ୍‌ଦେଶରେ ସଯତ୍ନ ବର୍ଦ୍ଧିତ ଶିଖାଗୁଚ୍ଛ ।

ଉଚ୍ଚତା ଯୋଗୁ ଗାଁ ଯାକରେ ପରିଚୟ ଥିଲା ଢେଙ୍ଗା ତ୍ରିପାଠୀ ନାମରେ । ସେତେବେଳେ ଡିଗିରିଆ, ନୂଆପାଟଣାର ଲୁଗାବେପାରୀମାନେ ପାଠମଠା ଧରି ଆସୁଥିଲେ ଗାଁ'କୁ ବିକିବାକୁ । ଗଜ, ମିଟରର ମାପ ନଥିଲା । ମପା ହେଉଥିଲା ହାତରେ - ଦି' ହାତ କି ତିନିହାତ । ବେପାରୀଏ ଡରୁଥିଲେ ଯୁବକ ମହାଦେବଙ୍କ ହାତରେ ଲୁଗା ମାପିବାକୁ । କାରଣ ତାଙ୍କ ହାତରେ ଦୁଇହାତ ମାପର ଲୁଗା ସାଧାରଣ ମଣିଷ ହାତରେ ମପା ଅଢେଇହାତ ସହିତ ସମାନ ହେଉଥିଲା ।

ଆଖିବୁଜି କୃଷ୍ଣରସରେ ନିମଗ୍ନ ହୋଇ ଲମ୍ୱ ଲମ୍ୱ ସୁପୁଷ୍ଟ ହାତରେ ଖୋଳ ପିଟୁଥିଲେ ମହାଦେବ । ଚଞ୍ଚଳ, ନୃତ୍ୟଶୀଳ ଅଙ୍ଗୁଳିର ସ୍ପର୍ଶରେ ଦ୍ରିମ୍ ଦ୍ରିମ୍ ତାଳ ତୋଳୁଥିଲା କୋଳରେ ରଖା ତିନିହାତ ଲମ୍ୱର ଖୋଳ । ଖୋଳ ମଝିରେ ନାଳି ସାଲୁକନା ବନ୍ଧା । କନାର ଦୁଇମୁଣ୍ଡ ଖୋଳ ସହିତ ସଂଯୁକ୍ତ । ସେ ଚଉଡା, ଆଡ ମଇଳା ସାଲୁକନାର ପଟି ସଯତ୍ନ ବୁଲିଆସିଥିଲା ମହାଦେବଙ୍କର ବେକ ଚାରିପାଖେ ।

ମହାଦେବ ବସିଥିଲେ ଏକ ରାଜକୀୟ ଠାଣିରେ । ଭଙ୍ଗୀଟି ଥିଲା ସର୍ବିତ । ସଳଖ, ସୁଠାମ ଶରୀରର ଉପରାର୍ଦ୍ଧରେ ଉତ୍ତରୀୟ, ନିମ୍ନାଙ୍ଗର ପହରଣ ଅଣଓସାରିଆ ଧୋତି । କାନଫଳିର କମକୁଟ କରା ସୁବର୍ଣ୍ଣକୁଣ୍ଡଳ ଜକମକ କରିଉଠୁଥିଲା ପଞ୍ଚଲାଇଟ୍‌ର ଆଲୋକରଶ୍ମିରେ । ଜକମକ କରୁଥିଲା ଅଣ୍ଟାର ଚଉଡା ଅଣ୍ଟାସୂତାଟି ମଧ୍ୟ ସ୍ଥଳ ବିଶେଷରେ ଧୋତି ବାହାରକୁ ବାହାରିଆସି ।

ଶେଷ କାର୍ତ୍ତିକର ବତାସରେ ସାମାନ୍ୟ ହିମର ସ୍ପର୍ଶ । ପରିଶ୍ରମ ଜନିତ ବିନ୍ଦୁବିନ୍ଦୁ ସ୍ୱେଦ ଜମିଥିଲା ମହାଦେବଙ୍କ ଛାତିରେ ।

ପଥୁରିପଡା ଗ୍ରାମର ଗ୍ରାମଦେବତା ଗୋପୀନାଥଙ୍କ ମନ୍ଦିରରେ ରାସଲୀଳା । କିଏ କହେ ରାଧାମାଧବ କିଏ ବା ଗୋପୀନାଥ । ଗାଁ ମଝିରେ ମନ୍ଦିର । ମନ୍ଦିର ଚାରିପଟେ



Digitized by srujanika@gmail.com

ପ୍ରଶସ୍ତ ବେଢ଼ା ଓ କଡକୁ ଲାଗି ଦୋଳ ମଣ୍ଡପ । ଦୋଳମଣ୍ଡପର କାନ୍ଥରେ ମଧୁମାଳତୀର ଲତା । ଟରାଟ, ଟଗର ଓ କନିଅରର ମହୋତ୍ସବ ।

ସେଦିନ ଥିଲା ରାସଯାତ୍ରାର ଶେଷଦିନ । କାର୍ତ୍ତିକମାସର ଶୁକ୍ଳପକ୍ଷ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିଲା ରାସଲୀଳା । ଗ୍ରାମଯୁବକମାନେ ରିହର୍ସଲ୍ ଆରମ୍ଭ କରିଦେଉଥିଲେ ଆଶ୍ୱିନ ମାସରୁ - ଦଶହରା ପରେପରେ । ଜଣେ ବଂଶୀଧାରୀ କୃଷ୍ଣ, ଜଣେ ରାଧା, ବାକି ଆଉ ଆଠଜଣ କିଶୋରୀ ।

ସନ୍ଧ୍ୟା ଉତୁରିଲେ ପେଟ୍ରୋମାକ୍ସର ନୀଳାଭ ଆଲୋକରେ ମନ୍ଦିର ବେଢ଼ାରେ ଯାତ୍ରା । ଆଖପାଖ ଗାଁ'ର ମହିଳା ଓ ପୁରୁଷମାନଙ୍କର ଜବରଦସ୍ତ ଭିଡ । ସଂଜବେଳକୁ ସକାଳର ରଖା ସଜପଖାଳଖାଇ, ପେଡିସାଇତା କସ୍ତା ଶାଢି ପିନ୍ଧି, ଜମା ହେଉଥିଲେ ଅବଗୁଣ୍ଠନବତୀ ଗ୍ରାମବଧୂଙ୍କ ଦଳ ।

ଯାତ୍ରା ଆରମ୍ଭ ହେଉଥିଲା ସଂଜ ଉତାରୁ । ପ୍ରଥମେ ନଦୀୟା କୀର୍ତ୍ତନ ଓ ତା'ପରେ ପରେ ଖଞ୍ଜଣୀଭଜନ । ଖଞ୍ଜଣୀଭଜନ ଲାଗି ଗାୟକଦଳ ନିମନ୍ତ୍ରଣ ପାଇ ଆସୁଥିଲେ ଦୂରଦୂରାନ୍ତରରୁ । ରାତି ଏଗାରଟାରୁ ଦୁଇଟା ପର୍ଯ୍ୟନ୍ତ ଚାଲୁଥିଲା ଖଞ୍ଜଣୀକୀର୍ତ୍ତନ । ମଧ୍ୟରାତ୍ରି ଉତୀର୍ଣ୍ଣ ହେବା ପରେ ଆରମ୍ଭ ହେଉଥିଲା ରାସଲୀଳା । ରାଧାକୃଷ୍ଣ ଓ କିଶୋରୀଦଳ ଝିକିମିକି ଜରିଲଗା ପୋଷାକ ପିନ୍ଧି ମୁହଁରେ ଅଭ୍ରଗୁଣ୍ଡମାରି ରାସଲୀଳା କରୁଥିଲେ ।

ହାର୍ମୋନିୟମ ଓ ତବଲା ସାଥିରେ ଗାୟକଦଳ ଗାଉଥିଲେ ଗୀତ । ଭାଗବତ ଦଶମସ୍କନ୍ଧ ଦ୍ୱିତୀୟ ଅଧ୍ୟାୟରୁ ତେତିଶି ଅଧ୍ୟାୟ ଉପରେ ଭିତ୍ତିକରି ଗୀତରଚନା କରାହେଉଥିଲା । ଆରମ୍ଭ ଗୌରଚରଣଙ୍କ ରଚିତ ବନ୍ଦନା ଶ୍ଳୋକରୁ । ବନ୍ଦନା ପରେ ପରେ ଗୋପୀବେଶଧାରୀ ଗ୍ରାମ୍ୟକିଶୋରମାନେ ବଙ୍ଗଳାଛାନ୍ଦରେ ରଚିତ ଶ୍ରୀ ଗୋବିନ୍ଦ ଦାସଙ୍କ ରାସଲୀଳାଗୀତ ଗାୟନ କରୁଥିଲେ । ସୁଲଳିତ ସ୍ୱରରେ ସେଦିନର ପ୍ରସଙ୍ଗ ଉତ୍‌ଥାପନ କରି ଅଭିନୟ ସହିତ ବର୍ଣ୍ଣନା କରୁଥିଲେ କୃଷ୍ଣଙ୍କର ଅପରୂପ ଓ ଅଲୌକିକ ରୂପମାଧୁରୀ ।

ନବକିଶଳୟାଁ ଓଷ୍ଠେ ବାଂଶୀ ନ୍ୟସ୍ତ ହୈଛେ
ସୁନ୍ଦର ଚନ୍ଦ୍ରିକା ଚୂଳ ଶିରେ ସାଜେ ସ୍ୱଚ୍ଛେ ହେ

ତନୁ ମନୋହର ରୂପ ଶ୍ୟାମଳ ସୁନ୍ଦର
ଓରେ ମନ କେଶିତୀର୍ଥ ପରେ ତାକେ ହେର ହେ

ଓରେ ହେ ପାମର ମନ ବାଉଲେର କଥାମାନ
ସ୍ଥିର ହୈୟାଁ ଗୋପୀକୃଷ୍ଣ ଲୀଲା ଗାନ୍ ଶୁନ ହେ ।

ସେଦିନ ଥିଲା ରାସପୂର୍ଣ୍ଣିମା । ତୋଫା ଜହ୍ନ ଆଲୁଅରେ ଝିଲିମିଲି ମନ୍ଦିରପ୍ରାଙ୍ଗଣ । ଆକାଶରେ ଜ୍ୟୋତ୍ସ୍ନାର ଫୁଆରା । ମନ୍ଦିର ପ୍ରାଙ୍ଗଣରେ, ସେଇ ଜ୍ୟୋତ୍ସ୍ନାଭିଜା ରାତିରେ ଶରତର ସମ୍ମୋହନ ।



Digitized by srujanika@gmail.com

ସେଦିନ ଶେଷଯାତ୍ରା । କୃଷ୍ଣ ଆଜି ପଶା ଖେଳିବେ ରାଧାଙ୍କ ସାଥିରେ । ବାଜି ରଖି ହାରିବେ ମୋହନ ବଇଁଶୀକୁ ଏବଂ ନିଜର ପରାଜୟର ଦଣ୍ଡସ୍ୱରୂପ, ସ୍ୱମଥାରୁ ମୁକୁଟ ନେଇ ପିନ୍ଧାଇଦେବେ ରାଧାଙ୍କୁ । ରାଧା ପଗଡିବାନ୍ଧି ହେବେ ରାଜାବେଶ ।

ଗାୟକଦଳ ସମସ୍ୱରରେ ଗୀତ ଗାଉଥିଲେ । ସେ ସ୍ୱର ଧ୍ୱନିତ ହେଉଥିଲା ଗ୍ରାମର ନିଥର ବାତାବରଣରେ । ବେଣୁବନରେ, ଆମ୍ରକୁଞ୍ଜରେ ଏବଂ ବିସ୍ତୀର୍ଣ୍ଣ ଧାନକିଆରୀରେ । ଆଉ ତା' ସହିତ ଧ୍ୱନିତ ହେଉଥିଲା ଯୁବକ ମହାଦେଙ୍କର ମୃଦଙ୍ଗର ନିନାଦ । ମହାଦେବଙ୍କର ମୃଦଙ୍ଗର ଠେକା ବିନା ସତେ ଯେମିତି ରାସଲୀଳା ରହିଯାଉଥିଲା ଅସଂପୂର୍ଣ୍ଣ । ଅନ୍ୟ ଜଣେ ଦିଜଣ ବାଦ୍ୟକାର ଅବଶ୍ୟ ଥିଲେ ଗାଁ'ରେ । କିନ୍ତୁ ମହାଦେଙ୍କର ସମକକ୍ଷ କେହି ନଥିଲେ । ତାଙ୍କ ଟିପର ସଂସ୍ପର୍ଶରେ କଥା କହୁଥିଲା ଖୋଳ । ଲମ୍ବ ଲମ୍ବ ଆଙ୍ଗୁଳି ବିଚକ୍ଷଣ ଭାବରେ ନୃତ୍ୟ କରୁଥିଲେ ଖୋଳ ଉପରେ - ବଢ଼େଇ ଦେଉଥିଲେ ନୃତ୍ୟ ଓ ଗୀତର ମହିମା ।

ହଠାତ୍ ଖୋଳ ବଜାଇବା ବନ୍ଦକରି ସାଥିରେ ସଙ୍ଗତ କରୁଥିବା ଅଳ୍ପବୟସର ଯୁବକଟି ପ୍ରତି ଅଗ୍ନିବର୍ଷୀ ଦୃଷ୍ଟି ନିକ୍ଷେପ କରି ତା'ପିଠିରେ ସଜୋର ଚପେଟାଘାତ କଲେ ମହାଦେବ । କିଶୋରଟି ବୁଝିପାରିଲା, ବେତାଳିଆ ହୋଇଯାଇଛି ଖୋଳବଜା । ଖୋଳବାଦ୍ୟରେ ଧୂରୀଣ ମହାଦେବ, ତାଳ ଓ ଲୟର ସାମାନ୍ୟମାତ୍ର ହେର୍‌ଫେର୍ ଶୁଣିଲେ ହେଇଉଠୁଥିଲେ ଅସହିଷ୍ଣୁ । ରକ୍ତ ଚଢ଼ିଯାଉଥିଲା ମୁଣ୍ଡକୁ । ଏ ଭଳି ବେତାଳ ଭାବରେ ରାଧାମାଧବଙ୍କ ଅର୍ଚ୍ଚନା ? କିଶୋରଟି ଯା ପୂର୍ବରୁ, ଅନେକଥର ଚପେଟାଘାତ ଖାଇଛି । ତେଣୁ ବିବ୍ରତ ନହେଇ ମହାଦେବଙ୍କର ଚରଣ ସ୍ପର୍ଶ କରି ପୁନର୍ବାର ଠିକ୍ ଭାବରେ ସଙ୍ଗତ୍ କରି ଲାଗିଲା ତାଙ୍କ ସାଥିରେ । ଚାହିଁଲା ତାଙ୍କ ଅଙ୍ଗୁଳିଚାଳନାକୁ । ଭାବିଲା - ଭାଇନାଙ୍କ ପରି ଟିପ ମୁଁ ପାଇବି ବା କେମିତି ? ମୋର କଅଣ ଏମିତି ଲମ୍ବା ଲମ୍ବା ଆଙ୍ଗୁଳି ?

ଖୋଳ ବଜାଇଲାବେଳେ ଚକ୍ଷୁମୁଦ୍ରିତ କରି ବଜାନ୍ତି ମହାଦେବ । ଅଭିନିବେଶ ସହଜ ହୁଏ । ଶ୍ୟାମଳ ମୁହଁରେ ତାଙ୍କର ଖେଳିବୁଲେ ଏକ ଦୀପ୍ତ ଆଭା । ସତେ ଯେମିତି କୃଷ୍ଣଙ୍କୁ ସାମ୍ନାରେ ଦେଖିପାରୁଛନ୍ତି ସିଏ । ଶେଷ ଶରତର ପୌର୍ଣ୍ଣମାସୀ ତିଥିରେ ସାରା ସଂସାର ହାଲୋଳ କରି ସତେ ଅବା ତାଙ୍କ ସାମ୍ନାରେ ଉଭା ହେଇଛନ୍ତି ନନ୍ଦଦୁଲାଳ ।

ଚକ୍ଷୁମୁଦ୍ରିତ କରି ନନ୍ଦଦୁଲାଳଙ୍କର ସେ ତ୍ରିଭଙ୍ଗ ଶୋଭା ଦର୍ଶନ କରୁ କରୁ କେଇବୁନ୍ଦା ଅଶ୍ରୁ ଝରିପଡିଲା ମହାଦେଙ୍କ ଆଖିରୁ । କାନ୍ଧର ଉତ୍ତରୀୟରେ ଆଖିପୋଛି, ମଣ୍ଡପରେ ନୃତ୍ୟରତ କୃଷ୍ଣବେଶଧାରୀ କିଶୋରଟିକୁ ଚାହିଁଲେ ଆଖିଖୋଲି । ମନେ ମନେ କହିଉଠିଲେ ହେ କୁଞ୍ଜବିହାରୀ, କେତେଦିନ ଆଉ ପରୀକ୍ଷା ନବ ମୋର ? ତୁମ ରାସଲୀଳାରେ ରାତିଚେଇଁ ଖୋଳ ବଜାଇବାର କଅଣ ଏଇ ମୋ'ର ପୁରସ୍କାର ? କେବେ ଦୂର କରିବ ମୋ ଦୁଃଖ ? କେବେ ଆସିବ ମୋ କୋଳକୁ ? କେତେଦିନ ଆଉ ଅପେକ୍ଷା କରି ରହିବି ? କେତେଦିନ ?

●●●



Digitized by srujanika@gmail.com

## ॥ ୨ ॥

ହେମନ୍ତସକାଳର ନରମ ଖରା ଧୀରେ ଧୀରେ ବିଛାଡି ହେଇ ପଡୁଥିଲା ଗୋବରମାଟି ଲିପା ପ୍ରଶସ୍ତ ଅଗଣାରେ । ଆଗାମୀ ଶୀତର ଆଳାପନା ଆରମ୍ଭ ହେଇଯାଇଛି ପୌଷର ବାତାବରଣରେ । ପ୍ରଭାତୀ ବତାସରେ ଶୀତର ସ୍ପର୍ଶ । ଦେହରେ ଖଇର ରଙ୍ଗର ଆଲୋଆନ୍‌ଟିଏ ଘୋଡିହୋଇ, ଧାନଘର ସାମ୍ନା ଚିକ୍କଣ ପଥର ପିଣ୍ଡିରେ ବସି ହଳିଆମାନଙ୍କୁ କାମ ବୁଝାଉଥିଲେ ମହାଦେବ ।

ପୌଷମାସ ଫସଲ ଅମଳର ପ୍ରକୃଷ୍ଟ ସମୟ । ପକ୍ୱଧାନର ଲକ୍ଷ୍ମୀ ଆସିବେ ଘରକୁ । ଇମିତ କିଛି କମ୍ ନୁହେଁ । ସେ ଅଞ୍ଚଳର ସବୁଠାରୁ ବେଶୀ ଓ ସର୍ବୋତ୍ତମ ଭୂସଂପତ୍ତିର ମାଲିକ ହେଉଛନ୍ତି ମହାଦେବ ।

ଅଗଣାରେ ଶୀତ ଥୁରୁଥୁରୁ ହଳିଆମାନଙ୍କ ଭିଡ । ପୁରୁଣା ହଳିଆ ସାରଥ ଦେହୁଲୀ ମାଟିରେ ଜାକିଜୁକି ହୋଇ ବସି ଅପେକ୍ଷା କରି ରହିଛି ସାଉଙ୍କ ଆଦେଶକୁ । ଜିଭ ତଳେ ଟେଲାଏ ଧୂଆଁପତ୍ର ଗେଞ୍ଜା । ସାରଥ କଡ଼କୁ ଲାଗି ଶଗଡ଼ିଆ ଆନନ୍ଦ ସ୍ୱାଇଁ ।

ମହାଦେବ ଠିକ୍ କରିଛନ୍ତି ଆଜି ଢେନାନାଳ କିଆରୀର ଧାନକଟା ହେବ ବୋଲି । ଦୈର୍ଘ୍ୟ ଓ ପ୍ରସ୍ଥରେ ସବୁଠାରୁ ବଡଜମି ସେଇଟା - ପୂରାପୂରି ସାତଏକର । ମଝିରେ ହିଡ ନାହିଁ । ପ୍ରଶସ୍ତ ଭୂଇଁରେ ସୁନେଲୀ ଶସ୍ୟକୁ ଗର୍ଭରେ ବହନ କରି ଅଳସେଇ ନଇଁପଡିଛି ଗର୍ଭବତୀ ଧାନଗଛ ସବୁ । ଦେହରେ ଗୁଆଁ ଗୁଆଁ ବାସ୍ନାମୟ ସୁପୁଷ୍ଟ ଧାନକେଣ୍ଡା ।

ଜମିଟି ସ୍ୱର୍ଣପ୍ରସୂ । ସଡପମୁଣ୍ଡିଆ ତଳେ ଠିକ୍ ବାମଦେବ ସାଗରକୁ ଲାଗିକରି । ବାମଦେବ ପୁଷ୍କରିଣୀଟି ବେଶ୍ ବିରାଟକାୟ । ବର୍ଷସାରା ଟଳମଳ ପାଣି । ସେ ପୋଖରୀରୁ ପାଣି ଉଚ୍ଛୁଳିଲେ କୁଳ୍‌କୁଳ୍ ହେଇ ତାହା ମାଡିଆସେ ମହାଦେବଙ୍କ ଜମି ଭିତରକୁ । ବିଲରେ ପାଣି ମଡେଇବା ଦରକାର ପଡେନି ।

ଓଦା ଦୋରସା ମାଟି । ଅପେକ୍ଷା କରି ରହିଥାଏ ବୀଜବପନର ଉଲ୍ଲାସମୟ ମୁହୂର୍ତ୍ତଟିକୁ । ସାର କିମ୍ବା ଗୋବରଖତ କିଛି ବି ଦରକାର ପଡେନି । ସଜୀବ ଧାନକେଣ୍ଡା ସବୁ ବଢିଯାଆନ୍ତି ତର୍‌ତର୍ ହେଇ - ସଜ ସକାଳର ମିଠାଳିଆ ପବନରେ ମନ ଆନନ୍ଦରେ ଦୋଳି ଖେଳି ଖେଳି ।

ମଝିରେ ଥରେ ମହାଦେବ ଯାଇଥିଲେ ସେ ଜମିକୁ । ଫିକା ରଂଗର ଧାନ କ୍ଷୀର ଧରି ଆସୁଛି ସେତେବେଳେ । କଅଁଳ ସବୁଜ ପତ୍ର ଗହଳ୍‌ରେ ଗଜୁରିଆସୁଛି ଥୋକା



Digitized by srujanika@gmail.com

ଥୋକା ନରମଶରୀରୀ ଧାନ । ବିଲ ଭିତରେ ଜମା ହେଇଥିବା ପାଦଭର୍ତ୍ତି ପାଣିରେ ସର୍‌ସର୍ ହେଇ ପହଁରିଯାଉଛି ଗରଳବିହୀନ ଧଣ୍ଡସାପ । ସବୁଜରଂଗର କେତୋଟି ଶୁଆ କାହୁଁ ଡେଣା ଝପଟାଇ ଆସି ବ୍ୟସ୍ତ ଧାନ ଖାଇବାରେ ।

ବିଲକଡରେ ଏକତ୍ରିତ ହେଇଥିବା ସ୍ୱଚ୍ଛପାଣିରେ ମନ୍ଦା ମନ୍ଦା କଉ, ମାଗୁର, ଡୋଡି ଓ ମିରିକାଳି । ଭିନ୍ନ ଭିନ୍ନ ନାଁ ନଜଣା ଚୂନାମାଛଙ୍କର ଅପ୍ରମିତ ଆଡମ୍ବର । ସେ ଜମିର ଶ୍ୟାମଳଶୋଭା ଦେଖି ଆଖି ପୂରିଉଠିଥିଲା ମହାଦେବଙ୍କର । ଏ ପଟ ହିଡରେ ଠିଆହେଇ, ପାଦ ଉଞ୍ଚକରି ଚେଷ୍ଟା କରିଥିଲେ ଆରପଟ ହିଡକୁ ଚାହିଁବାପାଇଁ । ସ୍ୱଉଚ୍ଚତା ସତ୍ତ୍ୱେ ସେପଟର ସୀମାରେଖା ପରିଦୃଶ୍ୟମାନ ହେଇନଥିଲା ।

ସବୁତକ ହଳିଆ ନହେଲେ କାମ ସରିବନି ଆଜି । ଦିଘଡି ପରେ ଆଉ ଦିଜଣ ଶଗଡିଆକୁ ନେଇ ଆନନ୍ଦ ଯିବ ବିଲକୁ । ଶଗଡରେ କଳେଇ ବୋହି ସଂଜସୁଦ୍ଧା ଆଣି ଖଳାବାରିରେ ଜମା କରିବାକୁ ପଡିବ ।

ଏ ଜମିର କାମଟି ସରିଗଲେ ତେଣିକି ଆଉ କାମ ବିଶେଷ ବାକି ନାହିଁ । ବାରମାଣ, ହିଡଭଙ୍ଗା, କଦଳିଆ ଓ ବାଙ୍କି କିଆରି କଟା ସରିଲାଣି । କାଲିକି ହଳିଆ ଯିବେ ଘାଇକିଆରି, ଚଣାଡଳି କିଆରି ଓ ଗାଆଁବିଲ । ବାକି ସାନକିଆରି ସବୁ ପଛକୁ ପଛ କଟାହେବ । ଅଜସ୍ର ଜମି । ଧାନକଟା ଆରମ୍ଭ ହେଲାଣି ପନ୍ଦରଦିନ ହେବ – ଆହୁରି ମାସେ ଦେଢ଼ମାସ ଉପରେ ଲାଗିବ ନିଶ୍ଚୟ

ଖଳାବାରି କଡରେ ଜମା ହେଇଗଲାଣି ଥାକ ଥାକ କଳେଇ-କେବଳ ବେଙ୍ଗଳା ବୁଲିବା ଜାଗାଟକ ଛାଡିଦେଲେ ବାକି ଅଂଶରେ ସ୍ୱାସ୍ଥ୍ୟବତୀ ସୁନେଲୀ ଧାନର ସମ୍ଭାର । ମାଘ ମାସରେ ବୁଲିବ ବେଙ୍ଗଳା । ପଶ୍ଚାତ୍‌ଦେଶରେ ଥିବା ଲମ୍ବ ଆଡିଆ ହେଇ ଗଢ଼ା ହେଇଥିବା ଧାନ ଘରଆଡକୁ ନଜର ପକାଇଲେ ମହାଦେବ । ଘରଟି ଆଟୁ ପର୍ଯ୍ୟନ୍ତ ଧାନରେ ଭର୍ତ୍ତି ହେଇଯାଏ ଫସଲ ଅମଳ ପରେ । ବଳକା ଧାନ ସଞ୍ଚିତ ହେଇ ରହେ ବିରାଟକାୟ ଓଳିଆମାନଙ୍କରେ ବନ୍ଧାହେଇ । ଏବର୍ଷ ଫସଲର ପ୍ରାଚୁର୍ଯ୍ୟ ଦେଖି ମନେ ହେଉଛି ଓଳିଆର ସଂଖ୍ୟା ବଢିବ ନିଶ୍ଚୟ ।

ହଳିଆମାନେ ହାତରେ ଶାଣଦିଆ ଦାଆ ଧରି ବାହାରି ଗଲେଣି ଅନେକ ସମୟ ହେଲା । ଜେନାନାଳର ଭିଜାହିଡର କଡେ କଡେ ଝିରିଝିରି ଲାଜକୁଳୀ ଲତା ଭିତରେ ମୁହଁ ଲୁଚାଇ ବର୍ଷସାରା ଗଜୁରେ ଛନ୍‌ଛନ୍ ସୁନ୍‌ସୁନିଆ ଓ କଅଁଳ ଡଙ୍କର ପୁରୁଣିମୁଣ୍ଡି ଶାଗ । ଭାରି ସୁସ୍ୱାଦୁ ସେ ଶାଗପତ୍ର । କେବେ କେମିତି ତୋଳିଆଣେ ସାରଥ । ଆଜି ବି ତୋଳିଆଣିବ ବୋଲି କହିଯାଇଛି । ଭଜାମୁଗ ଡାଲି ଗୁଣ୍ଡ ଦେଇ, ରସୁଣ ଛୁଙ୍କ ସହିତ ସେ ଶାଗ ଖାଦ୍ୟ ରସିକ ମହାଦେବଙ୍କ ପାଇଁ ରାନ୍ଧି ଦିଅନ୍ତି ପତ୍ନୀ ସୀତା । ସୀତାଙ୍କ ହାତରନ୍ଧା ଶାଗର ସୁଆଦ କାଳେ ନିଆରା ।

●●●



Digitized by srujanika@gmail.com

## ।। ୩ ।।

ଘର ଶୂନ୍‌ଶାନ୍ - ଉପର ସାହାଳାଠାରୁ ବାରି ପର୍ଯ୍ୟନ୍ତ । ବାରିପଟେ ଛୋଟାଗଉଡର ପାଟି ଶୁଭୁଛି । ଗଉଡ ପିଲା ନାଁ ଭୀମା ବେହେରା । ପୋଲିଓରେ ଜନ୍ମରୁ ଗୋଟିଏ ପାଦ ବିପର୍ଯ୍ୟସ୍ତ - ନାଁ ହେଇଯାଇଛି ଛୋଟା । ବାରିରେ ଗାଈଗୁହାଳ । ଗୁହାଳଭର୍ତ୍ତି ଗୁଣ୍ଠୁଣି ଗାଈ ଓ କଇଁଫୁଲିଆ ବାଛୁରୀ । ଗୁହାଳ ସଫାକରି ଓ ଗାଈ ଦୁହିଁସାରି ଗୋରୁଙ୍କୁ ଅଡେଇ ଗୋଠକୁ ନେଇଯାଏ ଛୋଟା । ଲାଗୁଆ ଗଉଡଟୋକା ସାରାଗାଁ'ର ଗାଈବାଛୁରୀ ଏକାଠିକରି ନେଇଯାଏ ମୁଣ୍ଡିଆତଳି । ଦିନଯାକ ଘାସଚରି ଗୋଧୂଳିକୁ ଲେଉଟି ଆସେ ଗୋଠ - ଗାଁ ଦାଣ୍ଡ ଝାପ୍‌ସା ହେଇଯାଏ ଖୁରାଉଠା ଧୂଳିରେ । ଦାଣ୍ଡେ ଦାଣ୍ଡେ ଆସୁ ଆସୁ ଯେଝାଘର ଚିହ୍ନି ଗାଈବାଛୁରୀ ତହିଁରେ ପଶିଯାଆନ୍ତି ଆପେ ଆପେ ।

ଛୋଟା ଗଉଡର ସାରାଦିନର କାମ । ଗାଈଗୋରୁଙ୍କ ଖବର ବୁଝିସାରି ଯତ୍ନନିଏ ବଳଦମାନଙ୍କର । ବେକରେ ଘଣ୍ଟିବନ୍ଧା ହାତୀଛୁଆ ପରି ବୃହତ୍‌କାୟ ଧୋବଫରଫର ବଳଦ । ବଡ ବଡ ପିତ୍ତଳ ହଣ୍ଡାରେ କୁଳୁଚି ରାନ୍ଧି ସକାଳୁ ସକାଳୁ ସେମାନଙ୍କୁ ଖୁଆଏ ଛୋଟା । ଗୁହାଳ ପାଖରେ କୁଳୁଚି ରାନ୍ଧିବାପାଇଁ ଅଲଗା ସାନଘରଟିଏ । ଢିଙ୍କିରେ କୁଟା ହେଇ ବସ୍ତା ବସ୍ତା କୁଳୁଚି ସାଇତା ହୋଇ ରହେ ବଳଦମାନଙ୍କ ପାଇଁ । ପାଣିମିଶା ସେ ଚଷୁ ଓ ଚାଉଳର ଉଷୁମ ମଣ୍ଡ, ଭୀମାହାତର ସସ୍ନେହ ଆଉଁଷାର ମଜାଲୁଟି ଚୁକ୍‌ଚୁକ୍ କରି ଭୋଜନ କରନ୍ତି ବଳଦମାନେ ।

ବଳଦମାନେ ଛୋଟାର ଜୀବନ । ଗୁହାଳ ଧୋଇ ମାଜି ସଫା ସୁତୁରା କରେ । ପଥରଚଟାଣରୁ ଉଠାଇ, ମେଞ୍ଚ ମେଞ୍ଚ ଗୋବର ନେଇ ଜମା କରି ରଖେ ଘର ପଛପଟ ଖତଗାଡରେ । ଗୋବର ପଚି ଖତ ହେଲେ ପରବର୍ଷ ଜମିରେ କାମ ଦେବ ବୋଲି । ପ୍ରିୟ ପଶୁମାନଙ୍କୁ ମୃଦୁ ପାଞ୍ଚଣ ପରଶା ଦେଇ ଲୋଦର ଭର୍ତ୍ତି ସେ ଖତ ବୋହି ନେଇଯାଏ ଛୋଟା ଦୂରଦୂରାନ୍ତର କ୍ଷେତକୁ । ଧୋବ ଫରଫର ବଳଦଙ୍କ ଦେହରେ ଲାଗିଥିବା ଗୋବରର ଦାଗକୁ ନେଇ ଧୋଇ ଦିଏ ପୋଖରୀ ତୁଠର ସାଦାଫୁଲରେ ସଜଡା ଫିକା ଫିକା ନୀଳ ରଂଗର ଢେଉରେ । ବଳଦମାନେ ଛୋଟାର ଜୀବନ ।

ମହାଦେବ ଗ୍ରାମ ପୁଷ୍କରିଣୀ ବା ତୁଆକୁ ସ୍ନାନପାଇଁ ଯାଆନ୍ତିନି । ବାରିପଟେ ପଥର ପନ୍ଦ ବସା ବାମ୍ଫି, ତାଙ୍କର ସ୍ନାନପର୍ବ ସେଇଠି ।

ବିରାଟକାୟ କୂଅମୂଳର ପଥରରେ ଚକାମାଲି ପକାଇ ବସନ୍ତି ମହାଦେବ । କୂଅରୁ ଶୀତଳଜଳ କାଢ଼ି ଗରାଗରା କରି ତାଙ୍କର ତୈଳମାର୍ଜିତ ଶରୀରରେ ଢାଳିଦିଏ ଛୋଟା ଗଉଡ ।



Digitized by srujanika@gmail.com

ଦିହଲଗା ହଳିଆ । ଦିନସାରା କିଛି ନା କିଛି କାମ ଛୋଟା ଗଉଡର । ଗଉଡ ହାତର ପାଣି ଚଳେ ମହାଦେବଙ୍କ ଘରେ । ଘରଖର୍ଚ୍ଚ ପାଇଁ ଗରାଭର୍ତ୍ତି ପାଣି କାଢ଼େ ଛୋଟା ସାରାଦିନ ।

କିଛି ନା କିଛି କାମ ଛୋଟାର ସ୍ତ୍ରୀ ମାଳିଆ ମା'ର ମଧ । ପାଖ ଗାଁ'ରେ ଘର । ଦିନ ଦିଘଡିକୁ ମୁଣ୍ଡରେ ଗାମୁଛାର ଠେକାଟିଏ ଭିଡି, ତା'ଉପରେ ସଜଢେନାର ବଢ଼ା ଦୁଇଟି ରଖି ନିୟମମାଫିକ୍ ପ୍ରତିଦିନ ଆସି ହାଜିର ହୁଏ ମାଳିଆ ମା' । କଚଟିରୁ କହୁଣୀଯାଏ ବାହିଏ ବାହିଏ କଂସାଖଡୁ । ହିଡବାଟରେ ଚାଲିଟି ସିଧାସଳଖ । ତା'ଢେନା ଦହି ବର୍ଷଯାକ ପାଇଁ ଲାଗୁଆ । ଘରର ଯାବତୀୟ ପିଠାପଣା - ବଉଳ ଅମାବାସ୍ୟାର ଧଳାମଣ୍ଡାଠାରୁ ଆରମ୍ଭ କରି ମାଣବସା ଗୁରୁବାରର ପୂରକାକରା ପର୍ଯ୍ୟନ୍ତ, ସବୁକିଛି ତା' ସଜଢେନାରେ ।

ଘରର ବର୍ଷଯାକର ଜଳଖିଆ-ଚୁଡା, ମୁଢ଼ି, ହୁଡୁମ୍ ଓ ଉଖୁଡା ପାଇଁ ମଧ ଖଞ୍ଜା ଲାଗୁଆ କେଉଟୁଣୀ । ପୁରୁଣା ଲୋକର ହାତଟି ଅମୃତମୟ । ତା' ହାତତିଆରି ଢିଙ୍କିକୁଟା ଚୁଡାର ସ୍ୱାଦ ଓ ବାସ୍ନା ଭିନେ । ସେ ମିଠାଳିଆ ଚୁଡା ବିନା ଅନ୍ୟ ଚୁଡା ରୁଚେନି ମହାଦେବଙ୍କୁ ।

ସାରାରାତି ଧାନ ପାଣିରେ ଭିଜି ସକାଳେ ଖରଡା ହୁଏ ମାଟିହାଣ୍ଡିରେ । ଫଟ୍‌ଫାଟ୍ ହେଇ ଫୁଟୁଥିବା ସେ ଉଷୁମ ଧାନ କୁଟାଯାଏ ଢ଼ିଙ୍କିରେ । ଢ଼ିଙ୍କିକୁଟା ଧାନ ଠାଏ ଠାଏ ବିଣ୍ଡା ବାନ୍ଧିଯାଏ । କୁଲାରେ ରଗଡି ପାଛୁଡିଲେ, ଭାଙ୍ଗିଯାଏ ସେ ନାଲି ଚୁଡାର ବିଣ୍ଡା । ମହକିଯାଏ ଢ଼ିଙ୍କିଶାଳର କୋଣ ଅନୁକୋଣ ।

ଘର ଏବେ ଜନମାନବଶୂନ୍ୟ । ନିର୍ଜନ ଅଗଣାରେ ବସି ଅଚଳାଚଳ ସଂପତ୍ତିର ମାଲିକ ମହାଦେବ ଚିନ୍ତାମଗ୍ନ ଥିଲେ । ମନେପଡିଲା ପୂର୍ବବର୍ତ୍ତୀ ତିନିପୁରୁଷଙ୍କ କଥା । ଶ୍ୟାମ ତ୍ରିପାଠୀ ଓ ଚଂପାବତୀ, ସ୍ୱପ୍ନେଶ୍ୱର ତ୍ରିପାଠୀ ଓ ସେବତୀ, ମଣି ତ୍ରିପାଠୀ ଓ ନୀଳ । ମଣିଙ୍କର ପୁତ୍ର ଥିଲେ ମହାଦେବ । ପତ୍ନୀ ସୀତା । କିନ୍ତୁ ତାଙ୍କ ପରେ ? କାହା ନାମ ଉଠିବ ଏ ବଂଶରେ ? କାହା ନାମ ? କେବେ ? କେତେଦିନ ଆଉ ଅପେକ୍ଷା କରିବେ ମହାଦେବ ?

ବିତ୍ତବାନ ମଣିତ୍ରିପାଠୀଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା ସଂପତ୍ତିକୁ, ସ୍ୱପରିଶ୍ରମ ଫଳରେ ଦ୍ୱିଗୁଣିତ କରିଛନ୍ତି ଯା'ଭିତରେ ମହାଦେବ । ପିତାଗତ ହେଇଛନ୍ତି ପୌତ୍ରର ମୁଖ ନ ଦେଖି । ଆଶୀର୍ବାଦ କରିଯାଇଛନ୍ତି - ପୁତ୍ରକନ୍ୟା ସହିତ ଆନନ୍ଦରେ ରୁହନ୍ତୁ ମହାଦେବ ।

ପୁତ୍ରକନ୍ୟା-କେବେ ଆସିବେ ସେ ପୁତ୍ରକନ୍ୟା ? କେବେ ସତ୍ୟହେବ ପିତାଙ୍କ ମୃତ୍ୟୁକାଳୀନ ଆଶୀର୍ବଚନର ସେ ଆନନ୍ଦଦାୟୀ ମୁହୂର୍ତ୍ତ ? କେବେ ବା ସଦୟ ହେବେ କୁଞ୍ଜବିହାରୀ ?

●●●



Digitized by srujanika@gmail.com

## ।। ୪ ।।

ସୀତାଙ୍କ ମୁହଁକୁ ଚାହିଁ କିଛି ଗୋଟିଏ ଅଘଟଣ ଘଟିଥିବାର ସୂଚନା ପାଇଲେ ମହାଦେବ । କଥା କହିବା ଦରକାର ପଡେନି । ମୁହଁରୁ ପତ୍ନୀଙ୍କର ସୁଖଦୁଃଖର ସନ୍ଧାନ ପାଇଯାଆନ୍ତି ମହାଦେବ ।

ସୀତା ଥିଲେ ଅଶେଷ ପରିମାଣରେ ଧର୍ମପ୍ରାଣା । ଭୋରରୁ ଉଠି ବଡ ପିତଳ ଟସଲାରେ ଟସଲାଏ ଗୋବରପାଣି ନେଇ ଛିଞ୍ଚୁଥିଲେ ଦାଣ୍ଡରୁ ବାରିଯାଏ । ତା'ପରେ ଯାଉଥିଲେ ସ୍ନାନପର୍ବପାଇଁ । ଛୋଟାଗଉଡ ଆସିଲେ ଓଳାପୋଛା କରୁଥିଲା ଦରଭିଜା ଗୋମୟସିକ୍ତ ଅଗଣା ।

ଘରପଛ ବାରିକୁ ଲାଗି ସାନ ଝରଟିଏ । ଗାଁ ଲୋକେ କହନ୍ତି ଦଣ୍ଡା । ବାଲିଗରଡା ଭର୍ତ୍ତି ଶୀର୍ଣ୍ଣ ଜଳଧାରାଟିଏ । ସାରାବର୍ଷ ଶୁଖିଲା । ବର୍ଷାଦିନେ ଦୁଇପଟୁ ପାଣିନିଗିଡି ପାଦେ ପାଦେ ପାଣି ଚାଲେ ।

ସେଇ ଦଣ୍ଡାରେ ସିଙ୍କୁ ଓ ଅରଖବୁଦାର ଛାଇଛାଇଆ ବାଟ ଦେଇ ପାଏ ବାଟ ଗଲେ 'ବଣିଆ ପୋଖରୀ' । ବେଶ୍ ବଡ ପୁଷ୍କରିଣୀ । ଗାଁ ପଟେ ରଗଡା ବାଲିମିଶା ପରିଚ୍ଛନ୍ନ ଗାଧେଇବା ତୁଠ । ପାଦ ଘଷିମାଜି ହେବା ପାଇଁ ତୁଠରେ ବଡବଡ ଚଉଖୁଣ୍ଟିଆ ପଥର । କିଞ୍ଚିତ୍ ଦୂରରେ ଲୁଗାକାଚେ ଗାଁ' ଧୋବଣୀ । ଗାଁ'ର ଦଶତୁଠରୁ ଆରମ୍ଭକରି ଗାଈମଇଁଷି ଗାଧୋଇବା ଯାଏ - ସବୁ ଏଇଠି, ଏଇ ପୋଖରୀରେ । ତୁଠପାଖ ପରିଷ୍କାର । ବାକି ଅଂଶରେ ଗୁଚ୍ଛ ଗୁଚ୍ଛ ଜଳଜ ଉଦ୍‌ଭିଦ ଓ ପାଣିଟପି ମୁଣ୍ଡ ଟେକିଥିବା ସବୁଜ ରଂଗର ନାଁ ନଜଣା ଘାସର ଫଳକ । ପୋଖରୀ ମଧ୍ୟାଂଶର ମୃଦୁପବନର ସ୍ନେହାର୍ଦ୍ର ସ୍ପର୍ଶରେ ଚମତ୍କାର ଦୋଳିଖେଳେ ପାଣି ଉପରୁ ମୁଠୁଣିଏ ଲେଖାଁ ଉଠିଥିବା ରଂଗିନ୍ କୁମୁଦିନୀର ଡେମ୍ଫ ସବୁ ।

ଗାଁ'ରେ ଆହୁରି ଦୁଇଟି ତୂଆ ଥିଲା, କଦଳିଆ ଓ ଆମ୍ବତୂଆ । କଦଳିଆ ତୂଆ ଚାରିପଟେ କଦଳୀବଣ । ଆମ୍ବତୂଆଟି ମାମୁ-ଭଣଜା ପାହାଡପାଖରୁ ଗଡିଆସିଥିବା ଝରଣା ପାଖେ । ହିଡବାଟ ଦେଇ ଅନେକ ଦୂର ଯିବାକୁ ପଡେ । ଘରେ ଅଜସ୍ର ପାଇଟି । ସାନ ପୋଖରୀ ଦୁଇଟିକୁ ବାଦ୍ ଦେଇ ସୀତା ବୁଡ ପକାଇବାକୁ ଯାଆନ୍ତି ବଣିଆ ପୋଖରୀ ।



Digitized by srujanika@gmail.com

ବାପଘର କଅଁରପୁର । ଚାରିଭାଇରେ ଗୋଟିଏ ବୋଲି ଗେହ୍ଲାଭଉଣୀ । ପିତା ଶ୍ରୀ ଅନନ୍ତ ପଣ୍ଡାଙ୍କର ପ୍ରସିଦ୍ଧି ଥିଲା ପୋଥିଲେଖାରେ । ଲୁହା ଲେଖନୀରେ ଚର୍ ଚର୍ କରି ସଶକ୍ତ ତାଳପତ୍ରରେ ପୋଥି ଉତାରୁଥିଲେ ସିଏ ।

ସେତେବେଳକୁ ଚାହିଁ ଯଥେଷ୍ଟ ପରିମାଣରେ ଯୌତୁକ ଆଣିଥିଲେ ସୀତା । ବାହାଘର ବେଳେ ସିଏ ଥିଲେ ଏକମାତ୍ର ବୋହୂ ଯିଏକି ଅନ୍ୟାନ୍ୟ ଉପହାର ସାମଗ୍ରୀ ସହିତ ଢକମକ ପିତ୍ତଳର ପାନସଜ ଓ ପାନବଟା ନେଇ ଆସିଥିଲେ ସାଥିରେ ଯାହାକୁ ଦେଖିବାପାଇଁ ଗ୍ରାମ୍ୟ ମହିଳାମାନଙ୍କର ଭିଡ ଲାଗିଥିଲା ଘରେ ।

ସୀତା ଥିଲେ ମହାଦେବଙ୍କ ପରି ଦୀର୍ଘାଙ୍ଗୀ । ଲମ୍ବ ମୁହଁ, ଈଷତ୍ କୁଞ୍ଚିତ କେଶ । ସଫା ରଂଗ । କପାଳରେ ଚାରଣି ଆକାରର ସିନ୍ଦୂର ଠୋପା । ସେ ସିନ୍ଦୂରର ଗୁଣ୍ଡ ଝୁରୁଝୁରୁ ହୋଇ ଝରିପଡୁଥିଲା ନାକ ଅଗରେ । ନାକରେ ସିନ୍ଦୂର ପଡିଲେ ପତ୍ନୀ କାଳେ ସ୍ୱାମୀ ସୋହାଗିନୀ ହୁଏ ।

ସେ ସିନ୍ଦୂରଠୋପା ମଥାରୁ ଲିଭୁ ବି ନଥିଲା କେବେହେଲେ । ସ୍ନାନବେଳେ କପାଳରେ ସେତିକି ସ୍ଥାନ ଛାଡି ବାକି ଅଂଶରେ ପଣତ ଘଷୁଥିଲେ ସୀତା । ଫେରି ଆସି ପାରଦ ଉଠା ଦର୍ପଣଟିରେ ମୁହଁ ଦେଖି, ସେଇ ପୁରୁଣା ସିନ୍ଦୂର ଉପରେ ଚିପିଚିପି ଲଗାଉଥିଲେ ଲାଲ୍ ଟକ୍‌ଟକ୍ ସିନ୍ଦୂରର ଗୁଣ୍ଡ । କାଇଁଚ ପେଡିଟିରୁ ତିଳକଗୋଟାଳିଟି କାଢି କୁନି କପାଳଟିରେ ଘେନୁଥିଲେ ତିଳକବିନ୍ଦୁ । ମାଳିଧରି ଶହେଆଠଥର ଜପ କରୁଥିଲେ କୃଷ୍ଣଙ୍କ ନାମ । କୁଞ୍ଜବିହାରୀଙ୍କର ପରମ ଭକ୍ତ ଥିଲେ ସୀତାଦେବୀ ।

ସୀତା ଥିଲେ ପତିପ୍ରାଣା । ସ୍ୱାମୀ ହିଁ ଥିଲେ ଦେବତା । ପତିଙ୍କର ଅଜସ୍ର ଟଙ୍କା ସୁନା ପ୍ରତି ତାଙ୍କର ମୋହ ନଥିଲା । ମୋହ ନ ଥିଲା ଅଜସ୍ର ଭୂସଂପତ୍ତିର । ଥିଲେ ସଂପୂର୍ଣ୍ଣ ରୂପେ ନିରକ୍ଷରା । ସିନ୍ଦୁକରେ କେତେ ବା ରୂପାଟଙ୍କା ସଞ୍ଚିତ ଅଛି, କେତେ ବା ସୁନା ପୋତା ହୋଇ ରହିଛି ମାଟିତଳେ - ତା'ର ହିସାବ ରଖୁନଥିଲେ ଆଦୌ ।

ମହାଦେବ ବିରାଟକାୟ ସିନ୍ଦୁକଟି ଖୋଲି, ମାଣ ଭର୍ତ୍ତି ସୁଉକି, ଅଧୁଲି ଅଥବା ଟଙ୍କା ସବୁ ଅଲଗା ଅଲଗା କରି ସଜାଡିଲାବେଳେ, କଦବା କେମିତି ହାତପତାଇ ସୀତା କହୁଥିଲେ 'ମତେ ଯୋଡିଏ ଦବ ?'

ମହାଦେବ ଥିଲେ ମିତବାକ୍ ଓ ଗମ୍ଭୀର ପ୍ରକୃତିର । ହସନ୍ତି କେବେ କେମିତି । ସାମ୍ନାରେ ଛିଡା ହେଇଥିବା ସୁକୁମାରୀ ପତ୍ନୀଙ୍କର ମୁହଁକୁ ଚାହିଁ ମୃଦୁମୃଦୁ ହସି ପଚାରୁଥିଲେ 'କଅଣ କରିବ ?' ଯେତେ ଭାବିଲେ ବି ଉତ୍ତର ଆସୁନଥିଲା ସୀତାଙ୍କ ମୁଣ୍ଡକୁ । ସତରେ । କଅଣ କରିବେ ସିଏ ଟଙ୍କା ନେଇ ? ଶେଷ ପର୍ଯ୍ୟନ୍ତ ଫେରାଇ ଆଣୁଥିଲେ ସ୍ୱାମୀଙ୍କ ସାମ୍ନାରେ ମେଲି ଧରିଥିବା ଧୋବ ଫରଫର ହାତକୁ ।



Digitized by srujanika@gmail.com

ସ୍ୱାମୀ କେଉଁଥିରେ ବି କମ୍ କରି ରଖିନଥିଲେ ସୀତାଙ୍କୁ । ବୈଦ୍ୟେଶ୍ୱର ଓ ପଦ୍ମାବତୀ ଗାଁ'ରୁ ବଣିଆ ଆସି ଘରେ ରହୁଥିଲେ ପନ୍ଦରଦିନ ଧରି । ଘରେ ରହଣି, ଘରେ ଖିଆପିଆ । ସେଇଠି ସାମ୍ନାରେ ବସି ବସି ତିଆରି କରୁଥିଲେ ହାର, ଫାଶିଆ, ନୋଳି ଓ ମଳକଢି । ସୀତାଙ୍କ ପାଇଁ ଟଙ୍କା ଆକାରର ବଡ ବଡ ମୋହରର ମାଳ ବନେଇ ଦେଇଥିଲେ ମହାଦେବ । ସେ ମୋହର ଗୁନ୍ଥା ହେଉଥିଲା ମୋଟାଳିଆ ନାଲି ସୂତାରେ । ମାଳ ଲମ୍ବିଥିଲା ନାଭିଯାଏ । ଭଳି ଭଳି ଗୋପ, ସୋରିଷିଆ ମାଳ, ହରଡ ଫାଳିଆ ମାଳ ଓ ଧାନ୍ଆକଣ୍ଠି, ସୁଦୃଶ୍ୟ ନୋଥ, ଗୁଣା ଓ ଗୋଲାପଦଣ୍ଡି, ହାତପାଇଁ ଜକମକ ରୂପା ବଟଫଳ, ଅଣ୍ଟାପାଇଁ ତିନିସରିଆ ଅଣ୍ଟାସୂତା । ସ୍ୱାମୀ କେଉଁଥିରେ ବି କମ୍ କରି ରଖିନଥିଲେ ସୀତାଙ୍କୁ ।

ସୀତା ଓ ମହାଦେବ - ଦୁହିଁଙ୍କର ଥିଲା ଏକାରାଶି । ଜୀବନରେ ଥରଟେବି ମତାନ୍ତର ବା କଳିକଜିଆ ହେଇନି । ହେଇନି ପରସ୍ପର ପ୍ରତି ଅସମ୍ମାନ ବା ଅବଜ୍ଞା । ଦିହେଁ ଦିହିଁଙ୍କ ପ୍ରତି ଥିଲେ ସ୍ନେହପ୍ରଦ ଓ ସମ୍ବେଦନଶୀଳ । ବୁଝୁଥିଲେ ପରସ୍ପରକୁ । ମୁହଁ ଖୋଲି କିଛି କହିବା ଦରକାର ପଡୁନଥିଲା ।

ଆଜି ବି କିଛି କହିବା ଦରକାର ପଡିଲାନି । ସପ୍‌ସପ୍ ଓଦାଲୁଗାରେ ଅଗଣାରେ ପ୍ରବେଶ କରୁଥିବା ସୀତାଙ୍କୁ ଚାହିଁ ତାଙ୍କର ବିଷନ୍ନତାର କାରଣଟି ଅନ୍ଦାଜ କରିଥିଲେ ମହାଦେବ ।

ବାହାଘରର କେତୋଟି ବର୍ଷ ବିତିଯାଇଥିଲେ ବି ସନ୍ତାନର ମା' ଡାକ ଏ ଯାବତ୍ ଶୁଣି ନାହାନ୍ତି ସୀତା । ପୋଖରୀତୁଠରେ ସ୍ନାନ କଲାବେଳେ ତାଙ୍କ ଗାଧୁଆ ପାଣି ଛିଟିକି କୌଣସି ମହିଳାଙ୍କ ଉପରେ ପଡିଗଲେ, ଯଥେଷ୍ଟ ଗାଳିମନ୍ଦ କରୁଥିଲେ ସିଏ । ଖୁଣ୍ଟା ଦେଉଥିଲେ ସୀତାଙ୍କୁ ସନ୍ତାନହୀନା ହେବାର । ଅନେକଥର ସୀତା ଅତୁଠରେ ଯାଇ ସ୍ନାନ କରିଆସିଛନ୍ତି ସେଇଥିଲାଗି । ତେବେ ବି ଗ୍ରାମବଧୂମାନଙ୍କର ବାକ୍ୟବାଣରୁ ରକ୍ଷା ମିଳିନି ତାଙ୍କୁ । ଆଜି ନିଶ୍ଚୟ ସେଇଭଳି କୌଣସି ଘଟଣା ଘଟିଛି ପୋଖରୀ ତୁଠରେ ।

ଆମ ପୂର୍ବପଟ ବିଲରେ ଖାସ୍ ଚୂଆ ଖୋଳାଇଲି ତମଲାଗି । ତାକୁ ଛାଡି ତେବେ ଯେ କାହିଁକି ତମେ ବଣିଆ ପୋଖରୀ ଯାଉଚ ମୁଁ ବୁଝିପାରିଲିନି । ମହାଦେବ ବିବ୍ରତ ହେଇ କହିଲେ ।

ସୀତା କିଛି ନକହି ହବିଷ ଘର ଭିତରକୁ ପଶି କାଣ୍ଡିଆଟି ବଦଳିବାକୁ ଲାଗିଲେ ।

ସତକଥା - ଲୋକ ଲଗାଇ ମହାଦେବ ଚୂଆଟି ଖୋଳା କରେଇଥିଲେ କେବଳ ସୀତାଙ୍କ ପାଇଁ । କିନ୍ତୁ ଗାଁ'ର ପୂର୍ବପଟର ସମସ୍ତ ଲୋକ ସ୍ନାନପାଇଁ ଯାଉଥିଲେ ସେଠିକି । ସାନ ପୋଖରୀଟିଏ । ସାରାଦିନ ପାଣି ଗୋଳିଆ କରୁଥିବା ମଣିଷମାନଙ୍କ ଭିଡ । କାହାକୁ



Digitized by srujanika@gmail.com

ବା ମନା କରିବେ ? ଚାଲି ଚାଲି ଯିବାପାଇଁ ବାଟ ମଧ୍ୟ ଦୂର । ଚୂଆର ଈଷତ୍ କର୍ଦ୍ଦମାକ୍ତ ପାଣି ଅପେକ୍ଷା ବିଶାଳକାୟ ବଣିଆ ପୋଖରୀର ପରିଚ୍ଛନ୍ନ ଜଳରେ ସ୍ନାନ, ସୀତାଙ୍କପାଇଁ ଥିଲା ଅପେକ୍ଷାକୃତ ଶୀତଳ ଏବଂ ଆନନ୍ଦଦାୟକ ।

ମହାଦେବ ଚୁପ୍‌ଚାପ୍ ବସିରହିଥିଲେ ପଥର ପିଣ୍ଡିଟି ଉପରେ । ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲେଣି । ଛୋଟାଗଉଡ ଆସି ଡାକି ଲାଗିଛି ପ୍ରାତଃକାଳୀନ ସ୍ନାନପାଇଁ । ତଥାପି ସେ ପଥର ପିଣ୍ଡିରୁ ଉଠିଲେନି ମହାଦେବ । ଏକ ଦୁଃଖୀ ତଥା ଅବସନ୍ନ ଶରୀର ନେଇ ବସିରହିଲେ ସେଠି ପଥର ପରି ।

ମାଳି ଗଡେଇସାରି ସୀତା ମନେମନେ ମାନସିକ କଲେ । ଆଜି ସୋମବାର । ଆଜିଠାରୁ ପ୍ରତି ଶନିବାର ସହିତ ସୋମବାର ଦିନ ମଧ୍ୟ ବ୍ରତ ରଖିବେ ସିଏ । ତାଙ୍କର ଆର୍ତ୍ତିରେ କଅଣ ଟଳମଳ ହେବନି କୁଞ୍ଜବିହାରୀଙ୍କ ଆସନ ?

●●●



Digitized by srujanika@gmail.com

## ।। ୪ ।।

ଈଶ୍ୱରଙ୍କ ଆସନ ଟଳମଳ ହେଉଥିଲା ଶେଷପର୍ଯ୍ୟନ୍ତ । ମାତୃତ୍ୱ ବରଣ କରିବାକୁ ଯିବାର ସମସ୍ତ ଲକ୍ଷଣ ଧୀରେ ଧୀରେ ପ୍ରକାଶ ପାଇଲା ସୀତାଙ୍କଠାରେ । ବନ୍ଧ୍ୟାତ୍ୱ ଦୋଷ କଟିଗଲା ।

ହବିଷଘରେ ଦିଅଁଙ୍କ ଖଟୁଲୀ ସାମ୍ନାରେ ଅନେକସମୟ ଧରି ପ୍ରଣିପାତ କଲେ ସୀତା । ବିଷ୍ଣୁ ସହସ୍ରନାମ ଜପକଲେ ମାଳା ଗଡାଇ । ମହାଦେବ ରାଧାମାଧବଙ୍କ ମନ୍ଦିରରେ ଯାଇ ଚଢ଼ାଇ ଆସିଲେ ଫୁଲ ଚନ୍ଦନ । ଗୋପୀନାଥ ଆସୁଛନ୍ତି ତାଙ୍କ ଘରକୁ । ତାଙ୍କର କୁନି କୁନି ନୂପୁର ପିନ୍ଧା ଚଳଚଞ୍ଚଳ ପାଦର ଧ୍ୱନି ସତେ ଅବା ସାରା ଅଗଣାର କୋଣ ଅନୁକୋଣରେ ଶୁଣିବାକୁ ପାଇଲେ ମହାଦେବ ।

ସୀତା ଅଳି କରିଥିଲେ - ଘରର ଶିକା ସବୁ ଛିଣ୍ଡିଗଲାଣି । କ୍ଷୀରବଢ଼ା ତଳେ ରଖିଲେ ବିଲେଇ ଅଇଁଠା କରିଦେଉଛି । ନବଜାତକପାଇଁ କ୍ଷୀରବଢ଼ା ରଖାହେବ ରୋଷେଇଘର ଶେଣୀ ଦେହରେ ଲଟ୍‌କା ହେଉଥିବା ଶିକାଉପରେ । ଦାଣ୍ଡପିଣ୍ଡାରେ ଆରାମ କରି ବସି ଝୋଟ ଧରି ଶିକା ତିଆରି କରିବାରେ ବ୍ୟସ୍ତ ହେଇପଡିଲେ ମହାଦେବ ।

ଚମତ୍କାର କାରିଗରୀ ହାତଥିଲା ମହାଦେବଙ୍କର । ଝୋଟକୁ ପରିଷ୍କାର କରି, ତା'ର ସଫେଦ୍ ରେଶ୍‌ମୀସୂତାରେ ସାନସାନ ବେଣୀପକାଇ ନାନା କମକୂଟ କରି ଶିକା ତିଆରି କରୁଥିଲେ ସିଏ । ପରିଚ୍ଛନ୍ନ କାମ । ଝୋଟକୁ ଝୋଟ କେଉଁଠି ମିଶିଛି ଜଣାପଡୁନଥିଲା ।

ମାନସିକ ବ୍ୟସ୍ତତା ହେତୁ ଅନେକଦିନ ପୋଥି ଲେଖିନଥିଲେ ମହାଦେବ । ପୋଥି ଲେଖା ଥିଲା ତାଙ୍କ ପାଇଁ ଏକ ବିଳାସ-ଚିତ୍ତବିନୋଦନର ଅବକାଶ ମଧ । ଆନୁଷ୍ଠାନିକ ଶିକ୍ଷା ନଥିଲେ ମଧ, ସ୍ୱୀୟ ଧୀଶକ୍ତି ଏବଂ ମନୀଷା ବଳରେ ସଂସ୍କୃତ ଗ୍ରନ୍ଥ ଓ ତାଳପତ୍ର ପୋଥି ପଢ଼ି ପାରୁଥିଲେ । ସଂଗ୍ରହ କରିଥିଲେ ବିଭିନ୍ନ ଭାଷାରେ ଲିଖିତ ପୋଥିସମୂହ । ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, ରାମଚରିତ ମାନସ ଏବଂ ବଙ୍ଗଳାଭାଷାରେ ମୁଦ୍ରିତ ହଂସଦୂତ ଥିଲା ତାଙ୍କର ପ୍ରିୟ ଗ୍ରନ୍ଥମାନଙ୍କ ଭିତରୁ ଅନ୍ୟତମ ।

ଅନେକଦିନ ହେଇଗଲା - ଶୁଖିଲା ପାକଳ ତାଳପତ୍ର କାଟି ସମାନ କରି ରଖିଛନ୍ତି । ପୋଥିର ବାମପଟେ ରନ୍ଧ୍ରକରି ଡୋର ଗଳାଇ, ଡୋର ଶେଷରେ ଝିଙ୍କକାଠିଟି ମଧ ବାନ୍ଧିଛନ୍ତି ।



Digitized by srujanika@gmail.com

ଖାଲି ଲେଖିବା କଥା । ପ୍ରାଚୀନ ଛିନ୍ନପ୍ରାୟ ପୋଥିରୁ, ଲୁହାର ଲେଖନୀ ଧରି ବୈଦେହୀଶ ବିଳାସର ଶେଷ ଅଂଶ ପୁନରୁଦ୍ଧାର କଲେ ମହାଦେବ । ପୋଥି ସରିଲେ, ପତ୍ରଉପରେ କଲରାପତ୍ର ରସ ଏବଂ ବଟାହଳଦୀ ବୋଳିଲେ ଭଲକରି । ସବୁଜ ଓ ହଳଦିଆ ରଂଗ ଲେଖନୀରେ ଖୋଦିତ ହୋଇଥିବା ଅକ୍ଷର ଭିତରେ ପଶି ତାହାକୁ ସ୍ପଷ୍ଟତର କରିବାରେ ସାହାଯ୍ୟ କରେ ।

ପୋଥିରେ ଡୋର ବାନ୍ଧୁବାନ୍ଧୁ ସ୍ୱପ୍ନ ଦେଖିଲେ ମହାଦେବ - ସିଏ ପାଠ ଲେଖୁଛନ୍ତି ତାଳପତ୍ରରେ । ପୁତ୍ର ତାଙ୍କର ବିଦ୍ୱାନ ହେବ । କାଗଜ କଲମ ଧରି କାଳିଦୁଆତରେ ଲେଖିବ ଇଂରାଜୀ ପାଠ । ପିତାଙ୍କର ନାମକୁ ଖ୍ୟାତିବାନ୍ ଓ ଯଶୋବନ୍ତ କରିବ ଦିନେ ସିଏ । ମହାଦେବଙ୍କର ଆଖିଡୋଳା ଆନନ୍ଦାଶ୍ରୁର ସ୍ପର୍ଶରେ ଛଳଛଳ କରି ଉଠିଲା । ପୋଥି ଦିଶିଲା ଜାଲ୍‌ଜାଲୁଆ ।

ଯଥାସମୟରେ, ପୁତ୍ର ସନ୍ତାନଟିଏ ଜନ୍ମ ହେଲା ମହାଦେବଙ୍କର । ମାତାଙ୍କ ପରି ମୁଖଶ୍ରୀ, ଉଜ୍ଜ୍ୱଳ ଶ୍ୟାମଳ ରଙ୍ଗ, ମଥାଭର୍ତ୍ତି କୁଞ୍ଚିତ କେଶ । ମହାଦେବ ବାଛି ବାଛି ଗୋପୀନାଥଙ୍କର ଅନ୍ୟ ଏକ ନାମ ରଖିଲେ ପୁତ୍ରର - ମଧୁସୂଦନ ।

ସୀତା କହିଲେ, ଏତିକି ବ୍ରତଉପାସ ଉତାରୁ ଏତେବର୍ଷପରେ ଏ ଛୁଆ, ବଞ୍ଚିବାଞ୍ଚି ରହିଲେ ହେଲା । ନାଁ ଦିଅ ଅରକ୍ଷିତ । କାଙ୍ଗାଳଟେ ଭାବି ଧର୍ମରାଜ ଇଆଡେ ଅନେଇଁବେନି । ପୁତ୍ର ହେବ ଦୀର୍ଘାୟୁ ।

ଶିଶୁଟି ଦିନକୁ ଦିନ ବଡ ହେବାକୁ ଲାଗିଲା । ଏବଂ ତା' ସହିତ ସୀତା ଏବଂ ମହାଦେଙ୍କର ଦୁର୍ଭାବନା ବଢ଼ିଲାଗିଲା ଦିନକୁ ଦିନ । ଶିଶୁଟି ଅନେକ ସମୟରେ ଆଖିମୁଦ୍ରିତ କରି ରଖୁଥିଲା । ଆଖି ଡୋଳା ଦୁଇଟି ଲାଲ୍ । ଅନେକ ସମୟରେ ଆଖିରୁ ପାଣି ବହୁଥିଲା ଧାରଧାର ହୋଇ ।

ଗ୍ରାମବୈଦ୍ୟଙ୍କ ପାଖରେ ଚିକିତ୍ସା ଚାଲିଲା । ତା' ସହିତ ତୁଟ୍‌କାତୁଟ୍‌କି ମଧ୍ୟ । ଶିଶୁଟିର ଚକ୍ଷୁଦୋଷରେ କିନ୍ତୁ କୌଣସି ଉପଶମ ହେଲାନାହିଁ । ବୈଦ୍ୟରାଜ କହିଲେ- ବାଳକଟିର ଅନ୍ଧତ୍ୱବରଣ କରିବାର ସମ୍ଭାବନା ବହୁତ ବେଶୀ ।

ଆକାଶ ଭାଙ୍ଗିପଡିଲା ମହାଦେବଙ୍କ ମଥାରେ । ସୀତା ମଧ୍ୟ ସମଭାବରେ ବିବ୍ରତା । କିଏ ଜଣେ ବତେଇଲା - ପାଣିକୋରଡ ଗାଁ'ରେ ଜଣେ ବୈଦ୍ୟ ଅଛନ୍ତି - ଚକ୍ଷୁ ବିଶେଷଜ୍ଞ । ତାଙ୍କୁଇ ନେଇ ଦେଖାଅ । ଭାରି ସଫଳ ହାତ ତାଙ୍କର ।

ସଜିଲ୍ ହେଲା ତାଟ ଶଗଡ । ଉଭୟ ମହାଦେବ ଓ ସୀତା, ଶିଶୁଟିକୁ ସାଥିରେ ଧରି ଚାଲିଲେ ପାଣିକୋରଡ ।



Digitized by srujanika@gmail.com

ସେଠା ବୈଦ୍ୟ ମଧ ପରୀକ୍ଷା ନିରୀକ୍ଷା କରି ସେହି ଏକା ମନ୍ତବ୍ୟ ପ୍ରଦାନ କଲେ - ଶିଶୁଟିର ଦୃଷ୍ଟିଶକ୍ତି ଦିନକୁ ଦିନ କ୍ଷୀଣତର ହେବାରେ ଲାଗିଛି । ସୁସ୍ଥ ହେବାର କୌଣସି ଲକ୍ଷଣ ତାଙ୍କୁ ପରିଦୃଶ୍ୟମାନ ହେଉନି ।

ବିଫଳ ମନରେ ଲେଉଟି ଆସିଲେ ସୀତା ଓ ମହାଦେବ । ଫେରନ୍ତା ବାଟରେ ଆଖିରେ ପଡିଲା ପଥର ଖଞ୍ଜା ହେଇ ତିଆର ହେଇଥିବା ସାନ ପୋଲଟିଏ । ମହାଦେବ ଗାମୁଛାରେ ଆଖିଲୁହ ପୋଛି କହିଲେ, ଏ ଅନ୍ଧପୁଅକୁ ନେଇ କଅଣ କରିବି ? ଏଇ ପୋଲ ତଳେ ·ଶୁଆଇଦେଇ ଫେରିଯିବି ଗାଁ'କୁ । ତା'ପରେ ତା' ଭାଗ୍ୟରେ ଯାହା ଥିବ ।

ଅବଶ୍ୟ ଏହାଥିଲା ଈଶ୍ୱରଙ୍କ ଉପରେ ମହାଦେବଙ୍କର ଅଭିମାନର କଥା । ଆଦରର ଜ୍ୟେଷ୍ଠପୁତ୍ରଟିକୁ ଛାତିରେ ଜାକି ଲେଉଟି ଆସିଲେ ପିତାମାତା । ଏବଂ ଆଶ୍ଚର୍ଯ୍ୟ କଥା, ଧୀରେଧୀରେ ଦୃଷ୍ଟିଶକ୍ତିରେ ଉନ୍ନତି ଘଟିଲା ଶିଶୁଟିର । ହାତରେ ଧରିଥିବା ନାଲି ରଂଗର କାଠକଣ୍ଢେଇଟିକୁ ଚାହିଁ ଖେଳିବାକୁ ଆରମ୍ଭ କଲା ସିଏ । ଆରମ୍ଭ କଲା ମା'ଙ୍କ ମୁହଁକୁ ତୀର୍ଯ୍ୟକ ଭାବରେ ଚାହିଁ ମୁରୁକି ହସିବା । ମହାଦେବ ବୁଝିପାରିଲେ - ଶିଶୁଟିର ଦୃଷ୍ଟିଶକ୍ତି ଧୀରେ ଧୀରେ ଉନ୍ନତତର ହେବାକୁ ଲାଗିଲାଣି । ମୁଣ୍ଡ ଉପରୁ ଦଶମହଣର ବୋଝ ଉତୁରିଗଲା ଥବା ।

ରାଧାମାଧବ ପୁନର୍ବାର ଦୟାକଲେ । ଯା'ଗିଭିତରେ ସୀତା ହେଲେ ଦ୍ୱିତୀୟଥର ପାଇଁ ପୁତ୍ରବତୀ । ଅତି ଅନୁପମ, ସୁସ୍ଥସବଳ ଗୌରବର୍ଣ୍ଣର ସନ୍ତାନଟିଏ । ଭାରି ସୁଧାର । ଜମା କାନ୍ଦେନି । ସକାଳୁ ସକାଳୁ ତେଲ ହଳଦୀ ଘଷି, କ୍ଷୀର ପିଆଇ,ନଳ୍ପକନ୍ଥାରେ ଶୁଆଇ ଦିଅନ୍ତି ମା' । ଚାନ୍ଦକଳାର ଠୋପାଟି ଚତୁଷ୍କୋଣ କପାଳରେ ଝକ୍‌ମକ୍ କରେ । ହାତଗୋଡ ଛାଟି ଅବୋଧ ସ୍ୱରରେ କଥା କହି ମନକୁ ମନ ଖେଳୁଥାଏ ଶିଶୁଟି ।

ପୁତ୍ରର ମୁହଁକୁ ଚାହିଁ ଉଲ୍ଲସିତ ହୁଅନ୍ତି ମହାଦେବ । ତା'ର ଅବୋଧ ଭାଷାରେ ଯମୁନାତୀର କଦମ୍ବବନରେ ଖେଳୁଥିବା ବାଳକ କୃଷ୍ଣଚନ୍ଦ୍ରଙ୍କର ମୃଦୁ ବଂଶୀସ୍ୱନ ଶୁଭିଯାଏ ଥବା । ପୁତ୍ରକୁ କୋଳକୁ ଉଠାଇ ଆବେଗପ୍ରବଣ ସ୍ୱରରେ କହିଉଠନ୍ତି - ତୁମ ରାସଲୀଳାରେ ମୋ'ର ଦୀର୍ଘଦିନର ମୃଦଙ୍ଗ ସାଧନା ଏବେ ସାର୍ଥକ ହେଲା ପ୍ରଭୁ । ମୋ ସ୍ୱପ୍ନକୁ ସାକାର କରି ଶେଷ ପର୍ଯ୍ୟନ୍ତ ମୋ ଗୃହାଙ୍ଗନରେ ପଦାର୍ପଣ କଲ ତମେ । ତୁମେଇ ମୋ'ର କୁଞ୍ଜବିହାରୀ ।

●●●



Digitized by srujanika@gmail.com

## ।। ୬ ।।

ପରେ ପରେ ଆସିଲେ ଆଉ ତିନୋଟି ସନ୍ତାନ - ଦୁଇଟି କନ୍ୟା, ଶ୍ରଦ୍ଧା ଓ ଶକୁନ୍ତଳା ଏବଂ ଦୁଇକନ୍ୟାଙ୍କ ମଝିରେ ତୃତୀୟ ପୁତ୍ରସନ୍ତାନ -ଦେବେନ୍ଦ୍ରନାଥ ।

ମହାଦେବଙ୍କର ଗୃହାଙ୍ଗନ ଶିଶୁମାନଙ୍କର କଳରବରେ ମୁଖରିତ ହୋଇଉଠିଲା । ପାଞ୍ଚଟିଯାକ ଶିଶୁ ଭଳିଭଳି ସୁନାରୂପା ଅଳଙ୍କାରରେ ମଣ୍ଡି ହୋଇ ଶୋଭାବର୍ଦ୍ଧନ କରିଲାଗିଲେ ଘରର । ଧନଜନଗୋପଲକ୍ଷ୍ମୀଭରା ସ୍ୱପ୍ନର ସଂସାର ମହାଦେବଙ୍କର - ସୁନ୍ଦର ଓ ଶ୍ରୀମୟ । କେଉଁଥିରେ ଊଣା ନାହିଁ । ନା ଅଛି କେଉଁଥିପାଇଁ ଦୁଃଖ ବା ଅନୁଶୋଚନା ।

ପ୍ରଚୁର ସଂପତ୍ତି । ତା'ର ରକ୍ଷଣାବେକ୍ଷଣ ମଧ୍ୟ ଥିଲା ଶ୍ରମସାପେକ୍ଷ । କିଛିଦିନ ତଳେ ସିନ୍ଧୁକ ଭିତରେ ରହି ଓଦାଳିଆ ହୋଇଯାଇଥିବା ରୂପାଟଙ୍କାତକ ଦାଣ୍ଡରେ ତଲେଇଟିଏ ପାରି ତାହା ଉପରେ ଗୋଟି ଗୋଟି କରି ଶୁଖାଇଥିଲେ ମହାଦେବ । ଖରା ଖାଉଥିବା ଟଙ୍କାକୁ ଜଗି ପାଖରେ ବସିଥିଲେ ମଧ୍ୟ । ମାତ୍ର ତାଙ୍କର ସାମାନ୍ୟ ଅନ୍ୟମନସ୍କତାର ସୁଯୋଗ ନେଇ ସେଇ ଗାଁ'ର ଗେଣ୍ଡୁ ନାମଧାରୀ ଚପଳ କିଶୋରଟିଏ ମୁଠାଏ ରୌପ୍ୟମୁଦ୍ରା ତଲେଇରୁ ଉଠାଇ ଚିଲ ପରି ଛୁଟି ଚାଲିଗଲା ବେଳକୁ ପଡିଯାଇଥିଲା ମହାଦେବଙ୍କର ଦୃଷ୍ଟିରେ । ପଛେ ପଛେ ମହାଦେବ ଗୋଡାଇ ଟଙ୍କାତକ ତା' ଠାରୁ ଜୋର୍‌କରି ଛଡାଇ ଆଣିଥିଲେ । ମାଣ ଭର୍ତ୍ତିକରି ପୁନର୍ବାର ନେଇ ସାଇତି ରଖିଥିଲେ ସୁବୃହତ୍ ଏବଂ ସୁଦୃଢ଼ ସିନ୍ଧୁକଟି ଭିତରେ ।

ଟଙ୍କା ଉପରେ ସାରା ଗାଁ' ବାଲାଙ୍କର ନଜର । ପ୍ରଚୁର ରୂପାଟଙ୍କା ପିତଳ ଗରାରେ ଭର୍ତ୍ତିକରି, ମୁହଁ ମୁଦି ପୋତି ରଖିଥିଲେ ଘରର ବିଭିନ୍ନ ବଖରାର ମାଟିତଳେ । କେହି ଜାଣିନଥିଲେ ପୋତା ଯାଇଥିବା ସେ ଗୁପ୍ତସ୍ଥାନର ରହସ୍ୟ ବା ସନ୍ଧାନ । ମାଟିଗୋବର ଲିପା ସେଇ ଚଟାଣ ଥିଲା ସମତଳ । ସେ ସମତଳ ଚଟାଣର ଗଭୀରତାରେ ପୂଜା ପାଉଥିବା ପ୍ରହେଳିକା ସଂପର୍କରେ କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରୁନଥିଲା ।

କିନ୍ତୁ ଧୀରେଧୀରେ ନିଜର ସ୍ୱସଞ୍ଚିତ ମୁଦ୍ରାର ସଂରକ୍ଷଣ ସଂପର୍କରେ ନିଜେଇ ବିବ୍ରତ ହେବାକୁ ଲାଗିଲେ ମହାଦେବ । ଠିକ୍ କଲେ, ଏତେ ଗୁଡିଏ ଟଙ୍କା ପାଖରେ ନରଖି ସେଇ ପଇସାରେ ଡିହ କିଣି ଘର ବନେଇଦେବେ । ଈଶ୍ୱରଙ୍କ କୃପାରୁ ପୁତ୍ରସନ୍ତାନ ତିନୋଟି । ତିନିଜଣଯାକ ଭବିଷ୍ୟତରେ ସ୍ୱ ସ୍ୱ ସଂସାର ପାତିଲେ, ଏଇ ପୈତୃକ ଘରଟି ସାନ ପଡିବ ନିଶ୍ଚୟ ।



Digitized by srujanika@gmail.com

ତାଙ୍କ ଘରଠାରୁ ଅନତି ଦୂରରେ ଜମିଟିଏ । ମାଲିକ ସହିତ ଦରଦାମ ତୁଟିଥିଲା ମହାଦେବଙ୍କର । ପରଦିନ ଜମି ରେଜେଷ୍ଟ୍ରି ହେବା କଥା । ଲୋକଟି କିନ୍ତୁ କିଛି ବେଶି ପଇସା ଲୋଭରେ, ମହାଦେବଙ୍କର ଅନ୍ୟଜଣେ କୁଟୁମ୍ବଙ୍କୁ ଜମିଟି ବିକ୍ରି କରିଦେଲା । କୁଟୁମ୍ବଜଣଙ୍କର ଶତ୍ରୁତା ତଥା ପ୍ରବର୍ତ୍ତନା ଏଥିରେ କିଛିଟା କାମ କରିଥିଲା ଅବଶ୍ୟ ଏବଂ ରାଗରେ ଯା ପରେ ପରେ ଏହାଠାରୁ ବୃହତ୍ତର ଜମିଟିଏ କିଣିପକାଇଲେ ମହାଦେବ । ଦାଣ୍ଡ ଆରପଟେ । ପୁରୁଣା ଘର ସାମ୍ନାରେ ।

ପୁରୁଣା ଘରଟି ଅବଶ୍ୟ ଏଭଳି କିଛି ସାନ ନଥିଲା । ଦାଣ୍ଡରେ ସୁବୃହତ୍ ବଳଦଗୁହାଳ । ପଛକୁ କୁଣ୍ଡାପାଣି ତଡେଇବା ଲାଗି କ୍ଷୁଦ୍ର ବଖରାଟିଏ । ସେ ବଖରା ସାମ୍ନାରେ ଦାଣ୍ଡପିଣ୍ଡାକୁ ଲାଗି ମଧ୍ୟମ ଆକାରର ପ୍ରକୋଷ୍ଠଟିରେ ଥାକ ମରା ହେଇ ଗୁଡବଣା ରଖା । ପ୍ରଚୁର ଆଖୁଚାଷ ହେଉଥିଲା ମହାଦେବଙ୍କର । ଘରଖର୍ଚ୍ଚ ପାଇଁ ସାମାନ୍ୟ କେତୋଟି ବଣା ରଖି ବାକିତକ ବେପାରୀକୁ ବିକ୍ରି କରାଯାଉଥିଲା ପ୍ରତିବର୍ଷ ।

ଇଏ ଥିଲା ସାମ୍ନାର ଖଞ୍ଜା । ତା' ପଛକୁ ପଛ ଲାଗି ଚାରିବଖରା ଆଟୁ-ଘର, ହାଣ୍ଡିଶାଳ, ରୋଷେଇଶାଳ ଏବଂ ସାନ ଚଉଖୁଣ୍ଟିଆ ଅଗଣାଟିଏ । ତାକୁ ଟପିଲେ ତା'ପରେ ପରେ ପ୍ରଶସ୍ତକାୟ ଅନ୍ୟ ଏକ ଅଗଣା, ଢ଼ିଙ୍କିଶାଳ ଏବଂ ବଡ ହଲଘର ସଦୃଶ ଘରର ପୂର୍ବପଟ ମାଡିବସିଥିବା ଧାନଘର । ଧାନଘରକୁ ଲାଗି ସୀତାଙ୍କର ପୂଜାଘର ବା ହବିଷଘର ।

ଘରୁ ବାରିକୁ ଯିବାକୁ ପଡୁଥିଲା ଲମ୍ବାଳିଆ ବଖରାଟିଏ ପାର୍ ହେଇ । ଯିବା ଆସିବା ବାଟ ଛାଡିଦେଲେ, ସେ ଘର ଥିଲା ଧାନ, ମୁଗ, ଚଣା ଓ ବିରି ଓଳିଆରେ ଭର୍ତ୍ତି । ବାରିରେ କୋଶଳା ଓ ଲେଉଟିଆ କିଆରୀ । ଶୀତଦିନେ ଫୁଟୁଥିଲା ହରେକ୍ କିସମ୍‌ର ଗେଣ୍ଡୁ ଓ ହଂସଗଉରା ଫୁଲ । ଘର ପଛପଟେ ଥିବା ବରକୋଳି ଗଛଦୁଇଟି ସମୟମତ ଛାଇ ଯାଉଥିଲା ପେନ୍ଥି ପେନ୍ଥି ଖଟାମିଠା କୋଳିରେ ।

ବାରି ମଝିରେ ପଥର କୂଅ - କୂଅ ପରେପରେ ଗାଈଗୁହାଳ ଓ ପତରଘର । ପତରଘର ଛାତ ପର୍ଯ୍ୟନ୍ତ ବଡବଡ ଶାଳୁଆପତ୍ର ବିଡାରେ ଭର୍ତ୍ତି ।

ଶୀତଦିନେ ସୀତା ଅଗଣାରେ ପତ୍ରଜାଳି ନିଆଁ ପୁଆଁଉଥିଲେ । ଗାଁ'ଗହଳରେ ଜାଳର ଅଭାବଥିଲା । ଭାତ ରନ୍ଧା ହେଉଥିଲା ଆଖୁଛେଦା, ଗୋବର ଘଷି କିମ୍ୱା ପତ୍ର ଜଳାଇ । ଝୁଡିଟିଏ ପତ୍ର ସଦାସର୍ବଦା ରୋଷେଇଘର କଣରେ । ଚୂଲିରେ ମୁହାଁଇଦେଲେ ସରୁସରୁ କାଠିମିଶା ଶୁଖିଲା ମୋଟାଳିଆ ପତ୍ର ଜଳୁଥିଲା ହୁତ୍‌ହୁତ୍ ହେଇ । ଚୂଲି ମୁହଁକୁ ପତ୍ର ଠେଲିବାପାଇଁ ଚୂଲିମୁଣ୍ଡରେ ଗୋଜିଆ ବାଡିଟିଏ - ସେ ବାଡିର ଅଗମୁଣ୍ଡ ପୋଡା, ଚୂଲିରେ ପଶିପଶି । ଗାଆଁର ସଅରୁଣୀମାନେ ସାରାଦିନ ଜଙ୍ଗଲରୁ ପତ୍ର ଗୋଟାଇ ବିଡାବାନ୍ଧି ଆଣି ବିକ୍ରି କରୁଥିଲେ ଗାଁ'ରେ - ଘରଘର ବୂଲିବୂଲି । ଗାଁ' ପାଖରେ ଜଙ୍ଗଲ । ଶୁଖିଲା ପତ୍ରରେ



Digitized by srujanika@gmail.com

ଭର୍ତ୍ତି । ପତ୍ର ଏକତ୍ରିତ ବିଡାବାନ୍ଧିବା, ଖାସ୍ କରି ପତ୍ରଝଡା ଋତୁରେ ଏଭଳି କିଛି କଷ୍ଟକାମ ନଥିଲା ।

ପିତୃଦତ୍ତ ଘରଟି ବେଶ୍ ବଡ ଥିଲା ଅବଶ୍ୟ । କିନ୍ତୁ ଥିଲା ମାଟିଗୋବର ଓ ଗେରୁଲିପା । ଘରଦୁଆରେ ମୁରୁଜର ଝୋଟିଚିତ୍ର, କାନ୍ଥରେ ଧାନଶୀସାର ଛବି, ଖୋଲା ଅଗଣାରେ ପୁଣ୍ୟପର୍ବର ପ୍ରସ୍ତୁତି ଓ କୋଳାହଳ । ଘରଟି ଥିଲା ଶ୍ରୀମୟ ଓ ମଙ୍ଗଳମୟ ।

କିନ୍ତୁ ଜିଦ୍ କରି ନୂଆ ଡିହ କିଣି ସିମେଣ୍ଟର ଛୋଟଘରଟିଏ ବନେଇ ପକେଇଲେ ମହାଦେବ । ଦାଣ୍ଡରେ ଚଉଡା ପିଣ୍ଡା । ପିଣ୍ଡାକଡରେ ଆଉଜି ବସିବାପାଇଁ ଇଟା ସିମେଣ୍ଟର ତିଆରି ଆରାମପ୍ରଦ ବେଞ୍ଚ । ପଛପଟେ ଦୁଇବଖରା ପ୍ରଶସ୍ତ କୋଠାଘର ଏବଂ ତତ୍ ସହିତ ସଂଯୁକ୍ତ ବରଣ୍ଡା, ଭଣ୍ଡାରଘର ଓ ଧାନଘର । ବାରିପଟେ ବିସ୍ତୃତ ଜମି ଖାଲି ପଡିରହିଲା - ପାଚେରି ବୁଲା ହେଇ । ପୁତ୍ରମାନେ ଯୋଗ୍ୟ ହେଲେ ନିଜ ନିଜ ପସନ୍ଦର କୋଠାଘର ବନେଇନେବେ ଖାଲି ଜମିରେ । ମହାଦେବ ଭାବିଲେ ।

ଅତିଶୀଘ୍ର ଆସ୍ଥାନ ଜମିଗଲା ତାଙ୍କର ସଦ୍ୟ ତିଆରି କୋଠାଘରଟିରେ । ଲୋକମାନେ କହିଲେ ବସାଘର । କେବଳ ଭୋଜନ ସମୟରେ ଦାଣ୍ଡଟପି ପୁରୁଣା ଘରକୁ ଆସୁଥିଲେ ମହାଦେବ। ବାକିତକ ସମୟ କଟୁଥିଲା ନୂଆଘରଟିରେ। ସୀତା ଅବଶ୍ୟ ସ୍ୱାମୀଙ୍କ ସହ କିଛି ସମୟ ବିତାଉଥିଲେ ସେଠି । ଆସୁଥିଲେ ସ୍ୱାମୀଙ୍କର ଚରଣସେବା ନିମିତ୍ତ । ମହାଦେବଙ୍କୁ ଘଷିଆଉଁଷି ଦେଉଥିଲେ । ସୁଖଦୁଃଖ ହେଉଥିଲେ ସନ୍ତାନମାନଙ୍କ ସଂପର୍କରେ । ତା'ପରେ ନାକେ ଓଢଣାଟାଣି ଦାଣ୍ଡ ଟପି ଫେରିଯାଉଥିଲେ ପୁରୁଣା ଘରକୁ ।

ମହାଦେବ ତାଙ୍କର ନବନିର୍ମିତ ଗୃହକୁ ଚାହିଁ ଆସ୍‌ବାବ୍ ପତ୍ର ତିଆରି କରିବାରେ ବ୍ୟସ୍ତ ହେଇ ପଡିଲେ ଯା' ପରେପରେ । ଶୟନକକ୍ଷ ପାଇଁ ତିଆରି ହେଲା ସଶକ୍ତ ଶିଶୁକାଠର ପଲଙ୍କ - ଏତେ ବେଶୀ ଉଞ୍ଚ ଯେ ତଳେ ବୃହଦାକାର ହଣ୍ଡାଟିଏ ବି ପଶିଯାଉଥିଲା ଅକ୍ଳେଶରେ । ପଲଙ୍କର ଦୁଇପଟ ଚଉଡାବାଡ । ସେ ବାଡରେ ଖଞ୍ଜା ଧାଡିଧାଡି ବୁଲାଣିଆ ଚୁହାଇ । ବସିବାପାଇଁ ସିଂହାସନ ମାର୍କା ଠେସ ଦିଆ ଚୌକି । ସେ ଚୌକିରେ ନାନାଜାତି କମକୁଟ । ଗାଁ' ଲୋକେ କହିଲେ 'ହାତିଆ ଚୌକି' । ବଖରାର ପୂର୍ବପଟର ଶୋଭାବର୍ଦ୍ଧନ କରୁଥିଲା ବଡ ବଡ ଥାକର ଭିତରେ ଛବି କାଗଜ ଅଣ୍ଟା ସୁଉଚ୍ଚ ଆଲ୍‌ମିରା - ମହାଦେବଙ୍କ ପଞ୍ଚାପାଉଚି ଓ ନଥିପତ୍ର ପାଇଁ ଉଦ୍ଦିଷ୍ଟ । ଘରଟିର ଚେହେରା ବଦଳିଗଲା ଅଚିରେ ।

ସନ୍ତାନମାନେ କ୍ରମଶଃ ବଡ ହେଉଥିଲେ । ସୀତାଙ୍କର ସାରାଦିନର ପାଳଟି। ମହାଦେବ ଗମ୍ଭୀର ପ୍ରକୃତିର ମଣିଷ । ମୁହଁରେ ସହଜରେ ହସ ଆସେନି । କଥା କହନ୍ତି କମ୍ । କିନ୍ତୁ ସନ୍ତାନ ପାଞ୍ଚଟିଙ୍କୁ ଦେଖିଦେଲେ ପେଟ ପୂରିଯାଏ ।



Digitized by srujanika@gmail.com

ତିନୋଟିଯାକ ପୁତ୍ରଙ୍କ ଭିତରେ ମଧ୍ୟମ କୁଞ୍ଜବିହାରୀ ମନଲାଖି ପୁତ୍ରଟିଏ - ଧୀର, ଶାନ୍ତ ଓ ନମ୍ର । ଜ୍ୟେଷ୍ଠପୁତ୍ର ଅତ୍ୟନ୍ତ ବଦ୍‌ରାଗୀ ଏବଂ ଚଗଲା । ତାଙ୍କ ଯୋଗୁ ଝାମେଲାର ଅନ୍ତ ନଥିଲା ମହାଦେବଙ୍କର ।

କେଇଦିନ ତଳେ ପିଟିପିଟି ଗୋଟିଏ ବିଲେଇକୁ ମାରିଦେଇଥିଲେ । ମାର୍ଜାରବଧ ଦୋଷାବହ ବୋଲି ପୁରୋହିତ ଡାକି ପ୍ରାୟଶ୍ଚିତ୍ତ ନିମନ୍ତେ ଅନେକ ପୂଜାପାଠ କରାଇଥିଲେ ମହାଦେବ । ଏହାର କିଛିଦିନ ପୂର୍ବରୁ ଗ୍ରାମର ଜଣେ ଦରିଦ୍ର ବିଧବାର ବାଳକ ପୁତ୍ରଟିକୁ ବାଡିରେ ପାହାରେ ବାଡେଇ ତା'ର ବାହୁଟିକୁ କିୟଦଂଶରେ ଅକାମୀ କରି ଦେଇଥିଲେ । ବ୍ରାହ୍ମଣୀ ଏବଂ ତାଙ୍କର ଶିଶୁପୁତ୍ର-ଉଭୟଙ୍କର ଚିକିତ୍ସା ତଥା ପରିଚର୍ଯ୍ୟାର ଭାର ଶେଷ ପର୍ଯ୍ୟନ୍ତ ବହନ କରିଥିଲେ ମହାଦେବ । ସଦାସର୍ବଦା ଏଇଭଳି କିଛି ନା କିଛି ଅଘଟଣ ଘଟୁଥିଲା ମଧୁସୂଦନଙ୍କ ପାଇଁ ।

କନିଷ୍ଠ ଦେବେନ୍ଦ୍ରନାଥ ଥିଲେ ଶୈଶବରୁ ଖୁସ୍ ମିଜାଜିଆ ଏବଂ ଆମୋଦପ୍ରିୟ । ନାଚଗୀତ, ଯାତ୍ରା ତାମ୍‌ସାରେ ଭୋଳ । ଗାଁକୁ ଦଣ୍ଡନାଚ ଆସିଲେ ବାଳକ ଦେବେନ୍ଦ୍ର ଏକାଗ୍ର ଚିତ୍ତରେ ବସି ନାଚ ଦେଖନ୍ତି । ଏ ଗାଆଁରୁ ନାଚ ସରିଲେ ଦଳ ପଛେ ପଛେ ଚାଲନ୍ତି ପରବର୍ତ୍ତୀ ଗାଁକୁ । ପାଖାପାଖି ଆଠଦଶଟି ଗାଁ ବୁଲିସାରି ନାଟୁଆ ଦଳ ଫେରିଗଲେ, ଦେବେନ୍ଦ୍ର ଯାଇ ଫେରନ୍ତି ଘରକୁ । ବଡିଭୋରରେ, ପିତା ଜାଣିବା ପୂର୍ବରୁ । ସୀତା ଲୁଚାଇରଖନ୍ତି ପୁତ୍ରର କ୍ରିୟାକଳାପ ମହାଦେବଙ୍କଠାରୁ । ପୁତ୍ର ଦଣ୍ଡନାଚ ଦେଖିଯିବା ପୂର୍ବରୁ ମୁଆଁ, ଉଖୁଡା ଓ ହୁଡୁମ୍ବ ମିଶାଇ ଗାମୁଛାରେ ପୁଟୁଳି ବାନ୍ଧି ଦେଇଦିଅନ୍ତି ପୁଅକୁ । ସାନ ପିଲା - ସାରା ରାତି ବୁଲି ଯାତ୍ରା ଦେଖିବ । ଭୋକ ଲାଗିବ ନିଶ୍ଚୟ ।

କୁଞ୍ଜବିହାରୀ କିନ୍ତୁ ଧାର ଧାରନ୍ତିନି କୌଣସି ଦୁଷ୍ଟାମିର । ପିତାମାତାଙ୍କର ଆଜ୍ଞାବହ ଶିଷ୍ଟ ପୁତ୍ର । କଥା କହନ୍ତି କମ୍ । ଖାଦ୍ୟପେୟରେ ଜଞ୍ଜାଳ ନାହିଁ । ବେଳେବେଳେ ଖାଲି ଯାହା ଜିଦ୍ କରନ୍ତି ମା'ଙ୍କ ପାଖେ ବସାଦହି ଆମ୍ବିଳ ଲାଗି । ସରଳଗା ବସାଦହିରେ ଟୁସି ବାଇଗଣ ଓ ସାରୁ ସିଝାଇ ପଞ୍ଚଫୁଟଣ ଛୁଙ୍କ ଦେଇ ଆମ୍ବିଳ ବନାନ୍ତି ସୀତା । ଉଭୟ ସ୍ୱାମୀ ଓ ମଧ୍ୟମପୁତ୍ରଙ୍କର ତାହା ପ୍ରିୟ ଖାଦ୍ୟ ।

ବେଳେବେଳେ ସୀତା ଆମ୍ବିଳଟିକିଏ ପଥୁରିରେ ଧରି ବୋହି ନେଇଯାଆନ୍ତି ସଂପର୍କୀୟା ଯା' ଶ୍ରୀମତୀଙ୍କର ଘରକୁ । ଶ୍ରୀମତୀ ଭାରି ସୁଖପାଆନ୍ତି ତାଙ୍କ ହାତତିଆରି ଦହିକାଞ୍ଜିର ସ୍ୱାଦ । ଶ୍ରୀମତୀଙ୍କ ସହତ ସୁଖଦୁଃଖ ହେଉ ହେଉ ପଚାରନ୍ତି ସୀତା-

- ଖୁଦ ଅଛି କିଲୋ ଆଜି ଘରେ ?

- ଖୁଦ କ'ଣ ହେବ ନାନୀ ? ଶ୍ରୀମତୀ ପଚାରନ୍ତି ।



Digitized by srujanika@gmail.com

- ଗଣ୍ଡେ ଖରଡି ପାଟିକି ପକେଇବାକୁ ମନ ହେଉଛି, ନାହିଁ ଯଦି ମୁଁ ଯାଉଛି ଆମଘରୁ ନେଇ ଆସିବି ।

- ନାଇଁ ମ । ଖୁଦଗଣ୍ଡେ କଅଣ ଘରେ ନାହିଁ ଯେ ତମେ ଯିବ ଆଣିବାକୁ ।

ଶ୍ରୀମତୀ ଚୁଲି ଲଗେଇ ବାଲି ଆଟିକାରେ ଖୁଦଖରଡିବାରେ ବ୍ୟସ୍ତ ହୋଇ ପଡନ୍ତି । ମନେ ମନେ ଭାବନ୍ତି - କି ଲୋକ ସୀତା ନାନୀ, କଅଣ ଅଭାବ ତା'ର, ମନ କରିଛି ମୋ' ଘରେ ଖୁଦଭଜା ଗଣ୍ଡିଏ ଖାଇବା ପାଇଁ । ଇଏ ଯେ ସୁଦାମା କୃଷ୍ଣଙ୍କୁ ଚାଉଳ ଭଜା ଖୁଆଇଲା ପରି କଥା ।

କୁଡୁମୁଡିଆ ଖୁଦ ଭଜା ଖାଉ ଖାଉ ଗପ କରନ୍ତି ଦୁଇ ଯା' । ବିଶେଷ କରି ସନ୍ତାନମାନଙ୍କର କଥା । ସୀତା କହନ୍ତି "ମୋ ବାବୁ ପରି ପୁଅ ନାହିଁ ଏ ପୃଥିବୀରେ" । କୁଞ୍ଜବିହାରୀଙ୍କୁ ଗେହ୍ଲାରେ ବାବୁ ବୋଲି ଡାକନ୍ତି ସୀତା ।

●●●



Digitized by srujanika@gmail.com

## || ୬ ||

ପୁତ୍ରମାନେ ବଡ଼ ହେଉଥିଲେ ।

ବିଦ୍ୟାଶିକ୍ଷା ବୟସ ହୋଇଗଲାଣି । ଗାଁ ଚାଟଶାଳୀରେ ମଧୁସୂଦନ ଓ କୁଞ୍ଜବିହାରୀଙ୍କ ନାଁ ଲେଖେଇଦେଲେ ମହାଦେବ । ସେଠାରେ ଅଳ୍ପ କେଇମାସ ମାତ୍ର ପଢ଼ିବାପରେ, ପାଖ ଗାଁ ବରପୁଟର ଉ.ପ୍ରା. ବିଦ୍ୟାଳୟରେ ବୁନିୟାଦ୍ ପଡ଼ିଲା ପ୍ରାଥମିକ ଶିକ୍ଷାର ।

ପ୍ରାଚୀନ ପଦ୍ଧତିରେ ଶିକ୍ଷାଦାନ । ଦଣ୍ଡବିଧାନ ଥିଲା ବିଚିତ୍ର ଓ ପ୍ରଚୁର । ପାଠପଢ଼ାରେ ଭୁଲ କଲେ, ଏକ ଗୋଡ଼ିକିଆ ଠିଆ ହେବା, ଆଣ୍ଠୁମାଡ଼ି ବସିବା ଏବଂ ପାପୁଲିରେ ବେତ୍ରାଘାତ ପାଇବା ଥିଲା ଦଣ୍ଡବିଧାନର ସାଧାରଣ ନିୟମ । କୁଞ୍ଜବିହାରୀ କିନ୍ତୁ ବିଦ୍ୟାଳୟରେ କେବେ ବି କୌଣସି ଦଣ୍ଡ ପାଉନଥିଲେ । ନିରୀହ ଓ ସତ୍ ଛାତ୍ରଟି ଥିଲେ ଉଭୟ ହେଡ୍‌ପଣ୍ଡିତ ଶ୍ରୀ ମୋହନ ପ୍ରଧାନ ତଥା ସେକେଣ୍ଡ୍ ପଣ୍ଡିତ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କର ଅତ୍ୟନ୍ତ ପ୍ରିୟ ।

ବିଦ୍ୟାଳୟ ଜରିଆରେ କୁଞ୍ଜବିହାରୀ ଶିଖିଲେ କଡ଼ାଗଣ୍ଡା, ପାହି ପଣିକିଆ, ସାହିତ୍ୟ, ଇତିହାସ ଏବଂ ତତ୍‌ସହିତ ପ୍ରକୃତି ପର୍ଯ୍ୟବେକ୍ଷଣ ତଥା ଭୂମି ମାପିବାର ପଦ୍ଧତି । ନିଜେ କେବେ ଦଣ୍ଡିତ ହେଉନଥିଲେ । କିନ୍ତୁ ଥରଟେ ଅନ୍ୟ ଗୋଟିଏ ଛାତ୍ରର କଠିନ ଦଣ୍ଡବିଧାନ ଦେଖି, ଏଭଳି ଭୟଭୀତ ହୋଇପଡ଼ିଥିଲେ ଯେ ସିଲଟ୍ ଖଡ଼ି ହାତରେ ଧରି ଦୌଡ଼ି ଦୌଡ଼ି ପଳାଇ ଆସିଥିଲେ ଘରକୁ । ସାଥୀପିଲା କେତେଜଣ ପଛେ ପଛେ ଗୋଡ଼ାଇ ଧରି ଆଣିଥିଲେ ଅଧାବାଟରୁ ।

ଛାତ୍ର ହିସାବରେ ଥିଲେ କିନ୍ତୁ ଭଲ - ଅକୃତ୍ରିମ ଭାବରେ ସାଧୁ ଓ ନିଷ୍ଠାବାନ, ମନ ଲଗାଇ ପାଠ ପଢୁଥିଲେ, ଥିଲେ ଜାଗତିକ ଆନନ୍ଦର ଊର୍ଦ୍ଧ୍ୱରେ । ଗାଁରେ ହେଉଥିବା ପାଲା, ଦାସ୍‌କାଠିଆ, ତାମ୍‌ସା, କେଳାକେଳୁଣୀ ନାଚ ଏବଂ ଦୋଳ ଉତ୍ସବ - ଏସବୁ ପ୍ରତି ଥିଲେ ଅନାଗ୍ରହୀ ।

ଗାଁର ସବୁଠାରୁ ବଡ଼ ଯାତ୍ରା ଥିଲା ଚନ୍ଦନଯାତ୍ରା । ଅକ୍ଷୟ ତୃତୀୟା ଦିନଠାରୁ ଯାତ୍ରା ଆରମ୍ଭ ହୋଇ ଚାଲୁଥିଲା ଏକୋଇଶ ଦିନ ପର୍ଯ୍ୟନ୍ତ । ଗୋପୀନାଥଙ୍କୁ ବିମାନରେ ବସାଇ



Digitized by srujanika@gmail.com

ଖୋଳ, ମୃଦଙ୍ଗ, ଘଣ୍ଟଧ୍ୱନି ସହିତ ମଶାଲ୍ ଜଳାଇ ଗ୍ରାମ ପରିକ୍ରମା କରାଉଥିଲେ ଭକ୍ତଜନମାନେ । ବିମାନ ସହିତ ନୌକାରେ ବିଜେ ହେଉଥିଲେ ଗୋପୀନାଥ । ନାଉରୀ କାତମାରି ପ୍ରଭୁଙ୍କୁ ବଣିଆପୋଖରୀ ବୁଲେଇସାରିଲା ପରେ ପ୍ରସାଦ ଲାଗି ହେଉଥିଲା ତାଙ୍କ ପାଖେ । ଅକ୍ଷୟ ତୃତୀୟା ଦିନ ଘେରାଟିଏ ବୁଲୁଥିଲେ ଠାକୁର । ବାସିଦିନ-ଦୁଇଘେରା । ଏଇଭଳି ବଢ଼ି ବଢ଼ି ଏକୋଇଶ ଦିନରେ ଏକୋଇଶ ଘେରା ପୁଷ୍କରିଣୀ ବିହାର କରୁଥିଲେ ରାଧାମାଧବ । ସେଇ ଶେଷ ଦିନ ଥିଲା ସବୁଠାରୁ ବଡ଼ଯାତ୍ରା ।

ସେ ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ବାଣ । ଗାଁ କାରିଗର ହାତ ତିଆରି ଛତିବାଣ ଦେଖିବା ପାଇଁ ରୁଣ୍ଡ ହେଉଥିଲେ ଆଖପାଖ ଚଉଦକୋଶ ଗାଁ'ର ଲୋକମାନେ । ଝିଅମାନେ ବର୍ଷକୁ ଥରେ ବାପଘରକୁ ଆସୁଥିଲେ ସେଇ ଚନ୍ଦନଯାତ ଦେଖିବା ପାଇଁ । ଘରେ ଘରେ କୁଣିଆ ମଇତ୍ରଙ୍କର ସମାବେଶ । ଗାଁ ଦାଣ୍ଡରେ ପଟୁଆର ବୁଲିବ, ଫୁଲପଣସିଆ ମେଳରେ ବହୁରୂପୀମାନେ ଘୋଡ଼ା, ବୃଷଭ ଓ ସାପୁଆ-ସାପୁଆଣୀର ଖୋଳ ଭିତରେ ପଶି ନାଚିବେ । ଗୋପୀନାଥଙ୍କର ସେ ଉତ୍ସବ ଅତୁଳନୀୟ ।

ଦରଶୁଖିଲା ପୋଖରୀ ଭିତରେ ଗୋଳିପାଣିରେ ଖୁଣ୍ଟପୋତି ରଙ୍ଗବେରଙ୍ଗୀ କନାରେ ମୋଡ଼ା ପଞ୍ଚଲାଇଟ୍ ଜଳା ପେଣ୍ଡାଲ୍ । ଚତୁର୍ଦ୍ଦିଗରେ, ସାରା ପୋଖରୀ ହୁଡ଼ା ଭର୍ତ୍ତି ଅଜସ୍ର ଦେଖଣାହାରୀ । ରାତ୍ରିର ନୀରବତା ଭେଦି ଗ୍ରାମପଥରେ ସଞ୍ଚରି ଯାଉଥିଲା ଯାତ୍ରାପାର୍ଟିର କ୍ଲାରିଓନେଟ୍ ଓ ହାର୍ମୋନିୟମ୍‌ର ସ୍ୱର । ଶୁଭିଯାଉଥିଲା, କୃତିଶୀଳ ପୌରାଣିକ ଚରିତ୍ରଗୁଡ଼ିକର ରେ ରେ କାର ଧ୍ୱନି । ସେ ସ୍ୱର ଓ ଧ୍ୱନିର ମାଦକତାରେ ମସ୍‌ଗୁଲ୍ ହେଇ ପଡୁଥିଲେ ଗ୍ରାମବାସୀ ସକଳ ।

ରାତିରେ ପ୍ରତ୍ୟେକ ପରିବାରରେ ଘର ଜଗି ରହୁଥିଲା ଜଗୁଆଳିଟିଏ ମାତ୍ର, ବାକି ସଭିଏଁ ଯାଉଥିଲେ ଯାତ୍ରା ଦେଖି ।

ମହାଦେବ ରାତ୍ରିଭୋଜନ କରିବା ଲାଗି ପୁରୁଣାଘରକୁ ଆସି ଦେଖନ୍ତି ଘରଶୂନଶାନ୍ । ସଂପୂର୍ଣ୍ଣରୂପେ ଶବ୍ଦହୀନ । ସୀତା ଭୋଜନ ପରଶି ସାରିବା ପରେ ମହାଦେବ ପଚାରିଲେ ତମେ ଯାତ୍ରା ଦେଖି ଯିବନିକି ?

- କେମିତି ଯିବି ବାବୁଙ୍କୁ ଏକଲା ଛାଡ଼ି ? ସାରଥ ହଲିଆ ସାଥିରେ ବାକି ପିଲାମାନେ ଯାଉଛନ୍ତି । ଏକା ବାବୁ ଯିବାକୁ ମଙ୍ଗିଲାନି ।

କୁଞ୍ଜବିହାରୀ କାଇଁ ? ଚତୁର୍ଦ୍ଦିଗକୁ ନଜର ପକାଇ ମହାଦେବ ପଚାରିଲେ ।

ଡିବିରି ଜଳେଇ ପାଠ ପଢୁଥିଲା ଏଇଠି, ଏବେ ଏବେ ଶୋଇଛି । ଆଚ୍ଛା ପୁଅ ତମର । ଗୀତ ନାଚ ହେଉ କି ଯାତ୍ରାପାର୍ଟି, କେଉଁଥିରେ ବି ଆଗ୍ରହ ନାହିଁ । ତା' ପୋଥି



Digitized by srujanika@gmail.com

ଭଲ ତ ସିଏ ଭଲ, ମହାଦେବଙ୍କ ଖାଲି ପଡ଼ିଥିବା ଗିନାରେ ଦୁଇଡ଼ଙ୍କି ଭଜାମୁଗ ଡାଲି ଡାଲୁ ଡାଲୁ ସୀତା ଜବାବ ଦେଲେ ଧୀର ସ୍ୱରରେ ।

ଭୋଜନ ସାରି ଶୟନକକ୍ଷରେ ପଶି ନିଦ୍ରିତ ପୁତ୍ର ମୁହଁକୁ ଚାହିଁଲେ ମହାଦେବ ।

କେଉଁ ପୁଣ୍ୟ ବଳରେ ଏ ପୁତ୍ର ଆସିଲା ତାଙ୍କ କୋଳକୁ ? ଇଏ ଯେ ପୂରା ବୈରାଗୀ । ଜାଗତିକ କୌଣସି ବସ୍ତୁ ପ୍ରତି ଆକର୍ଷଣ ଅନୁଭବ କଲାନି ଆଜି ପର୍ଯ୍ୟନ୍ତ .। ସତେ ଅବା ତପସ୍ୟାରତ ଏକ ନିଷ୍ଠାବାନ୍ ତପସ୍ୱୀ ।

ଦୀର୍ଘ ଅଙ୍ଗୁଳି କେତୋଟି ଚଳାଇ ପୁତ୍ରର ମଥାକୁ ସସ୍ନେହ ଆଉଁଷିଦେଲେ ମହାଦେବ, ମନେ ମନେ ଉଚ୍ଚାରଣ କଲେ 'ଦୀର୍ଘଜୀବୀ ଭବ' ।

●●●



Digitized by srujanika@gmail.com

॥୮॥

ଗାଁ ପାଠପଢ଼ା ସରିଗଲା କୁଞ୍ଜବିହାରୀଙ୍କର । ଆଖପାଖରେ ସ୍କୁଲ୍ ନାହିଁ । ପିତା ନାଁ ଲେଖେଇଦେଲେ ବାଙ୍କି ହାଇସ୍କୁଲ୍‌ରେ । ମଧୁସୂଦନଙ୍କର ପଞ୍ଚମ ଶ୍ରେଣୀରେ ଓ କୁଞ୍ଜବିହାରୀଙ୍କର ଚତୁର୍ଥ ଶ୍ରେଣୀରେ ।

ଜମିଦାର ଘର ପୁତ୍ର । ଶୈଶବରୁ ଦେହ ଭର୍ତ୍ତି ଗହଣା । ଆଦର କରି ପିନ୍ଧାଇ ଦେଇଥିଲେ ମା' । ହାତରେ ଖଡ୍ରୁ, କାନରେ ନୋଳି ଓ ବେକରେ ସୋରିଷିଆ କଣ୍ଠି । ଅଣ୍ଟାରେ ଚଉଡା ବିଛାହାର । ଗହଣା ସବୁ ଗୋଟିଗୋଟି ହୋଇ କଡ଼ା ହେଲା ଦେହରୁ । ଦୁଇ ଭାଇ ଆସିଲେ ବାଙ୍କି ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ପାଠ ପଢ଼ିବାକୁ । ଗ୍ରାମ ସ୍କୁଲକୁ ଯାଉଥିଲେ ନିମ୍ନାଙ୍ଗରେ ଧୋତି ପିନ୍ଧି ଓ ଉପରାଙ୍ଗକୁ ଉତ୍ତରୀୟରେ ବେଢ଼ରଣ କରି । ବିଦ୍ୟାଳୟ ଆସିବା ପୂର୍ବରୁ ଦରଜୀ ଡାକି ଜାମା ତିଆରି ହେଲା ଦୁଇ ପୁତ୍ରଙ୍କ ପାଇଁ ।

ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ସେତେବେଳେ ବେଶ୍ ନାଁ । ସ୍କୁଲଟି ନାମିତ ଥିଲା ଡେପୁଟି ମାଜିଷ୍ଟ୍ରେଟ୍ ବରେନ୍ଦ୍ରକୃଷ୍ଣ ଦାସ ଅଧିକାରୀଙ୍କ ନାମରେ । ବରେନ୍ଦ୍ରକୃଷ୍ଣ ଥିଲେ ଅବିବାହିତ ଏବଂ ଏକ ସଫଳ ପ୍ରଶାସକ । ବାଙ୍କି ରାଜବଂଶଧର ରାମଚନ୍ଦ୍ର ବିଶ୍ୱନାଥ ମହାପାତ୍ର ଥିଲେ ସ୍କୁଲର ସେକ୍ରେଟାରୀ । ସେତେବେଳେ ହାଇସ୍କୁଲର ଛାତ୍ରମାନଙ୍କୁ କଠିନ ଶୃଙ୍ଖଳା ଭିତରେ ରହିବାକୁ ପଡୁଥିଲା । ଅଧିକାଂଶ ଶିକ୍ଷକ ବଙ୍ଗାଳୀ ଥିଲେ । ପିଲାମାନଙ୍କର ମନୋରଞ୍ଜନ ନିମନ୍ତେ ମଝିରେ ମଝିରେ ନାଟକାଭିନୟ ଓ ବକ୍ତୃତା ପ୍ରତିଯୋଗିତା ମଧ ହେଉଥିଲା । ବିଭିନ୍ନ ପ୍ରକାର ଖେଳ କସରତ ପାଇଁ ବିଶେଷ କରି ଫୁଟବଲ ଖେଳ ପାଇଁ ଉତ୍ସାହିତ କରାଯାଉଥିଲା ଛାତ୍ରମାନଙ୍କୁ ।

ପୁତ୍ରମାନଙ୍କର ବାଙ୍କି ଯିବା କଥାରେ ସୀତା କିନ୍ତୁ ବେଶ୍ ବ୍ୟଥିତ ହୋଇପଡିଲେ । ଘରେ ଯାହା ସମ୍ପତ୍ତି, ତାହା ସାତପୁରୁଷ ବସି ଖାଇଲେ ବି ସରିବନି । ଘରଠାରୁ ଏତେ ଦୂରରେ ରହି ପାଠ ପଢ଼ିବାର କଅଣ ବା ପ୍ରୟୋଜନୀୟତା ? ଜୀବନରେ କିନ୍ତୁ କେବେ ବି ସ୍ୱାମୀଙ୍କ ସିଦ୍ଧାନ୍ତର ଯଥାର୍ଥତା ସମ୍ପର୍କରେ ସନ୍ଦେହ କରିନାହାନ୍ତି ସୀତା । ଆଜି ବି କଲେନି । ନୀରବରେ ଅଶ୍ରୁପାତ କଲେ କେବଳ ।

ବେଶୀ ଚିନ୍ତିତ ହୋଇଥିଲେ ମଧ୍ୟମପୁତ୍ର କୁଞ୍ଜବିହାରୀଙ୍କ ପାଇଁ । ପୁତ୍ରଟି ତାଙ୍କର ଅତି ମାତ୍ରାରେ ଶାନ୍ତ ଏବଂ ସଚ୍ଚୋଟ । ସ୍ୱଭାବରେ ସତ୍, ସୁଶୀଳ ତଥା ସଦାଶୟ । ସଂସାରର ଜଟିଳତା ସଂପର୍କରେ କିଛି ବି ଜାଣେନି । କଥା କହେ କମ୍ । ତା' ମନକଥା ଜାଣିବା ଦୁଷ୍କର । ପୁତ୍ରଟି ତାଙ୍କର ଖାଦ୍ୟପେୟ ସମ୍ପର୍କରେ ପୂରାପୂରି ନିୟମାନୁବର୍ତ୍ତୀ । ବଜାରହାଟରେ



Digitized by srujanika@gmail.com

ଖାଇବା ପସନ୍ଦ କରେନି । ପସନ୍ଦ କରେନି ଲଙ୍କାମରିଚ ଓ ତେଲମସଲା ଜର୍ଜରିତ ଖାଦ୍ୟ । ଦୂରବାଟରେ କିଏ ବା ଅଛି ବୁଝିବାକୁ ତା କଥା ?

ସୀତାଙ୍କ ଆଖିର ଲୁହ ନ ଶୁଖୁଣୁ ଜ୍ଞାନପିପାସୁ ମହାଦେବ କିନ୍ତୁ ଦୁଇପୁଅଙ୍କୁ ପଠାଇ ଦେଲେ ବାଙ୍କି । ସ୍ୱୟଂ ଥିଲେ ବିଦ୍ୟାର ପୂଜାରୀ । ସ୍ୱପ୍ନ ଦେଖୁଥିଲେ, ପୁତ୍ରମାନେ ମଧ୍ୟ ବିମୋହିତ ହେବେ ବିଦ୍ୟାର୍ଜନର ବଶୀକରଣ ମନ୍ତ୍ରରେ ।

ବିଦ୍ୟାଳୟ ଛୁଟିହେଲେ କେବେ କେମିତି ଦୁଇଭାଇ ଆସୁଥିଲେ ଗାଁକୁ । ଛୁଟି ସରିଲେ ବିଲ ମଝିରେ ହିଡେହିଡେ ଆଗପଛ ହୋଇ ଓ ନରମ ସକାଳର ସୁନେଲି ଖରାରେ ଭିଜିଭିଜି ଦୁହେଁ ଯାକ ଫେରିଯାଇଥିଲେ ବାଙ୍କି । ପଛେପଛେ ଲୁଗାପଟା ଓ ମୁଆଁ ଉଖୁଡାର ବିରାଟକାୟ ଗଣ୍ଠିଲିଟି ମୁଣ୍ଡରେ ବହନ କରି ପୁରୁଖା ହଳିଆ ।

ଆପର୍ତ୍ତିଆଣୀ ବଡଭାଇ ଥିଲେ ଟଗଲା । ସ୍କୁଲ୍ ଯିବାକୁ ନାମଙ୍ଗ । ଗହୀରବାଟତକ କୌଣସିମତେ କଟୁଥିଲା । କିନ୍ତୁ ଯେମିତି ସ୍କୁଲ୍ କୋଠାଘରଟି ଦୃଶ୍ୟମାନ ହେଉଥିଲା ଟଗଲା ବଡଭାଇ ବୁଲିପଡି ଓ କାନ୍ଦିକାନ୍ଦି ଏକା ନିଃଶ୍ୱାସରେ ଦୌଡୁଥିଲେ ଗାଁ ଆଡେ । ତାଙ୍କ ପଛେପଛେ ଫେରିଯିବା ପାଇଁ ତାଙ୍କୁ ଅନୁନୟ କରି ତାଙ୍କର ସାନଭାଇଟି ଏବଂ ସବାଶେଷକୁ ଗଣ୍ଠିଲି ମୁଣ୍ଡାହଳିଆ । ତିନିହେଁ ଆଗପଛ ହୋଇ ଦୌଡିଦୌଡି ଘରେ ପହଞ୍ଚିଲା ବେଳକୁ ଦ୍ୱିପ୍ରହର । ପ୍ରାୟତଃ ସେତିକିବେଳକୁ ଭୋଜନାନ୍ତେ ଦାଣ୍ଡପିଣ୍ଡାରେ ବସି ପିତା ହସ୍ତ ପ୍ରକ୍ଷାଳନ କରୁଥିଲେ । ଜାଣିଥିଲେ ଏଇ ପ୍ରତ୍ୟାବର୍ତ୍ତନ ଅମାନିଆ ଜ୍ୟେଷ୍ଠପୁତ୍ରର କାମ । ମଧ୍ୟମ ପୁତ୍ରଟି ଯେ ଅତି ସୁଧାର । କ୍ରୋଧବଶତଃ ହାତରେ ଧରିଥିବା ପିତଳଗଡୁରେ ପାହାରେ ଦିପାହାରେ ମହାଦେବ ଦେଉଥିଲେ ଜ୍ୟେଷ୍ଠପୁତ୍ରକୁ । ଦ୍ୱିତୀୟ ପୁତ୍ରଟି କିନ୍ତୁ କେବେ ବି ଶାସ୍ତି ପାଉନଥିଲା । କାରଣ ପିତା ବୁଝୁଥିଲେ ବଡଭାଇ ଫେରିଆସିଥିବାରୁ ସାନଭାଇଟି ବାଧହୋଇ ଫେରିଆସିଛି ।

ଅନେକ ସମୟରେ କୁପିତ ପିତାଙ୍କ କ୍ରୋଧରୁ ରକ୍ଷା କରିବା ପାଇଁ ସୀତା ମଧୁସୂଦନଙ୍କୁ ଶୁଆଇପକାଇ ତାଙ୍କ ଉପରେ ହେଁସଟିଏ ମାଡି ଦେଉଥିଲେ । ମହାଦେବ ରାଗରେ ଦି'ବାଡି ପକାଇଲେ ତାହା ପଡୁଥିଲା ହେଁସ ଉପରେ । ମଧୁସୂଦନଙ୍କ ଉପରେ ପଡୁଥିବା ପ୍ରହାରର ଦାଉ ଅନେକାଂଶରେ କମିଯାଉଥିଲା ।

ନିର୍ଦ୍ଦୋଷ ସାନଭାଇ ଯୋଗୁ ସ୍ୱୟଂ ଦଣ୍ଡିତ ହେଉଥିବାରୁ, ରାଗରେ ଗୁମୁରି ଉଠୁଥିଲେ ମଧୁସୂଦନ । ପିତାଙ୍କ ଭୟରେ ଘରେ ରହୁଥିଲେ ନିରବ । କିନ୍ତୁ ସ୍କୁଲ୍ ହଷ୍ଟେଲ୍‌ରେ ପହଞ୍ଚିଲା ପରେ ଅଭିଭାବକର ରୂପ ନେଇ ସାନଭାଇଟିକୁ ବେଶ୍ ମାଡ ମାରୁଥିଲେ । କୁଞ୍ଜବିହାରୀ ନୀରବରେ ସେ ମାଡ ସହ୍ୟ କରୁଥିଲେ । କିନ୍ତୁ ଜ୍ୟେଷ୍ଠଭ୍ରାତାଙ୍କୁ ପଦେ ହେଲେ ବି ଜବାବ୍ ଦେଉନଥିଲେ । ପ୍ରହାର ଶକ୍ତରୂପ ଧାରଣ କଲେ ସାଥୀପିଲାମାନେ ହସ୍ତକ୍ଷେପ କରି ରକ୍ଷା କରୁଥିଲେ କୁଞ୍ଜବିହାରୀଙ୍କୁ ।

ମହାଦେବଙ୍କର ତୀବ୍ର ଅନୁଶାସନ ସତ୍ତ୍ୱେ ଶେଷପର୍ଯ୍ୟନ୍ତ ଅବଶ୍ୟ ମଧୁସୂଦନ ସ୍କୁଲ ଛାଡି ଫେରିଆସିଥିଲେ ଘରକୁ । ପାଠ ନ ପଢ଼ିବା ପାଇଁ ପୁତ୍ରର ନିଷ୍ପତ୍ତି ମହାଦେବଙ୍କୁ



Digitized by srujanika@gmail.com

ଅସୁଖୀ କରିଥିଲା । କନିଷ୍ଠ ପୁତ୍ର ଦେବେନ୍ଦ୍ରନାଥ ସ୍ୱଭାବରେ ଚପଳଚିତ୍ତ ଏବଂ ଆମୋଦପ୍ରିୟ ତାହାଠାରୁ ବହୁତ ବେଶୀ ପ୍ରତ୍ୟାଶା କରୁନଥିଲେ ମହାଦେବ । ଭବିଷ୍ୟତ ପାଇଁ ତାଙ୍କର ସକଳ ସ୍ୱପ୍ନ ଓ ସମ୍ଭାବନାର ଉତ୍ସ ହୋଇ ରହିଗଲେ କେବଳ କୁଞ୍ଜବିହାରୀ ।

ବାଳକ ବୟସରେ ମଧ୍ୟ କୁଞ୍ଜବିହାରୀ ଥିଲେ ଧୀର, ସଦାଚାରୀ ଏବଂ ଅଧ୍ୟବସାୟୀ । ବିଦ୍ୟାର୍ଜନକୁ ମଣୁଥିଲେ ତପସ୍ୟାପରି, ଛୁଟିରେ ଗାଁକୁ ଆସିଲେ ବହି ଗଣ୍ଡିଲିଟି ମଧ୍ୟ ସାଥିରେ ନେଇକି ଆସୁଥିଲେ ।

ସମୟର ଅପଚୟ ପସନ୍ଦ ନଥିଲା । ଯେଉଁ କେତୋଟି ଦିନ ଘରେ ରହୁଥିଲେ ନିୟମାନୁବର୍ତ୍ତୀ ଭାବରେ ପାଠ୍ୟପୁସ୍ତକରେ ମଗ୍ନ ରହୁଥିଲେ । ପଠିତ ପୁସ୍ତକର ବିଭିନ୍ନ ଉପାଖ୍ୟାନ ଖାସ୍ କରି ଇତିହାସ ଏବଂ ସାହିତ୍ୟ ପୁସ୍ତକର କାହାଣୀ ସବୁ ନିୟମିତ ଭାବରେ ଶୁଣାଉଥିଲେ ପିତାଙ୍କୁ । ତନ୍ମଧ୍ୟରୁ ଶିବାଜୀ ମହାରାଜ ଏବଂ ଗୌତମ ବୁଦ୍ଧଙ୍କ ଉପାଖ୍ୟାନ ମୁଗ୍ଧ କରିଥିଲା ମହାଦେବଙ୍କୁ । ମୁଗ୍ଧ କରିଥିଲା ସେମାନଙ୍କର ଚାରିତ୍ରିକ ସୌନ୍ଦର୍ଯ୍ୟ ଓ ମହାନତା । ପ୍ରାଚୀନ ପନ୍ଥୀ ପିତାଙ୍କର ପଠନେଚ୍ଛୁ ମନୋବୃତ୍ତି ମଧ୍ୟ ସମଭାବରେ ଚମତ୍କୃତ କରିଥିଲା କୁଞ୍ଜବିହାରୀଙ୍କୁ । ଉଭୟ ପିତା ଓ ପୁତ୍ର ଥିଲେ ବାଗ୍‌ଦେବୀଙ୍କର ଅନୁରକ୍ତ ସନ୍ତାନ ।

ଯୌବନ ସମୟରୁ ମହାଦେବ ଥିଲେ ବାଦ୍ୟ ଏବଂ ସଙ୍ଗୀତରେ ଧୂରୀଣ ଏକ ନିଷ୍ଠାବାନ୍ କଳାକାର । ବାଳକ ପୁତ୍ରଟି ଯେଉଁଦିନ ଈଷତ୍ ଅନୁନାସିକ ସ୍ୱରରେ ଚିଲିକା କାବ୍ୟଟି ପଢ଼ି ତାଙ୍କୁ ଶୁଣାଇଥିଲା ଆଖିଦୁଇଟି ତାଙ୍କର ଛଳଛଳ କରି ଉଠିଥିଲା ଭାବାବେଗରେ । କି ନିପୁଣ ଥିଲା ପୁତ୍ରର ଆବୃତ୍ତି । କି ପ୍ରାଞ୍ଜଳ ଭାବରେ କବିତାଟିର ବାଖ୍ୟା କରୁଥିଲା ସିଏ । ଅନେକ ଜନ୍ମର ପୁଣ୍ୟଫଳରେ ଏଭଳି ସନ୍ତାନପ୍ରାପ୍ତି ଘଟିଥାଏ ସିନା ।

ସବୁ ଠିକ୍‌ଠାକ୍ ଚାଲିବା ସତ୍ତ୍ୱେ, ସୀତାଙ୍କର ଭବିଷ୍ୟତ ବାଣୀ କିନ୍ତୁ ସତ୍ୟବୋଲି ପ୍ରମାଣିତ ହେଇଥିଲା । ପ୍ରିୟଦର୍ଶନ ପୁତ୍ରଟି ଅଚିରେ ହୋଇଉଠିଲେ ପୀଡିତ ଏବଂ ଅସୁସ୍ଥ । ହଷ୍ଟେଲ୍‌ର ଖାଦ୍ୟପଦାର୍ଥ ତଥା ବାଙ୍କି ବଜାରର ଟିଫିନ୍, ଉଭୟଥିଲା ତାଙ୍କ ପାଇଁ ବିସ୍ୱାଦ ଓ ବମନୋପଯୋଗୀ । ଦେହରେ ଜ୍ୱର ଏବଂ ଆନ୍ତ୍ରିକ ବେମାରିର ନୂଆ ନୂଆ ଉପସର୍ଗ । ପ୍ରୟାସ ସତ୍ତ୍ୱେ ମଧ୍ୟ ପାଠପଢ଼ାରେ ଅବହେଳା ଘଟୁଥିଲା । ଘଟୁଥିଲା ଶରୀରର ସୌଷ୍ଠବହାନି ।

ଦିନେ ତାଙ୍କ ଉପରେ ଲଦିଦେଇଥିବା ଏତାଦୃଶ ଗୁରୁଭାର ପାଇଁ ବିଦ୍ୟାଦାୟିନୀ ବୀଣାପାଣିଙ୍କୁ ସମ୍ବୋଧନ କରି କବିତାଟିଏ ଲେଖି ପକାଇଲେ ଚଉଦବର୍ଷୀୟ କୁଞ୍ଜବିହାରୀ ।

କେତେ ବିଦ୍ୟା ଅନୁରାଗୀ ହୋଇଛନ୍ତି ଗୃହତ୍ୟାଗୀ
କିନ୍ତୁ କେହି ଦୁଃଖଭାଗୀ ମୋ ପରି ଜଣେ
ନାହାନ୍ତି ଛାତ୍ରାବାସରେ କି ଶିକ୍ଷା ଆୟତନରେ
ସାରା ଜଗତ ମା ଦୁଃଖମୟ ମୁଁ ମଣେ
ସ୍ୱାସ୍ଥ୍ୟଧନ ହରାଇବାରୁ
ବିଦ୍ୟାଭାର ମୋ ପକ୍ଷରେ ହୋଇଛି ଗୁରୁ ।

●●●



Digitized by srujanika@gmail.com

## ॥ ୯ ॥

ଭୋରରୁ ଝିପିଝିପି ବର୍ଷା । ସୂର୍ଯ୍ୟ ଦିଗ୍‌ବଳୟର ହାତେ ଉପରକୁ ଉଠିଲା ବେଳକୁ ବର୍ଷା ଛାଡିଗଲା । ଆନନ୍ଦ ହଳିଆ ଆସି ପହଞ୍ଚିଗଲା ସମୟମତ । କୁଞ୍ଜବିହାରୀ ପିତାମାତାଙ୍କୁ ପ୍ରଣାମ କରି ବାହାରିଲା ବେଳକୁ ବେଶ୍ ଡେରି ହେଇଯାଇଛି । ଦିନ ସାଢ଼େ ସାତ । ଆସିଲା ବେଳକୁ ମା' ଜୋର୍‌କରି ଗିନାଏ ହବ ଗୁଡପାଗ ଛେନା ଖୁଆଇ ଦେଇଛନ୍ତି ।

ସ୍କୁଲ୍ ଖୋଲିଗଲାଣି କାଲିଠାରୁ । ଛୁଟିରେ କୁଞ୍ଜବିହାରୀ ଘରକୁ ଆସିଥିଲେ କେଇଦିନ ପୂର୍ବରୁ । ବହିପତ୍ର ଓ ଲୁଗାପଟା ଭର୍ତ୍ତି ଝୁଲାମଣିଟି କାନ୍ଧରେ ବୋହିବୋହି । ଗହୀର ବାଟରେ ଚାଲିଚାଲି । ଫେରିଗଲା ବେଳେ କିନ୍ତୁ ପିତାଙ୍କର ଆଦେଶ ଥିଲା ହଳିଆ ଆନନ୍ଦ ସାଥିରେ ଯିବ ବୋଲି । ଗତକାଲି ସକାଳେ ସ୍ନାନସାରି ବାହାରିଲା ବେଳକୁ ଘେରି ଆସିଲା ଝଡ଼ବାତ୍ୟା । ଏଇ ଘନଘୋର ବର୍ଷଣ ଭିତରେ ପୁଅକୁ ଛାଡିଦେବା ପାଇଁ ମହାଦେବଙ୍କର ମନ ଡାକିଲାନି । ଅଗତ୍ୟା ଅଟକିଗଲେ କୁଞ୍ଜବିହାରୀ ।

ରାତିସାରା ନିଦ ହେଲାନି ଭଲ କରି । ବାହାରେ ରହିରହି ବଜ୍ର ବିଦ୍ୟୁତ ଡାକ । ସପ୍ତାହକ ପୂର୍ବରୁ ବଜ୍ରାଘାତରେ ମହାଦେବଙ୍କର ସୁସ୍ଥସବଳ ବଳଦରୁ ଗୋଟିଏ ମୃତ୍ୟୁମୁଖରେ ପଡିଛି । ଗଲାକେଇଦିନ ହେଲା ବେଶ୍ ଝଡ଼ିପାଗ । କ୍ଷୀଣ ଦୀପାଲୋକରେ ଚତୁର୍ଦ୍ଦିଗକୁ ଚାହିଁଲେ କୁଞ୍ଜବିହାରୀ । ସାନସାନ ଭାଇଭଉଣୀ ତିନୋଟି ପାଖରେ ନିଦ୍ରାମଗ୍ନ । ରୋଷେଇଶାଳରେ ସୀତାଦେବୀଙ୍କର କାମ ସରିନି । ବାସନର ଟୁଙ୍ଗ୍‌ଟାଙ୍ଗ୍ ଆୱାଜ ଶୁଭୁଛି କାନରେ । ଆଖି ବନ୍ଦକରି ଶୋଇବାକୁ ଚେଷ୍ଟାକଲେ କୁଞ୍ଜବିହାରୀ । ମନଭିତରର ଅବସାଦ ଓ ଅସ୍ୱସ୍ତି କିନ୍ତୁ ଶୋଇବାକୁ ଦେଲାନି । ରହିରହି ମନେପଡିଲା ଦୁଇଦିନ ତଳର ସେଇ ମାଛଧରା ଘଟଣାଟି ।

କିଛି ସମୟ ପାଇଁ ବର୍ଷା କମିଥିଲା ସେଦିନ । ଘର ପାଖ ସାନ ମନୋହର ପୋଖରୀଟି ପାଣିରେ ଟଳମଳ । କଳକଳ ପାଣି ଉଛୁଳି ପଶୁଛି ଆଖପାଖ ବିଲରେ । ସେ ପାଣିରେ ପହଁରି ଆସୁଛନ୍ତି ସାନ ସାନ ମାଗୁର, ମିରିକାଳି ଓ ପୋହଳା । ପୋଖରୀ ଭିତରେ ମନ୍ଦା ମନ୍ଦା ମାଛ । କେଜାଣି କାହିଁକି ଜୀବନରେ ପ୍ରଥମଥର ପାଇଁ ମାଛ ଧରିବାକୁ ମନ ହେଲା କୁଞ୍ଜବିହାରୀଙ୍କର । ଘରୁ ବଡ଼ଭାଇ ମଧୁସୂଦନଙ୍କର ବନ୍‌ଶୀ କଣ୍ଟାଟି ନେଇ ଚାରା ଲଗାଇ



Digitized by srujanika@gmail.com

ଅଳ୍ପ ସମୟ ଭିତରେ ମଧ୍ୟମ ଆକାରରେ ମାଛଟିଏ ଧରିପକାଇଲେ ମଧ୍ୟ । ମାଛଟି ହାତରେ ଧରି ଘରକୁ ଫେରିଆସିଲେ କୁଞ୍ଜବିହାରୀ । ମା' ବେସରବଟା ଦେଇ ଝୋଳ କରି ବାଢ଼ିଦେଲେ ବାମ୍ଫଉଠା ତତଲ ଭାତ ସାଥିରେ ।

ମାଛଟି ଖାଇ ସାରିଲା ପରେ କିନ୍ତୁ ଭୟଙ୍କର ଅସ୍ୱସ୍ତି ହେଲା କୁଞ୍ଜବିହାରୀଙ୍କର । ଉଭୟ ଦେହରେ ଓ ମନରେ । ମନେ ପଡ଼ିଲା - କି ସୁନ୍ଦର ଲାଞ୍ଜହଲେଇ ଜଳପରୀ ପରି ଖେଳି ବୁଲୁଥିଲା ମାଛଟି । ରୂପେଲି କାତି, ଗୋଲଗୋଲ ଗୋଳାପି ଆଖି । ଜୀବନ୍ତ ମାଛଟିକୁ ମାରି ଶେଷ ପର୍ଯ୍ୟନ୍ତ ଖାଇଦେଲେ ସିଏ ? ପୃଥିବୀର ଗୋଟିଏ ନିରୀହ ଜୀବକୁ ବିନା ଦୋଷରେ ବଧ କରିଦେଲେ ? କିଛି ତ ତାଙ୍କର ଅପକାର କରିନଥିଲା ସିଏ ।

ଅତନ୍ଦ୍ର ଅବସ୍ଥାରେ ବିଛଣାରେ ପଡ଼ିପଡ଼ି ଆଜି ବି ମନେପଡ଼ିଲା ମାଛଟିର କଥା, ପ୍ରଚଣ୍ଡ ଅନୁତାପ ମନରେ । କେମିତି ଏ କୁତକର୍ମର ପ୍ରାୟଶ୍ଚିତ୍ତ କରିବେ ସିଏ ? କେମିତି ? ଅଚାନକ ଆମିଷ ବର୍ଜନ କରିବା ସଂକଳ୍ପଟି ମନକୁ ଆସିଗଲା ତାଙ୍କର । ପ୍ରତିଜ୍ଞା କଲେ ଜୀବନରେ ଆଉ କେବେ ବି ମାଛ କିମ୍ବା ମାଂସ ସ୍ପର୍ଶ କରିବେନି । ଜୀବହତ୍ୟା ମହାପାପ । ସେ ପାପର ଭାଗୀଦାର ଆଉ ସିଏ ନ ହୁଅନ୍ତି । ନିଷ୍ପତ୍ତିଟି ନେଇ ସାରିଲା ପରେ ମନ ଅନେକଟା ହାଲୁକା ହେଇଗଲା । କିଛି ମାତ୍ରାରେ ଉପଶମ ହୋଇଗଲା ଛାତି ଭିତରେ ଜଳୁଥିବା ଦିକିଦିକି ପଶ୍ଚାତ୍ତାପର ଅଗ୍ନି । ଶାନ୍ତିରେ ଆଖି ବୁଜିଲେ କୁଞ୍ଜବିହାରୀ । ବିଶ୍ରାମ ଜରୁରୀ, ରାତି ପାହିଲେ ସ୍କୁଲ୍ ଫେରିବାକୁ ହେବ ।

ପରଦିନ ବିଦ୍ୟାଳୟ ଲେଉଟି ଆସିଲେ କୁଞ୍ଜବିହାରୀ । ପଛରେ ତାଙ୍କ ଝୁଲାମୁଣିଟି ଧରି ମହାଦେବଙ୍କର ପୁରୁଖା ଶଗଡ଼ିଆ ଆନନ୍ଦ ।

ଗହୀର ବାଟରେ ଚାଲିଚାଲି ଚାରିଘଣ୍ଟାର ବାଟ । ବର୍ଷାଯୋଗୁ ହିଡ ଖସଡା । ଗହୀର ସରିଲେ ସାରିବନ୍ଧ ରକୁ ତାଳଗଛର ବଣ । ପାଖରେ ନଣ୍ଡା ମୁଣ୍ଡିଆଟିଏ । ମୁଣ୍ଡିଆ ଉପରେ ସାନ ଦେବାଳୟଟିଏ । ତାଳବଣ ପହଞ୍ଚିଗଲେ ସେ ଜାଣନ୍ତି ବିଦ୍ୟାଳୟ ପାଖ ହେଇଗଲା ।

ପାଦ ଚିପିଚିପି ବହୁ କଷ୍ଟରେ ବାଟ ଚାଲିବାକୁ ପଡୁଥିଲା । ମନ କିନ୍ତୁ ବେଶ୍ ପ୍ରଫୁଲ୍ଲ ଥିଲା କିଶୋର କୁଞ୍ଜବିହାରୀଙ୍କର । ହିଡ଼ ଦୁଇପଟେ ଶୁଆପକ୍ଷିଆ ଧାନ ଗଛ । ମୃଦୁ ପବନରେ ଢ଼େଉ ଖେଳୁଛି ସେ ଧାନ କିଆରୀରେ । ବିଲ ମଝିରେ କୁମ୍ଭାଟୁଆ ଓ ଲମ୍ବଗୋଡ଼ିଆ କାଣ୍ଡିବଗଙ୍କର ଭିଡ଼ । ଆକାଶରେ ନରମ ସୂର୍ଯ୍ୟ ଲୁଚକାଳି ଖେଳୁଛି ଥାକଥାକ ବାଦଲ ସହିତ ।

କେଜାଣି କାହିଁକି ପ୍ରକୃତିର ଲାବଣ୍ୟ ବଡ ବେଶୀ ଟାଣେ କୁଞ୍ଜବିହାରୀଙ୍କୁ । ପନ୍ଦର ବର୍ଷରେ ସଦ୍ୟ ପଦାର୍ପଣ କରିଥିବା କୁଞ୍ଜବିହାରୀ ଏମିତିରେ ମିତବାକ୍ । ଦରକାରଠାରୁ



Digitized by srujanika@gmail.com

ବେଶୀ କଥା କହନ୍ତି ନାହିଁ । ବନ୍ଧୁମାନଙ୍କର ସଂଖ୍ୟା କମ୍ । ମଉଜମସ୍ତି କରିବା ସ୍ୱଭାବ ବିରୁଦ୍ଧ । ସ୍କୁଲରେ ପଢ଼ିଲାବେଳେ ଏକମାତ୍ର ଆକର୍ଷଣ ଥିଲା ମହାନଦୀ । ସ୍କୁଲଟି ନଦୀକୂଳରେ । ଅନେକ ସମୟରେ ନଦୀତଟରେ ଯାଇ ଭ୍ରମଣ କରନ୍ତି । ବୁଡ ପକାଇ ସ୍ନାନ କରନ୍ତି ମହାନଦୀର ଶୀତଳ ପରିଚ୍ଛନ୍ନ ଜଳସ୍ରୋତରେ କଦବା କେମିତି । ନାଉରିଆକୁ ଡାକି ହୁଲିଡଙ୍ଗାରେ ବସି ବୁଲି ଯାଆନ୍ତି ନଦୀ ଭିତରକୁ । କଳକଳ ହୋଇ ବହିଯାଏ ମହାନଦୀର ନୀଳ ଜଳବେଣୀ । ଉଲ୍ଲସିତ ହେଇ ଉଠନ୍ତି କୁଞ୍ଜବିହାରୀ ।

ପରିଚାରକ ଆନନ୍ଦ ସହିତ ବୋର୍ଡିଂରେ ଅନେକ ଡେରିରେ ପହଞ୍ଚିଲେ କୁଞ୍ଜବିହାରୀ । ସ୍କୁଲ୍‌କୁ ଯାଇ ଦେଖନ୍ତି ଚତୁର୍ଥ ପିରିୟଡ ଆରମ୍ଭ ହୋଇଯାଇଛି । ସେଦିନ ଅବଶ୍ୟ ସ୍କୁଲ୍ ଛୁଟି ହେଇଗଲା ପଞ୍ଚମ ପିରିୟଡ ପରେ । କଟକରୁ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଆସିଥିଲେ ବକ୍ତୃତା ଦେବା ପାଇଁ । ବକ୍ତୃତାଟି ଭାରି ଭଲ ଲାଗିଥିଲା କୁଞ୍ଜବିହାରୀଙ୍କୁ ।

ପାଠ ପଢ଼ିଲାବେଳେ ନିୟମିତ ଡାଇରୀ ଲେଖୁଥିଲେ କୁଞ୍ଜବିହାରୀ । ଇଂରାଜୀରେ, ମନରେ ଆସୁଥିବା ସାନସାନ ଘଟଣା ଲିପିବଦ୍ଧ କରି ରଖୁଥିଲେ କୁନି ଟିପା ଖାତାଟିରେ । ଆଶ୍ଚର୍ଯ୍ୟ କଥା - କୈଶୋର ଓ ତାରୁଣ୍ୟର ବୟଃସନ୍ଧିରେ ପହଞ୍ଚିଥିବା ଗୋଟିଏ ଛାତ୍ରର ଯେଉଁ ଧରଣର ଅପରିପକ୍ୱ, ସ୍ୱପ୍ନବିଳାସୀ ଓ କଳ୍ପନାପ୍ରବଣ ମନଟିଏ ସାଧାରଣତଃ ଦେଖିବାକୁ ମିଳେ ତା'ର ଲେଶମାତ୍ର ବି ଦେଖିବାକୁ ମିଳେନି କୁଞ୍ଜବିହାରୀଙ୍କଠାରେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ସଚ୍ଚରିତ୍ର, ସଂଯମୀ ଓ ନୀତିନିଷ୍ଠ ମଣିଷଟିର କୈଶୋର ବି ଥିଲା ସେଇଭଳି କଠୋର ନୀତିନିୟମରେ ବନ୍ଧା । ଚପଳତାର ବା ଦୁର୍ବଳତାର ପ୍ରଶ୍ନ ନଥିଲା ସେଠି । ଅନ୍ତତଃ ତାଙ୍କ ଡାଇରୀରେ କେତୋଟି ପୃଷ୍ଠା ତାହା କୁହେ ।

୧୬.୭.୨୬- ସ୍କୁଲ ପରେ ବଜାରରେ ଟିଫିନ୍ ଖାଇଲି । ତା'ପରେ ଡଙ୍ଗାରେ ଚଢ଼ି ମହାନଦୀରେ ଭ୍ରମଣ କଲି କିଛି ସମୟ । ରାତିରେ ପାଠ୍ୟପୁସ୍ତକ ସହିତ ଅନ୍ୟ ବହିଟିଏ - 'ଉତ୍କଳ ଲକ୍ଷ୍ମୀ' ପଢ଼ିଛି ।

୧୭.୦୭.୨୬- ଆଜି ବାପା ଆସିଥିଲେ । ମତେ ତିନି ଟଙ୍କା ଦେଇଗଲେ, ଆଠଣା ଧାର୍ କରି ନିତାଇ ନେଇଗଲା । ବାକି ଆଠଣା ମୁଁ ମେସ୍‌ରେ ଦେଇଛି । ବାପା ମା'ଙ୍କ ହାତ ତିଆରି ଜଳପାନ ଆଣିଥିଲେ । ମୋ ରୁମ୍‌ମେଟ୍ ସାଥିରେ ମିଶି ଖାଇଲି । ଷ୍ଟୋରିଜ୍ ଫ୍ରମ୍ ଫୋକ୍‌ଟେଲ୍‌ସ ଅଫ୍‌ବେଙ୍ଗଲ ବହିଟି ଅନେକ ରାତିଯାଏ ପଢିଛି ।

୨୮.୦୭.୨୬- ସ୍କୁଲ୍‌ରୁ ଫେରି ଲଣ୍ଠନ ସଫା କଲି । ଜଳଖିଆ ଖାଇ ଅନେକ ସମୟ ଖେଳିଛି ଆଜି । ଶରତସନ୍ଧ୍ୟା ଶୀର୍ଷକ କବିତାଟି ଲେଖିଲି ରାତିରେ ।

୦୯.୦୮.୨୬- ଆଜି ଫୁଟ୍‌ବଲ ଖେଳିଛି । ରାତିରେ ପାଠରେ ବେଶ୍ ମନ ଲାଗିଲା ।



Digitized by srujanika@gmail.com

୧୦.୦୮.୨୬- ଫୁଟ୍‌ବଲ ଖେଳିଲା ବେଳେ ଗୋଟିଏ ଜାକେଟ୍ ପିନ୍ଧିବା ଲାଗି ବଂଶୀଧର ବାବୁ ଆଜି ମତେ କହିଲେ ।

୧୧.୦୮.୨୬- ଆଜି ସନ୍ଧ୍ୟାରେ ଦରଜୀ କୈବଲ୍ୟଙ୍କୁ ଜାକେଟ୍ ପାଇଁ କନା କିଣିକି ଦେଇଛି । ସକାଳ ଚାରିଟା ପର୍ଯ୍ୟନ୍ତ ପଢ଼ିଛି ଆଜି ।

୧୨.୦୮.୨୬- ଆଜି ମତେ ଭାରି ଥଣ୍ଡା ସର୍ଦ୍ଦି । ଉପର ଓଳି ରୁଟି ଖାଇଛି । ରାତିରେ ଉପାସ ।

୧୩.୦୮.୨୬- ଆଜି ଭୋର୍ ଚାରିଟାଯାଏ ପଢ଼ିଛି ।

୧୪.୦୮.୨୬- ଆଜି ଯାଇ ମହାନଦୀରେ ବୁଡ଼ ପକାଇ ମନଭରି ସ୍ନାନ କରିଛି ଗଲା ତିନିଦିନ ଅପେକ୍ଷା ଦେହ ଟିକିଏ ଭଲ ଲାଗୁଛି । ସାତଟାରୁ ନଅଟା ବେଶ୍ ମନ ଲଗାଇ ପଢିଛି । ଆଜି ମେସ୍ ଆକାଉଣ୍ଟରୁ ଟଙ୍କାଟିଏ କମ୍ ପଡୁଛି ବୋଲି ନିତାଇ କହିଲା । ମୁଁ କହିଲି 'କୁଆଡେ ଆଉ ଯିବ ? ହୁଏତ ତୁମେଇ ନେଇଥିବ' । ଏହାପରେ ନିତାଇ ମତେ ବହୁତ ଗାଳି ଦେଲା । ଅଯଥା କଥା କହିବାର ଉଚିତ ଶିକ୍ଷା ପାଇଲି ମୁଁ । ଏଇ ଘଟଣାଟିରୁ ମନ ଖରାପ ହେଇଗଲା ।

୨୦.୦୮.୨୬- ଆଜି ଅପରାହ୍ନରେ ନଈକୂଳକୁ ଯାଇ ଭ୍ରମଣ କଲି । କେତେ କଥା ଯେ ମନକୁ ଆସିଲା । ନଦୀକୂଳରେ ସାନ୍ଧ୍ୟଭ୍ରମଣ କରି ମନ ଏକ୍‌ଦମ୍ ଖୁସି ହେଇଗଲା । ରାତିରେ ଗପ ବହିଟିଏ ପଢ଼ିଛି ।

୨୧.୦୮.୨୬- ଆଜି ଫୁଟବଲ ଖେଳିଛି । ଦେହ ଭଲ ଲାଗୁନି । ରାତିରେ 'ଇନ୍ଦୁମତୀ' ପଢ଼ିଲି ।

୨୨.୦୮.୨୬- ଆଜି ସନ୍ଧ୍ୟାରେ ଟିଫିନ୍ ଖାଇସାରିଲା ପରେ ଫୁଟ୍‌ବଲ ଖେଳିଛି ।

୨୩.୦୮.୨୬- ଆଜି ଧୋବା ମୋ ଲୁଗା ଆଣିଦେଲା ସକାଳୁ ସକାଳୁ । ସ୍କୁଲରୁ ଫେରି ସଂସ୍କୃତ ଟ୍ରାନ୍ସଲେଶନ୍ କଲି । ଫୁଟ୍‌ବଲ ଖେଳିଲାବେଳେ ଦେଖିଲି ଗୋବିନ୍ଦ ନନା ଆସୁଛନ୍ତି । ମୁଁ ଭାବିଲି 'କାଳିଦାସ ସନ୍ଦର୍ଭ' ବହିଟି ହଜିଗଲା ବୋଲି । ପ୍ରକୃତରେ ତାକୁ ପୀତାମ୍ବର ନେଇଥିଲା ।

କୁଞ୍ଜବିହାରୀ ଫୁଟବଲ ଖେଳୁଥିଲେ । କବିତା ଲେଖୁଥିଲେ ଓ ମହାନଦୀକୂଳରେ ସାନ୍ଧ୍ୟଭ୍ରମଣ କରୁଥିଲେ । ଏଇ ତିନୋଟି ସଉକ୍ ବିନା ଚତୁର୍ଥ ସଉକ ଥିଲା ପାଠପଢ଼ା । ପାଠ୍ୟପୁସ୍ତକ ସହିତ ଅନ୍ୟାନ୍ୟ ପୁସ୍ତକ ପଢ଼ିବାରେ ମଧ୍ୟ ରୁଚି ରଖିଥିଲେ । ଟଡ୍‌ଙ୍କ ଲିଖିତ 'ଷ୍ଟୁଡେଣ୍ଟ ମାନୁଆଲ' ପୁସ୍ତକଟି ଅତ୍ୟନ୍ତ ପ୍ରଭାବିତ କରିଥିଲା ତାଙ୍କୁ । ଯେଉଁଦିନ ସେ ବହିଟି ପଢ଼ିଲେ, ନିଜ ଜୀବନରେ କେତେଗୁଡିଏ ନିୟମ ପାଳିବାର ଅଙ୍ଗୀକାର କରିପକାଇଥିଲେ । ଅଧ ରାତିରେ ଲଣ୍ଠନ ଜାଳି ଲେଖିବସିଲେ ଡାଇରୀ ।



Digitized by srujanika@gmail.com

୧୫.୦୮.୨୬- ଆଜି ବେଶ୍ ବର୍ଷା । ସାରା ସକାଳ ମନ ପ୍ରଫୁଲ୍ଲ ଅଛି । ସାରା ଦିନ ଧରି ପାଠ ପଢ଼ିଛି । ଆଜି ଅଧଲାକର ଚୂଡ଼ା କିଣି ଖାଇଥିଲି । ଏତେ ପରିମାଣରେଚୂଡ଼ା କାହିଁକି ଖାଇଲି ବୋଲି ପରେ ମନ ବିବ୍ରତ ହେଲା । ନିତାଇକୁ ଖୁସି କରିବା ପାଇଁ ଅନେକ ସମୟରେ ମୁଁ ତାକୁ ମିଛ ପ୍ରଶଂସା କରିଥାଏ । ସେଇଟା କିନ୍ତୁ ଠିକ୍ ନୁହେଁ । ଆଉ କେବେ କାହାକୁ ଚାଟୁବାକ୍ୟ କହିବିନି । ଚାକର ଦୀନାକୁ ଆଜି ପୀତାମ୍ବର ଓ ମୁଁ ବାଧ୍ୟ କରିଥିଲୁ ଆମକୁ ଟିକିଏ ବେଶି କରି ଛେନା ଦେବା ପାଇଁ । ଏଇ କାମଟି ପାଇଁ ମୁଁ ପଛରେ ବହୁତ ଅନୁତାପ କରିଛି । ଏଭଳି କାମ ଆଉ କେବେବି କରିବିନି ।

ଆଜି ଟଡ୍‌ଙ୍କ ରଚିତ 'ଷ୍ଟୁଡେଣ୍ଟ ମାନୁଆଲ' ପଢ଼ି ବହୁତ ଭଲ ଲାଗିଲା । ବହିଟିର ଗୋଟିଏ ପରିଚ୍ଛେଦ ବନ୍ଧୁତ୍ୱ ଉପରେ ଲେଖା । ସେ ପରିଚ୍ଛେଦଟି ପଢ଼ି ଠିକ୍ କରିଛି- ବନ୍ଧୁମାନଙ୍କ ସହିତ ମିଷ୍ଟ ଓ ଭଦ୍ର ବ୍ୟବହାର କରିବି । ଗଲା କେଇଦିନ ଭିତରେ ଆଜି ଦିନଟି ମୋର ଭାରି ଭଲ ଦିନ । ମନ ବେଜାୟ ଖୁସି । ମୁଁ ଠିକ୍ କରିଛି ଏଣିକି ଅଯଥା ଖର୍ଚ୍ଚ କରିବିନି ଏବଂ ଅଳ୍ପ କଥା କହିବି ।

୧୬.୦୮.୨୬-ସାରା ସକାଳ ମନ ପ୍ରସନ୍ନ । ଆଜି ସ୍କୁଲ୍ ବନ୍ଦ । ଭାବିଥିଲି ସାରାଦିନ ପଢ଼ିବି । କିନ୍ତୁ ଭଲ କରି ପଢ଼ିହେଲାନି । ଆଜି ବହୁତ ସମୟ ଧରି ଭାବିଛି ରାତିରେ ରୁଟି ଖାଇବି ନା ଭାତ । କିଛି ଠିକ୍ କରିପାରିଲିନି । ଶେଷକୁ ଦେଖିଲି, ଭାତ ଖାଇଲେ ସୁବିଧା । ରାତିରେ ବୋର୍ଡିଂରେ ହେଉ ବା ଗାଁରେ ହେଉ, ଏକଲା ମୋ ପାଇଁ କିଛି ବନାଇବା ମାନେ ଜଣକୁ ଅସୁବିଧାରେ ପକାଇବା । ମୋ ଜଳଖିଆରେ ଏଣିକି କମ୍ ପଇସା ଖର୍ଚ୍ଚ କରିବି ବୋଲି ଠିକ୍ କରିଛି । ତେବେ ଭାବୁଛି କ୍ଷୀର ବନ୍ଦ କରିବିନି । ଅନ୍ତତଃ କ୍ଷୀରଟା ନିଇତି ପିଇବି ।

ଆଜି ଭରତ ମତେ ପଇସା ମାଗିଲା । ମୋ ପାଖରେ ବେଶି ପଇସା ନଥିବାରୁ ମୁଁ ତାକୁ ଦେଇପାରିଲିନି । ଏଥିପାଇଁ କିନ୍ତୁ ପରେ ମୋର ବହୁତ ମନସ୍ତାପ ହେଲା । ଅବଶ୍ୟ ମନକୁ ବୁଝେଇଲି- ନିଜର ଜରୁରୀ ଖର୍ଚ୍ଚ ପାଇଁତ କିଛି ବଳକା ପଇସା ରଖିବାକୁ ହେବ । ସମସ୍ତଙ୍କୁ ଏମିତି ଦାନ କରିଚାଲିଲେ ପଛରେ ଯେ ମୁଁ ନିଜେ ହଇରାଣ ହୋଇଯିବି ।

୧୭.୦୮.୨୬- ସାରା ସକାଳ ମୋ ମାନସିକ ଶକ୍ତି ବହୁତ ବଢ଼ିଯାଇଥିବାର ଅନୁଭବ କଲି । ଆଜି ଦିନସାରା ମୁଁ ଅଳ୍ପ ଭୋଜନ କରିଛି । ରାତିରେ ଅବଶ୍ୟ ଭାତ ଖାଇଛି ।

୧୮.୦୮.୨୬- ଆଜି ସ୍କୁଲର ଖେଳଛୁଟିବେଳେ ରୋଷେୟା ମୁରାରୀଠାରୁ ଦୁଇ ପଇସାର ମହନଭୋଗ କିଣି ଖାଇଛି । ଖାଇଲା ପରେ କିନ୍ତୁ ମୋ ବିବେକ ମତେ ଦଂଶନ



Digitized by srujanika@gmail.com

କଲା । ମଝିରେ ଏଭଳି କିଛି କିଣି ଆଉ ଖାଇବିନି । ଆଜି ସାରାଦିନ ଧରି ଭାବିଛି- କ୍ଷୀର ପିଇବି ନା ନାହିଁ । ଆଜି କ୍ଷୀର ରଖିନି ।

୧୯.୦୮.୨୬- ବର୍ଷା ଯୋଗୁ ଚତୁର୍ଦ୍ଦିଗ ଜଳମଗ୍ନ । ଆଜି ତେଣୁ ସ୍କୁଲ ବନ୍ଦ । ଆଜି ଟଡ୍‌ଙ୍କ 'ଷ୍ଟୁଡେଣ୍ଟ ମାନୁଆଲ୍' ରୁ ଖାଦ୍ୟପେୟ ସମ୍ପର୍କୀୟ ପରିଚ୍ଛେଦଟି ପଢ଼ିଲି । ଲେଖାଟି ପଢ଼ି ଠିକ୍ କଲି ପେଟ ଭର୍ତ୍ତି କରି କେବେ ବି ଖାଇବିନି । ଖାଦ୍ୟପ୍ରତି ଲୋଭ କରିବିନି ଓ ମଝିରେ ମଝିରେ ଉପବାସ କରିବି । ଜଳଖିଆ ପିଛା ସାରା ଦିନରେ ଦୁଇପଇସାରୁ ବେଶି ଖର୍ଚ୍ଚ କରିବିନି । ଧୀରେଧୀରେ ଚୋବାଇ ଖାଦ୍ୟ ଖାଇବି ଓ ତେଲ ମସଲାବିହୀନ ଖାଦ୍ୟ ଖାଇବି । ଏଭଳି ଖାଦ୍ୟ ଖାଇଲେ ଦେହ ସହିତ ମନ ମଧ୍ୟ ସୁସ୍ଥ ରହିବ । କୌଣସି ଆକର୍ଷଣୀୟ ସ୍ଥାନକୁ ଯିବିନାହିଁ ବୋଲି ଆଜିଠାରୁ ପ୍ରତିଜ୍ଞା କଲି ।

ଆଜି ଗୋଧୂଳି ସମୟରେ ବେଗବତୀ ମହାନଦୀ କୂଳକୁ ବୁଲିବାକୁ ଯାଉଥିଲି । କି ମନମୁଗ୍ଧକର ଦୃଶ୍ୟ । ଦୁଇ ତଟର ଉପକୂଳ ଛୁଇଁଛୁଇଁ ପ୍ରବଳ ବେଗରେ ଛୁଟି ଚାଲିଛି ମହାନଦୀର କ୍ଷିପ୍ର ଜଳବେଣୀ ।

କୁଞ୍ଜବିହାରୀ ବଡ ହୋଇ କି ଧରଣର ମଣିଷ ହେବେ ତା'ର ସୂଚନା ଏଇ କେଇ ପୃଷ୍ଠା ଡାଇରୀକୁ ସହଜରେ ବୁଝାପଡେ । ମଣିଷ ଡାଇରୀ ଲେଖେ ନିଜ ମନର ଏକାନ୍ତ ଗୋପନୀୟ ତଥା ଅନ୍ତରଙ୍ଗ କଥାସବୁକୁ ନେଇ । କୁଞ୍ଜବିହାରୀ ମଧ୍ୟ ଲେଖିଛନ୍ତି ତାଙ୍କ ଅନ୍ତରର କଥା । କିନ୍ତୁ ସେ ଅନ୍ତରର କଥା ସବୁ କି ଶୁଚିଶୁଭ୍ର ! କି ପବିତ୍ର !

ପନ୍ଦର ବର୍ଷର କିଶୋରଟି ପୁଟବଲ୍ ଖେଳିଛି । ମହାନଦୀ କୂଳରେ ପ୍ରାକୃତିକ ପରିବେଶରେ ଅପାର ଶାନ୍ତିଲାଭ କରିଛି ଏବଂ ସତ୍ୟବ୍ରତ ତଥା ସଂଯମୀ ହୋଇ କଠୋର ନୀତିନିୟମର ଶୃଙ୍ଖଳା ଭିତରେ ଜୀବନଯାପନ କରିବାର ଅଙ୍ଗୀକାର ନେଇ ନେଇଛି । ପୃଥିବୀର ସବୁ କିଛି ଆକର୍ଷଣ ହୋଇ ଉଠିଛି ତା' ପାଇଁ ମୂଲ୍ୟହୀନ । ସାନ ପିଲାଟିଏ, କିନ୍ତୁ କଥା ସବୁ କହିଛି ବଡବଡ ମୁନିଋଷିଙ୍କ ପରି । ସରଳ, ସତ୍ ଓ ସାଧୁ ଜୀବନଯାତ୍ରାକୁ ଆପଣେଇ ନେଇଛି ପିଲାଦିନୁ । ଠିକ୍ କରିଛି- ବ୍ୟବହାରରେ ହେବ ଭଦ୍ର ଓ ସଂଯତ ଏବଂ ସ୍ୱଭାବରେ ହେବ ବିନୀତ ଏବଂ ସଦାଚାରୀ । ବଡ ହେଲା ପରେ, କୁଞ୍ଜବିହାରୀଙ୍କଠାରେ ଯେଉଁ ଅନୁପମ ଚରିତ୍ର ମାଧୁର୍ଯ୍ୟ ତଥା ସ୍ନିଗ୍ଧ ନିରଭିମାନ ବ୍ୟକ୍ତିତ୍ୱ ଦେଖିବାକୁ ମିଳେ, ତାହା ସ୍ୱାଭାବିକ ଭାବରେ ବିକଶିତ ହୋଇଛି ତାଙ୍କର କିଶୋରାବସ୍ଥାରେ ।

●●●



Digitized by srujanika@gmail.com

## ॥ ୧୦ ॥

ସିଟ୍ ମିଳିଗଲା ରେଭେନ୍ସା କଲେଜ୍‌ରେ । ରହଣି ଇଷ୍ଟ ହଷ୍ଟେଲ । ଆଇ.ଏ ଶ୍ରେଣୀରେ ନାଁ ଲେଖାଇଲେ କୁଞ୍ଜବିହାରୀ । ବିଷୟ ଥିଲା ଇତିହାସ, ତର୍କଶାସ୍ତ୍ର ଓ ସଂସ୍କୃତ ।

ଗାଁ ଥିଲା ବେଶ୍ ଦୂର- ବସ୍ ଯାତାୟତର ସୁବିଧା ବାଙ୍କିରୁ କଟକକୁ ନଥିଲା । ଛାତ୍ରମାନେ କଟକ ଆସୁଥିଲେ ଚାଲିଚାଲି । ମହାଦେବ କିନ୍ତୁ ଶଗଡଗାଡିରେ ପୁତ୍ରକୁ ପଠାଉଥିଲେ ଖୋର୍ଦ୍ଧା ପର୍ଯ୍ୟନ୍ତ- ତା'ପରେ ନାଲି କଚା ରାସ୍ତାରେ ଅଳ୍ପସମୟର ବସ୍‌ଯାତ୍ରା ।

ପୂର୍ବଛାତ୍ରାବାସର ସୁପରିଟେନ୍‌ଡେଣ୍ଟ ଥିଲେ ରାୟବାହାଦୂର ଆର୍ତ୍ତବଲ୍ଲଭ ମହାନ୍ତି । ଛାତ୍ରସଂଖ୍ୟା ସୀମିତ । ଅଧ୍ୟାପକମାନେ ପ୍ରତ୍ୟେକଟି ଛାତ୍ରକୁ ଚିହ୍ନୁଥିଲେ । ଖବର ନେଉଥିଲେ ସେମାନଙ୍କର ଭଲ ମନ୍ଦର ।

ଆର୍ତ୍ତବଲ୍ଲଭଙ୍କ ପରିଚାଳିତ ପ୍ରାଚୀ ସମିତି ସେତେବେଳେ ସାହିତ୍ୟ ଦରବାରରେ ଏକ ଜଣାଶୁଣା ନାଁ । ତାଙ୍କ ନେତୃତ୍ୱରେ ପ୍ରାଚୀନ ପୋଥିରୁ ଗ୍ରନ୍ଥ ସଂପାଦନା, ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡିଆ ସାହିତ୍ୟର ଆଲୋଚନା ତଥା ପ୍ରାଚୀ ନାମକ ଇଂରାଜୀ ପତ୍ରିକାର ପ୍ରକାଶନ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିଲା । କୁଞ୍ଜବିହାରୀଙ୍କୁ ପ୍ରାଚୀ ସମିତିର ଅନେକ ଦାୟିତ୍ୱ ଦେଇଥିଲେ ଆର୍ତ୍ତବଲ୍ଲଭ । କାଠଯୋଡି ନଦୀ କୂଳବର୍ତ୍ତୀ ପ୍ରାଚୀ ପ୍ରେସ୍‌କୁ ଯାଇ ସହକର୍ମୀମାନଙ୍କର କାମ ତଦାରଖ କରୁଥିଲେ କୁଞ୍ଜବିହାରୀ । ବିଭିନ୍ନ ତାଳପତ୍ର ପୋଥିର ପାଠୋଦ୍ଧାର କରି ତାହାର ଶୁଦ୍ଧ ସଂସ୍କରଣ କରିବା ତଥା ଟୀକା ଓ ମୁଖବନ୍ଧ ଲେଖିବାରେ ଅନ୍ୟାନ୍ୟ ଛାତ୍ର ଏବଂ ସତୀର୍ଥମାନଙ୍କୁ ସାହାଯ୍ୟ କରୁଥିଲେ । ଭାଷା ସାହିତ୍ୟ ଗବେଷଣା ପାଇଁ ପ୍ରାଚୀ ସମିତି ଥିଲା ଏକ ଉପଯୁକ୍ତ କ୍ଷେତ୍ର ।

ବିଜୟଚନ୍ଦ୍ର ମଜୁମ୍‌ଦାର୍ ଓ ବିଶ୍ୱନାଥ କର ଆଦି ତତ୍କାଳୀନ ବ୍ରାହ୍ମଧର୍ମୀ ଲେଖକମାନେ ଉପେନ୍ଦ୍ରଭଞ୍ଜ ପ୍ରମୁଖ ରୀତିଯୁଗର କବିମାନଙ୍କ ରଚନାରେ ଅଶ୍ଳୀଳତା, କ୍ଳିଷ୍ଟତା ତଥା ଶବ୍ଦକାଠିଣ୍ୟ ଆଦି ଦୋଷ ଦର୍ଶାଇଥିବାବେଳେ ପ୍ରାଚୀ ସମିତି ଏ ସମସ୍ତ ଦୋଷ ଖଣ୍ଡନ କରି ପ୍ରାଚୀନ ଓଡିଆ କାବ୍ୟ କବିତା ସମ୍ପର୍କରେ ଅଧିକତର ଆଲୋକପାତ କରୁଥିଲେ । ପରିବେଶଟି ଥିଲା ସମ୍ପୂର୍ଣ୍ଣରୂପେ ଗବେଷଣା ଉପଯୋଗୀ ଏବଂ ଗବେଷଣା କରିବାର ବୁନିୟାଦ୍ ପ୍ରଥମକରି ଆର୍ତ୍ତବଲ୍ଲଭ ହିଁ ପକାଇଥିଲେ କୁଞ୍ଜବିହାରୀଙ୍କ ମନରେ । ଗମ୍ଭୀର ପ୍ରକୃତିର କର୍ମଠ ଯୁବକଟି କାଳକ୍ରମେ ଆର୍ତ୍ତବଲ୍ଲଭଙ୍କର ପ୍ରିୟ ଛାତ୍ରଙ୍କ ଭିତରେ ଅନ୍ୟତମ ହିସାବରେ ପରିଗଣିତ



Digitized by srujanika@gmail.com

ହୋଇଥିଲେ । ତର୍କଶାସ୍ତ୍ରର ଅଧ୍ୟାପକ ଶ୍ରୀ ରତ୍ନାକର ପତି ଏବଂ ଇତିହାସର ଅଧ୍ୟାପକ ଶ୍ରୀ ନିର୍ମଳଚନ୍ଦ୍ର ବାନାର୍ଜୀଙ୍କର ଥିଲେ ମଧ୍ୟ ଅତ୍ୟଧିକ ପ୍ରିୟ ଛାତ୍ର ଥିଲେ କୁଞ୍ଜବିହାରୀ । କୁଞ୍ଜବିହାରୀ ଥିଲେ ଜ୍ଞାନପିପାସୁ, ଜ୍ଞାନ ଆହରଣର ଅପୂର୍ବ ସୁଯୋଗ ତାଙ୍କୁ ମିଳିଥିଲା ରେଭେନ୍ସା କଲେଜରେ । ମିଳିଥିଲା ଅନୁସରଣ କରି ଯିବା ପାଇଁ ଏକ ନବ ଦିଗନ୍ତର ସୂଚନା ।

ମହାଦେବଙ୍କର ମଝିରେ ମଝିରେ କଟକ ସହରରେ କାମ ପଡୁଥିଲା । ପ୍ରଚୁର ଭୂସଂପତ୍ତି, ମାଲି ମକଦ୍ଦମାର କାମ ଲାଗି ରହିଥିଲା ବର୍ଷସାରା । ସାଥିରେ ଚୂଡା, ଉଖୁଡା, ଗୁଡ, ହୁଡୁମ୍ବ ଇତ୍ୟାଦି ଧରି ଶଗଡରେ ବସି କଟକ ଆସୁଥିଲେ । ରାସ୍ତାକଡରେ ସୁନୀଳ ସରସୀ ବା ଶୀତଳ କୂପମୂଳ ଦେଖି ବିଶ୍ରାମ । ଆଣିଥିବା କଂସାଟିରେ ଚୂଡା ଚକଟି ଖାଇ ପୁନର୍ବାର ଯାତ୍ରା । ଯେତେବେଳେ ବି ଆସୁଥିଲେ ଦେଖିଯାଉଥିଲେ ପୁତ୍ରକୁ । ସାକ୍ଷାତ୍ କରିଯାଉଥିଲେ ପୁତ୍ରର ହଷ୍ଟେଲ୍‌ର ଦାୟିତ୍ୱରେ ଥିବା ଆର୍ତ୍ତବଲ୍ଲଭଙ୍କ ସହିତ । କାଳକ୍ରମେ ଏକ ପାରିବାରିକ ମଧୁର ସଂପର୍କ ଗଢ଼ି ଉଠିଥିଲା ମହାଦେବ ଓ ଆର୍ତ୍ତବଲ୍ଲଭଙ୍କ ମଧ୍ୟରେ ।

କିଛିଦିନ କଟକରେ ରହି ଏବଂ ଓକିଲଙ୍କ ପରାମର୍ଶ ନେଇ, ପୁନର୍ବାର ଚୂଡାଚକଟା ଖାଇ ଶଗଡ ଗାଡିରେ ବସି ଗାଁ'କୁ ଫେରିଯାଉଥିଲେ ମହାଦେବ । ମହାଦେବ ଥିଲେ ଖାଦ୍ୟ ରସିକ, କିନ୍ତୁ ମିତବ୍ୟୟୀ । ଦରକାର ଠାରୁ ଅଧିକ ଟଙ୍କା ଖର୍ଚ୍ଚ କରୁନଥିଲେ । ତାଙ୍କର ପ୍ରିୟ ବ୍ୟଞ୍ଜନ ଥିଲା ଚେକି ଚେକି ହୋଇ କଟା ଘିଅଭଜା ବାଇଗଣ । କିନ୍ତୁ ଦୁଇଖଣ୍ଡିରୁ ତିନିଖଣ୍ଡ ବାଇଗଣ ଭଜା ଦେଲେ ଅସନ୍ତୁଷ୍ଟ ହେଉଥିଲେ- ଏଭଳି ଖର୍ଚ୍ଚ କଲେ ତମେ ଘର ସଂସାର କରିବ କେମିତି ? ସବୁ ପଇସା ତ ବଦ୍‌ଖର୍ଚ୍ଚରେ ଉଡେଇଦେବ, ତାଙ୍କର ସ୍ୱଭାବସୁଲଭ ନିମ୍ନସ୍ୱରରେ ତିଆରୁଥିଲେ ଘରର ସଦସ୍ୟମାନଙ୍କୁ । ବସ୍ତୁତଃ ତାଙ୍କ ଘରେ ସମସ୍ତ ବ୍ୟଞ୍ଜନ ଘିଅରେ ହିଁ ତିଆରି ହେଉଥିଲା । ଗୁହାଳଭର୍ତ୍ତି ଗାଈ ବାଛୁରୀ । ଘରମରା ଗୁଆଘିଅ ଠେକି ଉପୁଚି ବୋହି ପଡୁଥିଲା ତଳକୁ ।

ବାଙ୍କି ହାଇସ୍କୁଲ୍‌ରେ ପଢିବା ସମୟରେ ପ୍ରାୟତଃ ଉଦରାମୟ ବେମାରିରେ ପୀଡ଼ିତ ହେଉଥିଲେ କୁଞ୍ଜବିହାରୀ । ଘରର ଶୁଦ୍ଧ ଏବଂ ଅବିମିଶ୍ରିତ ଖାଦ୍ୟପେୟ ତୁଳନାରେ ହଷ୍ଟେଲ୍ ତଥା ବାଙ୍କି ବଜାରର ଖାଦ୍ୟ ଓ ଜଳପାନ ମନେ ହେଉଥିଲା ସ୍ୱାଦହୀନ ଏବଂ ଅସ୍ୱାସ୍ଥ୍ୟକର । କଟକ ଆସିଲାବେଳେ ତେଣୁ ମହାଦେବ ସୀତାଙ୍କ ହାତ ତିଆରି କିଛି ଜଳପାନ ସଦାସର୍ବଦା ନେଇ ଆସୁଥିଲେ କୁଞ୍ଜବିହାରୀଙ୍କ ପାଇଁ ।

କଲେଜରୁ ଫେରି ମାଆଙ୍କ ପଠାଇଥିବା ରାଶି ଖଜା ଓ ଆରିଷା ପିଠାର ସ୍ୱାଦ ନେଉଥିଲେ କୁଞ୍ଜବିହାରୀ । ବିଗତ କାଲି ମହାଦେବ ଆସି ପହଞ୍ଚିଛନ୍ତି ଗାଁ'ରୁ । ସାଥିରେ ନେଇ ଆସିଛନ୍ତି ନଡିଆପାଚି ମିଶା କେତୋଟି ମୁଢ଼ିମୁଆଁ ଏବଂ ଢ଼ିଙ୍କିକୁଟା ଘରତିଆରି ଚୂଡାର ପୁଟୁଳିଟିଏ । ପୁତ୍ର ବଜାରର କୌଣସି ଖାଦ୍ୟ ପସନ୍ଦ କରେନି ଜାଣନ୍ତି ମହାଦେବ ।



Digitized by srujanika@gmail.com

କଟକ ସହର ଗ୍ରାମଠାରୁ ଅନେକ ଦୂର । ପୁତ୍ରର ସଠିକ ଖାଦ୍ୟପେୟ ସମ୍ପର୍କରେ ମହାଦେବ ବେଶ୍ ବିବ୍ରତ ।

-ଏଠାରେ ଖିଆପିଆ ସବୁ ଠିକ୍ ତ ? ମେସ୍ ଖର୍ଚ୍ଚ କେତେ ପଡୁଛି ? ମହାଦେବ ପଚାରିଲେ କୁଞ୍ଜବିହାରୀଙ୍କୁ ।

-ଖିଆପିଆ ଯଥେଷ୍ଟ ଭଲ । ଦୁଇଓଳି ଭାତ, ଡାଲି, ଖଟା, ଭଜା, ସନ୍ତୁଳା ଇତ୍ୟାଦି ଖାଇବାକୁ ଦେଉଛନ୍ତି, ମାସକୁ ଦେୟ ଦଶଟଙ୍କା । ସପ୍ତାହକୁ ଥରେ ମାଛ ଏବଂ ଥରେ ମାଂସ ମଧ୍ୟ ହୁଏ । ମୁଁ ତ ନିରାମିଷାଶୀ, ତେଣୁ ବଦଳରେ ମତେ ରସଗୋଲା ମିଳେ ।

ଶୁଣି ନିଶ୍ଚିନ୍ତ ହୋଇଥିଲେ ମହାଦେବ

- ଆଉ ଜଳଖିଆ ପତ୍ର କେମିତି ଖାଉଚ ? ପଚାରି ବସିଲେ ପୁତ୍ରକୁ

- ଜଳଖିଆ ଖାଇବାରେ କିଛି ଅସୁବିଧା ନାହିଁ, ପ୍ରତ୍ୟେକ ଛାତ୍ରାବାସରେ ଗୋଟିଏ ଲେଖାଏ ମିଷ୍ଟାନ୍ନଭଣ୍ଡାର ଅଛି । ଛାତ୍ରମାନେ ସେହିଠାରୁ କିଣି ଜଳପାନ କରନ୍ତି ।

ମହାଦେବ ଅଣ୍ଟାରେ ଖୋଷା ହୋଇଥିବା ଗାଞ୍ଜିଆରୁ ଏକଶତ ମୁଦ୍ରା କାଢ଼ି ପୁତ୍ର ହାତକୁ ବଢ଼େଇଦେଲେ । ଅନ୍ୟ ଦୁଇ ପୁତ୍ରଙ୍କୁ ଟଙ୍କା ଦେବାରେ କାର୍ପଣ୍ୟ କରୁଥିଲେ ସୁଦ୍ଧା ଏ ପୁତ୍ରଟି ପ୍ରତି ମହାଦେବ ଥିଲେ ଦୟାବାନ୍ । କାରଣ ଜାଣିଥିଲେ ଏ ପୁତ୍ରଟି ଗୋଟିଏ ବି ଟଙ୍କା ବନ୍ଦ୍‌ଖର୍ଚ୍ଚ କରିବନି । କୌଣସି ପ୍ରକାର ବଦଭ୍ୟାସ ବି ନାହିଁ ତା'ର । ତାଙ୍କର ଏ ପୁତ୍ରଟି ରୀତିମତ୍ ଏକ ସାରସ୍ୱତ ସନ୍ଥ ।

ପିତାଙ୍କ ଠାରୁ ମୁଦ୍ରାତକ ନେଇ ଟିଣ ସୁଟକେଶ୍‌ରେ ତାଲା ପକାଇ ରଖିଲେ କୁଞ୍ଜବିହାରୀ । ହଠାତ୍ ଯେମିତି କାନେକାନେ କିଏ କହିଗଲା- ପିତାଙ୍କର ପ୍ରିୟତମ ସ୍ୱପ୍ନ ତମେ । ଅନେକ ଆଶା ତାଙ୍କର ତୁମକୁ ନେଇ ।

ଛାତ୍ରାବସ୍ଥାରେ କୁଞ୍ଜବିହାରୀ ଥିଲେ ସ୍ୱଦେଶଭକ୍ତ । ପହରଣ ଥିଲା ଖଦଡ ଧୋତି ଓ କାମିଜ୍ । ପାଦରେ କଠାଉ । କଦବା କେମିତି ତାମ୍ବୁଳସେବନର ଅଭ୍ୟାସ ଥିଲା । ପଇସାକୁ ଚାରିଖଣ୍ଡିପାନ୍ । ମନ ପ୍ରଫୁଲ୍ଲ ଥିଲେ ତାମ୍ବୁଳ ଖଣ୍ଡିଏ ସେବନ କରି ସାଥୀପିଲାଙ୍କ ସହିତ ଚାଲିଚାଲି ମହାନଦୀକୂଳକୁ ଭ୍ରମଣରେ ଯାଉଥିଲେ । ବାଙ୍କିରେ କୈଶୋରାବସ୍ଥାରେ ପାଠ ପଢ଼ିଲାବେଳେ ମହାନଦୀର ନୀଳ ଜଳବେଣୀ ଅହରହ ହାତଠାରି ଡାକୁଥିଲା । ସେ ଡାକ ଏବେ ବି ଗୁମୁରୁଥିଲା ମନ ଭିତରେ । ଆଉ ବିନୋଦନ ଥିଲା ଫୁଟ୍‌ବଲ ଖେଳ । ହଷ୍ଟେଲ୍‌ରେ ସବୁଛାତ୍ରଙ୍କ ଭିତରେ ସୁସ୍ୱାସ୍ଥ୍ୟ ଥିଲା କୁଞ୍ଜବିହାରୀଙ୍କ । ଗୌରବର୍ଣ୍ଣର ସୁପୁରୁଷ ଚେହେରା । ନିୟମିତ ଖେଳ କସରତ୍ ସେ ଚେହେରାକୁ କରିଥିଲା ଦୀପ୍ତିମାନ୍ । ଫେରି ଆସିଥିଲା ବାଙ୍କି ଛାତ୍ରାବାସରେ ହରାଇଥିବା ସୌଷ୍ଟବମୟ ଶରୀରରଦ୍ୟୁତି ।

●●●



Digitized by srujanika@gmail.com

॥ ୧୧ ॥

ସକାଳୁ ସକାଳୁ ଡାକରା ଆସିଲା ଆର୍ତ୍ତବଲ୍ଲଭଙ୍କଠାରୁ ।

ଆଇ.ଏର ପରୀକ୍ଷାଫଳ ବାହାରି ଯାଇଛି । କୁଞ୍ଜବିହାରୀ ବସି ବି.ଏ ଶ୍ରେଣୀପାଇଁ ଫର୍ମପୂରଣ କରୁଥିଲେ । ଶ୍ରଦ୍ଧେୟ ଅଧ୍ୟାପକଙ୍କ ଡାକରାରେ ଫର୍ମଲେଖା ଛାଡି ତରବର ହୋଇ ବାହାରି ଆସିଲେ ସୁପରିଟେନ୍‌ଡେଣ୍ଟ ଶ୍ରୀ ଆର୍ତ୍ତବଲ୍ଲଭଙ୍କ ପାଖକୁ ।

ଖରାଦିନ । ଦ୍ୱିପ୍ରହର ହୋଇନଥିଲେ ସୁଦ୍ଧା ବତାସରେ ଗ୍ରୀଷ୍ମର ପ୍ରବାହ । ଫୁଙ୍ଗୁଳା ଦେହରେ ବିନ୍ଦୁବିନ୍ଦୁ ସ୍ୱେଦ । ସେ ସ୍ୱେଦ ପ୍ରତି ଅମନୋଯୋଗୀ ଆର୍ତ୍ତବଲ୍ଲଭ ଗୋଟିଏ ପୁରୁଣା କାଠଚୌକିରେ ବସି ଏକ ପ୍ରାଚୀନ ପୋଥିକୁ ପଢିବାର ପ୍ରଚେଷ୍ଟା କରୁଛନ୍ତି ।

କୁଞ୍ଜବିହାରୀଙ୍କୁ ଦେଖି ପାଖରେ ପଡିଥିବା ଅନ୍ୟ ଏକ ଚୌକିରେ ବସିବା ପାଇଁ ସଙ୍କେତ କଲେ ଆର୍ତ୍ତବଲ୍ଲଭ । କୁଞ୍ଜବିହାରୀ କିନ୍ତୁ ଆସନ ଗ୍ରହଣ ନ କରି ଗୁରୁଙ୍କ ଚରଣ ସ୍ପର୍ଶ କଲେ ଓ ନୀରବରେ ଠିଆହୋଇ ରହିଲେ ତାଙ୍କ ସାମ୍ନାରେ ।

ଗଲା କେଇଦିନ ହେଲା ପ୍ରାଚୀ ସମିତିରେ ତୁମକୁ ଦେଖିଲିନି ଯେ ।

- ବାପା ଆସିଥିଲେ ଗାଁ'ରୁ । ତାଙ୍କରି ଦେଖାଶୁଣାରେ ବ୍ୟସ୍ତ ରହି ଅନ୍ୟକିଛି କାମ କରିପାରିନି । ବିନମ୍ର ଭାବରେ ଉତ୍ତର ଦେଲେ କୁଞ୍ଜବିହାରୀ ।

ହଁ, ହଁ ତୁମ ବାପା କାଲି ସନ୍ଧ୍ୟାବେଳେ ଆସିଥିଲେ ମୋ' ପାଖକୁ ଦେଖା କରିବା ପାଇଁ । ତୁମ ପଢ଼ାଶୁଣା ସଂପର୍କରେ ଆଲୋଚନା କରିଥିଲେ । ସେ ଦାୟିତ୍ୱ ଶେଷ ପର୍ଯ୍ୟନ୍ତ ମୋ ଉପରେ ସଂପୂର୍ଣ୍ଣଭାବେ ଲଦି ଦେଇ ଯାଇଛନ୍ତି । ମୃଦୁହସି ମନ୍ତବ୍ୟ କଲେ ଆର୍ତ୍ତବଲ୍ଲଭ ।

ଅଳ୍ପସମୟ ବିରତି ପରେ କହିଲେ- ଆଜି ଟିକିଏ ସନ୍ଧ୍ୟାବେଳେ ପ୍ରାଚୀ ସମିତି ଯିବ । ପ୍ରାଚୀ ପତ୍ରିକାର ଇଂରାଜୀ ସଂସ୍କରଣଟି ବାହାରିବାର ସମୟ ହୋଇଗଲାଣି । ପ୍ରୁଫ୍ ଇତ୍ୟାଦି ଦେଖିନବ ଟିକିଏ । ଯା'ଭିତରେ କେତୋଟି ପୁରୁଣା ପୋଥି ମଧ୍ୟ ମୁଁ ସଂଗ୍ରହ କରିଛି । ଅଫିସ୍‌ରେ ଅଛି । ଚେଷ୍ଟା କରିବ ତହିଁରୁ ଗୋଟିଏ ଦୁଇଟି ପଢ଼ି ବ୍ୟାଖ୍ୟା କରିବା ପାଇଁ । ଟୀକା ଅବଶ୍ୟ ମୁଁ ନିଜେ କରିବି । ଏବେ ତ ଛୁଟି । କାମଦାମ ବେଶୀ ନାହିଁ ତମର । କଲେଜ ଖୋଲିବା ପର୍ଯ୍ୟନ୍ତ ପ୍ରାଚୀ ସମିତିର କାର୍ଯ୍ୟରେ କିଛିଟା ସାହାଯ୍ୟ କର ।



Digitized by srujanika@gmail.com

ସମ୍ମତିସୂଚକ ମୁଣ୍ଡ ହଲାଇ ଫେରି ଆସିବାକୁ ଉଦ୍ୟତ ହେଲେ କୁଞ୍ଜବିହାରୀ। ସତକଥା, ପ୍ରାଚୀ ସମିତିର ଅନେକ କାମ ବାକି ପଡିଛି। ଆଜି ସନ୍ଧ୍ୟାରେ ଯେମିତି ହେଲେ ବି ତାଙ୍କୁ ସମିତିକୁ ଯିବାକୁ ପଡିବ। ପ୍ରାଚୀ ସମିତିର କାମଗୁଡିକ ମୁଖ୍ୟତଃ ଗବେଷଣାମୂଳକ। ପ୍ରଚୁର ପରିଶ୍ରମ ଦରକାର। ଗୋଟିଏ ଗୋଟିଏ ପୋଥିର ପାଠୋଦ୍ଧାର କରିବା ପାଇଁ ମାସମାସ ସମୟ ଲାଗିଯାଏ।

ଫେରି ଆସୁଥିବା କୁଞ୍ଜବିହାରୀଙ୍କୁ ପଛରୁ ଡାକି ଆର୍ତ୍ତବଲ୍ଲଭ ପଚାରିଲେ ବି.ଏ ଶ୍ରେଣୀପାଇଁ ଫର୍ମ ଦାଖଲ କଲଣି ?

- ନାଇଁ, ଆଜି କରିବି, ନତମସ୍ତକ ହେଇ ଜବାବ ଦେଲେ କୁଞ୍ଜବିହାରୀ

- ବିଷୟବସ୍ତୁ କଅଣ ନେଲ ?

- ଇତିହାସ ଅନର୍ସ। ସଂସ୍କୃତ ପାଶ୍

ଏଥରକ ମଥା ଉଠାଇ କୁଞ୍ଜବିହାରୀଙ୍କୁ ସିଧାସଳଖ ଚାହିଁଲେ ଆର୍ତ୍ତବଲ୍ଲଭ - ଇତିହାସ ? ଇତିହାସ କାହିଁକି ? ସଂସ୍କୃତ କାହିଁକି ନୁହେଁ ? ଆଇ.ଏ ରେ ତ ସଂସ୍କୃତରେ ବହୁତ ଭଲ ନମ୍ବର ପାଇଛ। ମାଟ୍ରିକ୍‌ରେ ସମଗ୍ର ଛାତ୍ରଙ୍କ ଭିତରେ ସର୍ବୋଚ୍ଚନମ୍ବର ପାଇଥିଲ ବୋଲି ଜାଣିଛି। ତମର ତ ସଂସ୍କୃତ ପ୍ରତି ମନଧ୍ୟାନ ଦେବା କଥା। ଯେତେହେଲେ ରାଜଭାଷା। ତା'ର ସମକକ୍ଷ ଅନ୍ୟ କୌଣସି ଭାଷା ହୋଇନପାରେ ଏବଂ ମୁଁ ଜାଣେ - ତୁମ ପରି ଜଣେ ସଂସ୍କୃତଜ୍ଞ ଏବଂ ଭାଷା ବିଜ୍ଞାନୀ ଭବିଷ୍ୟତରେ ଏ ଜାତିକୁ ହୁଏତ ନ ମିଳିପାରେ।

ମିତବାକ୍ କୁଞ୍ଜବିହାରୀ ଗୁରୁଦେବଙ୍କ ସହିତ କୌଣସି ପ୍ରକାର ତର୍କ-ବିତର୍କ ନ କରି ଚୁପ୍‌ଚାପ୍ ଛିଡା ହୋଇ ରହିଲେ ତାଙ୍କ ସାମ୍ନାରେ। ସାହସ ହେଲା ନାହିଁ କହିବାକୁ ଯେ ସଂସ୍କୃତ ପରି ଇତିହାସ ମଧ୍ୟ ତାଙ୍କର ଏକ ପ୍ରିୟ ବିଷୟବସ୍ତୁ : ସ୍କୁଲ୍‌ରେ ପାଠ ପଢ଼ିଲା ବେଳେ ଇତିହାସ ପୁସ୍ତକରୁ ହିଁ ରସାସ୍ୱାଦନ କରୁଥିଲେ ପ୍ରାଣଭରି। 'ଟେଲସ୍ ଅଫ୍ ଇଣ୍ଡିଆନ ହିଷ୍ଟ୍ରି' ବହିଟି ତାଙ୍କର ଥିଲା ଅତ୍ୟନ୍ତ ପ୍ରିୟ। ଶିବାଜୀଙ୍କ ଜୀବନଚରିତ ଏବଂ ମରାଠା ଇତିହାସ ତଥା ମୋଗଲ୍‌ମାନଙ୍କ ସହିତ ତାଙ୍କର ଯୁଦ୍ଧ ତାଙ୍କୁ ଉଦ୍‌ବୁଦ୍ଧ କରୁଥିଲା। ଉଦ୍‌ବୁଦ୍ଧ କରୁଥିଲା ଗୌତମବୁଦ୍ଧଙ୍କ କାହାଣୀ, କଳିଙ୍ଗ କଥା ଓ ବୁଦ୍ଧଧର୍ମର ତତ୍ତ୍ୱମାନ।

ଆର୍ତ୍ତବଲ୍ଲଭ ନୀରବତା ଭାଙ୍ଗି କହିଲେ- କୁଞ୍ଜବିହାରୀ, ତମେ ମୋ' କଥା ମାନ। ମୁଁ ତୁମର ଶୁଭଚିନ୍ତକ। ମୁଁ ବିଶ୍ୱାସ କରେ, ମୋର ସମସ୍ତ ଛାତ୍ରଙ୍କ ଭିତରେ ଏକମାତ୍ର ତୁମେଇ ସଂସ୍କୃତ ପଢ଼ିବାର ଯୋଗ୍ୟ। ସଂସ୍କୃତରେ ଅଧ୍ୟାପକ ପ୍ରାୟ କେହି ନାହାନ୍ତି। ଏମ୍.ଏ. ପାଶ୍ କଲା ପରେ ତୁମେ ଯେ ଅଧ୍ୟାପକ ଚାକିରି ପାଇଯିବ, ଏ ସଂପର୍କରେ ମୁଁ



Digitized by srujanika@gmail.com

ଦୃଢ ନିଶ୍ଚିତ । ମୁଁ ମୋ ମନଶ୍ଚକ୍ଷୁରେ ସ୍ପଷ୍ଟ ଦେଖିପାରୁଛି ଭବିଷ୍ୟତରେ ତୁମେ ମୁଖ୍ୟ ଅଧ୍ୟାପକ ହେଇ ଯଶ କମେଇବ । ସଂସ୍କୃତରେ ଗବେଷଣା କରି ଏ ଦେଶ ଓ ଜାତିର ମାନ ରଖିବ ତମେ । ମୋ'ର ଅନ୍ତରର ସମସ୍ତ ଆଶୀର୍ବାଦ ତୁମ ଉପରେ ଆଜି ଅଜାଡି ଦେଉଛି ମୁଁ । ଈଶ୍ୱର ତୁମର ସହାୟ ହୁଅନ୍ତୁ ।

ଗୁରୁଦେବଙ୍କର ଆର୍ଶୀବାଦନେଇ ଧୀର ପଦକ୍ଷେପରେ ହଷ୍ଟେଲ୍ ଫେରିଆସିଲେ କୁଞ୍ଜବିହାରୀ । ମନ ଭିତରେ ଦ୍ୱନ୍ଦ । ଇତିହାସ ନା ସଂସ୍କୃତ ? ଅଧ୍ୟାପକ ଆର୍ତ୍ତବଲ୍ଲଭ ତାଙ୍କର ପିତୃତୁଲ୍ୟ । ତାଙ୍କର ଆଦେଶକୁ ସିଏ ଅମାନ୍ୟ କରିବେ କେମିତି ?

ସେଇଦିନ ସନ୍ଧ୍ୟାବେଳେ ପ୍ରାଚୀ ସମିତିରେ ଆର୍ତ୍ତବଲ୍ଲଭଙ୍କ ସହିତ ସାକ୍ଷାତ କରି ଇତିହାସ ବଦଳରେ ସଂସ୍କୃତ ଅନର୍ସ ନେଇଥିବା କଥା ଜଣାଇ ଦେଇଥିଲେ କୁଞ୍ଜବିହାରୀ ।

କୁଞ୍ଜବିହାରୀଙ୍କ ମସ୍ତକରେ ହାତରଖି ପ୍ରିୟ ଛାତ୍ରଟିର ଶୁଭକାମନା କଲେ ଆର୍ତ୍ତବଲ୍ଲଭ । ତାଙ୍କୁ ଏକ ସୁଖୀ ଏବଂ ସଫଳ ଜୀବନ କାମନା କରି କହିଲେ- କୁଞ୍ଜବିହାରୀ, ଏଥରକ କିନ୍ତୁ ତୁମକୁ ପ୍ରଥମଶ୍ରେଣୀ ପାଇବାକୁ ପଡିବ । ଉଭୟ ମାଟ୍ରିକ୍ ଓ ଆଇ.ଏରେ ଦ୍ୱିତୀୟ ଶ୍ରେଣୀ ପାଇଛ । ମାଟ୍ରିକ୍ ପରୀକ୍ଷାବେଳେ ଅବଶ୍ୟ ଶାରୀରିକ ପୀଡା ତଥା ସ୍ୱାସ୍ଥ୍ୟହାନି ଯୋଗୁ ବିଦ୍ୟାର୍ଜନରେ ଅସୁବିଧା ହୋଇଛି ମୁଁ ଜାଣେ । କିନ୍ତୁ ଆଇ.ଏ.ରେ ତ ତୁମର ଆହୁରି ଭଲ କରିବା କଥା । ତୁମେ ଅଧ୍ୟବସାୟୀ ଏବଂ ମେଧାବୀ । ହୁଏତ ଦୁର୍ଭାଗ୍ୟବଶତଃ ତୁମର ପ୍ରାପ୍ୟଫଳ ପାଇପାରିନ- କିନ୍ତୁ ତୁମର ଜ୍ଞାନର ପରିସୀମା ମୋତେ ଜଣା । ପ୍ରଥମ ଶ୍ରେଣୀ ନ ପାଇଲେ, ଅନ୍ତତଃ ଆଉ କିଏ କିଛି କହୁ ନକହୁ କିନ୍ତୁ ମୁଁ କେବେହେଲେ ତୁମକୁ କ୍ଷମା କରିବିନି ।

ନିର୍ଜନ ରାତିରେ ହଷ୍ଟେଲ୍‌କୁ ଚାଲିଚାଲି ଆସିଲାବେଳେ ଆର୍ତ୍ତବଲ୍ଲଭଙ୍କ କଥା ବାରମ୍ବାର ଧ୍ୱନିତ ହେଲା କୁଞ୍ଜବିହାରୀଙ୍କ କର୍ଣ୍ଣକୁହରରେ । ଅଧ୍ୟାପକ ଠିକ୍ କଥା କହିଛନ୍ତି । ହୁଏତ ତାଙ୍କର ନିଷ୍ଠା ଓ ସମର୍ପିତ ମନୋବୃତ୍ତିରେ ହେଳା ରହିଗଲା କେଉଁଠି । ଏଥରକ କିନ୍ତୁ ତାହା ହେବାକୁ ସେ ଦେବେନି । କେବଳ ପ୍ରଥମଶ୍ରେଣୀ ନୁହେଁ, ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ହେବା ପାଇଁ ପ୍ରତିଶ୍ରୁତି ବଦ୍ଧ ହେଲେ କୁଞ୍ଜବିହାରୀ ।

ହଷ୍ଟେଲ୍‌ରେ ପହଞ୍ଚିବା ପରେ ଅଚାନକ୍ ଦୁଇଦିନ ପୂର୍ବେ ବଜାରରୁ କିଣି ଆଣିଥିବା ଗାମୁଛାଟି ଉପରେ ନଜର ପଡିଲା କୁଞ୍ଜବିହାରୀଙ୍କର । ପ୍ରତ୍ୟେକଦିନ ସ୍ନାନ ସମୟରେ ମୁଣ୍ଡଧୋଇବାର ଅଭ୍ୟାସ ଥିଲା । ଘନ କେଶରାଶିଯୁକ୍ତ ମୁଣ୍ଡ ପୋଛି ହେବେ ବୋଲି ଗାମୁଛାଟିଏ କିଣି ଆଣିଥିଲେ ।

ଗାମୁଛାର ଦୁଇପଟେ ଉଜ୍ଜ୍ୱଳ ରଙ୍ଗର ଚଉଡା କୁମ୍ଭପକା ଧଡି । ଜ୍ଞାନରତ ଏବଂ ଧ୍ୟାନରତ ଏକ ଛାତ୍ର ପାଇଁ ବର୍ଣ୍ଣାଢ୍ୟ ଗାମୁଛାଟି ଯେମିତି ବହୁତ ବେଶୀ ରଙ୍ଗଦାର୍ ମନେହେଲା



Digitized by srujanika@gmail.com

କୁଞ୍ଜବିହାରୀଙ୍କର । ମନେହେଲା ଏତେ ସୌଖୀନ୍ ବସ୍ତୁ ଜଣେ ଛାତ୍ର ବ୍ୟବହାର କରିବା ଅନୁଚିତ୍ । ଖଟ ଉପରୁ ଗାମୁଛାଟି ଉଠାଇ ଜୋର୍ ଲଗାଇ ଦୁଇପଟର ଧଡି ଦୁଇଟି ଚିରିଦେଇ ବାହାରକୁ ଫିଙ୍ଗିଦେଲେ କୁଞ୍ଜବିହାରୀ । ସିଦ୍ଧାନ୍ତ ନେଲେ- ସମସ୍ତପ୍ରକାର ଜାଗତିକ ଆକର୍ଷଣକୁ ପରିହାର କରି ସୁଦୃଢ଼ ଚିତ୍ତରେ ମନୋନିବେଶ କରିବାକୁ ହେବ ଅଧ୍ୟୟନରେ ।

କଦବା କେମିତି ତାମ୍ବୁଲ ସେବନ କରୁଥିଲେ ଆଗେ, ତାହା ସଂପୂର୍ଣ୍ଣରୂପେ ବନ୍ଦ । ବନ୍ଦ ବନ୍ଧୁଙ୍କ ଗହଣରେ ହାସ ପରିହାସ । କଲେଜରୁ ଫେରି ଅପରାହ୍ନରେ କିଛି ସମୟ ଭ୍ରମଣ । ତାହା ମଧ୍ୟ ଏକା ଏକା । ସଖା ସହୋଦରମାନଙ୍କ ସଂଖ୍ୟା ଏମିତିରେ ଥିଲେ କମ୍ । କମ୍ ଥିଲା କଥା କହିବା । ଦରକାର ନ ପଡିଲେ କଥା କହୁନଥିଲେ । ଅନେକଟା ଧ୍ୟାନମଗ୍ନ ଋଷିପରି ଚେହେରା- ନିସ୍ତବ୍ଧତା ଏବଂ ସ୍ଥିରତାର ଏକ ଉଦାସୀନ ଅବିଚଳିତ ବୈରାଗୀ ।

ବିତିଗଲା ଦୁଇବର୍ଷ- ପରୀକ୍ଷାଫଳ ବାହାରିଲା । ପାଟ୍‌ନା ବିଶ୍ୱବିଦ୍ୟାଳୟରେ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ପ୍ରାପ୍ତ କରିଥିଲେ କୁଞ୍ଜବିହାରୀ । ସ୍ୱର୍ଣ୍ଣପଦକ ପାଇବା ସହ ଘୋଷିତ ହେଲେ ପ୍ରାଇଜ୍‌ମ୍ୟାନ୍ ଭାବରେ ।

●●●



Digitized by srujanika@gmail.com

## ॥ ୧୨ ॥

ଏତିକିବେଳେ ହିଁ ଘଟିଲା ଦୁର୍ଘଟଣାଟି ।

ସେତେବେଳେ ଥିଲା ଗୌରୀଦାନର ଯୁଗ । ବାଲ୍ୟବୟସରୁ ପୁତ୍ରକନ୍ୟାମାନଙ୍କର ବିବାହ ସଂଘଟିତ ହେଉଥିଲା । ଖାସ୍ କରି କନ୍ୟାମାନଙ୍କର । ଝିଅ ବଡକନ୍ୟା ହେବା ପୂର୍ବରୁ ତା'ର ହାତଗଣ୍ଠି ପଡିଯିବାଟା ଥିଲା ସ୍ୱାଭାବିକ୍ । ନଚେତ୍ ଏହା ଦୋଷାବହ ରୂପେ ଗଣନା କରାଯାଉଥିଲା । ଘରେଘରେ ସେତେବେଳେ ବାଲ୍ୟବିଧବା । ବିବାହପରେ ଶିଶୁକନ୍ୟାଟିର ସ୍ୱାମୀ ମୃତ୍ୟୁମୁଖରେ ପତିତ ହେଲେ, ସାରାଜୀବନ ଧରି ବୈଧବ୍ୟର କଠୋର ନିଗଡ ଭିତରେ ବନ୍ଦି ହୋଇ ଝିଅଟିକୁ ରହିବାକୁ ପଡୁଥିଲା ।

ମହାଦେବଥିଲେ କଠୋରପନ୍ଥୀ ବ୍ରାହ୍ମଣ । ଶିକ୍ଷିତ ହୋଇ ସୁଦ୍ଧା, କେତେଗୁଡିଏ ପ୍ରାଚୀନ ନୀତିନିୟମ କବଳରୁ ନିଜକୁ ମୁକ୍ତ କରିପାରି ନଥିଲେ । ନିଜର ପାଞ୍ଚଟି ଯାକ ସନ୍ତାନଙ୍କର ବିବାହ କାର୍ଯ୍ୟ ସଂପାଦନ କରିଥିଲେ ସେମାନଙ୍କର ଶୈଶବରେ । ପରିଣୟର ଅର୍ଥ ତଥା ଯଥାର୍ଥତା ସେମାନେ ବୁଝିବା ପୂର୍ବରୁ ।ତିନୋଟିଯାକ ପୁତ୍ରଙ୍କର ଶୁଭବିବାହ ସମ୍ପାଦନା କରିଥିଲେ ନିଜେ ଝିଅ ପସନ୍ଦ କରି । ପୁତ୍ରମାନଙ୍କର ମତାମତର କୌଣସି ମୂଲ୍ୟ ନଥିଲା । ପିତାଙ୍କର ନିଷ୍ପତ୍ତିକୁ ପ୍ରଶ୍ନ କରିବାର ସାହସ ମଧ୍ୟ ନଥିଲା କାହାର ବି ।

ମଧୁସୂଦନଙ୍କ ପରେ ପାଳି ପଡିଥିଲା ମଧ୍ୟମପୁତ୍ର କୁଞ୍ଜବିହାରୀଙ୍କର । ସ୍କୁଲରେ ପାଠ ପଢିଲା ବେଳେ ପାଲିଙ୍କି ଚଢି କୁଞ୍ଜବିହାରୀ ଯାଇଥିଲେ ବିଭାଘର ପାଇଁ । କିଶୋର ପୁତ୍ରଟି ଥିଲେ ପିତାଙ୍କର ଆଜ୍ଞାକାରୀ- ପିତାଙ୍କର ଆଜ୍ଞାର ପାଳନ କରିଥିଲେ । ତାଙ୍କର ପସନ୍ଦ ନାପସନ୍ଦ ପ୍ରଶ୍ନ ଥିଲା ଅବାଞ୍ଛିତ ।

କୁନିଝିଅଟି ହାତେ ଓଢଣାଟାଣି ବାପକୋଳରେ ବସିଥିଲା । ପୁରୋହିତ ମନ୍ତ୍ରୋଚ୍ଚାରଣ କରି ହାତଗଣ୍ଠି ପକାଇଦେଲେ । ବାହାଘର ସରିଗଲା । ପିତାଙ୍କ ସହିତ ପୁନର୍ବାର ପାଲିଙ୍କି ଚଢି ସ୍ୱଗ୍ରାମକୁ ଫେରି ଆସିଲେ କୁଞ୍ଜବିହାରୀ । ଝିଅଟି ପ୍ରାପ୍ତବୟସ୍କା ହେଲେ ପୁଆଣିଘର ହେବ - ଶାଶୁଘରକୁ ଆସି ସ୍ୱାମୀଙ୍କର ମୁଖଦର୍ଶନ କରିବ ଝିଅଟି । ପତିପତ୍ନୀଙ୍କର ପ୍ରଥମ ସାକ୍ଷାତ ହେବ ସେତିକି ବେଳେ ।

ସେ ସୁଯୋଗ କିନ୍ତୁ ମିଳିନଥିଲା କୁଞ୍ଜବିହାରୀଙ୍କୁ, ଘର ସଂସାର ସୁଖ ପାଇବା ପୂର୍ବରୁ ବସନ୍ତରୋଗରେ ଆକ୍ରାନ୍ତ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲା ଝିଅଟି ।



Digitized by srujanika@gmail.com

ନବବଧୂଟିକୁ ମାତ୍ର ଥରଟିଏ ଭଲକରି ଦେଖିଥିଲେ କୁଞ୍ଜବିହାରୀ । ବାଙ୍କି ବଜାରକୁ ଯାତ୍ରା ଦେଖିବାପାଇଁ ଥରଟିଏ ପିତାମାତାଙ୍କ ସହିତ ଶଗଡଗାଡିରେ ଚଢି ଆସିଥିଲା ଝିଅଟି । କୁନି ଝିଅଟିକୁ କୁଞ୍ଜବିହାରୀ ଚିହ୍ନିନଥିଲେ । ଦୂରରୁ ଜଣେ ସମବୟସ୍କ ସ୍କୁଲ୍ ସାଥୀ ତର୍ଜନୀ ନିର୍ଦ୍ଦେଶ କରି ଦେଖେଇ ଦେଇଥିଲେ ଲବଣୀ ପିତୁଳାଟିକୁ- ଦେଖିରେ କୁଞ୍ଜ । ଏଇ ଝିଅ ସାଥିରେ ତୋର ବାହାଘର ହେଇଛି । ଭଲ କରି ଦେଖ୍ । କୁଞ୍ଜବିହାରୀଙ୍କୁ ଘେରି ରହିଥିବା ବନ୍ଧୁଦଳ କୁର୍‌କୁର୍ ହସି ହାସ ପରିହାସ କରି ଲାଗିଥିଲେ ତାଙ୍କ ସହିତ ।

ସାମ୍ନାରେ ଦଣ୍ଡାୟମାନ ଶଗଡ ଚକର ଫାଙ୍କ ଦେଇ ଏବଂ ମନରେ ସ୍ୱାଭାବିକ୍ କୌତୂହଳ ନେଇ ଝିଅଟି ଆଡେ ଚାହିଁଥିଲେ କୁଞ୍ଜବିହାରୀ । ଝିଅଟିକୁ ତା ବାପା କାଖେଇ ଠିଆ ହେଇଥିଲେ । କେବଳ ଏତିକି ଆଖିରେ ପଡିଥିଲା- ଶୁଭ୍ର କଇଁଫୁଲ ପରି ଥିଲା ଝିଅଟିର ଦେହର ରଙ୍ଗ, ପିନ୍ଧିଥିବା ଚାରିହାତିଆ ନାଲି କସ୍ତାଶାଢ଼ି ତଳେ ଝଟକୁ ଥିଲା ସେ ଗୋରା ଦେହ । ବାପ କାଖରୁ ନଇଁପଡି, ସାମ୍ନାରେ ଧୂଳିରାସ୍ତାରେ ମେଳା ହୋଇଥିବା ମାଟି ଖେଳଣାର ପସରା ଆଡେ ଝୁଙ୍କି ପଡିଥିଲା ଝିଅଟି ।

କୁଞ୍ଜବିହାରୀଙ୍କ ସହିତ ଦାମ୍ପତ୍ୟଜୀବନ ଆରମ୍ଭ କରିବା ପୂର୍ବରୁ କିନ୍ତୁ ସ୍ୱର୍ଗବାସିନୀ ହେଲା ଝିଅଟି । ପଡିଥିଲା ବସନ୍ତ ରୋଗରେ । ସାରାଦେହରେ ଫୋଟକା, ଛୁଞ୍ଚିମୁନରେ ମୁନେ ବି ଜାଗା ନାହିଁ ଶରୀରରେ । ବସନ୍ତ ରୋଗ ପ୍ରଚୁର ବ୍ୟାପୁଥିଲା ସେତେବେଳେ । କୌଣସି ସଫଳ ପ୍ରତିଷେଧକ ଟୀକା ବା ଔଷଧ ବି ନଥିଲା ଏଥିପାଇଁ ।

ଗ୍ରାମରେ କିଏ ଜଣେ କହିଦେଲା- ଦେହରେ ପାଉଁଶ ଛିଞ୍ଚି ଦିଅ । ଫୋଟକାର ଦାଉ କମିଯିବ । ପାଉଁଶ ଛିଞ୍ଚି ନରମ ନିମଗଛର ଡାଳିରେ ଶରୀରକୁ ବିଞ୍ଚିଲେ ଆରୋଗ୍ୟ ହେବା ସୁନିଶ୍ଚିତ । ଆରୋଗ୍ୟ ହେବାର ଏଇ ସୁନିଶ୍ଚିତ ପଦ୍ଧତିଟି ଆଶୁ ଫଳପ୍ରଦ ହୋଇନଥିଲା ଅବଶ୍ୟ । ଯନ୍ତ୍ରଣାଦଗ୍ଧ ଶରୀର ନେଇ, ଛଟପଟ ହୋଇ ପ୍ରାଣବାୟୁ ଉଡିଯାଇଥିଲା ଝିଅଟିର । ସାଦା କଇଁଫୁଲ ପରି ଗୋରା ଦେହଟି ଶେଷ ପର୍ଯ୍ୟନ୍ତ ହେଇଉଠିଥିଲା କୁତ୍ସିତ ଓ ବିପର୍ଯ୍ୟସ୍ତ । ମୃତ୍ୟୁ ପୂର୍ବରୁ ଝିଅଟି କାଳେ ବହୁତ ଖୋଜିଥିଲା କୁଞ୍ଜବିହାରୀଙ୍କୁ । ଚାହିଁଥିଲା ଦେଖିବାପାଇଁ ଅନ୍ତତଃ ଥରଟିଏ । ଲୋକେ କହୁଥିଲେ ଏକ ସୁପୁରୁଷ, ଉଚ୍ଚଶିକ୍ଷା ପାଇବାକୁ ଯାଉଥିବା ଯୁବକଙ୍କର ସୌଭାଗ୍ୟବତୀ ଗୃହିଣୀ ହେବ ସିଏ ଭବିଷ୍ୟତରେ । ସେ ସ୍ୱପ୍ନ ସ୍ୱପ୍ନରେ ରହିଯାଇଥିଲା ଶେଷ ପର୍ଯ୍ୟନ୍ତ ।

ଯୁବକ କୁଞ୍ଜବିହାରୀ ଖବରଟି ପାଇଥିଲେ । ମନେପଡିଥିଲା ଯାତରେ ବାପକୋଳରେ କାଖ ହୋଇଥିବା ଚପଳା କୁନିଝିଅଟିର କଥା । ଦୁଃଖ ହେଲା- ପୃଥିବୀରୁ ନିରୀହ ଜୀବଟିଏ ବିନା ଅପରାଧରେ ବୃଥାରେ ନଷ୍ଟ ହେଲା ବୋଲି ।



Digitized by srujanika@gmail.com

କୁଞ୍ଜବିହାରୀ ସେତେବେଳକୁ ହେଇଉଠିଲେଣି ଆହୁରି ସ୍ଥବିର, ଆହୁରି ଧୈର୍ଯ୍ୟଶୀଳ । ସମସ୍ତପ୍ରକାର ଜାଗତିକ ସୁଖଦୁଃଖର ଉର୍ଦ୍ଧ୍ୱରେ । ପାଠପଢ଼ା ବ୍ୟତୀତ ଅନ୍ୟକୌଣସି କଥାରେ ଆଗ୍ରହ ନାହିଁ । ସୁଖ ଏବଂ ଦୁଃଖ ଉଭୟରେ ସ୍ଥିତପ୍ରଜ୍ଞ । କଥା କହନ୍ତିନି ବେଶୀ । ସ୍ୱଳ୍ପବାକ୍ ଯୁବକଟିର ମନକଥା ଜାଣିବା ବି ହୋଇଉଠେ ଦୁଷ୍କର ।

ମହାଦେବଙ୍କର ମନେପଡେ- ବାଳକବୟସୀ ପୁତ୍ରଟି ମୁହଁରୁ ଏକଦା ଶୁଣିଥିବା ରାଜପୁତ୍ର ଗୌତମଙ୍କର ଗୃହତ୍ୟାଗର କଥା, ସଂସାରର ସୁଖସମ୍ଭୋଗ ପ୍ରତି ତାଙ୍କର ବିତୃଷ୍ଣାର କଥା । ତାଙ୍କୁ ଲାଗେ, ସତେଅବା ମଧ୍ୟମପୁତ୍ରଟି ତାଙ୍କର ସେଇଭଳି ଏକ ସନ୍ନ୍ୟାସୀରେ ରୂପାନ୍ତରିତ ହେଉଛି ଧୀରେଧୀରେ । ଦୁଃଖରେ ଅବିଚଳିତ ଏବଂ ସୁଖ ପ୍ରତି ନିର୍ବିକାର ।

ଗ୍ରାମପଥରେ ସନ୍ଧ୍ୟାହୁଏ । ଏକାଏକା ହିଡବାଟରେ ଚାଲୁଚାଲୁ ଦୁଃଖ ସତ୍ତ୍ୱେ ଏକ ଅଭୂତପୂର୍ବ ମୁକ୍ତିର ଆସ୍ୱାଦନ ପାଆନ୍ତି କୁଞ୍ଜବିହାରୀ । ଜୀବନର ଅର୍ଥ ଏବଂ ଯଥାର୍ଥତା ବୁଝିବା ପୂର୍ବରୁ ପିତା ତାଙ୍କୁ ଜବରଦସ୍ତି କରି ବାନ୍ଧି ଦେଇଥିଲେ ଏକ ବନ୍ଧନରେ । ସେ ବନ୍ଧନ ତୁଟିଗଲା ଆଜି, ସିଏ ଆଜି ମୁକ୍ତ ।

●●●



Digitized by srujanika@gmail.com

## ।। ୧୩ ।।

ସବୁଜ ସାର୍ଟିନ୍ ଫିତାରେ ବନ୍ଧା ସୁନା ମେଡାଲ୍‌ଟି ପାପୁଲିରେ ରଖି ଏକ ଦୃଷ୍ଟିରେ ଚାହିଁ ରହିଥିଲେ ମହାଦେବ । ସିନ୍ଧୁକ ଭର୍ତ୍ତି ସୁନା ଓ ରୂପା ତାଙ୍କର । ସେ ସବୁ ଯେମିତି ଆଜି ଦୀପ୍ତିହୀନ ମନେ ହେଲା ପୁତ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ହେଇ ପାଇଥିବା ଏ ସୁବର୍ଣ୍ଣ ମେଡାଲ୍‌ଟି ପାଖରେ । ଥିଲେ ସ୍ୱଳ୍ପବାକ୍ । କଥା କିଛି କହିଲେନି । କିନ୍ତୁ ତାଙ୍କର ସଜଳ ଆଖି ତାଙ୍କ ମନର ଖୁସି ଜାହିର୍ କରିଗଲା ସାମ୍‌ନାରେ ଦଣ୍ଡାୟମାନ ସୁଶୀଳ ଯୁବକପୁତ୍ର କୁଞ୍ଜବିହାରୀଙ୍କ ମନରେ ।

ପୁତ୍ର ହାତକୁ ମେଡାଲଟି ଫେରାଇଦେଇ ମହାଦେବ ପଚାରିଲେ- ଯା' ପରେ କଅଣ କରିବାକୁ ଭାବିଚ ?

- ଏଠିତ ଏମ୍.ଏ ଶ୍ରେଣୀ ନାହିଁ । ଭାବୁଛି ଏମ୍.ଏ ପଢିବି । କିନ୍ତୁ ସେଥିପାଇଁ ପାଟ୍‌ନା ଯିବାକୁ ପଡିବ ।

ପାଟ୍‌ନା - କାହିଁ କେତେ ଦୂର ! ଏ ପର୍ଯ୍ୟନ୍ତ ପୁତ୍ର କଟକରେ ଥିଲା । ମଝିରେ ମଝିରେ ଆସୁଥିଲା ଘରକୁ । ନିଜେ ବି ଯାଇ ପ୍ରାୟ ପ୍ରତିମାସରେ ଦେଖାକରି ଆସୁଥିଲେ । ଏବେ ଯିବ କାହିଁ ଦୂରଦେଶକୁ । ବର୍ଷକୁ ଥରେ କି ଦିଥର ହୁଏତ ସାକ୍ଷାତ ହେବ ପୁତ୍ର ସହିତ ।

ମନ ବିଚଳିତ ହେଲେ ବି ଖୁସି ଅନୁଭବ କଲେ ମହାଦେବ । ମଧୁସୂଦନ ତ ଘରେ ରହି ଜମିବାଡି ଧନ୍ଦା ବୁଝିଲା । ଦେବେନ୍ଦ୍ରନାଥ ଗେହ୍ଲା ସାନପୁଅ । ସ୍ୱଭାବରେ ଫୁର୍ତ୍ତିବାଜ୍ । ବଡ ଝିଅ ଶରଧା ପୁଆଣି ହୋଇଗଲାଣି । ମଝିରେ ମଝିରେ ତାଙ୍କୁ ଶଙ୍ଖୋଳି ଆସିବାପାଇଁ ଦେବେନ୍ଦ୍ରଙ୍କୁ ପଠାନ୍ତି ମହାଦେବ । ଦେବେନ୍ଦ୍ର କିନ୍ତୁ ଶଗଡରେ ଯିବାକୁ ନାରାଜ । ପାଖ ବରହମ୍‌ପୁରା ଗାଁରେ ଜଣଙ୍କର ପୋଷା ଘୋଡାଟିଏ ଥାଏ । ଦୁର୍ବଳ, ମଢିଆ ହାଡକଙ୍କାଳ ସାର ପଶୁଟିଏ । ସେଇ ଘୋଡାଟି ଲୋକପଠାଇ ଡାକି ଆଣି ସେଇଥିରେ ଚଢି ନାନୀଘରକୁ ଯାଆନ୍ତି ଦେବେନ୍ଦ୍ର । ପୋଷାକପତ୍ର, ଖାଦ୍ୟପେୟରେ ବିଳାସୀ, ପାଠପ୍ରତି ଅନାଗ୍ରହୀ । ସରସ୍ୱତୀଙ୍କର ବରପୁତ୍ର କେବଳ ତାଙ୍କର ମଧମ ପୁତ୍ରଟି । ଇଚ୍ଛା ଯଦି କରୁଛି, ଯାଉ ସିଏ ପାଟ୍‌ନା । ରାସ୍ତା ରୋକିବେ ନାହିଁ ତାର ସିଏ ।



Digitized by srujanika@gmail.com

ସୀତାଙ୍କ ଆଖିରୁ ଝରଝର ପାଣି ବହୁଛି ସକାଳୁ । ସ୍ୱାମୀଙ୍କର କୌଣସି କଥାରେ କେବେ ବାଧା ଦେଇନାହାନ୍ତି । ଆଜି ମଧ ଦେଲେନି ।

ମହାଦେବ କହିଲେ- ଦୂରଦେଶ, ସୁବିଧା ଅସୁବିଧା ଅଛି । ତୁମେ ଚଳିଲା ଭଳି ଟଙ୍କା ମୁଁ ପ୍ରତିମାସରେ ପଠାଇବି । ତା' ବ୍ୟତୀତ ଅଧିକ କିଛି ଟଙ୍କା ମଧ ଦେବି । ବ୍ୟାଙ୍କ୍ ପାଶବୁକ୍‌ରେ ରଖିଦବ ଜରୁରୀ ପରିସ୍ଥିତି ପାଇଁ । ଖୁବ୍ ଦରକାର ନହେଲେ ତାକୁ ଖର୍ଚ୍ଚ କରିବନି ।

କୁଞ୍ଜବିହାରୀ କହିଲେ- ଏମିତିରେ ମୁଁ ବୃତ୍ତି ପାଇବି ମଧ । ବିଶ୍ୱ ବିଦ୍ୟାଳୟରେ ପ୍ରଥମ ହୋଇଥିବା ହେତୁ ପୋଷ୍ଟଗ୍ରାଜୁଏଟ୍ ସ୍କଲାରଶିପ୍ ମିଳିବ ମତେ । କିଛି ଅସୁବିଧା ହବନି ମୋ'ର ।

ପିତାମାତାଙ୍କଠାରୁ ବିଦାୟ ନେଇ ପାଟନା ଅଭିମୁଖେ ଯାତ୍ରା କଲେ କୁଞ୍ଜବିହାରୀ । ପୂର୍ବ ପରୀକ୍ଷାଫଳ ଭଲ ଥିଲା । ସହଜରେ ସ୍ଥାନ ମିଳିଗଲା ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲ୍‌ରେ ।

ବଡ ସହର । ନୂଆ ଜାଗା । କଟକ ତୁଳନାରେ ବେଶୀ ପ୍ରଶସ୍ତ । ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଇଲାକାରୁ ଆସିଥିବା ଅନେକ ଛାତ୍ରଙ୍କ ଭିଡ । ତିନୋଟି ପ୍ରଦେଶ - ବିହାର, ବଙ୍ଗଳା ଓ ଓଡିଶାର ଏକମାତ୍ର ବିଶ୍ୱବିଦ୍ୟାଳୟ ସେତେବେଳେ ପାଟ୍‌ନା ବିଶ୍ୱବିଦ୍ୟାଳୟ ।

ଏଥର ମଧ ସର୍ବୋତ୍କୃଷ୍ଟ ପରୀକ୍ଷା ଫଳ ପାଇଁ ପ୍ରତିଜ୍ଞାବଦ୍ଧ ଥିଲେ କୁଞ୍ଜବିହାରୀ । ପୁଙ୍ଖାନୁପୁଙ୍ଖ ଭାବରେ ପ୍ରତ୍ୟେକଟି ବିଷୟର ଅନ୍ତଃସ୍ଥଳୀକୁ ଯାଇ ଅର୍ଥ ବୁଝୁଥିଲେ ତା'ର । ସଂସ୍କୃତ ଅଳଙ୍କାର ଶାସ୍ତ୍ର ପଢିଲାବେଳେ ମନେ ହେଉଥିଲା ବିଷୟଟି ସୁବୃହତ୍ । ମମ୍ମଟ, ଦଣ୍ଡୀ, ବାମନ, ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, ବିଶ୍ୱନାଥ ତଥା ଅନ୍ୟାନ୍ୟ ବିଦୂଷଗଣ ନିଜ ନିଜ ମତବାଦର ପ୍ରାଧାନ୍ୟ ପ୍ରମାଣ କରିଯାଇଛନ୍ତି ସ୍ୱରଚିତ ପୁସ୍ତକମାନଙ୍କରେ । ଭାଷାର ସମୃଦ୍ଧି ପାଇଁ କିଏ ଯଦି ଗୁରୁତ୍ୱ ଦେଇଛନ୍ତି ଅଳଙ୍କାର ଉପରେ, ଅନ୍ୟଜଣେ କିଏ ଭାବଗତ ମର୍ଯ୍ୟାଦା ପାଇଁ ଦାୟୀ କରିଛନ୍ତି ନବରସକୁ । ଏ ସମସ୍ତ ମତବାଦର ଏକୀକରଣ ଓ ଉପଲବ୍ଧି କିଛି ସହଜସାଧ ବ୍ୟାପାର ନଥିଲା । କିନ୍ତୁ କୁଞ୍ଜବିହାରୀ ତାହା କରିଥିଲେ । ସମଗ୍ର ଅଳଙ୍କାର ଶାସ୍ତ୍ର ଆମୂଳଚୂଳ ପଠନ କରି, ରସ, ଧ୍ୱନି, ରୀତି, ଅଳଙ୍କାର, ଅଭିଧାଲକ୍ଷଣାବ୍ୟଞ୍ଜନା ତଥା ଅନ୍ୟାନ୍ୟ ବିଷୟବସ୍ତୁକୁ ନେଇ ରଚନା କରିଥିଲେ ନିବନ୍ଧ ସମୂହ । ଭରତମୁନିଙ୍କ ନାଟ୍ୟଶାସ୍ତ୍ର ଉପରେ ଭିତ୍ତିକରି କରିଥିଲେ ନାଟକର ବର୍ଗୀକରଣ, ବତାଇଥିଲେ ନାଟକର ଲକ୍ଷଣାବଳୀ । ଲେଖାଗୁଡିକ ଥିଲା ସ୍ୱୟଂସଂପୂର୍ଣ୍ଣ । ରସ ସମ୍ପର୍କୀୟ ରଚନାଟି ପଢ଼ିଦେଲେ ଜଣାପଡୁଥିଲା କିଏ କଅଣ ସେ ସମ୍ପର୍କରେ କହିଛନ୍ତି, ଅଲଗା ଅଲଗା ବହି ଖୋଜି, ପଢି, ସମୟ ବରବାଦ କରିବାର ପ୍ରଶ୍ନ ଉଠୁନଥିଲା ।

କୁଞ୍ଜବିହାରୀଙ୍କ ଜ୍ୟେଷ୍ଠାକନ୍ୟା ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ଭାରତୀୟ ସାହିତ୍ୟରେ ଏମ୍.ଲିଟ୍ କରୁଥିବାର ସମୟରେ ତାହାର ପାଠ୍ୟକ୍ରମର ଗୋଟିଏ ପେପର



Digitized by srujanika@gmail.com

ଥିଲା ସଂସ୍କୃତ ପୋଏଟିକ୍‌ସ । ବିଷୟବସ୍ତୁଟି ଝିଅକୁ କଠିନ ଏବଂ ଦୁରୂହ ମନେ ହେଉଥିଲା । କୁଞ୍ଜବିହାରୀ ସେତେବେଳେ ତାଙ୍କର ବହି ଆଲମାରୀଟି ଖୋଜି ବାହାର କରି ଆଣିଥିଲେ ଅତିପୁରୁଣା ଲମ୍ୱଖାତାଟିଏ । ଖାତା ଉପରେ ଲେଖା ଥିଲା କୁଞ୍ଜବିହାରୀ ତ୍ରିପାଠୀ । ପଞ୍ଚମ ବାର୍ଷିକ ଛାତ୍ର, ପାଟ୍‌ନା ବିଶ୍ୱବିଦ୍ୟାଳୟ । ଭିତରେ ଇଂରାଜୀରେ ଲେଖା ବିଭିନ୍ନ ତତ୍ତ୍ୱ ସମ୍ୱଳିତ ଗବେଷଣାତ୍ମକ ନିବନ୍ଧଟିମାନ । ଏଭଳି ପ୍ରାଞ୍ଜଳ ଏବଂ ସ୍ୱଚ୍ଛ ଭାବରେ କୁଞ୍ଜବିହାରୀ ପ୍ରତ୍ୟେକଟି ବିଷୟ ବୁଝେଇଥିଲେ ଯେ ମନରେ କୌଣସି ପ୍ରକାର ସନ୍ଦେହର ଅବକାଶ ରହୁନଥିଲା । କେବଳ ସେହି ଖାତାଟି ପଢି ତାଙ୍କର କନ୍ୟାଟି ଉକ୍ତ ପେପରରେ ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିଲା । ବହି ବ୍ୟତୀତ ଆଗ୍ରହ ଥିଲା ଖେଳରେ । ତକ୍‌ତକ୍ ଗୋରା ସ୍ୱାସ୍ଥ୍ୟବାନ ଚେହେରା । ପ୍ରତ୍ୟେକ ଦିନ କଲେଜରୁ ଫେରି ଜଳପାନ ଖାଇ ଫୁଟ୍‌ବଲ୍ ଓ ହକି ଖେଳୁଥିଲେ । କେବେକେବେ ଟେନିସ୍ । ଏତେ ଭଲ ଖେଳୁଥିଲେ ଯେ ହଷ୍ଟେଲ୍‌ର ପ୍ରଥମ ଏଗାରଜଣଙ୍କ ଭିତରେ ଜଣେ ଉତ୍ତମ ଖେଳାଳୀ ରୂପେ ପରିଚିତ ଥିଲେ । ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଖେଳୁଥିଲେ ହଷ୍ଟେଲ୍ ତରଫରୁ ।

ଆଉ ମଝିରେ ମଝିରେ ଯାଉଥିଲେ ଗଙ୍ଗାତୀରକୁ । ପ୍ରଥମ କୈଶୋରରେ ଦେଖିଥିବା ଚାରୁଦର୍ଶନା ମହାନଦୀର ସ୍ନିଗ୍ଧରୂପକୁ ବର୍ତ୍ତମାନ ଦେଖୁଥିଲେ ଗଙ୍ଗାର ଢେଉରେ । ଶୈଶବର ମହାନଦୀ ମନଭିତରେ ନଦୀପ୍ରତି ଏକ ଅହେତୁକ ଆକର୍ଷଣ ସୃଷ୍ଟି କରୁଥିଲା ଅହରହ ।

ଥରଟେ ଗଙ୍ଗାକୂଳରେ ଭ୍ରମଣ କରୁଥିବା ସମୟରେ ଗାନ୍ଧିଜୀଙ୍କର ନୌକାରେ ନଦୀ ପାରହେବା ଦୃଶ୍ୟଟି ତାଙ୍କର ଦୃଷ୍ଟିଗୋଚର ହୋଇଥିଲା । ଜୀବନରେ ପ୍ରଥମଥର ପାଇଁ ଦେଖିଥିଲେ ଗାନ୍ଧିଜୀଙ୍କୁ । ମନ ଭିତରେ ତୀବ୍ର ଆଲୋଡନ ସୃଷ୍ଟି ହୋଇଥିଲା ଓ ହଷ୍ଟେଲ୍ ଫେରି ଏଇ ଦୃଶ୍ୟକୁ କବିତା ଆକାରରେ ଲିପିବଦ୍ଧ କରିଥିଲେ ।

ସେ କବିତାଟି ଆମୃତ୍ୟୁ ତାଙ୍କ ପାଖରେ ରହିଥିଲା । କବିତାଟି ବାରମ୍ୱାର ପଢୁଥିଲେ ଏବଂ କାନ୍ଦୁଥିଲେ । ନବେ ବର୍ଷ ବୟସରେ ନିଦ୍ରା ଯାଉଥିଲେ କବିତାଲେଖା ସେ ଜରାଜୀର୍ଣ୍ଣ କାଗଜର ଟୁକୁଡାଟି ତକିଆ ତଳେ ରଖି ।

●●●



Digitized by srujanika@gmail.com

## ।। ୧୪ ।।

ମଝିରେ ମଝିରେ ମନେ ପଡୁଥିଲା ଗାଁ କଥା । ମଧୁସୂଦନଙ୍କୁ ପ୍ରିୟଦର୍ଶନା କନ୍ୟା ସନ୍ତାନଟିଏ ଉପହାର ଦେଇ ତାଙ୍କର ପ୍ରଥମା ପତ୍ନୀ ସ୍ୱର୍ଗଗାମିନୀ ହୋଇଛନ୍ତି ଯା ଭିତରେ । ମହାଦେବ ପୁତ୍ରର ଦ୍ୱିତୀୟ ବିବାହ କରାଇଛନ୍ତି, ଦ୍ୱିତୀୟା ପତ୍ନୀ ହେମଲତା ବର୍ତ୍ତମାନ ପୁତ୍ରବଧୂ ରୂପେ ଆସିଲେଣି ଘରକୁ ।

ପିତା ପତ୍ର ଲେଖିଥିଲେ- କନିଷ୍ଠତମ ପୁତ୍ର ଦେବେନ୍ଦ୍ରନାଥଙ୍କର ମଧ ଆଶୀର୍ବାଦ ଘର ସରିଛି ଏବଂ ରାଧାରାଣୀଙ୍କ ସହିତ ତାଙ୍କର ବର୍ତ୍ତମାନ ଏକ ସୁଖ ବିମଣ୍ଡିତ ସଂସାର । ଜ୍ୟୋଷ୍ଠା କନ୍ୟା ଶ୍ରଦ୍ଧା ସ୍ୱାମୀ ସନାତନ ଏବଂ ଶିଶୁପୁତ୍ର ନରୋତ୍ତମଙ୍କୁ ନେଇ ତା' ଶାଶୁଘରେ । ସ୍ନିଗ୍ଧା ଓ ଶ୍ୟାମଳୀ ଶକୁନ୍ତଳା ବର୍ତ୍ତମାନ ପତିଗୃହକୁ ଯିବା ପାଇଁ ଅପେକ୍ଷମାଣା । ତୀର୍ଯ୍ୟକ୍ ଭାବରେ କୁଞ୍ଜବିହାରୀଙ୍କର ବିବାହ ଲାଗି ବାରମ୍ବାର ଇସାରା କରନ୍ତି ମହାଦେବ । କିନ୍ତୁ ତାଙ୍କର କୌଣସି ଇସାରା ଫଳପ୍ରସୂ ହୁଏନି । ବିବାହ ସମ୍ପର୍କରେ କୁଞ୍ଜବିହାରୀ ସମ୍ପୂର୍ଣ୍ଣରୂପେ ଉଦ୍‌ବେଗ ଶୂନ୍ୟ ।

ମଝିରେ ଖରାଛୁଟିରେ ଥରେ ଘରକୁ ଆସିଥିଲେ କୁଞ୍ଜବିହାରୀ । ପିତା ଆହୁରି ବୃଦ୍ଧ ହୋଇଯାଇଛନ୍ତି । ଆହୁରି ବେଶୀ ଗମ୍ଭୀର ଓ ନିସ୍ତବଧ । ପିତାଙ୍କ ସାମ୍ନାକୁ ଯାଇ ସିଧାସଳଖ କଥା କହିବା ପାଇଁ ଏବେ ବି ସାହସ ହୁଏନି କୁଞ୍ଜବିହାରୀଙ୍କର । ତାଙ୍କର ବେଶୀ ସମୟ କଟେ ମା' ସୀତାଙ୍କ ସାଥିରେ । ପ୍ରତ୍ୟେକ ଦିନ ରାତିରେ ମା'ଙ୍କର ପଦସେବା କରନ୍ତି କୁଞ୍ଜବିହାରୀ । ସୀତା ଯେତେ ମନା କଲେ ବି ମାନନ୍ତିନି ତାଙ୍କ କଥା ।

କ୍ଷୀଣାଙ୍ଗୀ ସାନଭଉଣୀଟି ବେଶ୍ ବଡ ହେଇଯାଇଛି ଯା ଭିତରେ । କଟକରେ ପଢିଲାବେଳେ ଘରେ ପହଞ୍ଚୁ ପହଞ୍ଚୁ ପ୍ରଥମ କାମ ଥିଲା ଗେହ୍ଲାଭଉଣୀ କୁନ୍ତଳାକୁ କୋଳକୁ ଉଠେଇବା । ସାରାଦିନ କାଖେଇକି ଦାଣ୍ଡ ବାରି ବୁଲାଉଥିଲେ ତାକୁ । ଏବେ କିନ୍ତୁ କୁନ୍ତଳା ବେଶ୍ ଲଜ୍ଜାଶୀଳା । ଆଗପରି ବଡଭାଇଙ୍କୁ କୁଣାଇ ଧରି ତାଙ୍କୁ ବାରିଗଛରୁ କୋଳି ପାରିଦେବା ପାଇଁ ଆଉ ଅଳି କରେନି ।

ମଝିରେ ଥରଟେ ଭଉଣୀ ଶ୍ରଦ୍ଧାଙ୍କ ସହିତ ଦେଖା କରିବା ଲାଗି ତାଙ୍କ ଶାଶୁଘର ଗାଁ'କୁ ଯାଇଥିଲେ କୁଞ୍ଜବିହାରୀ । ଭାରି କୌତୁକମୟ ଥିଲା ସେ ଯାତ୍ରା । ଶଗଡରେ ବସି



Digitized by srujanika@gmail.com

ଯାତ୍ରା ଆରମ୍ଭ କଲାପରେ, ଗାଁ ମୁଣ୍ଡରେ ନପହଞ୍ଚୁଣୁ ଶଗଡିଆ ଆନନ୍ଦ କହିଥିଲା- ବାବୁ, ତମେ ବଳଦଙ୍କୁ ବାଟ ବତେଇବନି, ଦେଖିବ ଠିକ୍ ସିଧାସିଧା ନେଇ ତମକୁ କେମିତି ନାନୀ ଘରେ ହାଜର କରିଦେବେ ।

ବାଟ କେମିତି ବତେଇବାନି ? ଛକ ଜାଗାରେ କିମ୍ବା ଗହୀରର କେଉଁ ବୁଲାଣି ଦେଇକି ସେମାନେ ଯିବେ, ତାଙ୍କୁ ତ ସେଇ ବାଟରେ ଅଡେଇବାକୁ ପଡିବ ନା !

ଆନନ୍ଦ ହସିଲା, କହିଲା ଅଡେଇବା ଦରକାର ନାହିଁ, ଆମ ଗାଁ ଛାଡିଲାପରେ ବଳଦ ଯୋଡିକ ଏକମୁହାଁ ହେଇ ବାଟ ଚିହ୍ନି ଠିକ୍ ନେଇ ନାନୀ ଦାଣ୍ଡଦୁଆରେ ପହଞ୍ଚେଇ ଦେବେ ଆମକୁ ।

କାରଣଟି ଆନନ୍ଦଠାରୁ ପରେପରେ ଶୁଣିଥିଲେ କୁଞ୍ଜବିହାରୀ । ଝିଅକୁ ଶାଶୁ ଘରକୁ ପଠାଇ ଦେଇ ବଡ ବିଷାଦଗ୍ରସ୍ତ ହୋଇ ପଡିଥିଲେ ଉଭୟ ମହାଦେବ ଓ ସୀତା । ସଦାସର୍ବଦା କିଛି ନା କିଛି ଭାର ନେଇ ଶଗଡ ଝିଅ ଘରକୁ ଯାଉଥିଲା । ବଳଦମାନେ ନିୟମିତ ଯାଇ ଯାଇ ଶ୍ରଦ୍ଧାଙ୍କ ଗାଁରେ ପହଞ୍ଚିବାର ବାଟ ସହିତ ପରିଚିତ ହେଇଯାଇଥିଲେ ।

କାହାଣୀଟି ଶୁଣି ହସିଥିଲେ କୁଞ୍ଜବିହାରୀ । ଆନନ୍ଦ କହିଲା- ତୁମକୁ ଦେଖି ଭାରି ଖୁସି ହୋଇଯିବେ ଶରଧା ନାନୀ ।

କୁଞ୍ଜବିହାରୀ ପଚାରିଲେ- ବାପା କଅଣ ଜମା ଯାଆନ୍ତିନି ଶରଧା ଘରକୁ ?

- ତମ ବାପାଙ୍କ କଥା ଛାଡ । ତାଙ୍କ ଯିବାଟା ଭାରି ଝାମେଲାର କାମ, ନିଜେ ଯିବେ ଗୋଟିଏ ଶଗଡରେ । ସାଥିରେ ଡାଲି, ଚାଉଳ, ତେଲ ଲୁଣ ଠାରୁ ଆରମ୍ଭ କରି ଜାଳେଣି କାଠ ପର୍ଯ୍ୟନ୍ତ ଧରି ଅନ୍ୟ ଗୋଟିଏ ଶଗଡରେ ଯିବ ରୋଷେୟା । ଝିଅଘରେ ଯେଉଁ ଓଳିଏ ରହିବେ, ସ୍ୱପାକ ଖାଇ ରହିବେ । ଖାଲି ନିଜ ପାଇଁ ନୁହେଁ- ବଳଦଙ୍କ ପାଇଁ ନଡା ଓ କୁଳୁଚି ବି ଯାଇଥିବ ସାଥିରେ । କନ୍ୟାଘରେ ଭୋଜନ କରିବା ଯେ ଦୋଷାବହ । ଆନନ୍ଦ ମୃଦୁହସି କହିଲା - ଏତିକି ସରଞ୍ଜାମ ସାଥିରେ ନେଇ, ଏତିକି ଆଡମ୍ବରରେ ଯିବା କଅଣ ସହଜ କଥା ?

କୁଞ୍ଜବିହାରୀ ପ୍ରସଙ୍ଗ ବଦଳାଇ କହିଲେ- ଆଉ ନନା ? ଦେବେନ୍ଦ୍ର ତ ଛୁଟିରେ ବାଙ୍କିରୁ ଆସିଲେ ଯାଉଥିବ ନାନୀ ଘରକୁ ।

- ତମ ନନା ତ ଜମିବାଡି ଧନ୍ଦାରେ ବ୍ୟସ୍ତ । ଦେବେନ୍ଦ୍ରବାବୁ ବାଙ୍କିଠାରୁ କେବେ କେମିତି ଆସିଲେ ଯାଆନ୍ତି । ତାଙ୍କପାଇଁ ପୁଣି ବରହମ୍ପୁରାର ସେ ମଡିଆ ଘୋଡାଟିକୁ ଆଣିବାକୁ ପଡେ ।



Digitized by srujanika@gmail.com

ସୌଖୀନ୍ ସାନଭାଇଟିର ପିଲାଳିଆମି କଥା ଶୁଣି ମୁରକି ହସିଲେ କୁଞ୍ଜବିହାରୀ। ମନେ ପଡ଼ିଥିଲା ଏକ ପୁରୁଣା ମଜେଦାର୍ କଥା।

ଶ୍ରଦ୍ଧାଙ୍କର ପୁଆଣିଘର ବେଳେ କୁଞ୍ଜବିହାରୀ ଓ ଦେବେନ୍ଦ୍ରନାଥ ଉଭୟ ଯାଇଥିଲେ ଭଉଣୀକୁ ଛାଡ଼ି। ଫେରିଲାବେଳେ କୌତୁକରେ ଭିଣୋଇଙ୍କ ଘରୁ ଲଣ୍ଠନଟିଏ ଉଠାଇ ନେଇ ଆସିଥିଲେ ଦେବେନ୍ଦ୍ର। ଅଭିପ୍ରାୟ ଥିଲା ଭିଣୋଇଙ୍କ ସହିତ ପରିହାସ କରିବା। କାର୍ଯ୍ୟଟି କିନ୍ତୁ କୁଞ୍ଜବିହାରୀଙ୍କର ପସନ୍ଦ ହୋଇନଥିଲା। ଘଟଣାଟି ଜାଣିସାରିବା ପରେ, ଅଧାରାସ୍ତାରୁ ଶଗଡ ଲେଉଟାଇ ବତୀଟି ନେଇ ଫେରାଇଦେଇ ଆସିଥିଲେ ଭଉଣୀଘରେ। ଏବଂ କୌତୁକରେ ଭଙ୍ଗା ପଡ଼ିଯାଇଥିବା ହେତୁ ସାରା ରାସ୍ତା ମୁହଁ ଫୁଲାଇ ଗୁମ୍ ହୋଇ ବସି ରହିଥିଲେ କିଶୋର ଦେବେନ୍ଦ୍ରନାଥ।

କେତୋଟି ସୁଖୀ ଦିନ ଗାଁରେ ବିତାଇ ପାଟ୍ନା ଫେରି ଆସିଥିଲେ କୁଞ୍ଜବିହାରୀ। ବିଦ୍ୟାର୍ଜନରେ ଅବହେଳା କରିନଥିଲେ କେବେ ବି। ପାଠପଢ଼ା ପ୍ରତି ଥିଲେ ଏକନିଷ୍ଠ ଓ ସଚ୍ଚୋଟ୍। ଏଥରକ ମଧ୍ୟ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କଲେ। ପୁରସ୍କାର ସ୍ୱରୂପ ପୁନର୍ବାର ପାଇଲେ ସ୍ୱର୍ଣ୍ଣପଦକ।

ହଷ୍ଟେଲ୍ ଛାଡ଼ିବା ପୂର୍ବରୁ ସୁପରିଟେନ୍‌ଡେଣ୍ଟଙ୍କ ପାଖକୁ ଯାଇଥିଲେ କଣ୍ଡକ୍ଟ ସାର୍ଟିଫିକେଟ୍ ପାଇଁ। ସୁପରିନ୍‌ଟେନ୍‌ଡେଣ୍ଟ ଶ୍ରୀ ଗାଙ୍ଗୁଲୀ ଖୁସି ମନରେ ନିଜ ହାତରେ ଲେଖିଦେଲେ ପ୍ରଶଂସା ପତ୍ରଟିଏ।

"କୁଞ୍ଜବିହାରୀ ତ୍ରିପାଠୀ ଉଣେଇଶହ ବତିଶ ଏବଂ ତେତିଶ ମସିହାରେ, ମୋ ହଷ୍ଟେଲ୍‌ରେ ରହୁଥିଲେ। ଅତ୍ୟନ୍ତ ଭଦ୍ର ଓ ମେଧାବୀ ଯୁବକ। ଚମତ୍କାର ଖେଳାଳୀ ଏବଂ ଉଭୟ ହକି ଏବଂ ଫୁଟ୍‌ବଲ ଖୁବ୍ ଭଲ ଖେଳନ୍ତି। ମୋ ହଷ୍ଟେଲ୍‌ରେ ପ୍ରଥମ ଏଗାର ଜଣ ଖେଳାଳୀଙ୍କ ମଧ୍ୟରେ ସିଏ ସବୁଠାରୁ ଉତ୍ତମ।

ଅତ୍ୟନ୍ତ କର୍ମଠ ଯୁବକ। ଗୋଟିଏ ବି ମୁହୂର୍ତ୍ତ ବେକାର କଥା କହିବାରେ ନଷ୍ଟ କରନ୍ତିନି। ହଷ୍ଟେଲ୍‌ର ନିୟମଶୃଙ୍ଖଳା ଗୋଟିଗୋଟି କରି ମାନନ୍ତି। ସଚ୍ଚରିତ୍ର ଏଇ ଯୁବକଟିର ମୁଁ ମଙ୍ଗଳ କାମନା କରେ।"

ଠିକ୍ ସେଇ ଏକା କଥା ଲେଖିଥିଲେ ପ୍ରିନ୍‌ସିପାଲ ଶ୍ରୀ ଆର୍.ପି. ଖୋସ୍‌ଲା "କୁଞ୍ଜବିହାରୀ କଲେଜରେ ସର୍ବୋତ୍ତମ ଛାତ୍ର କେତୋଟି ଭିତରେ ଅନ୍ୟତମ। ଡିବେଟ୍‌ରେ ଭାଗ ନିଅନ୍ତି। ଭଲ ଖେଳନ୍ତି ମଧ୍ୟ। ହଷ୍ଟେଲ୍‌ରେ ପ୍ରଥମ ଏଗାରଜଣ ହକି ଓ ଫୁଟ୍‌ବଲ୍ ଖେଳାଳୀଙ୍କ ଭିତରେ ଅନ୍ୟତମ। ଅତ୍ୟନ୍ତ ଚରିତ୍ରବାନ୍ ଯୁବକ।"



Digitized by srujanika@gmail.com

କୁଞ୍ଜବିହାରୀ ହକି ଓ ଫୁଟ୍‌ବଲ୍ ବ୍ୟତୀତ ଟେନିସ୍‌ରେ ମଧ୍ୟ ରୁଚି ରଖୁଥିଲେ । ବହୁବର୍ଷ ପରେ, ଓଡିଆ ଇଞ୍ଜିନିୟରିଂ କଲେଜର ଡିରେକ୍ଟର ଶ୍ରୀ କାମିନୀ ପଟ୍ଟନାୟକ ଥରଟେ କୁଞ୍ଜବିହାରୀଙ୍କ ମଧ୍ୟମପୁତ୍ରଙ୍କୁ କହିଥିଲେ- ବାପାଙ୍କୁ ମୋ କଥା କହିବ । ମନେ ପକେଇ ଦବ, ଆମେ ଏକା ସାଥିରେ ଟେନିସ୍ ଖେଲୁଥିଲୁ । କୁଞ୍ଜବିହାରୀ ଟେନିସ୍ ଖେଳ ଛାଡିଥିଲେ ସତ, କିନ୍ତୁ ରାକେଟ୍‌ଟିର ମୋହ ଛାଡି ପାରିନଥିଲେ । ବହୁବର୍ଷ ଧରି ତାଙ୍କ ପଢା ଘରେ ଏକ କଣ୍ଟାରେ ଓହଳି ରାକେଟ୍‌ଟି ଝୁଲି ରହିଥିଲା ।

ଚାକିରିରେ ଯୋଗଦାନ ପରେ ଛାତ୍ରଜୀବନର ଖେଳପ୍ରୀତିର ଅବସାନ ଘଟିଥିଲା କୁଞ୍ଜବିହାରୀଙ୍କର । କେବଳ ବର୍ଷକୁ ଥରଟେ, ରେଭେନ୍ସା କଲେଜର ଦିବାଧ୍ୟାୟୀ ସଂଘ ସହିତ ସଂପୃକ୍ତ ଥିଲାବେଳେ ଅଧ୍ୟାପକ ଓ ଛାତ୍ରମାନଙ୍କ ମଧ୍ୟରେ ହେଉଥିବା ଫୁଟ୍‌ବଲ ଖେଳରେ ଭାଗ ନେଉଥିଲେ । ପ୍ରଥମ ବଲ୍‌ଟି ମାରିବାର ମର୍ଯ୍ୟାଦା ତାଙ୍କୁ ମିଳୁଥିଲା । ସେଣ୍ଟର ଫର୍‌ୱାର୍ଡ ରୂପେ ଖେଳୁଥିବା କୁଞ୍ଜବିହାରୀ ସଜୋରେ ପଦାଘାତ କରୁଥିଲେ ବଲ୍‌ଟିକୁ ଏବଂ ବଲ୍ ଶୂନ୍ୟକୁ ଉଠି ପବନ ବେଗରେ ଛୁଟୁଥିଲା ଗୋଲପୋଷ୍ଟ ଆଡେ । ଯୌବନର ସେ ଖେଳ ସମ୍ପୂର୍ଣ୍ଣ ରୂପେ ପାଶୋରି ହେଇନଥିଲା ତାଙ୍କର ।

•••



Digitized by srujanika@gmail.com

## ।। ୧୫ ।।

ମହାଦେବ ସାମ୍ନାରେ ନତମସ୍ତକ ହୋଇ ଠିଆ ହୋଇଥିବା ପୁତ୍ରକୁ ପଚାରିଲେ- ଏମ୍.ଏ. ପଠପଢ଼ାତ ସରିଲା । ଏବେ କଅଣ କରିବ ଭାବୁଛ ? କୁଞ୍ଜବିହାରୀ କିଛି ସମୟ ନୀରବ ରହିଲେ । ତା'ପରେ କହିଲେ ବର୍ତ୍ତମାନ ସାଙ୍ଗେସାଙ୍ଗେ ଅଧ୍ୟାପକର କୌଣସି ପଦବୀ ମିଳିବା କଷ୍ଟକର । ରେଭେନ୍ସା କଲେଜରେ କୌଣସି ଖାଲି ସ୍ଥାନ ନାହିଁ । ତୁଚ୍ଛାରେ ଘରେ ବସିବା ଅପେକ୍ଷା କୌଣସି ପଢ଼ାପଢ଼ିରେ ନିଜକୁ ନିୟୋଜିତ କଲେ ବରଂ ଭଲ । ଦ୍ୱିତୀୟରେ ଦେଶର କାନୁନ ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ମୋର ଆଗ୍ରହ ମଧ୍ୟ ଅଛି । ଭାବୁଛି ଲ' ପଢ଼ିଲେ ଭଲ ହୁଅନ୍ତା ।

ମହାଦେବ ମୁଣ୍ଡ ହଲାଇ ସମ୍ମତି ପ୍ରଦାନ କଲେ । ସାରାବର୍ଷ ତାଙ୍କର ଜମି ସଂକ୍ରାନ୍ତ ମାଲି ମକଦ୍ଦମା । ପୁତ୍ର ଆଇନ ପାଠ ପଢ଼ିଲେ ନିଶ୍ଚିତ ରୂପେ ତାଙ୍କୁ କିଛିଟା ସାହାଯ୍ୟ ମିଳିବ । ବାରମ୍ବାର ଓକିଲ ପଛରେ ଦୌଡ଼ିବାକୁ ପଡିବନି ।

କୁଞ୍ଜବିହାରୀ କୁଣ୍ଠିତ ଭାବରେ ପୁନର୍ବାର କହିଲେ- ଅବଶ୍ୟ ଦୁଇ ବର୍ଷର ଖର୍ଚ୍ଚର ବ୍ୟାପାର ରହିଛି ।

ସେଥିପାଇଁ ତୁମେ ବିବ୍ରତ ହେବା ଦରକାର ନାହିଁ । ମୁଁ ବୁଝିବି ସେ କଥା । ପାଠ ପଢ଼ିବ ବୋଲି କହୁଚ, ତୁଚ୍ଛାଟାରେ ପଇସା ବରବାଦ ତ କରୁନ ।

ଏ ଆଲୋଚନାର ପୂର୍ଣ୍ଣଚ୍ଛେଦ ପକାଇ ମହାଦେବ ମନ୍ତବ୍ୟ କଲେ ଏବଂ କୁଞ୍ଜବିହାରୀ ଯାଇ ନାଁ ଲେଖାଇଲେ ପାଟ୍‌ନା ବିଶ୍ୱବିଦ୍ୟାଳୟର ଲ' ଶ୍ରେଣୀରେ । ପାଠପଢ଼ାରେ ଥିଲେ ନିରଳସ । ସମୟମତ ଠିକ୍‌ଠାକ୍ ଲ' ପାଶ୍ କଲେ ମଧ୍ୟ । ଏ ସମସ୍ତ ଉଚ୍ଚଶିକ୍ଷା ସତ୍ତ୍ୱେ, ଯା' ଭିତରେ କୁଞ୍ଜବିହାରୀ ହୋଇଯାଇଥିଲେ ଆହୁରି ସୁସ୍ଥିର, ଶୃଙ୍ଖଳିତ ଏବଂ ନୀତିନିଷ୍ଠ । ସମସ୍ତ ପ୍ରକାର ସାଂସାରିକ ସୁଖସମ୍ଭୋଗଠାରୁ ଦୂରରେ ରହି ଏକ ସାଧୁଜନୋଚିତ ଜୀବନ ବିତାଇବାରେ ଥିଲେ ପ୍ରତିଶ୍ରୁତିବଦ୍ଧ । ପୃଥିବୀର ସଭିଏଁ ଅଗ୍ରଗାମୀ ସ୍ରୋତରେ ଚାଲୁଥିଲା ବେଳେ ସିଏ ଚାଲୁଥିଲେ ବିପରୀତ ଦିଗରେ । ଥିଲେ ସାରଲ୍ୟ ଓ ଅକପଟତାର ମନ୍ତ୍ରରେ ଦୀକ୍ଷିତ- ସଭିଙ୍କଠୁ ନିଆରା ।



Digitized by srujanika@gmail.com

ପାଠ ପଢୁପଢୁ ଯେଉଁ ସବୁ କଥା ଭାବୁଥିଲେ, ତାହା ଛୋଟଛୋଟ କାର୍ଡରେ ଲେଖି ରଖୁଥିଲେ ଯଥା ସର୍ବଦା ସତ୍ୟବଚନ କହିବ, କାହା ସହିତ ଅସଦାଚରଣ କରନା ଇତ୍ୟାଦି ଇତ୍ୟାଦି । ବହୁବର୍ଷ ପରେ ଘରେ ଗୋଟିଏ ଆଲମାରୀର କାଠ କୀଟଦଂଷ୍ଟ ହେବାରୁ ତହିଁରେ ଭର୍ତ୍ତି ଲ' ବହି ତାଙ୍କର ପୁତ୍ରକନ୍ୟାମାନେ କାଢ଼ି ନେଇ, ସେ ଆଲମାରୀଟିକୁ ପରିଷ୍କାର କରିଥିଲେ । ସେତେବେଳେ ଚାରିକୋଣିଆ ମୋଟା କାଗଜର କାର୍ଡ ଖଣ୍ଡିଏ ଗୋଟିଏ ବହି ଭିତରୁ ବାହାରିଥିଲା । ଲେଖା ଥିଲା- ରେ ମନ ! ଘିଅ ଛଣା ପିଠାପଣା ଖୁବ୍ ବେଶୀ ଖାଅନା, ଯଥା- କାକରା ପିଠା । କୁନିକୁନି ପୁତ୍ରକନ୍ୟାମାନେ କାର୍ଡଟି ପଢ଼ି ହସିଥିଲେ । କନ୍ଦରମଣୀ ଗୁଳୁରାତିକୁ କାଛିଆ ମଞ୍ଜି ଭାବିଲା ପରି, ସେମାନଙ୍କ ପାଇଁ କୁଞ୍ଜବିହାରୀ ଥିଲେ, କ୍ରୋଧଶୂନ୍ୟ, ସ୍ନେହପ୍ରଦ, ସାଧାରଣ ବାପାଟିଏ ମାତ୍ର । କିଭଳି ଦେବତୁଲ୍ୟ ମଣିଷର ସନ୍ତାନ ରୂପେ ସେମାନେ ଜନ୍ମଗ୍ରହଣ କରିଛନ୍ତି । ତାହା ଏତେ କମ୍ ବୟସରେ ବୁଝନ୍ତେ ବା କେମିତି ?

ପାଠପଢ଼ା ସରିଗଲା - କଟକ ଫେରି ଆସିଲେ କୁଞ୍ଜବିହାରୀ । ସ୍ୱଭାବ ହୋଇଯାଇଥିଲା ଅମାୟିକ ଓ ବିନମ୍ର । ପୋଷାକପତ୍ରରେ କିନ୍ତୁ ହୋଇ ଉଠିଥିଲା କିଛି ପରିମାଣରେ ସ୍ୱତନ୍ତ୍ର ଏବଂ ସଂଭ୍ରମଶୀଳ । ଆଦବ କାଇଦାରେ ପୂରାପୂରି ସାହେବ । ସଦାସର୍ବଦା ସଜ୍ଜିତ ସୁଟ୍, ଟାଇ ଓ ବୁଟ୍ ଜୋତାରେ । ଖାଉଥିଲେ ଚୌକି ଟେବୁଲରେ ବସି, କଣ୍ଟାଚାମଚ ଧରି । କୌଣସି ବ୍ୟଞ୍ଜନ ଦରକାର ହେଲେ ଖାଲି ଗିନାରେ ଚାମଚଟି ପିଟି ଦେଉଥିଲେ ଦି' ଥର । ସେ ମୃଦୁ ଟୁଣ୍ ଟାଣ୍ ଶବ୍ଦ ଦୃଷ୍ଟି ଆକର୍ଷଣ କରୁଥିଲା ପୂଝାରୀର ।

କଟକ ବାର୍‌ରେ ଆରମ୍ଭ ହେଲା ଓକିଲାତି । ଚାନ୍ଦିନୀଚୌକର ସଦରଥାନା ପୂର୍ବକୁ ଲାଗି ରହିଥିବା ଅହମ୍ମଦ ବକ୍ସଙ୍କର ଭଡ଼ାଘରେ ବସତି । ରୋଷେଇପତ୍ର କରିବା ଲାଗି ପିତା ପଠାଇଦେଲେ ନିକଟସ୍ଥ ଗ୍ରାମ ଠଣାପଲ୍ଲୀର ବ୍ରଜବନ୍ଧୁ ନାମକ ଲୋକଟିକୁ । ଶ୍ରୀଯୁକ୍ତ ଆର୍.ଏନ୍. ବାନାର୍ଜୀ ସାର୍ଟିଫିକେଟ୍‌ରେ ଲେଖିଥିଲେ କୁଞ୍ଜବିହାରୀ ଅତ୍ୟନ୍ତ ପରିଶ୍ରମୀ ତଥା ମେଧାବୀ ଛାତ୍ର ଥିଲେ ବୋଲି । କିନ୍ତୁ ସମସ୍ତ ମେଧା ସତ୍ତ୍ୱେ ଓକିଲାତିରେ ପ୍ରଚୁର ଅର୍ଥ କମେଇବାରେ କୁଞ୍ଜବିହାରୀ ଥିଲେ ଅସମର୍ଥ । ସୁରୁଖୁରୁରେ ଗୁଜୁରାଣ ହେଇଯାଉଥିଲା ଅବଶ୍ୟ । କିନ୍ତୁ ମିତଭାଷୀ ବାକ୍‌ପଟୁତା ବିହୀନ କୁଞ୍ଜବିହାରୀ ଯାହାଙ୍କର ଧର୍ମ ହେଲା ସର୍ବଦା ସତକଥା କହିବା, ସ୍ୱାଭାବିକ ଭାବରେ ଓକିଲାତିର କୁଶଳ ରୀତିନୀତିକୁ ଆପଣେଇ ପାରିନଥିଲେ । ହୃଦୟ ଥିଲା କୋମଳ, ନ୍ୟାୟ ଅନ୍ୟାୟର ଧାରଣା ବୁନିୟାଦ ତିଆର୍ କରିଯାଇଥିଲା ତାଙ୍କ ଭିତରେଥିବା ଚେତନା ପ୍ରବାହର । ଆଇନର ଉର୍ଦ୍ଧ୍ୱରେ ଯେ ଅନ୍ୟ ଏକ ସତ୍ୟ ଏବଂ ସମୀଚୀନ ଇଲାକା ଅଛି, ତାହା ବିଶ୍ୱାସ କରୁଥିଲେ ବିନା ପ୍ରଶ୍ନବାଚୀରେ ।

ଅନନ୍ତ ସାହୁ ନାମକ ଜଣେ ବ୍ୟକ୍ତି ଶ୍ରୀ ମହାଦେବ ତ୍ରିପାଠୀଙ୍କଠାରୁ ଟଙ୍କା କରଜ କରିଥିଲେ । ଯଥେଷ୍ଟ ପରିମାଣରେ ଟଙ୍କା, କିନ୍ତୁ ବହୁ ସମୟ ପରେ ବି ତାହା ପରିଶୋଧ



Digitized by srujanika@gmail.com

କରିବାରେ ଥିଲା ଅସମର୍ଥ । ମହାଦେବ ରାୟ ଦେଖାଇଥିଲେ ତାଙ୍କର ସମସ୍ତ ସମ୍ପତ୍ତି ନିଲାମ କରି କିଣି ନେବେ ବୋଲି । ଏ ସମ୍ପର୍କରେ ଉଚିତ କାର୍ଯ୍ୟାନୁଷ୍ଠାନ କ'ଣ ହେବ ତାହା ଜଣାଇବାକୁ ଓକିଲ ପୁତ୍ର କୁଞ୍ଜବିହାରୀଙ୍କୁ ଚିଠି ଲେଖିଥିଲେ ।

ପିତାଙ୍କ ମତ ସହିତ କୁଞ୍ଜବିହାରୀଙ୍କ ମତର କିନ୍ତୁ ପାର୍ଥକ୍ୟ ଥିଲା । ଅନନ୍ତ ସାହୁଙ୍କ ସହିତ କଥାବାର୍ତ୍ତା କରି ପିତାଙ୍କୁ ଲେଖି ଜଣାଇଥିଲେ- ଅନନ୍ତ ସାହୁଙ୍କ ସହିତ ମୋ'ର ଏ ସମ୍ପର୍କରେ ଆଲୋଚନା ହୋଇଚି, ଯା' ଭିତରେ ଟଙ୍କା ତାଙ୍କ ପାଖରେ ଅଛ ଥିବାରୁ, ସେ ବର୍ତ୍ତମାନ ଅଧେ ଟଙ୍କା ଓ ବାକି ଅର୍ଦ୍ଧେକ ଟଙ୍କାର ଜମି ଦେବା ପାଇଁ ଅସାମର୍ଥ୍ୟ ପ୍ରକାଶ କଲେ । ସେ କହିଲେ ଯଦ୍ୟପି ତାଙ୍କୁ ଦୁଇବର୍ଷ ସମୟ ଦିଆଯାଏ, ସେ ବର୍ତ୍ତମାନ ପ୍ରାୟ ଦୁଇଶତଟଙ୍କା ନଗଦ ଦେଇ, ପ୍ରୋକ୍ତ ସମୟ ଭିତରେ ଅବଶିଷ୍ଟ ଟଙ୍କା ବିନା ସୁଧରେ ପରିଶୋଧ କରିଦେବେ । ଏଥି ସକାଶେ ସେ ଆମ୍ଭଙ୍କୁ ପ୍ରାର୍ଥନା କରିଅଛନ୍ତି । ଏପରି ଅବସ୍ଥାରେ ତାଙ୍କର ଘର ସମ୍ପତ୍ତି କିଣିନେଇ ତାଙ୍କୁ ସର୍ବସ୍ୱାନ୍ତ କରିବା ଆମ୍ଭପକ୍ଷରେ ଶୋଭନୀୟ ନୁହେଁ । ସେ ପରି ନ କରିବାକୁ ମୁଁ ଆପଣଙ୍କୁ ଓ ନନାଙ୍କୁ ବିଶେଷ ଭାବରେ ପ୍ରାର୍ଥନା କରୁଅଛି, ଆଶା ଆପଣ ଅନୁକୂଳ ମତ ପ୍ରକାଶ କରିବେ ଓ ଏ ଦିଗରେ ଅନନ୍ତଙ୍କୁ ଖବର ଦିଆଇବେ ।

ଆଇନ୍‌କାନୁନ୍ ଦୃଷ୍ଟିରୁ ହୁଏତ ମହାଦେବ ଠିକ୍‌ଥିଲେ, କିନ୍ତୁ ତାଙ୍କର ଓକିଲ ପୁତ୍ରଟି ଦରିଦ୍ର ଲୋକଟି ପ୍ରତି ହୋଇ ଉଠିଥିଲେ ପୂର୍ଣ୍ଣମାତ୍ରାରେ ଦରଦୀ । ନିଜର କ୍ଷତି ହେଉ ପଛେ, ଅନ୍ୟକୁ କଷ୍ଟ ଦିଅନା- ଏଇ ଥିଲା ତାଙ୍କର ଜୀବନାଦର୍ଶ । ସେ ଜୀବନାଦର୍ଶ ସାରା ଜୀବନ ଧରି ପାଳନ କରି ଆସିଛନ୍ତି । ଅସଂଯତ କଥା ପଦେ କେବେ ବି କହିନାହାନ୍ତି କାହାକୁ । ସମ୍ଭାଷଣ ଥିଲା ମଧୁର ଓ ଆନ୍ତରିକ ଭାଷା ଥିଲା ମୃଦୁ । ପୃଥିବୀର ସବୁତକ ଗରଳ ନିଃଶବ୍ଦରେ ପାନ କରି ନୀଳକଣ୍ଠ ହୋଇଯାଇଛନ୍ତି ପଛେ ଦିନେ କାହା ପ୍ରତି ହିଂସା, ଦ୍ୱେଷ ବା ବୈର ଭାବ ପୋଷଣ କରିନାହାନ୍ତି । ନା ପରଚର୍ଚ୍ଚା କରିଛନ୍ତି ନା ପରଚର୍ଚ୍ଚା ଶୁଣିଛନ୍ତି । ଆତ୍ମପ୍ରଚାର ବିହୀନ, ଅନହଂକୃତ ସ୍ୱଭାବ । ଶେଷ ପର୍ଯ୍ୟନ୍ତ ତାଙ୍କର ଜୀବନ ରହିଯାଇଛି ଆଦର୍ଶବାଦର ଏକ ଖୋଲା ଅମ୍ଳାନ ପୋଥି ହୋଇ ।

●●●



Digitized by srujanika@gmail.com

## ।। ୧୬ ।।

ଓକିଲାତିର ପସାର ଧୀରେଧୀରେ ଜମି ଆସୁଥିଲା କୁଞ୍ଜବିହାରୀଙ୍କର । ଏବଂ ମହାଦେବଙ୍କର ମୁଣ୍ଡବ୍ୟଥା ଆରମ୍ଭ ହେଇଗଲା ପୁତ୍ରର ବିଭାଘର ଲାଗି । ବାକି ଚାରୋଟି ପୁତ୍ରକନ୍ୟା ସ୍ୱସ୍ୱଗୃହରେ ସୁଖୀ ଦାମ୍ପତ୍ୟ ଜୀବନ ଅତିବାହିତ କରୁଛନ୍ତି । କୁଞ୍ଜବିହାରୀଙ୍କର କନିଷ୍ଠଭ୍ରାତା ଦେବେନ୍ଦ୍ରନାଥଙ୍କର ମଧ୍ୟ ଯା ଭିତରେ କନ୍ୟା ସନ୍ତାନଟିଏ ହୋଇସାରିଲାଣି । କୁଞ୍ଜବିହାରୀ କିନ୍ତୁ ବିଭାଘର ସମ୍ପର୍କରେ ଏପର୍ଯ୍ୟନ୍ତ ଔଦାସୀନ୍ୟ ଦେଖାଇ ଆସିଛନ୍ତି- ଦେଖାଇ ଆସିଛନ୍ତି ନିରାଗ୍ରହ ।

ବିଗତ କେତେଦିନ ହେଲାଣି ମହାଦେବଙ୍କର ରାତ୍ରି ସବୁ ନିଦ୍ରାହୀନ । ମନ ଭୁଲାଇବା ପାଇଁ ତାଳପତ୍ର ଓ ଲେଖନୀ କାଢ଼ି ସଂସ୍କୃତ ଶ୍ଳୋକ ସବୁ ଟିପି ରଖିବାର ପ୍ରୟାସ କରିଥିଲେ କାଲି ଅପରାହ୍ନରେ । ଯେଉଁ ସଉକ୍‌ରୁ ଅନ୍ୟବେଳେ ଅନିର୍ବଚନୀୟ ଆନନ୍ଦ ପାଆନ୍ତି, ତାହା କିନ୍ତୁ ସୁଖକର ମନେ ହେଇନଥିଲା ।

ଧନଧାନ୍ୟ ଗୋପଲକ୍ଷ୍ମୀ ଭରା ସଂସାର । ବାଟି ବାଟି ସମ୍ପତ୍ତି । ଧାନଘର ଉପୁଛି ପଡୁଛି ବାସ୍ନାଭରା ଧାନରେ । ଗୋଶାଳା ଭର୍ତ୍ତି ଦୁଗ୍ଧବତୀ ଗାଈ । ପତ୍ନୀ ପତିପ୍ରାଣା ଓ କୋମଳା । ଈଶ୍ୱର ଅଭାବ ରଖିନାହାନ୍ତି କେଉଁଥିରେ, ଅଭାବ କେବଳ ରହିଯାଇଛି ପୁତ୍ରବଧୂଟିର ।

ତିନିପୁତ୍ରଙ୍କ ଭିତରେ ଯେଉଁ ପୁତ୍ରର ଜ୍ଞାନଲିପ୍‌ସା ଜମିଦାରଙ୍କୁ ଅଶେଷ ଆନନ୍ଦ ପ୍ରଦାନ କରିଛି, ଆଜି ସହସା କେଜାଣି କାହିଁକି ମନେହେଲା ପୁତ୍ର ପ୍ରବାସ ନଯାଇ ହୁଏତ ଘରେ ରହିଥିଲେ ଠିକ୍ ଥିଲା, ଘରକୁ ବଧୂଟିଏ ଆସି ସାରନ୍ତାଣି । ନାତି, ନାତୁଣୀଙ୍କର ଦରୋଟି ବଚନରେ ଗୃହାଙ୍ଗନ ମୁଖରିତ ହୋଇସାରନ୍ତାଣି ଏତେବେଳକୁ ।

ମନେପଡିଲା- ଗତଥର ସୁଯୋଗ୍ୟପୁତ୍ର ଛୁଟିରେ ଆସିଲାବେଳେ ଆଣିଥିଲା ସ୍ୱର୍ଣ୍ଣପଦକଟିଏ । ଏମ୍.ଏ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରି ପାଇଥିବା ପୁରସ୍କାର । ପିତାଙ୍କ ହାତକୁ ପଦକଟି ବଢ଼ାଇଦେଇ ନମ୍ର ଓ ନତମସ୍ତକ ହୋଇ ଛିଡା ହୋଇଥିଲା ସାମ୍‌ନାରେ । ମହାଦେବ ତାଙ୍କ ପ୍ରଶସ୍ତ ଥରଥର ପାପୁଲି ଉପରେ ପଦକଟି ରଖି ଚାହିଁ ରହିଲେ, ଆଖି ଛଳଛଳ ହେଲା- ଖୁସିରେ, ଗର୍ବରେ ।



Digitized by srujanika@gmail.com

ଆଖି ଉଠାଇ ଚାହିଁଲେ ପୁତ୍ରକୁ । କ୍ଷଣକ ପାଇଁ ମନେ ପଡିଗଲା ଟଳମଳ ପାଦରେ ଚାଲୁଥିବା ସୁଗୌର ସୁଡୌଲ କୁନିପୁଅଟିର କଥା । ବେକରେ ସୋରିଷିଆ ମାଳ, ଅଣ୍ଟାରେ ଅଣ୍ଟାସୂତା, ଗୋଡ ଓ ହାତରେ ସରୁସରୁ ମଗର ମୁହଁ ରୂପା ଖଡୁ । କାନର ଲତିରେ ସୁନାନୋଳି । ଚାରିକୋଣିଆ କପାଳ ଉପରେ କେରାଏ ଅବିନ୍ୟସ୍ତ ଅଳରାବାଳ, ଯେମିତି ପଡିରହିଛି ଏବେ । ବାତ୍ସଲ୍ୟରେ କଣ୍ଠ ବାଷ୍ପାକୁଳ ହୋଇଉଠିଲା ମହାଦେବଙ୍କର ।

ମହାଦେବ ଜାଣିଥିଲେ- ତାଙ୍କର ଏଇ ପୁତ୍ରଟି ବାକି ଦୁଇପୁତ୍ରଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ପ୍ରକୃତିର । ଧୀର, ବାଧ୍ୟ ଓ ଅଚଞ୍ଚଳ । ସୁଖ ସମ୍ଭୋଗ ପ୍ରତି ଅନାସକ୍ତ । ଆହାରରେ ନିରାମିଷାଶୀ ଓ ଚିନ୍ତାଧାରରେ ଋଷିପ୍ରତିମ । ଭାବିଲେ ପୁତ୍ରଟି ସାଧାରଣ ଭାବରେ ସଂସାରଧର୍ମୀ ହେଇଥାଆନ୍ତା କି ।

ବିଗତ ଥର କଟକ ଯିବା ସମୟରେ ବହୁକଷ୍ଟରେ ପୁତ୍ରଟିକୁ ବିବାହ ପାଇଁ ରାଜି କରାଇ ଆସିଛନ୍ତି ଅବଶ୍ୟ । କିନ୍ତୁ କୁଞ୍ଜବିହାରୀ ଏଥିପାଇଁ ଯେଉଁ ସର୍ତ୍ତ ରଖିଛନ୍ତି, ତାହା ପୂରଣ କରିବା ଧୀରେଧୀରେ ଅସମ୍ଭବ ହୋଇପଡୁଛି ମହାଦେବଙ୍କ ପାଇଁ । ପୁତ୍ରର ଏକା ଜିଦ୍- ବାଲ୍ୟ ବିବାହ କରିବେ ନାହିଁ, କରିବେ ନାହିଁ ଅବୋଧ ଏକ ଶିଶୁକନ୍ୟାର ପାଣିଗ୍ରହଣ । ସରକାରୀ ନିୟମ କାନୁନ୍ ହିସାବରେ କନ୍ୟାଟିକୁ ଚଉଦବର୍ଷ ହୋଇଥିବା ବିଧେୟ । ଦ୍ୱିତୀୟତଃ, ଗ୍ରାମାଞ୍ଚଳର ନିରକ୍ଷରା ଅଶିକ୍ଷିତା ଝିଅଟିଏ ଜୀବନସଙ୍ଗିନୀ ରୂପେ ଗ୍ରହଣ କରିବାକୁ ସିଏ ନାରାଜ । ବାହାହେବେ ଯଦି ଶିକ୍ଷିତା କନ୍ୟାଟିଏ ହିଁ ବାହା ହେବେ ।

ଚତୁଃପାର୍ଶ୍ୱରେ ଯେତେ ଯେଉଁଠି ମହାଦେବ ଆଖି ପକାଇଛନ୍ତି, କନ୍ୟାଗୁଡିଏ ସଭିଏଁ ନିରକ୍ଷରା । କନ୍ୟାସନ୍ତାନଟିକୁ ବିଦ୍ୟାଳୟ ପଠାଇ ପାଠପଢ଼ାଇବା ଏକରକମ ନିଷିଦ୍ଧ ଥିଲା ସେତେବେଳେ । ବିଶେଷତଃ ବ୍ରାହ୍ମଣ ଘରେ । ବିବାହ ଧାର୍ଯ୍ୟ ହେଉଥିଲା ଶିଶୁ ବୟସରେ । ଚଉଦବର୍ଷ ପର୍ଯ୍ୟନ୍ତ ଝିଅକୁ ଘରେ ରଖିବା ଉଭୟ ଗୋତ୍ର ଓ କୁଳ ପାଇଁ ଥିଲା ଦୋଷାବହ । ପୁତ୍ରର ଜିଦ୍ ସାମ୍ନାରେ ହାର୍ ମାନିଥିଲେ ମହାଦେବ ।

ଗୋବିନ୍ଦପୁର ଗ୍ରାମର ଗୋଟିଏ ବାଳିକା ସହିତ ପୁତ୍ରର ବିଭାଘର ଏକରକମ ଠିକ୍ କରିସାରିଥିଲେ । କିନ୍ତୁ ଝିଅଟି ପାଠ ନ ପଢ଼ିଥିବା ହେତୁ କୁଞ୍ଜବିହାରୀ ନାମଙ୍ଗ ହେଇଥିଲେ ଏ ପ୍ରସ୍ତାବରେ । ଏ ପ୍ରସ୍ତାବରେ କୁଞ୍ଜବିହାରୀଙ୍କର ଅମତ ଥିବାର କୌଣସି ସୂତ୍ରରୁ ଜାଣିପାରି ଝିଅଟିର ପିତା କଅଁରପୁର ଗ୍ରାମର ଅନ୍ୟ ଏକ ଯୁବକ ସହିତ ମହାପ୍ରସାଦ ନିର୍ବନ୍ଧ କରିଦେଇଥିଲେ । ମହାଦେବ ପସନ୍ଦ କରିଥିବା ଏ ପ୍ରସ୍ତାବଟି ମଧ୍ୟ ହାତରୁ ଗଲା ତାଙ୍କର । ଏଇ ଭଳି ଏକାଧିକ ପ୍ରସ୍ତାବ ନାକଚ ହୋଇଯାଇଛି ଯା' ଭିତରେ । ଗାଁ ଗହଳରେ କେଉଁଠୁ ଆଣିବେ ସିଏ ଶିକ୍ଷିତା ଚଉଦବର୍ଷୀୟା କନ୍ୟା ?

ପୋଷ୍ଟକାର୍ଡଟିଏ ଆଣି ବିବ୍ରତ ଚିତ୍ତରେ ଚିଠିଟିଏ ଲେଖିଲେ ପୁତ୍ରକୁ ।



Digitized by srujanika@gmail.com

ପ୍ରାଣାଧିକେଷୁ ବାବୁ,

ତୁମ୍ଭେ ଲେଖିଥିଲ ଉଚ୍ଚବଂଶୋଦ୍ଭବ ବିଦ୍ୟାପଢ଼ିଥିବା କନ୍ୟାଟିଏ ପାଇଁ । ନହେଲେ ତୁମ୍ଭର ବାହାହେବା ଶ୍ରେୟସ୍କର ନୁହେଁ । ଲେଖିଥିଲ ଗୋବିନ୍ଦପୁର ବିଷୟ କାର୍ଯ୍ୟକାରୀ ହେଲେ ତୁମ୍ଭର ସାରାଜୀବନ ଦୁଃଖାନୁଭବ ହେବ । ଆମ୍ଭ ଏପଟରେ ଶିକ୍ଷିତା କନ୍ୟା ନ ମିଳିବାରୁ ଆମ୍ଭେ ନୀରବ ହୋଇ ରହିଲୁ । ଏଣିକି ତୁମ୍ଭେ ନିଜେ କନ୍ୟା ଦେଖି ଆମ୍ଭକୁ ଜଣାଇଲେ, ଆମ୍ଭେ ଉକ୍ତ କାର୍ଯ୍ୟ ନିର୍ବାହ କରିବୁ । ତୁମ୍ଭଙ୍କୁ ପଚିଶ ବର୍ଷ ପୂର୍ଣ୍ଣ ହେଲାଣି । ଏବର୍ଷ ତେଣୁ ବିବାହ ହେବା ଆବଶ୍ୟକ ।

ଚିଠିଟି ପଢି ପିତାଙ୍କ ମନର ଅଭିମାନ ସ୍ପଷ୍ଟ ଜାହିର୍ ହେଲା କୁଞ୍ଜବିହାରୀଙ୍କ ସାମ୍‌ନାରେ । ନହେଲେ ପୁତ୍ରକୁ 'ତୁମ୍ଭେ ନିଜେ କନ୍ୟା ଠିକ୍ କର' ବୋଲି କେବେ ବି ଲେଖିନଥାଆନ୍ତେ । ସ୍ୱାଭାବିକ ଭାବରେ ଗୋବିନ୍ଦପୁର ପ୍ରସ୍ତାବଟି ପାଇଁ ମନା କରି ଦେଇଥିବାରୁ କିଞ୍ଚିତ୍ କ୍ରୋଧିତ ହୋଇଛନ୍ତି ପିତା । ପିତାଙ୍କ ମନରେ ଦୁଃଖ ଦେଇଥିବା ହେତୁ ସ୍ୱୟଂ ବି ବିଷାଦଗ୍ରସ୍ତ ହେଲେ କୁଞ୍ଜବିହାରୀ । ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ମୁସ୍‌କିଲ୍ ମନେ ହେଲା । ପିତାଙ୍କ ମନରେ ପ୍ରସନ୍ନତା ଆଣିବାକୁ ଇଚ୍ଛା ହେଲା ସତ, କିନ୍ତୁ ନିରକ୍ଷରା ବାଳିକା ବଧୂଟିଏ ଜୀବନ ସଙ୍ଗିନୀ କରିବା ପାଇଁ ଶତେକବାର ବୁଝାଇଲେ ବି ଅମାନିଆ ମନ ମାନିଲାନି ତାଙ୍କର ।

ମନେପଡିଲା ଶଗଡଚକ ଫାଙ୍କରେ ଦେଖିଥିବା ଚପଳା ବାଳିକାବଧୂଟିର କଥା । ସେତେବେଳେ ତାଙ୍କର କିଶୋର ବୟସ । ସାଂସାରିକ ଜ୍ଞାନ ଅସ୍ପଷ୍ଟ । ପିତାଙ୍କର ଆଜ୍ଞାକୁ ଅବମାନନା କରିବାର ସାହସ ବି ନଥିଲା । ଭାବିଲେ- ପ୍ରଚଳିତ ରୀତି ଅନୁଯାୟୀ ସେତେବେଳେ ବିବାହ କରି ଯେଉଁ ଭୁଲ୍ କରି ବସିଥିଲେ, ସେ ଭୁଲ୍ ଆଉ କେବେ ସେ ନ କରନ୍ତି । ପିତା ସେଥିପାଇଁ ଦୁଃଖିତ ହେଲେ ମଧ୍ୟ ।

●●●



Digitized by srujanika@gmail.com

## ॥ ୧୭ ॥

ଦିନ ଗଡିଲା । କୁଞ୍ଜବିହାରୀ ଓକିଲାତି କରୁଥିବା ସମୟରେ ଜଣେ ବୟୋଜ୍ୟେଷ୍ଠ ଓକିଲ ତାଙ୍କର ସହକର୍ମୀ ଥିଲେ । ସୁଦର୍ଶନ, ସଚ୍ଚରିତ୍ର କୁଞ୍ଜବିହାରୀ ଅତିଶୟ ପସନ୍ଦ ହୋଇଥିଲେ ତାଙ୍କର । ଭାଗ୍ୟରେ ଥିଲେ ଏଭଳି ଜାମାତା ମିଳେ । କନ୍ୟାଟି ଥିଲା ତାଙ୍କର ଶିକ୍ଷିତା । କୁଞ୍ଜବିହାରୀଙ୍କଠାରୁ ଠିକଣା ଆଣି ମହାଦେବଙ୍କୁ ଏ ସମ୍ପର୍କରେ ପତ୍ର ଲେଖିଥିଲେ ଭଦ୍ରଲୋକ ।

ସୀତା ସବୁ ଶୁଣି, ଧୀର ଏବଂ ଅଟଳ ସ୍ୱରରେ ନିଜ ମତାମତ ଜାହିର୍ କରିଥିଲେ- ଆମେ ସବୁ ମଫସଲର ଲୋକ । ସେ ସହରୀ ବୋହୂ ଆସିଲେ କି ସେବା କରିବ ଆମର ? ଏଇଠୁ ଆଖପାଖରୁ ଝିଅଟିଏ ଦେଖି ଆଣିବା ଯେ ବାଧିକା ପଡିଲେ ପାଣି ଟୋପିଏ ମୁହଁରେ ଦବ ।

ମହାଦେବ ବୁଝିଥିଲେ- ପତ୍ନୀଙ୍କ କଥାରେ ଓଜନ ଅଛି । ଜୀବନରେ ଏଭଳି ଦ୍ୱିବିଧାରେ କେବେ ବି ପଡି ନଥିଲେ ମହାଦେବ । ପୁତ୍ରର ଇଚ୍ଛା ଶିକ୍ଷିତା କନ୍ୟା ବିବାହ କରିବା ପାଇଁ । ପତ୍ନୀଙ୍କ ଇଚ୍ଛା ଗ୍ରାମ୍ୟବଧୂଟିଏ ପାଇଁ । ଭାବିଭାବି ସମସ୍ୟା ସମାଧାନର କୂଳକିନାରା ପାଇଲେନି ମହାଦେବ ।

ଶେଷକୁ ମନେପଡିଗଲା ଅଧ୍ୟାପକ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ କଥା । ପୁତ୍ର ରେଭେନ୍ସା କଲେଜରେ ପାଠ ପଢ଼ିଲାବେଳେ ଅନେକବାର କଟକ ଯାଉଥିଲେ ମହାଦେବ । ପୁତ୍ର ରହୁଥିବା ଇଷ୍ଟ ହଷ୍ଟେଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ମହାନ୍ତିଙ୍କ ସହିତ ସର୍ବଦା ଦେଖା କରି ଆସୁଥିଲେ । ଜାଣିଥିଲେ, ତାଙ୍କରି ଆଦେଶରେ ପୁତ୍ର ସଂସ୍କୃତ ଅନର୍ସ ପାଠ ପଢ଼ିଥିଲା । ଏକଥା ବି ଜାଣିଥିଲେ ଯେ ପୁତ୍ର ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନ କରେ ତା' ଅଧ୍ୟାପକଙ୍କୁ । ତାଙ୍କ କଥାରେ ଅବମାନନା କେବେବି କରିବନି ।

କାଳବିଳମ୍ୱ ନକରି ଅଗତ୍ୟା ଆସି ଶରଣାପନ୍ନ ହେଲେ ଶ୍ରୀଯୁକ୍ତ ମହାନ୍ତିଙ୍କର । ଯେତେ ଯେଉଁଠି ସିଏ ପ୍ରସ୍ତାବ ପକାଇଛନ୍ତି, ପୁଅ ରାଜି ହେଉନାହିଁ । ସବୁ ପ୍ରସ୍ତାବ ଗୋଟିଗୋଟି କରି ଭାଙ୍ଗି ଯାଉଛି ଶେଷ ପର୍ଯ୍ୟନ୍ତ । ଏକା ଜିଦ୍ ଶିକ୍ଷିତା କନ୍ୟା ବାହା ହବ । ସ୍ୱକୂଳରେ, ତାହା ପୁଣି ଗାଁଗହଳରେ, ଚଉଦ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷିତ କନ୍ୟା ସେ ପାଇବେ କେଉଁଠୁ ?



Digitized by srujanika@gmail.com

ସବୁ ଶୁଣି ଦୁଃଖୀ ଓ ବୃଦ୍ଧ ମହାଦେବଙ୍କୁ ପ୍ରବୋଧନା ଦେଇଥିଲେ ଆର୍ତ୍ତବଲ୍ଲଭ । ଡକାଇ ପଠାଇଥିଲେ କୁଞ୍ଜବିହାରୀଙ୍କୁ । ବୁଝାଇଥିଲେ, ପିତାମାତାଙ୍କର ଆଶୀର୍ବାଦ ବିନା କୌଣସି ବିବାହ ବନ୍ଧନ ସୁଖୀ ହେଇ ନପାରେ । ପୃଥିବୀର କେବଳ ସେଇ ଦୁଇଜଣ ହିଁ ସନ୍ତାନର ସର୍ବୋପରି ମଙ୍ଗଳକାମନା କରନ୍ତି ।

ଦ୍ୱିତୀୟତଃ, ଗୋଟିଏ ସଫଳ ବିବାହିତ ଜୀବନପାଇଁ, କେବଳ ଶିକ୍ଷା ନୁହେଁ ଅନ୍ୟାନ୍ୟ ବହୁତ ସ୍ତରରେମଧ୍ୟ ସଫଳ ବୁଝାମଣାର ପ୍ରୟୋଜନୀୟତା ରହିଛି । ତେଣୁ ପିତାଙ୍କ ଆଦେଶ ପାଳନ କରିବା ତାଙ୍କର ଶିରୋଧାର୍ଯ୍ୟ ।

କୁଞ୍ଜବିହାରୀ ସଙ୍କୋଚବଶତଃ ଅଧ୍ୟାପକ ମହୋଦୟଙ୍କ ସହିତ ଏ ସମ୍ପର୍କରେ କୌଣସି ଯୁକ୍ତିତର୍କ କଲେ ନାହିଁ ଅବଶ୍ୟ । କିନ୍ତୁ ତାଙ୍କର ମୁହଁର ମାଂସପେଶୀର ଦୃଢ଼ତାରୁ ଶ୍ରୀ ଆର୍ତ୍ତବଲ୍ଲଭ ବୁଝିପାରିଲେ ପ୍ରିୟ ଛାତ୍ରଟିର ମନ ଭିତରର ଆନ୍ଦୋଳନ ।

ପିଠି ଥାପୁଡେଇ କହିଲେ- ପିତାଙ୍କୁ ସିଏ ଜଣାଇଛନ୍ତି ସାକ୍ଷରା କନ୍ୟାଟିଏ ଖୋଜିବା ପାଇଁ । ଉଚ୍ଚଶିକ୍ଷିତା ନ ହେଲେ ବି ଲେଖିପଢ଼ି ଜାଣିଥିବା ଝିଅଟିଏ ହୁଏତ ଆଖପାଖ ଗାଁରେ ମିଳିଯାଇପାରେ । ବିଭାଘର ପରେ କୁଞ୍ଜବିହାରୀ ଝିଅଟିର ଅଧିକତର ବିଦ୍ୟାଲାଭର ସୁଯୋଗ ମଧ୍ୟ କରି ଦେଇପାରନ୍ତି । ଶିକ୍ଷକଟିଏ ରଖିଦେଇପାରନ୍ତି ତା ପାଇଁ । ଏହା ଏପରି କିଛି ଦୁଃସାଧ୍ୟ କାର୍ଯ୍ୟ ନୁହେଁ ।

ସବୁ କଥା ଶୁଣି ସମ୍ମାନାସ୍ପଦ ପିତା ତଥା ଅଧ୍ୟାପକଙ୍କ ସାମ୍ନାରେ ଆଜ୍ଞାକାରୀ ପୁତ୍ର ଏବଂ ଆଜ୍ଞାକାରୀ ଛାତ୍ର ନୀରବରେ ଛିଡା ହୋଇ ରହିଲେ ।

ଏବଂ ଠିକ୍ ଏଇ ସମୟରେ ଆସିଲା ପ୍ରସ୍ତାବ - ବାଙ୍କି ନିକଟସ୍ଥ ହରିରାଜପୁର ଗ୍ରାମର ଶ୍ରୀ ମହାଦେବ ପଣ୍ଡାଙ୍କ ଘରୁ ।

ଗୋଲମୁହଁର ଶୀର୍ଣ୍ଣକାୟ ଛୋଟିଆ ମଣିଷଟିଏ ଥିଲେ ଶ୍ରୀ ପଣ୍ଡା । ସତ୍ ଏବଂ ସଚ୍ଚୋଟ । ମହିମାଧର୍ମାବଲମ୍ବୀ ଉଦାରଚେତା ମଣିଷଟି ନା ଯାଉଥିଲେ କୌଣସି ଦେବାଳୟ, ନା କରୁଥିଲେ କୌଣସି ପୂଜାପାଠ । ପ୍ରତ୍ୟେକ ସନ୍ଧ୍ୟାରେ ଘରକୁ ଲାଗିଥିବା ଉନ୍ମୁକ୍ତ ଖଳାବାରିରେ ଠିଆ ହେଇ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ ଶୂନ୍ୟପୁରୁଷଙ୍କୁ ।

ଅପର୍ଯ୍ୟାପ୍ତ ଧନ ନଥିଲା ଶ୍ରୀ ପଣ୍ଡାଙ୍କର । କିନ୍ତୁ ଅଭାବ ନଥିଲା । ସ୍ୱଚ୍ଛଳ ଅବସ୍ଥା । କ୍ଷେତଖମାର, ଗୋରୁ, ମଇଁଷି ଓ ଆମ୍ବପଣସ ତୋଟା । ନଈ ବନ୍ଧ ଓ ପୋଲ ତିଆରି ଇତ୍ୟାଦି ସାନସାନ କଣ୍ଟ୍ରାକ୍ଟରୀ କାମ କରୁଥିଲେ । ଖୋଷଣୀରେ ସଦାସର୍ବଦା ଖଡି ଗୋଟାଳିଟିଏ ଗେଞ୍ଜା । ଯେଉଁଠି ବସିଲେ ବି ମାଟିଲିପା ଚଟାଣରେ ଆରମ୍ଭ କରିଦେଉଥିଲେ କଣ୍ଟ୍ରାକ୍ଟରୀ ବ୍ୟବସାୟର ହିସାବକିତାପ୍ ।



Digitized by srujanika@gmail.com

ଜମିରୁ ଆସୁଥିଲା ଧାନ, ମୁଗ, ବିରି, ବୁଟ, ଚଣା ଓ ସୋରିଷ । ଆଖୁ ଚାଷ କରି ଅମଳ କରୁଥିଲେ ଗୁଡ । ସେ ଗୁଡ ବିକ୍ରି ହୋଇ କଞ୍ଚା ପଇସା ଆସୁଥିଲା ହାତକୁ । କଞ୍ଚା ପଇସା ମଧ୍ୟ ଆସୁଥିଲା ଝୋଟ ବିକ୍ରିରୁ । ହଳିଆ ଲଗାଇ ପ୍ରତିବର୍ଷ ନଳିତାଚାଷ କରୁଥିଲେ ଜମିରେ । ବାରିରେ ବାରମାସୀ ଶାଗ, ବାଇଗଣ, ଲଙ୍କାମରିଚ । ପ୍ରତିବର୍ଷ ବେଙ୍ଗଳା ବୁଲା ସରିଲେ, ପ୍ରଶସ୍ତ ଖଳାବାରିରେ ଲଙ୍ଗଳ ଚଲାଇ ରୋପଣ କରୁଥିଲେ କଲରା, ଜହ୍ନି, ଭେଣ୍ଡି, ଛଚିନ୍ଦ୍ରା, କାକୁଡି ଓ ମକା । ସେ ପରିବା ଖାଇଖାଇ ସରୁ ନଥିଲା ।

ଗ୍ରାମର ରାଜନୀତି ତଥା ସର୍ବପ୍ରକାର କଳିତକରାଳଠାରୁ ଦୂରରେ ରହୁଥିଲେ ପଣ୍ଡା ମହୋଦୟ । କୂଟନୀତି ବା ଘୋର ପେଞ୍ଚ ଜଣା ନଥିଲା । ଥିଲେ ଶାନ୍ତିପ୍ରିୟ ନିରୁତା, ଭଲ ମଣିଷଟିଏ । ଅନ୍ୟାନ୍ୟ ଗ୍ରାମବାସୀମାନଙ୍କ ପରି ଧୂଆଁପତ୍ର ଖିଆ ବା ତାମ୍ବୁଳ ଚର୍ବଣର ଅଭ୍ୟାସ ନଥିଲା । ସୂର୍ଯ୍ୟାସ୍ତ ପରେ ଭୋଜନ କିମ୍ବା ଜଳଗ୍ରହଣ କରୁନଥିଲେ । ଦୀକ୍ଷିତ ଥିଲେ ସନ୍ଥ ଭୀମଭୋଇଙ୍କର ଅଲେଖ ଧର୍ମରେ । ତାଙ୍କ ପାଇଁ ଈଶ୍ୱର ଥିଲେ ସର୍ବବ୍ୟାପୀ ଓ ନିରାକାର । ପିତୁଳା ପୂଜା ପ୍ରତି ଥିଲେ ଅନାଗ୍ରହୀ ।

ଜୀବନଚର୍ଯ୍ୟା ଥିଲା ସରଳ । କୌଣସି ଦାମୀ ଅଭ୍ୟାସ ନଥିଲା । ପହରଣ ଅଣଓସାରିଆ ଆଡ ମଇଳା ଧୋତି । କାନ୍ଧରେ ଗେରୁମତା କୁମ୍ଭ ଧଡିଆ ଗାମୁଛା । ଲୋକଙ୍କ ମେଳରେ ଅଲଗା ବାରି ହେଉନଥିବା ସାଦନ ଚେହେରାର ସାଧାରଣ ମଣିଷଟିଏ । ଅବଗୁଣ ବିହୀନ । ଅବଶ୍ୟ ଅବଗୁଣ ଥିଲା ଗୋଟିଏ - ଯଦି ଏହାକୁ ଅବଗୁଣ ରୂପେ ଗଣନା କରାଯାଏ । କଥା କହୁଥିଲେ ଅତିରଞ୍ଜନ କରି, କେଉଁଠି ଚାରୋଟି ଲୋକ ଏକାଠି ହେଲେ କହୁଥିଲେ ଶହେ ଲୋକର ଗୋଠ । ପ୍ରିୟ ଜାମାତାଙ୍କର ରୂପଲାବଣ୍ୟ ଏଭଳି ବର୍ଣ୍ଣନା କରୁଥିଲେ ସତେ ଅବା ସିଏ ଜଣେ ଦିବ୍ୟଜ୍ୟୋତି ଦେବଦୂତ । କଥା କହିଲେ ପାଟିରେ ବାଟୁଳି ବାଜୁନଥିଲା ।

ଶ୍ରୀ ପଣ୍ଡାଙ୍କର ସନ୍ତାନ ଥିଲେ ଚାରୋଟି । ଜ୍ୟେଷ୍ଠା କନ୍ୟା କମଳାର ବିବାହ ସଂଘଟିତ ହୋଇଯାଇଥିଲା । ତା' ତଳକୁ ବର୍ଷେ ସାନ ବଡ ପୁତ୍ରକନ୍ୟା ଯୋଡିଏ । ନୃସିଂହଚରଣ ଓ ସୁରେଖା । କନିଷ୍ଠା କନ୍ୟାଟି ଏମାନଙ୍କଠୁ ବହୁବର୍ଷ ବ୍ୟବଧାନରେ ଜନ୍ମ ।

କୁଞ୍ଜବିହାରୀଙ୍କ ଲାଗି ପ୍ରସ୍ତାବ ପଡିଥିଲା ମଧ୍ୟମାକନ୍ୟା ସୁରେଖାଙ୍କର ।

●●●



Digitized by srujanika@gmail.com

## ॥ ୧୮ ॥

ଗ୍ରାମ୍ୟରୀତି ହିସାବରେ ସୁରେଖାଙ୍କର ବିବାହବୟସ ପାର୍ ହୋଇଯାଇଥିଲା । ସାଧାରଣତଃ ବିବାହପର୍ବ ସେତେବେଳେ ଅନୁଷ୍ଠିତ ହେଉଥିଲା କନ୍ୟାଟିର ପାଞ୍ଚଛଅ ବର୍ଷ ବୟସରେ । ଲୋକମାନଙ୍କର ଭଲମନ୍ଦ ମନ୍ତବ୍ୟ ପ୍ରତି ଉଦାସୀନ ଶ୍ରୀ ପଣ୍ଡା, କିଶୋରୀ ଝିଅଟିକୁ ତୁଚ୍ଛାରେ ଘରେ ନ ବସାଇ ପୁତ୍ର ନୃସିଂହଚରଣଙ୍କ ସାଥିରେ ପଠାଉଥିଲେ ଗ୍ରାମଚାଟଶାଳୀକୁ । ଗାଁ ମୁଣ୍ଡରେ ଚାହାଳୀ । ଅବଧାନ ଥିଲେ ନିଷ୍ଠାବାନ୍ କର୍ମଯୋଗୀ । ମନପ୍ରାଣ ଲଗାଇ ପଠପଢ଼ାଉଥିଲେ ପିଲାଙ୍କୁ ।

ଭାଇ ନୃସିଂହଚରଣ ଚଗଲା- ଅନେକ ସମୟରେ ଲୁଚିଲୁଚି ପଳାନ୍ତି ଚାଟଶାଳୀରୁ । ସୁରେଖାଙ୍କର କିନ୍ତୁ ବିଦ୍ୟାର୍ଜନ ପ୍ରତି ଅନୁରାଗ । ବେଶ୍ ବୁଦ୍ଧିମତୀ । ଚମତ୍କାର ହାତର ଅକ୍ଷର । ଓଡିଆ ସ୍ପଷ୍ଟ ଭାବରେ ଲେଖିପଢ଼ି ପାରନ୍ତି । ଗଳାଟି ମିଠା । ସାଇ ପଡିଶାର ମହିଳାମାନଙ୍କୁ ଟୀକା ଗୋବିନ୍ଦଚନ୍ଦ୍ରର ପଦ ତଥା ଉପେନ୍ଦ୍ରଭଞ୍ଜଙ୍କ ରଚିତ ଛାନ୍ଦ ଚୌପଦୀ ସୁର୍ କରି ଗାଇ ଶୁଣାନ୍ତି ସେମାନଙ୍କ ଅନୁରୋଧରେ ।

ଝିଅପାଇଁ ମଝିରେମଝିରେ ପ୍ରସ୍ତାବ ଆସେ । କିନ୍ତୁ ତନ୍ମଧ୍ୟରୁ ଗୋଟିଏ ବି ପାଏନି ଶ୍ରୀ ପଣ୍ଡାଙ୍କ ମନକୁ । ଏ କନ୍ୟାଟି ଭାରି ପ୍ରିୟ ତାଙ୍କର । ତା' ଜନ୍ମପରଠାରୁ ଧନଧାନ୍ୟ ଗୋପଲକ୍ଷ୍ମୀରେ ସଂସାର ଭରି ଉଠିଛି । ଏଭଳି ଲକ୍ଷ୍ମୀବନ୍ତ ଝିଅକୁ ଯେ କୌଣସି ଲୋକ ହାତରେ ଚିରଦିନ ପାଇଁ କେମିତି ଅର୍ପଣ କରିଦେବେ ସିଏ ? ଏଣେ ବିଭାଘର ବିଳମ୍ବ ହେଇ ଯାଉଛି । କେବେ ଫିଟିବ ଯା'ର ବିବାହ ଯୋଗ ?

କେଇଦିନ ତଳେ ପ୍ରସ୍ତାବଟିଏ ଆସିଥିଲା । ପାଖଗ୍ରାମର ମଧ୍ୟବୟସ୍କ ଭଦ୍ରଲୋକ । ବେଶ୍ ଧନବାନ୍ । ପ୍ରଥମା ପତ୍ନୀ କେତୋଟି ବର୍ଷ ତାଙ୍କ ସହିତ ଘରସଂସାର କରି ମୃତ୍ୟୁମୁଖରେ ପଡିଛନ୍ତି । ଭଦ୍ରବ୍ୟକ୍ତି ଦ୍ୱିତୀୟ ବିବାହ କରିବାକୁ ଚାହାନ୍ତି ।

ଶ୍ରୀପଣ୍ଡା ମଧ୍ୟସ୍ଥିକୁ ହଁ କି ନାହିଁ କିଛି କହି ନଥିଲେ ।

ପତ୍ନୀ ସର କିନ୍ତୁ ରାଗରେ ଚେତାବନୀ ଶୁଣାଇଥିଲେ ସ୍ୱାମୀଙ୍କୁ । ପୋଲିଓଗ୍ରସ୍ତ ପାଦଟି ଉପରେ ଈଷତ୍ ବକ୍ର ଭାବରେ ଠିଆ ହୋଇ ସିଂହୀ ସଦୃଶ କେଶର ଫୁଲାଇ



Digitized by srujanika@gmail.com

ଘୋଷଣା କରିଥିଲେ- ନିପଟ ଅସୁନ୍ଦର ଟିପଚିହ୍ନ ଦେଉଥିବା ମଣିଷ ହାତରେ ମୋ ଝିଅକୁ ଦେବା ଆଗରୁ ତାକୁ ତଣ୍ଟିଚିପି ମହାନଦୀରେ ଫିଙ୍ଗିଦେବି ଜାଣିଥା । ତା'ପରେ ନିଜେ ବୁଡ଼ିକି ମରିବି ସେ ଭରା ନଈରେ ।

ମହାଦେବ ନୀରବ ରହିଲେ, ଭାବିଲେ - କେମିତି ସର ଧରିନେଲେ ଯେ ଏଭଳି ପାତ୍ର ହାତରେ ସିଏ ଝିଅକୁ ଟେକିଦେବେ ବୋଲି ?

ଝିଅପାଇଁ ଚିନ୍ତିତ ଥିଲାବେଳେ ହିଁ ଆସିଲା ପ୍ରସ୍ତାବ । ପଥୁରି ପଡା ଗ୍ରାମର ଜମିଦାର ମହାଦେବ ତ୍ରିପାଠୀଙ୍କର ପୁତ୍ର କୁଞ୍ଜବିହାରୀଙ୍କ ପାଇଁ । ପୁତ୍ରକୁ ପଚିଶବର୍ଷ- ସାରା ଖଣ୍ଡମଣ୍ଡଳରେ ତାଙ୍କପରି ପାଠ କାଳେ ଆଉ କେହି ପଢ଼ିନାହାନ୍ତି । ଯୁବକଟି ସଚ୍ଚରିତ୍ର, ସୁଦର୍ଶନ ଓ ଧନବାନ୍ । ମନେମନେ ଶ୍ରୀ ପଣ୍ଡା ଭାବିଲେ ଇଏ ସ୍ୱପ୍ନ ନା ସତ୍ୟ ? ସତରେ କଅଣ ଏ ପ୍ରସ୍ତାବ କାର୍ଯ୍ୟକାରୀ ହବ ?

ମଧ୍ୟସ୍ଥି ହାତରେ ଟିପଣା ପଠାଇଥିଲେ ଶ୍ରୀ ପଣ୍ଡା । ଟିପଣା ସୁଝିଲା । ଜମିଦାର ଜଣାଇଲେ- ସିଏ ନିଜେ ଆସିବେ ଭାବୀ ପୁତ୍ରବଧୂକୁ ଦେଖିବା ପାଇଁ । ସର ମୃଦୁ ହସି ମନ୍ତବ୍ୟ କଲେ- ଝିଅର ଟିପଣା ଶୁଝୁ କି ନଶୁଝୁ, ଦି' ସମୁଦିଙ୍କର ନାଆଁରେ କିନ୍ତୁ ରାଜଯୋଟକ ।

ଜମିଦାର ଶ୍ରୀ ମହାଦେବ ତ୍ରିପାଠୀ ଆସିଲେ କାଳ ବିଳମ୍ବ ନକରି । ପାତେଳୀ ଗୋରୀ ଝିଅଟିଏ, ବାଁ ପଟେ ସୁନ୍ନାକଟା । ପାତାପକା କଳା ମୁଚ୍‌ମୁଚ୍ ବାଳ । ନାକ ନକ୍ସା ମନ୍ଦ ନୁହେଁ । ହାତ, ପାଦ ନିଖୁଣ । ସାମ୍‌ନାରେ ଠିଆ ହୋଇଥିବା ଲାଜକୁଳୀ କିଶୋରୀ ଝିଅଟିକୁ ଜମିଦାର ଚାହିଁ ରହିଥିଲେ । ଝିଅଟି ସନ୍ତ୍ରସ୍ତ ହୋଇ ପଣତକାନି ସଜାଡିଲା । ହାତଭର୍ତ୍ତି କାଚଚୂଡ଼ି ବାଜି ଉଠିଲା ରୁଣୁଝୁଣୁ ହେଇ । ଜମିଦାରଙ୍କ ସ୍ୱପ୍ନଭଙ୍ଗ ହେଲା । ସମ୍ମତି ସୂଚକ ମୁଣ୍ଡ ହଲାଇଲେ । କନ୍ୟା ପିତା କହିଲେ- ଯା' ମା' ଭିତରକୁ ଯା' ।

ଝିଅ ଜମିଦାରଙ୍କ ମନକୁ ପାଇଲା । ବିବାହପ୍ରସ୍ତାବ ମଞ୍ଜୁର୍ କରୁଛନ୍ତି ସିଏ । କିନ୍ତୁ ଗୋଟିଏ ସର୍ତ୍ତ ଭାବୀ ସମୁଦିଙ୍କୁ ମାନିବାକୁ ପଡିବ ।

ସର୍ତ୍ତ ? କି ସର୍ତ୍ତ ? କନ୍ୟାପିତା ସାମାନ୍ୟ ବିଚଳିତ ବୋଧ କଲେ ।

ଜମିଦାର ସ୍ମିତହାସ କଲେ । ତାଙ୍କର ସାରାଜୀବନରେ ଅଙ୍ଗୁଳି ପଗରେ ଗଣି ହେଉଥିବା ସ୍ମିତହାସ ଭିତରେ ଇଏ ଗୋଟିଏ ।

- ନା, ଆଉ କିଛି ନୁହେଁ, ପୁଅ ମୋର ଉଚ୍ଚଶିକ୍ଷିତ । ନିରକ୍ଷରା ବଧୂଟିଏ ନେଇ ଚଳିବା ତା' ପାଇଁ ମୁସ୍‌କିଲ୍ ନିଶ୍ଚୟ । ଝିଅ ତ ଆପଣଙ୍କର ପାଠ ପଢ଼ିଛି- ତା'ର ଲେଖାପଢ଼ା



Digitized by srujanika@gmail.com

ପ୍ରତି ଧ୍ୟାନ ଦେବେ । ବିଦ୍ୟାଳୟ ନ ପଠାଇଲେ ବି ଘରେ ଅନ୍ତତଃ ଓଡିଆ ଶିକ୍ଷା ଯେମିତି ଜାରି ରହିଥାଏ ।

ଏଇକଥା ! କନ୍ୟାପିତାଙ୍କ ମୁଣ୍ଡରୁ ବୋଝ ଉତୁରିଗଲା । ବିଗତମାସରେ କୌଣସି କାର୍ଯ୍ୟରେ କଟକ ଗଲାବେଳେ କନ୍ୟାପିତା ଭାବୀ ଜାମାତାଙ୍କୁ ଦେଖିଆସିଛନ୍ତି । ଏଭଳି ଜାମାତା ଭାଗ୍ୟରେ ଥିଲେ ମିଳେ । ସୁଯୋଗ୍ୟ ଜାମାତାଙ୍କ ପାଇଁ ଇଏତ ଏକ ମାମୁଲି ଅନୁରୋଧ ।

ବେଳ ବଢୁଥିଲା । ସମୁଦୁଣୀ ସରଦେଵୀ ଭାବୀ ସମୁଦି ମହାଦେବଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପରଷି ଦେଲେ ପରିପାଟୀ କରି । ଭୋଜନ ପରେ, ସାମାନ୍ୟ ବିଶ୍ରାମାନ୍ତେ ମହାଦେବ ଲେଉଟିଯିବେ ଗାଁକୁ । ତାଙ୍କର ଭୋଜନ ସମୟରେ କିନ୍ତୁ ଏଭଳି ଏକ ଘଟଣା ଘଟିଲା ଯାହା ଫଳରେ ପ୍ରସ୍ତାବଟିର ପ୍ରୀତିକର ଉପସଂହାର ସତ୍ତ୍ୱେ, ସାମାନ୍ୟ ବିଭ୍ରାନ୍ତି ରହିଗଲା ମହାଦେବଙ୍କ ମନରେ । ଘଟଣାଟି ଥିଲା ନିହାତି ସାଧାରଣ ଓ ମାମୁଲି, କିନ୍ତୁ ସେହି ନିହାତି ମାମୁଲି ଘଟଣାଟି ଏକ ଅପ୍ରତିଭ ଅବସ୍ଥା ସୃଷ୍ଟି କରିଗଲା ମହାଦେବଙ୍କ ହୃଦୟରେ ।

ପିଣ୍ଡାରେ ବସି ଚଳୁ କରି ମହାଦେବ ପ୍ରଥମ ଗୁଣ୍ଡା ପାଟିକୁ ନେଇଛନ୍ତି, ପିଣ୍ଡା ସାମ୍ନା ଅଗଣାରେ ତରତର ହୋଇ କିଶୋରୀ ଝିଅଟିଏ ଚାଲିଗଲା । ଏବେ ଦେଖିଥିବା କନ୍ୟାଟି ବୋଧହୁଏ । ଜମିଦାରଙ୍କ ନଜର ପଡିଗଲା । ଝିଅଟିର ରଙ୍ଗ ଶ୍ୟାମଳ । ମୁହଁରେ ବସନ୍ତର ଅସ୍ପଷ୍ଟ ଦାଗ ।

ସରଲଗା ବସାଦହି ତଣ୍ଟି ପାଖରେ ଅଟକି ଗଲା । ଜମିଦାରଙ୍କ ଥାଳିରେ ପଡିରହିଲା ମୁଗଡାଲି ମିଶା ହଳଦୀ ଗରଗର ସରୁ ଅନ୍ନ । ମହାଦେବ ଅଳ୍ପ ଆହାର କରି ଉଠିପଡିଲେ । ମନଚଞ୍ଚଳ, ଇଏ କଅଣ କଲେ ସିଏ ? ଏଇ ଝିଅକୁ ପସନ୍ଦ କଲେ ସିଏ ପ୍ରିୟଦର୍ଶନ ପୁତ୍ର ବାବୁ ପାଇଁ ?

ଶଗଡିଆ ଶଗଡରେ ବଳଦ ଯୁଚି ସାରିଲାଣି । ଭଣ୍ଡାରୀ, ହଳିଆ ଭୋଜନାନ୍ତେ ଗାଁକୁ ଫେରିବା ପାଇଁ ପ୍ରସ୍ତୁତ । ମହାଦେବଙ୍କଠାରେ କିନ୍ତୁ ଫେରିବାର କୌଣସି ଲକ୍ଷଣ ଦେଖାଯାଉନି । ମୁଖଲଜ୍ଜାରେ ମନକଥା, ଯେ ସେ ଆଉଥରେ ଝିଅଟିକୁ ଦେଖିବାକୁ ଚାହାନ୍ତି କହିବି ପାରୁନାହାନ୍ତି । ନୀରବ, ନିଷ୍ପଳ ମୁଖଭଙ୍ଗୀ । କନ୍ୟାପିତା ସାମ୍ନାରେ ଯୋଡହସ୍ତରେ ଦଣ୍ଡାୟମାନ ।

ଶେଷ ପର୍ଯ୍ୟନ୍ତ ମହାଦେବ କଥାଟି ନ କହି ରହି ପାରିଲେନି । ଯଦି କନ୍ୟା ପିତାଙ୍କର କିଛି ଆପତ୍ତି ନଥାଏ, ଯିବା ପୂର୍ବରୁ ସେ ଆଉଥରେ କନ୍ୟାଟିକୁ ଦେଖିବାକୁ ଚାହାନ୍ତି ।



Digitized by srujanika@gmail.com

କନ୍ୟାପିତାଙ୍କର ଅବଶ୍ୟ କୌଣସି ଆପତ୍ତି ନଥିଲା । ପୁଣିଥରେ ଲାଜକୁଳୀ, ଲାବଣ୍ୟମୟୀ କିଶୋରୀ ଝିଅଟି ଆସି ଠିଆହେଲା ପାଖରେ । ଏବଂ ଝିଅଟିକୁ ନିର୍ନିମେଷ ନୟନରେ ଅନେକ ସମୟ ଧରି ଚାହିଁ ରହିଲେ ମହାଦେବ ।

ନା, ଭୁଲ୍ ସେ କରିନାହାନ୍ତି । ସେଇ ଗୋରା ତକ୍‌ତକ୍ ରୂପ । ହଳଦୀରଙ୍ଗୀ ମୁହଁଟି ବେଦାଗ୍, ଶ୍ରୀମୟ । ପଣତକାନି ଉହାଡରୁ ଦିଶିଯାଇଥିବା ଅଙ୍ଗୁଳିତକ ଚମ୍ପାକଢ଼ି ପରି - ରଙ୍ଗରେ ଓ ଗଢଣରେ । ଜମିଦାର ସନ୍ତୁଷ୍ଟ ହେଲେ । ଅଚାନକ ପିତୃସୁଲଭ ସ୍ନେହରେ ମନଟି ଆର୍ଦ୍ର ହେଇ ଉଠିଲା ତାଙ୍କର । ଏଇ ଝିଅଟିର ଅଳତାବୋଳା ଲକ୍ଷ୍ମୀପାଦ ଦିନେ ପଡିବ ତାଙ୍କ ଘରେ । ଭବିଷ୍ୟତ ବଂଶଧରମାନେ ବଢ଼ିବେ ଏହାରି କୋଳରେ ।

ମୁଁ ଭାତ ଖାଇ ବସିଲାବେଳେ ଏଇବାଟେ ଯେଉଁ ଝିଅଟି ଗଲା ସିଏ କିଏ ? ମହାଦେବ ପଚାରିଲେ କନ୍ୟାପିତାଙ୍କୁ ।

କନ୍ୟାପିତା ଏବେ ବୁଝିପାରିଲେ ଜମିଦାରଙ୍କ ଅସମାପ୍ତ ଭୋଜନର ରହସ୍ୟ । ସାମାନ୍ୟ ହସି କହିଲେ - ତା' ନାଆଁ ଗେଣ୍ଡୁଫୁଲ । ମୋର ସମ୍ପର୍କୀୟା ଭଉଣୀର ଝିଅ । ଏଇ ଆଗଦୁଆରୀ ଘର ।

ଜମିଦାର ଏବେ ମୁହାଁଇଲେ ଶଗଡ ଆଡେ । ଭାବୀ ସମୁଦିଙ୍କୁ କହିଗଲେ- ଝିଅ ତାଙ୍କର ପସନ୍ଦ ହୋଇଛି । ତେବେ ଉଚ୍ଚଶିକ୍ଷିତ ପୁତ୍ର । ତା'ର ଏ ସମ୍ପର୍କରେ ମତାମତ ଜାଣିବା ଉଚିତ । ପୁତ୍ର ସହିତ କଥାବାର୍ତ୍ତା କରି ଚୂଡାନ୍ତ ନିର୍ଣ୍ଣୟ ସିଏ ଅତିଶୀଘ୍ର ଜଣାଇଦେବେ ଯା' ଭିତରେ ।

●●●



Digitized by srujanika@gmail.com

## ॥ ୧୯ ॥

ପୂର୍ବଚିଠିରେ ହରିରାଜପୁର ପ୍ରସ୍ତାବ ସମ୍ପର୍କରେ ପୁତ୍ରକୁ ସୂଚନା ଦେଇଥିଲେ ମହାଦେବ । ଗାଁ'ରେ ପହଞ୍ଚି ପୁନର୍ବାର ସୁରେଖା ତଥା ତାଙ୍କ ପରିବାର ସମ୍ପର୍କରେ ସବିସ୍ତାର ବିବରଣୀ ଦେଇ ଲେଖିଲେ ଦ୍ୱିତୀୟ ଚିଠି ।

ଅଳ୍ପ କେଇଦିନ ଭିତରେ ସ୍ୱ ମତାମତ ଜଣାଇ ଉତ୍ତର ଦେଇଥିଲେ କୁଞ୍ଜବିହାରୀ । ପିତାଙ୍କ ପତ୍ରରୁ ଜାଣିପାରିଥିଲେ ଝିଅଟି ସାକ୍ଷରା- ଓଡିଆ ଲେଖି ପଢ଼ିପାରେ । ଏକଥା ମଧ୍ୟ ବୁଝିଲେ ଯେ ଗ୍ରାମାଞ୍ଚଳରେ ଏହାଠାରୁ ଅଧିକ ଆଶା କରିବା ବୃଥା । ଏ ଯାବତ୍ ପ୍ରସ୍ତାବ ପଡିଥିବା କନ୍ୟାମାନଙ୍କ ମଧ୍ୟରୁ ଜଣେ ବି କେହି ବିଦ୍ୟାଳୟର ପାଖ ମାଡିନଥିଲେ କିମ୍ବା ବର୍ଣ୍ଣମାଳା ଶିକ୍ଷା କରିନଥିଲେ । ସେଇ ଦୃଷ୍ଟିକୋଣରୁ ହରିରାଜପୁର ପ୍ରସ୍ତାବଟି ଗ୍ରହଣୀୟ ନିଶ୍ଚୟ ।

ଦ୍ୱନ୍ଦ୍ୱ ଭିତରେ ପଡିଲେ ବି ଏ ସମସ୍ୟା ସହିତ ଅନେକାଂଶରେ ମନ ସାଲିସ୍ କରିନେଲା ତାଙ୍କର । କିନ୍ତୁ ଶତ୍ରୁ ସାଧିଲା କନ୍ୟାଟିର ବୟସ । ପିତାଙ୍କ ପତ୍ରରୁ କୁଞ୍ଜବିହାରୀ ଜାଣିବାକୁ ପାଇଥିଲେ କନ୍ୟାଟି ଏବେ ବି ବାଳିକା- କୈଶୋରରେ ପଦାର୍ପଣ କରିବାକୁ ଯାଉଛି । ସ୍ୱୟଂ ଥିଲେ ଓକିଲ । ସରକାରଙ୍କ ସଦ୍ୟ ପ୍ରଣୋଦିତ ଶାରଦା ଆଇନକୁ ଉଲ୍ଲଙ୍ଘନ କରି କୌଣସି କନ୍ୟାର ପାଣିଗ୍ରହଣ କରିବାକୁ ଥିଲେ ନାରାଜ । ଆଇନ୍ ଅନୁଯାୟୀ, କନ୍ୟାଟିର ବୟସ ଅତିକମ୍‌ରେ ଚଉଦବର୍ଷ ହେବା ବିଧେୟ ବୋଲି ଭାବୁଥିଲେ । କିଶୋର ବୟସରେ ପିତାଙ୍କ କଥା ମାନି ଏକ ବାଳୁତକନ୍ୟାର ହାତଧରି ରଚିଥିବା କଣ୍ଢେଇ ଖେଳର ପୁନରାବୃତ୍ତି ଆଉ ସିଏ ନ କରନ୍ତି । ଏବଂ ଏ ସମ୍ପର୍କରେ ତାଙ୍କ ଜିଦ୍‌ରେ ସିଏ ଥିଲେ ଅଟଳ । ପିତାଙ୍କୁ ଲେଖି ଜଣାଇଥିଲେ-

ହରିରାଜପୁରରେ ମୋ ପାଇଁ ଆପଣ କରିଥିବା ବିବାହ ପ୍ରସ୍ତାବ ମୁଁ କଦାପି ଭାଙ୍ଗିବି ନାହିଁ । କିନ୍ତୁ କନ୍ୟାର ବୟସ ଚଉଦବର୍ଷ ପୂର୍ଣ୍ଣ ନହେଲେ ବିବାହ କରିବା ଶାରଦା ଆଇନ ସଙ୍ଗତ ହେଉନଥିବାରୁ ତା' ବିରୁଦ୍ଧରେ କାର୍ଯ୍ୟ କରିବା ମୋର ଇଚ୍ଛା ନୁହେଁ ।

ଚିଠିଟି ପଢି କିନ୍ତୁ ମହାଦେବ ଅନେକାଂଶରେ ପ୍ରୀତ ହୋଇଥିଲେ । ପୂର୍ବରୁ ଆସିଥିବା ସମସ୍ତ ପ୍ରସ୍ତାବକୁ ଗୋଟିଗୋଟି କରି କୁଞ୍ଜବିହାରୀ ଭାଙ୍ଗି ଦେଇଥିଲାବେଳେ, ଏ ପ୍ରସ୍ତାବଟି ସମ୍ପର୍କରେ ଅନ୍ତତଃ ସେଭଳି କୌଣସି ନିଷ୍ପତ୍ତି ନେଇନାହାନ୍ତି । ମନେମନେ ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କୁ ପ୍ରଣାମ କଲେ ମହାଦେବ ।



Digitized by srujanika@gmail.com

ବାଳୁତ କନ୍ୟାଟିଏ ବିବାହ କରିବାକୁ ପୁତ୍ର ଯେ ଅନିଚ୍ଛୁକ, ତାହା ଅବଶ୍ୟ ମହାଦେବଙ୍କୁ ପ୍ରଥମରୁ ଜଣାଥିଲା । କିନ୍ତୁ ସାହସ କରି ତାହା ସେ ଭାବୀ ସମୁଦିଙ୍କୁ କହିପାରିନଥିଲେ । କାରଣ ସେତେବେଳେ ଚଉଦବର୍ଷ ପର୍ଯ୍ୟନ୍ତ କନ୍ୟାଟିକୁ ଅବିବାହିତ ରଖିବାର ପ୍ରଶ୍ନ ହିଁ ନଥିଲା । ଗୋଟିଏ କୁଳୀନ ବ୍ରାହ୍ମଣ ଘରର ଝିଅ ବଡକନ୍ୟା ହେଲାପରେ ପରିଣୟ ସୂତ୍ରରେ ଆବଦ୍ଧ ହେଲେ, ତାର ସପ୍ତ ପୁରୁଷ ନର୍କଗାମୀ ହେବାର ଅଲିଖିତ ନିୟମ ପ୍ରଚଳିତ ଥିଲା ଲୋକମୁଖରେ ।

ଏଣେ ପୁତ୍ରକଥାରେ ରାଜି ନହୋଇ ଅନ୍ୟ କିଛି ଉପାୟ ନଥିଲା ମହାଦେବଙ୍କର । ଶେଷ ପର୍ଯ୍ୟନ୍ତ ଶ୍ରୀ ପଣ୍ଡାଙ୍କୁ ପୁତ୍ରର ସିଦ୍ଧାନ୍ତର କଥା ଜଣାଇଥିଲେ । ଅନୁରୋଧ କରିଥିଲେ ସୁରେଖାଙ୍କୁ ଚଉଦବର୍ଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ । ଏବଂ ଆଶ୍ଚର୍ଯ୍ୟର କଥା, ଶ୍ରୀ ପଣ୍ଡା ଏ ପ୍ରସ୍ତାବରେ ସମ୍ମତି ପ୍ରଦାନ କରିଥିଲେ ।

ଶ୍ରୀ ପଣ୍ଡା ଥିଲେ ପିତୁଳା ପୂଜା ବିରୋଧୀ, ମହିମାଧର୍ମୀ ଏକ ନିଷ୍ଠାବାନ୍ ସନ୍ଥ । ସମାଜର ତଥାକଥିତ ଧର୍ମକର୍ମ, ରୀତିନୀତି ପ୍ରତି ବିରାଗ ଓ ଆଗ୍ରହଶୂନ୍ୟ । ପ୍ରାଣପ୍ରିୟା ବାଳିକା କନ୍ୟାଟିକୁ ଚଉଦବର୍ଷ ପର୍ଯ୍ୟନ୍ତ ଘରେ ପ୍ରତିପାଳନ କରିବା ତାଙ୍କ ପାଇଁ କୌଣସି ସମସ୍ୟା ନଥିଲା । ଦ୍ୱିତୀୟରେ ସଚ୍ଚରିତ୍ର, ସୁଦର୍ଶନ ଏବଂ ଶିକ୍ଷିତ ଜାମାତାଟିର ମାୟାରେ ଏକପ୍ରକାର ଅନ୍ଧ ଓ ବିବଶ ହୋଇପଡିଥିଲେ ସିଏ । ଜାଣିଥିଲେ ବହୁ ଭାଗ୍ୟବଳରେ ଏଭଳି ପଟିଟିଏ ପୁତ୍ରୀ ପାଇଁ ମିଳିଛି । ମନା କରିଦେଲେ, ଭବିଷ୍ୟତରେ ଏଭଳି ପାତ୍ରଟିଏ ମିଳିବା ଅସମ୍ଭବ ।

ଭାବୀ ସମୁଦିଙ୍କର ନିଷ୍ପତ୍ତି, ମହାଦେବଙ୍କର ମୁଣ୍ଡକୁ ଅଚିରେ କରିଦେଲା ଉଦ୍‌ବେଗଶୂନ୍ୟ । ବର୍ଷବର୍ଷ ଧରି ବୋହିଚାଲିଥିବା ଓଜନଦାର ଏକ ଦାୟିତ୍ୱର ଭାର ସତେ ଅବା ଉତୁରିଗଲା ମଥାରୁ । ମନ ହୋଇଗଲା ଉଜ୍ଜ୍ୱଳ, ନିରୁଦ୍‌ବିଗ୍ନ ଓ ପ୍ରଫୁଲ୍ଲ ।

ମହାଦେବଙ୍କର ଖୁସି ଦ୍ୱିଗୁଣିତ ହେଲା ଯା'ରି ଭିତରେ କୁଞ୍ଜବିହାରୀଙ୍କ ଠାରୁ ଦ୍ୱିତୀୟ ଚିଠିଟି ପାଇ, କୁଞ୍ଜବିହାରୀ ଲେଖିଥିଲେ-

କାଶୀବାବୁଙ୍କ ଜାଗାରେ କଲେଜରେ ନୂଆଲୋକ ନିଯୁକ୍ତି ହେବ ବୋଲି ଖବର କାଗଜରେ ଜଣାଇ ସରକାର ଦରଖାସ୍ତ ଚାହିଁଛନ୍ତି(ଆସନ୍ତା ଆଠତାରିଖ ସୁଦ୍ଧା ପଠାଇବାକୁ) । ଭଗବାନଙ୍କ କୃପାରୁ ମୋର ଏ ଚାକିରି ପାଇବାର ବର୍ତ୍ତମାନ ସମ୍ପୂର୍ଣ୍ଣ ଆଶା ।

ମହାଦେବ ଜାଣିଥିଲେ- ସତ୍ୟାଦର୍ଶୀ ଓ ସ୍ୱଚ୍ଛବାକ୍ କୁଞ୍ଜବିହାରୀଙ୍କୁ ଓକିଲାତି ଠିକ୍ ସୁହାଉନଥିଲା । ଥିଲେ ବିଦ୍ୟାର୍ଜନର ପୂଜାରୀ । ବିଦ୍ୟାଚର୍ଚ୍ଚା କରିବା ଏବଂ ବିଦ୍ୟା ବଣ୍ଟନ କରିବାଠାରୁ ମହତର କାର୍ଯ୍ୟ କିଛି ବି ନଥିଲା ତାଙ୍କ ପାଇଁ । ଈଶ୍ୱର ବଡ ଦୟାବାନ୍ । ଶେଷପର୍ଯ୍ୟନ୍ତ ମନସ୍କାମନା ପୂର୍ଣ୍ଣ କରିଦେଲେ ପୁତ୍ରର ।

•••



Digitized by srujanika@gmail.com

## ॥ ୨୦ ॥

ଝିଅର ବାହାଘର ଠିକ୍ ହୋଇଯିବା ଖୁସିରେ ଝରଝର ଲୁହ ବୋହିଗଲା ସରଙ୍କ ଆଖିରୁ । କୋହମିଶା ଗଳାରେ କହିଲେ- ମୁଁ ଜାଣିଥିଲି ପରା । ଯେଉଁ ଦିନରୁ ସାପ ତା ମୁଣ୍ଡ ଉପରେ ଫଣା ଟେକିଥିଲା, ମୁଁ ଜାଣିଥିଲି ଝିଅ ମୋର ରାଜରାଣୀ ହେବ ।

ସୁରେଖାଙ୍କର ଜନ୍ମକାହାଣୀଟି ଥିଲା ଅଦଭୁତ । ପ୍ରାୟ ଅଷ୍ଟଦଶକ ପୂର୍ବର ଏକ ନିପଟ ମଫସଲ ଗାଁ - ଅନୁନ୍ନତ ଓ କୁସଂସ୍କାରଗ୍ରସ୍ତ । ମୁଖ୍ୟ ଘରଠାରୁ ବେଶ୍ ଦୂରରେ ବାରିର ବାଉଁଶବୁଦା, ଜଡାବଣ ଓ କଦଳୀ କିଆରୀ ପାଖରେ ଥିବା କ୍ଷୁଦ୍ର ଢିଙ୍କିଶାଳଟି ହେଇଥିଲା ଅନ୍ତୁଡ଼ିଘର । ତାଙ୍କର ତୃତୀୟ ସନ୍ତାନଟିକୁ ସର ଜନ୍ମ ଦେଇଥିଲେ ସେଇଠି ।

ଶିଶୁଟିର ଜନ୍ମଦିନ ପରର ଘଟଣା । ସନ୍ଧ୍ୟା ଉତୀର୍ଣ୍ଣ ହୋଇଛି । ଗାଁ ଉପରକୁ ଓହ୍ଲାଇ ଆସିଛି ନିଶୂନ୍‌ରାତିର ଥକ୍‌ଥକ୍ ଜମାଟବନ୍ଧା ଅନ୍ଧକାର । ଢ଼ିଙ୍କିଠାରୁ କିଯତ୍ ଦୂରରେ, ଠିକ୍ ଦରଜାପାଖରେ କନ୍ଥାଘୋଡ଼ି ହେଇ ଶୋଇଛନ୍ତି ସର । ପାଖରେ ନବଜାତକଟି । ବାରିପାଖ କଇରାବୁଦା ତଳୁ ନାଗସାପଟିଏ ବାହାରି, କନ୍ଥାଘୋଡ଼ି ହୋଇ ଶୋଇଥିବା ସର ତଥା ଶିଶୁସନ୍ତାନଟିର ପେଟ ଉପରେ ସର୍ ସର୍ କରି ଚାଲି, ପ୍ରବେଶକଲା ଘରଭିତରେ ଏବଂ ସେଇ ଚରମ ଭୟଭୀତ ମୁହୂର୍ତ୍ତରେ ଏକରକମ ଜ୍ଞାନଶୂନ୍ୟ ହେଇ ସର ବାହାରି ଆସିଲେ ପଦାକୁ । ବାହାରେ ଠିଆ ହେଇ ଚାହିଁଲାବେଳକୁ ସାପଟି ଶିଶୁଟିର ମୁଣ୍ଡପାଖରେ ଥିବା କାଠଖୁଣ୍ଟରେ ଗୁଡ଼େଇ ହେଇ ଏବଂ ଫଣାଟି ଠିକ୍ ଶିଶୁଟିର ମୁଣ୍ଡ ଉପରେ ଟେକି ନିଶ୍ଚଳଭାବରେ ରହିଛି ସେ ପ୍ରାୟାନ୍ଧକାର ଘର ଭିତରେ । ଆଖିର ମଣି ଦୁଇଟି ତାର ଚକ୍ ଚକ୍ କରୁଛି ଦୀପାଲୋକରେ ।

ସାପଟିକୁ ଦେଖି ଏକରକମ ସ୍ୱୟଂଚାଳିତ ଅବସ୍ଥାରେ ଏବଂ ବିଚାରଶକ୍ତି ରହିତ ହେଇ ସର ପଳାଇ ଆସିଥିଲେ ବାହାରକୁ । ସର୍ପାଘାତର ଭୟରେ ବୁଦ୍ଧି ହେଇଯାଇଥିଲା ଜଡ଼ । ସେଇ ମୁହୂର୍ତ୍ତରେ ଶିଶୁଟିକୁ ଉଠାଇ କୋଳରେ ଧରି ଆସିବା ପାଇଁ ତାଙ୍କ ନିଷ୍କ୍ରିୟ ମସ୍ତିଷ୍କଟି ତାଙ୍କୁ ଆଦେଶ ଦେବା ପାଇଁ ଭୁଲିଯାଇଥିଲା । ବର୍ତ୍ତମାନ କିନ୍ତୁ ଘଟଣାଟିର ଭୟାବହତା ହୃଦୟଙ୍ଗମ କରି କାନ୍ଦିବାକୁ ଲାଗିଲେ । ଜଡ଼ ହେଇଗଲେ ସାଇପଡ଼ିଶା, ଭାଇବନ୍ଧୁ କୁଟୁମ୍ବ । ସଭିଏଁ ତଟସ୍ଥ, ସଭିଏଁ ନିର୍ବାକ୍ ।

ଏହା ଅବଶ୍ୟ ସର୍ବଜନବିଦିତ ଯେ ସର୍ପ ଦଂଶନ କରେ କେବଳ ଆତ୍ମରକ୍ଷା ପାଇଁ । ପୁରୁଣାଲୁଗାରେ ଆବୃତ ହୋଇ ନିଦ୍ରା ଯାଇଥିବା ଶିଶୁଟି ଦିଶୁଥିଲା ଗୋଟିଏ କନାପୁତୁଳି



Digitized by srujanika@gmail.com

ପରି ଏବଂ ସର୍ପର କ୍ରିୟାକଳାପରେ କୌଣସି ପ୍ରକାର ବାଧା ସୃଷ୍ଟି କରୁନଥିଲା । ତେଣୁ ତାକୁ ଆକ୍ରମଣ କରିବା କଥା ସ୍ୱାଭାବିକ୍ ଭାବରେ ସାପଟିର ମନକୁ ଆସିନଥିଲା । ଭୟ ଥିଲା ଶିଶୁଟି ନିଦ୍ରାରୁ ଉଠି ହଲ୍‌ଚଲ୍ ହେଲେ କିମ୍ବା ହାତଗୋଡ଼ ଛାଟି କାନ୍ଦିଲେ । ଭୟ ଥିଲା ତାହେଲେ ତାର ଗତିଶୀଳ ଶରୀରଟି ନିଶ୍ଚିତରୂପେ ସର୍ପକୁ ଆକର୍ଷଣ କରିବ । ଏଇ ପରିସ୍ଥିତିରେ ଘର ଭିତରେ ପଶି ଶିଶୁଟିକୁ ଆଣିବା କାମଟି ଥିଲା ଦୁରୂହ । ଶିଶୁଟିକୁ ରକ୍ଷା କରିବାର କୌଣସି ବାଟ ତେଣୁ କାହାରି ମୁଣ୍ଡକୁ ଜୁଟିଲାନି ।

ଶେଷକୁ ବୁଦ୍ଧି କାଢିଲେ ମହାଦେବଙ୍କର ଯୁବାବୟସୀ ସାନଭାଇ ସନାତନ । ଗଜାଟୋକା, ଶକ୍ତିମାନ୍ ଶରୀର । ବାହାରେ ଅନ୍ଧାରୁଆ ଜାଗାରେ ଥିଉର୍ କରି ଛିଡ଼ା ହୋଇ ସତର୍କତାର ସହିତ ହାତ ବଢ଼ାଇ ଧରିଲେ ଦରଜାପାଖରେ ଶୋଇଥିବା ଶିଶୁଟିର ପାଦର ବୁଢାଙ୍ଗୁଷ୍ଠି । ଏବଂ ଧୀରେ ଧୀରେ ସମଗ୍ର ପାଦଟି । ବାହାରେ କାନିପାତି ଅର୍ଦ୍ଧବୃତ୍ତାକାରରେ ଠିଆ ହୋଇ ରହିଲେ ମହିଳାଗଣ । ସନାତନ ଓର ଦେଖି ଗୋଟିଏ ଝଟ୍‌କାରେ ଶିଶୁଟିକୁ ଟାଣି ଫିଙ୍ଗିଦେଲେ ବାହାରକୁ । ସମୟ ନେଇଥିଲା ଗୋଟିଏ ମୁହୂର୍ତ୍ତର ଭଗ୍ନାଂଶ ମାତ୍ର । ଘଟଣା କଅଣ ସାପଟି ବୁଝିବା ପୂର୍ବରୁ, ଶିଶୁଟି ତା ସମ୍ମୁଖରୁ ହୋଇଥିଲା ଗାୟବ୍ । ଶିଶୁଟି ଯାଇ ପଡ଼ିଲା ବାଟଜଗି ଧାଡ଼ିବାନ୍ଧି ଠିଆ ହୋଇଥିବା ଜଣେ ମହିଳାଙ୍କ କୋଳରେ । ସାପଟିକୁ ଲାଠିରେ ପିଟି ମାରିଦେବା, ୟା' ପରେ ବେଶ୍ ସହଜସାଧ ହୋଇପଡ଼ିଥିଲା ।

ଗାଁର ଲୋକେ ସେଇ ଦିନଠୁ କଥା ହେଉଥିଲେ - ଦରିଦ୍ର ବାଳକ କପିଳଙ୍କ ମୁଣ୍ଡରେ ସାପ ଫଣା ଟେକିଥିଲା ବୋଲି, ହାତୀ ସୁନାକଳସ ଢାଳିଥିଲା ତାଙ୍କ ମଥାରେ । ହେଲେ ଓଡ଼ିଶାର ଗଜପତି । ସୁରେଖାଙ୍କର ମଧ ସେଇ ସୌଭାଗ୍ୟ ଘଟିଛି - ରାଜା ନହେଲେ ବି ରାଜାର ହାତ ଧରିବେ ନିଶ୍ଚୟ ।

ସର କନ୍ୟାଟିର ଜନ୍ମ କାହାଣୀ ମନେ କରି ଆଖିରୁ ଲୁହ ଢ଼ାଳିଲେ । ଖୋଜିଲେ ଝିଅକୁ । ଝିଅଟି ତାଙ୍କର ସୁଧାର । କିନ୍ତୁ ଭାଇ ସାଥିରେ ମିଶି ଯାବତୀୟ ଚଗଲାମି କରିବାକୁ ଶିଖିଲାଣି । ଭାଇ ଭଉଣୀ ଦୁହେଁ ଏକ ମନ ଦୁଇ କାୟା ।

ଏଇତ କାଲି - ଅଗଣାରେ ଶୁଖୁଥିବା ଫଡା ଆମ୍ବୁଲରେ ଳିଭିଲା ଚୁଲିରେ ବସିଥିବା ବହଳିଆ କ୍ଷୀର ସରଟି ଆଡେଇ ଖାଇଥିଲେ ଦୁହେଁଯାକ । ସାରା କ୍ଷୀର ଖଟା ହେତୁ ପାଣି ଫାଟି ଛେନା ହୋଇଯାଇଥିଲା ।

ବାରିରେ ବାସନ ମାଜିବାପାଇଁ ରଖା ହେଉଥିଲା ବଡ ପଥରକୁଣ୍ଡରେ ପାଣି । ଗ୍ରାମରେ ପ୍ରଚୁର ମାଙ୍କଡ । କଦବା କେମିତି ସେ ବାନରଗଣ ଆସି ପାଣିକୁଣ୍ଡରେ ମୁହଁ ଲଗାଇ ପାଣି ପିଉଥିଲେ । ବଡ ଭାଇ ସାଥିରେ ମିଶି ଲମ୍ବ ବାଉଁଶଟିଏ ଆଣି ଦୂରରେ ଠିଆ ହେଇ ସେ ମାଙ୍କଡଙ୍କ ଦେହରେ ଗେଞ୍ଜି ଦେଉଥିଲା ଗେହ୍ଲା ଝିଅ ତାଙ୍କର । ମାଙ୍କଡ଼ ଓଲଟି ଚାହିଁଲେ ଝଟ୍‌କି ପଶିଯାଉଥିଲା ପାଖରେ ଥିବା ଢିଙ୍କିଶାଳରେ ।



Digitized by srujanika@gmail.com

ଅନ୍ୟ ବାନରମାନେ ଭୁଲିଯାଇଥିଲେ । କିନ୍ତୁ ତନ୍ମଧ୍ୟରୁ ଗୋଟିଏ ବାନର ମନେ ରଖି ଦେଇଥିଲା ସୁରେଖାଙ୍କ ମୁହଁ । ଥରଟେ ସ୍ନାନ କରି ଫେରିଲାବେଳେ ନଈକୂଳ ବରଗଛରୁ ଓହ୍ଲାଇ ଅଚାନକ ଆକ୍ରମଣ କରି ବସିଥିଲା ସୁରେଖାଙ୍କୁ । ଘାଟରେ ସ୍ନାନରତ ମହିଳାମାନେ ଝିଅଟିର ଚିତ୍କାର ଶୁଣି ଆସି ରକ୍ଷା କରିଥିଲେ ତାକୁ ।

ଢିଙ୍କିଶାଳରେ ବସି ଗେଣ୍ଡୁ ନାନୀ ସାଥିରେ କଉଡି ଖେଳୁଥିଲା ଝିଅ । ହାତଧରି ଝିଙ୍କି ଝିଙ୍କି ଘରକୁ ନେଇ ଆସିଲେ ସର । ମୁଣ୍ଡରେ ଜଡାତେଲ ଘଷି ସଯତ୍ନ ଜଟ ବାନ୍ଧି ଦେଲେ । କାଠ ପାନିଆରେ ସୁନ୍ଥା କାଟୁ କାଟୁ ଭାବିଲେ - ରେଶମ ସୂତା ପରି କି ନରମ ତାଙ୍କର ଝିଅର କେଶ ! ପଣତକାନିରେ ଝିଅର ମୁହଁକୁ ପୋଛିଦେଇ ଓ ତା' ସୁକୁମାର ମୁହଁଟିକୁ ଚାହିଁଦେଇ ମୁଗ୍ଧ ହେଲେ ସର ।

କହିଲେ - ଆଜିଠୁ କଉଡି ଖେଳ ବନ୍ଦ । ଘରେ ବସି ଲେଖାପଢ଼ା କର । ରାଜାର ହାତ ଧରିବାକୁ ଯାଉଚୁ । ତା'ର ଯୋଗ୍ୟ ହବାକୁ ହବ ତତେ । ବାହାଘର ଠିକ୍ ହୋଇଗଲାଣି । ଆଉ ଦାଣ୍ଡକୁ ଯିବୁନି ।

- ନନା ସାଥିରେ ଚାଟଶାଳୀ ବି ଯିବିନି ?

- କାହିଁକି ? ବାପା ତ ତୋ ପାଇଁ ପ୍ରତି ହାଟପାଳିଦିନ ନୂଆ ବହି କିଣିକି ଆଣି ଦେଉଛନ୍ତି । ତାକୁ ସବୁ ପଢୁନୁ !

- ଆର ଥରକ ବାପା ଯେଉଁ ବହି କିଣି ଆଣିଥିଲେ ତାକୁ ପଢ଼ିକି ସାରି ସାରିଲିଣି ।

- କି ବହି ଆଣିଥିଲେ ବାପା ?

- ବୈଦେହୀଶ ବିଳାସ । ରାମ ସୀତାଙ୍କର ଗପ, ହେଲେ କେତେଜାଗାରେ ଅର୍ଥ ବୁଝି ମୁଁ ପାରୁନି ।

ମୁଁ ବାପାଙ୍କୁ କହିଦେବି, ମାଷ୍ଟ୍ରେଙ୍କୁ କହିଦେବେ, ଆସି ବୁଝେଇଦେବେ ତତେ ଘରେ । ନୂଆ ବହି ବି ଆଣି ଦେବେ ତୋ' ପାଇଁ ।

ନୂଆବହି କଥା ଶୁଣି ଖୁସି ହେଲେ ବି ଆଉ ଦାଣ୍ଡକୁ ଯାଇ ପାରିବନି ଶୁଣି ମୁହଁ ଫୁଲେଇକି ବସିଲା ସୁରେଖା । ବାହାଘର ? କାହାକୁ ବାହା ହବ ସିଏ ? ଲୋକେ କହୁଛନ୍ତି କୁଆଡେ ବହୁତ ପାଠ ପଢ଼ିଛନ୍ତି । ସିଏ ତ ବେଶୀ ପାଠ ପଢ଼ିନି । ଗାଁ ଝିଅ କେହି ସ୍କୁଲ ଯାଆନ୍ତିନି । ସିଏ ବରଂ ତା ନନା ସାଥିରେ ଚାଟଶାଳୀ ଯାଇ ଲେଖାପଢ଼ା ଶିଖିଛି । ପ୍ରଥମଥର ପାଇଁ ବାହାଘର କଥା ଭାବି ଭୟ ଲାଗିଲା ସୁରେଖାକୁ । ଶୁଣିଥିଲା ତା ଭାବୀ ସ୍ୱାମୀ କୁଆଡେ ପାଠପଢୁଆ ଝିଅ ପସନ୍ଦ କରନ୍ତି । ଚାଟଶାଳୀ ନ ଗଲେ ବି ଘରେ ମନ ଲଗାଇ ପାଠ ପଢ଼ିବ ସିଏ ଏଣିକି । ଭାଗର ଗଣିତ ବହିରୁ ଶିଖିଯିବ ପାହି ପଣିକିଆ । ଛାନ୍ଦ ଚଉପଦୀ ସିଳଟରେ ଲେଖି ମୁଖସ୍ଥ କରିନବ ମଧ୍ୟ ।

●●●



Digitized by srujanika@gmail.com

## ॥ ୭୧ ॥

ମହାଦେବ ପିତୃସୁଲଭ ଉତ୍ତେଜନା ନେଇ ପାଲିଙ୍କି ଓ ଗଉଡ ବନ୍ଦୋବସ୍ତ କରି ପକାଇଲେ । ଇଚ୍ଛା - ପୁତ୍ରର ବାହାଘରଟି କରିବେ ଜାକଜକମରେ । ସାରା ଗାଁ ଯେମିତି ଦୁଲୁକି ଉଠିବ ସେ ବିଭାଘରର ଶୁଭଶଙ୍ଖର ନିନାଦରେ । ପୁତ୍ରଠାରୁ ଚିଠିଟି ପାଇ କିନ୍ତୁ ତାଙ୍କର ସେ ସୁଖମୟ ଉତ୍ସୁକତାରେ ସହସା ଭଙ୍ଗା ପଡ଼ିଗଲା । ରୋଷଣୀ ସଜାଇ ତେଲିଙ୍ଗିବାଜା ସହିତ ପୁତ୍ରକୁ ବିଭା କରାଇବାର ଆଗ୍ରହ ଫିକା ପଡିଗଲା । ମଉଳିଗଲା ବହୁବର୍ଷ ପରେ ମନକାନନରେ ଉଙ୍କି ମାରୁଥିବା ସୁନେଲି ସ୍ୱପ୍ନର କଳିକାସବୁ ।

ପୁତ୍ର ଅରାଜି ଥିଲେ ପାଲିଙ୍କିରେ ବସିବା ପାଇଁ । ଏ ବୟସରେ ଏତେ ଶିକ୍ଷାଦୀକ୍ଷା ସତ୍ତ୍ୱେ, ରାଜବେଶ ହୋଇ ସିଏ ପାଲିଙ୍କିରେ ବସିବେ ଏବଂ ପାଦରେ ତାଳ ପକାଇ, ହୁଁ ମେରା ଭାଇ ଡାକ ସହିତ ତାଙ୍କୁ ବୋହିନେଇଯିବେ ପଞ୍ଚାଏ ଦୁର୍ବଳ କଙ୍କାଳସାର ଗ୍ରାମୀଣ ମଣିଷ - ଧାରଣାଟି ତାଙ୍କ ପାଇଁ ଥିଲା ବିସ୍ମୟଜନକ । ଏ ପ୍ରହସନରେ ଭାଗୀଦାର ହେବାକୁ ସିଏ ଚାହିଁନଥିଲେ ଏବଂ ତଦନୁସାରେ ଚିଠିଟିଏ ଲେଖିଥିଲେ ମହାଦେବଙ୍କୁ । ଜଣାଇଥିଲେ ବିଭାଘର ପୂର୍ବଦିନ ସନ୍ଧ୍ୟାରେ କଟକରୁ ବସ୍ ଧରି ସିଏ ସିଧା ପହଞ୍ଚିବେ ହରିରାଜପୁର । ପିତା ସାଥିରେ ଭଣ୍ଡାରୀ, କୁଳ ପୁରୋହିତ ତଥା ଅନ୍ୟାନ୍ୟ ସଖାସମ୍ବନ୍ଧୀଙ୍କୁ ଶଗଡରେ ଧରି ଠିକ ସମୟକୁ ଯେମିତି ଆସି ପହଞ୍ଚିଯାଆନ୍ତି ଭାବୀ ସମୁଦିଙ୍କ ଘରେ ।

ମହାଦେବ ବିଷାଦଗ୍ରସ୍ତ ହେଲେ ସତ କିନ୍ତୁ ପୁତ୍ର ପ୍ରତି ରୋଷ ପ୍ରକଟ କଲେ ନାହିଁ । ଖାମ୍ଖିଆଲୀ ଓ ବୈରାଗୀପୁତ୍ରଟି ବହୁ କଷ୍ଟରେ ମଙ୍ଗିଛି ବିଭା ହେବା ପାଇଁ । ଯାହା କହୁଛି ତାହାରି କଥା ରହୁ । ମାଙ୍ଗଳିକ କାର୍ଯ୍ୟଟି ସମ୍ପାଦିତ ହୋଇଯାଉ ଭଲରେ ଭଲରେ । ଲୋକ ପଠାଇ ସମୁଦି ଶ୍ରୀ ପଣ୍ଡାଙ୍କୁ ଖବରଟି ଜଣାଇ ଦେଲେ ମହାଦେବ ।

ମହାନଦୀ ବନ୍ଧ ତଳେ ତିଆରି କରିଥିବା ଦୁଇ ବଖରାର ସାନ କୋଠାଘରଟିକୁ ଲୋକ ଲଗାଇ ପରିଚ୍ଛନ୍ନ କରାଇବାରେ ଲାଗିପଡ଼ିଲେ କନ୍ୟାପିତା । ଜାମାତା ଓ କୁଣିଆମାନେ ଆରାମରେ ରହିଲାଭଳି ପ୍ରବନ୍ଧ କରାଇନେଲେ ମଧ୍ୟ । ବାଦ ସାଧିଲା ଜାମାତାଙ୍କର ଜଳପାନ । ବାହାଘର ପରେ ଭୂରି ଭୋଜନର ବ୍ୟବସ୍ଥା । କିନ୍ତୁ ଜାମାତାକୁ ସକାଳେ କି ଜଳପାନ ଦେଇ ଚର୍ଚ୍ଚା କରିବେ ସିଏ ? ଗାଁର ଜଳପାନ କହିଲେ ଚୁଡା, ମୁଢ଼ି, ହୁଡୁମ୍ ଓ ମୁଆଁଉଖୁଡା ।



Digitized by srujanika@gmail.com

ଏଇଆ ଖାଇବାକୁ ଦେବେ ସିଏ ତାଙ୍କର ସହରରେ ବଡ ହୋଇଥିବା ଉଚ୍ଚଶିକ୍ଷିତ ଜାମାତାଙ୍କୁ ? ବିଭାଘର ନ ସରିବା ପର୍ଯ୍ୟନ୍ତ ଅନ୍ନାହାର ଯେ ନିଷିଦ୍ଧ ।

ସମସ୍ୟାଟିର ସମାଧାନ କରିଦେଲା ଗାଁ ଗୁଡ଼ିଆ । ଉପଦେଶ ଦେଇଥିଲା ମୋହନଭୋଗର ବ୍ୟବସ୍ଥା କରିବା ପାଇଁ । ତାଲିକା ଅନୁଯାୟୀ ସୁଜି, ଚିନି, ଗୁଜୁରାତି, କିସ୍‌ମିସ୍ ଓ ଗୁଆଘିଅ କିଣା ହୋଇ ଆସିଲା । ଘରେ ଯେହେତୁ ଏ ଭୋଜ୍ୟବସ୍ତୁଟି ତିଆରି କରିବା କାହାରିକୁ ଜଣା ନଥିଲା, ଗୁଡ଼ିଆ ଆସି ଅଗଣାରେ ଚୁଲି ଜାଳି ତିଆରି କରିଥିଲା ମୋହନଭୋଗ । ଆଗରୁ ନାଁ ଶୁଣିନଥିବା ଏଇ ସ୍ୱାଦିଷ୍ଟ ଜଳଖିଆଟିର ପ୍ରସ୍ତୁତ ପ୍ରଣାଳୀ ଦେଖିବା ପାଇଁ ଅଗଣାରେ ଗ୍ରାମବାସୀମାନଙ୍କର ଛୋଟକୋଟିଆ ଭିଡଟିଏ ସୃଷ୍ଟି ହୋଇଥିଲା ମଧ୍ୟ ।

ବିବାହ ସମ୍ପନ୍ନ ହୋଇଗଲା । କୁଞ୍ଜବିହାରୀଙ୍କ ଦେହରେ ଧୋବଫରଫର ଧୋତି ଓ ପଞ୍ଜାବୀ । ହାତରେ ଅଷାଢୁଆ ସୁତା । ମୁଣ୍ଡର ଘଞ୍ଚ କେଶରାଶି ଭିତରେ ଏବେ ବି ବନ୍ଦାପନା ବେଳର ହରିଦ୍ରାଭ ଅକ୍ଷତ କେତୋଟି ଲାଗି ରହିଛି ।

ବରପିତା, ପୁରୋହିତ ଓ ଅନ୍ୟାନ୍ୟ ବରଯାତ୍ରୀଗଣ କ୍ଲାନ୍ତ ଓ ବିଶ୍ରାମ ରତ । କନ୍ୟାଘରେ ସ୍ୱାଭାବିକ ଭାବରେ ହଟ୍ଟଗୋଳ । ଗ୍ରାମର ମହିଳା ଓ ପୁରୁଷଗଣ ବରର ରୂପଦର୍ଶନରେ ବିଭୋର । ଏଭଳି ବରପାତ୍ରଟିଏ ଏଯାବତ୍ ଏ ଗ୍ରାମକୁ ଆସି ନଥିଲା । ସୁଗୌର, ସ୍ୱାସ୍ଥ୍ୟବାନ୍, ଅମାୟିକ ଯୁବକ, ବ୍ୟବହାରରେ ଆଭିଜାତ୍ୟ । କଥା କହିବାର ଧରଣ ଭଦ୍ର, ସଂଯତ । ସେଥିରେ କୁଆଡେ ଏଭଳି ବିଦ୍ୟା ଅର୍ଜନ କରିଛନ୍ତି ଯେ ଏ ଖଣ୍ଡମଣ୍ଡଳରେ କେହି ସେ ପାଠ ନାଁ ଶୁଣିନାହାନ୍ତି ।

ସବୁ ଚାଲିଥିଲା ଠିକ୍‌ଠାକ୍ - ନିୟମମାଫିକ । ହଠାତ୍ ଆସିଲା ନିୟମ ଭଙ୍ଗର ସୂଚନା - ଜ୍ୱାଇଁ ଝିଅକୁ ଦେଖିବାକୁ ଚାହାନ୍ତି ।

କୁଞ୍ଜବିହାରୀ ଥିଲେ ଶିକ୍ଷିତ ଯୁବକ । ବିଦ୍ୟାରତ ଥିବାରୁ ବିବାହ ହୋଇଥିଲା ବିଳମ୍ବରେ । ବାହାଘର ଠିକ୍ ହେଲାବେଳେ ଆଜ୍ଞାଧୀନ ପୁତ୍ର କନ୍ୟାଟିକୁ ଦେଖିବା ପାଇଁ ପିତାଙ୍କୁ ସଙ୍କୋଚରେ କହିପାରିନଥିଲେ । କିନ୍ତୁ ଯେହେତୁ ଥିଲେ ଉଚ୍ଚଶିକ୍ଷିତ, ତତ୍କାଳୀନ ସାମାଜିକ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସମୀଚୀନ ମଣିଥିଲେ ।

ଶୁଣିଥିଲେ ଜଉତିଷଙ୍କ ଗଣନା ଅନୁସାରେ ଏବେ କାଳ ଅଶୁଦ୍ଧ । ତେଣୁ ପତ୍ନୀ ଶାଶୁଘରକୁ ଯିବାରେ କିଛିତ ବିଳମ୍ବ ଘଟିବ । ଏଇ ପରିସ୍ଥିତିରେ, କିଭଳି ଝିଅଟିଏ ବାପା ତାଙ୍କର ଜୀବନସାଥୀ ରୂପେ ବାଛିଲେ, ତାହା ଜାଣିବାକୁ ତାଙ୍କର ଆଗ୍ରହ ହେବାଟା ଥିଲା ଏକ ସ୍ୱାଭାବିକ ଘଟଣା । କିନ୍ତୁ ପିତାଙ୍କର ବଶମ୍ବଦ ପୁତ୍ର, ସମାଜର ରୀତିକୁ ଉଲ୍ଲଂଘନ କରିବାର ଏଇ ଅନୁରୋଧ ପିତାଙ୍କୁ କହିପାରିନଥିଲେ । କଥାଟି କହିଥିଲେ ସାଥିରେ



Digitized by srujanika@gmail.com

ଆସିଥିବା ପୁରୋହିତ ଶ୍ରୀ ଗଣି ପଣ୍ଡିତଙ୍କୁ । ପଣ୍ଡିତଙ୍କଠାରୁ କଥାଟି ଶୁଣି ମହାଦେବ ତାଙ୍କଟ ସ୍ୱାଭାବିକ ରୀତିରେ ମୌନ ହୋଇ ବସିଥିଲେ । ପୁରୋହିତ ବୁଝିଲେ - ମୌନଂ ସମ୍ମତି ଲକ୍ଷଣମ୍ ।

ମହାଦେବ ଅବଶ୍ୟ ପୁତ୍ରପ୍ରତି କିଛିବା ଅହେତୁକ ଭାବରେ ସ୍ନେହପ୍ରବଣ ଥିଲେ । ବିଦ୍ୱାନ ପୁତ୍ର ବାପାମା'ଙ୍କ କଥା ମାନି ମଫସଲରେ ଆସି ବାହା ହୋଇଥିଲେ ବୋଲି । ଦ୍ୱିତୀୟରେ ମହାଦେବ ବୁଝିଥିଲେ - କୁଞ୍ଜବିହାରୀ ଏବଂ ସୁରେଖା ଏବେ ପତିପତ୍ନୀ ଏବଂ ପତିର ନିଶ୍ଚିତ ରୂପେ ଅଧିକାର ଅଛି ଅନ୍ତତଃ ପତ୍ନୀକୁ ଦୂରରୁ ଥରଟେ ଦେଖିବା ପାଇଁ । ବାରଣ କରିବାର ଶକ୍ତି ପିତାଙ୍କର ଆଉ ନାହିଁ ।

ଘରେ ସାଜ ସାଜ ରବ ପଡିଲା । ଧୂଳିଝଡ଼ା ହୋଇ ଚୌକିଟିଏ ପିଣ୍ଡାରେ ପଡ଼ିଲା ପ୍ରିୟଦର୍ଶନ ଜାମାତାଙ୍କ ପାଇଁ । ନାଲିରଙ୍ଗର ବରହମ୍‌ପୁରୀ ପାଟ ଶାଢ଼ି ପିନ୍ଧା ବଧୂବେଶୀ ସୁରେଖାଙ୍କୁ ଆଣି ବସେଇ ଦିଆଗଲା ସାମ୍‌ନାରେ ।

ଘରେ ଥାଟପଟୁଆଳ ଲୋକ । ସତେ ଅବା ମେଳା କି ମଉଚ୍ଛବ ।

ବିଦ୍ୱାନ ସ୍ୱାମୀ ଅନୁରୋଧ କଲେ କାଗଜ କଲମ ଆଣିବା ପାଇଁ । କନ୍ୟା ପିତା ହତଚକିତ । ଜୋଇଁ ଚାହିଁଥିଲେ ଝିଅକୁ ଦେଖିବାଲାଗି । କାଗଜ, କଲମର କଅଣ ଦରକାର ? କାଗଜ, ଦୁଆତ ଓ କାଠକଲମ ଘରେ ଥିଲା । ଆସିଲା ବି ତତ୍‌କ୍ଷଣାତ୍ ।

ଓଡ଼ିଆରେ ନିଜ ନାଁ ଓ ଠିକଣା ଲେଖିପାରିବ ? ଅତ୍ୟନ୍ତ କୋମଳ ଓ ସ୍ନିଗ୍ଧ ସ୍ୱରରେ ସ୍ୱାମୀଙ୍କର ପ୍ରଶ୍ନ । ଅବଗୁଣ୍ଠନବତୀ ସୁରେଖା ନିର୍ବାକ୍ ହୋଇ ବସିରହିଲା ଲାଜ ଓ ଭୟରେ ସଙ୍କୁଚିତ ହେଇ ।

ଲେଖମା, ଲେଖ୍ । ପିତା ମୁଣ୍ଡରେ ହାତ ରଖି ଆଶ୍ୱାସନା ଦେଲେ । ସମୁଦିଙ୍କ କହିବା ଅନୁସାରେ ଝିଅର ଲେଖାପଢାର ଉଚିତ୍ ଯତ୍ନ ସିଏ ନେଇଛନ୍ତି ଯା' ଭିତରେ ।

ସୁରେଖା କଲମ ବୁଡାଇଲା କାଳି ବୋତଲରେ । ସ୍ପଷ୍ଟ ଗୋଲ୍ ଗୋଲ୍ ଅକ୍ଷରରେ ଲେଖିଲା - ଶ୍ରୀମତୀ ସୁରେଖା ଦେବୀ, ପିତା ଶ୍ରୀ ମହାଦେବ ପଣ୍ଡା ଗ୍ରାମ - ହରିରାଜପୁର, ଭାୟା - ବାଙ୍କି, ଜିଲ୍ଲା - କଟକ । କନ୍ୟାପିତା କାଗଜଟି ଝିଅଠାରୁ ନେଇ ଜୋଇଁଙ୍କି ବଢ଼େଇଦେଲେ । କୁଞ୍ଜବିହାରୀ ସନ୍ତୁଷ୍ଟ ହେଲେ ହସ୍ତାକ୍ଷର ଓ ନିର୍ଭୁଲ ବନାନ୍ ଦେଖି । ହଠାତ୍ ମନକୁ ମନ ଉଚ୍ଚାରଣ କଲେ - କିଏ ବଡେଇ ଦେଲା କି ?

ଅନୁଚ୍ଚ ସ୍ୱରରେ କହିଥିବା ମନ୍ତବ୍ୟଟି କିନ୍ତୁ ସୁରେଖାଙ୍କ କାନରେ ଠିକ୍ ପଡିଥିଲା - ମନ ତାଙ୍କର ଭରି ଉଠିଥିଲା ତୀବ୍ର ଅଭିମାନରେ ।



Digitized by srujanika@gmail.com

ଆଉ କଅଣ କଅଣ ବହି ପଢ଼ିଚ ? ସ୍ୱାମୀ ପଚାରିଲେ ଦ୍ୱିତୀୟ ପ୍ରଶ୍ନ । ସେଇ ଏକାପରି କୋମଳ ଓ ମିଷ୍ଟ ସ୍ୱରରେ । ପୁନର୍ବାର ପିତାଙ୍କ ପ୍ରରୋଚନା - କହ ମା' କହ ।

- କପଟପାଶା, ନାବକେଳି, ଟୀକା ଗୋବିନ୍ଦ ଚନ୍ଦ୍ର, ବୈଦେହୀଶ ବିଳାସ...

- ଆଚ୍ଛା ବୈଦେହୀଶ ବିଳାସର କୌଣସି ଛାନ୍ଦ ମନେ ଅଛି ? କହିପାରିବ ?

କହିବ କାହିଁକି ? ଗାଇକି ଶୁଣେଇଦେବ ମୋ ଝିଅ । ସୁର କରି ଛାନ୍ଦ ଚଉପଦୀ ସବୁ ଗାଏ ସିଏ । କନ୍ୟା ଅପେକ୍ଷା ପିତାଙ୍କର ଉତ୍ସୁକତା ବେଶୀ । ଜୋଇଁ ଜାଣନ୍ତୁ, ଝିଅ ତାଙ୍କର କିଛି କମ୍ ଗୁଣବତୀ ନୁହେଁ । ଗାଁ ଗହଳରେ ଜନ୍ମ ହୋଇ ସୁଦ୍ଧା ପାଠ ପଢ଼ିଛି, ସାକ୍ଷରା । ଇଏ ତ କିଛି କମ୍ କଥା ନୁହେଁ । ତା' ସାଥିରେ କେତେଟା ଝିଅ ପାଠ ପଢ଼ିଛନ୍ତି ଏ ଗାଁରେ ?

ଅଗତ୍ୟା କିଶୋରୀ ଝିଅଟିକୁ ସୁର୍‌କରି ଗୀତଟି ଗାଇବାକୁ ପଡିଲା - ବିତଳଙ୍କୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ, ହରେ ସୁରବର ତାପ ଚାରୁଧାରା ସେ । କଅଁଳ କଣ୍ଠରେ ଚୋଖି ରାଗଟି ଉତୁରିଥିଲା ବେଶ୍ । କୁଞ୍ଜବିହାରୀ ମନେ ମନେ ଭାବିଲେ - ଯାହାହେଉ ପତ୍ନୀ ପାଠପଢ଼ିଛନ୍ତି ତାହେଲେ । କଟକ ଗଲେ ଇଂରାଜୀ ତଥା ସୂଚୀକର୍ମରେ ସାମାନ୍ୟ ଶିକ୍ଷା ଦେବା ପାଇଁ ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ମହିଳାଙ୍କ ସହିତ ସିଏ କଥାବାର୍ତ୍ତା କରି ରଖିଛନ୍ତି । ପତ୍ନୀ ବୁଦ୍ଧିମତୀ, ଇଚ୍ଛା କଲେ ଚଞ୍ଚଳ ଶିଖିଯାଇପାରିବେ ।

●●●



Digitized by srujanika@gmail.com

## ॥ ୨୨ ॥

ସବାରି ଲାଗିଲା ଦାଣ୍ଡ ଦୁଆରେ । ସବାରି ବୋହୁଥିବା ଗଉଡ ଦଳ ପଥର ପିଣ୍ଡା ସାମ୍ନାରେ ସବାରି ରଖି, କାନ୍ଧରୁ ଗାମୁଛା କାଢ଼ି ଝାଳ ପୋଛି ହେଲେ । ଘର ଆଗରେ ଜମା ହେଲେ ସାଇ ପଡିଶାର ବୟସ୍କା ସଧବାଦଳ । ସୀତାଦେବୀ ଫୁଲ, ବରକୋଳିପତ୍ର ଓ ଅକ୍ଷତ ଧରି ଆସିଲେ ବୋହୂକୁ ବନ୍ଦାପନା କରି ଘରକୁ ବରଣ କରିନେବା ପାଇଁ । କିଶୋରୀ ସୁରେଖା ହାତେଲମ୍ୱର ଓଢଣାଟିଏ ଟାଣି, ଅଣ୍ଟାପାଖରୁ ଭୂଇଁ ସହିତ ସମାନ୍ତରାଳ ହେଇ ନଇଁ ନଇଁ ପ୍ରବେଶ କଲେ ଘର ଭିତରକୁ । ଦାଣ୍ଡ ଦୁଲୁକିଲା ହୁଳହୁଳି ଓ ଶଙ୍ଖନାଦରେ । ନୂଆବୋହୂଟିର ଅଳତାବୋଳା ଲକ୍ଷ୍ମୀପାଦ ପ୍ରଥମ କରି ପଡିଲା ଗୃହାଙ୍ଗନରେ ।

ଭୋଜି ଭାତ ସରୁସରୁ ଦି ଘଡି ରାତି । ଲୋକଗହଳି କମିଲା ପରେ ଖୋଜା ପଡିଲା କୁଞ୍ଜବିହାରୀଙ୍କୁ । କୁଞ୍ଜବିହାରୀଙ୍କର ପତ୍ତା ନଥିଲା । କିଏ ଜଣେ କହିଲା - ସଞ୍ଜବେଳେ ବାବୁଙ୍କୁ ଗାଁ ମୁଣ୍ଡ ଡାକବଙ୍ଗଳାରେ ଦେଖିଥିଲା ବୋଲି । ଭୀରୁ, ଲାଜକୁଳା କୁଞ୍ଜବିହାରୀ ବାହାଘରର ଏଇ ହଟଗୋଳ ଭିତରେ ନରହି ଯାଇ ଶୋଇଥିଲେ ଡାକ ବଙ୍ଗଳାରେ । ଲାଜକୁଳା ସାନଭାଇଟିର ସଙ୍କୋଚ ବୁଝିପାରି ଜ୍ୟେଷ୍ଠଭ୍ରାତା ମଧୁସୂଦନ ମୁରୁକି ହସିଥିଲେ ଏବଂ ଅର୍ଦ୍ଧରାତ୍ରିରେ ହାତରେ ଲଣ୍ଠନଟିଏ ଓହଳାଇ ଯାଇଥିଲେ ଭାଇକୁ ଡାକି ।

କେଇଦିନ ଛୁଟି ପରେ କୁଞ୍ଜବିହାରୀ ଫେରିଗଲେ କଟକ । ଚାକିରି ମିଳିଥିଲା ରେଭେନ୍ସା କଲେଜରେ । ଶାଶୁଶ୍ୱଶୁରଙ୍କ ପରିଚର୍ଯ୍ୟା ଲାଗି ସୁରେଖା ରହିଗଲେ ଗାଁରେ । ମାତା ସରଦେବୀଙ୍କ ଉପଦେଶ ମନରେ ରଖି ଯତ୍ନର ସହିତ ସେବା କରିଥିଲେ ଗୁରୁଜନମାନଙ୍କର । ଦିନେ ଶାଶୁଙ୍କ ମଥାରେ ତେଲ ଘଷି ମୁଣ୍ଡ କୁଣ୍ଡେଇ ଦେଲାବେଳେ ସମବୟସୀ ନଣନ୍ଦ କୁନ୍ତଳା ହସି ହସି ମନ୍ତବ୍ୟ କରିଥିଲେ- ମା', ବାବୁନନା ଜିଦ୍ କରିଥିଲେ ପାଠୋଇ ଝିଅ ବାହା ହେବେ ବୋଲି, ସହରିଆ ଝିଅଟିଏ ଆସିଥିଲେ ସିଏ କଅଣ ଆଜି ଏଇ ମାଟି ଅଗଣାରେ ବସି ତୋ' ମୁଣ୍ଡରୁ ଜଟ ଛିଡାଉଥାଆନ୍ତା ?

ସୀତା ଥିଲେ ନିରୁପଦ୍ରବ, ନିରୀହ ମଣିଷ । ବୋହୂ ମୁହଁକୁ ଚାହିଁ ସ୍ନେହରେ ହସିଲେ । ଆଶୀର୍ବାଦ କଲେ - ଝିଅଟି ଅଧ୍ୟ ସୁଲକ୍ଷଣୀ ହୋଇ ଯେମିତି ଅନେକ ନାତି ନାତୁଣୀ ଉପହାର ଦେଉ ତାଙ୍କୁ ।



Digitized by srujanika@gmail.com

କେଇମାସ ପରେ ଖଜା ମିଠେଇର ଭାର ଧରି ଦିନେ ଝିଅ ଶାଶୁ ଘରେ ହାଜର ହେଲେ ମହାଦେବ ପଣ୍ଡା - ସୁରେଖାଙ୍କର ପିତା । ମଝିରେ ଥରେ କଟକ ଯାଇ ଜାମାତାଙ୍କୁ ଦେଖି ଆସିଥିଲେ । ମନ ଭିତରେ ଅଭିଳାଷ ଜାଗିଥିଲା- ଗେହ୍ଲା ଝିଅଟି ତାଙ୍କର କଟକ ଯାଇ ସ୍ୱାମୀଙ୍କ ସହିତ ଦାମ୍ପତ୍ୟଜୀବନ ଆରମ୍ଭ କରୁ ।

କଥାଟି କିନ୍ତୁ ସିଧାସଳଖ ସମୁଦିଙ୍କୁ କହିବାର ସାହସ ସଞ୍ଚୟ କରିପାରିନଥିଲେ । ଚାଲାଖି କରି କହିଲେ- ଏବେ ଥରେ କଟକ ଯାଇଥିଲି । ବାବୁଙ୍କର ଖିଆପିଆରେ ଭାରି ଅସୁବିଧା । ସମୁଦି ଅନୁମତି ଦେଲେ, ସିଏ ସବାରୀ ପଠେଇବେ ଝିଅ ପାଇଁ । ଝିଅ ହରିରାଜପୁର ଗଲେ ସିଏ ନିଜେ ଯାଇ ତାକୁ କଟକ ପହଞ୍ଚେଇ ଦେଇ ଆସିବେ ।

ବାବୁର ଖିଆପିଆ ଅସୁବିଧା ହେବାର କଥା ତ ନୁହେଁ । ମୁଁ ତ ଗାଁ'ରୁ ପୂଜାରୀଟିଏ ଓ ଚାକର ପିଲାଟିଏ ପଠେଇଛି ତା' ପାଇଁ, ମହାଦେବ ତ୍ରିପାଠୀ କହିଲେ ।

- ପୂଜାରୀ କଅଣ ଅଉ ମନ ମୁତାବକ ରାନ୍ଧିବ ? ଖାଲି ଯାହା କାମ ଚଳେଇବା କଥା ।

ମହାଦେବ ତ୍ରିପାଠୀ ଚାଲାଖ ଲୋକ । ସମୁଦିଙ୍କ ମନକଥା ବୁଝିଲେ । ବୁଝିଲେ ଯେ ସମୁଦି କନ୍ୟାକୁ କଟକ ପଠେଇବାରେ ଆଗ୍ରହୀ । ନିଜେ ବି ଅନୁଭବ କଲେ ସତରେ ଭୁଲ୍ ହୋଇଯାଇଛି । ବୋହୂକୁ ବହୁପୂର୍ବରୁ ପୁଅପାଖକୁ ପଠେଇଦେବା ଉଚିତ୍ ଥିଲା ।

କିନ୍ତୁ ସମୁଦି ସବାରୀ ପଠାଇ ବୋହୂକୁ ନେବାର ପ୍ରସ୍ତାବଟି ତାଙ୍କ ମର୍ଯ୍ୟାଦାରେ ବାଧିଲା । କହିଲେ- ବୋହୂ ଆମର । ତାଂକୁ କଟକ ପଠାଇବାର ଦାୟିତ୍ୱ ବି ଆମର । ଆପଣ କାହିଁକି ସବାରୀ ପଠେଇବେ । ଯା'ରି ଭିତରେ ଭଲଦିନ ବାର ଦେଖି ଆମେ ଦୁଇଜଣ ଯାଇ ବୋହୂକୁ କଟକରେ ଛାଡିଦେଇ ଆସିବୁ । ଆପଣ ନିଶ୍ଚିନ୍ତ ରହନ୍ତୁ ।

ଆଶ୍ୱାସନା ପାଇ ଖୁସିରେ ଲେଉଟିଗଲେ ଶ୍ରୀ ମହାଦେବ ପଣ୍ଡା ।

ଶୁଭ ମୁହୂର୍ତ୍ତ ଦେଖି ତାଟ ଶଗଡ ସଜିଲ୍ ହେଲା । ସାମ୍ନାରେ ଶଗଡିଆ ରାହାସ ଆଡକୁ ମୁହଁ କରି ମହାଦେବ, ପଛପଟେ ସୀତା ଓ ସୁରେଖା ।ବେକରେ ଘଣ୍ଟିଘାଗୁଡି ପିନ୍ଧା କଇଁଫୁଲିଆ ବଳଦ ବିଲ ଭିତରେ ଶଗଡ ଗୁଳା ଦେଇ ପାଦରେ ପାଦ ପକାଇ ଦୌଡିବାକୁ ଲାଗିଲେ । ଖୋର୍ଦ୍ଧା ପର୍ଯ୍ୟନ୍ତ ଶଗଡରେ । ସେଠାରୁ କଟକ ଟ୍ରେନ୍‌ରେ । ନିର୍ବିଘ୍ନରେ ପିତା, ମାତା ଓ ତରୁଣୀ ବଧୂ ଯାଇ ପହଞ୍ଚିଗଲେ କୁଞ୍ଜବିହାରୀଙ୍କ ପାଖରେ ।

କଟକ ସହର କଲେଜଛକ ପାଖରେ ସାନ ଦୋମହଲା କୋଠାଘରଟିଏ । କୁଞ୍ଜବିହାରୀଙ୍କର ରେଭେନ୍ସାରେ ଅଧ୍ୟାପକର ଚାକିରି । କର୍ମସ୍ଥଳୀକୁ ପାଖ ଦେଖି ଘରଟି ପସନ୍ଦ କରିଥିଲେ । ସାଥିରେ ପୂଜାରୀ ବାମ୍ଭଣ ଓ ବୋଲହାକ କରିବା ପାଇଁ ସାନ କିଶୋରଟିଏ – ସପନା ।



Digitized by srujanika@gmail.com

କୁଞ୍ଜବିହାରୀଙ୍କର ଜୀବନଚର୍ଯ୍ୟାକୁ ପ୍ରଥମଥର ପାଇଁ ଏତେପାଖରୁ ଦେଖିଲେ ସୁରେଖା । ଗ୍ରାମ୍ୟ ବାଳିକାଟି ଶଙ୍କାକୁଳ ମନରେ କିଛିଟା ଉତ୍ସୁକତା ନେଇ ଅନେକ ସମୟରେ ଦୂରରୁ ଚାହିଁରହନ୍ତି ସ୍ୱାମୀଙ୍କୁ । ଟକ୍‌ଟକ୍ ଗୋରା ସୌଷ୍ଠବମୟ ସୁଦର୍ଶନ ଚେହେରା । ଅତ୍ୟନ୍ତ ନିୟମାନୁବର୍ତ୍ତୀ ଓ ସୁଶୃଙ୍ଖଳ । କଥାବାର୍ତ୍ତାରେ ଭଦ୍ର, ମାର୍ଜିତ ଓ ଅମାୟିକ । କଥା କହନ୍ତି କିନ୍ତୁ କମ୍- ଦରକାରଠାରୁ ପଦେ ବି ଅଧିକା ନୁହେଁ । ଏକପ୍ରକାର ପୁସ୍ତକକୀଟ କହିଲେ ଚଳେ । ବହି ହିଁ ତାଙ୍କର ସଖା ଓ ସହୋଦର । ଘରେ ଥିବା ସମୟରେ ବେଶି କଟେ ପୁସ୍ତକ ଗହଣରେ । ଅନ୍ୟ କୌଣସି ବିଷୟରେ ମୁଣ୍ଡ ଖେଳାନ୍ତିନି ଆଦୌ । ସହନଶକ୍ତି ଅପ୍ରମିତ ।

ପହରଣରେ ପୂରାପୂରି ସାହେବୀ ବେଶ- ସୁଟ୍, ବୁଟ୍, ଟାଇରେ ସଜ୍ଜିତ । ଖାଆନ୍ତି ଚୌକିରେ ବସି, କଣ୍ଟାଚାମଚରେ । ଶସ୍ତାଯୁଗ- ସକାଳେ ଗଉଡଟିଏ ଗାଈ ଆଣି ଘର ସାମ୍‌ନାରେ ବାନ୍ଧି କ୍ଷୀର ଦୁହିଁ ଦେଇଯାଏ । ପ୍ରାତଃରାଶ ପୁରୀ, କ୍ଷୀର ଓ ଆଳୁଭଜା । ଦିନବେଳେ ଓ ରାତିରେ ବାନ୍‌ଛା ରାନ୍ଧେ ଭାତ, ଡାଲି, ତରକାରୀ ।

ସୁରେଖାଙ୍କର ସେ ତରକାରୀ କିନ୍ତୁ ପସନ୍ଦ ହୁଏନି । ପାଟିକୁ ଲାଗେ ପୂରାପୂରି ବିସ୍ୱାଦ । ମନେପଡେ ଗାଁରେ ମା' ହାତରନ୍ଧା ଜିରାମରିଚ ଦିଆ ମଞ୍ଜା ମିଶା ମହମହ ଘାଣ୍ଟ ତରକାରୀ, ଛୁଇଁ, ପଣସମଞ୍ଜି, ବାଇଗଣ, ବଡି ଦିଆ ବହଲିଆ ବେସର, ସାରୁ କଖାରୁ ମୂଳା ମିଶା ଦହି କାଞ୍ଜି, ମୁଗଡାଇ ଗୁଣ୍ଡଗୋଳା କୋଶଳା ବା ଲେଉଟିଆ ଶାଗ ଓ ତେନ୍ତୁଳିରସ ଓ ଗୁଡଦିଆ କଅଁଳ ପାଣିକଖାରୁ ଖଟା । କେଡେ ରୁଚିକର ଲାଗୁଥିଲା ସେ ସବୁ ପାଟିକୁ । ବାନ୍‌ଛା ରନ୍ଧା ତରକାରୀ ଯେ ବିବାକ୍ ସ୍ୱାଦହୀନ ତା' ସାମ୍‌ନାରେ ।

ସେଦିନ ସୁରେଖା ଠିକ୍ କଲେ ଆଜି ନିଜେ ତରକାରୀ ରାନ୍ଧିବେ । ମା'ଠୁ ଦେଖି ଦେଖି ସବୁ ତରକାରୀ ଯେ ଶିଖିଯାଇଛନ୍ତି ସିଏ । ମନ ଲଗାଇ ସୁରେଖା ରନ୍ଧାବଢ଼ା କଲେ ସେଦିନ । ରାନ୍ଧିଲେ ମୁଗଡାଲି, ଚାଉଳବଟା ଗୋଳା ଦେଶୀ ଆଳୁ ଭଜା ଓ ବଡିଚୁର୍ଣ୍ଣ ଦେଇ ବିଭିନ୍ନ ପରିବାର ସନ୍ତୁଳା । ଯେମିତି ଦେଖିଥିଲେ ଗାଁ'ରେ ।

ରବିବାର, ଛୁଟିଦିନ । ମହାଦେବ ଆଗରୁ ଭୋଜନ କରି ସାରିଛନ୍ତି । ଅନ୍ୟଦିନ ଦଶଟା ପୂର୍ବରୁ ଏକାଏକା ଖାଇ ଦେଇ କୁଞ୍ଜବିହାରୀ ବାହାରିଯାଆନ୍ତି କଲେଜ । ଆଜି ଛୁଟି ଥିବାରୁ ମା'ଙ୍କ ସାଥିରେ ଖାଇ ବସିଲେ କୁଞ୍ଜବିହାରୀ । ବାନ୍‌ଛା ପାରିପାଟୀ କରି ଭାତ ତରକାରୀ ବାଢି ଦେଇ ସଯତ୍ନ ରଖିଲା ଦୁହିଁଙ୍କ ସାମ୍‌ନାରେ ।

ଚଳୁ କରି ସାରି, ତରକାରୀକୁ ମୁହଁରେ ଦେଇ କେତୋଟି ସେକେଣ୍ଡ ଚୁପ୍ ହୋଇଗଲେ କୁଞ୍ଜବିହାରୀ । ସ୍ୱାଦ ଯେ ସମ୍ପୂର୍ଣ୍ଣ ଭିନେ । ଭଜାରୁ ଖଣ୍ଡିଏ କାମୁଡି ଖାଇଲେ । ଭାରି ସ୍ୱାଦିଷ୍ଟ ଲାଗିଲା ପାଟିକୁ । ରସନା ହୋଇଗଲା ସନ୍ତୁଷ୍ଟ । ପଚାରି ବସିଲେ ମା' ଆଜି ତରକାରୀ କିଏ ରାନ୍ଧିଛି ?



Digitized by srujanika@gmail.com

- କିଏ ଆଉ ରାନ୍ଧିବ ? ଆଜି ବାନ୍ଛା ହାତରୁ ଛଡେଇ ବୋହୂ କରିଛି ରନ୍ଧାବଢା, ସୀତା ଜବାବ୍ ଦେଲେ ।

- ଓହୋ, ସେଥିପାଇଁ ତରକାରୀଟା ପୂରା ଅଲଗା ଲାଗୁଛି । ତରକାରୀ ଆଜି ଭଲ ଲାଗୁନେଇଁ ମା' ? ହଳଦୀ ଗରଗର ଗୁଆଘିଅ ମିଶା ସୁନାମୁଗ ଡାଲିକୁ ଭାତରେ ଗୋଳାଉ ଗୋଳାଉ କୁଞ୍ଜବିହାରୀ ପଚାରିଲେ ।

ବୋହୂର ହାତରନ୍ଧା ନେଇ ପୁତ୍ରର ଏତାଦୃଶ ଭାବପ୍ରବଣତା ସୀତାଙ୍କ ମନରେ ସ୍ୱାଭାବିକ୍ ଭାବରେ ଟିକିଏ ଖଟ୍‌କିଲା । ନିରୁତ୍ତାପ ଗଳାରେ କହିଲେ- ହଁ ଗୋଟେ ବର୍ଗର ହେଇଚି ।

ସ୍ୱାମୀଙ୍କ ପରିତୃପ୍ତ ଭୋଜନ ଦେଖି କବାଟ କଣରେ ଠିଆହୋଇଥିବା ଅବଗୁଣ୍ଠନବତୀ ସୁରେଖା ଖୁସିହେଲେ, ଠିକ୍ କଲେ ଏଣିକି ପ୍ରତ୍ୟେକ ଦିନ ତରକାରୀ ରାନ୍ଧିବେ ସିଏ ।

ସେଇଦିନ ସନ୍ଧ୍ୟାରେ, କୁଞ୍ଜବିହାରୀ ସୁରେଖାଙ୍କୁ କହିଲେ- କାଲି ସକାଳେ ସ୍ନାନ ସାରି, ପରିଷ୍କାର ପରିଚ୍ଛନ୍ନ ହୋଇ ଟିକିଏ ଉପରକୁ ମୋ ପଢାଘରକୁ ଆସିବ ତ ! କୁଞ୍ଜବିହାରୀଙ୍କର ଶୟନ କକ୍ଷ ଓ ପଠନ କକ୍ଷ ଥିଲା ଉପରମହଲାରେ । ସୁରେଖା ଏ ଯାବତ୍ ସେଠାକୁ ଯାଇନଥିଲେ । ରହୁଥିଲେ ତଳମହଲାରେ - ସୀତାଙ୍କ ସହିତ ଏକ କୋଠରୀରେ ।

କୁଞ୍ଜବିହାରୀଙ୍କ କଥା ଶୁଣି ସୁରେଖା ଭାବିଥିଲେ ହୁଏତ ସ୍ୱାମୀ କିଛି ଗପସପ କରିବା ପାଇଁ ତାଙ୍କୁ ଡାକୁଛନ୍ତି । ପାତେଳୀ, ଗୋରୀ, ଲାଜକୁଳୀ ଝିଅଟି ସ୍ୱାମୀ କହିବା ଅନୁସାରେ ପ୍ରାତଃସ୍ନାନ କରି, ବାପଘରୁ ଆଣିଥିବା ଭଲଲୁଗାଟିଏ ପିନ୍ଧି ଓ ପାତାପକା ମୁଲାୟମ ବାଳରେ ସିନ୍ଦୂରଗାରଟିଏ ଟାଣି ପରଦିନ ସ୍ୱାମୀଙ୍କ ପାଠପଢୁଥିବା ବଖରାରେ ଭୀରୁ ପଦକ୍ଷେପରେ ପାଦ ରଖିଥିଲେ ।

ଅଧ୍ୟୟନରତ ଯୁବକ ସ୍ୱାମୀ ସଂଭ୍ରମ ଓ ସମ୍ମାନର ସହିତ ପାଖରେ ପଡିଥିବା ଖଟଟିରେ ବସିବାପାଇଁ ପତ୍ନୀଙ୍କୁ ଅନୁରୋଧ କରିଥିଲେ । ଏବଂ ଅବଗୁଣ୍ଠନକୁ କପାଳ ଉପରକୁ ଟାଣି ସୁରେଖା ଅପେକ୍ଷା କରି ରହିଲେ ସ୍ୱାମୀ କଅଣ ସୁଖଦୁଃଖ ହେବେ ବୋଲି । ସ୍ୱାମୀ କିନ୍ତୁ ବହି ଆଲମାରୀ ଖୋଲି ଦେଖେଇଦେଲେ - ହେଇଟି ଦେଖ, ମୋ ବହିପତ୍ର ସବୁ ଏଇଠି ରହେ, ଆଉ ଏଇ ଟେବୁଲ୍‌ରେ ମୁଁ ପଢାପଢି କରେ । ସବୁଦିନ ଆସି ଯାକୁ ଝଡାଝଡି କରିଦବ, ବହିର ଯତ୍ନ ନବ ଭଲକରି । ହେଲେ ଅପରିଷ୍କାର ହାତରେ ବହିପତ୍ର ଛୁଇଁବନି । ଯାହା କରିବ, ସ୍ନାନ ପରେ, ସଫାସୁତୁରା ହେଇ ।

ଖୁସିଗପ ବଦଳରେ ପୁସ୍ତକର ଯତ୍ନ ସମ୍ବନ୍ଧୀୟ ତାଗିଦା ଶୁଣି ଅଭିମାନୀ ସୁରେଖାଙ୍କର କଳାଡୋଳା ଦୁଇଟି ତାଙ୍କ ଅଜାଣତରେ ସଜଳ ହେଲା । ଆଖିରୁ ଲୁହ ପୋଛି ଓ ନିରୀହ ସ୍ୱାମୀଟିକୁ ହତଚକିତ କରି ତରତର ପାଦରେ ସିଏ ଓହ୍ଲାଇ ଆସିଲେ ତଳକୁ ।



Digitized by srujanika@gmail.com

ଦିନପରେ ଦିନ କଟୁଥିଲା । ମହାଦେବ ଓ ସୀତା କଟକ ଆସିବାର ପ୍ରାୟ ସପ୍ତାହେ ଖଣ୍ଡେ ହୋଇଗଲାଣି ଯା' ଭିତରେ । କୁଞ୍ଜବିହାରୀ ରାତିରେ ବେଶ୍ ଡେରି ପର୍ଯ୍ୟନ୍ତ ପାଠପଢ଼ନ୍ତି । ବିଳମ୍ବରେ ନିଦ୍ରା ଯାଆନ୍ତି ପଢ଼ାଘର ସଂଯୁକ୍ତ ଶୟନ କକ୍ଷଟିରେ ।

ସୁରେଖା ପୂରାପୂରି ଗ୍ରାମ୍ୟବାଳିକା ଓ ସ୍ୱଭାବରେ ଭୀରୁ । ଘରେ ପୂଜନୀୟ ଶାଶୁ ଓ ଶ୍ୱଶୁର ଏବଂ ଶାଶୁଘର ଗାଁର ବୟସ୍କ ପୂଜାରୀ ଚାକର ଯୋଡିଏ । ଏମାନଙ୍କ ଭିତରେ ରୀତିମତ୍ ଭୀତି ଓ ସଂକୋଚର ସହିତ ରହିବାକୁ ପଡୁଥିଲା ସୁରେଖାଙ୍କୁ । ସ୍ୱାମୀଙ୍କ ପାଖକୁ ଯିବାତ ଦୂରର କଥା, ଗୁରୁଜନମାନଙ୍କ ସାମ୍ନାରେ ସ୍ୱାମୀଙ୍କ ସାଥିରେ କୌଣସି ପ୍ରକାର ବାର୍ତ୍ତାଳାପ କରିବା ମଧ ତାଙ୍କୁ ମନେହେଉଥିଲା ଅସଙ୍ଗତ ଓ ଅଶୋଭନୀୟ । ଦିନ କଟୁଥିଲା ରୋଷେଇଶାଳରେ କିମ୍ବା ଘରକାମରେ । ରାତିରେ ଖିଆପିଆ ସରିଲେ ଯାଇ ଶାଶୁଙ୍କ ପାଖରେ ଜାକିଜୁକି ହୋଇ ଶୋଇପଡୁଥିଲେ ।

ପୁତ୍ର ଓ ପୁତ୍ରବଧୂ ଦୁହିଁଙ୍କର ଏତାଦୃଶ ଅସମଞ୍ଜସ ଦାମ୍ପତ୍ୟଜୀବନରେ ସୀତା ବେଶ୍ ବିବ୍ରତ ହୋଇପଡୁଥିଲେ । ହେଲେ ବୁଦ୍ଧି ପଶୁନଥିଲା ଏ ସମସ୍ୟାଟିର ସମାଧାନ ନିମନ୍ତେ । ମନେମନେ ଭାବୁଥିଲେ- ଯା'ଟିଏ କି ନଣନ୍ଦଟିଏ ଏ ସମୟରେ ପାଖରେ ଥିଲେ କେତେ ଭଲ ହୋଇଥାଆନ୍ତା । ବୟସରେ ଯେ ଅନେକ ବଡ ସିଏ ପୁତ୍ରବଧୂଠାରୁ, ଏତେ ଟିକିଏ ଝିଅକୁ କଅଣ ବା କହିବେ ?

ଭାବିଭାବି ଶେଷକୁ ବୁଦ୍ଧିଟିଏ ବାହାର କଲେ ସୀତା, ଦିନେ ରାତ୍ରିଭୋଜନ ପରେ ବୋହୂକୁ କହିଲେ - ତୁ'ତ ଏଯାଏ ଉପରମହଲା ଭଲକରି ଦେଖିନୁ । ଚାଲେ ବୁଲିଆସିବା ।

ଶାଶୁବୋହୂ ଦୁହେଁ ମିଶି ଆସିଲେ ଉପର ମହଲାକୁ । ଘରଦ୍ୱାର ବୁଲେଇ ଦେଖେଇଦେଲେ ସୀତା । ଛାତ ଉପରେ ଘଡିଏ ବସିଲେ ମଧ ଦୁଇଜଣଯାକ । ନିର୍ଜନ ରାତି, ରାସ୍ତାରେ ମିଞ୍ଜିମିଞ୍ଜି ଜଳୁଥିବା ମ୍ୟୁନିସିପାଲଟି ବଲ୍‌ବର ନିଷ୍ପ୍ରଭ ବିକୀରଣ । ଗପସପ କରି ସିଡିରେ ଓହ୍ଲାଉ ଓହ୍ଲାଉ ହଠାତ୍ ସୀତା କହିଉଠିଲେ - ମୋ ବଟୁଆଟା ସାଥିରେ ଆଣିଥିଲି । କେଉଁଠି ରଖିଦେଲି କହ ତ । ଟିକିଏ ଛାତରେ ଆମେ ବସିବା ଜାଗା ଓ ବାବୁର ଶୋଇବା ଘର ଦେଖିଆସିଲୁ ।

ସୁରେଖା ଆସି ଛାତଉପରେ ନଜର ପକାଇଲେ । ବଟୁଆ ସେଠାରେ ନଥିଲା । ସୀତାଙ୍କ କହିବା ଅନୁସାରେ ଏଥରକ ପଶିଲେ କୁଞ୍ଜବିହାରୀଙ୍କ ଶୋଇବା ବଖରାରେ । ଖଟଉପର ଯାକ ଖୋଜିଲେ ତନ୍ନତନ୍ନ କରି । ବଟୁଆର ଚିହ୍ନବର୍ଣ୍ଣ ନାହିଁ । ଏଇ ସମୟରେ ସୀତା ଆସି କବାଟରେ ଶିକୁଳିଟି ଲଗାଇଦେଲେ ବାହାରୁ । ପଢ଼ାଘରେ ପୁତ୍ର ଅଧ୍ୟୟନ ରତ । ଲଣ୍ଠନର ତୀର୍ଯ୍ୟକ ରଶ୍ମିରେ ମୁହଁ ଦିଶୁଛି ଦୀପ୍ତ ଓ ଉଜ୍ଜ୍ୱଳ । ତଳମହଲାକୁ ଓହ୍ଲାଇ ଯାଉଯାଉ ପୁତ୍ରକୁ ଡାକି କହିଗଲେ ସୀତା- ବାବୁ, ଯା' ଶୋଇପଡ । ବହୁତ ରାତି ହେଲାଣି ।

●●●



Digitized by srujanika@gmail.com

## ॥ ୭୩ ॥

କଲେଜଟି ଥିଲା ତାଳଦଣ୍ଡା କେନାଲ୍‌କୁ ଲାଗିକରି । କଲେଜ୍ ହତାକୁ ଛୁଇଁ କୁଲୁକୁଲୁ ହୋଇ ବହିଯାଉଥିଲା କେନାଲ୍‌ର ଶୀର୍ଣ୍ଣ ନୀଳ ବେଣୀଟି । କେନାଲର ପୂର୍ବପଟେ କଲେଜ । ପଶ୍ଚିମପଟେ ପ୍ରଚୁର ଖାଲି ଜମି । ଅରମା ଜଙ୍ଗଲରେ ଭର୍ତ୍ତି । ଅଚାନକ୍ ସେଇଠି ଜମିଖଣ୍ଡିଏ ପାଇଗଲେ କୁଞ୍ଜବିହାରୀ କିଣିବା ପାଇଁ । କଲେଜପାଖ । ଯାତାୟାତରେ ସୁବିଧା । ପାଖରେ ଆହୁରି ବହୁତ ଅନାବାଦୀ ଖାଲି ଜମି ପଡିରହିଛି । ପିତା ଥିଲେ ପାଖରେ । କୁଞ୍ଜବିହାରୀ ଇସାରା କରିଥିଲେ - ପିତା ଯଦି କିଛି ସାହାଯ୍ୟ କରନ୍ତେ ଆଉ ଦିଚାରିଗୁଣ୍ଠ ଜମି ସିଏ କିଣିବାକୁ ଇଚ୍ଛୁକ ।

ମହାଦେବ କିନ୍ତୁ ଏଠି ଜମି କିଣିବାରେ ଆଗ୍ରହ ପ୍ରକାଶ କଲେ ନାହିଁ । କହିଲେ- ମୋ'ର ସାରାବର୍ଷର କାମ ହାଇକୋର୍ଟରେ । ଜମି ସଂକ୍ରାନ୍ତୀୟ ମାଲିମକଦ୍ଦମାରେ ମତେ ପ୍ରାୟ ଆସିବାକୁ ପଡୁଛି । ତମେ ଏଠାରେ ଜମି କିଣିଲେ ମତେ କୌଣସି ପ୍ରକାର ସୁବିଧା ହବନି । ଚାଲିଚାଲି ଅନେକ ଦୂରବାଟ କଚେରୀକୁ ଯିବାକୁ ପଡିବ । ତମେ ବୁଝ । ହାଇକୋର୍ଟ ପାଖରେ ଯଦି ଜମି ମିଳୁଛି, ଯେତେଟଙ୍କା ପଡୁ ପଛେ ମୁଁ ଦେବି । ବଡ ଜମିଟିଏ କିଣିବା ।

ଭାଗ୍ୟବଶତଃ ଏ ଜମିଖଣ୍ଡିକ କୁଞ୍ଜବିହାରୀଙ୍କ ଦୃଷ୍ଟିଗୋଚର ହୋଇଥିଲା । ଏସବୁ ବିଷୟରେ ସିଏ ସମ୍ପୂର୍ଣ୍ଣ ଅନାଡି । କିଏ ବୁଝିଦବ ହାଇକୋର୍ଟ ପାଖରେ ଜମି ? ତା' ଛଡା ଏଠି ଘର କଲେ କଲେଜକୁ ପାଖ । ତାଙ୍କର ଯିବାଆସିବା ଅନେକ ସୁବିଧାଜନକ । ପିତାଙ୍କ ସାମ୍ନାରେ ନୀରବ ରହିଲେ କୁଞ୍ଜବିହାରୀ, ପିତାଙ୍କୁ ଆଉ ଆର୍ଥିକ ସାହାଯ୍ୟ ନ ମାଗି ନିଜର ଯତ୍‌କିଞ୍ଚିତ ସଞ୍ଚିତ ଅର୍ଥରେ କିଣିଲେ ପାଞ୍ଚଗୁଣ୍ଠଜମି । ଭାବିଲେ - ହଷ୍ଟେଲ୍‌ରେ ରଖି ପାଠପଢ଼ାଇ ତାଙ୍କ ପିଛା ପ୍ରଚୁର ଅର୍ଥ ଖର୍ଚ୍ଚ କରିଛନ୍ତି ମହାଦେବ । କେବେ ଦିନେ କୌଣସି କଥାରେ ମନା କରିନାହାନ୍ତି । ପୁତ୍ର ଏବେ ଯୋଗ୍ୟ । ନିଜ ଖର୍ଚ୍ଚ ନିଜେ ବହନ କରିବା ଉଚିତ୍ ।

ମହାଦେବ ଓ ସୀତା ଫେରିଗଲେ ଗାଁ'କୁ । କୁଞ୍ଜବିହାରୀ ମନ ବଳାଇଲେ ଘରଟିଏ ତିଆରି କରିବା ପାଇଁ କିନ୍ତୁ ଘର କରିବେ ବା କେମିତି ? ବୁଝିବ କିଏ ? ନିଜେ ଯେ କିଛି



Digitized by srujanika@gmail.com

ବି ଜାଣନ୍ତିନି ସେ ସମ୍ପର୍କରେ । କେଉଁଠୁ ଆଣିବେ ଚୂନ, ସିମେଣ୍ଟ, ଇଟା ? କେଉଁଠୁ ଆଣିବେ ମୂଲିଆ, ମିସ୍ତ୍ରୀ, ବଢେଇ - କୁଞ୍ଜବିହାରୀଙ୍କୁ ବୁଦ୍ଧିବାଟ ଦିଶିଲାନି ।

ଏତିକିବେଳେ ସହାୟ ହେଲେ ଶ୍ୱଶୁର ଶ୍ରୀ ମହାଦେବ ପଣ୍ଡା । ଅଚିରେ ଆସି ହାଜର ହେଲେ କଟକରେ । ନିଜେ ସାନସାନ କଣ୍ଟ୍ରାକ୍ଟରୀ କାମ କରୁଥିଲେ । ଘର ତିଆରି ସମ୍ପର୍କରେ ସମ୍ୟକ୍ ଜ୍ଞାନ ଥିଲା । ଆଶ୍ୱାସନା ଦେଇଥିଲେ - ତୁମେ ବ୍ୟସ୍ତ ହୁଅନା ବାବା, ଘରଟି ମୁଁ ତୋଳିଦେବି । ଆଜିଠୁ କଟକରେ ରହିଲି । ଘର ସାରିକି ଗାଁ'କୁ ଯିବି ।

କେଇଟା ଦିନରେ ମାଟି ଖୋଳି ଘରର ମୂଳଦୁଆ ପକେଇ ଦେଲେ ଶ୍ରୀ ପଣ୍ଡା । ନିଜେ ତଦାରଖ୍ କରି, ମିସ୍ତ୍ରୀ, ମୂଲିଆ ଲଗାଇ ବନେଇଦେଲେ କୋଠାଘରଟିଏ । ବଡବଡ ବଖରା । କଡିବରଗା ଦିଆ ଛାତ । ଚୂନସୁରକିର ପଲସ୍ତରା । ଉଞ୍ଚାଉଞ୍ଚା ଚଉଖୁଣ୍ଟିଆ ଖମ୍ବ ଥିବା ଚଉଡା ବାରଣ୍ଡା । ଉତ୍ତର ଦକ୍ଷିଣ ଓ ପୂର୍ବ ପଶ୍ଚିମ ହୋଇ ଦୁଇ ସାହାଲା ଘର ।

ଶେଷପର୍ଯ୍ୟନ୍ତ ଜୋଇଁଙ୍କର ସଞ୍ଚିତ ଅର୍ଥକୁ ଚାହିଁ ସେଇ ହିସାବରେ ଘରଟିକୁ ତୋଳିଦେଲେ ମହାଦେବ ପଣ୍ଡା । ଘରର ଝିଡ୍‌କୀ, ଦରଜା ଓ କାନ୍ଥ ଆଲମାରୀ ପାଇଁ ପ୍ରଚୁର କାଠଦରକାର । ଗାଁ'ରୁ ମହାନଦୀ ବାଟ ଦେଇ ଡଙ୍ଗାରେ ଆସିଲା କାଠ । ଜୋବ୍ରା ଆନିକଟ୍ ପାଖରେ ମହାନଦୀରୁ ଡଙ୍ଗା ଆସିଲା ତାଳଦଣ୍ଡା କେନାଲ୍ ଦେଇ ଘର ସାମ୍ନାକୁ । ଗାଁ'ରୁ ଆସିଲେ ବଢେଇ ମିସ୍ତ୍ରୀ । କରତରେ କାଠଚିରି ବିରାଟକାୟ କବାଟମାନ ଝୁଲେଇଦେଲା ପାରଙ୍ଗମ ମହାରଣା ପୁଅ । କୁଞ୍ଜବିହାରୀ କେବଳ ଟଙ୍କା ଦେଇଥିଲେ । ସ୍ୱଳ୍ପ ଖର୍ଚ୍ଚରେ କୁଞ୍ଜବିହାରୀଙ୍କ ପକେଟ୍‌କୁ ସୁହାଇଲା ପରି ଚୂନଧଉଳା ଘରଟିଏ କଟକ ସହରରେ ତିଆରି କରି ବିଦାୟ ନେଲେ ଶ୍ରୀ ମହାଦେବ ପଣ୍ଡା ।

ଶ୍ରୀଯୁକ୍ତ ପଣ୍ଡା କିନ୍ତୁ ଗୋଟିଏ ଭୁଲ୍ କରିଦେଇଥିଲେ । ଘର ତିଆରି କରିବା ପୂର୍ବରୁ ପ୍ରଥମେ ଆସି କୂଅଟିଏ ଖୋଳିଦେଇଥିଲେ ଖାଲି ଜମିରେ । ଘର ତିଆରି ପାଇଁ ପାଣି ପ୍ରଚୁର ଦରକାର । ଘରର ନକ୍ସା କଲାବେଳକୁ କିନ୍ତୁ କୂଅଟି ପଡିଲା ରୋଷେଇଘର ପଟ ପିଣ୍ଡା ମଝିରେ । କୁଞ୍ଜବିହାରୀଙ୍କ ଘରଟି ଏଇ ହିସାବରେ ହୋଇଉଠିଲା ଅନନ୍ୟ । ଘର ଭିତରେ କୂଅଟିଏ । କୂଅ ଚାରିପଟେ ଅଣ୍ଟେ ଉଞ୍ଚର ବାଡ ଦେଇ କୂଅଟିକୁ ଅବଶ୍ୟ ଦୁର୍ଘଟଣାମୁକ୍ତ କରିଦେଇଥିଲେ ମହାଦେବ ପଣ୍ଡା । କୁଞ୍ଜବିହାରୀ ସେଥିରେ ଖଞ୍ଜିଦେଲେ ହାତପମ୍ପଟିଏ । ପମ୍ପମାରିଲେ ଗଳଗଳ ହୋଇ ପାଣି ଅଜାଡି ହେଇପଡୁଥିଲା ଭୂତଳରୁ ଆସି । ପମ୍ପଟି ଖରାପ ହେଲେ କଲେଜର ପମ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ମୁସଲ୍‌ମାନ ମିସ୍ତ୍ରୀଟିଏ ଆସି ଯତ୍‌ସାମାନ୍ୟ ପାରିଶ୍ରମିକ ବଦଳରେ ପମ୍ପର ୱାସର ବଦଳେଇ ଦେଉଥିଲେ । ପାଚିଲା ଫ୍ରେଞ୍ଚଦାଢ଼ି ରଖୁଥିବା ଲୁଙ୍ଗିପିନ୍ଧା ଅମାୟିକ ପମ୍ପ ମିସ୍ତ୍ରୀଟି ଥିଲେ ତାଙ୍କ ବିଦ୍ୟାରେ ଧୂରୀଣ ।



Digitized by srujanika@gmail.com

କଲେଜ ଓ ଘର କେନାଲ୍‌ର ଏପଟସେପଟ । ଘର ତିଆରି ପାଇଁ ଆସିଥିବା ବଳକା କାଠକୁ ଯୋଡ଼ି, ବଢ଼େଇକୁ କହି ସାନ ଡଙ୍ଗାଟିଏ ବନେଇ ଦେଇଥିଲେ ମହାଦେବ ପଣ୍ଡା । ଡଙ୍ଗାରେ ବହଳକରି ଆଲକାତ୍ରା ଲିପା- ପାଣିରେ ସଢ଼ିଯିବନି ବୋଲି । ଘର ସାମ୍‌ନା ଘାଟରେ ଡଙ୍ଗାଟି ବନ୍ଧା ହୋଇ ରହୁଥିଲା ଗୋଟିଏ ଖୁଣ୍ଟରେ । କେନାଲ୍ ପାରିହେବା ପାଇଁ ଉଦ୍ଦିଷ୍ଟ ଛତ୍ରବଜାର ପୋଲଟି ଥିଲା କିଯତ୍‌ଦୂରରେ । କୁଞ୍ଜବିହାରୀ ସେ ପର୍ଯ୍ୟନ୍ତ ଯାଉନଥିଲେ । ପୂଜାରୀ ବାନ୍ଛା ଘର ସାମ୍‌ନାରୁ ଡଙ୍ଗାରେ ବସାଇ କାତ ମାରି ନାଳ ପାରି କରାଇଦେଉଥିଲା କୁଞ୍ଜବିହାରୀଙ୍କୁ । ଘାଟଚଢ଼ି କଲେଜ ହତାରେ ପଶୁଥିଲେ କୁଞ୍ଜବିହାରୀ । କଲେଜରୁ ଫେରିଲାବେଳେ କେନାଲ ଆରପଟେ ଠିଆହୋଇ ସେ ଜୋର୍‌ରେ ଦିଥର ତାଳି ବଜାଇ ଦେଉଥିଲେ । ପ୍ରାୟ ଜନବସତି ଶୂନ୍ୟ ନିରୋଳା ସ୍ଥାନରେ ସେ ତାଳିର ଶବ୍ଦ ଘରକୁ ଶୁଭୁଥିଲା । ବାନ୍ଛା ପୁନର୍ବାର ଆରପଟକୁ ଯାଇ ନେଇ ଆସୁଥିଲା କୁଞ୍ଜବିହାରୀଙ୍କୁ ।

ଜୀବନ ଚାଲିଥିଲା ସୁରୁଖୁରୁରେ । ସୁରେଖାଙ୍କ କିଶୋର କକେଇ ପୁଅ ଭାଇଟି ତାଙ୍କ ପାଖରେ ରହି ସ୍କୁଲ୍‌ରେ ପାଠ ପଢୁଥିଲେ । କୁଞ୍ଜବିହାରୀ ଅନେକ ସମୟରେ ରହୁଥିଲେ ତାଙ୍କ ବହିପତ୍ରରେ ମଗ୍ନ । ଭାଇଟି ସହିତ ଗପ କରି ସମୟ କଟୁଥିଲା ସୁରେଖାଙ୍କର । ଜୀବନ ଚାଲିଥିଲା ତା'ଛନ୍ଦରେ ।

●●●



Digitized by srujanika@gmail.com

## ।। ୨୪ ।।

ପ୍ରଥମ ସନ୍ତାନଟି ତାର ଆଗମନୀ ବାର୍ତ୍ତା ଶୁଣାଇଥିଲା ନିର୍ଦ୍ଧାରିତ ସମୟର ବହୁପୂର୍ବରୁ । ତା'ର ଅଭ୍ୟର୍ଥନା ଲାଗି ମାଙ୍ଗଳିକ ପର୍ବ ପ୍ରସ୍ତୁତ ନ ହେଉଣୁ । ଶିଶୁ କନ୍ୟାଟି ଥିଲା କ୍ଷୀଣ ତଥା ଦୁର୍ବଳ ଏବଂ ତାକୁ ଦେଖି ଚିନ୍ତିତ ହେଇପଡିଲେ କୁଞ୍ଜବିହାରୀ । ଶେଷ ପର୍ଯ୍ୟନ୍ତ ଅଧୈର୍ଯ୍ୟ ହୋଇ ଯାଇ ଡାକି ଆଣିଥିଲେ ପଡୋଶୀ ସୁହୃଦ୍ ଶ୍ରୀ ଜଗନ୍ନାଥ ମିଶ୍ରଙ୍କୁ ।

ପିତାଙ୍କର ଦୁଇ ପ୍ରଶସ୍ତ ପାପୁଲି ଉପରେ ନାଲି ଟୁକୁ ଟୁକୁ ଭଜା ଚିଙ୍ଗୁଡ଼ି ପରି ମୋଡିମାଡି ହୋଇ ଶୋଇଥିବା ନବଜାତକଟିକୁ ଦେଖି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ- ଶ୍ରୀଘ୍ର ଜନ୍ମ ହୋଇ ପଡିଲା ତ ! ସାନଟିଏ ହୋଇଛି । ତେବେ ଦୁର୍ଭାବନାର କିଛି ନାହିଁ । କୁଞ୍ଜବିହାରୀ ତଥାପି ପ୍ରବୋଧନା ପାଇଲେନି । ମୁହଁରେ ନୈରାଶ୍ୟର ଭଙ୍ଗୀ ଆଣି କହିଲେ - କିନ୍ତୁ ଏତେ କୁନିଟିଏ ।

- ଜନ୍ମ ହେଲା ଛୁଆ ଆଉ କେତେ ବଡ ହୁଅନ୍ତି ତମେ ଭାବିଥିଲ ? ହାତୀପରି ? ପଡୋଶୀ ହସିଲେ । ପଚାରିଲେ - ତମେ ଜନ୍ମ ହେବା ଛୁଆ ଆଗରୁ କେବେ ଦେଖିନ ? ଲଜ୍ଜିତ ହସ ହସି କୁଞ୍ଜବିହାରୀ ନାସ୍ତିବାଚକ ଠାଣୀରେ ମୁଣ୍ଡ ହଲାଇଲେ- ଏପଟରୁ ସେପଟ ।

ଶ୍ରୀଯୁକ୍ତ ମିଶ୍ରଙ୍କର ମଧୁର ଆଶ୍ୱାସନା ଗେହ୍ଲାଝିଅଟିର ସ୍ୱାସ୍ଥ୍ୟଜନିତ ଦୁର୍ଭାବନାକୁ ଦୂର କରିଦେଲା ବହୁତ ପରିମାଣରେ । ଶିଶୁଟିକୁ ଚାହିଁଚାହିଁ ଉଲ୍ଲସିତ ହେଲେ କୁଞ୍ଜବିହାରୀ । କନ୍ୟାଟି ଥିଲା କିନ୍ତୁ ଭାରି କାନ୍ଦୁରୀ । ସାରା ରାତି ନିଜର ପ୍ରଶସ୍ତ ଗୋଡ ଭିତରେ ଶୁଆଇ ଏବଂ ନନ୍ଦକିଶୋର ବଳଙ୍କ ଡାମରା କାଉ ଗୀତଟି ଗାଇଗାଇ ତାକୁ ଶୁଆଉଥିଲେ ତା'ର ଅତନ୍ଦ୍ର ପିତା । ତଳେ ଥୋଇଦେଲେ ଶିଶୁଟି କାନ୍ଦୁଥିଲା । କୁଞ୍ଜବିହାରୀ ଦିନେ ହସିହସି ସୁରେଖାଙ୍କୁ କହିଲେ- ଆମ ଝିଅର ବହୁତ ବୁଦ୍ଧି । ଏତିକି ଟିକିଏ ଛୁଆ । କେମିତି ଯେ ଜାଣୁଛି ବାପା ତଳେ ଶୁଆଇଦେଲେ ବୋଲି ସାଙ୍ଗେସାଙ୍ଗେ ଉଠିପଡି କାନ୍ଦୁଛି ।

ସନ୍ତାନର ଆଗମନ କୁଞ୍ଜବିହାରୀଙ୍କ ବେରଙ୍ଗା ଜୀବନରେ କିଛିତ୍ ରଙ୍ଗର ଛୁଆଁ ସତେ ଅବା ନେଇ ଆସିଲା । ମନେମନେ ଭାବିଲେ - ପିତୃତ୍ୱ ଏତେ ବେଶୀ ମଧୁର ଓ ପରିପୂର୍ଣ୍ଣ ହୋଇପାରେ ?



Digitized by srujanika@gmail.com

ମହାଦେବଙ୍କ ସ୍ୱପ୍ନକୁ ସାର୍ଥକ କରି କୁଞ୍ଜବିହାରୀଙ୍କ ଦ୍ୱିତୀୟ ସନ୍ତାନଟି ହେଲା ପୁତ୍ରଟିଏ । ପ୍ରଥମ ଅନୁଭୂତିରୁ କୁଞ୍ଜବିହାରୀ ଜାଣିଥିଲେ- ଏଭଳି ସମୟରେ ଘରେ କୌଣସି ବୟସ୍କ ବ୍ୟକ୍ତିର ଉପସ୍ଥିତି ନିହାତି ଜରୁରୀ । ତେଣୁ ହରିରାଜପୁରରୁ ଶ୍ରୀ ମହାଦେବ ପଣ୍ଡା ଯେତେବେଳେ ଆସି ସୁରେଖାଙ୍କୁ ସାଥିରେ ନେଇଯିବାକୁ ଚାହିଁଲେ, କୁଞ୍ଜବିହାରୀ ନିମନ୍ତ୍ରଣଟିକୁ ସାଦର ସ୍ୱୀକାର କରିଥିଲେ । ସୁରେଖା ଗଲେ ବାପଘର ।

କାଳକ୍ରମେ ଆଉ ଦୁଇଟି ପୁତ୍ର କନ୍ୟା ମଧ୍ୟ ଆସିଲେ ସୁରେଖାଙ୍କ କୋଳକୁ । କୁଞ୍ଜବିହାରୀଙ୍କ ଜୀବନ ଆନନ୍ଦମୁଖର ହୋଇପଡିଲା । ଥିଲେ ଆଦର୍ଶ ପିତା । ସନ୍ତାନମାନଙ୍କ ପ୍ରତି ଅତ୍ୟନ୍ତ ସ୍ନେହଶୀଳ ।

ଦିନବେଳେ ପିଲାମାନଙ୍କ ଅଳିଅର୍ଦ୍ଦଳି ସହୁ ନଥିଲେ କୁଞ୍ଜବିହାରୀ । ଥରେ ସ୍ନାନ ସାରି ପଢ଼ାଘରେ ପଶିଲେ ଆଉ ବିଛଣା ଛୁଉଁନଥିଲେ କିମ୍ୱା ପିଲାମାନଙ୍କୁ କୋଳକୁ ଉଠାଉନଥିଲେ । ଦିନବେଳେ କଲେଜ । କଲେଜରୁ ଫେରିଲେ ଖୋଲାଛାତ ଉପରେ ବଡ ପିଢାଟିଏ ପକାଇ ପୂଜାରୀ ବାନ୍ଧା ବୋହି ନେଇଯାଉଥିଲା ଅପରାହ୍ନର ଜଳପାନ । ପରଟା, ସୁଜି, କ୍ଷୀରୀ ଓ ଆଳୁ ଭଜା । ଜଳପାନ ପରେ କିଛି ସମୟ ଉନ୍ମୁକ୍ତ ଛାତରେ ପଦଚାରଣା କରି ବିତାଉଥିଲେ କୁଞ୍ଜବିହାରୀ । ସେଇଠି ମୁଦ୍ରିତ ଚକ୍ଷୁରେ କରୁଥିଲେ ପାର୍ଥନା । ସେ ପ୍ରାର୍ଥନାରେ ସାମିଲ୍ ଥିଲା ଗାୟତ୍ରୀ ମନ୍ତ୍ର, ଗୀତା ଓ ଉପନିଷଦ୍‌ର ଶ୍ଳୋକ, ରବୀନ୍ଦ୍ରନାଥଙ୍କର ଲିଖିତ ଏକ ଭକ୍ତି ରସାତ୍ମକ କବିତା, ବାଇବେଲ୍‌ର କିଛି ଅଂଶ ଏବଂ ସ୍ୱର୍ଗତଃ ମଧୁସୂଦନ ରାଓଙ୍କର, ରେ ଆତ୍ମନ୍, ନିଦ୍ରା ପରିହରି ଗୀତଟି ।

ପ୍ରାର୍ଥନା ସାରି ପ୍ରବେଶ କରୁଥିଲେ ପଢ଼ାଘରେ । ପଢ଼ା ସରିଲେ ରାତ୍ରିଭୋଜନ ତଥା ନିଦ୍ରା ପାଇଁ ଉଦ୍ଦିଷ୍ଟ ଅଲଗା ଧୋତିଟିଏ ପିନ୍ଧି ଆସୁଥିଲେ ବିଛଣାକୁ । ଏବଂ ସାରା ରାତି ଅବୁଝା କ୍ରନ୍ଦନଶୀଳ ସନ୍ତାନଟିକୁ କାନ୍ଧରେ ପକାଇ ଲମ୍ୱ ପିଣ୍ଡାରେ ଚାଲିଚାଲି ବୋଧ କରାଉଥିଲେ ତାକୁ । ଥରେଟେ ଗ୍ରାମରୁ ଆସିଥିବା ସମୟରେ, ପୁତ୍ରକୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ସନ୍ତାନମାନଙ୍କର ପରିଚର୍ଯ୍ୟା କରୁଥିବାର ଦେଖି ସୀତା ଅସନ୍ତୁଷ୍ଟ ହୋଇଥିଲେ । ସୁରେଖା ଗୁଣୁଗୁଣୁ ହୋଇ ମନ୍ତବ୍ୟ କରିଥିଲେ- ପିଲାଗୁଡାଙ୍କୁ କଅଣ ମୁଁ ସାଥିରେ ନେଇକି ଆସିଥିଲି ?

ଗ୍ରାମ୍ୟ କିଶୋରୀ ସୁରେଖାଙ୍କର ଯା' ଭିତରେ ବୟସ ବଢ଼ିଥିଲା । ବଢ଼ିଥିଲା ସାହସ ମଧ୍ୟ । ଚାରୋଟି ସନ୍ତାନର ଜନନୀ ହେବା ପରେ, ସ୍ୱାମୀଙ୍କ ଉପରେ ତଥା ଘର ଉପରେ କିଛିଟା ଅଧିକାର ବୋଧ ଆସିଯାଇଥିଲା । କୁଞ୍ଜବିହାରୀ ସଂସାରରେ ଥାଇ ବି ଥିଲେ ବୈରାଗୀ ମଣିଷ । ଦରମା ମୁଠିକ ପତ୍ନୀଙ୍କ ହାତକୁ ବଢ଼ାଇଦେଲେ ଖଲାସ । ଘରେ ଏକାନ୍ନବର୍ତ୍ତୀ ପରିବାର, ସାନଭାଇ ଦେବେନ୍ଦ୍ରନାଥଙ୍କର ପ୍ରଥମା ପତ୍ନୀଙ୍କ ମୃତ୍ୟୁପରେ ସିଏ ଦ୍ୱିତୀୟ ବିବାହ କରିଥିଲେ । ପ୍ରଥମ ସ୍ତ୍ରୀଙ୍କର ଦୁଇଟି ସନ୍ତାନ, ବିଶେଷ କରି କନ୍ୟା ସନ୍ତାନଟିକୁ ମାତୃସ୍ନେହ ଦେଇ ବଡ



Digitized by srujanika@gmail.com

କରୁଥିଲେ ସୁରେଖା । ବାପଘରୁ ଏବଂ ଶାଶୁଘରୁ ସଦାସର୍ବଦା କୁଟୁମ୍ବ ମଇତ୍ରଙ୍କର ଯିବା ଆସିବା । ଜମ୍‌ଜମାଟ୍ ଯୌଥ ପରିବାର । ସ୍ୱାମୀଙ୍କ ସୀମିତ ଆୟ ଭିତରେ ସଂସାର ଚଳାଇବା ସମୟ ସମୟରେ କଷ୍ଟକର ହେଇପଡୁଥିଲା ସୁରେଖାଙ୍କ ପାଇଁ । ରୋଷ ପ୍ରକାଶ କରୁଥିଲେ କୁଞ୍ଜବିହାରୀଙ୍କ ଉପରେ, ଗାଁକୁ ଯାଇ କାହିଁକି ତାଙ୍କ ଭାଗ ମୁଗ, ଚାଉଳ ଇତ୍ୟାଦି ଆଣୁନାହାନ୍ତି ବୋଲି । ସୁରେଖାଙ୍କ ତର୍କରେ ଯଥାର୍ଥତା ଥିଲା ନିଶ୍ଚୟ । ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ କେବେ ବି ଲାଳାୟିତ ନଥିଲେ । ଦାମୀ ଶାଢ଼ିଟିଏ ବି କିଣିବାର ସାମର୍ଥ୍ୟ ନଥିଲା । ଘରଖର୍ଚ୍ଚ ଚଳାଇବା ଥିଲା ମୁସ୍‌କିଲ୍ ଗ୍ରାମରେ ଜମିବାଡ଼ି ବୁଝୁଥିଲେ ବଡଭାଇ ମଧୁସୂଦନ । ତାଙ୍କ ସହିତ ଏଯାବତ୍ ସଳଖ ହେଇ ଠିଆ ହୋଇ ଆଖିରେ ଆଖି ମିଳାଇ କଥା କହିବାର ସାହସ ହେଇନଥିଲା କୁଞ୍ଜବିହାରୀଙ୍କର । ଥିଲେ ପ୍ରକୃତ ଅର୍ଥରେ ଭ୍ରାତୃଭକ୍ତ । ସିଏ ପୁଣି ଯାଇ ଜ୍ୟେଷ୍ଠଭ୍ରାତାଙ୍କଠାରୁ ମାଗିକରି ନିଜ ଭାଗ ଧାନ ଚାଉଳ ଆଣିବେ ? ଅସମ୍ଭବ ।

ନିଜ ମନକଥା ଅବଶ୍ୟ ସୁରେଖାଙ୍କୁ କହୁନଥିଲେ କୁଞ୍ଜବିହାରୀ । ପତ୍ନୀଙ୍କର ଚାହିଦା ଜାଣି ସାରିଲା ପରେ ବି ରହୁଥିଲେ ନୀରବ । ଉଚ୍ଚସ୍ୱରରେ କିମ୍ବା ରୁକ୍ଷ ଭାବରେ କଥା କହିବା ତାଙ୍କୁ ଜଣା ନଥିଲା । ସାରାଜୀବନ ଧରି ସୁରେଖାଙ୍କୁ ପଦଟିଏ ବି କଟୁକଥା କହିନାହାନ୍ତି । ଥିଲେ ସହିଷ୍ଣୁତାର ଅବତାର । ଏକଥା ଅବଶ୍ୟ ବୁଝୁଥିଲେ- ଘରର ସମସ୍ତ ଦାୟିତ୍ୱ ଅଜାଡ଼ି ଦେଇଥିଲେ ସିଏ ସୁରେଖାଙ୍କ ଉପରେ । ପତ୍ନୀ ନଥିଲେ ତାଙ୍କର ଅବସ୍ଥା ଯେ ବେଶ୍ ଦୟନୀୟ ହେଇ ଉଠନ୍ତାଣି, ଏହା ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରିଥିଲେ ।

ସଂସାରର ଯାବତୀୟ ଜଞ୍ଜାଳ ସତ୍ତ୍ୱେ, କୁଞ୍ଜବିହାରୀଙ୍କର ଲେଖାପଢ଼ା କିନ୍ତୁ ବନ୍ଦ ନଥିଲା । ସାଙ୍ଗସାଥୀ, ସିନେମା ଥିଏଟର, ଯାତ୍ରା ତାମସା, ବଜାରବୁଲା ପାନ ସିଗ୍ରେଟ୍ ଖିଆ, ଗୁଲିଗପ କରିବା - ସବୁଥିରେ ଥିଲେ ଅନାଡ଼ି । ଚରିତ୍ର ଥିଲା ନିଷ୍କଳୁଷ, ଚଳଣି ସାଦାସିଧା ଓ ଆଡମ୍ବରହୀନ । ସଉକ ବୋଲି ଥିଲା ଗୋଟିଏ - ପାଠପଢ଼ା ।

ଥରଟିଏ ତାଙ୍କ ପାଖରେ ରହି ପାଠପଢୁଥିବା ଶ୍ୟାଳକ ସତ୍ୟବାଦୀ ଜୋର ଜବରଦସ୍ତି କରି ତାଙ୍କୁ ଗୋଟିଏ ସିନେମା ନେଇଯାଇଥିଲେ । କୁଞ୍ଜବିହାରୀଙ୍କ ଘରପାଖରେ ହିନ୍ଦ୍ ସିନେମା ନାମର ନୂଆ ସିନେମାହଲ୍‌ଟିଏ ତିଆରି ହୋଇଥିଲା ଓ ତହିଁର ପ୍ରଥମ ଫିଲ୍ମ ଥିଲା ହଲ୍‌ଚଲ୍ । ଟିକେଟ୍‌ଟି ଥିଲା ବାଲ୍‌କୋନିର ଏବଂ ସିଟ୍ ଥିଲା ହଲ୍‌ର ପଛଆଡ଼କୁ । ସିନେମାହଲ୍ ସହିତ ଅପରିଚିତ କୁଞ୍ଜବିହାରୀ ସିନେମାକୁ ଥିଏଟର ଭାବି, ପର୍ଦ୍ଦାଟି ନିକଟରୁ ସ୍ପଷ୍ଟତର ଦିଶିବ ବୋଲି, ସିଟ୍‌ରୁ ବେଶ୍ କିଛି ଦୂର ଆଗକୁ ଝୁଙ୍କିପଡି କିୟତ୍‌କ୍ଷଣ ଚଳନ୍ତି ଛବିମାନଙ୍କୁ ଚାହିଁ ରହିଥିଲେ ଓ ବାକି ସମୟତକ ନିସ୍ପୃହ ମୁଖ ଭଙ୍ଗୀ କରି ଧ୍ୟାନମଗ୍ନ ଋଷିପରି ବସି ରହିଥିଲେ । ମନଟି ହୋଇ ଉଠିଥିଲା ନିରାନନ୍ଦ - ପାଠ ପଢ଼ିବାର ଅନେକ ସମୟ ନଷ୍ଟ ହେଲା ବୋଲି ।।



Digitized by srujanika@gmail.com

କଲେଜ ଯିବା ସମୟତକ ବାଦ୍ ଦେଲେ, କୁଞ୍ଜବିହାରୀଙ୍କର ବାକି ତକ ସମୟ କଟୁଥିଲା ପଢାଘରେ । ତପସ୍ୟାରତ ଯୋଗୀପରି ଘଣ୍ଟାଘଣ୍ଟା ଧରି ଅବିଚଳିତ ଭାବରେ ଲେଖୁଥିଲେ ଓ ପଢୁଥିଲେ । ପୋଥିପତ୍ର ଓ ପୁସ୍ତକର ଆକାଶଚୁମ୍ବୀ ସ୍ତୂପରେ ରୁନ୍ଧି ହୋଇ ଚାଙ୍କ ପଠନସ୍ଥଳୀଟି ହୋଇ ଉଠିଥିଲା ଅଣନିଃଶ୍ୱାସୀ । ବହି ଥିଲା ତାଙ୍କର ପ୍ରଶ୍ୱାସ । ବହି ଥିଲା ତାଙ୍କର ପ୍ରାଣ । ଦିନଟିଏ ପତ୍ନୀ ସୁରେଖା ରଦ୍ଦିକାଗଜ ଜଳାଇ ଚୁଲିରେ ନିଆଁ ଧରାଇଲାବେଳକୁ, ଚୂଲିରେ ହାତ ପୂରାଇ ସେ ଦରପୋଡା କାଗଜ ଭିଡି ଆଣିଥିଲେ କୁଞ୍ଜବିହାରୀ- ହାତ ଝଲସିଯିବା ସତ୍ତ୍ୱେ । ଉଦ୍‌ବେଗ- କାଳେ କୌଣସି ପୁସ୍ତକ ବା ପତ୍ରିକାର ଛିନ୍ନପୃଷ୍ଠା ତା' ଭିତରେ ଭୁଲ୍‌ରେ ରହିଯାଇଥିବ ।

ସୁରେଖା ରାଗିଯାଇ କହିଥିଲେ -ଦିନେ ସବୁଯାକ କାଗଜପତ୍ର ଆଣି ଚୂଲିରେ ମୁହାଁଇଦେବି ଯେ ବୁଝିବ ।

ସଂସାରର ଏତାଦୃଶ ସାନବଡ ଜଞ୍ଜାଳ କୁଞ୍ଜବିହାରୀଙ୍କ ପାଠପଢ଼ାରେ କେବେ ବି ବ୍ୟାଘାତ ସୃଷ୍ଟି କରିପାରିନଥିଲା । ଥିଲେ ପୋଥିପୁସ୍ତକରେ ନିମଗ୍ନ । ଅଳଙ୍କାର ପରିଚୟ ଶୀର୍ଷକ ସାନ ବହିଟିଏ ଲେଖିସାରିଥିଲେ ଯା' ଭିତରେ । ସଂସ୍କୃତ ତଥା ମଧ୍ୟଯୁଗୀୟ ଓଡିଆ ସାହିତ୍ୟରୁ ଉଦାହରଣ ଦେଇ ବୁଝାଇଥିଲେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ବିଭିନ୍ନ ରୂପ । କରିଥିଲେ ବିଭାବନା, ବ୍ୟତିରେକ, ଉତ୍‌ପ୍ରେକ୍ଷା, ଯମକ, ରୂପକ, ବିଶେଷୋକ୍ତି ଇତ୍ୟାଦିର ବିଶ୍ଳେଷଣ । ଓଡିଆ ଆଇ.ଏ. ସିଲାବସ୍‌ରେ ପ୍ରଥମ ପେପର୍‌ରେ ପାଠ୍ୟ ହିସାବରେ ଅଳଙ୍କାର ଶାସ୍ତ୍ର ପଢାଯାଉଥିଲା । ଛାତ୍ରମାନଙ୍କର ସହାୟତା ନିମିତ୍ତ ଲେଖିଥିଲେ ସାନବହିଟି । ଛାତ୍ରଗଣ ଯେପରି ବିଭିନ୍ନ ପୁସ୍ତକ ନ ଖୋଜି କେବଳ ଗୋଟିଏ ବହି ପଢି ଅଳଙ୍କାର ଶାସ୍ତ୍ରର ରୂପରେଖ ସମ୍ବନ୍ଧରେ ସମ୍ୟକ୍ ଧାରଣା କରିପାରିବେ ।

ଏବେ ପ୍ରସ୍ତୁତ ହେଉଥିଲେ ତାଙ୍କର ଦ୍ୱିତୀୟ ପୁସ୍ତକଟି ରଚନା କରିବେ ବୋଲି ।

●●●



Digitized by srujanika@gmail.com

## ॥ ୨୫ ॥

ମନୋପୂବ୍‌ବଙ୍ଗମା ଧର୍ମ୍ମା ମନୋସେଟ୍‌ଠା ମନୋମୟା
ମନସା ଚେ ପଦୁଟ୍‌ଠେନ ଭାସତି ବା କରୋତି ବା
ତତୋ ନଂ ଦୂକ୍‌ଖମନ୍ୱେତି ଚକ୍କଂ ବ ବହତୋ ପଦଂ ।

ସକଳ ସ୍ୱଭାବ ବା ସଂସ୍କାର ମନଦ୍ୱାରା ପରିଚାଳିତ । ମନ ମଧ୍ୟରେ ଏହାଙ୍କର ଅସ୍ତିତ୍ୱ । ଯଦି ଲୋକ ଦୂଷିତ ମନରେ କଥା କହେ ବା କାର୍ଯ୍ୟକରେ, ତାହା ହେଲେ ଭାର ବହନ କରୁଥିବା ଜନ୍ତୁର ପଦକୁ ଅନୁସରଣ କରିବାପରି ଏହାକୁ ଦୁଃଖ ଅନୁସରଣ କରେ ।

ଧମ୍ମପଦର ପ୍ରଥମଶ୍ଳୋକଟିର ତର୍ଜମା କରିସାରି କିଛି ସମୟ ନିଶ୍ଚଳଭାବରେ ବସିରହିଲେ କୁଞ୍ଜବିହାରୀ । ମନ ହିଁ ହେଉଛି ସର୍ବପ୍ରକାର କର୍ମର ନିୟନ୍ତା । ମନ ହେଉଛି ଶ୍ରେଷ୍ଠ । ମନକୁ ଆୟତ୍ତରେ ଆଣିବାପାଇଁ ଏଯାବତ୍ ଚେଷ୍ଟା କରିଆସିଛନ୍ତି ସିଏ । କିଞ୍ଚିତ୍ ସଫଳ ହେଇଛନ୍ତି ମଧ୍ୟ । ଆଜି ପୁନର୍ବାର ହୃଦୟଙ୍ଗମ କଲେ- ଭାରି ଚମତ୍କାର କଥାଟିଏ କହିଛନ୍ତି ବୁଦ୍ଧଦେବ ।

ଯୁବକ କୁଞ୍ଜବିହାରୀ ଧମ୍ମପଦର ଅନୁବାଦ କରୁଥିଲେ । ଧମ୍ମପଦ ଥିଲା ଏକ ଅତି ପ୍ରାଚୀନ, ପ୍ରସିଦ୍ଧ, ପ୍ରାମାଣିକ ବୌଦ୍ଧଗ୍ରନ୍ଥ । ବୁଦ୍ଧଦେବଙ୍କର ପ୍ରଚାରିତ ଧର୍ମର ସାରାଂଶ ସରଳ, ସୁବୋଧ୍ୟ ଭାଷାରେ ଲିପିବଦ୍ଧ ହେଇଥିଲା ଏଥିରେ । ଏହା ଥିଲା ବୌଦ୍ଧଜଗତର ଗୀତାସ୍ୱରୂପ । ସନ୍ନ୍ୟାସ ଧର୍ମ ଗ୍ରହଣ ସମୟରେ ଧମ୍ମପଦ ପଠନ ଅବଶ୍ୟ ଜରୁରୀ ଥିଲା । ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକ ତିନିଭାଗରେ ବିଭକ୍ତ- ସୂତ୍ରାନ୍ତ ପିଟକେ, ବିନୟ ପିଟକେ ଏବଂ ଅଭିଧର୍ମ ପିଟକ । ସୂତ୍ରାନ୍ତ ପିଟକର ପଞ୍ଚମଭାଗ ହେଉଛି ଖୁଦ୍‌ଦକ ନିକାୟ- ଯେଉଁଥିରେ କି ପନ୍ଦରଟି ଗ୍ରନ୍ଥ ସନ୍ନିବେଶିତ । ଏହି ପନ୍ଦରଟି ଗ୍ରନ୍ଥ ମଧ୍ୟରୁ ଧମ୍ମପଦର ସ୍ଥାନ ଦ୍ୱିତୀୟ । ଏହାର ସର୍ବମୋଟ ଅଧ୍ୟାୟ ଛବିଶଟି ଏବଂ ଗାଥା ବା ଶ୍ଳୋକଙ୍କ ସଂଖ୍ୟା ଚାରିଶହ ତେଇଶ ।

ଧମ୍ମପଦ ପୁସ୍ତକଟି ପାଳିଭାଷାରେ ରଚିତ । ପାଲି ଥିଲା ବୌଦ୍ଧମାନଙ୍କର ଧର୍ମଶାସ୍ତ୍ରର ଭାଷା- ତ୍ରିପିଟକର ଭାଷା । ଏହା ପ୍ରାଚୀନ ଭାରତରେ ଏକ କଥିତ ଆର୍ଯ୍ୟଭାଷା ମଧ୍ୟଥିଲା । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ହେଉଥିଲା ଏ ଭାଷାଟି । ଗୌତମବୁଦ୍ଧଙ୍କ ପ୍ରଭାବରେ ଏହା ଏକ ସାହିତ୍ୟିକ ଭାଷାର ମର୍ଯ୍ୟାଦା ଲାଭ କରିଥିଲା ।

କୁଞ୍ଜବିହାରୀ ତାଙ୍କର ଦ୍ୱିତୀୟ ପୁସ୍ତକ ଲେଖୁଥିଲେ - ପାଲି ଧମ୍ମପଦର ଓଡିଆ ତଥା ସଂସ୍କୃତ ଅନୁବାଦ- ଟୀକା ଏବଂ ଟିପ୍ପଣୀ ସହିତ । କେବଳ ବହିଟିର ଅନୁବାଦ କରୁଥିଲେ



Digitized by srujanika@gmail.com

ତାହାନୁହେଁ, ତହିଁରେ ବର୍ଣ୍ଣିତ ବୁଦ୍ଧଦେବଙ୍କର ସକଳବାଣୀ ହୃଦୟ ଦେଇ ଅନୁଭବ କରୁଥିଲେ। ଜୀବନକୁ ସେହି ଭଳି ମାର୍ଗରେ ଚାଳନା କରିବାପାଇଁ ଶିକ୍ଷାଲାଭ କରୁଥିଲେ।

ଧମ୍ମପଦ ତାଙ୍କୁ ଆକର୍ଷଣ କରିଥିଲା - ଜଗତର ଶ୍ରେଷ୍ଠ ଧର୍ମଗ୍ରନ୍ଥମାନଙ୍କ ଭିତରୁ ଏହା ଗୋଟିଏ ଥିଲା ବୋଲି। ଏହାକୁ ଲେଖିବା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଉଣିଶ ଶହ ଅଠଚାଳିଶ ମସିହାର କନ୍‌ଭୋକେସନ ସ୍ମରଣିକାରେ ଧମ୍ମପଦର ନିର୍ବାଣତତ୍ତ୍ୱ ଶୀର୍ଷକ ପ୍ରବନ୍ଧଟିଏ ଲେଖିଥିଲେ। ପ୍ରବନ୍ଧଟି ପାଠକରି ଗୁରୁଦେବ ଅଧ୍ୟାପକ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଅତ୍ୟଧିକ ପ୍ରୀତ ହୋଇଥିଲେ ଏବଂ ସେହି ପ୍ରୀତିପର୍ବ ହିଁ କୁଞ୍ଜବିହାରୀଙ୍କୁ ଉତ୍ସାହ ଦେଇଥିଲା ସମଗ୍ର ଧମ୍ମପଦକୁ ନେଇ ପୁସ୍ତକଟିଏ ରଚନା କରିବାପାଇଁ। ଏଥିପାଇଁ ଅବଶ୍ୟ ପ୍ରଚୁର ଗ୍ରନ୍ଥ ପଢ଼ିବାକୁ ପଡିଥିଲା। ପ୍ରାକୃତ ଭାଷାର ଇତିହାସଠାରୁ ଆରମ୍ଭ କରି ବୁଦ୍ଧଧର୍ମଉପରେ ଲିଖିତ ଅଜସ୍ର ପ୍ରାମାଣିକ ଗ୍ରନ୍ଥ ପର୍ଯ୍ୟନ୍ତ। ପାଲିଭାଷାର ବ୍ୟାକରଣଠାରୁ ଆରମ୍ଭକରି ବିଭିନ୍ନ ଶିଳାଲେଖରେ ବର୍ଣ୍ଣିତ ପାଲିଭାଷା ପର୍ଯ୍ୟନ୍ତ- ତନ୍ନତନ୍ନ କରି ସବୁର ଅନୁଶୀଳନ କରିଥିଲେ କୁଞ୍ଜବିହାରୀ।

ବହିଟି ସହିତ ମୁଖବନ୍ଧଟି ଥିଲା ଚଉଷଠି ପୃଷ୍ଠାର। ତତ୍‌ସହିତ ସଂଶ୍ଳିଷ୍ଟ ଥିଲା ବିଜ୍ଞପ୍ତି ଛଅପୃଷ୍ଠା ଏବଂ ଟିପ୍ପଣୀ ଚଉଦପୃଷ୍ଠା। କୁଞ୍ଜବିହାରୀଙ୍କୁ ଆଶ୍ଚର୍ଯ୍ୟ ଲାଗିଥିଲା- ଧମ୍ମପଦରେ ବର୍ଣ୍ଣିତ ନୀତିଗୁଡ଼ିକର ଅଧିକାଂଶ ଭଗବତ୍‌ଗୀତା, ମହାଭାରତ, ମନୁସଂହିତା, ଭାଗବତ ପୁରାଣ, ତଥା ଅତିବଡୀ ଜଗନ୍ନାଥ ଦାସଙ୍କର ଓଡିଆ ଭାଗବତରେ ବିକ୍ଷିପ୍ତ ହୋଇ ରହିଥିବାର ସିଏ ଲକ୍ଷ୍ୟ କରିଥିଲେ।

ହଠାତ୍ କୁଞ୍ଜବିହାରୀଙ୍କର ମନେହୋଇଥିଲା ପବିତ୍ର କୋରାନ୍ ଗ୍ରନ୍ଥରେ ମଧ ଏଇଭଳି କିଛି ନୀତିବାକ୍ୟ ରହିଛି କି ? ବହୁକଷ୍ଟରେ କୋରାନ୍‌ର ଇଂରାଜୀ ଅନୁବାଦଟିଏ ଯୋଗାଡ କରି ଆମୂଳଚୂଳ ପଠନ କରିଥିଲେ ଏବଂ ଚକିତ ହୋଇ ଦେଖିଥିଲେ ତହିଁରେ ମଧ ଗୌତମ ବୁଦ୍ଧଙ୍କର ଅନେକ ନୀତିର ନିର୍ଯ୍ୟାସ ନିହିତ ଅଛି। ସେ ଉକ୍ତିଗୁଡାକ ହେଲା ଏଇ ସାଂସାରିକ ଜୀବନ କ୍ଷଣସ୍ଥାୟୀ ଓ ଏଥିରେ ପ୍ରକୃତ ସୁଖ ମିଳେନାହିଁ। ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ପଥରେ ଜୀବନଯାତ୍ରା କରି ମନୁଷ୍ୟ ପରଲୋକରେ ସ୍ଥାୟୀ ଶାନ୍ତି ଲାଭ କରିପାରେ।

ବୁଦ୍ଧଙ୍କର ଉକ୍ତି- ତୃଷ୍ଣାରୁ ବା କାମନାରୁ ହିଁ ଦୁଃଖର ସୃଷ୍ଟି। ଏଥିରୁ ମୁକ୍ତି ଲାଭ କରି ଅର୍ଥାତ୍ ନିଷ୍କାମ ଭାବରେ କର୍ତ୍ତବ୍ୟ ସଂପାଦନ କରି ପ୍ରକୃତ ଶାନ୍ତିଲାଭ କରିବା ପ୍ରତ୍ୟେକ ମାନବର ଲକ୍ଷ୍ୟ ହେବା ଉଚିତ୍। ଧମ୍ମପଦର ଏଇ ସାରମର୍ମଟି ପଢିଲାବେଳେ, କୁଞ୍ଜବିହାରୀଙ୍କର ଗୀତାରେ ପଢିଥିବା ଏବଂ ଏହି ମର୍ମରେ ଲେଖାଥିବା ଗୋଟିଏ ଶ୍ଳୋକର କଥା ମନକୁ ଆସିଥିଲା।

ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ
ନିସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା

ପ୍ରତ୍ୟେକ ଧର୍ମରେ ସେଇ ଏକା କଥା- ଏକା ନୀତିବାକ୍ୟ। - ନିଷ୍କାମ କର୍ମ କରିବା ଉଚିତ୍। ତେବେ ଯାଇ ମନୁଷ୍ୟ ଅମୃତତ୍ୱ ଲାଭ କରିପାରିବ। ତା' ମଧରେ ବିଳୟ ଘଟିବ ଉଭୟ ସୁଖ ଏବଂ ଦୁଃଖର।



Digitized by srujanika@gmail.com

କୁଞ୍ଜବିହାରୀ ଲେଖିଲେଖି ବହିଟି ଲେଖିଦେଲେ । ମୁଖବନ୍ଧ ବ୍ୟତିରେକ ଧମ୍ମପଦର ମୂଳଶ୍ଳୋକ ସବୁ ସଂସ୍କୃତରେ ଅନୁବାଦ କରି ତାହାର ଓଡିଆ ତର୍ଜମା କରିଥିଲେ । ପାଲିଭାଷାରେ ସେତେବେଳେ ତାଙ୍କର ଅଗାଧ ପାଣ୍ଡିତ୍ୟ । ନିଜେ ଏହା ପୂର୍ବରୁ ଜାଣିପାରିନଥିଲେ ଓଡିଆ ସାହିତ୍ୟର ଏଭଳି ପୁସ୍ତକଟିଏ ସିଏ ରଚନା କରିପାରିବେ ।

କେବଳ ଅନୁବାଦ କରିଦେଲେ ହୁଏତ ବିଦଗ୍ଧ ପାଠକର ତୃଷ୍ଣା ନିବାରିତ ହୋଇନପାରେ । ସେଥିପାଇଁ ପୁସ୍ତକ ସହିତ ମୁଖବନ୍ଧଟିଏ ମଧ୍ୟ ଯୋଡିଲେ କୁଞ୍ଜବିହାରୀ । ମୁଖବନ୍ଧ ତ ନୁହେଁ । ତାହା ଏକ ସ୍ୱୟଂସଂପୂର୍ଣ୍ଣ ଗବେଷଣାତ୍ମକ ଗ୍ରନ୍ଥବିଶେଷ । ବିଭିନ୍ନ ଧର୍ମ ଶାସ୍ତ୍ରର ତୁଳନାତ୍ମକ ବିବରଣୀ, ମୂଳ ଧମ୍ମପଦ ତଥା ଏହାର ପ୍ରଥମ ଚାଇନିଜ୍ ଅନୁବାଦ ସଂପର୍କରେ ଟିପ୍ପଣୀ, ତ୍ରିପିଟକର ବିଭିନ୍ନ ବିଭାଗ ବା କାଣ୍ଡ, ପାଲିଭାଷା ସଂପର୍କରେ ଭାଷାତାତ୍ତ୍ୱିକ ଆଲୋଚନା, ଓଡିଆ ଭାଷା ସହିତ ପାଲିଭାଷାର ତୁଳନାତ୍ମକ ଅଧ୍ୟୟନ, ପାଲିଗଦ୍ୟର ଉଦାହରଣ, ଅଶୋକଙ୍କ ଶିଳାଲିପି ଓ ତାହାର ଭାଷାନ୍ତର ତଥା ଭାଷାତାତ୍ତ୍ୱିକ ଆଲୋଚନା, ଖାରବେଳଙ୍କ ଶିଳାଲେଖ ଏବଂ ଭାଷାନ୍ତର, ପାଲିଭାଷାରୁ ଆନୀତ ଓ ପରିବର୍ତ୍ତିତ ଓଡିଆ ଶବ୍ଦାବଳୀ, ବୌଦ୍ଧଧର୍ମର ଦାର୍ଶନିକ ତଥା ନୈତିକ ତତ୍ତ୍ୱ, ନିର୍ବାଣର ଅର୍ଥ, ଶୂନ୍ୟବାଦ, ପାଲିଶବ୍ଦରୂପ ଓ ଧାତୁରୂପର ନମୂନା - ସବୁ ମିଶି ରୂପ ନେଇଥିଲା ଏକ ବୃହଦାକାର ମୁଖବନ୍ଧର ।

ଗୋଟିଏ ଯୁବକର ଅପ୍ରମିତ ପାଣ୍ଡିତ୍ୟର ନମୂନା ହୋଇ ରହିଯାଇଛି ବହିଟି । ସାଧାରଣ ପାଠକ ତହିଁରେ ବର୍ଣ୍ଣିତ ବିଷୟବସ୍ତୁର ରସ ଆସ୍ୱାଦନ କରିବା କଠିନ । ତାକୁ ବୁଝିବା ଲାଗି ଯଥେଷ୍ଟ ପାଣ୍ଡିତ୍ୟର ପ୍ରୟୋଜନ । ମାତ୍ର ସତେଇଶ ବର୍ଷ ବୟସରେ ପାଲି, ପ୍ରାକୃତ ଓ ସଂସ୍କୃତ ଭାଷାରେ କି ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ କୁଞ୍ଜବିହାରୀ, ତାହା ଧମ୍ମପଦ ବହିଟି ପଢିଲେ ବୁଝାପଡେ, ଥିଲେ ସଂସ୍କୃତର ଛାତ୍ର । ପାଲିଭାଷାରେ ଏଭଳି ଦକ୍ଷତା ପାଇଲେ କିଭଳି ?

ମୂଳ ଧମ୍ମପଦର ଭାଷା ଥିଲା ପାଲି ଏବଂ ତାହାଥିଲା ବୌଦ୍ଧ ମାନଙ୍କର ସାହିତ୍ୟିକ ଭାଷା । କୁଞ୍ଜବିହାରୀ ଅନୁଭବ କରିଥିଲେ ଯେ ବୁଦ୍ଧଙ୍କର ଜନ୍ମପୂର୍ବରୁ ଏବଂ ମୃତ୍ୟୁପରେ ପ୍ରାୟ ଦୁଇ ଶତାବ୍ଦୀ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷରେ କୋଶଳ ରାଜ୍ୟଟି ସବୁଠାରୁ ବେଶି ପ୍ରତାପଶାଳୀ ରାଜ୍ୟ ଥିଲା । ବିସ୍ତୃତ ଥିଲା ନେପାଳଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ । ବୁଦ୍ଧଦେବଙ୍କର ଜନ୍ମସ୍ଥାନ ଆଧୁନିକ ନେପାଳର ଅନ୍ତର୍ଭୁକ୍ତ ହେଲେ ହେଁ, ବୁଦ୍ଧଙ୍କ ସମୟରେ ତାହା କୋଶଳର ଆଧିପତ୍ୟ ସ୍ୱୀକାର କରିଥିଲା । ଏହି କୋଶଳ ରାଜ୍ୟର କଥିତଭାଷା ଥିଲା ପାଲି । ଖ୍ରୀ.ପୂ. ଷଷ୍ଠ ଏବଂ ସପ୍ତମ ଶତାବ୍ଦୀରେ କଥିତ ହେଉଥିବା ଏହି ଭାଷାରେ ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକର ପାଲିଭାଷା ପ୍ରତିଷ୍ଠିତ । ଏହି କଥିତ ଭାଷା ଥିଲା ବୁଦ୍ଧଙ୍କର ନିଜସ୍ୱ ଭାଷା ଏବଂ ଏଇ କଥିତଭାଷାରେ ସ୍ୱୟଂ ବୁଦ୍ଧ ତଥା ତାଙ୍କର ଶିଷ୍ୟମାନେ ସ୍ୱୀୟ ଉପଦେଶକୁ ଜନସାଧାରଣମାନଙ୍କ ନିକଟରେ ପହଞ୍ଚାଇଥିଲେ ।



Digitized by srujanika@gmail.com

କୁଞ୍ଜବିହାରୀ ବ୍ରାହ୍ମଣ ହିନ୍ଦୁ ପରିବାରେ ଜନ୍ମ ନେଇଥିଲେ ଓ ସ୍ୱ ଅଜାଣତରେ ଅହିଂସା ମାର୍ଗରେ ପରିଚାଳିତ ହେଉଥିଲେ । ସର୍ବପ୍ରକାର ପାପକାର୍ଯ୍ୟ ତ୍ୟାଗକରି, ଚତୁର୍ଦ୍ଦିଗର ପ୍ରାଣୀମାନଙ୍କର ମଙ୍ଗଳକାମନା କରି ଆତ୍ମସଂଯମ କଲେ ହିଁ ଈଶ୍ୱର ପ୍ରାପ୍ତି ଘଟେ - ବୁଦ୍ଧଙ୍କର ଏହି ବାଣୀ ତାଙ୍କ ଜୀବନରେ ପ୍ରତିଫଳିତ ହେଉଥିଲା । ସ୍ୱାଭାବିକ୍ ଯେ ବୌଦ୍ଧଧର୍ମର ନୀତିଗ୍ରନ୍ଥଟି ତା'ର ସମ୍ମୋହିନୀ ଶକ୍ତିରେ ପ୍ରଲୁବ୍ଧ କରିଥିଲା କୁଞ୍ଜବିହାରୀଙ୍କୁ ।

କୁଞ୍ଜବିହାରୀ ପଢ଼ାଟେବୁଲ୍ ପାଖରେ ବସି ବିରାଟକାୟ ପାଣ୍ଡୁଲିପିଟିକୁ ଦେଖୁଥିଲେ । ମାତ୍ର ଶେଷ ଶ୍ଳୋକଟି ବାକି । ରାତି ଗଭୀରତର ହେଉଥିଲା । ଧମ୍ମପଦର ଶେଷ ଶ୍ଳୋକଟି ମେଲା ହୋଇ ପଡିଥିଲା ତାଙ୍କ ସାମ୍ନାରେ । ଭାବିଲେ ଆସନ୍ତା କାଲି ଶେଷ ଶ୍ଳୋକଟିର ମର୍ମାର୍ଥ ଉଲ୍ଲେଖ କରି ବହିଟିର ମୁଣ୍ଡି ମାରିବେ । ମନ କିନ୍ତୁ ମାନିଲାନି- ଯେମିତି ଏକ ଚୁମ୍ବକୀୟ ଶକ୍ତିରେ ବହିଟି ଟାଣିଧରିଲା ତାଙ୍କୁ ।

- ଯିଏ ସାଂସାରିକ ବନ୍ଧନକୁ ଅତିକ୍ରମ କରିଛନ୍ତି, ଶୋକପ୍ରବାହ ଅବା ଶୋକମୋହରୁ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯିଏ ନିର୍ବାଣ ଲାଭ କରିଛନ୍ତି ଓ ଯାହାଙ୍କର ଭୟର କାରଣ ନାହିଁ, ଏହିପରି ପୂଜନୀୟ ବୁଦ୍ଧଙ୍କୁ ଏବଂ ତାହାଙ୍କୁ ପୂଜା କରୁଥିବା ବ୍ୟକ୍ତିଙ୍କର ପୁଣ୍ୟକୁ ସଂଖ୍ୟାତଃ ବା ପରିମାଣତଃ ଗଣନା କରାଯାଇପାରିବ ନାହିଁ ।

ଶେଷ ଶ୍ଳୋକଟି ତର୍ଜମା କରି ଅନେକ ସମୟ ଧରି ନୀରବରେ ବସି ରହିଲେ କୁଞ୍ଜବିହାରୀ । ସାଂସାରିକ ବନ୍ଧନରୁ ମୁକ୍ତ ହେବା ତାଙ୍କ ପାଇଁ ସମ୍ଭବ ନୁହେଁ । ସନ୍ତାନମାନଙ୍କର ତଥା ପତ୍ନୀଙ୍କର ଦାୟିତ୍ୱ ତାଙ୍କ ଉପରେ । କିନ୍ତୁ ଶୋକମୋହରୁ ଉତ୍ତୀର୍ଣ୍ଣ ହେବାପାଇଁ ଧମ୍ମପଦର ଅନୁଶୀଳନ ଅନେକାଂଶରେ ସାହାଯ୍ୟ କରିଛି ତାଙ୍କୁ ।

ପାଖ ବଖରାରେ ଶିଶୁପୁତ୍ରଟିର କ୍ରନ୍ଦନଧ୍ୱନି ଶୁଭିଲା । ଲଣ୍ଠନଟି ହାତରେ ଧରି ଶିଶୁଟିର ପରିଚର୍ଯ୍ୟା ଲାଗି ପଢାଘରୁ ବାହାରି ଆସିଲେ କୁଞ୍ଜବିହାରୀ । ମନ ବେଶ୍ ହାଲୁକା । ସମୟର ଅପଚୟ ପସନ୍ଦ କରନ୍ତିନି ସିଏ । ଅଧ୍ୟାପନାରୁ ଯେତେବେଳେ ବି ସମୟ ପାଇଛନ୍ତି; ଏ ବହିଟି ଲେଖିଛନ୍ତି । ପ୍ରଚୁର ପରିଶ୍ରମ କରିବାକୁ ପଡିଛି । ଏ ବହିଟି ଲେଖି ମୂଳଦୁଆ ସ୍ଥାପନ କରିଯାଇଛନ୍ତି ଭବିଷ୍ୟତରେ ପାଲି ଓ ପ୍ରାକୃତ ଭାଷାର ଗବେଷକମାନଙ୍କ ପାଇଁ । ଏହା ଉପରେ ଆହୁରି ଅନେକ ଅନେକ କାମ ହେବ । ଏ ଏଷଣାକୁ ଆଗକୁ ବଢେଇ ନେବେ ଭବିଷ୍ୟତର ବଂଶଧରମାନେ ।

କୁଞ୍ଜବିହାରୀ କଅଣ ଜାଣିଥିଲେ ଯେ, ଏ ଏଷଣାର ମୃତ୍ୟୁ ଏଇଠି ହେବ ବୋଲି ? କଅଣ କେବେ ଭାବିପାରିଥିଲେ ଯେ ଚିରଦିନ ଲାଗି ଧମ୍ମପଦ ରହିଯିବ ଓଡିଆ ଭାଷା ଓ ସାହିତ୍ୟରେ ଏକମାତ୍ର ମୌଳିକ ଓ ପ୍ରାମାଣିକ ଗ୍ରନ୍ଥ ହୋଇ ?

●●●



Digitized by srujanika@gmail.com

## ॥ ୨୬ ॥

କଲିକତା ବିଶ୍ୱବିଦ୍ୟାଳୟର ଭାଷାତତ୍ତ୍ୱର ଅଧ୍ୟାପକଙ୍କଠାରୁ ସଦ୍ୟପ୍ରାପ୍ତ ଚିଠିଟି ପଢୁଥିଲେ କୁଞ୍ଜବିହାରୀ ।

ଅଧିକ ଜ୍ଞାନ ଆହରଣ କରିବାର ତୀବ୍ର ପିପାସା ଧୀରେଧୀରେ ବଳବତ୍ତର ହେଉଥିଲା ମନରେ । କେବଳ ଏମ୍.ଏ ଓ ଲ ପଢ଼ି ଜୀବନ ବିତିଯିବ ତାଙ୍କର ? ପୃଥିବୀରେ ଶିଖିବାପାଇଁ ଯେ ଅନେକ କଥା ବାକି ରହିଗଲା । ଡକ୍ଟର ସୁନୀତିକୁମାର ଚାଟାର୍ଜୀଙ୍କ ଦିଗ୍‌ଦର୍ଶନରେ ପିଏଚ୍‌ଡି. କରିବା ପାଇଁ କେଇଦିନ ତଳେ ତାଙ୍କ ପାଖକୁ ଚିଠି ଲେଖିଥିଲେ କୁଞ୍ଜବିହାରୀ । ସୁନୀତିବାବୁଙ୍କଠାରୁ ତୁରନ୍ତ ଉତ୍ତର ଆସିଥିଲା । ଲେଖିଥିଲେ - "ଆପଣଙ୍କ କାର୍ଯ୍ୟରେ ସହାୟତା କରିପାରିଲେ ମୁଁ ଖୁସି ହେବି । କିନ୍ତୁ ଯେହେତୁ ଆପଣ ଆମ ବିଶ୍ୱବିଦ୍ୟାଳୟରୁ ଏମ୍.ଏ ପାଶ୍ କରିନାହାନ୍ତି, ମୁଁ ଭାବୁଛି ଆପଣଙ୍କୁ ଏଇ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି କରିବା ପାଇଁ ଅନୁମତି ନେବାକୁ ପଡିବ । ମୋ ମତରେ ଓଡିଆ ବ୍ୟାକରଣର ଐତିହାସିକ ଓ ତୁଳନାତ୍ମକ ସମୀକ୍ଷଣ କଲେ ଭଲହୁଅନ୍ତା । ଏଥିପାଇଁ ଅବଶ୍ୟ ଆପଣଙ୍କୁ ବଙ୍ଗଳା, ଆସାମୀଜ୍, ଭୋଜପୁରୀ, ମୈଥିଳୀ, ଛତିଶଗଡୀ ତଥା କୋଶଳୀଭାଷା ଉପରେ କିଛି କିଛି ଜ୍ଞାନ ଆହରଣ କରିବାକୁ ପଡିବ । ଅଥବା କୌଣସି ବହୁପ୍ରାଚୀନ ଓଡିଆ ରଚନାକୁ ଭିତ୍ତିକରି ସେଇଦିନଠାରୁ ଆଜିପର୍ଯ୍ୟନ୍ତ ଓଡିଆ ବ୍ୟାକରଣ କିଭଳି ରୂପ ବଦଳାଇ ଅଗ୍ରସର ହେଇଛି, ତାହାର ବିଶ୍ଳେଷଣ ମଧ୍ୟ କରିପାରନ୍ତି ।

ତେବେ ସର୍ବପ୍ରଥମେ ଦୟାକରି ଏଇ କାମତକ କରନ୍ତୁ । ପ୍ରଥମତଃ ଏଯାବତ୍ କାମ ନ ହେଇଥିବା ସଂପୂର୍ଣ୍ଣ ନୂତନ ବିଷୟବସ୍ତୁଟିଏ ନିର୍ବାଚନ କରନ୍ତୁ । ଦ୍ୱିତୀୟରେ ପି.ଏଚ୍.ଡି କରିବାଲାଗି ଅନୁମତି ଦେବାପାଇଁ କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖନ୍ତୁ । ବିଶ୍ୱବିଦ୍ୟାଳୟକୁ ଏକଥା ମଧ୍ୟ ଲେଖି ଜଣାଇବେ ଯେ ମୋର ଦିଗ୍‌ଦର୍ଶନରେ ଆପଣ କାର୍ଯ୍ୟ କରିବାକୁ ଇଚ୍ଛୁକ ।

ବୋଧହୁଏ କଲିକତାରେ ଆପଣଙ୍କୁ ଏଥିପାଇଁ ବର୍ଷଟିଏ ରହିବାକୁ ପଡିବ । ଆପଣ କେଉଁ ବିଷୟବସ୍ତୁ ଚୟନ କଲେ ସେ ସଂପର୍କରେ ମତେ ଚିଠି ଲେଖି ଜଣାଇବେ । ଏଭଳି ବିଷୟଟି ବାଛିବେ ଯେଉଁଥିରେ କି ଆପଣଙ୍କର ନିଜସ୍ୱ ଅବଦାନ କିଛି ରହିବ ।"

ଚିଠିଟି ପଢି ଅତ୍ୟନ୍ତ ପ୍ରୀତ ହେଲେ କୁଞ୍ଜବିହାରୀ । ନିଜର ଶିକ୍ଷାଗତ ଯୋଗ୍ୟତା ଲେଖି ସାଧାରଣ ଚିଠିଟିଏ ଲେଖିଥିଲେ ସୁନୀତି ବାବୁଙ୍କୁ । ସୁନୀତି କୁମାର ସେତେବେଳେ



Digitized by srujanika@gmail.com

ଲଣ୍ଡନ୍‌ରୁ ଗବେଷଣା ସାରି କଲିକତା ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ଭାଷାତତ୍ତ୍ୱର ଅଧ୍ୟାପକ । ଏତେ ସହଜରେ ଏବଂ ଆଗ୍ରହର ସହିତ ସେ କୁଞ୍ଜବିହାରୀଙ୍କୁ ନିଜଶିଷ୍ୟ ହିସାବରେ ଗ୍ରହଣ କରିନେବେ ଏହା କୁଞ୍ଜବିହାରୀଙ୍କର ସ୍ୱପ୍ନର ଅତୀତ ଥିଲା । ସ୍ୱାଭାବିକ୍ ଭାବରେ କୁଞ୍ଜବିହାରୀଙ୍କର ବି.ଏ ଏବଂ ଏମ୍.ଏରେ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରସଙ୍ଗଟି ହୁଏତ ତାଙ୍କ ମନକୁ ଛୁଇଁଥିଲା ।

କୁଞ୍ଜବିହାରୀ ପୁଲକିତ ହେଲେ । ଜ୍ଞାନଲାଭର ଏକ ନୂଆ ରାସ୍ତା ଖୋଲିଗଲା ବୋଲି । ଭାବିଲେ ବର୍ଷଟିଏ କଲିକତାରେ ରହିଯିବେ । କଟକଠାରୁ ବେଶୀ ଦୂର ତ ନୁହେଁ । ପରେ ଆସି କଟକରେ ଲେଖାପଢ଼ା କରି ଥିସିସ୍‌ଟି ଦାଖଲ୍ କରିବେ । କେବଳ ତାଙ୍କ ନିଜ ବିଭାଗରୁ ତାଙ୍କୁ ଛୁଟି ମିଳିଲେ ହେଲା ।

ଆଗ୍ରହ ଥିଲା ଭାଷାତତ୍ତ୍ୱ ଉପରେ କାମ କରିବାପାଇଁ । ସୁନୀତିକୁମାର ବାରମ୍ବାର ଲେଖିଛନ୍ତି, ଏ ଯାବତ୍ କାମ ନ ହେଇଥିବା କୌଣସି ଏକ ବିଷୟବସ୍ତୁ ଉପରେ ନୂତନ ତଥ୍ୟ ପରିବେଷଣ କରିବାଲାଗି । କେଉଁ ବିଷୟବସ୍ତୁ ଚୟନ କରିବେ, ସେ ସଂପର୍କରେ ଚିନ୍ତା କରିବାକୁ ଲାଗିଲେ କୁଞ୍ଜବିହାରୀ ।

କଲିକତା ବିଶ୍ୱବିଦ୍ୟାଳୟ ଯିବାପାଇଁ ଯେତେବେଳେ ଏକ ପ୍ରକାର ମନ ସ୍ଥିର କରିସାରିଛନ୍ତି, ଠିକ୍ ସେତିକିବେଳେ ପାଇଲେ ଅନ୍ୟ ଏକ ଚିଠି- ଓଡିଶା ସରକାରଙ୍କ ଠାରୁ । ଭାଷାତତ୍ତ୍ୱରେ ଉଚ୍ଚତର ଗବେଷଣା ନିମିତ୍ତ, ବୃତ୍ତିଦେଇ ତାଙ୍କୁ ଲଣ୍ଡନ ପ୍ରେରିତ କରାଯାଉଛି । ଏଥିପାଇଁ ତାଙ୍କୁ ତାଙ୍କ ବିଭାଗରୁ ଛୁଟିର ମଂଜୁରୀ ମିଳିବ । ଯିବା ଆସିବା ଉଡ଼ାଜାହାଜର ଖର୍ଚ୍ଚ ସରକାର ବହନ କରିବେ । ଷ୍ଟଡି ଆଲାଉନ୍‌ସ ଓ ଛୁଟି ସମୟର ଦରମା ବ୍ୟତୀତ, ସେଠା ବିଶ୍ୱବିଦ୍ୟାଳୟର ଦରମା ଇତ୍ୟାଦି ମଧ୍ୟ ସରକାରୀ ପାଣ୍ଠିରୁ ପ୍ରାପ୍ତ ହେବ ।

ସ୍ୱାଭାବିକ୍ ଭାବରେ ପ୍ରସନ୍ନ ହେଇଉଠିଲା କୁଞ୍ଜବିହାରୀଙ୍କ ମନ । ପ୍ରଭୁ ଜଗନ୍ନାଥଙ୍କ ପ୍ରତି କୃତଜ୍ଞତା ଅର୍ପଣ କଲେ । ନିଜକୁ ମନେହେଲା ସୌଭାଗ୍ୟଶାଳୀ । କିନ୍ତୁ ମନଭିତରେ ଦ୍ୱିଧା ରହିଗଲା ଦୁଇଟି କାରଣପାଇଁ ।

ପ୍ରଥମଟି ପିତା ମହାଦେବଙ୍କ ଲାଗି । ବିଗତ କେତେବର୍ଷ ଧରି ମହାଦେବ ଗଳା କ୍ୟାନ୍‌ସର୍ ରୋଗରେ ପୀଡ଼ିତ ଥିଲେ । କୁଞ୍ଜବିହାରୀ ପିତାଙ୍କୁ ଦୁଇତିନିଥର କଟକ ଆଣି ବଡ଼ ଡାକ୍ତରଖାନାରେ ପରୀକ୍ଷା ନିରୀକ୍ଷା କରାଇଥିଲେ ଓ ଚିକିତ୍ସା ଜାରି ରଖିଥିଲେ । ମହାଦେବ କିନ୍ତୁ ତାଙ୍କର ଭିଟାମାଟି ଛାଡି ବେଶି ଦିନ କଟକରେ ରହିବାକୁ ଥିଲେ ଅନିଚ୍ଛୁକ । ଗାଁକୁ ଫେରିଯାଇଥିଲେ କିଛି ଦିନପରେ । କୁଞ୍ଜବିହାରୀଙ୍କର ବିଦେଶଯାତ୍ରା ଦୁଇବର୍ଷ ପାଇଁ । ମହାଦେବଙ୍କର ସ୍ୱାସ୍ଥ୍ୟର ଅବସ୍ଥା ବର୍ତ୍ତମାନ ଭଲ ନୁହେଁ । ତାଙ୍କର ଅନୁପସ୍ଥିତିରେ ଯଦି ପିତାଙ୍କର କିଛି ଅଘଟଣ ଘଟେ, ଶେଷ ମୁହୂର୍ତ୍ତରେ ପିତାଙ୍କ ପାଖରେ ରହିନପାରିବାର ଗ୍ଲାନି ସାରାଜୀବନ ଆଚ୍ଛନ୍ନ କରି ରଖିବ ତାଙ୍କୁ ।



Digitized by srujanika@gmail.com

କୁଞ୍ଜବିହାରୀ ପତ୍ର ଲେଖିଲେ ପିତାଙ୍କୁ ଏବଂ ମହାଦେବ ମନରେ ବିନ୍ଦୁମାତ୍ର ଦ୍ୱିଧା ନରଖି ଉତ୍ତରଦେଲେ ତତ୍‌କ୍ଷଣାତ୍ । ପୁତ୍ର ତାଙ୍କକଥା ଭାବି ଯେମିତି ଲଣ୍ଡନ ଯାତ୍ରାରୁ ବିରତ ନହୁଏ । ତାଙ୍କୁ ଏଭଳି ଅବସ୍ଥାରେ ଛାଡି ପୁତ୍ରର ବିଦେଶଯାତ୍ରା କରିବା ଘଟଣାଟିରେ ତିଳେମାତ୍ର ଦୁଃଖିତ ନଥିଲେ ମହାଦେବ । ବହୁବର୍ଷ ଆଗେ ସୁ-ପୁତ୍ରପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ସାକାର କରୁଛି ଏଇ ମଧ୍ୟମପୁତ୍ରଟି । ଜ୍ଞାନାଲୋକରେ ଉଜ୍ଜ୍ୱଳ କରିବାକୁ ବସିଛି ତାଙ୍କ ବଂଶର ମୁଖ । ପୁତ୍ରର ନାମ ଯେଉଁଠି ଲେଖାହେବ, ପିତା ହିସାବରେ ରହିବ ତ ତାଙ୍କରି ନାଁ - ପୁଅ ପାଖାପାଖି ।

ମନରେ ଦୁଃଖ ଥିଲେ ସୁଦ୍ଧା, ପିତାଙ୍କ ପତ୍ରପାଇ କିଞ୍ଚିତ୍ ଆଶ୍ୱସ୍ତ ହେଲେ କୁଞ୍ଜବିହାରୀ ।

ଦ୍ୱିତୀୟ ସମସ୍ୟାଟି ଥିଲା ତାଙ୍କ ନିଜ ପରିବାରର । ଜ୍ୟେଷ୍ଠା କନ୍ୟାଟି ମାତ୍ର ଛ'ବର୍ଷ ବୟସର । ତା ତଳେ ତିନୋଟି ସନ୍ତାନ, ଶିଶୁପୁତ୍ରଟିର ବୟସ ମାତ୍ର ଆଠମାସ । ଅବୋଧ ଚାରୋଟି ଶିଶୁଙ୍କର ଦାୟିତ୍ୱ ଦୁଇବର୍ଷ ପାଇଁ ସୁରେଖାଙ୍କ ହାତରେ ସମର୍ପି କେଉଁ ଭରସାରେ ସିଏ ଚାଲିଯିବେ ସାତ ସମୁଦ୍ର ପାରି ? କଟକ ସହର ବଡଜାଗା । ବଜାର ହାଟରୁ ଆରମ୍ଭକରି ପିଲାମାନଙ୍କର ଦେହଦୁଃଖ ପର୍ଯ୍ୟନ୍ତ - ଅଜସ୍ର ଝାମେଲା । ସୁରେଖା ଏକା ଏକା ଚଳିବେ କେମିତି ?

ସୁରେଖା ମନେମନେ ବିବ୍ରତ ହେଉଥିଲେ ସୁଦ୍ଧା ନିଷେଧ କଲେନି କୁଞ୍ଜବିହାରୀଙ୍କୁ । ବରଂ ସମସ୍ୟାଟିର ସରଳ ସମାଧାନଟିଏ ବାହାର କରିନେଲେ । ସିଏ ଯାଇ ରହିବେ ଗାଁ'ରେ । ଶାଶୁ, ଶ୍ୱଶୁରଙ୍କ ତତ୍ତ୍ୱାବଧାନରେ । କଟକ ଘର ଜଗି ରହିବେ ଦିଅର ଦେବେନ୍ଦ୍ର । ତାଙ୍କର ଚାକିରି ଥିଲା କଟକରେ । ଏହାଛଡା ଅନ୍ୟ କିଛି ଉପାୟ ନଥିଲା ସୁରେଖାଙ୍କ ପାଇଁ । ଏଥିରେ ରାଜି ନ ହେଇ ଅନ୍ୟ କିଛି ବାଟ ମଧ୍ୟ ନଥିଲା କୁଞ୍ଜବିହାରୀଙ୍କର ।

ଘରେ ପଦ୍ମନାଭ ନାମରେ ଗାଁ'ପାଖର ଯୁବକଟିଏ ଥିଲା- ରନ୍ଧାବଢ଼ା କରିବାପାଇଁ । ପିଲାଟି ଥିଲା ସାକ୍ଷର, ନମ୍ର ଏବଂ ବଶମ୍ୱଦ । ଏକପ୍ରକାର ପରିବାରର ସଦସ୍ୟରୂପେ ପରିଗଣିତ ହେଉଥିଲା । ପିଲାମାନଙ୍କ ପ୍ରତି ଥିଲା ସ୍ନେହଶୀଳ । କୁଞ୍ଜବିହାରୀ ପଦ୍ମନାଭକୁ କହିଗଲେ, ସିଏ ଫେରି ଆସିବା ପର୍ଯ୍ୟନ୍ତ ପଦ୍ମନାଭ ଯେମିତି ଗାଁ'ରେ ରହେ । ସୁରେଖାଙ୍କ ପାଖରେ । ପିଲାମାନଙ୍କର ଦେଖାଶୁଣା ନିମନ୍ତେ ।

କୁଞ୍ଜବିହାରୀ ଭାବିଥିଲେ, ଯିବାପୂର୍ବରୁ ଗାଁ'କୁ ଯାଇ ପିତାଙ୍କୁ ଦେଖା କରିଆସିବେ - ନେଇଆସିବେ ସାଥିରେ ତାଙ୍କ ଆଶୀର୍ବଚନର ଅମୃତବାଣୀ । କିନ୍ତୁ ଶେଷପର୍ଯ୍ୟନ୍ତ ବିଭିନ୍ନ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହିଥିବା ହେତୁ ତାହା ଆଉ ସମ୍ଭବ ହେଲାନି । ରହିରହି ମନେପଡିଲା କୁଞ୍ଜବିହାରୀଙ୍କର - ପିତା ଅତିମାତ୍ରାରେ ଅସୁସ୍ଥ । ଆଉ କଅଣ ଫେରିଆସି ଦେଖିପାରିବେ ତାଙ୍କୁ ? ସୁଖ ଓ ଦୁଃଖରେ ସମ ମନୋଭାବ ପୋଷଣ କରୁଥିବା



Digitized by srujanika@gmail.com

କୁଞ୍ଜବିହାରୀଙ୍କର କିନ୍ତୁ ପିତାଙ୍କ କଥା ମନେପଡି ଛାତିଭିତରେ ସାମାନ୍ୟ କମ୍ପି ଉଠିଲା ହୃତ୍‌ପିଣ୍ଡଟି, ମନେପଡିଗଲା ଅନେକ ପିଲାଦିନର ସ୍ମୃତି । ପିତାଙ୍କୁ ଚିଲିକା ଓ ଶର୍ମିଷ୍ଠା କାବ୍ୟପଢ଼ି ବୁଝାଇଥିବାର କାହାଣୀ । କି ଏକାଗ୍ରଚିତ୍ତରେ କିଶୋର ପୁତ୍ରଟିର ମୁହଁକୁ ଚାହିଁ ବସି ରହୁଥିଲେ ସିଏ ।

ଗ୍ରାମରୁ ଜ୍ୟେଷ୍ଠଭ୍ରାତା ମଧୁସୂଦନ ଆସିଥିଲେ । ମଧୁସୂଦନ ଏବଂ ସାନଭାଇ ଦେବେନ୍ଦ୍ର ଦୁହେଁ ଗଲେ କୁଞ୍ଜବିହାରୀଙ୍କୁ ଷ୍ଟେସନ୍‌ରେ ଛାଡିବାପାଇଁ । ଦେଢ଼ଶୁରଙ୍କ ସାମ୍‌ନାକୁ ବାହାରିବା ସୁରେଖାଙ୍କ ପାଇଁ ପରଂପରାବିରୋଧୀ ଥିଲା । ତେଣୁ ସ୍ୱାମୀଙ୍କୁ ବିଦାୟ ସଂଭାଷଣ ଜଣାଇବାକୁ ସିଏ ଆସିପାରିଲେନି ଷ୍ଟେସନ୍ ।

କଟକରୁ ବମ୍ବେ ପର୍ଯ୍ୟନ୍ତ ଟ୍ରେନ୍‌ରେ । ସେଠାରୁ ଉଡାଜାହାଜରେ ଲଣ୍ଡନ । ଟ୍ରେନ୍‌ଟି ଥିଲା ଅର୍ଦ୍ଧରାତ୍ରିରେ । ଶିଶୁ ଚାରୋଟି ନିଦ୍ରିତ । ବାପା କୁଆଡେ ଯାଉଛନ୍ତି, କାହିଁକି ଯାଉଛନ୍ତି - ସେମାନଙ୍କର ଚେତନାର ବାହାରେ । ସବୁଦିନ ପରି ବେଳାବେଳି ଭାତ ଖାଇ ଶୋଇ ପଡିଛନ୍ତି ସେମାନେ ।

ଯିବା ପୂର୍ବରୁ ସେମାନଙ୍କର ନିଷ୍ପାପ, ସୁକୁମାର ମୁହଁକୁ ଚାହିଁଲେ କୁଞ୍ଜବିହାରୀ । ଦୀର୍ଘ ଦୁଇବର୍ଷ ପରେ ଯାଇ ଦେଖିବେ ସେମାନଙ୍କୁ । ଛାତିଭିତରେ କେଉଁଠି ଯେମିତି ଏକ ଅଭୂତପୂର୍ବ ଯନ୍ତ୍ରଣା ଅନୁଭବ କଲେ ।

ଆଖି ଟେକି ଚାହିଁଲେ, ଦେଢ଼ଶୁରଙ୍କୁ ଲୁଚି ଘରର କବାଟ କଣରେ ଠିଆହୋଇ ପଣତକାନିରେ ଆଖି ପୋଛୁଛନ୍ତି ସୁରେଖା । କୁଞ୍ଜବିହାରୀ କଥା କହନ୍ତି କମ୍ । ଦୁଇ ଭାଇଙ୍କର ଉପସ୍ଥିତିରେ ସୁରେଖାଙ୍କ ସହିତ ବିଦାୟକାଳୀନ କୌଣସି ବାର୍ତ୍ତାଳାପ କରିବାର ପ୍ରଶ୍ନ ବି ନଥିଲା । ଦୁଆରବନ୍ଧ ପାଖେ ମୁହୂର୍ତ୍ତେ ଅଟକି ନୀରବରେ କେବଳ ଚାହିଁଲେ ସୁରେଖାଙ୍କୁ । ଏବଂ ତାପରେ ବିରାଟକାୟ ସୁଟ୍‌କେଶ୍‌ଟି ହାତରେ ଉଠାଇ ଧୀର ପଦକ୍ଷେପରେ ବାହାରି ଆସିଲେ ଘରୁ ।

●●●



Digitized by srujanika@gmail.com

## ।। ୨୭ ।।

ବଡ଼ଝିଅ ସକାଳୁ ଉଠିଲା ବେଳକୁ ତୋତାପକ୍ଷୀଟି ପଞ୍ଜୁରି ଭିତରେ ଡ଼େଣା ଝପଟାଇ ସବୁଦିନ ଭଳିଆ କଥା କହୁଥିଲା - ଚକ୍ରଧର, ପକ୍ଷୀ ଜନ୍ମରୁ ପାରି କର । କିନ୍ତୁ କୁଞ୍ଜବିହାରୀଙ୍କ କଣ୍ଠସ୍ୱର ଶୁଭୁନଥିଲା । ପିଣ୍ଡାରେ ବସି ଦାନ୍ତ ଘଷୁ ଘଷୁ ଶୁଆକୁ ସଠିକ୍ ଉଚ୍ଚାରଣ ଶିଖାଇବା ତାଙ୍କର ଥିଲା ପ୍ରାତ୍ୟହିକ ଅଭ୍ୟାସ ।

ଝିଅ ଦୌଡ଼ିକି ବାପାଙ୍କ ପଢ଼ାଘରକୁ ଗଲା । ବାପାଙ୍କର କଳା ରଙ୍ଗର ପଢ଼ାଟେବୁଲ୍ ତା ଉପରେ ରଖା ହୋଇଥିବା ସାନ ବହି ଥାକଟି ସହିତ ଯଥା ସ୍ଥାନରେ ଥିଲା । ସାମ୍ନାରେ ପଡ଼ିଥିବା ପତଳା ତୁଳାଗଦିଯୁକ୍ତ ଚୌକିଟି ମଧ । କିନ୍ତୁ ବାପା ନଥିଲେ । ହଠାତ୍ ମନେ ପଡ଼ିଲା, ତା' ଆଗଦିନ ରାତିରେ ବାପାଙ୍କର ଲଣ୍ଡନ ଯିବା କଥା ଥିଲା । ଚେଇଁକି ରହିବା ବୋଲି ଖରାବେଳୁ ଠିକ୍ କରି ଥିଲା ଝିଅ । ତେବେ ବି ଶୋଇପଡ଼ିଥିଲା ନଅଟା ବେଳକୁ ।

ବାରଣ୍ଡାର ଶେଷ ଆଡ଼କୁ ସିଡ଼ି ପାଖରେ କଣିକିଆ ହୋଇ ପଡ଼ିଥିବା ପୁରୁଣା ପଟାଖଟଟିରେ ସୁରେଖା ବସିଥିଲେ - ଚୁପ୍‌ଚାପ୍ । ତାଙ୍କର ନିଃଶବ୍ଦତା ସତେ ଅବା ଗ୍ରାସ କରିଥିଲା ପୂରା ଘରଟିକୁ । ଚାରି ଆଡ଼ ଶୁନ୍‌ଶାନ୍ - କେମିତି ଏକ ଆଶ୍ଚର୍ଯ୍ୟଜନକ ଔଦାସୀନ୍ୟ ଓ ନିର୍ଜନତା । "ବାପା ଗଲାବେଳେ ମୋତେ ଡାକିଲେନି କାହିଁକି ?" ଝିଅ ବୋଉକୁ ପଚାରିଲା । "ତମେ ସବୁ ଶୋଇପଡ଼ିଥିଲ । ବାପା କହିଲେ ଥାଉ, ପିଲାଙ୍କୁ ଉଠାନା" ସୁରେଖା ଜବାବ ଦେଲେ ଅଚଞ୍ଚଳ ଓ ଧୀର ସ୍ୱରରେ ।

"ବାପା କ'ଣ ଉଡ଼ାଜାହାଜରେ ଗଲେ କି ?" "ନା, ନା, ଏଠୁ ବମ୍ବେ ଗଲେ ଟ୍ରେନ୍‌ରେ । ସେଠୁ ଯିବେ ଉଡ଼ାଜାହାଜରେ" ସୁରେଖା କହିଲେ ସେଇ ଧୀର ଅଚଞ୍ଚଳ ସ୍ୱରରେ ।

ଘର ଉପର ଦେଇ କଦବା କେମିତି ଉଡ଼ାଜାହାଜଟିଏ ଭାସିଯାଉଥିଲା - ଦୂର ଆକାଶରେ । ଶବ୍ଦ ଶୁଣିଲେ ଦୌଡ଼ିକି ଯାଇ ବାହାରେ ଠିଆ ହୋଇ ଦେଖୁଥିଲା ଛଅବର୍ଷର ଝିଅ । ସ୍ୱପ୍ନବୋଳା ଆଖିରେ ନୀଳ ଆକାଶର ପ୍ରଚ୍ଛଦପଟରେ ଏରୋପ୍ଲେନ୍‌ଟି ଦିଶୁଥିଲା ଗୋଟିଏ ଚିଲପରି । କିମ୍ୱା ରୂପେଲୀ ରଙ୍ଗର ଘୁଡ଼ିଟିଏ ପରି । ଝିଅ ପାହାଚ ଓହ୍ଲାଇ ଯାଇ ଠିଆ ହେଲା ଅଗଣାରେ । ଭାବିଲା - ବାପା ଯଦି ଏବେ ଉଡ଼ାଜାହାଜରେ ଯିବେ ତାହାହେଲେ ନିଶ୍ଚୟ ସ୍ପଷ୍ଟ ଭାବରେ ଦେଖିପାରିବେ ମୋତେ ।



Digitized by srujanika@gmail.com

ଉଡ଼ାଜାହାଜଟି ଉଡ଼ିକି ଆସିଲାନି, କିନ୍ତୁ ତୋତାପକ୍ଷୀଟି ଉଡ଼ିଗଲା ପଞ୍ଜୁରୀରୁ । ପୁଜାରି ବାନ୍ଛାମାମୁଁ ସକାଳେ ତା' ଗିନାରେ ଭିଜା ଛୋଲା ଦେଲା ବେଳକୁ ପଞ୍ଜୁରୀ ଦୁଆରଟି ଭଲ କରି ବନ୍ଦ କରିନଥିଲେ ।

ଶୁଆଟି ଉଡ଼ିଯାଇ ବସିଲା ଅଗଣାର ଝାମ୍ପୁଡ଼ା ନିମଗଛ ଡାଳରେ। ତା' ରଙ୍ଗ ପୂରାପୂରି ମିଶିଯାଉଥିଲା ନରମ ସବୁଜ ଝିରି ଝିରି ନିମପତ୍ର ସହିତ । ଝିଅ କିନ୍ତୁ ଘଞ୍ଚ ପତ୍ର ଭିତରେ ତାକୁ ଠିକ୍ ଚିହ୍ନଟ କରିପାରିଲା । ତା'ର ପାଚିଲା କଇଁଚିକାକୁଡ଼ି ପରି ଟୁକ୍ ଟୁକ୍ ନାଲି ଥଣ୍ଟ ଓ ବେକର ଚଉଡ଼ା କଳାଗାର ଧରା ପକାଇ ଦେଲା ତାକୁ ।

ସୁରେଖା ଡାକିଲେ - "ଆ, ଶୁକ ଆ... ।" ତୋତାପକ୍ଷୀଟି କିନ୍ତୁ ଆସିଲାନି । ଉଡ଼ିଗଲା ପଶ୍ଚିମର ଦିଗନ୍ତ ଆଡ଼େ । କିଛିକ୍ଷଣ ପରେ ସାନ ବିନ୍ଦୁଟିଏ ହୋଇ ମିଶିଗଲା ଆକାଶରେ । "ଆହା ! ବାପା ନାହାନ୍ତି ବୋଲି ମନଦୁଃଖ କରି ଶୁକ ଉଡ଼ିଗଲା," ସୁରେଖା କହିଲେ ଫିସ୍ ଫିସ୍ କରି - ଝିଅ ଶୁଣିଲା ଭଳିଆ ।

"ଧେତ୍ । ବାନ୍ଛାମାମୁ ପରା ପଞ୍ଜୁରି କବାଟ ଖୋଲା ରଖି ଦେଇଥିଲେ - ବୁଟ ଦେଲାବେଳେ" ବୋଉର ଭୁଲ୍‌ଟି ଝିଅ ସୁଧୁରାଇ ଦେବା ପାଇଁ ଚେଷ୍ଟା କଲା । "ନାଇଁ ତୁ ଜାଣିନୁ, ସିଏ ନିଶ୍ଚେ ବାପାଙ୍କ କଥା ମନେପକେଇକି ଉଡ଼ିଗଲା", ଝିଅ କଥା ନଶୁଣିଲା ପରି ହୋଇ ସୁରେଖା କହିଲେ, ମନକୁ ମନ ।

ଆଉ ଝିଅର କୁନି ଭାଇଟି ଉଠି ପଡ଼ିଲା ଠିକ୍ ଏତିକି ବେଳକୁ । ଶୋଇବା ଘରୁ ବାହାରି ପିଣ୍ଡାରେ ଠିଆ ହୋଇ କାନ୍ଦିବାକୁ ଲାଗିଲା - ଚିଁ ଚିଁ ସ୍ୱରରେ । ସାବନାରଙ୍ଗର ବଡ଼ମୁଣ୍ଡିଆ ଡ଼ବ୍ ଡ଼ବ୍ ଆଖିର ଦୁର୍ବଳ ଶିଶୁଟିଏ । ପ୍ରତିଦିନ ନିଦରୁ ଉଠି ତୁଚ୍ଛାଟାରେ ପନ୍ଦର ମିନିଟ୍ କାନ୍ଦିବା ଥିଲା ତାର ଅଭ୍ୟାସ ।

ସୁରେଖା ତାକୁ କୋଳକୁ ଉଠାଇ ପଣତକାନିରେ ତା'ଲୁହ ପୋଛି ଦେଇ କହିଲେ "ଚୁପ୍ ହୁଅ, କାହିଁକି କାନ୍ଦୁଛୁ ତୁଚ୍ଛାଟାରେ ?" କୁନି ପୁଅଟି କିନ୍ତୁ କାନ୍ଦ ବନ୍ଦ କଲାନି "ତା'ର ବି ବାପାଙ୍କ କଥା ମନେ ପଡୁଛି । କାନ୍ଦୁଛି ବିଚରା ମନ ଦୁଃଖରେ", ସୁରେଖା ପୁଣି କହିଲେ ମନକୁ ମନ । ଝିଅ ଆଶ୍ଚର୍ଯ୍ୟ ହେଲା । ବୋଉ କୁନିଭାଇଟିର କାନ୍ଦୁରା ଅଭ୍ୟାସ ଜାଣିସୁଦ୍ଧା କେମିତି ଏଭଳି କଥା କହୁଛି ବୋଲି । ପୁଣି ଥରେ ସୁଧୁରେଇ ଦବାକୁ ଯାଉଥିଲା ବୋଉର ଭୁଲ "ନାଇଁ ମାଁ ! ସିଏ ତ ସବୁଦିନେ ଏମିତି କାନ୍ଦେ ।"

କିନ୍ତୁ କଥାଟି କହିବାକୁ ଯାଉ ଯାଉ ଅଟକି ଗଲା ଝିଅ । ହଠାତ୍ ନଜର ପଡ଼ିଗଲା ସୁରେଖାଙ୍କ ମୁହଁରେ । ସୁରେଖାଙ୍କ ଆଖି ଦିଇଟା ପାଣିଚିଆ ଦିଶୁଥିଲା । ମୁହଁ ଦିଶୁଥିଲା ଶୁଖିଲା । ଆଉ ସେ ଶୁଖିଲା ମୁହଁକୁ ଦେଖି କୁନି ଝିଅଟି ଠିକ୍ ବୁଝିପାରିଲା ଯେ ବାପା ଚାଲିଯିବାରୁ, ନା ତୋତାପକ୍ଷୀର ମନଦୁଃଖ ହେଉଚି ନା କୁନିଭାଇର, ଯଦି ସତରେ କିଏ ମନଦୁଃଖ କରିଥାଏ ସିଏ ହେଉଛି ବୋଉ ।

●●●



Digitized by srujanika@gmail.com

## ॥ ୨୮ ॥

ଲଣ୍ଡନ ପହଞ୍ଚିବାର ପଚିଶଦିନ ହୋଇଯାଇଥିଲା, ଦୀର୍ଘ ଏଗାରଘଣ୍ଟାର ଆକାଶପଥର ଯାତ୍ରା । ନୂଆଦେଶ, ନୂଆ ପରିବେଶ । କୁଞ୍ଜବିହାରୀଙ୍କ ସାଥିରେ ଥିଲେ ଆଉ ଦୁଇଜଣ ଓଡିଆ । ଡାକ୍ତର ଗୋଲକ ବିହାରୀ ମହାନ୍ତି ଓ ଅଧ୍ୟାପକ ଶ୍ରୀ ଗୋଲକ ବିହାରୀ ଧଳ ।

କଳା ପଡିଯାଇଥିବା ବାଁ ହାତ ବୃଦ୍ଧାଙ୍ଗୁଷ୍ଠିକୁ ଚାହିଁଲେ କୁଞ୍ଜବିହାରୀ । ଧକ୍‌ଧକ୍ ବିନ୍ଧୁଥିଲା ଆଙ୍ଗୁଳିଟି । ଟ୍ରେନ୍‌ରେ ବମ୍ବେ ଯାତ୍ରା ସମୟରେ ଠିକ୍ ବମ୍ବେ ପହଞ୍ଚିବା ପୂର୍ବରୁ ଟ୍ରେନ୍‌ର କାଚ୍‌ଝର୍କାଟି ଟେକୁଥିଲେ । ଝରକାଟି ଉପରୁ କଚି ହୋଇ ପଡିଥିଲା ଆଙ୍ଗୁଠିଉପରେ । ଚାପି ଦେଇଥିଲା ଆଙ୍ଗୁଠିର ଅଗ୍ରଭାଗ । ବିବ୍ରତ ବୋଧକଲେ କୁଞ୍ଜବିହାରୀ । ହୁଏତ ନଖଟି କାଢିବାପାଇଁ ସାନ ଅପରେଶନ୍‌ଟିଏ କରିବା ଦରକାର ପଡିପାରେ । ଏ ଯାବତ୍ ଯନ୍ତ୍ରଣା କମିଲାନି ।

ପାଠପଢ଼ା ଏକରକମ୍ ଆରମ୍ଭ ହୋଇଗଲାଣି । ଯା ଭିତରେ ବିଶ୍ୱବିଦ୍ୟାଳୟ ଯାଗ ଫର୍ମ ଇତ୍ୟାଦି ପୂରଣ କରିବାରେ ତଥା ଅଧ୍ୟାପକମାନଙ୍କ ସହିତ ଦେଖା କରିବାରେ ଅନେକ ସମୟ ବିତିଛି । ରହଣି ଇଣ୍ଡିଆନ୍ ଷ୍ଟୁଡେଣ୍ଟସ୍ ହଷ୍ଟେଲ୍‌ର ଗୋଟିଏ କୋଠରିରେ । ଅର୍ଥର ଅଭାବ ହେଲାଭଳି ମନେ ହେଉନି । ପହଞ୍ଚିବା ପରଦିନ ଇଣ୍ଡିଆନ୍ ହାଇକମିଶନ୍ ଅଫିସ୍ ଯାଇଥିଲେ । ସେମାନଙ୍କଠାରୁ ଯା ଭିତରେ ଶହେ ପାଉଣ୍ଡ ପାଇଛନ୍ତି ଓ ତିନିମାସର ଖର୍ଚ୍ଚ ଏକାସାଥିରେ ଶୀଘ୍ର ଦେଇଦେବାପାଇଁ ସେମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ପରିବାରଟିକୁ ଏକୁଟିଆ କଟକରେ ଛାଡି ଆସିଛନ୍ତି । ପତ୍ନୀ ସୁରେଖାଙ୍କ ହାତରେ ପଇସାପତ୍ର ବିଶେଷ କିଛି ନାହିଁ । ଡାକ୍ତର ଗୋଲକବାବୁଙ୍କୁ ଛାଡିବାପାଇଁ ତାଙ୍କ ସାନଭାଇ ଗଗନ ବମ୍ବେ ପର୍ଯ୍ୟନ୍ତ ଆସିଥିଲେ । ବଳକା କିଛି ଭାରତୀୟ ମୁଦ୍ରା ତାଙ୍କ ହାତରେ ଫେରାଇଦେଇଥିଲେ କୁଞ୍ଜବିହାରୀ- ଘରେ ଦେଇଦେବାପାଇଁ । ସରକାର ଆଦେଶ ଦେଇଥିଲେ ତାଙ୍କ ଦରମାର ଅଧା ଶହେ କୋଡିଏ ଟଙ୍କା ତାଙ୍କୁ ଲଣ୍ଡନ୍‌ରେ ମିଳିବ ଓ ବାକି ଅଧା ତାଙ୍କ ପରିବାରକୁ ଭାରତବର୍ଷରେ ମିଳିବ । ଗତମାସର ଦରମା ସୁରେଖାଙ୍କୁ ଦିଆହେଲା ନା ନାହିଁ ଜାଣନ୍ତିନି । ଅଫିସ୍‌ରୁ ଟଙ୍କା ଆଣିବାର ଦାୟିତ୍ୱ ସାନଭାଇ ଦେବେନ୍ଦ୍ରନାଥଙ୍କୁ ଦେଇଆସିଥିଲେ । ଯଦି ପଇସା ନ ପାଉଥାଆନ୍ତି, ଚାରୋଟି ଶିଶୁଙ୍କୁ ନେଇ ସୁରେଖା ବଡ କଷ୍ଟରେ ଚଳୁଥିବେ ନିଶ୍ଚୟ ।

ମନେପଡିଲା ପିତାଙ୍କ କଥା- କାହିଁ ଦୂରଦେଶରେ ସିଏ । ଆସିବା ପୂର୍ବରୁ ଥରଟେ ପିତାଙ୍କ ଦର୍ଶନଲାଭ ବି ସମ୍ଭବ ହେଲାନି । ଅଧ୍ୟାପକ ଆର୍ତ୍ତବଲ୍ଲଭବାବୁ ମହାଦେବଙ୍କ ପାଇଁ



Digitized by srujanika@gmail.com

ଏକ ନିର୍ଦ୍ଦିଷ୍ଟ ଔଷଧର ନାମ କହିଥିଲେ । ବିଦେଶ ଯାତ୍ରା ପୂର୍ବରୁ ଦେବେନ୍ଦ୍ରନାଥଙ୍କୁ କହି ଆସିଥିଲେ ସେ ଔଷଧଟି ସଂଗ୍ରହ କରି ନେଇ ଗ୍ରାମରେ ପହଞ୍ଚାଇ ଦେବାପାଇଁ । ଦେବେନ୍ଦ୍ର ତାହା ପଠାଇଲେ ନା ନାହିଁ ଜାଣନ୍ତିନି ।

ଆସିବାର ପାଞ୍ଚଦିନ ପରେ, ଗ୍ରାମ ଠିକଣାରେ ପିତାଙ୍କୁ ଓ କଟକ ଠିକଣାରେ ସାନଭାଇ ଦେବେନ୍ଦ୍ର ତଥା ପତ୍ନୀ ସୁରେଖାଙ୍କୁ ପତ୍ର ଲେଖିଥିଲେ । ଏ ଯାବତ୍ କାହାରି ଠାରୁ ବି ଉତ୍ତର ପାଇନାହାନ୍ତି । ମନ ଛଟପଟ କରୁଛି । କୁଞ୍ଜବିହାରୀ ଅନୁଭବ କଲେ ଗୋଟିଏ ପିତା ହେବା ଏବଂ ଗୋଟିଏ ପୁତ୍ର ହେବା – ଉଭୟ ବେଶ୍ କଷ୍ଟକର ବ୍ୟାପାର ।

ଅଶାନ୍ତ ଚିତ୍ତକୁ କିଛିମାତ୍ରାରେ ଆୟତ୍ତକୁ ଆଣିବାପାଇଁ ସୁରେଖାଙ୍କୁ ପତ୍ର ଲେଖିବାକୁ ଆରମ୍ଭ କଲେ କୁଞ୍ଜବିହାରୀ । ହୁଏତ କୌଣସି କାରଣ ବଶତଃ ପୂର୍ବ ଚିଠିସବୁ ପତ୍ନୀ ପାଇନାହାନ୍ତି । ଏ ଚିଠିଟି ପାଇଲେ ଉତ୍ତର ଅବଶ୍ୟ ଦେବେ । ନୀଳରଂଗର ଇନ୍‌ଲାଣ୍ଡ ଲେଟର ଉପରେ ଫୁଟିଉଠିଲା କୁଞ୍ଜବିହାରୀଙ୍କର ମୁକ୍ତା ପରି ଗୋଟିଗୋଟି ଅକ୍ଷର ।

କଲ୍ୟାଣୀୟେ,

ମୁଁ ବମ୍ବେଠାରୁ ତୁମ୍ଭ ନିକଟକୁ ଦେବେନ୍ଦ୍ର ଠିକଣାରେ ଦୁଇଖଣ୍ଡି ପତ୍ର ଓ ଚଳିତ ମାସ ପାଞ୍ଚ ତାରିଖରେ ଲଣ୍ଡନଠାରୁ ମଧ୍ୟ ଉପରୋକ୍ତ ଠିକଣାରେ ତୁମ୍ଭ ନିକଟକୁ ଓ ବାପାଙ୍କ ନିକଟକୁ ପତ୍ର ଦେଇଥିଲି । କିନ୍ତୁ ଅଦ୍ୟାବଧି କଟକଠାରୁ ବା ଗ୍ରାମଠାରୁ କୌଣସି ପତ୍ର ନ ପାଇବାରୁ ଗ୍ରାମରେ ଓ ତୁମ୍ଭମାନଙ୍କର କୌଣସି ସମ୍ବାଦ ନ ଜାଣିବାରୁ ମନ ଉଦ୍‌ବିଗ୍ନ ହେଉଅଛି । ଏ ପତ୍ରର ଉତ୍ତର ଶୀଘ୍ର ଦେଲେ ଆଶ୍ୱସ୍ତ ହେବି । ଯେଉଁ ଠିକଣା ଏହି ପୃଷ୍ଠାରେ ଦେଲି, ସେଇ ଠିକଣାରେ ଦେଲେ ମୁଁ ପାଇପାରିବି ଚାରି ପାଞ୍ଚଦିନ ଭିତରେ ।

ମୋ'ର ଦେହ ଭଲଅଛି । ଆଘାତ ପାଇଥିବା ବାଁ' ହାତର ବୃଦ୍ଧାଙ୍ଗୁଳିରୁ ଏପର୍ଯ୍ୟନ୍ତ ଦରଜ ଯାଇନାହିଁ । ଦରଜ କ୍ରମଶଃ କମୁଅଛି । ମୁଁ ଆମ୍ଭ କଲେଜ ନିକଟସ୍ଥ ଏକ ବୋର୍ଡିଂରେ ରହି କଲେଜରେ ରୀତିମତ୍ ପଢାରେ ଯୋଗ ଦେଲିଣି । ଶନିବାର ଓ ରବିବାର କଲେଜ ବନ୍ଦହୁଏ । ଭାରତ ସରକାରଙ୍କ ଦୂତାବାସରୁ ଶହେ ପାଉଣ୍ଡ ମତେ ମିଳିଅଛି । ସେଇଥିରେ ମୋର କେତେମାସର ଖର୍ଚ୍ଚ ଚଳିଯିବ । ପିଲାମାନଙ୍କର, ଦେବେନ୍ଦ୍ରର ଓ ତୁମ୍ଭର ସମସ୍ତ ବିଷୟ ଲେଖି ଏୟାର ମେଲ୍‌ରେ ପତ୍ର ଦେବ । ମୋ'ର ଦରମା(ସେପ୍ଟେମ୍ବର ମାସର)ତୁମେ ପାଇଥିବାର ଆଶା । ଅର୍ଥ ଅଭାବରୁ ତୁମର ଅସୁବିଧା ହେଉଥିଲେ ମୁଁ ଚେଷ୍ଟାକରିବି ତାହା ଦୂର କରିବାକୁ । ଆମ୍ଭ ପରିବାରର ସମସ୍ତଙ୍କୁ ମୋର ସ୍ନେହର ଆଶୀର୍ବାଦ

ଇତି

ମଙ୍ଗଳାକାଂକ୍ଷୀ କୁଞ୍ଜବିହାରୀ

ଚିଠିଟି ଲେଖି, ଅନେକ ପରିମାଣରେ ହାଲୁକା ବୋଧ କଲେ କୁଞ୍ଜବିହାରୀ । କାଲି ସକାଳେ ପ୍ରଥମେ ବିଶ୍ୱବିଦ୍ୟାଳୟ ଯାଇ ଚିଠିଟି ଡାକବାକ୍ସରେ ପକାଇଦେବେ ।



Digitized by srujanika@gmail.com

କଲେଜ୍‌ଟି ପାଖ - ଚାଲିଚାଲି ଯାଇହୁଏ । ଏଠି ପାଗ ବେଶ୍ କୋହଲା । ସଦାସର୍ବଦା ସୁଟ୍ ପିନ୍ଧିବାକୁ ପଡେ । ଜାଗାଟି ପରିଚ୍ଛନ୍ନ । ଖାଦ୍ୟପେୟ ବେଶ୍ ପୁଷ୍ଟିକର । କୁଞ୍ଜବିହାରୀ ନିରାମିଷାଶୀ ହୋଇଥିଲେ ବି କିଛି ଅସୁବିଧା ହୁଏନି । କ୍ଷୀର, ଛେନା, ଫଳରସ, ସିରିଆଲ୍, ପରିବାପତ୍ର, ପାଉଁରୁଟି, ଲହୁଣୀ, ଜାମ୍ ଇତ୍ୟାଦି ପୁଷ୍ଟିକର ଖାଦ୍ୟ ସୁଲଭ ମୂଲ୍ୟରେ ମିଳେ । ଏଠାକାର ଖାଦ୍ୟ ବେଶ୍ ସୁହାଇଯାଇଛି କୁଞ୍ଜବିହାରୀଙ୍କୁ । ଏମିତିରେ ତେଲମସଲା ଲଙ୍କା ତଥା ପିଆଜରସୁଣ ପ୍ରତି ତାଙ୍କର ଘୋର ବିତୃଷ୍ଣା ।

ଲେଖା ହୋଇଥିବା ଚିଠିଟି ଅଠାଲଗାଇ ବନ୍ଦ କରୁକରୁ କୁଞ୍ଜବିହାରୀ ମନକୁ ବୁଝାଇଲେ - ଗ୍ରାମରେ ପୋଷ୍ଟଅଫିସ୍ ନାହିଁ । ଲଣ୍ଡନ୍ ପଠାଇବାପାଇଁ ଇନ୍‌ଲାଣ୍ଡ ଲେଟର୍‌ଟିଏ ପାଇବା ମୁସ୍‌କିଲ୍ । ସେଥିପାଇଁ ହୁଏତ ପିତା ତତ୍‌କ୍ଷଣାତ୍ ଉତ୍ତର ଦେଇପାରିନାହାନ୍ତି । ଏ ଯାବତ୍ କଟକରେ ରହିଥିବା ସୁରେଖା ହୁଏତ ସଙ୍କୋଚବଶତଃ ଦିଅର ଦେବେନ୍ଦ୍ରଙ୍କୁ ବିଲାତ ପଠାଇବା ଲାଗି ଲଫାପାଟିଏ ଆଣିଦେବାପାଇଁ କହିବା ସମୀଚୀନ ମଣିନାହାନ୍ତି । କିମ୍ବା ହୁଏତ ଚିଠି ଲେଖିଥିବେ ଯା ଭିତରେ - କାଲି ପଅରଦିନ ପହଞ୍ଚ ଯାଇପାରେ ।

ଚିଠିଟି ସଯତ୍ନେ ଚଉତି କୋଟ୍ ପକେଟ୍‌ରେ ରଖି ପାଠପଢ଼ାରେ ଯଥାରୀତି ମନୋନିବେଶ କଲେ କୁଞ୍ଜବିହାରୀ ।

ପରଦିନ ସକାଳେ ଚିଠିଟି ପୋଷ୍ଟକରି ସାରିବା ପରେ ପରେ ପାଇଲେ ଚିଠିଟିଏ । ସୁରେଖା ନୁହନ୍ତି, କଟକରେ ଥିବା ପୂଜାରୀ ପଦ୍ମନାଭ ଲେଖିଥିଲା । ଜଣାଇଥିଲା ଯେ ପାଞ୍ଚଦିନ ପୂର୍ବରୁ ପିଲାମାନଙ୍କୁ ସାଥିରେ ଧରି ରାତିଟ୍ରେନ୍‌ରେ ସୁରେଖା ଗ୍ରାମକୁ ଚାଲିଯାଇଛନ୍ତି । କାରଣ ଅଚାନକ ଗ୍ରାମରୁ ମଧୁସୂଦନଙ୍କ ପ୍ରେରିତ ହଳିଆ ଲକ୍ଷ୍ମଣ ଆସି ମହାଦେବ ସେମାନଙ୍କୁ ଦେଖିବାପାଇଁ ଚାହୁଁଛନ୍ତି ବୋଲି କହିଥିଲା । ଉଭୟ ସୁରେଖା ଏବଂ ଦେବେନ୍ଦ୍ର ଏବେ ଗ୍ରାମରେ ଅବସ୍ଥାନ କରୁଛନ୍ତି । କେତେଦିନ ରହିବେ ତାହା ନିର୍ଦ୍ଦିଷ୍ଟ କରି କହିବା ମୁସ୍କିଲ୍ ।

ଚିଠିଟି ପାଇ ଧକ୍ କରି ଉଠିଲା କୁଞ୍ଜବିହାରୀଙ୍କ ଛାତି । ସନ୍ଦେହ ହେଲା - ପିତାଙ୍କର କିଛି ସାଂଘାତିକ ଅସୁସ୍ଥତା ହେଇଛି ନିଶ୍ଚୟ । ମନରେ ସନ୍ଦେହ ଉଙ୍କି ମାରିଲା, ହୁଏତ ପିତା ଆଉ ନାହାନ୍ତି । ଲଣ୍ଡନ୍‌ରେ ପୁତ୍ର ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଲାବେଳେ, ତୃଷିତ ଆଖିରେ ତାକୁ ଖୋଜିଖୋଜି ହୁଏତ ଶେଷପର୍ଯ୍ୟନ୍ତ ମହାଦେବ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଏଇ ସକଳ ଅବ୍ୟବସ୍ଥା ଭିତରେ ସେଇଲାଗି କୁଞ୍ଜବିହାରୀ ପତ୍ରପାଇନାହାନ୍ତି କାହାଠାରୁ ।

କୁଞ୍ଜବିହାରୀ ବ୍ୟଗ୍ର ଭାବରେ ଅପେକ୍ଷା କରି ରହିଲେ ଗ୍ରାମରୁ ମଧୁସୂଦନଙ୍କ ପତ୍ର ଅପେକ୍ଷାରେ - କାହିଁ କେତେ ଦୂରେ ଭାରତବର୍ଷ । କାହିଁ କେତେ ଦୂରରେ ବାପା ।

●●●



Digitized by srujanika@gmail.com

## ॥ ୨୯ ॥

ତିନିଦିନ ପରେ ଆଖି ଖୋଲିଲେ ମହାଦେବ । ନିସ୍ତବ୍ଧ ଡୋଳାରେ ଚାହିଁଲେ ଚତୁର୍ଦ୍ଦିଗକୁ ।

ସାମ୍ନାରେ ପୁତ୍ରକନ୍ୟାମାନେ- ମଧୁସୂଦନ, ଦେବେନ୍ଦ୍ର, ଶ୍ରଦ୍ଧା ଓ କୁନ୍ତଳା । କିୟତ୍‌ଦୂରରେ ଓଢ଼ଣାଟାଣି ପୁତ୍ରବଧୂମାନେ । ପାଦପାଖରେ ପତ୍ନୀ ସୀତା, ସାନସାନ ପୌତ୍ରପୌତ୍ରୀମାନେ ପଲଙ୍କପାଖ ଖଟଟିରେ ବସି କୁକୁକୁକୁ କରି ଚାହିଁ ରହିଛନ୍ତି ପିତାମହଙ୍କୁ । କୁନ୍ତଳାଙ୍କ କୋଳରେ ସୁରେଖାଙ୍କର ଆଠମାସର ପୁତ୍ରଟି ।

କୁନ୍ତଳା କହିଲେ- ବାପା ଦେଖ, ଇଏ ବାବୁନନାଙ୍କ ସାନପୁଅ, ତମ ନାତି, ଚିହ୍ନିପାରୁଚ ନା ନାହିଁ ?

ମହାଦେବ କଥା କହିପାରିଲେନି । ହାତର ଇଶାରାରେ ବୁଝେଇଦେଲେ ଯାହାକୁ ଏତୁଟିରୁ ଏତୁଟିଏ କଲି ସିଏ ତ ଶେଷବେଳକୁ ନାହିଁ ମୋ ପାଖରେ । ଏ ଅବୋଧ ଶିଶୁ କି' ବା ସାନ୍ତ୍ୱନା ଦେବ ମତେ ? କହିଲେ ଆଉ ପେଜୁଆ ଆଖିରୁ ନିଗାଡି ପକାଇଲେ ଧାରଧାର ଲୁହ । ମଧୁସୂଦନ ଉଠିଯାଇ ସେ ଲୁହ ପୋଛିଦେଲେ କାନ୍ଧପକା ନାଲି ଗାମୁଛାରେ ।

ମହାଦେବଙ୍କ ଆଖି ଚତୁର୍ଦ୍ଦିଗରେ ପୁନର୍ବାର ଖୋଜିଲାଗିଲା ସେଇ ଗୌରାଙ୍ଗ, କୋମଳ ଓ ସୁଦର୍ଶନ ମୁହଁଟିକୁ । ପ୍ରାଣପକ୍ଷୀ ବିକଳ ହେଲା । ଥରଟିଏ କେମିତି କେଉଁ କୁହୁକ ବଳରେ ମୁହୂର୍ତ୍ତକ ପାଇଁ ଦେଖିପାରନ୍ତେନି କୁଞ୍ଜବିହାରୀଙ୍କୁ ?

ନିସ୍ତେଜ ହେଇ ଆଖି ମୁଦିଲେ ମହାଦେବ ।

ତିନିଦିନ ତଳେ ପୁତ୍ର ମଧୁସୂଦନଙ୍କୁ ଡାକି କହିଥିଲେ- ଅରକ୍ଷିତ, ହିନ୍ଦୁଶାସ୍ତ୍ର ମତେ ମୁଁ ଦାନ ଦେବାର ବ୍ୟବସ୍ଥା କର ।

ଅଗତ୍ୟା ବ୍ରାହ୍ମଣ ଡାକି ସେ କାର୍ଯ୍ୟ ସଂପାଦନ କରିଥିଲେ ମଧୁସୂଦନ । ପଞ୍ଚଦାନ- ପାତ୍ର, ବସ୍ତ୍ର, ଭୂମି, ଅନ୍ନ, ଶାଳଗ୍ରାମ ଓ ମହାପ୍ରସାଦ - ନିଜେ ଖଟରୁ ତଳକୁ ଓହ୍ଲାଇ ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ ମହାଦେବ । ସାଥିରେ ଯଥାସାଧ୍ୟ ଦକ୍ଷିଣା ମଧ୍ୟ ।



Digitized by srujanika@gmail.com

ସେ ପର୍ଯ୍ୟନ୍ତ କ୍ଷୀର ପିଇବା, ଦନ୍ତ ମାର୍ଜନ କରିବା, ଲୁଗା ବଦଳିବା ଇତ୍ୟାଦି ନିଜର ସମସ୍ତ କାର୍ଯ୍ୟ ନିଜେନିଜେ କରୁଥିଲେ । ଦାନ ଦେବାର ଠିକ୍ ପରେପରେ ଆଉ ଉଠିପାରିନଥିଲେ ବିଛଣାରୁ । ପରଦିନଠାରୁ ହେଲେ ଆଧାର ରହିତ । ମଧୁସୂଦନ ଏବଂ ଦେବେନ୍ଦ୍ରନାଥ ଉଭୟ ଜବରଦସ୍ତ ମିଶ୍ରିପାଣି ଢ଼ାଳୁଥିଲେ ତାଙ୍କ ମୁହଁରେ । ସେ ଜଳ କିନ୍ତୁ ବହି ଆସୁଥିଲା ଓଠ କଡ ଦେଇ । ଶେଷ ପର୍ଯ୍ୟନ୍ତ ପଞ୍ଚଭୂତରେ ଲୀନ ହେଲେ ମହାଦେବ । ଘରର ସଦସ୍ୟମାନଙ୍କର କାନ୍ଦଣାର ସ୍ୱରରେ ଗାଁ'ଦାଣ୍ଡ ହେଇଉଠିଲା କାରୁଣ୍ୟମୟ ।

ପ୍ରଚୁର ସଂପତ୍ତିବାନ୍ ମହାଦେବଙ୍କ ପ୍ରତି ଅପେକ୍ଷାକୃତ ଦରିଦ୍ର କୁଟୁମ୍ବମାନେ ଥିଲେ ଈର୍ଷାତୁର । ଗାଁ'ର ପ୍ରତ୍ୟେକ କୁଟୁମ୍ବ ଘରକୁ ଖବର ଦିଆଗଲା । ତନ୍ମଧ୍ୟରୁ ଦୁଇଜଣ ବୟୋବୃଦ୍ଧ ବ୍ୟକ୍ତି ଗ୍ରାମବାସୀମାନଙ୍କୁ ମତାଇ ମସୁଧା କଲେ ଶବଦାହକୁ ନ ଆସିବାକୁ, କିମ୍ବା କୌଣସି ପ୍ରକାର ସାହାଯ୍ୟ ନ ଦେବାକୁ । ଜଣଙ୍କର ପତ୍ନୀଙ୍କୁ, ତାଙ୍କର ଶେଷ ଯାତ୍ରା ବେଳେ ମଧୁସୂଦନ କାନ୍ଧ ଦେଇଥିଲେ, ସେ କଥା ସିଏ ସଂପୂର୍ଣ୍ଣ ରୂପେ ଭୁଲିଯାଇଥିଲେ ।

ମଧୁସୂଦନ ଥିଲେ ରାଗୀ ଓ ଜିଦ୍‌ଖୋର୍ ମଣିଷ । ଆଖିରୁ ଲୁହ ପୋଛି କହିଲେ - କେହି ଆସିବା ଦରକାର ନାହିଁ । ମୁଁ ଓ ଦେବେନ୍ଦ୍ରମିଶି, ଦୁଇଜଣ ହଳିଆଙ୍କ ସହାୟତାରେ ବୋହି ନେଇଯିବୁ ବାପାଙ୍କୁ । ଶେଷ ପର୍ଯ୍ୟନ୍ତ ଅବଶ୍ୟ ତାହା ହୋଇନଥିଲା । ଧୀରେଧୀରେ ଗୋଟିଗୋଟି ହେଇ ଦୁଆର ମୁହଁରେ ଆସି ଠିଆ ହେଇଥିଲେ ଅଗଣିତ ଗ୍ରାମବାସୀ- ମହାଦେବଙ୍କୁ ରୀତିମତ୍ ଶ୍ରଦ୍ଧା କରୁଥିବା କେତୋଟି ଜ୍ଞାତିପୁତ୍ର ମଧ୍ୟ ।

ମହାଦେବଙ୍କର ଶୁଭଚିନ୍ତକଙ୍କ ମଧ୍ୟରେ ଶ୍ରୀ ବାଜ ପଣ୍ଡା ଓ ଶ୍ରୀ ବନମାଳୀ ପଣ୍ଡା ନାମକ ଦୁଇଜଣ ପଡୋଶୀଙ୍କର ସାହଚର୍ଯ୍ୟ ଥିଲା ଉଲ୍ଲେଖଯୋଗ୍ୟ । ବନମାଳୀଙ୍କର ଗ୍ରାମବାସୀମାନଙ୍କ ଉପରେ ରାଗ ଥିଲା । ତାଙ୍କର ବାଲ୍ୟବିବାହ କରିଥିବା କନ୍ୟାଟି ଶୈଶବରେ ବିଧବା ହୋଇଥିଲା ଏବଂ ବନମାଳୀ ତାହାର ପୁନର୍ବିବାହ କରାଇଥିବା ହେତୁ ଗ୍ରାମବାସୀମାନେ ତାଙ୍କୁ ଏକଘରକିଆ କରିଥିଲେ । ବନମାଳୀ ଆସି କାର୍ଯ୍ୟରେ ସାମିଲ୍ ହୋଇଥିବା ହେତୁ ଗ୍ରାମବାସୀମାନଙ୍କର କ୍ରୋଧ ଦ୍ୱିଗୁଣିତ ହେଇଥିଲା । ଏକଘରକିଆ ହେଇଥିବା ଲୋକସହିତ ମଧୁସୂଦନ ସଂପର୍କ ରଖୁଥିବା ହେତୁ ଜ୍ଞାତି କୁଟୁମ୍ବମାନଙ୍କ ଛାତିରେ କୁହୁଳି ଲାଗିଲା କ୍ରୋଧ ଓ ପ୍ରତିଶୋଧର ଅଗ୍ନି । ମଧୁସୂଦନ କିନ୍ତୁ ଏ ସବୁ ପ୍ରାଚୀନ ସାମାଜିକ ପରଂପରା ପ୍ରତି ଥିଲେ ଅନାସକ୍ତ । ତାଙ୍କର ଚରମ ବିପତ୍ତିର ମୁହୂର୍ତ୍ତରେ ବନମାଳୀଙ୍କର ଉପସ୍ଥିତି ତଥା ଆଶ୍ୱାସନାକୁ ସାଦର ଗ୍ରହଣ କରିଥିଲେ ।

ଅବଶ୍ୟ ଶେଷପର୍ଯ୍ୟନ୍ତ ଗରଜିଲା ମେଘ ବରଷେ ନାହିଁ ରୀତିରେ, ମଧୁସୂଦନଙ୍କ କୌଣସି କାର୍ଯ୍ୟରେ ସହଯୋଗ ନ କରିବାର ବୃଥା ଆସ୍ଫାଳନ କରୁଥିବା ବ୍ୟକ୍ତିଦ୍ୱୟ ଗ୍ରାମରେ ନିନ୍ଦିତ ହେବା ଭୟରେ, ଆପେଆପେ ନୀରବ ରହିଥିଲେ ଏବଂ ଅଗଣିତ ଶୁଭାକାଂକ୍ଷୀଙ୍କର ସହାୟତାରେ ମହାଦେବଙ୍କର ଶୁଦ୍ଧିକ୍ରିୟା ନିର୍ବିଘ୍ନରେ ସମାପନ ଲାଭ କରିଥିଲା ।



Digitized by srujanika@gmail.com

ଶୁଦ୍ଧିକ୍ରିୟାଟି ଅବଶ୍ୟ ହେଇଥିଲା ବେଶ୍ ଜାକଜମକରେ । ଏକାଦଶାହ ଦିନ ଭୋଜିରେ ପ୍ରାୟ ଏକହଜାର ବ୍ରାହ୍ମଣ ନିମନ୍ତ୍ରିତ ହୋଇଥିଲେ । ପରଶା ହେଇଥିଲା - ଅନ୍ନ ମହାପ୍ରସାଦ, ଡାଲି, ତରକାରୀ, ଗହମପଖାଳ, ଅମୃତକୁଣ୍ଡ, ବୁଟବ୍ୟଞ୍ଜନ, ମଣ୍ଡାକାକରା, ସୁଜିକ୍ଷୀରୀ, ଗହମକ୍ଷୀରୀ, ଚୁଡାପଖାଳ, ବସାଦହି, ଉଖୁଡା ଏବଂ ଆମ୍ବୁଲରାଇ । ପ୍ରତ୍ୟେକ ବ୍ରାହ୍ମଣଙ୍କୁ ବିଦାକୀ ଦିଆ ହେଇଥିଲା ଚାରିଅଣା କରି ।

ବସାଘର ପଲଙ୍କ ଶୂନ୍ୟ ହେଲା । ଶୂନ୍ୟ ହେଲା ହାତୀଆ ଚୌକି । ଅଜସ୍ର ତାଳପତ୍ର ପୋଥି ପଡିରହିଲା ଅଧାଲେଖା ହେଇ । ବସାଘର କୀଳାରେ ଟଙ୍ଗାହେଇ ରହିଲା ଏକଦା ମହାଦେବଙ୍କ ହାତଠେକାରେ ମଧୁର ତାଳ ତୋଳୁଥିବା ସାଲୁକନାବନ୍ଧା ମୃଦଙ୍ଗଟି ।

ମଧୁସୂଦନ, ଦେବେନ୍ଦ୍ରନାଥ ଓ ସୁରେଖା- ତିନିହେଁ ତିନୋଟି ଭିନ୍ନଭିନ୍ନ ପତ୍ର ଲେଖିଥିଲେ କୁଞ୍ଜବିହାରୀଙ୍କୁ । ମସୁଧା ଦେଲେ, ବିବ୍ରତ ନ ହୋଇ ପାଠପଢ଼ା କାର୍ଯ୍ୟରେ ମନୋନିବେଶ କରିବାକୁ ।

ସୀତାଙ୍କ ଆଖିରୁ ପାଣିଝରି ଲାଗିଲା ଅନବରତ । ଗୁମୁରି ଗୁମୁରି କାନ୍ଦୁଥିଲେ ସାରାକ୍ଷଣ । ମହାଦେବଙ୍କୁ ସୁମରୁଥିଲେ ଗୁଣୁଗୁଣୁ କରି । କଥାସବୁ ସ୍ପଷ୍ଟଭାବରେ ବାରି ହେଉନଥିଲା । ଖାଲି ରହିରହି କାନରେ ପଡୁଥିଲା ଦୁଇଟି ଶବ୍ଦ- ମୋ ରାଜା, ମୋ ରାଜା ।

ବଣିଆ ପୋଖରୀରେ ବୁଡପକାଇ ବନ୍ଧୁକୁଟୁମ୍ବ ନୂଆବସ୍ତ୍ର ପିନ୍ଧି ତିଳତର୍ପଣ କଲେ । କିଏ ଜଣେ ଆସି ବାଡେଇ ଭାଙ୍ଗିଦେଲା ସୀତାଙ୍କ ହାତର ସବୁଜ ରେଶମୀ ଚୁଡି, କପାଳରୁ ଲିଭେଇଦେଲା ଦପ୍‌ଦପ୍ ଝଟକୁଥିବା ଚାରିଣିଆ ଆକାରର ସିନ୍ଦୂର ବିନ୍ଦୁଟି । ସରୁ ତିନିକୋଣିଆ କପାଳରେ ସେ ସିନ୍ଦୂରବିନ୍ଦୁ ତଳର ଜାଗାଟି ଦିଶିଲା ଧୋବ ଫରଫର । ବର୍ଷବର୍ଷ ସିନ୍ଦୂରର ଆସ୍ତରଣ ତଳେ ରହି ତ୍ୱକ୍ ହରାଇଥିଲା ତା'ର ସ୍ୱାଭାବିକ ରଂଗ । କାହିଁ କେତେ କିଶୋରୀ ବୟସରେ ବଧୂ ହୋଇ ଆସିବା ଦିନଠାରୁ ସେ ସିନ୍ଦୂର ଲିଭିନଥିଲା ଆଦୌ । ଲିଭିଲା ଆଜି, ଏତେବର୍ଷ ପରେ ।

ଲୋକେ କହିଲେ ମହାଦେବ ଆଉ ନାହାନ୍ତି । ପୁତ୍ରକନ୍ୟା ତଥା ପୌତ୍ରପୌତ୍ରୀମାନଙ୍କ ପାଇଁ ମୃତ୍ୟୁପରେ ବି ବଞ୍ଚିରହିଲେ ମହାଦେବ । ବଞ୍ଚିରହିଲେ ସୀତାଙ୍କ କପାଳ ମଝିରେ ସୁଉକି ଆକାରର ଦାଗଟିଏ ହେଇ ।

●●●



Digitized by srujanika@gmail.com

## ॥ ୩୦ ॥

ପିତାଙ୍କର ମୃତ୍ୟୁଖବରର ଧକ୍‌କା ପୂର୍ଣ୍ଣରୂପେ ସମ୍ଭାଳିବା ପୂର୍ବରୁ, ସୁରେଖା, ମଧୁସୂଦନ ତଥା ଦେବେନ୍ଦ୍ରନାଥଙ୍କଠାରୁ ଏକାସାଥିରେ ତିନୋଟି ଚିଠି ପାଇଲେ କୁଞ୍ଜବିହାରୀ । ଅନ୍ୟ ଏକ ଦୁଃଖଦ ଖବରର, ବିପଦ ଘନେଇ ଆସୁଥିଲା ଗୋଟିକ ପରେ ଗୋଟିଏ । ମହାଦେବଙ୍କର ଦେହାନ୍ତର ମାସକ ଭିତରେ ସର୍ବସ୍ୱାନ୍ତ ହେଲେ ତ୍ରିପାଠୀ ପରିବାର ।

ଇନ୍‌କମ୍ ଟାକ୍ସ ଅଫିସରେ କାର୍ଯ୍ୟଥିବାରୁ ତିନିଦିନପାଇଁ ମଧୁସୂଦନ ଯାଇଥିଲେ କଟକ । ଗ୍ରାମର ସିନ୍ଦୁକଘରେ, ଯେଉଁଠାରେ କି ମହାଦେବଙ୍କର ଗଚ୍ଛିତ ସମର୍ଥ ଅର୍ଥ ତଥା ସୁନାରୂପା ମହଜୁଦ୍‌ଥିଲା, ବାହାରୁ ତାଲା ପକାଇଦେଇ ଆସିଥିଲେ । ତିନିଦିନ ପରେ କଟକରୁ ଫେରି ଯେତେବେଳେ କବାଟଟି ଖୋଲନ୍ତି, ଦେଖନ୍ତି କବାଟ ଭିତରୁ ବନ୍ଦ । ଘର ପଛପଟକୁ ଯାଇ ଦେଖନ୍ତି, ଆଟୁ ପଟା ଉଠା ହେଇ ଜଣେ ମଣିଷ ଅକ୍ଲେଶରେ ଗଳିଗଲାଭଳିଆ ଚାଳଉପରେ ଛିଦ୍ରଟିଏ । ମଧୁସୂଦନ ବୁଝିପାରିଲେ, ଚୋର ସେଇବାଟେ ଘରେ ପ୍ରବେଶ କରିଛି ଓ ମୁଖ୍ୟ କବାଟ ଭିତରୁ ବନ୍ଦ କରି ସମସ୍ତ ମୂଲ୍ୟବାନ ଅଳଙ୍କାର ତଥା ଅର୍ଥ ଆତ୍ମସାତ୍ କରିଛି । ସେଇ କଣାବାଟେ ମଧୁସୂଦନ ଘର ଭିତରେ ପଶି କବାଟ ଖୋଲିଲେ । ସାରା ଘର ଅସ୍ତବ୍ୟସ୍ତ । ସିନ୍ଦୁକର ତାଲା ଭଗ୍ନ ଓ ସିନ୍ଦୁକ ଶୂନ୍ୟ । ମହାଦେବଙ୍କର ବର୍ଷବର୍ଷ ଧରି ସାଇତା ସମସ୍ତ ସଂପତ୍ତି ଲୁଟ୍ ହେଇଯାଇଛି ।

ମଧୁସୂଦନ ବୁଝିପାରିଲେ - ଚୋର ନିଶ୍ଚିତ ଭାବରେ ଚିହ୍ନାଲୋକ । ଜାଣିଥିଲା ଯେ ମଧୁସୂଦନ ତିନିଦିନପାଇଁ ଅନୁପସ୍ଥିତ ରହିବେ । ଘରେ ରହିବେ କେବଳ ତିନୋଟି ଅସହାୟ ମହିଳା- ସୀତା, ସୁରେଖା ଏବଂ ମଧୁସୂଦନଙ୍କ ପତ୍ନୀ ହେମଲତା । ସ୍ୱାଭାବିକ ଭାବରେ, ପୂର୍ବରୁ ଶତ୍ରୁତା ଆଚରଣ କରୁଥିବା କେତୋଟି ବ୍ୟକ୍ତିବିଶେଷଙ୍କ ଉପରେ ସନ୍ଦେହ ହେଲା ମଧୁସୂଦନଙ୍କର । ତଦନ୍ତ କରିବାକୁ ବାଙ୍କିଗଡରୁ ପୋଲିସ ଅଫିସର କେତେଜଣ ଆସିଲେ ମଧ୍ୟ । କିନ୍ତୁ ସନ୍ଦେହ ଉପୁଜୁଥିବା ଗ୍ରାମବାସୀ କେତେଜଣଙ୍କ ଠାରୁ ଉତ୍କୋଚ ଗ୍ରହଣ କରି ଚୋରିଟିକୁ ମିଥ୍ୟାପ୍ରମାଣ କରିବାକୁ ଚେଷ୍ଟା କଲେ । ଜୁଡିସିଆଲ୍ ଇନ୍‌କ୍ୱାରୀ ପାଇଁ ମାଜିଷ୍ଟ୍ରେଟ୍‌ଙ୍କୁ ଗୁହାରି କଲେ ମଧୁସୂଦନ । ମାଜିଷ୍ଟ୍ରେଟ୍ ଅବଶ୍ୟ ନ୍ୟାୟସଙ୍ଗତ ରାୟ ଦେଇଥିଲେ - ସ୍ୱୀକାର କରିଥିଲେ ଯେ ଅନୁସନ୍ଧାନରୁ ସ୍ପଷ୍ଟ ଜଣାପଡୁଛି ଯେ ଚୋରି ଘଟଣାଟି ସତ୍ୟ । କାଗଜ କଲମରେ ମଧୁସୂଦନଙ୍କୁ ନ୍ୟାୟ ମିଳିଥିଲା ସତ, ହେଲେ ଚୋର ଧରା ପଡିଲେ ନାହିଁ କିମ୍ବା ଚୋରି ଯାଇଥିବା ଜିନିଷ କିଛି ଉଦ୍ଧାର କରାଯାଇ ପାରିଲାନି । କେବଳ ଭୂସଂପତ୍ତି ବ୍ୟତୀତ ପିତୃଅର୍ଜିତ ସମସ୍ତ ଧନରାଶି ତଥା ଅଳଙ୍କାର ସର୍ବସ୍ୱ ହରାଇଲେ ମହାଦେବଙ୍କର ସନ୍ତାନମାନେ ।



Digitized by srujanika@gmail.com

ମୁଣ୍ଡ ଉପରେ ଯେମିତି ବଜ୍ରପାତ ହେଲା ମଧୁସୂଦନଙ୍କର । ସୀତାଦେବୀ ନିର୍ବାକ୍ । ସୁରେଖା ମଥା ପିଟିଲେ । ଗୋଟିକ ପରେ ଗୋଟିଏ ଦୁର୍ଘଟଣାର ଖବର ପାଇ ଦୂର ବିଦେଶରେ କୁଞ୍ଜବିହାରୀ ହେଇଉଠିଲେ ମ୍ରିୟମାଣ ।

ମଧୁସୂଦନଙ୍କ ଚିଠିରୁ ଜାଣିପାରିଲେ ଗ୍ରାମରେ ତାଙ୍କ ଘରର ଅବସ୍ଥା ବର୍ତ୍ତମାନ ଶୋଚନୀୟ । ହେମଲତା ଘୋରତର ଭାବରେ ଅଫିମ ନିଶାର ଶିକାର । ପିତାଙ୍କର ମୃତ୍ୟୁ ତଥା ଘରର ଚୋରି ପରେପରେ ସୀତାଦେବୀ ଏକପ୍ରକାର ମୂକ ପାଲଟି ଯାଇଛନ୍ତି । କେବଳ କୁଞ୍ଜବିହାରୀଙ୍କର ଚାରୋଟି ସନ୍ତାନଙ୍କୁ ଦେଖିଲେ ସାମାନ୍ୟ ଖୁସିର ଝଲକ ଦେଖାଯାଏ ତାଙ୍କ ମୁହଁରେ । ବାରମ୍ବାର ପଚାରୁଛନ୍ତି । – ବାବୁ କେବେ ଆସିବ ବିଲାତରୁ ? ପୁତ୍ରବଧୂ ସୁରେଖା ଗ୍ରାମରେ ଥିବା ହେତୁ ସୀତାଙ୍କୁ ସମ୍ଭାଳି ନେଉଛନ୍ତି । ଖାଦ୍ୟ ଖାଇବାକୁ ନାମଙ୍ଗ ହେଉଥିବା ସୀତାଙ୍କୁ କେବଳ ସୁରେଖା ହିଁ ବୁଝେଇ ଶୁଝେଇ ଖୁଆଇ ଦିଅନ୍ତି ଦୁଇବେଳା । ଯା' ଭିତରେ ହରିରାଜପୁରରୁ ଶ୍ରୀ ମହାଦେବ ପଣ୍ଡା କିଛିଦିନ ପାଇଁ ଝିଅକୁ ନିଜପାଖକୁ ନେବାପାଇଁ ଶଗଡ ପଠାଇଥିଲେ । ସୀତା କିନ୍ତୁ ସୁରେଖାଙ୍କୁ ଛାଡିବାକୁ ମଙ୍ଗିଲେନି । କହିଲେ – ସିଏ ଗଲେ ମୁଁ ଆଉ ବଞ୍ଚିବିନି, ମରିଯିବି ।

ସୁଦୂର ଲଣ୍ଡନ୍‌ରେ ମଧୁସୂଦନଙ୍କ ଚିଠିଟି ପାଇ ସୁରେଖାଙ୍କ ପ୍ରତି ମନେମନେ କୃତଜ୍ଞତା ଜଣାଇଲେ କୁଞ୍ଜବିହାରୀ – ସୀତାଙ୍କର ଏତାଦୃଶ ସେବା କରୁଥିବା ହେତୁ । ହୃଦୟଙ୍ଗମ କଲେ- ପତ୍ନୀ ଚାରୋଟି ଶିଶୁ ସନ୍ତାନଙ୍କୁ ଧରି ଏଇ ସବୁ ଦୁର୍ବିପାକ ଭିତରେ ନିଜେ କଷ୍ଟ ପାଇଲେ ବି ଦିନେ ତାଙ୍କୁ ଫେରିଆସ ବୋଲି କହିଦେଇ ନାହାନ୍ତି । ସୁରେଖାଙ୍କ ପାଖରେ ଚିରଦିନ ପାଇଁ ଋଣୀ ହେଇ ରହିଗଲେ ସିଏ ।

ହଠାତ୍ ମନେହେଲା ପରିବାରଟିକୁ ଏକ୍‌ଲା ଛାଡି, ଏଇ ଦୂରବାଟକୁ ଦୀର୍ଘଦିନପାଇଁ ଆସିବା ବୋଧହୁଏ ଠିକ୍ ହେଲାନି ତାଙ୍କର । ଭାବିଲେ – ପି.ଏଚ୍.ଡି. ନ କରି କେବଳ ଏମ୍.ଏ କରି ଫେରିଯିବେ ଅବା । ତାହେଲେ କାମ ଜଲ୍‌ଦି ସରିଯିବ । ବହୁଦିନ ଧରି ବାହାରେ ରହିବାକୁ ପଡିବନି । ସୁରେଖା ଓ ଶିଶୁଚାରୋଟି ଗ୍ରାମ୍ୟ ପରିସ୍ଥିତିରେ ନିଜକୁ ଖାପ୍ ଖୁଆଇ ଚଳୁଛନ୍ତି ସତ । କିନ୍ତୁ ଏଇ ସବୁ ଦୁର୍ବିପାକ ଭିତରେ ସେମାନଙ୍କୁ ଏକୁଟିଆ ଛାଡି ଚାଲିଆସିବାଟା କେଜାଣି କାହିଁକି ଭାରି ସ୍ୱାର୍ଥପର ମନେହେଲା ନିଜକୁ ।

ଏହା ଭିତରେ କଲିକତା ବିଶ୍ୱବିଦ୍ୟାଳୟର ଡକ୍ଟର ସୁନୀତି କୁମାର ଚାଟାର୍ଜୀ ଲଣ୍ଡନ ଆସିଥିଲେ ଓ ତାଙ୍କ ସହିତ ସାକ୍ଷାତ ହେଇଥିଲା କୁଞ୍ଜବିହାରୀଙ୍କର । କଟକରୁ ତାଙ୍କ ପାଖକୁ ପତ୍ର ଲେଖିଥିବା ଯୁବକଟିକୁ ଦେଖି ସୁନୀତିକୁମାର ପ୍ରୀତ ହେଇଥିଲେ ଓ ପାରିବାରିକ ସମସ୍ୟା ହେତୁ ଯଦି କୁଞ୍ଜବିହାରୀ ଲଣ୍ଡନ ଛାଡି ତାଙ୍କ ଅଧୀନରେ ପି.ଏଚ୍.ଡି କରିବାକୁ ଚାହାନ୍ତି, ସିଏ ଖୁସିମନରେ ତାହାଙ୍କୁ ଗ୍ରହଣ କରିବେ ବୋଲି ଜଣାଇଥିଲେ ।

କୁଞ୍ଜବିହାରୀ ଦୁବିଧାରେ ପଡିଥିଲେ । ଗୋଟିଏ ପଟେ ଜ୍ଞାନର ତୃଷା । ଅପରପକ୍ଷରେ ପରିବାର ପାଇଁ କ୍ଲେଶ । ପତ୍ର ଲେଖିଥିଲେ ସୁରେଖାଙ୍କୁ-



Digitized by srujanika@gmail.com

"ଥାଆନ୍ତା ଯଦି ମୋର ବିହଙ୍ଗ ପକ୍ଷ
ଲଙ୍ଘି ଭୀଷଣ ଗିରି, ସମୁଦ୍ର ବକ୍ଷ
ଦେଖନ୍ତି ପ୍ରିୟଜନ ମୁଖ ସକଳ
ହୁଅନ୍ତା ଏ ସନ୍ତପ୍ତ ପ୍ରାଣ ଶୀତଳ ।"

ପତ୍ନୀଙ୍କୁ ଲେଖିଥିବା ସେହି ପତ୍ରରେ ନିଜମନର ଦ୍ୱନ୍ଦ୍ୱ ସ୍ପଷ୍ଟ ଭାବରେ ଜାହିର୍ କରିଥିଲେ କୁଞ୍ଜବିହାରୀ- ମୁଁ ଏମ୍.ଏ ପରୀକ୍ଷା ଦେବି ବା ପି.ଏଚ୍.ଡି ପରୀକ୍ଷା ଦେବି ତାହା ଏ ପର୍ଯ୍ୟନ୍ତ ଠିକ୍ ହେଇନାହିଁ । ଏମ୍.ଏ. ଡିଗ୍ରୀଠାରୁ ପି.ଏଚ୍.ଡି ଡିଗ୍ରୀର ମୂଲ୍ୟ ଅଧିକ । ଏମ୍.ଏ ପରୀକ୍ଷା ଆସନ୍ତା ଜୁନ ମାସରେ ଶେଷ ହେଇଯିବ । ପି.ଏଚ୍.ଡିରେ ଏମ୍.ଏ ଅପେକ୍ଷା ଅଧିକ ସମୟ ଲାଗିବାର ସମ୍ଭାବନା । ତମ୍ବାପଟା, ସନନ୍ଦ, ପଥରଖୋଳା ପୁରୁଣାଲେଖା ଇତ୍ୟାଦି ସଂଗ୍ରହ କରି ଆଲୋଚନା କରିବାକୁ ହେବ । ଏଇ ପ୍ରବନ୍ଧ ଲେଖି କଲିକତାରୁ ପି.ଏଚ୍.ଡି ନେଇ ହୁଅନ୍ତା । କାରଣ କଲିକତାର ବଡ ପ୍ରଫେସର ସୁନୀତିବାବୁ ଗତ କେତେମାସ ତଳେ ଏଠାକୁ ଆସିଥିବା ବେଳେ ମୋତେ ଯଥାଶକ୍ତି ସାହାଯ୍ୟ କରିବାକୁ କହିଲେ । ଲଣ୍ଡନ ଆସିବା ପୂର୍ବରୁ ଏହାଙ୍କ ଅଧୀନରେ କାର୍ଯ୍ୟକରି ପି.ଏଚ୍.ଡି ପରୀକ୍ଷା ଦେବା ପାଇଁ ଇଏ ମତେ କଟକକୁ ଚିଠି ଦେଇଥିଲେ ।

ସନ୍ତାନମାନଙ୍କର ଗୁରୁଭାର ପତ୍ନୀଙ୍କର ଉପରେ ନ୍ୟସ୍ତ କରିଦେଇ ପାଠପଢ଼ାରେ ମଗ୍ନଥିବା କୁଞ୍ଜବିହାରୀଙ୍କର ମାନସିକ ଅବସାଦ ସୁରେଖା ଟେର୍ ପାଇଲେ ଚିଠିଟିରୁ । କୁଞ୍ଜବିହାରୀଙ୍କୁ ଆଶ୍ୱାସନା ଦେଇ ପତ୍ର ଲେଖିଲେ- ଏମ୍.ଏ ପରୀକ୍ଷା ଅପେକ୍ଷା ପି.ଏଚ୍.ଡି ପରୀକ୍ଷା ଦେଲେ ଭଲ ହୁଅନ୍ତା ବୋଲି ମୋର ଆଶା । ଆପଣ ଯେଉଁ ବିଷୟକୁ ଭଲପାଆନ୍ତି, ସେହି ବିଷୟରେ ପରୀକ୍ଷା ଦେବା ଉଚିତ୍ । କଅଣ ଠିକ୍ କରିଛନ୍ତି ଫେରନ୍ତା ଡାକରେ ଲେଖିବେ । ଆପଣ ଘର ବିଷୟ କିଛି ଭାବିବେ ନାହିଁ । ତାହାଦ୍ୱାରା ପାଠପଢ଼ା କ୍ଷତି ହେଇପାରେ ।

ସୁରେଖାଙ୍କର ଚିଠିଟି କୁଞ୍ଜବିହାରୀଙ୍କ ମନରେ ଉଭୟ ଆସ୍ଥା ଓ ଆତ୍ମପ୍ରତ୍ୟୟ ଆଣିଦେଲା । ସୁରେଖା ମୁଖ୍ୟତଃ ଗ୍ରାମ୍ୟବାଳିକା, ତେବେ ବି ସ୍ୱାମୀ ଗର୍ବରେ ଗରବିଣୀ । ନିଜେ କଷ୍ଟ ସହି ଏକୁଟିଆ ରହିବାକୁ ପ୍ରସ୍ତୁତ । କିନ୍ତୁ ଚାହାନ୍ତି ବେଶୀ ସମୟ ଲାଗୁ ପଛେ, ସ୍ୱାମୀ ପି.ଏଚ୍.ଡି କରି ଫେରନ୍ତୁ । ସୁରେଖାଙ୍କ ପ୍ରତି କୁଞ୍ଜବିହାରୀଙ୍କ ମନ ଶ୍ରଦ୍ଧାମୟ ହେଇଉଠିଲା । ଫେରନ୍ତା ଡାକରେ ଜଣାଇଲେ ସୁରେଖାଙ୍କୁ "ଗ୍ରାମର ଅନ୍ୟମାନଙ୍କ ସହିତ ଭଲରେ ଚଳି, ଗୃହର କର୍ତ୍ତବ୍ୟ ଏବଂ ମା'ଙ୍କର ସେବା କରି ତୁମ୍ଭେ ନିଜର କର୍ତ୍ତବ୍ୟ କରୁଥିଲେ, ମୁଁ ଏଠାରେ ମୋର କର୍ତ୍ତବ୍ୟ ଯଥାସାଧ୍ୟ ଶୀଘ୍ର ଶେଷ କରିବି । ଯେତେଦୂର ସମ୍ଭବ ମୁଁ ଏଠାରୁ ପି.ଏଚ୍.ଡି କରି ଫେରିବାର ଆଶା ।"

ଏହାପରେ ପି.ଏଚ୍.ଡି କରି ଆସିବାର ସଂକଳ୍ପ ଦୃଢ଼ତର ହେଇଉଠିଲା କୁଞ୍ଜବିହାରୀଙ୍କ ମନରେ ।

●●●



Digitized by srujanika@gmail.com

## ॥ ୩୧ ॥

ଓଡିଶା ସରକାର କୁଞ୍ଜବିହାରୀଙ୍କୁ ପଠାଇଥିଲେ ଭାଷାତତ୍ତ୍ୱରେ ଗବେଷଣା ଲାଗି । ବିଷୟବସ୍ତୁ ତେଣୁ ସେ ବାଛିଲେ - ଓଡିଆ ଭାଷାର ବିବର୍ତ୍ତନ ଏବଂ ଓଡିଆ ଶିଳାଲେଖମାନଙ୍କ ପାଠୋଦ୍ଧାର ତଥା ଭାଷାତାତ୍ତ୍ୱିକ ବିବରଣୀ । ଦିଗ୍‌ଦର୍ଶକ ହେଲେ ଭାଷାତତ୍ତ୍ୱବିଦ୍ ଆଲଫ୍ରେଡ୍ ମାଷ୍ଟର ଏବଂ ପ୍ରଫେସର ଡକ୍ଟର ବ୍ରାଫ୍ ।

ସନ୍ଦର୍ଭର ବିଷୟବସ୍ତୁଟି ବେଶ୍ ଜଟିଳ ଥିଲା । ଆଠମାସ କାଳ ପ୍ରାକ୍ ଗବେଷଣା ଲାଗି ଉଦ୍ଦିଷ୍ଟ ସଂସ୍କୃତ, ହିନ୍ଦୀ, କାନାଡା, ଇଂରାଜୀ ଫୋନେଟିକ୍‌ସ, ପ୍ରାକୃତ ବ୍ୟାକରଣ, ସାଧାରଣ ଭାଷାତତ୍ତ୍ୱ ଏବଂ ଇଣ୍ଡୋ ୟୁରୋପୀୟ ଭାଷାତତ୍ତ୍ୱ ଶ୍ରେଣୀରେ ଯୋଗଦାନ କରି ଏସବୁ ବିଷୟରେ ଅଧ୍ୟୟନ କରିବାକୁ ପଡିଥିଲା । ଏତାଦୃଶ ଗଭୀର ଅନୁଶୀଳନ ପରେ ଆରମ୍ଭ ହୋଇଥିଲା ସନ୍ଦର୍ଭ ଲେଖାର ପ୍ରସ୍ତୁତିପର୍ବ ।

ଆଲୋଚ୍ୟ ବିଷୟଟି ଥିଲା କଷ୍ଟକର ତଥା ପରିଶ୍ରମ ସାପେକ୍ଷ । ସେ ପର୍ଯ୍ୟନ୍ତ ଏହା ଉପରେ ଓଡିଶାରେ ବିଶେଷ କିଛି କାର୍ଯ୍ୟ ବା ଗବେଷଣା ହୋଇନଥିଲା । କୁଞ୍ଜବିହାରୀ ମନସ୍ଥ କଲେ ଊଣିଶଶହ ପଚାଶ ମସିହା ପର୍ଯ୍ୟନ୍ତ ଲିଖିତ ସମସ୍ତ ଖୋଦିତ ଲେଖ ପାଠୋଦ୍ଧାର କରିବେ ଓ ତାହା ଉପରେ ଭାଷାତାତ୍ତ୍ୱିକ ଟିପ୍ପଣୀ ଦେବେ । ସେ ଯାବତ୍ ଆବିଷ୍କୃତ ହୋଇଥିବା ସମସ୍ତ ଖୋଦିତ ଲେଖର ନିର୍ଘଣ୍ଟ ପ୍ରଥମେ ପ୍ରସ୍ତୁତ କରିବାକୁ ପଡିଥିଲା । ତନ୍ନତନ୍ନ କରି ପରୀକ୍ଷା କରିବାକୁ ପଡିଲା ବିଭିନ୍ନ ପୁରାତନ ପୁସ୍ତକ ତଥା ପତ୍ରପତ୍ରିକା, ଖାସ୍ କରି ଜର୍ଣ୍ଣାଲ୍ ଅଫ୍ ଏସିଆଟିକ୍ ସୋସାଇଟି, ଇଣ୍ଡିଆନ୍ ଆଣ୍ଟିକ୍ୱେରୀ, ଇଣ୍ଡିଆନ୍ ହିଷ୍ଟରିକାଲ୍ କ୍ୱାର୍ଟରଲି, ଆଣ୍ଟିକ୍ୱିଟ୍‌ସ ଅଫ ଓଡ଼ିଶା, ଆନ୍ଧ୍ର ହିଷ୍ଟରିକାଲ ରିସର୍ଚ୍ଚ ସୋସାଇଟି ଜର୍ଣ୍ଣାଲ ଏବଂ ଆନୁଆଲ୍ ରିପୋର୍ଟ ଅଫ ସାଉଥ୍ ଇଣ୍ଡିଆନ୍ ଏପିଗ୍ରାଫି ଇତ୍ୟାଦି ।

ପାଠୋଦ୍ଧାର ପାଇଁ ଶିଳାଲେଖର ତାଲିକା ପ୍ରସ୍ତୁତ ହେଇଗଲା ସତ, କିନ୍ତୁ ଲଣ୍ଡନରେ ବସି ଏ ସବୁ ଲେଖର କପି ସିଏ ପାଇବେ କେମିତି ? ଦିଗ୍‌ଦର୍ଶକ ପ୍ରାଚ୍ୟ ଭାଷାତତ୍ତ୍ୱବିଦ୍ ଏ. ମାଷ୍ଟରଙ୍କୁ କଥାଟି ଯାଇ କହିଥିଲେ କୁଞ୍ଜବିହାରୀ ।

- ବ୍ୟସ୍ତ ହେବାର କାରଣ ନାହିଁ । ମୁଁ ଉଟକାମଣ୍ଡସ୍ଥିତ ଭାରତ ସରକାରଙ୍କ ଏପିଗ୍ରାଫିଷ୍ଟ ଅଫିସ୍‌କୁ ନିବେଦନ କରିବି, ସେମାନେ ଶିଳାଲେଖ ଗୁଡିକର ଛାପା ତୁମପାଖକୁ



Digitized by srujanika@gmail.com

ପଠାଇଦେବେ । ଅଧ୍ୟାପକ ମାଷ୍ଟର ସାନ୍ତ୍ୱନା ଦେଇ କହିଲେ । ଚିଠି ମଧ୍ୟ ଏ ସଂପର୍କରେ ଲେଖିଲେ ଭାରତ ସରକାରଙ୍କୁ । ଭାରତ ସରକାର ତୁରନ୍ତ ଶିଳାଲେଖ ଗୁଡିକର କପି ପଠାଇଦେଲେ କୁଞ୍ଜବିହାରୀଙ୍କ ପାଖକୁ । ତନ୍ମଧ୍ୟରୁ ଅଠରଶହ ଅନେଶ୍ୱତ ମସିହା ପୂର୍ବରୁ ଶ୍ରୀ ଜଗନ୍ନାଥ ମନ୍ଦିର ତଥା ଲିଙ୍ଗରାଜ ମନ୍ଦିରର ପ୍ରସ୍ତର ଫଳକମାନଙ୍କରେ ଖୋଦିତ ଲେଖାସବୁ ମଧ୍ୟ ସାମିଲ୍ ଥିଲା । ଏତଦ୍ ବ୍ୟତୀତ ଓଡିଶା ମ୍ୟୁଜିୟମ୍‌ର ଆନୁକୂଲ୍ୟରେ ଲିଙ୍ଗରାଜ ମନ୍ଦିରର ଆଉ ଦୁଇଟି ଶିଳାଲେଖର ଛାପା ମଧ୍ୟ କୁଞ୍ଜବିହାରୀ ପ୍ରାପ୍ତ ହୋଇଥିଲେ ।

ଓଡିଶାର ଗଙ୍ଗବଂଶୀୟ ଓ ସୂର୍ଯ୍ୟବଂଶୀୟ ନୃପତିମାନଙ୍କର ଖୋଦିତ ଲେଖା ସଂଗ୍ରହ କାର୍ଯ୍ୟରେ ବ୍ୟାପୃତ ଥିବା ସମୟରେ, ସେମାନଙ୍କ ଦ୍ୱାରା ଖୋଦିତ କେତୋଟି ତେଲୁଗୁ ଓ ତାମିଲ୍ ଲେଖା ମଧ୍ୟ ତାଙ୍କ ନଜରକୁ ଆସିଥିଲା । ଚମତ୍କୃତ ହେଉଥିଲେ କୁଞ୍ଜବିହାରୀ ଏ ଅଭିନବ ପ୍ରାପ୍ତିରେ । ଆଗ୍ରହରେ ଏସବୁ ଖୋଦିତ ଲେଖର ନକଲ ମଧ୍ୟ ରଖିଥିଲେ ନିଜପାଖରେ ।

ଅନେକ ସମୟ ଲାଗିଯାଇଥିଲା ଶିଳାଲେଖ ସଂଗ୍ରହର କାର୍ଯ୍ୟ ସମାପ୍ତ ହେବାପାଇଁ । ସର୍ବମୋଟ ଏକସ୍ତରୀଟି ଲେଖ ଥିଲା ତାଙ୍କର ତାଲିକାଭୁକ୍ତ । ତନ୍ମଧ୍ୟରୁ କେବଳ ତିନି ଚାରୋଟିର ପାଠୋଦ୍ଧାର ପୂର୍ବରୁ ହୋଇଥିଲା । ବାକି ସମସ୍ତ ଲେଖର ପାଠୋଦ୍ଧାର କୁଞ୍ଜବିହାରୀଙ୍କୁ କରିବାକୁ ପଡିବ । କରିବାକୁ ପଡିବ ପୂର୍ବରୁ ପାଠୋଦ୍ଧାର ହୋଇଥିବା କତିପୟ ଶିଳାଲେଖର ଆବଶ୍ୟକୀୟ ସଂଶୋଧନ ।

ପୂର୍ବରୁ ଅଜଣା ଏବଂ ଅପ୍ରକାଶିତ କେତୋଟି ଖୋଦିତ ଲେଖ ଯଥା ଉରଜାଂ ଲେଖ, କୋଣ୍ଡବିଡ ଲେଖ ପ୍ରଥମଥର ପାଇଁ ହାତକୁ ଆସିଛି । ଏ ସଂପର୍କରେ ଏ ଯାବତ୍ କେହି ଜାଣନ୍ତିନି । ଏହାର ପାଠୋଦ୍ଧାର କରିପାରିଲେ, ଭବିଷ୍ୟତରେ ଦେଶ ଓ ଜାତିର କଲ୍ୟାଣ ହେବ ନିଶ୍ଚୟ । ପ୍ରାରମ୍ଭିକ ପଠନରୁ ଯାହା ଜଣାପଡୁଛି, ଉରଜାଂ ହିଁ ବୋଧହୁଏ ପ୍ରଥମ ଓ ପ୍ରାଚୀନତମ ଓଡିଆ ଶିଳାଲେଖ । ସର୍ବ ପ୍ରଥମ ଓଡିଆ ଶିଳାଲେଖ ଆବିଷ୍କାର କରିବାର ସମ୍ଭାବନାରେ ଉତ୍‌ଫୁଲ୍ଲ ହୋଇଉଠିଲା କୁଞ୍ଜବିହାରୀଙ୍କ ମନ ।

·ଯବକାଚ ଧରି ଶିଳାଲେଖଗୁଡିକୁ ତନ୍ନତନ୍ନ କରି ପରୀକ୍ଷା କରୁଥିଲେ କୁଞ୍ଜବିହାରୀ । ଆଜି ସକାଳ ପ୍ରହରରୁ ଏଇ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଅଧିକାଂଶ ଶିଳାଲେଖର ଅକ୍ଷର ସବୁ ଲୁପ୍ତ ପ୍ରାୟ । ଅନେକ ସ୍ଥଳରେ ଖୋଦିତ ଅକ୍ଷରମାନ ପାଣିପବନ ତଥା ଝଡବାତ୍ୟାର ଦାଉରେ ଅସ୍ପଷ୍ଟ । ଘଣ୍ଟାଘଣ୍ଟା ଧରି ଧୈର୍ଯ୍ୟର ସହ ତାକୁ ପଢିବାପାଇଁ ଚେଷ୍ଟା କରିବାକୁ ପଡେ । ଭାଷା ମଧ୍ୟ ଚଳିତ କଥିତ ଓଡିଆ ଭାଷାଠାରୁ ଅଲଗା । ତାହାର ଅର୍ଥ ବୁଝି ତାହାର ପାଠୋଦ୍ଧାର କରିବା କିଛି ସହଜସାଧ୍ୟ କାମ ନୁହେଁ । ଅଜସ୍ର ଶିଳାଲିପି ତଥା ତମ୍ବାପଟା ଇତ୍ୟାଦିରେ ଖୋଦିତ ଲେଖରେ ଅଭିନିବେଶ କରି ଅନେକ ପରିମାଣରେ କ୍ଲାନ୍ତ ବୋଧ



Digitized by srujanika@gmail.com

କଲେ କୁଞ୍ଜବିହାରୀ । ଭାବିଲେ କିଛି ସମୟ ଯାଇ ନିକଟସ୍ଥ ପାର୍କରେ ପଦଚାରଣା କରି ଆସିବେ ।

ଲଣ୍ଡନରେ ଏମିତିରେ ପାଗ କୋହଲା । ପ୍ରାୟ ଦିନ ମେଘୁଆ- କେବେକେବେ କେମିତି ଝିପିଝିପି ବର୍ଷା ଲାଗିରହିଥାଏ । ଝରକା ବାଟେ ଚାହିଁ ଦେଖିଲେ ବାହାରେ ଉଜ୍ଜ୍ୱଳ ଅପରାହ୍ନ । ଫିକା ହଳଦିଆ ନରମ ଖରାରେ ସ୍ନାନରତ ସାରା ନଗରୀ । ଗରମ ସୁଟ୍ ପିନ୍ଧି ଘରୁ ବାହାରି ଆସିଲେ କୁଞ୍ଜବିହାରୀ ।

ରାସ୍ତାକଡରେ ଜୀର୍ଣ୍ଣ କୋଟ୍ ପିନ୍ଧା ରୁଗ୍ଣ ମଣିଷଟିଏ । କୁଞ୍ଜବିହାରୀ ଏ ଯାବତ୍ କୌଣସ ଭିଖାରୀକୁ ଦେଖିନଥିଲେ ଲଣ୍ଡନ୍‌ରେ । ଲୋକଟି ହାତ ବଢ଼ାଇ କୁଞ୍ଜବିହାରୀଙ୍କୁ କିଛି ସାହାଯ୍ୟ ଭିକ୍ଷା କଲା । ଅତ୍ୟନ୍ତ ଦରିଦ୍ର ତଥା ନିରାଶ୍ରୟ ମନେ ହେଲା ଲୋକଟିକୁ । କୁଞ୍ଜବିହାରୀ ପକେଟ୍‌ରେ ହାତ ପୂରାଇଲେ । କିଛି ଖୁଚୁରା ପଇସା ପଡିଛି, ସବୁତକ ପଇସା ବଢେଇଦେଲେ ଲୋକଟିର ହାତକୁ ।

ପାର୍କରେ ଅଜସ୍ର ମଣିଷଙ୍କ ଭିଡ । ମା' ମାନେ ସଦ୍ୟଫୁଟା ଗୋଲାପ ପରି ଦିଶୁଥିବା ସାନସାନ ଛୁଆମାନଙ୍କୁ ଚକଲଗା ଗାଡିରେ ବସାଇ ଠେଲିଠେଲି ନେଇଯାଉଛନ୍ତି । ଚତୁର୍ଦ୍ଦିଗରେ ସାନସାନ ଖେଳନ୍ତା ପିଲାମାନଙ୍କର କଳରବ । ସେମାନଙ୍କୁ ଦେଖି କୁଞ୍ଜବିହାରୀଙ୍କର ମନେପଡିଲା ନିଜ ସନ୍ତାନ ଚାରୋଟିଙ୍କର କଥା । କାହିଁ କେତେଦୂରରେ ଛାଡିଆସିଛନ୍ତି ତାଙ୍କୁ ! ସାତ ବର୍ଷର ଜ୍ୟେଷ୍ଠାକନ୍ୟାଟି ଚିଠିଲେଖା ଶିଖିଯାଇଛି ଯା ଭିତରେ, କି ସୁନ୍ଦର ଗୋଲ୍‌ଗୋଲ୍ ଅକ୍ଷରରେ ଚିଠିଟିଏ ଲେଖିଛି ତାଙ୍କୁ ।

କନ୍ୟାଟି ତାଙ୍କର ଭାରି ଚପଳା । ପାଟି ଫିଟିଥିଲା ବର୍ଷକ ଦିନୁ । ଅନବରତ କଥା କହୁଥାଏ । ସବୁଦିନ ଅପରାହ୍ନରେ ଉଚ୍ଚପିଣ୍ଡାରେ ବସି ତଳକୁ ଗୋଡ ଝୁଲାଇ କୁଞ୍ଜବିହାରୀ ତା' ପାଇଁ ଆଣି ଦେଇଥିବା ବଡବଡ ଅକ୍ଷରରେ ଲେଖା ଛବିଳ ଗୀତବହିରୁ ଗୀତଗାଏ । କୁଞ୍ଜବିହାରୀଙ୍କ ସାମ୍ନାରେ ଆସି ମୁଣ୍ଡ ହଲେଇ ହଲେଇ ଆବୃତ୍ତି କରି ଶୁଣାଏ ସେ ଗୀତକୁ । ସେ ଦୃଶ୍ୟ ମନେକରି ପୁଲକିତ ହେଲେ କୁଞ୍ଜବିହାରୀ । ପିଲାଳିଆ, ଅସମଞ୍ଜସ କଥାର ସେ କୁନି ଚିଠିଟି ମୁଖସ୍ଥ ହେଇଯାଇଛି କୁଞ୍ଜବିହାରୀଙ୍କର । ଝିଅ ଲେଖିଚି-

ମାନନୀୟ ବାପା, ମୋ'ର ନମସ୍କାର ଗ୍ରହଣ କରିବ । ଆମ୍ଭର ଏଠାରେ ସମସ୍ତେ ଭଲରେ ଅଛନ୍ତି । ମୁଁ ଭଲରେ ଅଛି, ଆମେ ସମସ୍ତେ ଭଲରେ ଅଛୁ । ଆପଣ କେଉଁଦିନ ଆସିବେ, ଏ ଚିଠିପାଇ ଆଉ ଖଣ୍ଡିଏ ଚିଠିରେ ଲେଖିଦେବେ । ଆଉ ଘରେ ସମସ୍ତେ ଭଲରେ ଅଛନ୍ତି ।

ଚିଠିଟି ମନେକରି ଫିକ୍ କରି ହସିଦେଲେ କୁଞ୍ଜବିହାରୀ । ପିଲାଳିଆ ଚମତ୍କାର ଚିଠିଟିଏ । ଝିଅ ଅପେକ୍ଷାକରି ବସିରହିଛି ବାପା କେବେ ଫେରିଆସିବେ ବୋଲି । କେବେ ସରିବ ଏଠାର କାମ ? କେବେ ଫେରିବେ କୁଞ୍ଜବିହାରୀ ।



Digitized by srujanika@gmail.com

ଜ୍ୟେଷ୍ଠପୁତ୍ରଟିର ଜନ୍ମରୁ ଦୁର୍ବଳ ସ୍ୱାସ୍ଥ୍ୟ । ତା ପାଇଁ ବହୁତବେଶୀ ଚିନ୍ତିତ ହୁଅନ୍ତି କୁଞ୍ଜବିହାରୀ । ଦ୍ୱିତୀୟା କନ୍ୟାଟି ସୁଧାର । ଗୋଲ୍‌ଗାଲ୍ ଗୋରା ତକ୍‌ତକ୍ ଝିଅଟିଏ । ମୁଣ୍ଡରେ ଗୋଛାଏ ବାଳ । ସର୍ବକନିଷ୍ଠ ସନ୍ତାନଟି ପୁତ୍ର । ସୁସ୍ଥସବଳ ସୁନ୍ଦର ଶିଶୁଟିଏ । ଲଣ୍ଡନ ଆସିଲାବେଳେ ମାତ୍ର ଆଠମାସର ହୋଇଥିଲା । ମନେ ପଡ଼ିଲା, କେତେ ରାତି କାନ୍ଧରେ ପକାଇ ଗୀତଗାଇ ଶୁଆଇଛନ୍ତି ତାକୁ ।

ସାମ୍‌ନାରେ କ୍ରୀଡାରତ ଶିଶୁମାନଙ୍କୁ ଦେଖି ସ୍ୱ ସନ୍ତାନମାନଙ୍କ ପାଇଁ ମନ ବିକଳ ହେଲା କୁଞ୍ଜବିହାରୀଙ୍କର । ଛାତିଭିତରେ ଏକ ଅବ୍ୟକ୍ତ ଯନ୍ତ୍ରଣା । କେମିତି ଥିବେ ପିଲାମାନେ ଗ୍ରାମ୍ୟ ପରିବେଶରେ ? କେମିତି ସମ୍ଭାଳୁଥିବେ ସେମାନଙ୍କୁ ସୁରେଖା ?

ଭାଇଭଉଣୀ ଯୋଡ଼ିଏ ହାତ ଧରାଧରି ହୋଇ ଦୌଡ଼ିଦୌଡ଼ି ଚାଲିଗଲେ ତାଙ୍କ ସାମ୍‌ନାରେ । କୁଞ୍ଜବିହାରୀଙ୍କର ମନେ ପଡ଼ିଲା ତାଙ୍କର ଶୈଶବ ଓ କୈଶୋର । ମନେପଡ଼ିଲା ସବା ସାନ ଗେହ୍ଲା ଭଉଣୀ ଶକୁନ୍ତଳାର ମୁହଁ । କଲେଜରୁ ଛୁଟିରେ ଆସିଲେ ଘରେ ପହଞ୍ଚି ଆଗ ତାକୁ କାଖେଇ ପକାଉଥିଲେ କୁଞ୍ଜବିହାରୀ । ଶ୍ୟାମଳବର୍ଣ୍ଣର ଗୋଲ୍ ମୁହଁ, ତୀଖ ନାକ, ଡାଳିମ୍ବ ମଞ୍ଜିପରି ସରୁସରୁ ଧୋବଫରଫର ଦାନ୍ତ, କଣ୍ଢେଇଟିଏ ପରି ଦିଶେ । କୁନ୍ତଳା ଚିଠିଟିଏ ଲେଖିଛି ଏବେ । ଦୀର୍ଘ ଚିଠିଟିଏ ଏବଂ ଚିଠି ଶେଷରେ ଗୁଞ୍ଜବିହାରୀଙ୍କୁ ସମ୍ବୋଧନ କରି ଗୀତଟିଏ ।

ଗୀତର କେତୋଟି ଧାଡ଼ି ମନେ ପଡ଼ିଗଲା କୁଞ୍ଜବିହାରୀଙ୍କର

ମୋ ପାଇଁ କା ଆଖିରୁ ବହିବ ଲୁହ

ଏ ଦୁଃଖୀପାଇଁ କିଏ ଭାବିବ କୁହ ହେ ମୋ ବାବୁ ନନା<br>
କାହା ପାଖରେ ମୁଁ କରିବି ଅଳି<br>
କିଏ ସେ ଦବଚିଜ ଭଳିକି ଭଳି<br>
କାନନ, ବିପିନ, ନଳିନୀ,ବନ<br>
ତାଙ୍କ ସଙ୍ଗତେ ମତେ କର ସମାନ<br>
ପାଠରେ ପାଶ୍ କରି ଆସିବ ଘର<br>
ଦୁଃଖୀ ମତେ ତୁମେ ନ କର ପର ହେ ମୋ ବାବୁ ନନା ।

ଗୀତଟି ପଢ଼ି ଆଶ୍ଚର୍ଯ୍ୟ ହୋଇଥିଲେ କୁଞ୍ଜବିହାରୀ । ତତ୍କାଳୀନ ପ୍ରଥା ଅନୁଯାୟୀ କୁନ୍ତଳା ବିଦ୍ୟାଳୟ ଯାଇନଥିଲେ । ତେବେ ପିତା ମହାଦେବଙ୍କ ପ୍ରଚେଷ୍ଟା ଫଳରେ ଗ୍ରାମ ଚାହାଳୀକୁ ଯାଇ ଅକ୍ଷରଶିକ୍ଷା ତଥା ବହି ପଢ଼ିବା ଇତ୍ୟାଦି ଉତ୍ତମ ରୂପେ କରିପାରୁଥିଲେ । ଗୀତ ଲେଖିବାର ପ୍ରବୃତ୍ତି ସିଏ ପାଇଲେ କେଉଁଠୁ ? ଜ୍ୟେଷ୍ଠଭ୍ରାତାଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ



Digitized by srujanika@gmail.com

ମମତା ସ୍ୱତଃସ୍ଫୁର୍ତ୍ତ ଭାବରେ କବିତା ମାଧ୍ୟମରେ ପ୍ରକାଶ ଲାଭ କରିଛି ନିଶ୍ଚୟ । କୁଞ୍ଜବିହାରୀ ଭାବିଲେ - ଗେହ୍ଲା ଭଉଣୀଟିର ତା' ଜୀବନକାଳ ଭିତରେ ଏଇ ବୋଧହୁଏ ପ୍ରଥମ ଓ ଶେଷ କବିତାଲେଖା ।

କୁନ୍ତଳା ଲେଖିଥିଲେ - ବାପା ଆମ୍ଭମାନଙ୍କୁ ଛାଡି ସଂସାରରୁ ଶେଷ ବିଦାୟ ନେବାର ବର୍ଷେ ହେଇଗଲା । ବାପା କହୁଥାଆନ୍ତି - ବାବୁ ଆସିଲେ ମୁଁ ଦେଖନ୍ତି । ମୋ ଜୀବ ଯାଆନ୍ତା।ଦାରୁଣ ବିଧାତା ସହିଲା ନାହିଁ । ଦଶରଥଙ୍କ ପରି ଝୁରିଝୁରି ତାଙ୍କର ଜୀବନଗଲା ।

କୁନ୍ତଳାଙ୍କର ଲେଖା କେଇପଦ କଥା ମନେକରି ଆଖିରେ ଲୁହ ଭର୍ତ୍ତି ହେଲା କୁଞ୍ଜବିହାରୀଙ୍କର । ପକେଟ୍‌ରୁ ରୁମାଲ୍ କାଢ଼ି ମୁହଁ ପୋଛିଲେ । ଏଭଳି ପିତା ପୃଥିବୀରେ ବିରଳ । ଦିନେ କେବେ ପଦଟିଏ ଉଚ୍ଚସ୍ୱରରେ କଥା କହିନାହାନ୍ତି କୁଞ୍ଜବିହାରୀଙ୍କୁ ।

ଆକାଶକୁ ଚାହିଁଲେ କୁଞ୍ଜବିହାରୀ, ଅନ୍ଧାର ହେଇ ଆସୁଛି । ଆକାଶରେ ଗୋଟିଏ ଦୁଇଟି ତାରା । ତନ୍ମଧ୍ୟରୁ ଗୋଟିଏ କଅଣ ବାପା ? ପ୍ରାଣାଧିକେଷୁ ପୁତ୍ରଟିକୁ ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି ? ବର୍ଷି ଯାଉଛନ୍ତି ବିଦେଶ ଭୂଇଁରେ ଆଶୀର୍ବାଦ ?

କୁଞ୍ଜବିହାରୀ ମନେମନେ ଉଚ୍ଚାରଣ କଲେ - ବାପା ମତେ କ୍ଷମା କରନ୍ତୁ । ଆପଣ ଦଶରଥଙ୍କ ପରି ମତେ ଝୁରିଝୁରି ପ୍ରାଣ ଦେଲେ, ମୁଁ କିନ୍ତୁ ଶେଷ ପର୍ଯ୍ୟନ୍ତ ରାମଚନ୍ଦ୍ରଙ୍କ ପରି ପୁତ୍ର ହେଇପାରିଲିନି ।

●●●



Digitized by srujanika@gmail.com

## ॥ ୩୨ ॥

ପ୍ରତ୍ୟହ ପାଠପଢ଼ାପାଇଁ ଯିବାକୁ ପଡେ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀକୁ । ବେଶ୍ କିଛି ସମୟ କଟିଯାଏ ସେଠାରେ । ମଝିରେ ମଝିରେ ତତ୍ତ୍ୱାବଧାରକ ଡକ୍ଟର ବ୍ରାଫ୍‌ଙ୍କ ସହିତ ସନ୍ଦର୍ଭ ସମ୍ବନ୍ଧରେ କିଛିକିଛି ଆଲୋଚନା । ସାରାଦିନର କାର୍ଯ୍ୟନିର୍ଘଣ୍ଟ ସତ୍ତ୍ୱେ ଆନିଷ୍ଟିଟ୍‌ସ୍ଥିତ ରୟାଲ୍ ଏସିଆଟିକ୍ ସୋସାଇଟିକୁ ମଧ୍ୟ ଯିବାକୁ ପଡେ କୁଞ୍ଜବିହାରୀଙ୍କୁ । ଗବେଷଣା ସଂପର୍କୀୟ ବହିପତ୍ର ବେଶ୍ ସହଜରେ ମିଳିଯାଏ ସେଠୁ । ଦୁଇଦିନ ତଳେ ଚିଠିଟିଏ ପାଇଛନ୍ତି ସେଠା ଅଫିସ୍‌ରୁ । ଗ୍ରେଟ୍ ବ୍ରିଟେନ୍ ଓ ଆୟର୍ଲାଣ୍ଡର ଶାଖା ରୟାଲ୍ ଏସିଆଟିକ୍ ସୋସାଇଟିର ଲାଇବ୍ରେରୀ ଆସୋସିଏଟ୍ ଭାବରେ ତାଙ୍କୁ ନିର୍ବାଚିତ କରାଯାଇଛି । ଏ ସବୁ କାର୍ଯ୍ୟଭାର ସମାଳିବା ଭିତରେ ଫିଲୋଲଜିକାଲ ସୋସାଇଟି କାଉନ୍‌ସିଲ୍‌ର ସଭ୍ୟ ହିସାବରେ ସେମାନଙ୍କର ବିଭିନ୍ନ ଅଧିବେଶନରେ ମଧ୍ୟ ସାମିଲ୍ ହେବାକୁ ପଡୁଥିଲା । ସୋସାଇଟିର ପ୍ରଫେସର ରାଲ୍‌ଫ ଟର୍ଣ୍ଣରଙ୍କର ଜ୍ଞାନପିପାସୁ ଭାରତୀୟ ଛାତ୍ରଟି ଅତ୍ୟନ୍ତ ପ୍ରିୟ ଥିଲେ । ଅଧ୍ୟାପକ ଟର୍ଣ୍ଣର ସେତେବେଳେ ଇଣ୍ଡୋ ଆର୍‌ୟାନ୍ ଡିକ୍ସନାରୀ ଲେଖିବାରେ ବ୍ୟସ୍ତ ଥିଲେ ଓ କୁଞ୍ଜବିହାରୀଙ୍କୁ ଅନେକ ଭାରତୀୟ ଓ ସଂସ୍କୃତ ଶବ୍ଦର ମୂଳରୂପ ସଂପର୍କରେ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂରୀକରଣ କରୁଥିଲେ ।

ଦିନପରେ ରାତି ଆସୁଥିଲା- ରାତି ପରେ ଦିନ । ବାହ୍ୟ ଜଗତ ପ୍ରତି କୁଞ୍ଜବିହାରୀ ଥିଲେ ସଂପୂର୍ଣ୍ଣରୂପେ ଉଦାସୀନ । ପାଠପଢ଼ାରେ ମଗ୍ନସମୟ ତକ ବାଦ୍ ଦେଲେ, କଦବା କେମିତି ସାନ୍ଧ୍ୟଭ୍ରମଣ । ଲଣ୍ଡନ୍ ପହଞ୍ଚି ସଞ୍ଚିତ ଟଙ୍କାରୁ କିଣି ନେଇଥିଲେ ସାନ ଟାଇପ୍ ମେସିନ୍‌ଟିଏ । ନିଜେ ନିଜେ ଟାଇପ୍ ଶିଖି ସନ୍ଦର୍ଭର ଖସଡା ପ୍ରସ୍ତୁତ କରୁଥିଲେ ସେଥିରେ । ଖଟଣି ଅପର୍ଯ୍ୟାପ୍ତ । ଈଶ୍ୱରଙ୍କ କୃପାରୁ ସ୍ୱାସ୍ଥ୍ୟର କୌଣସି ଅବନତି ଘଟିନଥିଲା । ମଝିରେ କେବଳ ଥରଟିଏ କିଛିଦିନ ପାଇଁ ଥଣ୍ଡାସର୍ଦ୍ଦି ଲାଗିରହିଥିଲା । ବିବ୍ରତ ହୋଇ ହାରୋ ରୋଡ୍‌ସ୍ଥିତ ପାଡିଙ୍ଗ୍‌ଟନ ହସ୍‌ପିଟାଲ୍‌ରେ ଯାଇ ଛାତି ଏକ୍ସରେ କରାଇଥିଲେ । ଡାକ୍ତର କହିଥିଲେ ସାଧାରଣ ଥଣ୍ଡାସର୍ଦ୍ଦି, ଜଳବାୟୁ ପରିବର୍ତ୍ତନ ହେତୁ ହେଉଛି - ଭୟର କୌଣସି କାରଣ ନାହିଁ ।

ଘରୁ ମଝିରେ ମଝିରେ ଚିଠି ପାଆନ୍ତି କୁଞ୍ଜବିହାରୀ । ସାନଭାଇ ଦେବେନ୍ଦ୍ର କଟକରୁ ଲେଖେ । ଲଣ୍ଡନ ଆସିବା ପୂର୍ବରୁ ଘରକୁ ବିଜୁଳି ଆଣିବାପାଇଁ ଦରଖାସ୍ତ ଦେଇଆସିଥିଲେ



Digitized by srujanika@gmail.com

କୁଞ୍ଜବିହାରୀ । ଦେବେନ୍ଦ୍ର ଲେଖିଛନ୍ତି- ଏବେ କୁଆଡେ ସାହିକୁ ବିଜୁଳିବତୀ ଆସିବାର ପ୍ରବନ୍ଧ ହେଉଛି । ଯାହାହେଉ, ଫେରିଗଲା ବେଳକୁ ଅନ୍ତତଃ ଘରେ ଆଉ ଲଣ୍ଠନ ଆଲୋକରେ ଅଧ୍ୟୟନ କରିବାକୁ ପଡିବନି ।

ସୁରେଖାଙ୍କର ଅବସ୍ଥିତି ଗାଁ'ରେ । ପିଲାମାନଙ୍କର ଶିକ୍ଷାର ଅବହେଳା ଯୋଗୁ ବେଶ୍ ଚିନ୍ତିତ ଓ ବିବ୍ରତ ସିଏ । କୁଞ୍ଜବିହାରୀ ଗ୍ରାମଠିକଣାରେ କେଇଦିନ ତଳେ ମଧୁସୂଦନଙ୍କୁ ଚିଠି ଲେଖିଥିଲେ । ଜ୍ୟେଷ୍ଠାକନ୍ୟା ତଥା ତା'ତଳ ପୁତ୍ରଟି ପାଇଁ ଟିଉଶନ ମାଷ୍ଟ୍ରଟିଏ ଯୋଗାଡ କରିବାପାଇଁ । ସେଥିପାଇଁ ସିଏ ଟଙ୍କା ପଠେଇବେ ବୋଲି ମଧ୍ୟ ଜଣାଇଥିଲେ । ମଧୁସୂଦନ ଲେଖିଥିଲେ ଗ୍ରାମାଞ୍ଚଳରେ ସହର ପରି ଟିଉସନ ମାଷ୍ଟ୍ର ମିଳିବା ଏତେ ସହଜସାଧ୍ୟ ନୁହେଁ । ସେଭଳି ପରଂପରା ମଧ୍ୟ ଗାଁ' ଗହଳରେ ନାହିଁ ।

କୁଞ୍ଜବିହାରୀ ଭାବିଲେ - କଟକରେ ପୂଜାରୀ ପଦ୍ମନାଭ ପିଲାଟି ସାକ୍ଷର ଥିଲା । ଥିଲା ଶିକ୍ଷିତ ଏବଂ ଘରର ସଦସ୍ୟ ପରି । ସିଏ ଗ୍ରାମରେ ଥିଲେ ପୁତ୍ରଟିକୁ ଅନ୍ତତଃ ବର୍ଣ୍ଣମାଳାର ପରିଚୟ କରାଇ ପାରିଥାଆନ୍ତା । କିନ୍ତୁ ତା'ଚିଠିରୁ ଯାହା ଜଣାପଡୁଛି କିଛି ମାସ ଗ୍ରାମରେ ରହିଲା ପରେ ସିଏ ଅସନ୍ତୁଷ୍ଟ ହେଇ ସ୍ୱ ବାସସ୍ଥଳୀକୁ ଫେରିଯାଇଛି । ଜଣାଇଥିଲା - ମହାଦେବଙ୍କ ଶୁଦ୍ଧଘରକୁ ତାକୁ ଲୁଗାଖଣ୍ଡିଏ ଦେବେ ବୋଲି କହି ଶେଷ ପର୍ଯ୍ୟନ୍ତ ଦେବେନ୍ଦ୍ରନାଥ କିମ୍ୱା ମଧୁସୂଦନ ତାହା ହେଲେନି । କଟକ ଅପେକ୍ଷା ଗ୍ରାମରେ ବିଲବାଡିର କାମ ବେଶି ପଡିବାରୁ ପାଉଣା କିଛି ବଢ଼ାଇବାକୁ ସେ କହିଥିଲା ଏବଂ ମଧୁସୂଦନ ସେଥିପାଇଁ ନାମଙ୍ଗ ହେଇଥିଲେ । ତେଣୁ ଏଇଭଳି ପରିସ୍ଥିତିରେ ଗାଁ'ରେ ପିଲାମାନଙ୍କ ସହିତ ରହିବାପାଇଁ କୁଞ୍ଜବିହାରୀଙ୍କ ଆଦେଶ ପାଳନ କରିବାରେ ସିଏ ଅସମର୍ଥ ।

ପଦ୍ମନାଭ ମନର ଅଭିମାନ କୁଞ୍ଜବିହାରୀ ବୁଝିପାରିଲେ । କିନ୍ତୁ ଏତେ ଦୂରରୁ କଅଣ ବା ସିଏ କରିପାରିବେ ଏ ସଂପର୍କରେ ? ପଦ୍ମନାଭର ଚିଠି ସଂପର୍କରେ ଜ୍ୟେଷ୍ଠଭ୍ରାତାଙ୍କୁ କିଛି ଲେଖିବା ଅସମୀଚୀନ ହେବ ନିଶ୍ଚୟ । ନୀରବ ରହିଲେ କୁଞ୍ଜବିହାରୀ, ପୁତ୍ରକନ୍ୟାଙ୍କ କଥା ଭାବି ମନ ବିକଳ ହେଲା କେବଳ । ଛଅ ସାତବର୍ଷର ଜ୍ୟେଷ୍ଠା କନ୍ୟାଟି କି ଚମତ୍କାର ଓଡିଆ ଲେଖି ପଢ଼ିପାରୁଥିଲା କଟକରେ । ସୁରେଖା ଜଣାଇଥିଲେ ସ୍କୁଲ୍ ନଥିବା ଗାଁ'ରେ ଏବେ ସାରାଦିନ ଏଠି ସେଠି ଘୂରିବୁଲେ । ତା'ତଳ ପୁତ୍ର ସନ୍ତାନଟିକୁ ପାଞ୍ଚବର୍ଷ ପାଖାପାଖି ହେଲେ ସୁଦ୍ଧା ଏ ଯାବତ୍ ବର୍ଣ୍ଣବୋଧ ବହିଟି ଦେଖିଲାନି । ଦେଢ଼ଶୁରଙ୍କ ସାମ୍ନାରେ ସୁରେଖା ମଧ୍ୟ ଥିଲେ ବିବଶ ।

ଯା' ଭିତରେ ମଝିରେ ଥରେ କଟକ ଆସିଥିଲେ ସୁରେଖା । କୁଞ୍ଜବିହାରୀ ତାଙ୍କ ଦରମାରୁ କିଛି ଟଙ୍କା ସେତେବେଳେ ପଠାଇଥିଲେ ପତ୍ନୀଙ୍କୁ । ସୁରେଖା ତାଙ୍କ ଚିଠିରେ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି ତାଙ୍କପାଖକୁ ଟଙ୍କା ପଠାଇବା ଲାଗି । ବିଗତ ଚିଠିଟିରେ



Digitized by srujanika@gmail.com

ଲେଖିଥିଲେ - ଆପଣ ବାରମ୍ବାର ମୋ' ପାଖକୁ ଟଙ୍କା ପଠାଇବେ ନାହିଁ। ଆପଣଙ୍କର ତେଣେ ଅସୁବିଧା ହେଉଥିବ। ଯଦି କିଛି ଦରକାର ହୁଏ, ତେବେ ଲେଖିଲେ, ମୋ' ପାଖରେ କିଛି ଟଙ୍କା ଅଛି, ତାହା ମୁଁ ପଠାଇବି।

ସୁରେଖାଙ୍କ ଚିଠିଟି ପଢ଼ି ମନଟି ଦ୍ରବୀଭୂତ ହେଇଥିଲା କୁଞ୍ଜବିହାରୀଙ୍କର। ସ୍ୱାମୀଙ୍କର ସ୍ୱଳ୍ପଦରମା ଭିତରେ ଦିନେ ଭଲ ଶାଢ଼ିଟିଏ କିଣି ପିନ୍ଧିନାହାନ୍ତି ସିଏ। ଘରଖର୍ଚ୍ଚରୁ ବଞ୍ଚାଇ କେତୋଟି ବା ଟଙ୍କା ରଖିଥିବେ? ତାକୁ ବି ପଠେଇଦବା ପାଇଁ ଲେଖିଛନ୍ତି।

କଟକରେ, ସରକାରଙ୍କ ତରଫରୁ ମିଳୁଥିବା ତାଙ୍କର ଅଧାଦରମା ଆଣିବାପାଇଁ ସାନଭାଇ ଦେବେନ୍ଦ୍ରନାଥଙ୍କୁ ଅଥରିଟି ସ୍ଲିପ୍ ଦେଇଆସିଥିଲେ। ପଦ୍ମନାଭ ଗ୍ରାମ ଛାଡ଼ିବା ପୂର୍ବରୁ ଲେଖିଥିଲା- ଦେବେନ୍ଦ୍ରବାବୁଙ୍କୁ ଲେଖିବେ ମା'ଙ୍କୁ ଆପଣଙ୍କ ଦରମାରୁ ପ୍ରତିମାସରେ ତିରିଶଟଙ୍କା ହାତଖର୍ଚ୍ଚ ଦେବେ। ଏକଥା ମୁଁ ଲେଖିଲି ବୋଲି ଦେବେନ୍ଦ୍ରବାବୁଙ୍କୁ କହିବେ ନାହିଁ। ପଦ୍ମନାଭ ଚିଠିରୁ ଯାହା ଜଣାପଡୁଛି, ସୁରେଖାଙ୍କ ପାଖରେ ନିତିଦିନିଆ ଖର୍ଚ୍ଚପାଇଁ ପଇସାପତ୍ର ବିଶେଷ କିଛି ନାହିଁ। ଦେବେନ୍ଦ୍ରନାଥ ମଧ୍ୟ ଜଣାଇଥିଲେ ଯେ ତାଙ୍କ ପ୍ରାପ୍ତ ଦରମାରୁ ଗ୍ରାମରେ ମଧୁସୂଦନ ମାସକୁ ଚାଳିଶଟଙ୍କା ନେବାପାଇଁ ଇଚ୍ଛୁକ।

କୁଞ୍ଜବିହାରୀ ବୁଝିପାରିଲେ - ଆର୍ଥିକ ଅନଟନ ତଥା ଅଭାବ ଭିତରେ ଚାରୋଟି ଶିଶୁଙ୍କୁ ନେଇ ସୁରେଖା ବ୍ୟତିବ୍ୟସ୍ତ ହେଇ ପଡୁଥିବେ ନିଶ୍ଚୟ। କୁଞ୍ଜବିହାରୀ ଚିଠି ଲେଖିଥିଲେ ତାଙ୍କୁ - ମୋର ଏଠାକାର ଦରମା ଓ ଭତ୍ତାମିଶି ମୁଁ ଯେଉଁ ଟଙ୍କା ପାଉଛି, ତହିଁରୁ ଅନ୍ତତଃ ପଚାଶଟଙ୍କା ପ୍ରତିମାସରେ ସ୍ୱଚ୍ଛନ୍ଦରେ ପଠାଇପାରିବି। ଦରକାର ହେଲେ ଅଧିକା ମଧ୍ୟ ପଠାଇବି। ତେଣୁ ଯାହା ଦରକାର ଦ୍ୱିଧା ନକରି ଲେଖିବ।

ସୁରେଖା ଦ୍ୱିଧା ନକରି ଜଣାଇଥିଲେ - ତାଙ୍କର ଟଙ୍କା ଦରକାର ନାହିଁ।

ଫିଲୋଲଜିକାଲ୍ ସୋସାଇଟିର ସଭାରୁ ଫେରୁଥିଲେ କୁଞ୍ଜବିହାରୀ। ରାତି ତା'ର ଅନ୍ଧକାରର ପକ୍ଷ ବିସ୍ତାର କରିବାକୁ ଆରମ୍ଭ କରିଛି। ପାଗ ମେଘୁଆ - ତହିଁରେ ଟିପିଟିପି ବର୍ଷଣ। ଲଣ୍ଡନ୍‌ର ଅନିଶ୍ଚିତ ମେଘ ମେଦୁର ପାଗକୁ ଦେଖି ଅବଶ୍ୟ ସର୍ବ ସମୟ ବାହାରକୁ ଗଲେ ଛତାଟିଏ ନେଇଯାଆନ୍ତି କୁଞ୍ଜବିହାରୀ। ଆଜିର କାର୍ଯ୍ୟକ୍ରମଟି ବେଶ୍ ମନକୁ ପାଇଥିଲା କୁଞ୍ଜବିହାରୀଙ୍କର। ପ୍ରଫେସର୍ ଏଲ୍.ଆର୍. ପାମର ଗ୍ରୀକ୍ ଭାଷା ଓ ସାହିତ୍ୟ ଉପରେ ଲେଖିଥିବା ସ୍ୱ ସନ୍ଦର୍ଭ ପାଠ କରିଥିଲେ। ଅନେକ ଗ୍ରୀକ୍ ଶବ୍ଦାବଳୀ ସହିତ ସଂସ୍କୃତ ଶବ୍ଦାବଳୀର ସାମଞ୍ଜସ୍ୟ ଅଛି। ଭାଷାବିଜ୍ଞାନ ବିଷୟବସ୍ତୁଟି ସତରେ ବଡ ବିଚିତ୍ର।

ପାମର ସାହେବଙ୍କର ପାଣ୍ଡିତ୍ୟପୂର୍ଣ୍ଣ ନିବନ୍ଧଟିକୁ ମନେପକାଇ ବାଟ ଚାଲୁଥିଲେ କୁଞ୍ଜବିହାରୀ, କିନ୍ତୁ କେଜାଣି କାହିଁକି ରହିରହି ମନ ବିଚଳିତ ହେଇଉଠୁଥିଲା। ମନେ



Digitized by srujanika@gmail.com

ପଡ଼ୁଥିଲା ସୁରେଖାଙ୍କର କଥା - ଅପ୍ରାପ୍ତ ବୟସ୍କ ଅବୋଧ ଚାରୋଟି ସନ୍ତାନଙ୍କର କଥା । ପିଲାମାନଙ୍କର ଶିକ୍ଷାଦୀକ୍ଷାର ବନ୍ଦୋବସ୍ତ ନ କରି ସୁରେଖାଙ୍କୁ ଏକ ପ୍ରକାର ସାହାହୀନ କରି ତରତର ହୋଇ ଚାଲିଆସିଲେ ଲଣ୍ଡନ । ସୁରେଖା କିନ୍ତୁ ତାଙ୍କ ଚିଠିରେ ଦିନେହେଲେ ବି ଦୋଷ ଦେଇନାହାନ୍ତି କୁଞ୍ଜବିହାରୀଙ୍କୁ ଏଥିପାଇଁ । ବରଂ ପ୍ରବୋଧନା ଦେଇଛନ୍ତି - ଘର କଥା ମନରୁ ଏଡାଇ ପାଠରେ ଅଭିନିବେଶ କରିବା ପାଇଁ ।

ସଂଯମୀ ପୁରୁଷ କୁଞ୍ଜବିହାରୀଙ୍କର ଆଖି ସଜଳ ହେଲା । ମନ ଭିତରେ ଅଜସ୍ର ଭାବନାର ଜଟ । ଅନେକଦିନ ହେଲା ଚିଠି ପାଇନାହାନ୍ତି ସୁରେଖାଙ୍କ ଠାରୁ । ମନ ବିବ୍ରତ । ଘରେ ପହଞ୍ଚି ପୋଷାକ ବଦଳାଇ ଚିଠି ଲେଖିବସିଲେ ସୁରେଖାଙ୍କୁ । କୁଞ୍ଜବିହାରୀ ଅଳ୍ପକଥାର ମଣିଷ । ସଜେଇ, ପୁଟ ଦେଇ କଥା କହିବା ତାଙ୍କୁ ଆସେନି । ତେବେ ବି ସିଧାସଳଖ ଭାବରେ ଲେଖା ତାଙ୍କ ଚିଠିର ଦୁଇଟି ଧାଡି, ଦୂରରେ ଛାଡି ଆସିଥିବା ତାଙ୍କର ପରିବାର ତଥା ପତ୍ନୀଙ୍କ ପାଇଁ ତାଙ୍କ ହୃଦୟର ଉତ୍କଣ୍ଠା ଜାହିର୍ କରିଗଲା ସ୍ପଷ୍ଟ ଭାବରେ- ପତ୍ର ଦେଇ ତୁମ୍ଭମାନଙ୍କର ଜବାବ୍ ଜଣେଇବାରେ ବିଳମ୍ବ ହେଲେ ମନରେ ଉଦ୍‌ବେଗ ଆସେ । କିପରି ଏଠାରୁ କାର୍ଯ୍ୟ ସରିଲେ କଟକ ଯିବି ସେଥିପାଇଁ ବଡ ଆକାଂକ୍ଷୀ ।

●●●



Digitized by srujanika@gmail.com

## ।। ୩୩ ।।

ପି.ଏଚ୍.ଡି କାମ ଅନେକ ଆଗେଇ ଯାଇଛି ଯା ଭିତରେ । ଏକତ୍ରିତ କରିଥିବା ଏକସ୍ତରିଟି ଶିଳାଲେଖର ପାଠୋଦ୍ଧାର କରିଛନ୍ତି କୁଞ୍ଜବିହାରୀ । ପୁରୀ ଜଗନ୍ନାଥ ମନ୍ଦିରର ଏକାଧିକ ଶିଳାଲେଖ ଓ ଲିଙ୍ଗରାଜ ମନ୍ଦିରରୁ ପ୍ରାପ୍ତ ଶିଳାଲେଖ ସମୂହର ପାଠୋଦ୍ଧାର କରି ଯଥେଷ୍ଟ ଆନନ୍ଦ ପାଇଛନ୍ତି । ଏତଦ୍ ବ୍ୟତୀତ ଆଧୁନିକ ଚିକାକୋଲ ଜିଲ୍ଲାର କୂର୍ମେଶ୍ୱର ମନ୍ଦିରର ଲେଖ, କେନ୍ଦୁଲି ଏବଂ ଶଙ୍କରାନନ୍ଦ ମଠରୁ ପ୍ରାପ୍ତ ତାମ୍ରଫଳକ, ସୀମାଞ୍ଚଳର ଲକ୍ଷ୍ମୀନୃସିଂହ ଦେବାଳୟରୁ ତଥା ଗୁଣ୍ଟୁର ଜିଲ୍ଲାରୁ ପ୍ରାପ୍ତ ଅଭିଲେଖମାନ ପଢ଼ି ତାହାର ଅର୍ଥ ତଥା ଲିପିତତ୍ତ୍ୱ ସଂପର୍କରେ ସବିଶେଷ ଆଲୋଚନା କରିଛନ୍ତି । କେଉଁ ଅଜଣା କୋଣରେ ନିର୍ବାସିତ ହୋଇ ପଡିଥିବା ଶିଳାଲେଖମାନ ଯଥା କୋଣ୍ଡାପଲ୍ଲୀ ପର୍ବତରେ ଥିବା ପ୍ରସ୍ତରଲେଖ, କେଦାରଗୌରୀ ପରିସରରୁ ଭୂମିତଳୁ ପ୍ରାପ୍ତ ଶିଳାଲେଖ, ସୋନ୍‌ପୁରର ଖମ୍ବେଶ୍ୱରୀ ମନ୍ଦିର ସାମ୍ନା ଶିଳାଲେଖ, କର୍ନୁଲ୍‌ର ଶ୍ରୀଶୈଳଂ ଶିଳାଲେଖ, ଯାଜପୁରର ସିଦ୍ଧେଶ୍ୱର ମନ୍ଦିର ଶିଳାଲେଖ, ଓ୍ୱାରଙ୍ଗଲ୍ ଦୁର୍ଗର ବହିଃପାର୍ଶ୍ୱରେ ଥିବା ଶିଳାଲେଖ, ମେଦିନୀପୁର ଗଗନେଶ୍ୱର ପ୍ରାଚୀରରେ ଖୋଦିତ ପ୍ରସ୍ତର ଲେଖ- ପ୍ରତ୍ୟେକଟିର ପାଠୋଦ୍ଧାର ତାଙ୍କ ପାଇଁ ଥିଲା ଏକ ନୂତନ ପ୍ରାପ୍ତି ସଦୃଶ । ଭାରତର କୋଣ ଅନୁକୋଣରେ ଥିବା ଓଡିଆ ଶିଳାଲେଖମାନ ଖୋଜି ତାହାର ଅର୍ଥ, ବ୍ୟାକରଣ ତଥା ଲିପି ଉପରେ ସନ୍ଦର୍ଭ ରଚନା କିଛି କମ୍ କାମ ନଥିଲା । ଏକସ୍ତରିଟି ଯାକ ଶିଳାଲେଖ ତାଙ୍କପାଇଁ ଥିଲେ ଏକସ୍ତରିଟି ଦାମୀ ଶିଳାଖଣ୍ଡ ସଦୃଶ । ଜୀବନ୍ତ, ପ୍ରାଣରସରେ ଟଗ୍‌ମଗ୍ ହୋଇ ଫୁଟୁଥିବା ପ୍ରସ୍ତରବାର୍ତ୍ତା । ଓଡିଶାର ଗଙ୍ଗବଂଶୀୟ ତଥା ସୂର୍ଯ୍ୟବଂଶୀୟ ନୃପତିମାନଙ୍କ ଦ୍ୱାରା ଖୋଦିତ ପ୍ରାୟ ସମସ୍ତ ଲେଖ ଏକତ୍ରିତ କରିଥିଲେ - ପ୍ରାଧାନ୍ୟ ଦେଇଥିଲେ ମୁଖ୍ୟତଃ ସେଇ ସବୁ ଲେଖାଉପରେ ।

ପଠନକାର୍ଯ୍ୟ ସହଜ ନଥିଲା । ପାଠୋଦ୍ଧାର କରିବା ଥିଲା ବେଶ୍ ସମୟ ସାପେକ୍ଷ । ଗୋଟିଏ ନିର୍ଦ୍ଦିଷ୍ଟ ଲେଖ ପଢ଼ି ତାହାର ସଠିକ ପାଠୋଦ୍ଧାର କରିବାକୁ ଦିନଦିନ ଏବଂ କଦବା କେମିତି ମାସମାସ ଲାଗିଯାଏ । କିଣିଥିବା ସାନ ଟାଇପ୍ ମେସିନ୍‌ଟିରେ ପ୍ରତ୍ୟେକ ଲେଖର ସଂକ୍ଷିପ୍ତ ବିବରଣୀ ତତ୍‌କ୍ଷଣାତ୍ ଟିପି ରଖିବାକୁ ପଡେ । ପ୍ରଚୁର ଧୈର୍ଯ୍ୟ ତଥା ଅନୁସନ୍ଧିତ୍ସା ଦରକାର ଏ ସବୁ କାମ ପାଇଁ । ସେଦିନ ଦିଗ୍‌ଦର୍ଶକ ଡକ୍ଟର ବ୍ରାଫ୍ ପିଠି



Digitized by srujanika@gmail.com

ଥାପୁଡାଇ କହିଥିଲେ - ତ୍ରିପାଠୀ, କେବଳ ତୁମେ ହିଁ ଏ କାମ କରିପାରୁଛ । ଯଥେଷ୍ଟ ଭାଷାତାତ୍ତ୍ୱିକ ଜ୍ଞାନ ତଥା ଜ୍ଞାନ ଆହରଣର ପିପାସା ନଥିଲେ ଏ କାମ କରିବା ଅସମ୍ଭବ । ଓଡ଼ିଶାରେ ତୁମର ଏଇ କାମ ବୋଧହୁଏ ପ୍ରଥମ ଓ ଶେଷ କାମ ହେବ । ତୁମ ଗବେଷଣାତ୍ମକ ନିବନ୍ଧ - ଏ ଷ୍ଟଡି ଅଫ୍ ଅର୍ଲି ଓଡିଆ ଇନ୍‌ସ୍କ୍ରିପ୍‌ସନ୍, ତୁମ ଭାଷା ପାଇଁ ନିଶ୍ଚିତ ରୂପେ ତୁମର ଏକକ ଏବଂ ଅନନ୍ୟ ଅବଦାନ ।

କେବଳ ଶିଳାଲେଖର ପାଠୋଦ୍ଧାର କରିଦେଲେ ବି କାମ ସରିବନି । ତାହାର ଲିପିତତ୍ତ୍ୱ - ଓଡିଆ ଲିପି ତତ୍କାଳୀନ ସମୟରେ କିପରି ଥିଲା ଏବଂ କେଉଁଭଳି ଭାବରେ ପରିବର୍ତ୍ତିତ ହୋଇ ବର୍ତ୍ତମାନ ରୂପ ଧାରଣ କରିଛି, ସେ ସଂପର୍କରେ ସୂଚନା ଦେବା ଥିଲା ଜରୁରୀ । ଶିଳାଲେଖର ଲିପି ଏବଂ ଶବ୍ଦାବଳୀ ଆଧୁନିକ ଓଡିଆ ଲିପି ତଥା ଶବ୍ଦାବଳୀଠାରୁ ଥିଲା ସଂପୂର୍ଣ୍ଣ ଭିନେ । କେବଳ କୁଞ୍ଜବିହାରୀ ହିଁ ଅଶେଷ ପ୍ରୟାସ କରି ସେ ଲିପିକୁ ପଢ଼ିବାରେ ସମର୍ଥ ହୋଇଥିଲେ । ଚାହୁଁଥିଲେ ଓଡିଶାର ଭବିଷ୍ୟତ ଗବେଷକମାନଙ୍କୁ ସେ ଲିପି ସମ୍ବନ୍ଧରେ ସମ୍ୟକ୍ ସୂଚନା ଦେଇଦେବାକୁ ।

ଏହା ସହିତ ଅଭିଲେଖ ଗୁଡିକର ଭାଷାତାତ୍ତ୍ୱିକ ବିଶ୍ଳେଷଣ, ଶବ୍ଦ ସଂପଦ, ପାର୍ଶୀ, ଆରବୀ ଉପାଦାନ, ବର୍ଣ୍ଣମାଳା ଓ ଧ୍ୱନିପ୍ରଣାଳୀ, ଧ୍ୱନିତତ୍ତ୍ୱ, ଲିପିତତ୍ତ୍ୱ, ସ୍ୱର ବର୍ଣ୍ଣର ଉଚ୍ଚାରଣ ପଦ୍ଧତି, କ୍ରିୟା ପ୍ରକରଣ ଇତ୍ୟାଦି ବିଭିନ୍ନ ବିଭାଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ମଧ୍ୟ କରିଥିଲେ । ଅଭିଲେଖ ଗୁଡିକର ଐତିହାସିକ ତଥ୍ୟ ଉପସ୍ଥାପନା କରିବାପାଇଁ ତାଙ୍କୁ ପ୍ରଚୁର ପରିମାଣରେ ଟିକ୍‌ନିଖି କରି ଓଡିଶା ରାଜାମାନଙ୍କର ଇତିହାସ ପଢ଼ିବାକୁ ପଡିଥିଲା । ଏ ସବୁର ସୂଚନା ସ୍ୱଲିଖିତ ନିବନ୍ଧଟିରେ ଦେଇଥିଲେ ମଧ୍ୟ ।

ଇଂରାଜୀରେ ଲିଖିତ କୁଞ୍ଜବିହାରୀଙ୍କ ଥିସିସ୍‌ଟି ଏତେ ବେଶୀ ପାଣ୍ଡିତ୍ୟପୂର୍ଣ୍ଣ ଥିଲା ଯେ ଜଣେ ସାଧାରଣ ପାଠକ ତାହାକୁ ବୁଝି ହୃଦୟଙ୍ଗମ କରିବା ଥିଲା ମୁସ୍କିଲ । କାମଟି ଥିଲା ସାରସ୍ୱତ ବିଦ୍ୱାନମାନଙ୍କ ପାଇଁ ଉଦ୍ଦିଷ୍ଟ । ଭବିଷ୍ୟତ ଗବେଷକଙ୍କ ପାଇଁ ଜବରଦସ୍ତ ମୂଳଦୁଆ ପକାଇବାକୁ ଚେଷ୍ଟା କରିଥିଲେ କୁଞ୍ଜବିହାରୀ । ଆଶା କରୁଥିଲେ ଯେଉଁ ମୂଳଦୁଆ ସିଏ ପକାଇଦେଇଗଲେ ତା' ଉପରେ ଦିନେ ବହୁତଳ ପ୍ରାସାଦ ଗଢ଼ିବେ ଭବିଷ୍ୟତର ଗବେଷକବୃନ୍ଦ । କୁଞ୍ଜବିହାରୀଙ୍କୁ ଜଣାନଥିଲା ତାଙ୍କର ଥିସିସ୍‌ଟି ଭବିଷ୍ୟତ ପାଇଁ ଏ ସଂପର୍କରେ ଏକମାତ୍ର ପୁସ୍ତକ ହୋଇ ରହିଯିବ ବୋଲି । ଏ ବିଦ୍ୟା ଆୟତ୍ତ କଲାପରି ଧୈର୍ଯ୍ୟ ବା ମନୀଷା ଆଉ କାହାରିଠାରେ କେବେ ଦେଖିବାକୁ ମିଳିବନି । ଗବେଷକ କୁଞ୍ଜବିହାରୀ ଯେଉଁ ଶ୍ରଦ୍ଧା ସହିତ ପ୍ରସ୍ତରର ଫଳକ ସବୁ ପାଠ କରିଥିଲେ, ତାହାର ଯଥାର୍ଥ ଉଚ୍ଚାରଣ ପ୍ରଦର୍ଶନ କରି ତାହାର ଇଂରାଜୀ ପାଠ ଓ ଅର୍ଥ ପ୍ରଦାନ କରିଥିଲେ ଓ କାଳଚର୍ଚ୍ଚିତ ଉପାଖ୍ୟାନକୁ ବୈଜ୍ଞାନିକ ଉପାୟରେ ପରିଷ୍କରଣ କରି ସ୍ୱ ଜୀବନର ମୂଲ୍ୟବାନ ସମୟକୁ



Digitized by srujanika@gmail.com

ଅଭିଲେଖ ଦେବତା ସମ୍ମୁଖରେ ଅର୍ପଣ କରିଥିଲେ, ତାହା ରୀତିମତ୍ ବିସ୍ମୟକର ନିଶ୍ଚୟ । ତାଙ୍କର ଗବେଷଣା ଉପରେ ଭିତ୍ତିକରି ଲେଖା ପୁସ୍ତକ- ଇଭଲ୍ୟୁସନ୍ ଅଫ୍ ଓରିଆ ଲାଙ୍ଗୁଏଜ୍ ଆଣ୍ଡ ସ୍କ୍ରିପ୍ଟ, ତାଙ୍କ ପାଣ୍ଡିତ୍ୟ ତଥା ଅଧ୍ୟବସାୟର ଏକ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା ଚିରଦିନ ପାଇଁ ।

କୁଞ୍ଜବିହାରୀ ଥିଲେ ଏକ ଅନନ୍ୟ ସାଧକ ପୁରୁଷ । ପଥରରେ ଫୁଲ ଫୁଟେନି, କିନ୍ତୁ, କେବେ କେମିତି ସେଇ ପଥରର ଫାଟରେ ଛୋଟ ଫୁଲଟିଏ ଗଜୁରେ, ଫୁଲ ଫୁଟେ ତହିଁରେ । ଚମତ୍କାର ବାଇଗଣୀ ବା ଗୋଲାପି ରଂଗର ରଂଗବେରଙ୍ଗୀ ଫୁଲ । କୁଞ୍ଜବିହାରୀଙ୍କ ଥିସିସ୍‌ଟି ଥିଲା ପ୍ରସ୍ତରପ୍ରାଚୀର ଫଟାଇ ଆଖି ମେଲିଥିବା ସେଇ ପୁଷ୍ପିତ ଗୁଳ୍ମ ପରି । ପଥର ଦେହରେ କବିତା ଖୋଜିଥିଲେ କୁଞ୍ଜବିହାରୀ । ହୃଦୟଙ୍ଗମ କରିଥିଲେ ଯେ ବହୁଯୁଗ ଆଗେ, ପଥରରେ ଖୋଦିତ ସେ ଭାଷା ଥିଲା ଏକ ଜୀବନ୍ତ ଭାଷା । ଏଥିରେ ସଂସ୍କୃତ ଭାଷାର ପ୍ରଭାବ ନଥିଲା । ଏହା ଥିଲା ସାଧାରଣ ଜନତାର କଥିତ ଭାଷାର ପ୍ରତିବିମ୍ବ । ଏଗୁଡିକ ଥିଲେ ଆଞ୍ଚଳିକ ଓଡିଆ ଭାଷାର ଗୋଟିଏ ଗୋଟିଏ ଅପୂର୍ବ ଦୃଷ୍ଟାନ୍ତ । କୁଞ୍ଜବିହାରୀ ଉପଲବ୍ଧି କରିଥିଲେ ଯେ ଶିଳାଲେଖ ପାଠର ମହତ୍ତ୍ୱ ମୁଖ୍ୟତଃ ତିନୋଟି ବିଭାଗ ଉପରେ ନିର୍ଭର କରେ । ଧ୍ୱନି, ଇତିହାସ ଓ ଲିପିତତ୍ତ୍ୱ । ଶିଳାଲେଖର ପାଠୋଦ୍ଧାର କରିବାଲାଗି ତାଙ୍କୁ ତେଣୁ ଅପର୍ଯ୍ୟାପ୍ତ ପ୍ରୟାସ କରି ଉକ୍ତ ତିନୋଟି ବିଭାଗରେ ଜ୍ଞାନାର୍ଜନ କରିବାକୁ ପଡିଥିଲା ।

ଓଡିଆ ଭାଷାର ବିବର୍ତ୍ତନ ଧାରା ପ୍ରମାଣ କରିବାଲାଗି କୁଞ୍ଜବିହାରୀ କାହିଁକି ଶିଳାଲେଖର ସାହାଯ୍ୟ ନେଇଥିଲେ, ତାହାର ଅବଶ୍ୟ ଏକ ବିଜ୍ଞାନ ସମ୍ମତ କାରଣ ଥିଲା । ଉତ୍କଳୀୟ ପରଂପରା ଅନୁଯାୟୀ ପ୍ରତି ପାଞ୍ଚଶହ ବର୍ଷରେ, ପୁରୁଣା ପୋଥି ନକଲ କରାଇବାକୁ ପଡୁଥିଲା । ତେଣୁ ନକଲକାରମାନଙ୍କ ହାତରେ ଉଭୟ ଭାଷା ଓ ଲିପି ବିବର୍ଣ୍ଣ ତଥା ବିପର୍ଯ୍ୟସ୍ତ ହେବାର ଆଶଙ୍କା ଅମୂଳକ ନଥିଲା । ଅପରପକ୍ଷରେ ଶିଳାଲେଖ ଗୁଡିକ ସିଧାସଳଖ ଆସେ ଆମପାଖକୁ - ଜଣଙ୍କ ହସ୍ତରୁ ବା ନକଲକାରୀଙ୍କ ଠାରୁ ଆର ଜଣଙ୍କ ପାଖକୁ ପରଂପରା କ୍ରମେ ଚାଲିଯାଇନଥାଏ । ସେଥିଲାଗି ଏଥିରେ ଅତିରଞ୍ଜନର ପ୍ରଶ୍ନ ଆଦୌ ଉଠେନି । ତତ୍କାଳୀନ ଓଡିଆ ଭାଷାର ତାତ୍ତ୍ୱିକ ଅନୁଶୀଳନ, କେବଳ ଶିଳାଲେଖ ପାଠରୁ ନିର୍ଭୁଲ୍ ଭାବେ କରାଯାଇପାରେ ଏବଂ ତାହା ହିଁ କରିଥିଲେ କୁଞ୍ଜବିହାରୀ । ଯେଉଁ ସବୁ ଶିଳାଲେଖ ପଣ୍ଡିତମାନଙ୍କର ବୋଧଶକ୍ତିର ଅଗମ୍ୟ ହୋଇ ରହିଯାଇଥିଲା ତାହାର ଶୁଦ୍ଧ ପାଠ କରି ସ୍ୱୀୟ ଅଭୂତପୂର୍ବ ମନୀଷାର ଏକ ସାର୍ଥକ ଉଦାହରଣ ତାଙ୍କ ଗବେଷଣାତ୍ମକ ନିବନ୍ଧରେ ରଖିଯାଇଥିଲେ ସିଏ । ଏ କାର୍ଯ୍ୟ ତତ୍ ପୂର୍ବରୁ କେହି କରିବାକୁ ସାହାସ କରିନଥିଲେ । ଭବିଷ୍ୟତରେ ଏ ସଂପର୍କରେ ନୂତନ କିଛି ତଥ୍ୟ ଆବିଷ୍କାର କରିବାକୁ କେହି ସାହସ କରିନାହାନ୍ତି ମଧ୍ୟ ।



Digitized by srujanika@gmail.com

ଅଧ୍ୟୟନରେ ବ୍ୟସ୍ତ ରହି ନିୟମିତ ଘରକୁ ଚିଠି ଲେଖିବାରେ ହେଳା ହୋଇଯାଏ କୁଞ୍ଜବିହାରୀଙ୍କର । କିନ୍ତୁ ଘରୁ ଚିଠିଟିଏ ଆସିଲେ ମନ ଉତ୍‌ଫୁଲ୍ଲ ହେଇ ଉଠେ । ଅଳସ ଓ ଅବସନ୍ନ ମନରେ ଫେରିଆସେ କିଛି ପରିମାଣରେ ସଜୀବତା । ଗାଁ'ରୁ ମଧୁସୂଦନ ଚିଠି ଲେଖନ୍ତି, ଚିଠି ଲେଖନ୍ତି ଦେବେନ୍ଦ୍ରନାଥ, ଚିଠି ଲେଖନ୍ତି ସୁରେଖାଙ୍କର କକେଇ ପୁଅ ଭାଇ ଶ୍ରୀମାନ୍ ସତ୍ୟବାଦୀ । ପିଲାଟି ଦିନୁ ସତ୍ୟବାଦୀ ନାନୀପାଖରେ ରହି ସ୍କୁଲ୍‌ରେ ପାଠ ପଢୁଥିଲେ । ମାଟ୍ରିକ୍ ପାସ୍ କରି ଏବେ ଆଇ.ଏସ୍.ସି. ପଢ଼ନ୍ତି ରେଭେନ୍ସା କଲେଜ୍‌ରେ । ସୁରେଖା ଗ୍ରାମରେ ରହିଥିବା ହେତୁ ସତ୍ୟବାଦୀ ଏବେ ହଷ୍ଟେଲ୍‌ରେ, ସତ୍ୟବାଦୀ ଲେଖନ୍ତି କଲେଜକଥା, ଫୁଟ୍‌ବଲ୍ ଖେଳ କଥା ଓ ତାଙ୍କ ଏନ୍.ସି.ସି. ଟ୍ରେନିଂ ତଥା ଚିଲିକା ଭ୍ରମଣ କଥା । ସୁରେଖା ଲେଖନ୍ତି ଅପେକ୍ଷାକୃତ କମ୍ ଚିଠି । ଗାଁ'ରେ କିଏ ବା ଆଣିଦେବ ତାଙ୍କୁ ଚିଠିଲେଖା ଇନ୍‌ଲାଣ୍ଡ ଫର୍ମଟିଏ ? ମନ ଉଚ୍ଚାଟ ହୁଏ କୁଞ୍ଜବିହାରୀଙ୍କର ପତ୍ନୀ ଓ ଚାରୋଟି ଶିଶୁ ସନ୍ତାନଙ୍କ ପାଇଁ । ସକଳ ଦୁର୍ଭାବନା ତେଜି ପୁନରାୟ ବ୍ୟସ୍ତ ହେଇ ପଡନ୍ତି ପ୍ରସ୍ତର ଫଳକର ପାଠୋଦ୍ଧାରରେ । ଶୀଘ୍ର କିପରି ଏ କାର୍ଯ୍ୟ ସରିଲେ, ଫେରିଯିବେ ଆପଣା ସହରକୁ- ଆପଣାର ମଣିଷ ମାନଙ୍କ ପାଖକୁ ।

ଯା ଭିତରେ ଶ୍ରୀ ବିଧୁଭୂଷଣ ଦାସ ଖଣ୍ଡିଏ ଚିଠି ଲେଖି ଜଣାଇଥିଲେ ଯେ ଛାତ୍ରମାନେ କରିଥିବା ଧର୍ମଘଟରେ ପୋଲିସ୍ ଲାଠିଚାଳନା କରିଥିବା ଯୋଗୁ କଲେଜର ପରିସ୍ଥିତି ବର୍ତ୍ତମାନ ଉଦ୍‌ବେଗପୂର୍ଣ୍ଣ । କଲେଜ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ । ଏକଥା ମଧ ଲେଖିଥିଲେ ଯେ ତାଙ୍କର ଜଣେ ଆତ୍ମୀୟ ଶ୍ରୀ ଅଦିତି ନନ୍ଦନ ଦାସ କୌଣସି ଏକ ଟେକ୍‌ନିକାଲ ଟ୍ରେନିଂ ପାଇଁ ଆମେରିକା ଯାଉଛନ୍ତି ଏବଂ ଯିବା ବାଟରେ ଲଣ୍ଡନରେ ଦୁଇଦିନ ରହିବାର ଇଚ୍ଛାପ୍ରକାଶ କରିଛନ୍ତି । ଅନୁରୋଧ କରିଥିଲେ କୁଞ୍ଜବିହାରୀ ଯେମିତି ତାଙ୍କୁ ସ୍ୱ ହଷ୍ଟେଲ୍‌ରେ ନିଜପାଖରେ ରଖନ୍ତି । ଅଦିତି ନନ୍ଦନଙ୍କର ପହଞ୍ଚିବା ଟେଲିଗ୍ରାମ୍‌କୁ ଅପେକ୍ଷା କରି ରହିଛନ୍ତି କୁଞ୍ଜବିହାରୀ ।

ଦୁଇଦିନ ତଳେ ସାନଭାଇ ଦେବେନ୍ଦ୍ରନାଥଙ୍କଠାରୁ ମଧ ଖଣ୍ଡିଏ ଚିଠି ପାଇଛନ୍ତି । ଦେବେନ୍ଦ୍ର ଲେଖିଛନ୍ତି ଡାକ୍ତର ଶ୍ରୀ ଶରତ୍‌ଚନ୍ଦ୍ର ମିଶ୍ର ଅଳ୍ପଦିନ ଭିତରେ ଲଣ୍ଡନ୍‌ରେ ପହଞ୍ଚିବେ । କୁଞ୍ଜବିହାରୀଙ୍କ ପାଖରେ କିଛିଦିନ ରହି ଉଚ୍ଚଶିକ୍ଷା ପାଇଁ ଏଡିନ୍‌ବରା ଯାତ୍ରା କରିବେ । ଶରତବାବୁ କୁଞ୍ଜବିହାରୀଙ୍କର ଅନ୍ତରଂଗ ମିତ୍ର । ଚିହ୍ନାପରିଚୟ ବାଙ୍କି ସ୍କୁଲ୍‌ରେ ପଢ଼ିବା ସମୟରୁ । ତାଙ୍କ ଆସିବା ଖବର ଶୁଣି ଖୁସିହେଲେ କୁଞ୍ଜବିହାରୀ ।

●●●



Digitized by srujanika@gmail.com

## ॥ ୩୪ ॥

ଗେରୁଲିପା କାନ୍ଥରେ ଚାଉଳବଟାରେ ଟିପ ବୁଡାଇ ଚିତା ଲେଖୁଥିଲେ ସୁରେଖା । ବୁଢ଼ା ଆଙ୍ଗୁଠି ଟିପରେ ପିରାମିଡ୍‌ର ନକ୍ସା ଆଙ୍କୁଥିଲେ । ଘରଦ୍ୱାର ଗୋବର ମାଟିରେ ଲିପାପୋଛା ହେଇ ଉଜ୍ଜ୍ୱଳ । ଦୁଆରବନ୍ଧରେ ପଦ୍ମଫୁଲ, ସବାରୀ ଓ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଚିତ୍ର । କାନ୍ଥରେ ଧାନର ଶିସା, ହବିଷଘରେ ମାଣ ଉପରେ ଧାନବେଣ୍ଟି । କ୍ଷୀରୀ, ଖେଚେଡି, ମଣ୍ଡା, ପୁଳି ଭୋଗ ଲାଗିବ । ଲକ୍ଷ୍ମୀଙ୍କର ବ୍ରତକଥା ପୁରୋହିତେ ଆସି ପଢିବେ ଅଗଣାରେ । ଝୁଣା ଓ ଗୋଗ୍‌ଗୁଳର ଧୂଆଁରେ ମ' ମ' କରିବ ବତାସ ।

ଚିତା ଲେଖୁଲେଖୁ ଅନ୍ୟମନସ୍କ ହେଇପଡୁଥିଲେ ସୁରେଖା । ଶିଶୁପୁତ୍ରଟି ନିଦ୍ରିତ । ତା' ଉପର କନ୍ୟାଟି ମଧ ଶିଶୁ । ଚିନ୍ତା କରୁଥିଲେ ଜ୍ୟେଷ୍ଠା କନ୍ୟା ଓ ପୁତ୍ର ଦିହିଁଙ୍କ ପାଇଁ । ପୁତ୍ରଟିର ଅକ୍ଷର ଶିକ୍ଷା ବୟସ ହେଇଗଲାଣି । କନ୍ୟାଟି କଟକରେ ଥିଲାବେଳେ ପାଖରେ ସାହି ଭିତରେ ଥିବା ୟୁ.ପି. ସ୍କୁଲ୍‌କୁ ଯାଉଥିଲା । ଭାଷା ଉପରେ ବେଶ୍ ଦକ୍ଷତା ତା'ର । ଗୋଲ୍ ଗୋଲ୍ ଅକ୍ଷରରେ ପିଲାଳିଆ ଚିଠିଟିଏ ଲେଖିଚି ଯା ଭିତରେ ତା' ବାପାଙ୍କୁ । ଗାଁ'କୁ ଆସିବାର ବେଶ୍ କେଇମାସ ହେଇଗଲାଣି । ପିଲାମାନଙ୍କର ବହି ସହିତ ସାକ୍ଷାତ ନାହିଁ ।

ଗାଁ'ରେ ସ୍କୁଲ୍ ନାହିଁ- ତୃତୀୟଶ୍ରେଣୀ ପର୍ଯ୍ୟନ୍ତ ପଢ଼ା ହେଉଥିବା ସ୍କୁଲ୍‌ଟି ପାଖ ଗାଁ'ରେ । ଝିଅ କିନ୍ତୁ ଦିନଟେ ସ୍କୁଲ୍ ଯାଇ ଆଉ ସ୍କୁଲ୍ ଯିବାକୁ ମଙ୍ଗିଲାନି । ସାତବର୍ଷର ଛୁଆ । ଏକାଏକା ଦଣ୍ଡାବାଟ ଦେଇ, ବଣିଆ ପୋଖରୀ ହିଡ ଟପି, ଆମ୍ବତୋଟା ଭିତରେ ପଶି କିଛିବାଟ ଗଲେ ସ୍କୁଲ୍ । କୁନିଝିଅଟିକୁ ଏକୁଟିଆ ଏତେ ବାଟ ପଠାଇବାକୁ ବି ସୁରେଖାଙ୍କର ଇଚ୍ଛା ହେଲାନି । ଦ୍ୱିତୀୟତଃ ଚାହୁଁଥିଲେ ଟିଉସନ ମାଷ୍ଟ୍ରଟିଏ ମିଳିଲେ ଝିଅ ସହିତ ପୁଅ ମଧ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ଶିକ୍ଷା ଲାଭ କରିବାର ସୁଯୋଗ ପାଇବ । ସୁରେଖାଙ୍କ ଚିଠିରୁ ପିଲାମାନଙ୍କର ଅବ୍ୟବସ୍ଥା କଥା ଜାଣିପାରି କୁଞ୍ଜବିହାରୀ ମଧ ବିବ୍ରତ । ମଧୁସୂଦନଙ୍କୁ ବାରମ୍ବାର ଚିଠି ଲେଖୁଥିଲେ - ମୁଁ ଟଙ୍କା ପଠାଇବି । ଆପଣ ପିଲାଙ୍କ ପାଇଁ ଟିଉସନ ମାଷ୍ଟ୍ରଟିଏ ରଖନ୍ତୁ ।

ଗାଁ' ଗହଳରେ ଟିଉସନ ମାଷ୍ଟ୍ର ଶବ୍ଦଟି ସହିତ କେହି ପରିଚିତ ନଥିଲେ । ଟିଉସନ ମାଷ୍ଟ୍ରଟିଏ ମିଳିବ ବା କେଉଁଠୁ ? ପୁତ୍ରକନ୍ୟାଦ୍ୱୟ ସାରାଦିନ ଘୂରି ବୁଲୁଥିଲେ ଏଠି ସେଠି, ଘରପାଖେ ଖାଲି ପଡିଥିବା ଗିଲବଣରେ, ତେନ୍ତୁଳିଗଛର ଛାଇ ପଡୁଥିବା ଖଳାବାଡିରେ,



Digitized by srujanika@gmail.com

ନହେଲେ ବସାଘର ସାମ୍ନା ଦାଣ୍ଡପିଣ୍ଡାରେ । ଝିଅର ନୂଆବହିଟିଏ କିଣା ହେଇନି । ପୁଅପାଇଁ ସ୍ଲେଟ୍‌ଟିଏ କିଣି ଅନେକଥର ବର୍ଣ୍ଣମାଳା ଶିଖେଇବାକୁ ଚେଷ୍ଟା କଲେଣି ସୁରେଖା । ପାଠ ନାଁ ଶୁଣିଲେ ସାନପିଲାଟି ଚିହ୍ନୁରି ଛାଡି କାନ୍ଦେ । ସୀତା ଜ୍ୟେଷ୍ଠ ପୌତ୍ରଟିକୁ ଆଗୁଳେଇ ବସନ୍ତି ସାରାଦିନ । ପାଠ ପଢ଼ିବା ଦରକାର ନାହିଁ । ପାଠ ପଢ଼ିଲା ବୋଲି ତ ତାଙ୍କର ପୁତ୍ରଟି ତାଙ୍କୁ ଛାଡି ଗଲା ସାତ ଦରିଆ ପାରି । ପୌତ୍ରଟି ବଞ୍ଚିବାଞ୍ଚି ରହୁ । ଅଚଳାଚଳ ସଂପତ୍ତି । ତାକୁ ଭୋଗ କରି ଶେଷ କରିପାରିବନି ।

ପିଲାମାନଙ୍କ ପଢ଼ାଶୁଣା ପ୍ରତି ନଜର ଦେବାପାଇଁ ସୁରେଖାଙ୍କର ସମୟର ଅଭାବ । ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ ଘରର କାମ - ଶାଶୁଙ୍କ ସେବା, ସେଥିରେ ବନ୍ଧୁ କୁଟୁମ୍ବଙ୍କର ଯା'ଆସ । ମହାଦେବଙ୍କର ଭଉଣୀ ବାହା ହେଇଛନ୍ତି ପାଖ ଗାଁରେ । ଚାରୋଟି ଶିଶୁପୁତ୍ରଙ୍କ ସହିତ ପ୍ରାୟତଃ ପହଞ୍ଚି ଯାଆନ୍ତି ଭାଇ ଘରେ । ଭାରି ସ୍ନେହମୟୀ ସେ ପିଇସୀ ଶାଶୁ । ଏଇ ସବୁ ଜଂଜାଳ ଭିତରେ ସାରାଦିନ ନିଃଶ୍ୱାସ ନେବାକୁ ବି ଫୁର୍ସତ ନାହିଁ ସୁରେଖାଙ୍କର ।

ବହୁତ ଖୋଜିଖୋଜି ଶେଷକୁ ଟିଉସନ ମାଷ୍ଟ୍ରଟିଏ ଯୋଗାଡ କଲେ ସୁରେଖା । ନାଁ ଲମ୍ବୋଦର, ଅଳ୍ପବୟସ୍କ ସ୍ୱଳ୍ପଶିକ୍ଷିତ କିଶୋରଟିଏ । ପୁତ୍ରକନ୍ୟା ଦ୍ୱୟଙ୍କୁ ପଢାଇବାର ଯୋଗ୍ୟତା ଥିଲା ବୋଲି ସୁରେଖା ଧରିନେଲେ । କନ୍ୟାର ଥିଲା ଦ୍ୱିତୀୟ ଶ୍ରେଣୀ ପାଠ ଓ ପୁତ୍ରଟିର ଥିଲା ଅକ୍ଷରଶିକ୍ଷା । ପାଠପଢ଼ା କିନ୍ତୁ ବିଶେଷ କିଛି ଅଗ୍ରଗତି ଲାଭ କଲାନି । ସୁରେଖାଙ୍କର ଭୟ ହେଲା - ଦୁଇବର୍ଷ ପରେ ଯାଇ ଫେରିବେ କୁଞ୍ଜବିହାରୀ । ପୁତ୍ରକନ୍ୟା ଯୋଡିକ ତା' ଭିତରେ ଅପାଠୁଆ ହେଇ ରହିଯିବେ ନିଶ୍ଚୟ ।

ମଝିରେ ଥରଟେ ବାପଘର ହରିରାଜପୁର ଯାଇଥିଲେ ସୁରେଖା । ମହାଦେବ ପଣ୍ଡା ଶଗଡ ଆଣି କେଇଦିନପାଇଁ ନେଇଯାଇଥିଲେ । ସୁରେଖାଙ୍କର ଦୁଶ୍ଚିନ୍ତା ଦେଖି ଭାଇ ନରସିଂହ ସେତେବେଳେ କହିଥିଲେ- ଆମ ଗାଁରେ ସ୍କୁଲ୍ ଅଛି । ତୋ' ଝିଅକୁ ଛାଡିଦେଇକି ଯା' ଆମପାଖରେ । ଏଇଠି ରହି ସ୍କୁଲ୍‌ରେ ପାଠପଢିବ ।

ସୁରେଖା କିନ୍ତୁ ମନସ୍ଥିର କରିପାରିଲେନି । ସାତବର୍ଷର ଏତେ ଟିକିଏ ପିଲା । କେମିତି ତାକୁ ଛାଡି ରହିବେ ସିଏ ଏତେଦିନ ? ନରସିଂହ ଥିଲେ ନିଃସନ୍ତାନ । ତାଙ୍କ ପତ୍ନୀ ରମା ଥିଲେ ଅତ୍ୟନ୍ତ ସ୍ନେହଶୀଳା । ସୁରେଖା ଜାଣିଥିଲେ - ଅଜା, ଆଈ ଓ ମାମୁ ମାଇଁଙ୍କ ପାଖରେ ଝିଅ ତାଙ୍କର ସୁଖରେ ରହିବ ନିଶ୍ଚୟ । ତଥାପି ମୂରୁଛି କରି ଝିଅକୁ ଛାଡି ଆସିପାରିଲେନି ସୁରେଖା । ଝିଅ ମୁହଁକୁ ଚାହିଁ କୋହ ଉଠିଲା । ଫେରିଆସିଲେ ପଥୁରିପଡା ।

କେଇଦିନ ପରେ ନରସିଂହ ପ୍ରଥମାଷ୍ଟମୀ ଉପଲକ୍ଷ୍ୟେ ଭାଣିଜୀପାଇଁ ଖଇରିଆ ରଂଗର ଶାଢ଼ିଟିଏ ଓ ଖଜାମିଠେଇ ଭାର ଧରି ଆସି ପହଞ୍ଚିଥିଲେ ହରିରାଜପୁରରୁ । ଭଉଣୀପାଖରେ ରହିଗଲେ ଦୁଇଦିନ । ଏବଂ ସେହି ଦୁଇଦିନରେ ଝିଅକୁ ତାଙ୍କ ସହିତ ଛାଡିଦେବାପାଇଁ କୌଣସି ମତେ ମନେଇନେଲେ ଭଉଣୀକୁ । କୁଞ୍ଜବିହାରୀଙ୍କୁ ଦେଖିଲାପରେ ପାଠର ମର୍ଯ୍ୟାଦା



Digitized by srujanika@gmail.com

ବୁଝିଥିଲେ ସୁରେଖା । ଝିଅ ତାଙ୍କର ଏଠି ପାଠ ପଢ଼ିପାରୁନି । ମାମୁଘରକୁ ଗଲେ ପାଠପଢ଼ାର ସୁଯୋଗ ପାଇବ । ଏଇ ବାସନାଟି ତାଙ୍କର ଏତେ ବେଶୀ ତୀବ୍ର ହୋଇ ଉଠିଥିଲା ଯେ ଶେଷପର୍ଯ୍ୟନ୍ତ କନ୍ୟାକୁ ହରିରାଜପୁର ପଠାଇବାକୁ ରାଜି ହୋଇଗଲେ ସୁରେଖା ।

ଗଲାଦିନ ଝିଅର ବେଣୀ ପକାଇବାକୁ ଯାଇ ଦେଖନ୍ତି ଝିଅର ରିବନ ଖଣ୍ଡିଏ ବି ନାହିଁ । କଟକରୁ ଆଣିଥିବା ୮କଇଗଜ ରିବନ ଛିଣ୍ଡିଯାଇଛି । ଆଉ କିଣିବାକୁ ହାତରେ ପଇସା ନାହିଁ । ଗାଁ'ରେ ଝିଅ ରିବନ ବିନା ବେଣୀ ନବାନ୍ଧି ବାଳକୁ ଝୁମ୍ପୁରୁ ଝୁମ୍ପୁରୁ କରି ବୁଲୁଥିଲା । ଶାଶୁଙ୍କ ତିଳକ ପେଡିରୁ ଖୋଜିଖୋଜି ମିଳିଲା ରଂଗ ପାଟଫୁଲି ଯୋଡିଏ । ସେଇ ପାଟଫୁଲି ସୂତା ଦେଇ ଝିଅର ବେଣୀ ବାନ୍ଧିଦେଲେ ସୁରେଖା । ଆଖିରୁ ଠପ୍‌ଠପ୍ ଲୁହ ଗଡିପଡିଲା । ମନେହେଲା, କୁଞ୍ଜବିହାରୀଙ୍କର ଅନୁପସ୍ଥିତି ଯେ ତାଙ୍କପାଇଁ ଏତେ ବେଶି ଭାରି ପଡିବ, ତାହା ତାଙ୍କୁ ଜଣାନଥିଲା । କଟକରେ ଥିଲାବେଳେ ଏଭଳି ଅଭାବ କେବେବି ଅନୁଭବ କରିନଥିଲେ ସିଏ । କୁଞ୍ଜବିହାରୀଙ୍କର ଅଧାଦରମା ସୁରେଖାଙ୍କୁ ମିଳିବା କଥା । କଟକ ଘରର ଅଧା ମଧ୍ୟ ଭଡା ଲାଗିଥିଲା ଡାକ୍ତର ଶ୍ରୀ ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ପାଖରେ । ଦରମା ଆଣିବା ପାଇଁ କୁଞ୍ଜବିହାରୀ ଅଥରିଟି ସ୍ଲିପ୍ ଦେଇଥିଲେ ସାନଭାଇ ଦେବେନ୍ଦ୍ରନାଥଙ୍କୁ । ସୁରେଖାଙ୍କ ପାଖରେ ସଦାସର୍ବଦା ଅର୍ଥାଭାବ । ସ୍ୱାଭାବିକ ଭାବରେ ପିଲାମାନଙ୍କ ପାଇଁ ନୂଆ ଜାମା ଖଣ୍ଡିଏ ହେଲେ ବି ଏ ଯାବତ୍ କିଣି ପାରିନାହାନ୍ତି ସୁରେଖା ।

ଗାମୁଛାରେ ଝିଅର ପୁରୁଣା ପ୍ୟାଣ୍ଟ ଓ ଫ୍ରକ୍ କେତୋଟି ପୁଟୁଳି କରି ବାନ୍ଧିଦେଲେ ସୁରେଖା । ପୁଟୁଳିଟି ସାଇକେଲ୍‌ରେ ଓହଳାଇ ଓ ସାମ୍ନା ରଡ୍‌ରେ କୁନି ଭାଣିଜୀଟିକୁ ବସାଇ ସାଇକେଲ୍ ଚଳାଇବାକୁ ଆରମ୍ଭ କଲେ ନରସିଂହ । ଗହୀରବାଟରେ ଝିଅ ଲୁଚିଯିବାଯାଏ ସଜଳ ଆଖିରେ ଅନେଇଁ ରହିଲେ ସୁରେଖା । କେବେ ବି ଦିନକ ପାଇଁ ଝିଅକୁ ଛାଡିନଥିଲେ ପାଖରୁ । କୁଞ୍ଜବିହାରୀ ଫେରିବା ପର୍ଯ୍ୟନ୍ତ ଝିଅ ଏବେ ରହିବ ହରିରାଜପୁରରେ । ସାତ ବର୍ଷର ଏତିକି ଟିକିଏ ଛୁଆ । ଛାତି ଭିତର ମୋଚଡି ହୋଇପଡିଲା ସୁରେଖାଙ୍କର । ମନକୁ ସାନ୍ତ୍ୱନା ଦେଲେ - ଯାହା ପଛେ ହେଉ, ଝିଅ ତ ପାଠ ପଢ଼ି ପାରିବ ଅନ୍ତତଃ । କୁଞ୍ଜବିହାରୀଙ୍କୁ କଅଣ ଜବାବ ଦେବେ ନହେଲେ ଭବିଷ୍ୟତରେ ?

ମାସ ମାସ ଧରି ଝିଅର ଖବର ନାହିଁ । ଚିଠିପତ୍ର ବା ଟେଲିଫୋନ୍‌ର ଯୁଗ ନଥିଲା ସିଏ । ଶିଶୁ ତିନୋଟିଙ୍କୁ ନେଇ ସୁରେଖା ପଥୁରିପଡାରେ । କାମ କରି ଦିନ କଟେ । ମଝିରେ ମଝିରେ କୁଞ୍ଜବିହାରୀଙ୍କଠାରୁ ପତ୍ର ପାଆନ୍ତି । ପଢ଼ାପଢ଼ିରେ ବ୍ୟସ୍ତ । ଗତ ଚିଠିରେ ଲେଖିଥିଲେ - ପ୍ରତିଦିନ ପ୍ରଭୁଙ୍କୁ ପ୍ରାର୍ଥନା କରୁଛି ତୁମ୍ଭମାନଙ୍କୁ ମଙ୍ଗଳରେ ରଖିବା ସକାଶେ । ତୁମର ଓ ପିଲାମାନଙ୍କ ବିଷୟରେ ଅନେକ ସମୟରେ ଭାବୁଅଛି । ବିଶେଷତଃ ଛୋଟଛୋଟ ପିଲାଙ୍କୁ ଦେଖିଲେ ।



Digitized by srujanika@gmail.com

କେଇମାସ ପରେ ଥରଟେ ହରିରାଜପୁର ଯାଇଥିଲେ ସୁରେଖା । ମହାଦେବ ପଣ୍ଡା ଆସି ନେଇଯାଇଥିଲେ କନିଷ୍ଠା କନ୍ୟା କୋକିଳର ପୁଆଣିଘର ଉପଲକ୍ଷ୍ୟେ । ମଧୁସୂଦନଙ୍କୁ କଥା ଦେଇଥିଲେ ଶଗଡରେ ଆଣି ଛାଡିଦେଇଯିବେ ଝିଅକୁ ।

ହରିରାଜପୁରରେ ବୋଉକୁ ଶଗଡଗାଡିରୁ ଓହ୍ଲାଇବା ଦେଖି ଦୌଡି ଆସିଥିଲା କୁନିଝିଅଟି । ତାକୁ ଦେଖି ଧକ୍ କରି ଉଠିଥିଲା ସୁରେଖାଙ୍କର ଛାତି । ସାରା ଦେହ ଓ ମୁହଁରେ ହାଡଫୁଟିର ଦାଗ । ଯା ଭିତରେ କେବେ ଝିଅଟି ଅସୁସ୍ଥ ହେଇପଡିଥିଲା ତାହେଲେ । ଅନେକ ମାସ ପରେ ବୋଉକୁ ଦେଖି ଲାଜଲାଜ କରି ଠିଆହେଲା ଝିଅଟି । ହାତ ବଢେଇଲା ବୋଉ କୋଳରୁ କୁନିଭାଇଟିକୁ ନେବାପାଇଁ ।

ପ୍ରାୟ ପନ୍ଦରଦିନ ବାପଘରେ ରହିଥିଲେ ସେଥରକ ସୁରେଖା । ଦେଖିଲେ ନିଜ କାମ ନିଜେ ନିଜେ କରିବାକୁ ଶିଖିଯାଇଛି ତାଙ୍କ କୁନି ଝିଅଟି । ଏକା ଏକା ନଈକୁ ଗାଧେଇବାକୁ ଯାଏ । ଲୁଗାପଟା କାଚିନିଏ ନଈ ପଥରରେ ରଗଡିରଗଡି । ସକାଳେ ଧୂଳିମିଶା କଚ୍ଚା ସଡକରେ ଚାଲିଚାଲି ସ୍କୁଲ୍‌ଯାଏ । ରାତିରେ ମାଇଁ ଭାତ ବାଢିଦେଲେ ନିଜେନିଜେ ଖାଇଦେଇ ଯାଇ ଆଈଙ୍କ ପାଖରେ ନଳିକଟା ମଳିପିଆ ଗଦ୍ଦାରେ ଶୋଇପଡେ ।

କେତେକଥା ବୋଉକୁ କହିଲା ଝିଅ । ମାମୁ ଘରେ ଦେଖିଥିବା ବାଦୀପାଲା, ଦଣ୍ଡନାଚ, ଦୋଳଯାତ୍ରା ଏବଂ ଝାମୁଯାତ୍ରା କଥା । ମାମୁଙ୍କ ସାଥିରେ ଯାଇ ଦେଖିଥିବା ହଟକେଶ୍ୱର ମହାଦେବଙ୍କ ପାଖରେ ଥିବା ଉଷ୍ଣପ୍ରସବଣ ଓ ଜାଗର ଯାତ୍ରା କଥା, ଡମପଡାର ରଥଯାତ୍ରା ମହୋତ୍ସବ କଥା, ମାମୁଘର ଗାଁ'କୁ ଶ୍ରୀ ନିମାଇଁଚରଣ ହରିଚନ୍ଦନ ଆସି ଗୀତ ଗାଇଥିବାର କଥା । ଅଜସ୍ର ଓ ଅସରନ୍ତି କଥା ଝିଅର । ମାମୁ ମାଇଁ ଅଜା,ଆଈଙ୍କ ତରଫରୁ ସ୍ନେହର କିଛି କମ୍ ନଥିଲା । କିନ୍ତୁ ସହରର ଚଳଣି ଅପେକ୍ଷା ଗ୍ରାମର ଚଳଣିଥିଲା ଭିନ୍ନ । କୁନିଝିଅଟି ଭାରି ସହଜରେ ନିଜକୁ ଖାପ୍ ଖୁଆଇ ନେଇଥିଲା ତା' ସହିତ ।

ସୁରେଖାଙ୍କର ମନେହେଲା - ବାଳୁତବୟସର ଝିଅ, ମା' ପରି କିଏ ବା କରିବ ସେବା ? ଦିନେ ନିଜ ହାତରେ ନିଜ ଲୁଗା ଧୋଇନି, ଅଥଚ କେଡ଼େ ଖୁସିରେ ଏଠି ସବୁ କାମ କରି ପକାଉଛି । ଦେହ ସହିଲାନି ସୁରେଖାଙ୍କର । ମନ କହିଲା ମୁଁ ନେଇଯିବି ମୋ ଝିଅକୁ ।

କିନ୍ତୁ ଶେଷ ପର୍ଯ୍ୟନ୍ତ ତାହା କରିପାରିଲେନି । ଶଗଡ ଯୁଚା ହେଲାବେଳକୁ ଝିଅ ସିଲଟ ଓ ବହିବସ୍ତାନୀ ଧରି ବାହାରିଲା ସ୍କୁଲ୍‌ଯିବାପାଇଁ । ସୁରେଖା ଭାବିଲେ- ବାପ ଏତେ ବିଦ୍ୱାନ, ଝିଅକୁ ଶେଷପର୍ଯ୍ୟନ୍ତ ମୂର୍ଖ କରି ଗଢ଼ିତୋଳିବେ ସିଏ ? ଝିଅ ଏଇଠି ରହି ପାଠପଢୁ । ପାଖରେ ନ ରହିବାର ଦୁଃଖ ସହିଯିବେ ସିଏ ।

ଝିଅକୁ ବାପଘରେ ଛାଡି ଶେଷ ପର୍ଯ୍ୟନ୍ତ ଶାଶୁଘର ଗାଁ'କୁ ଲେଉଟି ଆସିଲେ ସୁରେଖା ।

●●●



Digitized by srujanika@gmail.com

## ॥ ୩୪ ॥

"ରାମ ତିଆରି କରିଥିବା କାମିଜ ମୋ ଦେହକୁ ଛୋଟ ହେଉଛି । ତେଣୁ ମୁଁ ଫେରିଲାବେଳକୁ ଢିଲା ହେଲାଭଳି ମାପରେ ପ୍ରାୟ ଚାରିଟା କମିଜ (କଲାର ଲଗା) ତିଆରି କରି ରଖିଥିବ । ଏ କାମିଜ ଚାରିଟା, ଗଞ୍ଜି ଦୁଇଟା ଓ ନୂଆଲୁଗା ସଫା କରି ରଖିଥିବ । ଯେପରିକି କଟକରେ ପହଞ୍ଚିଲା ପରେ ମୁଁ ବ୍ୟବହାର କରିପାରିବି । ପ୍ୟାଣ୍ଟ ପାଇଁ ସୁବିଧାରେ ମିଳୁଥିଲେ ଡୁଲାରେ ତିଆରି କନା ସାତଗଜ କିମ୍ବା ଆଠଗଜ ରଖିଥିବ । ମୁଁ ଗଲେ ମାପ ଅନୁସାରେ ତିଆରି କରିବି । କଟକରୁ ଆଣିଥିବା ମୋର ସବୁ ପ୍ୟାଣ୍ଟ ଦେହକୁ ସାନ ହେଉଛି ।"

ଲଣ୍ଡନ୍‌ରୁ ଫେରିବାର ସମୟ ପାଖ ହୋଇ ଆସୁଥିଲା । ସୁରେଖାଙ୍କୁ ଚିଠି ଲେଖୁଥିଲେ କୁଞ୍ଜବିହାରୀ । କିଞ୍ଚିତ୍ ସ୍ୱାସ୍ଥ୍ୟୋନ୍ନତି ଘଟିଥିଲା । ସାଧାରଣ ପହରଣ ତାଙ୍କର ସେତେବେଳେ ଥିଲା ସୁଟ୍ ଓ ଟାଇ । ସ୍ୱାଭାବିକ୍ ଭାବରେ ପତ୍ନୀଙ୍କୁ କଲରଲଗା ଜାମାପାଇଁ ଲେଖିଥିଲେ । ଜାଣିଥିଲେ ପାରିବାରିକ ଦରଜୀ ରାମ ବର୍ଷ ବର୍ଷ ତାଙ୍କର ସାର୍ଟ ତିଆରି କରି ମାପଟି ଜାଣିଯାଇଛି । ଈଷତ୍ ଢ଼ିଲାକରି ଚାରୋଟି ସାର୍ଟ ବନେଇଦବ । କୁଞ୍ଜବିହାରୀଙ୍କ ଆଗମନକୁ ପ୍ରତୀକ୍ଷା କରି ସୁରେଖା ଏବେ କଟକରେ । ଏସବୁ କାମ ସୁରୁଖୁରୁରେ ତୁଲେଇନେବେ ।

କୁଞ୍ଜବିହାରୀଙ୍କ ମନ ବେଶ୍ ପ୍ରଫୁଲ୍ଲ ଥିଲା । ସେଦିନ ସକାଳେ ବ୍ରିଟିଶ୍ ମ୍ୟୁଜିୟମ୍ ଯାଇଥିଲେ । ଦେଖି ଆସିଥିଲେ ମ୍ୟୁଜିୟମ୍‌ରେ ଶିଳାଲେଖଟିର ପ୍ଲାଷ୍ଟରକାଷ୍ଟ । କର୍ମଚାରୀଗଣ ସଯତ୍ନ ପ୍ୟାକିଙ୍ଗ୍ କରି ପ୍ୟାକିଙ୍ଗ୍ କେସ୍‌ରେ ବନ୍ଦ କରି ରଖୁଥିଲେ । ଯେଉଁଭଳି କି ରାସ୍ତାରେ ଭାଙ୍ଗିନଯାଏ କିମ୍ବା କ୍ଷତିଗ୍ରସ୍ତ ନହୁଏ ।

ପ୍ଲାଷ୍ଟରକାଷ୍ଟଟି ଥିଲା ଭୁବନେଶ୍ୱରସ୍ଥିତ ଅନନ୍ତବାସୁଦେବ ମନ୍ଦିରରେ ଥିବା ଏକ ମୂଳ ଶିଳାଲେଖର ପ୍ଲାଷ୍ଟରକାଷ୍ଟ । ଅନେକ ଓଡିଆ ଶିଳାଲିପି, ପୋଥି ତଥା ପ୍ରାଚୀନମୂର୍ତ୍ତି ବ୍ରିଟିଶ ରାଜତ୍ୱକାଳରେ ଇଂଲାଣ୍ଡକୁ ପଠାଯାଇଥିଲା । ସେ ସବୁ ସଂରକ୍ଷିତ ଥିଲା ଲଣ୍ଡନ୍‌ର ରୟାଲ ଏସିଆଟିକ ସୋସାଇଟିରେ । ରାଣୀ ଚନ୍ଦ୍ରିକାଙ୍କ ଦ୍ୱାରା ଲିଖିତ ଅନନ୍ତ ବାସୁଦେବ ମନ୍ଦିରର ଏକ ଶିଳାଲେଖ ତନ୍ମଧ୍ୟରୁ ଅନ୍ୟତମ ।

ଓଡିଶାବାସୀ ଏହି ଶିଳାଲେଖକୁ ଦେଖିନଥିଲେ । କୁଞ୍ଜବିହାରୀଙ୍କ ପାଇଁ ଏହି ଶିଳାଲେଖର ମୂଳପାଠ ଜରୁରୀ ଥିଲା । ଜରୁରୀ ଥିଲା ଏହି ମୂଲ୍ୟବାନ୍ ଶିଳାଲେଖର ନକଲ ନିଜ ଦେଶକୁ ଫେରାଇଆଣିବା । ସେଥିନିମିତ୍ତ ଏହି ମୂଳ ଶିଳାଲିପିର ପ୍ଲାଷ୍ଟରକାଷ୍ଟ କରିବା ପାଇଁ ବ୍ରିଟିଶ ମ୍ୟୁଜିୟମ୍‌କୁ ଚିଠି ଲେଖିଥିଲେ କୁଞ୍ଜବିହାରୀ ଏବଂ ତାଙ୍କରି ଏକକ ପ୍ରଚେଷ୍ଟାରେ ମୂଳଲେଖାଟି ବ୍ରିଟିଶ ମ୍ୟୁଜିୟମ୍‌କୁ ଅଣା ଯାଇଥିଲା । ଏବଂ ତା'ର ଦୁଇଟି ପ୍ଲାଷ୍ଟରକାଷ୍ଟ ନକଲ



Digitized by srujanika@gmail.com

କରାଯାଇଥିଲା । ଏଥିପାଇଁ ଆର୍ଥିକ ଖର୍ଚ୍ଚ ବ୍ୟତୀତ ପ୍ରଚୁର ପରିଶ୍ରମ କରିବାକୁ ପଡିଥିଲା କୁଞ୍ଜବିହାରୀଙ୍କୁ । ଲେଖିବାକୁ ପଡିଥିଲା ଏକାଧିକ ଚିଠି । ସମୟ ଅଭାବ ସତ୍ତ୍ୱେ ଶେଷପର୍ଯ୍ୟନ୍ତ କୃତକାର୍ଯ୍ୟ ହେଇଥିଲେ କୁଞ୍ଜବିହାରୀ । ବିଲାତ ଦେଶରୁ କିଏ କଅଣ ଆଣେ । କୁଞ୍ଜବିହାରୀ କିନ୍ତୁ ଅମୂଲ୍ୟ ରତ୍ନପରି ସାଥିରେ ନେଇଆସିଥିଲେ ଏକ ଶିଳାଲେଖର ନକଲ । ବ୍ରିଟିଶ ମ୍ୟୁଜିୟମ୍ ତାଙ୍କଠାରୁ ପ୍ୟାକିଙ୍ଗ୍ ବାବଦ ସାଢେ ଚଉଦପାଉଣ୍ଡ ଗ୍ରହଣ କରିଥିଲେ । ପ୍ଲାଷ୍ଟରକାଷ୍ଟ ଦୁଇଟି ଆଣିବା କୁଞ୍ଜବିହାରୀଙ୍କ ପାଇଁ ଥିଲା ଏକ ଚରମ ଉଲ୍ଲାସମୟ ପ୍ରାପ୍ତି । ବହୁବର୍ଷ ପରେ ଓଡିଶା ଷ୍ଟେଟ୍ ମ୍ୟୁଜିୟମକୁ ତନ୍ମଧ୍ୟରୁ ଗୋଟିଏ ଦାନ କରିଦେଇଥିଲେ ।

ସେଦିନ ସକାଳେ ଅନେକ ବୁଲାବୁଲି କରିଥିଲେ କୁଞ୍ଜବିହାରୀ । ବ୍ରିଟିଶ ମ୍ୟୁଜିୟମ୍‌ରୁ ଯାଇଥିଲେ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ । ଶେଷଥର ପାଇଁ ମନଭରି ଦେଖି ନେଇଥିଲେ ଦୁଇବର୍ଷରୁ ଉର୍ଦ୍ଧ୍ୱ ତାଙ୍କର ଚରାଭୂଇଁକୁ । କି ଚମତ୍କାର ବ୍ୟବହାର ଥିଲା ସେଠାର କର୍ମଚାରୀମାନଙ୍କର ! ଅନେକ ପରିଶ୍ରମ କରି ଦରକାରୀ ବହିସବୁ ଖୋଜିଦେଉଥିଲେ କୁଞ୍ଜବିହାରୀଙ୍କ ପାଇଁ । ସଭିଏଁ ନିରଳସ, ସଭିଙ୍କର ହସହସ ମୁହଁ, ଲାଇବ୍ରେରୀରେ ବସି କାମକଲାବେଳେ ଅନେକ ଥର ନିଜର ଡାଇରୀ ଓ ଛତା ଭୁଲ୍‌ରେ ସେଠାରେ ଛାଡି ଆସୁଥିଲେ କୁଞ୍ଜବିହାରୀ । ତାହା ଆସି ନେଇଯିବାପାଇଁ ଅବିଳମ୍ବେ ପତ୍ର ପାଉଥିଲେ ଲାଇବ୍ରେରୀରୁ । ଯାଇ ଦେଖୁଥିଲେ ତାଙ୍କର ପରିତ୍ୟକ୍ତ ଜିନିଷ ସଯତ୍ନ ସାଇତା । ଇଂରେଜ ଜାତିର ଏଇ ଚାରିତ୍ରିକ ମହତ୍ତ୍ୱ ମୁଗ୍ଧ କରିଥିଲା ତାଙ୍କୁ । ମନେ ହେଉଥିଲା, ପ୍ରତ୍ୟେକ ମଣିଷ ଯଦି ଏଇଭଳି କର୍ତ୍ତବ୍ୟନିଷ୍ଠ ହୁଅନ୍ତା, ପୃଥିବୀ ସ୍ୱର୍ଗ ପାଲଟିଯାଆନ୍ତା ନିଶ୍ଚୟ ।

ଦୁଇଦିନ ପୂର୍ବରୁ ରୟାଲ୍ ଏସିଆଟିକ୍ ସୋସାଇଟି ଲାଇବ୍ରେରୀ ମଧ୍ୟ ଯାଇଥିଲେ । କର୍ମଚାରୀମାନଙ୍କୁ ସେମାନଙ୍କର ସାହାଯ୍ୟ ଲାଗି ଧନ୍ୟବାଦ ଅର୍ପଣ କରିବା ପାଇଁ । ସାଥିରେ ଆଣିଥିବା ଦାଣ୍ଡିରାମାୟଣ, ସାରଳା ମହାଭାରତ ଇତ୍ୟାଦି ପୁସ୍ତକ ଦାନ କରି ଆସିଥିଲେ ଲାଇବ୍ରେରୀକୁ । ଦାନ କରି ଆସିଥିଲେ ଶ୍ରୀ ହରେକୃଷ୍ଣ ମହତାବ୍‌ଙ୍କ ଲିଖିତ ଓଡିଶା ଇତିହାସ ।

ସବୁଠାରୁ ଅବିସ୍ମରଣୀୟ ଥିଲା ତାଙ୍କର ସଙ୍ଗୀତ କମ୍ପାନୀ 'ହିଜ୍ ମାଷ୍ଟର୍ସ ଭଏସ୍' ଅଫିସ ପରିଦର୍ଶନ । ଧୀମାନ ଭାରତୀୟ ଛାତ୍ରଟିକୁ ଦେଖି ସେଠାର କର୍ମଚାରୀଗଣ ଆନନ୍ଦାତିଶଯ୍ୟରେ ଆପ୍ଲୁତ ହେଇଥିଲେ । ଆଗ୍ରହ ପ୍ରକାଶ କରିଥିଲେ କୁଞ୍ଜବିହାରୀଙ୍କ ପାଇଁ ଏକ ରେକର୍ଡ ପ୍ରସ୍ତୁତ କରିବା ପାଇଁ । ସେମାନଙ୍କର ସ୍ନେହମୟ ଅନୁରୋଧ ଏଡାଇବା କଷ୍ଟକର ଥିଲା । ଶେଷପର୍ଯ୍ୟନ୍ତ ହାତରେ ତାଳି ମାରିମାରି ଛାତ୍ରାବସ୍ଥାରେ ଲେଖିଥିବା ଚୋଖି ରାଗରେ ଲିଖିତ ବାଗ୍‌ଦେବୀ ବନ୍ଦନା ଗୀତଟି ଗାଇଥିଲେ କୁଞ୍ଜବିହାରୀ । ତାହାର ଏକ ରେକର୍ଡ ପ୍ରସ୍ତୁତ କରି 'ହିଜ୍ ମାଷ୍ଟର୍ସ ଭଏସ' କଂପାନୀ ଉପହାର ଦେଇଥିଲେ କୁଞ୍ଜବିହାରୀଙ୍କୁ ।

ଫେରିଆସିବାର ଜଂଜାଳରେ ସମୟ ବିତିଗଲା । ପିଲାମାନଙ୍କ ପାଇଁ ଓ ସୁରେଖାଙ୍କ ପାଇଁ କିଛି ଉପହାର ନେବା କଥା ମନେପଡିଲା କୁଞ୍ଜବିହାରୀଙ୍କର । ବଜାର ବୁଲି ଦେଖିଲେ- ପରିବାରପାଇଁ କଅଣ ନେବା ଉଚିତ୍ ହେବ, ଭାବିଭାବି ଠିକ୍ କରିପାରିଲେନି । ସାଂସାରିକ ଜ୍ଞାନରେ ଥିଲେ ଅନଭିଜ୍ଞ । ପାଖରେ ବଳକା ଅର୍ଥ ମଧ୍ୟ ବିଶେଷ କିଛି ନଥିଲା । ଶେଷପର୍ଯ୍ୟନ୍ତ ସୁରେଖାଙ୍କ ପାଇଁ ଗୋଟିଏ



Digitized by srujanika@gmail.com

ହାତଚଲା ସିଲେଇମେସିନ୍ କିଣିବାକୁ ଠିକ୍ କଲେ । ତାଙ୍କର ଏହା କାମ ଦେବ ନିଶ୍ଚୟ । ପିଲାମାନେ ଛୋଟଛୋଟ - ତାଙ୍କପାଇଁ କିଣିଲେ ବିଭିନ୍ନ ପ୍ରକାରେ,ବିଭିନ୍ନ ସ୍ୱାଦର ଚକୋଲେଟ୍ । ସାଥିରେ ନିଜର ସାନ ଟାଇପରାଇଟରଟି ଆଣିବାକୁ ଭୁଲିନଥିଲେ ଅବଶ୍ୟ ।

ଯାଇଥିଲେ ଉଡାଜାହାଜରେ । ଫେରିଲେ କିନ୍ତୁ ପାଣିଜାହାଜରେ । ସିଦ୍ଧାନ୍ତଟି ନେବାରେ ବାଧ୍ୟ ହେଇଥିଲେ କୁଞ୍ଜବିହାରୀ । କାରଣ ସାଥିରେ ବିରାଟକାୟ ଦୁଇଟି ପ୍ଲାଷ୍ଟରକାଷ୍ଟ ଥିଲା । କୁଞ୍ଜବିହାରୀଙ୍କ ପାଇଁ ତାହା ଥିଲା ଅମୂଲ୍ୟ ରତ୍ନ ସଦୃଶ୍ୟ । ନିଜ ପାଖରେ ରଖି ଉଡାଜାହାଜରେ ତାହା ଭାରତବର୍ଷ ଆଣିବା ମୁସ୍କିଲ୍ ହୋଇଥାଆନ୍ତା । ଓଜନଦାର ପ୍ୟାକେଟ୍‌ଟି ପାଇଁ ଖର୍ଚ୍ଚ ମଧ୍ୟ ପଡିଥାଆନ୍ତା ଯଥେଷ୍ଟ ପରିମାଣରେ ।

ପାଣି ଜାହାଜରେ ବମ୍ବେ ଓ ସେଠାରୁ ଟ୍ରେନ୍‌ରେ କଟକ । ଦିଅର ଦେବେନ୍ଦ୍ରନାଥଙ୍କ ସହିତ ଷ୍ଟେସନ୍ ଆସିଥିଲେ ସୁରେଖା । କୁଞ୍ଜବିହାରୀଙ୍କର ରୂପର ଜୌଲୁସ୍ ଦେଖି ମୁଗ୍ଧ ହେଲେ । ଗୋରା ରଂଗ ଆହୁରି ତୋଫା ହେଇଥିଲା ସ୍ୱାସ୍ଥ୍ୟବାନ ସୁପୁରୁଷ କୁଞ୍ଜବିହାରୀଙ୍କର । ଦେହରେ ନୀଳଫୁଲସାର୍ଟ ଓ ଗାଢନୀଳ ସୁଟ୍ । ସୁଟ୍‌ର କୋଟଟି କାଢି ହାତରେ ଧରିଥିଲେ । ବୋଧହୁଏ କିଞ୍ଚିତ୍ ଗରମ ଅନୁଭବ କରୁଥିଲେ ଓଡିଶାର ଅପେକ୍ଷାକୃତ ଉଷ୍ଣ ଜଳବାୟୁରେ । କୋଟ୍ ତଳେ ସାନ ଜାକେଟ୍‌ଟିଏ ଓ ଗାଲିସ୍‌ଲଗା ଫୁଲ୍‌ପ୍ୟାଣ୍ଟ । ପୂରା ମାତ୍ରାରେ ସାହେବୀ ପୋଷାକ ।

ଚାରୋଟି ଯାକ ସନ୍ତାନ ଧାଡିବାନ୍ଧି ଛିଡା ହେଇଥିଲେ ଦାଣ୍ଡ ପିଣ୍ଡାରେ । ଘରକୁ ବିଜୁଳିବତୀ ଆସିଥିଲା ଯା ଭିତରେ । ସାନ ସନ୍ତାନ ଦୁଇଟି ବାପାଙ୍କୁ ମନେ ରଖିନଥିଲେ । ବଡ ଦୁଇଜଣଙ୍କର କିଛି କିଛି ବାପାଙ୍କ ମୁହଁ ମନେଥିଲା । କୁଞ୍ଜବିହାରୀ ଘୋଡାଗାଡିରୁ ଓହ୍ଲାଇ ପିଣ୍ଡାରେ ଚଢ଼ିଲାବେଳକୁ ଜ୍ୟେଷ୍ଠାକନ୍ୟା ଉପରେ ନଜର ପଡିଲା । ପରମ ସ୍ନେହରେ ତା' କାନ୍ଧରେ ହାତ ପକାଇ ସାମାନ୍ୟ ଅନୁନାସିକ ସ୍ୱରରେ କହିଲେ - ଚାଲଚାଲ । ଭିତରକୁ ଚାଲ । ଝିଅକୁ ବାପା ଲାଗିଲେ ନୂଆନୂଆ । ସାହେବ ପରି । ସନ୍ତାନ ଚାରୋଟି ଆଗପଛ ହେଇ ବାପାଙ୍କ ପଛେପଛେ ପଶିଲେ ଘରେ ।

ମଝିଘରେ ପୁରୁଣା ଲମ୍ବ ହାଣ୍ଡଲ୍‌ଲଗା ଆରାମଚୌକିଟିରେ ଆଉଜି ବସିଲେ କୁଞ୍ଜବିହାରୀ । ଚଟାଣରେ ମୁଣ୍ଡରୁ ଖସିପଡୁଥିବା ଓଢ଼ଣାକୁ ଟାଣିଦେଇ ପାନ ଭାଙ୍ଗି ବସିଲେ ସୁରେଖା । ପିଲାମାନେ ଚାହିଁଲେ- ବୋଉ ମୁହଁଟି ହସହସ ଦିଶୁଥିଲା । ଖୁସିରେ ଝଲ୍‌ମଲ । କୁନିକୁନି ସନ୍ତାନ ଚାରୋଟି ପିଣ୍ଡାରେ ଠିଆହେଇ ଉହୁଙ୍କି ଦେଖିଲାଗିଲେ କୁଞ୍ଜବିହାରୀଙ୍କୁ । ଲାଜ କରି କେହି ଗଲେନି ଭିତରକୁ ।

କୁଞ୍ଜବିହାରୀ ଚୌକିରେ ବସିବାପରେ ପ୍ରଥମେ ସୁରେଖାଙ୍କୁ ପଚାରିଲେ ପିତାଙ୍କ ମୃତ୍ୟୁବେଳର ଖବର - କଅଣ ଆଉ କହୁଥିଲେ ବାପା ଶେଷବେଳକୁ ? ସୁରେଖା କହିଲେ - ବହୁତ ଖୋଜୁଥିଲେ ତୁମକୁ ।

ଅଚାନକ ସାନ ପିଲାଙ୍କ ପରି ମୁହଁ ଫଟାଇ କଇଁ କଇଁ ହୋଇ କାନ୍ଦିବାକୁ ଆରମ୍ଭ କଲେ କୁଞ୍ଜବିହାରୀ ।

●●●



Digitized by srujanika@gmail.com

## ।। ୩୭ ।।

ପିଲାମାନେ ସନ୍ଧ୍ୟାବେଳେ ପିଣ୍ଡାପାହାଚରେ ଧାଡି ହୋଇ ବସି ପ୍ରାର୍ଥନା କରୁଥିଲେ । ରଘୁପତି ରାଘବ ରାଜାରାମ ଓ ଆହେ ଦୟାମୟ ବିଶ୍ୱବିହାରୀ । ସବା ଶେଷକୁ ଜ୍ୟେଷ୍ଠାକନ୍ୟା ଗାଉଥିଲା ନିମାଇଁଚରଣ ହରିଚନ୍ଦନଙ୍କ ଗୀତ - ଚକାନୟନକୁ ପତିତ କହି ।

ପିଣ୍ଡାରେ ଚୌକିରେ ଆଖିବୁଜି ପିଲାଙ୍କ ପ୍ରାର୍ଥନା ଶୁଣୁଥିଲେ କୁଞ୍ଜବିହାରୀ । ଯାହାହେଉ, ଚମତ୍କାର ଅଭ୍ୟାସଟିଏ ପିଲାମାନଙ୍କର କରାଇଛନ୍ତି ସୁରେଖା ।

ପିଲାମାନେ ଏବେ ପ୍ରାରମ୍ଭିକ ଜଡତା ଓ ସଙ୍କୋଚ କାଟି ଟିକିଏ ଟିକିଏ ପାଖକୁ ଆସିଲେଣି । ଅଗଣିତ ପ୍ରଶ୍ନ ସେମାନଙ୍କର । ପ୍ରଚୁର ଚକୋଲେଟ୍ ଆଣିଥିଲେ କୁଞ୍ଜବିହାରୀ ପିଲାମାନଙ୍କ ପାଇଁ । ପିଲାମାନଙ୍କ ଖୁସି କହିଲେ ନସରେ । ଏତେ ପ୍ରକାର ଚକୋଲେଟ୍ କେବେ ଆଗରୁ ଦେଖିନଥିଲେ ସେମାନେ । କାହା ଭିତରେ ପେସ୍ତାବାଦାମ ମଞ୍ଜିଟିଏ ତ କାହା ଦେହରେ ମଲାଇର ବାସ୍ନା । କୁଞ୍ଜବିହାରୀ ଦୁଇଟି ବଡବଡ ଟ୍ରଙ୍କ ଖୋଲି ତାଙ୍କ ଲୁଗାପଟା କାଢ଼ିଲା ବେଳକୁ ପିଲେ କହିଲେ - ବାପା, ତମ ଟ୍ରଙ୍କ୍‌ରୁ ବିଲାତ ବାସ୍ନା ବାହାରୁଛି । ଭଳିଭଳି ସୁଟ୍ । ବଡଝିଅ କହିଲା - ବାପା, ତମର ଏତେ ସୁଟ୍ ! ସବୁବେଳେ ସୁଟ୍ ପିନ୍ଧ ସେଠି ? ଗରମ ଲାଗେନି ?

- ନାଇଁ ମା, ସେଇଟା ଶୀତପ୍ରଧାନ ଦେଶ ତ ! ଏସବୁ ପିନ୍ଧିବା ଜରୁରୀ ହୋଇପଡେ । ମୋ'ର ଗୋଟିଏ ଲମ୍ବା ଗରମ ଓଭରକୋଟ୍ ଥିଲା । ଏଠି କିଛି କାମ ଦେଇନଥାନ୍ତା । ମୁଁ ଆସିଲା ବେଳେ ମୋ'ର ବନ୍ଧୁ ମିହିର ସେନ୍‌କୁ ସେ ଗୋଟିକ ଦେଇ ଆସିଲି ।

କୁଞ୍ଜବିହାରୀ କଲେଜ ଗଲାବେଳେ ଟାଇ ଓ କୋଟ୍ ସାଥିରେ ଫୁଲ୍ ସୁ ଓ ମୋଜା ପିନ୍ଧି ଯାଉଥିଲେ । ଝିଅ ଜୋତା ପିନ୍ଧାଇ ଦେଉଥିଲା ବାପାଙ୍କୁ । ଆଲୁମିନିୟମ୍‌ର ଜିଭ ଆକାରର ପାତିଆଟିଏ । ଗୋଇଠି ପାଖରେ ଦେଖାଇଦେଲେ ଗୋଇଠି ଖସି ଆରାମରେ ପଶିଯାଉଥିଲା ଜୋତା ଭିତରକୁ । ଜୋତା ପିନ୍ଧାଇ ଫାଶ ପକାଇ ଲେସ୍ ବାନ୍ଧିଦେଉଥିଲା ଝିଅ ।

କୁଞ୍ଜବିହାରୀ ଲଣ୍ଡନ୍‌ରୁ ଶିଖି ଆସିଥିଲେ ବ୍ୟାଗ୍ ଧରିବା । ବଡ ଝିଅ ଚତୁର୍ଥ ଶ୍ରେଣୀରେ ଦାଖଲ୍ ହୋଇଥିଲା । ସ୍କୁଲ୍ ଯାଉଥିଲା ଖାତା ବହି ହାତରେ ଧରି । କୁଞ୍ଜବିହାରୀ କହିଲେ - ବିଲାତରେ ଲୋକମାନେ ବାହାରକୁ ଗଲେ ହାତରେ ବ୍ୟାଗ୍‌ଟିଏ ଧରିଯାଆନ୍ତି । ହାତରେ



Digitized by srujanika@gmail.com

ଜିନିଷପତ୍ର ଧରି ନିଅନ୍ତିନି । ତୋ' ପାଇଁ ବ୍ୟାଗ୍ କିଣି ଆଣିବି ମା । ବହିପତ୍ର ସେଇଥିରେ ରଖି ନେବୁ ।

ସେତେବେଳେ ରେକ୍ସିନ୍‌ର ଏତେ ଭଳି ବ୍ୟାଗ୍ କିମ୍ବା ଭି.ଆଇ.ପି ବ୍ୟାଗର ପ୍ରଚଳନ ନଥିଲା । ଚମଡା ଜିନିଷ କୁଞ୍ଜବିହାରୀ ଛୁଇଁବେନି । ତେଣୁ କଲେଜକୁ ବହିପତ୍ର ନେବାପାଇଁ କିଣି ଆଣିଲେ ନିଜଲାଗି ସାନ ଟିଣ ସୁଟ୍‌କେଶ୍‌ଟିଏ । ସେଇଭଳି କୁନିକୁନି ସୁଟ୍‌କେଶ୍ ନେଇଆସିଲେ ପିଲାଙ୍କ ପାଇଁ ମଧ୍ୟ ।

ପିଲାମାନଙ୍କୁ ଲାଜ ଲାଗିଲା ସେ ସୁଟ୍‌କେଶ୍ ଧରିବାପାଇଁ । କୁଞ୍ଜବିହାରୀ କିନ୍ତୁ ସୁଟ୍ ଓ ଟାଇ ପିନ୍ଧି ହାତରେ ସେ ଟିଣ ସୁଟ୍‌କେଶ୍ ଧରି କଲେଜ ଯିବାକୁ ଲାଗିଲେ । ସୁଟ୍‌ପିନ୍ଧା ଚେହେରା ସହିତ ସେ ଟିଣ ସୁଟ୍‌କେଶ୍ ବଡ ବେମାନାନ୍ ଥିଲା । କୁଞ୍ଜବିହାରୀଙ୍କର ସେଥିପ୍ରତି ପରୁଆ ନଥିଲା । ଦିନେ କାହାଠାରୁ ଏ ସଂପର୍କରେ କିଛି ବିରୂପ ମନ୍ତବ୍ୟ ଶୁଣି ସୁରେଖା କହିଲେ - ତମେ ସେ ଟିଣ ସୁଟ୍‌କେଶ୍ ଧରି ଯାଅନା ତ ! ଲୋକେ କେତେ ପ୍ରକାର କଥା କହୁଥିବେ ।

କୁଞ୍ଜବିହାରୀ ମୃଦୁ ହସିଲେ । କହିଲେ - ଲୋକମାନଙ୍କର ମନ୍ତବ୍ୟର କୌଣସି ପ୍ରଭାବ ମୋ ଉପରେ ପଡେନି ତମେ ଜାଣ । କିଏ ମତେ ଭଲ କହିଲା ବା ମନ୍ଦ କହିଲା, କଅଣ ବା ଯାଏ ଆସେ ସେଥିରେ ? ଏ ସବୁ ଆଲୋଚନା ନିରର୍ଥକ । ତା' ଛଡା ମୁଁତ କିଛି ଗର୍ହିତ କାମ କରୁନି । କୁହନ୍ତୁ ଯିଏ ଯାହା କହିବେ ।

ସୁରେଖା ନୀରବ ରହିଲେ । ଦେବତୁଲ୍ୟ ମଣିଷଟିକୁ ଚାହିଁ ଭାବିଲେ - ସତରେ କି ଧାତୁରେ ଗଢା ଏ ମଣିଷ ? ନା ଜୀବନରେ ଦିନେ ପରଚର୍ଚ୍ଚା କରିଛନ୍ତି ନା ତାଙ୍କ ବିଷୟରେ କେହି ଚର୍ଚ୍ଚା କଲେ ସେଥିରେ କାନ ଦେଇଛନ୍ତି । ତାଙ୍କୁ କିଏ ନିନ୍ଦା କଲା ବା ପ୍ରଶଂସା, ତିଳେ ମାତ୍ର ଭ୍ରୂକ୍ଷେପ ନାହିଁ ସେଥିରେ । ବ୍ୟକ୍ତିତ୍ୱ ବିନୀତ ଓ ନିରୁଦ୍‌ବେଗକର । କ୍ରୋଧଶୂନ୍ୟ ମଣିଷଟିର ସ୍ୱଭାବ ଏତେ ସ୍ନିଗ୍ଧ ହେଲା କେମିତି ? ନିଷ୍କଳୁଷ, ସୁଶୃଙ୍ଖଳ ଓ ନିରଭିମାନ ହୃଦୟର ଏ ମଣିଷଟିକୁ କେଉଁ ପୁଣ୍ୟ ବଳରେ ପାଇଲେ ସିଏ ? ସୀତାଦେବୀଙ୍କୁ ମନେମନେ ପ୍ରଣାମ କଲେ ସୁରେଖା - ଏଭଳି ପୁତ୍ରଟିଏ ସଂସାରକୁ ଆଣିଥିବା ହେତୁ । ଏଭଳି ପୁତ୍ରଟିଏ ତାଙ୍କ ହାତରେ ସମର୍ପି ଦେଇଥିବା ହେତୁ ।

ଯା ଭିତରେ ଗ୍ରାମରୁ ଘନଘନ ଖବର ଆସୁଥିଲା ସୀତାଦେବୀଙ୍କଠାରୁ । ସୀତା ମାନସିକ କରିଥିଲେ ପୁଅ ବିଲାତରୁ ଫେରିଲେ ଦାଣ୍ଡରେ ସତ୍ୟନାରାୟଣ ପୂଜା ଓ ଠିଆପାଲା କରିବେ । ଏଥିପାଇଁ କୁଞ୍ଜବିହାରୀଙ୍କ ଉପସ୍ଥିତି ଜରୁରୀ ଥିଲା । ତେଣୁ ସପରିବାର ଗାଁ'କୁ ଗଲେ କୁଞ୍ଜବିହାରୀ । ଖରାଛୁଟିରେ । ପହଞ୍ଚି ମା'ଙ୍କ ଚରଣସ୍ପର୍ଶ କରି ଆଶୀର୍ବାଦ ଭିକ୍ଷାକଲେ କୁଞ୍ଜବିହାରୀ । ସୀତାଙ୍କ ଆଖି ସଜଳ ହେଲା । ଚାହିଁଲେ - ପିଲାଦିନର ସେଇ ବାବୁ । କେବେ ଏତେ ବଡ ହେଇଗଲା ? ନିଜ ହାତରେ ରୋପିଥିବା ଗଛକୁ ଯେ ଚିହ୍ନିପାଏନି ଏବେ ।



Digitized by srujanika@gmail.com

ଆଖପାଖ ଗାଁ'ରେ ଚହଳ ପଡିଗଲା । ସାହେବ ଦେଶରୁ ପାଠପଢ଼ି ଆସିଥିବା କୁଞ୍ଜବିହାରୀ ଏବେ ଗ୍ରାମରେ ଉପସ୍ଥିତ । ସନ୍ଧ୍ୟାହେଲେ ଆଖପାଖ ଗାଁ- ରଜିବ, ଅନୁଆରି, ଗୋଳାଗଣ୍ଡ, ଅନ୍ଧାରୁଆ, ପାଥପୁର, ପଶାଣିଆ, ବରପୁଟ, ଡେଙ୍ଗାମ - ରୁ ଦଳଦଳ ଉତ୍ସୁକ ଗ୍ରାମବାସୀ ଆସି ରୁଣ୍ଡ ହୁଅନ୍ତି ଘର ସାମ୍ନାରେ । ସାମ୍ନା ଟେବୁଲ୍‌ରେ ଲଣ୍ଠନଟିଏ ଜଳାଇ ଚୌକିଟିଏ ପକାଇ ଦାଣ୍ଡଦୁଆରେ ବସନ୍ତି କୁଞ୍ଜବିହାରୀ । ଚତୁର୍ଦ୍ଦିଗରେ ଫୁଙ୍ଗୁଳା ଦେହୀ ଗ୍ରାମୀଣ ମଣିଷମାନଙ୍କର ଭିଡ । କାହାର କେଉଁଭଳି ପ୍ରଶ୍ନ- ବିଲାତରେ ଲୋକେ କଅଣ ଖାଆନ୍ତି ? ଲୋକମାନେ ଦେଖିବାକୁ କେମିତି, କେଉଁ ଭାଷାରେ କଥା କହନ୍ତି, ଭାତ ଖାଆନ୍ତି ନା ନାହିଁ । ସେମାନଙ୍କର ବିଭାଘର ରୀତିନୀତି କଅଣ ? ଅଜସ୍ର ପ୍ରଶ୍ନ । ଲୋକମାନଙ୍କ ମନରେ ଅଜସ୍ର କୌତୁହଳ । ବିଲାତ ସତେଅବା ଜହ୍ନ ସେପଟରେ ରାଇଜ । ଭିନ୍ନଦେଶ, ଭିନ୍ନ ସମାଜ । କୁଞ୍ଜବିହାରୀ ଧୈର୍ଯ୍ୟର ସହିତ ସବୁପ୍ରଶ୍ନର ଉତ୍ତର ଦିଅନ୍ତି । ଗପ କରନ୍ତି ଗାଁ' ଲୋକଙ୍କ ସହିତ ବିନମ୍ରତାର ସହିତ । ମନେପଡେ ପିତାଙ୍କ କଥା । ତାଙ୍କୁ ନେଇ ପିତାଙ୍କର ସ୍ୱପ୍ନଦେଖାକଥା । ଆଜି ଜୀବିତ ଥିଲେ ଖୁସିରେ ପାଦ ତଳେ ପଡୁନଥାଆନ୍ତା ତାଙ୍କର । ରାତି ବଢ଼େ, ଲୋକମାନଙ୍କର ପ୍ରଶ୍ନ ସରେନି । ଏକ ସମୟରେ ସଭା ଭାଙ୍ଗେ । ପରଦିନ ପୁଣି ଏହାର ପୁନରାବୃତ୍ତି ।

ସୀତାଙ୍କର ମାନସିକ ସତ୍ୟନାରାୟଣ ପୂଜା ମଧ୍ୟ ହେଇଥିଲା ଯା' ଭିତରେ ।

ଘର ସାମ୍ନାରେ ଛାମୁଣ୍ଡିଆ ବନ୍ଧାହେଇ ପଞ୍ଚଲାଇଟ୍ ଜଳିଲା । ପଡିଶାଘର ପାଲାକାର ହରିବନ୍ଧୁ ଠିଆପାଲା କଲେ ତାଙ୍କର ଦଳବଳ ସହିତ । କୁଞ୍ଜବିହାରୀ ଦାଣ୍ଡପିଣ୍ଡାରେ ବସି ସାରାରାତି ପାଲାଗାୟନ ଶୁଣିଲେ । ହରିବନ୍ଧୁଙ୍କର ସଂସ୍କୃତ ଶ୍ଲୋକ ତଥା ମଧ୍ୟଯୁଗୀୟ କବିତାର ଉଦ୍ଧୃତିରେ ବ୍ୟୁତ୍ପତ୍ତି ଦେଖି ଖୁସି ହେଲେ ମଧ୍ୟ । ପାଲାସରିଲା ଭୋର୍‌ବେଳକୁ । ସଭିଏଁ ସିରିଣୀ ଭୋଗ ପାଇଲେ । ସୀତାଙ୍କର ମନସ୍କାମନା ପୂର୍ଣ୍ଣହେଲା ।

ଛୁଟି ସରିଲା । ଫେରିଲା ବେଳକୁ ସୀତା କହିଲେ - ଏଇ ବୋଧହୁଏ ତୋ' ସହିତ ଶେଷ ଦେଖା । ଆଉ ବୋଧେ ଦେଖିପାରିବିନି ତତେ । କୁଞ୍ଜବିହାରୀଙ୍କ ଛାତି ଧକ୍ କରି ଉଠିଲା । ମା'ଙ୍କୁ ପ୍ରଣାମ କରି ଶଗଡରେ ଉଠିଲେ । ଗାଁ'ରୁ ଶଗଡରେ ଖୋର୍ଦ୍ଧା । ସେଠାରୁ ଟ୍ରେନ୍‌ରେ କଟକ ।

ସୀତା ଠିକ୍ କଥା କହିଥିଲେ । କେଇଟା ବର୍ଷରେ କୁଞ୍ଜବିହାରୀ କଟକରେ ଥିବା ସମୟରେ ଆଖିବୁଜିଲେ ସୀତା । ଏତେ ପାଖରେ ଥାଇ ବି ମାତାଙ୍କ ମୁହଁରେ ଗଙ୍ଗାଜଳ ଠୋପେ ଦେଇପାରିଲେନି କୁଞ୍ଜବିହାରୀ ।

●●●



Digitized by srujanika@gmail.com

## ।। ୩୭ ।।

ସମୟ ଗଡ଼ୁଥିଲା, କୁଞ୍ଜବିହାରୀ ପ୍ରୌଢ଼ତ୍ୱ ଅତିକ୍ରମ କରିବାକୁ ବସିଥିଲେ ।

ଜୀବନ ପଡିଯାଉଥିଲା ଏକ ନିର୍ଦ୍ଦିଷ୍ଟ ରୁଟିନ୍‌ରେ । ବଡିଭୋର୍‌ରୁ ଉଠି ସ୍ନାନସାରି ପ୍ରାର୍ଥନା । ପ୍ରାର୍ଥନା ପରେ ଜଳପାନ କରି ପଶୁଥିଲେ ପଢ଼ାଘରେ । ଲଣ୍ଡନ ଯିବାପର୍ଯ୍ୟନ୍ତ ପଢ଼ାଘରଟି ଥିଲା ତଳମହଲାରେ । ପରିବାରର ବୃଦ୍ଧି ଘଟିଥିଲା । ତାଙ୍କ ପଢ଼ାଘରଟି ବର୍ତ୍ତମାନ ପୁତ୍ରକନ୍ୟାମାନଙ୍କର ଶୟନକକ୍ଷ । କୁଞ୍ଜବିହାରୀ ଉଠିଆସିଥିଲେ ଉପର ମହଲାକୁ ।

ସକାଳେ ଖବରକାଗଜଟି ପଢି ଗୋଟିଏ ବଡ ଲମ୍ବା ଖାତାରେ ସେ ଦିନର ମୁଖ୍ୟ ସମ୍ବାଦଗୁଡିକୁ ଟିପି ରଖୁଥିଲେ । ତା'ପରେ ପଢ଼ାପଢ଼ି । ରେଡିଓଭାଷଣ କିମ୍ବା କୌଣସି ପତ୍ରିକାପାଇଁ ପ୍ରବନ୍ଧରଚନା । ଦଶଟାବେଳେ ଭାତଖାଇ ବାହାରି ଯାଉଥିଲେ କଲେଜ । ଚାଲୁଥିଲେ ସଶକ୍ତ ପଦକ୍ଷେପରେ । ବଡବଡ ପାହୁଣ୍ଡ ପକାଇ । କଲେଜରୁ ଫେରି ସାମାନ୍ୟ ବିଶ୍ରାମ । ଖୋଲାଛାତରେ କିଛି ସମୟ ପଦଚାଳନା କରୁଥିଲେ ସେତେବେଳେ । ଅସ୍ତଗାମୀ ସୂର୍ଯ୍ୟର ତେରେଛା ରଶ୍ମି ବାରିପଟେ ଥିବା ଝିରିଝିରି ତେନ୍ତୁଳି ଗଛର ପତ୍ରଦେଇ ଛାତଟିକୁ ଧୋଇଦେଉଥିଲା ଏକ କମଳାରଂଗର ପୁଟରେ । ସୁନୀଳ ଆକାଶ, ତହିଁରେ ଭାସମାନ ମେଘଖଣ୍ଡ, ଗୃହାଭିମୁଖେ ଉଡ୍ଡୀୟମାନ ପାରାବତ ଗୋଷ୍ଠୀ, ଘରପାଖେ ଖାଲି ପଡିଥିବା ଜମିଟିର ଚାକୁଣ୍ଡା ଫୁଲର ଆସର - ସବୁକିଛି ମିଶି ପୋଛିଦେଇ ଯାଉଥିଲା ଅବସନ୍ନ ଶରୀରର କ୍ଳାନ୍ତି । ପିଲାଦିନରୁ ପ୍ରକୃତିର ନୀରବତା ତଥା ଅସୀମତା ମୁଗ୍ଧ କରୁଥିଲା କୁଞ୍ଜବିହାରୀଙ୍କୁ । ଅନେକସମୟ ପର୍ଯ୍ୟନ୍ତ ଚୌକିଟିଏ ପକାଇ ବସୁଥିଲେ ଖୋଲା ଛାତରେ ।

ରାତ୍ରିର ପାଠପଢ଼ା ସରୁସରୁ ପ୍ରାୟ ଦଶଟା । ପଢ଼ାଲୁଗା ପାଲଟି ଶୋଇବାପାଇଁ ଉଦ୍ଦିଷ୍ଟ ଧୋତିଟି ପିନ୍ଧି ପରିଚର୍ଯ୍ୟା କରୁଥିଲେ ସନ୍ତାନମାନଙ୍କର । ନିଦବାଉଳା କୁନିକୁନି ଛୁଆଙ୍କୁ ବଡ ପିଣ୍ଡାରେ ବସାଇ ଗୁଣ୍ଡା ଗୁଣ୍ଡା କରି ହରଡ ଡାଲିଗୋଳା ଗରମ ଭାତ ଖୁଆଇ ଦେଉଥିଲେ ସୁରେଖା । ପିଲାଙ୍କର ଆଖି ନିଦରେ ଢୁଳୁଢୁଳୁ । ସେମାନଙ୍କୁ ଗୋଟିଗୋଟି କରି କୋଳରେ ନେଇ ବିଛଣାରେ ଶୁଆଇ ଦେଉଥିଲେ କୁଞ୍ଜବିହାରୀ । ମଶାରି ଗୁଞ୍ଜି ଦେଉଥିଲେ ଶେଯ ଚାରିପଟେ । ତା'ପରେ ନିଜର ବିଶ୍ରାମ ।

ସଂସାର ସଂପର୍କରେ ଥିଲେ ଅନାଡି । ଘରର କୌଣସି ଦାୟିତ୍ୱ ବୁଝୁନଥିଲେ । ଥରଟିଏ ଘରେ ପରିବା ନଥିବାରୁ ସୁରେଖା କହିଥିଲେ ପାଖ ବଜାରରୁ କିଛି ପରିବା



Digitized by srujanika@gmail.com

ଆଣିଦେବା ପାଇଁ । ଘରେ ବୋଲହାକ କରୁଥିବା ରାମନାମକ ବାଳକଟିକୁ ସାଥିରେ ଧରି ତତ୍‌କ୍ଷଣାତ୍ ବଜାର ଯାଇଥିଲେ କୁଞ୍ଜବିହାରୀ । ରାମ ମୁଣ୍ଡରେ ଏକ ବିରାଟକାୟ ବୋଝ । କୁଞ୍ଜବିହାରୀ ଫେରିଆସିଥିଲେ-ବୋଝରେ କେତୋଟି ଲେମ୍ବୁ, ଏକ କିଲୋ ଅଦା ଏବଂ କେତୋଟି କରମଙ୍ଗା ଧରି । ସୁରେଖା ସ୍ୱାମୀଙ୍କୁ ପରିବା ଆଣିବାପାଇଁ ଆଉ କେବେ କହିନାହାନ୍ତି ଜୀବନରେ ।

କେତେବେଳେ କେମିତି କବିତା ଲେଖୁଥିଲେ କୁଞ୍ଜବିହାରୀ । ପିଲାଦିନୁ କବିତା ଲେଖିବାର ସଉକ୍ ଥିଲା । କବିତା ଗୁଡ଼ିକ ଥିଲା ରାଧାନାଥ ମେହେର ଏବଂ ମଧୁସୂଦନଙ୍କର ରଚନା ଶୈଳୀରେ ଲିଖିତ । ଉପଧାମିଳନ ଚମତ୍କାର । ବର୍ଣ୍ଣନାରେ ଓ ଶବ୍ଦସଂଯୋଜନାରେ ସ୍ଥଳବିଶେଷରେ ସଂସ୍କୃତର ପ୍ରଭାବ । କବିତାଟିଏ ଲେଖିଲେ ମନ ବେଶ୍ ପ୍ରଫୁଲ୍ଲ ହୋଇଯାଉଥିଲା । ୱର୍ଡ଼ସ୍‌ୱର୍ଥ, କଲରିଜ୍, ଟେନିସନ, ମିଲଟନ୍, ଟି.ଏସ୍.ଏଲିଏଟ୍ ଇତ୍ୟାଦିଙ୍କ ଦ୍ୱାରା ଲିଖିତ ଅନେକ ଗୁଡ଼ିଏ ଇଂରାଜୀ କବିତାର ସଫଳ ଅନୁବାଦ ମଧ୍ୟ କରିଥିଲେ । ଗୋଟିଏ ନାଟକ - ସାବିତ୍ରୀ ପରିଣୟ ଲେଖିବାକୁ ଆରମ୍ଭ କରିଥିଲେ । ସମୟ ଅଭାବରୁ ତାହା ଶେଷ ହୋଇପାରିନଥିଲା ।

ଯା' ଭିତରେ ପ୍ରବନ୍ଧ ଲେଖିଥିଲେ ଅନେକ । ପ୍ରବନ୍ଧ ଖାତାଟି ସେ ଦିନ ଓଲଟାଇ ଦେଖୁଥିଲେ କୁଞ୍ଜବିହାରୀ । ଅନେକଗୁଡ଼ିଏ ପ୍ରବନ୍ଧ ହୋଇଗଲାଣି । ମୂଳତଃ ସଂସ୍କୃତ ସାହିତ୍ୟକୁ ଆଧାରକରି ଲେଖା । ବେଦରେ ଧର୍ମ ନିରପେକ୍ଷ ଜୀବନ, ବେଦାନ୍ତ ସୂତ୍ର, ଭଗବତ୍ ଗୀତା, ବାୟୁ ପୁରାଣ, ଗଦ୍ୟକାବ୍ୟ, କାଳିଦାସଙ୍କ ରଚନାରେ ଶ୍ରେଷ୍ଠ ନାୟକ ଚରିତ୍ର, ଭର୍ତ୍ତୃହରିଙ୍କ ନୀତିଶତକ, ସଂସ୍କୃତ ସାହିତ୍ୟରେ ଆଲଙ୍କାରିକ ଆନନ୍ଦବର୍ଦ୍ଧନ, ପାଲିଭାଷା ଓ ସଂସ୍କୃତ ଭାଷାର ଗଳ୍ପସାହିତ୍ୟ, ଭାସଙ୍କ ନାଟକ ସମୂହରେ ସମାଜ ଦର୍ଶନ ଇତ୍ୟାଦି । ପ୍ରବନ୍ଧ ପାଇଁ ମୂଳ ସଂସ୍କୃତ ଗ୍ରନ୍ଥ ସବୁ ଅଧ୍ୟୟନ କରିବାକୁ ପଡ଼ିଥିଲା । ପ୍ରତ୍ୟେକଟି ପ୍ରବନ୍ଧ ଥିଲା ତାଙ୍କ ପାଣ୍ଡିତ୍ୟର ତଥା ବୌଦ୍ଧିକତାର ନିଦର୍ଶନ । 'ସଂସ୍କୃତ ସାହିତ୍ୟ' ଶିରୋନାମାରେ ଶେଷପର୍ଯ୍ୟନ୍ତ ପ୍ରବନ୍ଧଗୁଡ଼ିକ ଛପାଇ ନେଇଥିଲେ କୁଞ୍ଜବିହାରୀ ।

ଅଜସ୍ର କାମ - କାମ ପାଇଁ ସମୟ ନିଅଣ୍ଟ ପଡୁଥିଲା କୁଞ୍ଜବିହାରୀଙ୍କର । ଫିଲୋଲଜିକାଲ ସୋସାଇଟି କାଉନ୍‌ସିଲ୍‌ର ଶ୍ରୀଯୁକ୍ତ ରାଲ୍‌ଫ୍ ଟର୍ଣ୍ଣର ତିନୋଟି ଚିଠି ପଠାଇସାରିଲେଣି ଯା' ଭିତରେ । ବିଭିନ୍ନ ଶବ୍ଦର ଧାତୁରୂପ ତଥା ସେ ଶବ୍ଦ ସମୂହ ଅପଭ୍ରଂଶ ହେବା ପରେ ବର୍ତ୍ତମାନ କିଭଳି ରୂପ ନେଇଛନ୍ତି ସେ ସଂପର୍କରେ କୁଞ୍ଜବିହାରୀଙ୍କ ମତାମତ ଜାଣିବାକୁ ଚାହିଁଛନ୍ତି । ପ୍ରଥମ ଚିଠିଟିରେ 'ଶ୍ରାହି' ଶବ୍ଦ ସଂପର୍କରେ ଜାଣିବାକୁ ଚାହିଁଥିଲେ ଶ୍ରୀଯୁକ୍ତ ଟର୍ଣ୍ଣର୍ । 'ଶ୍ରାହି' ଶବ୍ଦଟି ବର୍ଷ ବୋଲି ବୁଝାଏ ଲେଖି ଶବ୍ଦଟିର ଉତ୍ପତ୍ତି ସଂପର୍କରେ ସବିଶେଷ ଟିପ୍ପଣୀ ଦେଇ ଚିଠିଟିଏ ଲେଖିସାରିଛନ୍ତି କୁଞ୍ଜବିହାରୀ । ଦ୍ୱିତୀୟ ଚିଠିଟିରେ ଶ୍ରୀ ଟର୍ଣ୍ଣର ଜାଣିବାକୁ ଚାହୁଁଛନ୍ତି- ସତରେ କଅଣ ହିନ୍ଦୁଧର୍ମର ବିଶ୍ୱାସ ଅନୁସାରେ ନିଦ୍ରିତ ଥିବା ସମୟରେ ମନୁଷ୍ୟର ଆତ୍ମା ତା'ଶରୀରଠାରୁ ଅଲଗା ହୋଇଯାଏ ? ହୁଏତ କୌଣସି ସୂତ୍ରରୁ ଏ ସଂପର୍କରେ ଜାଣି ସନ୍ଦେହମୋଚନ ପାଇଁ ଚିଠିଟି ଲେଖିଛନ୍ତି ଆଲ୍‌ଫ୍ରେଡ ମହୋଦୟ । ଏହାର ଉତ୍ତର ଯେମିତି



Digitized by srujanika@gmail.com

ହେଲେ ବି ଆଜି ଲେଖିବାକୁ ହେବ । ଚିଠିର ଫାଇଲଟି ବନ୍ଦକରି ଉତ୍ତର ଲେଖିବାପାଇଁ ସ୍ୱ ନାମାଙ୍କିତ କାଗଜଟିଏ ଖୋଜିବାକୁ ଲାଗିଲେ କୁଞ୍ଜବିହାରୀ ।

ଗବେଷଣା ଓ ଅଧ୍ୟୟନ ନେଇ ଏକ ନିର୍ଦ୍ଦିଷ୍ଟ ଛନ୍ଦରେ ଚାଲିଥିଲା କୁଞ୍ଜବିହାରୀଙ୍କ ଜୀବନ । ସାଧାରଣ ସୁଖଦୁଃଖକୁ ଆଧାର କରି । ନା ସୁଖରେ ଅତ୍ୟଧିକ ଖୁସି ହେଉଥିଲେ ନା ଦୁଃଖରେ ଅତ୍ୟଧିକ ଅଧୀର । ଅସମ୍ଭବ ନିୟନ୍ତ୍ରଣ ଥିଲା ମନଉପରେ ।

ତାଙ୍କ ଜୀବନର ସ୍ଥିରତାରେ ସାମାନ୍ୟ ଉଦ୍‌ବେଳନ ଦେଖାଦେଲା - ବଦଳିହେଲା ରାଜେନ୍ଦ୍ରକଲେଜ ବଲାଙ୍ଗୀରର ପ୍ରିନ୍‌ସିପାଲ୍ ରୂପେ ।

ସାରାଜୀବନ କଟକରେ ରହିଆସିଛନ୍ତି । ବର୍ତ୍ତମାନ ପିଲାଛୁଆଙ୍କୁ ଧରି ଯିବେ ଦୂରବାଟ । ସୁରେଖା ଜିନିଷପତ୍ର ସଜାଡିବାକୁ ଲାଗିଲେ । କଟକ ଘରେ ସାନଭାଇ ଦେବେନ୍ଦ୍ର ରହୁଥିଲେ । ତେଣୁ ଘର ଛଡିବାର ସମସ୍ୟା ନଥିଲା । ଟ୍ରଙ୍କ ସୁଟ୍‌କେଶ୍ ଧରି ନୂତନ ସ୍ଥାନକୁ ଯାତ୍ରା କଲେ କୁଞ୍ଜବିହାରୀ ।

କଟକରୁ ମେରାମୁଣ୍ଡଳି ପର୍ଯ୍ୟନ୍ତ ଟ୍ରେନ୍ । ସେଠାରୁ ବସ୍‌ରେ ସମ୍ବଲପୁର । ବସ୍‌ଟି ମେରାମୁଣ୍ଡଳିରୁ ରାତିରୁ ବାହାରି ସମ୍ବଲପୁର ପହଞ୍ଚିଲା ସକାଳେ । ତତ୍କାଳୀନ ଗଙ୍ଗାଧର ମେହେର କଲେଜର ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କ ଘରେ ସାମାନ୍ୟ ବିଶ୍ରାମ କରି ପୁନର୍ବାର ବସ୍ ଯାତ୍ରା । ବଲାଙ୍ଗୀର ପହଞ୍ଚିଲାବେଳକୁ ଦ୍ୱିପ୍ରହର ଗଡିଯାଇଛି । ବସ୍‌ଷ୍ଟାଣ୍ଡକୁ ଦୁଇଜଣ ଅଧ୍ୟାପକ ଆସିଥିଲେ ବାଟ କଢେଇ ନେବାପାଇଁ ।

କୁଞ୍ଜବିହାରୀ ଅନିସନ୍ଧିତ୍ସୁ ଆଖିରେ ନିରୀକ୍ଷଣ କରି ଲାଗିଲେ ଶୁପ୍ତ, କୋଳାହଳ ଶୂନ୍ୟ ସହରଟିକୁ । ବସ୍‌ଷ୍ଟାଣ୍ଡ ପାର ହେଲା ପରେ ମନେହେଲା ଶାନ୍ତଶିଷ୍ଟ ସହରଟି ସତେ ଯେମିତି ଘୁମେଇ ରହିଛି । ଚଉଦିଗରେ ପାହାଡ ଓ ବୃକ୍ଷରାଜି ।

ଭାଷାତତ୍ତ୍ୱବିତ୍ କୁଞ୍ଜବିହାରୀଙ୍କର ସମ୍ବଲପୁରୀ ଭାଷା ସହିତ ପ୍ରଥମ ପରିଚୟ ହୋଇଥିଲା ବଲାଙ୍ଗୀର୍‌ରେ । ଆକୃଷ୍ଟ ହୋଇଥିଲେ ସେ ଭାଷାଟି ପ୍ରତି । ପରିବାରବର୍ଗର ଅନ୍ୟକେହି ସେ ଭାଷାଟିକୁ ଅକ୍ତିଆର କରିପାରିନଥିଲେ ସୁଦ୍ଧା ଜ୍ୟେଷ୍ଠାକନ୍ୟାଟି ଅଳ୍ପଦିନ ଭିତରେ ଶିଖିଯାଇଥିଲା ଭାଷାଟି । କନ୍ୟାଠାରୁ ଅନେକ ସମୟରେ ସମ୍ବଲପୁରୀ ଭାଷା ଶୁଣୁଥିଲେ କୁଞ୍ଜବିହାରୀ ।

ଘରଠାରୁ କିୟତ୍‌ଦୂରରେ ପ୍ରତି ରବିବାର ହାଟ ବସୁଥିଲା । ଝିଅ ଥରେ ଯାଇଥିଲା ହାଟ ବୁଲି । ସେଠି ଗୋଟିଏ କୁକୁଡା ବିକାଳୀ ଆଦିବାସୀ ମହିଳା ଓ ଦରଦାମ୍ କରୁଥିବା ଜନୈକ ଭଦ୍ରଲୋକଙ୍କର କଥୋପକଥନ ଶୁଣି ଘରେ ଆସି ତାହା ବର୍ଣ୍ଣନା କରିଥିଲା । ଭାରି କୌତୁକ ଲାଗିଥିଲା କୁଞ୍ଜବିହାରୀଙ୍କୁ । ବାରମ୍ବାର କନ୍ୟାକୁ ଉକ୍ତ କଥୋପକଥୋନର ପୁନରାବୃତ୍ତିପାଇଁ କହୁଥିଲେ ।



Digitized by srujanika@gmail.com

ବିଭିନ୍ନ ସମ୍ବଲପୁରୀ ଶବ୍ଦ ଟିପାଖାତାରେ ଟିପି ରଖୁଥିଲେ। ଶବ୍ଦଟିର ବ୍ୟୁତ୍ପତ୍ତି ସଂପର୍କରେ ଗବେଷଣା କରୁଥିଲେ। ତାଙ୍କର ଏଇ ସାଧନାର ଫଳ ସ୍ୱରୂପ ପରେ ରଚନା କରିଥିଲେ 'ପଶ୍ଚିମ ଓଡିଶାର ଶବ୍ଦକୋଷ' ପୁସ୍ତକଟି।

ବଲାଙ୍ଗୀର ସୁହାଇଯାଇଥିଲା କୁଞ୍ଜବିହାରୀଙ୍କୁ। କଲେଜଠାରୁ କିଛି ଦୂରରେ ପ୍ରଶସ୍ତ କ୍ୱାର୍ଟର। ବଡବଡ ବଖରା, ଖୋଲା ଅଗଣା, ଅଗଣା ମଝିରେ ଝୁଲନ୍ତଜବା।ଘର କଡରେ ଆତ ଓ ଜାମୁକୋଳି ଗଛ। ସାମନା ପଡ଼ିଆରେ କାମିନୀଫୁଲର ବୁଦା। ଘରପଛରେ ବେଲବଣ। କଲେଜ ଯିବା ରାସ୍ତାରେ ମୃତ୍ତିକାସ୍ତୁପ ଉପରେ ରକ୍ତିମ କୃଷ୍ଣଚୂଡାର ଗଛ। କିୟତ୍ ଦୂରରେ ବିରାଟକାୟ ପୁଷ୍କରିଣୀ। ଅଳ୍ପ ବାଟ ଛାଡି ପାହାଡର ପେଟ ଚିରି ବହିଯାଉଥିବା କୁଳୁକୁଳୁ ସ୍ଫଟିକ ଝରଣା। ଖରାଦିନେ ଚାରିପଟର ପାହାଡର ଶୁଖିଲା ଗଛପତ୍ରରେ ନିଆଁ ଲାଗି ହୁତ୍‌ହୁତ୍ ଜଳୁଥିଲା। ଦୂରରୁ ଦିଶୁଥିଲା ପାହାଡଟି ଅଙ୍କାବଙ୍କା ସୁନାହାର ପିନ୍ଧିଲାପରି। ଦୂରରେ ପାହାଡ ଉପରେ ରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କର ଶୈଳଶ୍ରୀ ନିବାସ - ଚତୁର୍ଦ୍ଦିଗରେ ବ୍ୟାପିଥିବା ଶ୍ୟାମଳିମା ଭିତରେ ବୀର ଦର୍ପରେ ଠିଆ ହେଇଥିଲା ରାଜପ୍ରାସାଦଟି। ମହାରାଜାଙ୍କ ନାଁ'ରେ ହିଁ କଲେଜର ନାମକରଣ - ରାଜେନ୍ଦ୍ର କଲେଜ।

ନିରିଜନ, ସୁଷମାମୟ, ସାନ ପାହାଡୀ ସହରଟିରେ ସୁରେଖା ବେଶ୍ ଖୁସିଥିଲେ। କଟକ ଅପେକ୍ଷା ସୁବିଧାଜନକ ଥିଲା କାମବାଲୀଟିଏ ପାଇବା। ଆଦିବାସୀ ମଧ୍ୟବୟସ୍କା ରମଣୀ ତୁଳସୀ ଘରର ଯାବତୀୟ କାମ କରିଦେଇଯାଉଥିଲା। ସୁରେଖା ବଲାଙ୍ଗୀର୍‌ରେ ଥିବା ସମୟରେ ମହାରାଜାଙ୍କର ପୁତ୍ରଙ୍କର ଶୁଭ ପରିଣୟ ଅନୁଷ୍ଠିତ ହେଇଥିଲା। ଚତୁର୍ଦ୍ଦିଗରେ ସାଜ ସାଜ ରବ। ରାଜପ୍ରାସାଦ ସଭିଙ୍କ ପାଇଁ ଖୋଲା। ବରବଧୂ ଗୋଟିଏ ଖୋଲାଗାଡିରେ ବସି ପଟୁଆର କରି ଶୈଳଶ୍ରୀ ପ୍ରାସାଦ ଯାଇଥିଲେ। ଅନ୍ୟାନ୍ୟ ଅଧ୍ୟାପକଙ୍କ ପତ୍ନୀମାନଙ୍କ ସହିତ ଯାଇ ସେ ପଟୁଆର ଦେଖି ଆସିଥିଲେ ସୁରେଖା। ପିଲାମାନେ ପାଠ ପଢୁଥିଲେ ଘର ପାଖରେ ଥିବା ଖ୍ରୀଷ୍ଟିଆନ୍ ମିଶନାରୀ ମାନଙ୍କ ଦ୍ୱାରା ପରିଚାଳିତ ମିଶନ୍ ସ୍କୁଲ୍‌ରେ। ଜୀବନର ଗତି ଭାରି ସାବଲୀଳ ଥିଲା ବଲାଙ୍ଗୀରରେ।

ନୂଆ ସହରଟିରେ ସ୍ଥିତି ସ୍ଥାପକତା ଆସିଲାବେଳକୁ ବର୍ଷକ ଭିତରେ କୁଞ୍ଜବିହାରୀଙ୍କର ପୁନର୍ବାର ବଦଳି ହେଲା କଟକ- ରେଭେନ୍ସା କଲେଜର ପ୍ରଫେସର ରୂପେ। ଫେରିଲା ବେଳକୁ ସାନଭାଇ ଦେବେନ୍ଦ୍ର ଯାଇ ପହଞ୍ଚିଗଲେ। ପଡୋଶୀ ଅଧ୍ୟାପକ ଶ୍ରୀ ମୂର୍ତ୍ତିଙ୍କର ଜନୈକ ପରିଚିତ ଭଦ୍ରଲୋକ ରହୁଥିଲେ ବିଶାଖାପାଟଣାରେ। ଶ୍ରୀ ମୂର୍ତ୍ତିଙ୍କ ଅନୁରୋଧରେ ଫେରନ୍ତାବାଟରେ ବିଶାଖାପାଟଣା ଦେଇ କଟକ ଫେରିଆସିଲେ କୁଞ୍ଜବିହାରୀ।

●●●



Digitized by srujanika@gmail.com

## ।। ୩୮ ।।

ତାମ୍ରଲେଖଟିକୁ ହାତରେ ଧରି ଏକଦୃଷ୍ଟିରେ ଚାହିଁ ରହିଥିଲେ କୁଞ୍ଜବିହାରୀ । ଗୋଟିଏ ଶକ୍ତ ତମ୍ବାବଳୟରେ ଗୁନ୍ଥା ବଡ ବଡ ତିନୋଟି ଓଜନ୍‌ଦାର ତମ୍ବାପଟା । ଶହଶହ ବର୍ଷମାଟି ତଳେ ପୋତା ହୋଇ ରହିଥିବାରୁ ଲେଖାସବୁ ଅସ୍ପଷ୍ଟ ଓ ବିବର୍ଣ୍ଣ । କେଉଁ ରାଜାଧିରାଜଙ୍କ ଦ୍ୱାରା ଖୋଦିତ ଏକ ଅଜଣା ଆଦେଶନାମାକୁ କେମିତି ପାଠୋଦ୍ଧାର କରିବେ ସିଏ ?

ଆଶ୍ଚର୍ଯ୍ୟ ମଣିଷ ଥିଲେ କୁଞ୍ଜବିହାରୀ । କିଏ ରସ ପାଏ କବିତାରୁ, ପ୍ରକୃତିରୁ, ସିଏ ରସ ପାଉଥିଲେ ଶୈବାଳଯୁକ୍ତ ଅର୍ଦ୍ଧଭଗ୍ନ ପ୍ରସ୍ତରରୁ । ପ୍ରସ୍ତରର ଭାଷା ତାଙ୍କୁ ହାତଠାରି ଡାକୁଥିଲା ନିତିଦିନ । ସେ ଡାକରାରେ ବ୍ୟତିବ୍ୟସ୍ତ ହୋଇ ପଡୁଥିଲେ କୁଞ୍ଜବିହାରୀ । ବିଶ୍ୱାସ କରୁଥିଲେ ଓଡିଆ ଭାଷାର ବିବର୍ତ୍ତନ ଧାରା ଅନୁଶୀଳନ କରିବାରେ ଶ୍ରେଷ୍ଠତମ ଭୂମିକା ଥିଲା ଶିଳାଲେଖର ବା ତାମ୍ରଲେଖର । ବସ୍ତୁତଃ, ଏଗୁଡିକ ସାଧାରଣ ଜନତାର କଥିତ ଗଦ୍ୟଭାଷାରେ ଲିଖିତ ହୋଇଥିବା ହେତୁ ଆଞ୍ଚଳିକ ଓଡିଆ ଭାଷାର ଗୋଟିଏ ଗୋଟିଏ ଅପୂର୍ବ ଦୃଷ୍ଟାନ୍ତ ସଦୃଶ ।

ବିଲୁପ୍ତ ପ୍ରାୟ ଅନେକ ଶିଳାଲେଖର ପାଠୋଦ୍ଧାର କରିଥିଲେ ତାଙ୍କ ଜୀବନକାଳ ଭିତରେ କୁଞ୍ଜବିହାରୀ । ସ୍ୱପ୍ନ ଦେଖୁଥିଲେ, ତାଙ୍କରି ଛାତ୍ରମାନଙ୍କ ଭିତରୁ କେହି ଜଣେ ତାଙ୍କର ଦାୟାଦ ହୋଇ ବାହାରିବେ ଯିଏ କି ଅଗ୍ରସର କରିନେବେ ତାଙ୍କ ଗବେଷଣାକୁ । ଅନେକ ଶିଳାଲେଖ ଓ ତାମ୍ରଲେଖ ଏବେ ବି ଭୂମିତଳେ, ମନ୍ଦିର ପ୍ରାଙ୍ଗଣରେ, ନିବିଡ ଅରଣ୍ୟାନୀ ଭିତରେ କିମ୍ବା ଗୁମ୍ଫା ବା ପ୍ରାଚୀନ ପ୍ରସାଦର ଚଟାଣ ତଳେ ନିଦ୍ରାମଗ୍ନ । ଭାଷାର ଅଖଣ୍ଡ ବୈଭବ ଏବେ ବି ଛପିରହିଛି ଲୋକଲୋଚନରୁ । କେବଳ ମୂଳଦୁଆ ସ୍ଥାପନ କରିଗଲେ ସିଏ । ପ୍ରାସାଦ ଗଢ଼ିଉଠିବ ତା' ଉପରେ ।

କୁଞ୍ଜବିହାରୀଙ୍କ ସ୍ୱପ୍ନ ମିଥ୍ୟା ଥିଲା । ସିଏ ହିଁ ରହିଗଲେ ଓଡିଆଭାଷାର ପ୍ରଥମ ଓ ଶେଷ ଭାଷାତତ୍ତ୍ୱବିଦ୍ ଓ ଲିପିତତ୍ତ୍ୱବିଦ୍ ହୋଇ । ଶିଳାଲେଖ ପାଠୋଦ୍ଧାର କରୁଥିବା ପ୍ରଥମ ଓ ଶେଷ ମଣିଷ ହୋଇ ।

କୁଞ୍ଜବିହାରୀ ହାତରେ ଧରି ପର୍ଯ୍ୟବେକ୍ଷଣ କରୁଥିବା ତାମ୍ରଲେଖଟି ମିଳିଥିଲା ବାଣପୁରରୁ । ସାଳିଆ ନଦୀକୂଳରେ ଏକ ଟାଙ୍ଗି ଅଞ୍ଚଳକୁ ସଫା କରି କଲେଜ ତିଆରି ପାଇଁ ନିଅଁ ଖୋଳା ହେଲାବେଳକୁ ମିଳିଥିଲା ତାମ୍ରଲେଖଟି । କୁଞ୍ଜବିହାରୀଙ୍କ ଛାତ୍ର ତଥା ତତ୍କାଳୀନ କଲେଜର ଅଧକ୍ଷ  ଡକ୍ଟର ଶ୍ୟାମସୁନ୍ଦର ମିଶ୍ର ବୁଝିପାରିଥିଲେ ଯେ ଓଡିଶା ଇତିହାସର ଅଜ୍ଞାତ ଅଧ୍ୟାୟ ସଂପର୍କରେ ନିଶ୍ଚିତ ରୂପେ ଏହା କିଛି ଆଲୋକପାତ କରିବ ।



Digitized by srujanika@gmail.com

ଏହାର ପାଠୋଦ୍ଧାର କରିବାପାଇଁ କେବଳ ଜଣଙ୍କ କଥା ତାଙ୍କ ମନକୁ ଆସିଥିଲା - ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ । ଏବଂ ତାମ୍ରଲେଖଟି ସିଏ ତାଙ୍କୁ ପ୍ରଦାନ କରିଥିଲେ ।

ନିଜେ ବାଣପୁର ଯାଇ ତାମ୍ରଲେଖଟି ପରିଦର୍ଶନ କରିଥିଲେ କୁଞ୍ଜବିହାରୀ । ସାଥିରେ ତାହାକୁ ଆଣିଥିଲେ ମଧ୍ୟ । କ୍ଷୟିଷ୍ଣୁ, କଳଙ୍କିଲଗା ତମ୍ବାପଟାର ଅକ୍ଷରଗୁଡିକ ଥିଲା ପାଠୋଦ୍ଧାରର ଅଯୋଗ୍ୟ । ଘରେ ଥିବା ବଡ ପିତଳ ହଣ୍ଡାଟିରେ ସାବୁନ ଓ ସୋଡା ମିଶାଇ ତମ୍ବାପଟାକୁ ସିଝାଇ ଓ ବ୍ରସରେ ଘଷି ସଫାକରି ସାରିଲା ପରେ ବି ଅକ୍ଷରତକ ରହିଗଲା ଅସ୍ପଷ୍ଟ । ସାରାଦିନର ପରିଶ୍ରମ ବୃଥାଗଲା ଦେଖି ହତୋତ୍ସାହ ହୋଇପଡିଲେ କୁଞ୍ଜବିହାରୀ । ସେଇଦିନ ସାଥିରେ ତମ୍ବାପଟାଟି ନେଇ ରସାୟନ ବିଭାଗର ଅଧ୍ୟାପକ ଡକ୍ଟର ମହେନ୍ଦ୍ରନାଥ ରାଉତଙ୍କୁ ଅନୁରୋଧ କରିଥିଲେ ରାସାୟନିକ ପ୍ରକିୟାରେ ଏହାକୁ ପରିଷ୍କାର କରିଦେବାପାଇଁ । ଅଧ୍ୟାପକ ରାଉତ ବିଭାଗର ପ୍ରଫେସର ଶ୍ରୀ ରବୀନ୍ଦ୍ରନାଥ ନନ୍ଦଙ୍କ ସହାୟତାରେ କର୍ମଟି ସୁଚାରୁ ରୂପେ ସଂପାଦନ କରିଥିଲେ । ଏଣିକି ତାମ୍ରଲେଖର ପାଠୋଦ୍ଧାର ଅନେକାଂଶରେ ସହଜ ହୋଇ ପଡିଥିଲା । ପୂରା ତାମ୍ରଲେଖଟିରେ ଏକସ୍ତରୀଟି ପଂକ୍ତି ଥିଲା । ତତ୍‌ସହିତ ଥିଲା ଏକତିରିଶଟି ପଦ୍ୟ ଏବଂ ଦୁଇଟି ଗଦ୍ୟସଂଭାର ।

କଲିକତାରୁ ପ୍ରକାଶିତ ଜର୍ଣ୍ଣାଲ୍ ଅଫ୍ ଏସିଆଟିକ୍ ସୋସାଇଟିରେ ଊଣିଶ ଶହ ଛ'ଷଠି ମସିହାରେ ପ୍ରକାଶିତ ହେଲା କୁଞ୍ଜବିହାରୀଙ୍କର ଅନବଦ୍ୟ କୃତି - ବାଣପୁର କପରପ୍ଲେଟ୍ ଇନ୍‌ସ୍କ୍ରିପ୍‌ସନ୍ ଅଫ ସୋମବଂଶୀ କିଙ୍ଗ୍ ଇନ୍ଦ୍ରରଥ ।

କୁଞ୍ଜବିହାରୀଙ୍କ ମୌଳିକ ଥିସିସ୍‌ଟି ଯା' ଭିତରେ ଊଣିଶହ ବାଷଠି ମସିହାରେ ଇଉ.ଜି.ସି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥାନୁକୂଲ୍ୟରେ ପ୍ରକାଶିତ ହୋଇସାରିଥିଲା । ବହିଟି ରହିଯାଇଛି ଭବିଷ୍ୟତ ପାଇଁ ତାଙ୍କର ଗଭୀର ପାଣ୍ଡିତ୍ୟର ନିଦର୍ଶନ ରୂପେ । ଆମେରିକାନ୍ କଂଗ୍ରେସ୍ ଲାଇବ୍ରେରୀର ଓଡିଆଭାଷା ବିଭାଗର ସଂଗୃହୀତ ପୁସ୍ତକମାନଙ୍କ ମଧ୍ୟରେ କୁଞ୍ଜବିହାରୀଙ୍କ ଲିଖିତ ଗବେଷଣାତ୍ମକ ପୁସ୍ତକ ଓ ଲେଖା ଅଗ୍ରାଧିକାର ସ୍ଥାନ ପାଇଛି ମଧ୍ୟ ।

କୁଞ୍ଜବିହାରୀ ପରିଣତ ବୟସରେ ପହଞ୍ଚି ସାରିଥିଲେ ବି ବ୍ୟସ୍ତ ରହୁଥିଲେ ସାହିତ୍ୟସେବାରେ । ତାଙ୍କ ସଂପାଦନାରେ ରେଭେନ୍ସା କଲେଜ ଓଡିଆ ସାହିତ୍ୟ ସମାଜ ଓ ଓଡିଆ ବିଭାଗ ପକ୍ଷରୁ ଦୁଇଟି ପୁସ୍ତକ ପ୍ରକାଶ ପାଇଥିଲା । 'ଗଙ୍ଗାଧର ମେହେର ସମୀକ୍ଷା' ଏବଂ 'ଓଡିଆ ସାହିତ୍ୟ ସମୀକ୍ଷଣ ।'

କୁଞ୍ଜବିହାରୀଙ୍କୁ ସମୟ ନିଅଣ୍ଟ ପଡୁଥିଲା । ଦିନରେ ଚବିଶଘଣ୍ଟା ନହୋଇ ଅଡଚାଳିଶ ଘଣ୍ଟା ହୁଅନ୍ତା କି ? ଶିଳାଲେଖର ପାଠୋଦ୍ଧାର ଓ ଲିପିତତ୍ତ୍ୱର ଅନୁଶୀଳନ ବ୍ୟତୀତ ସଂସ୍କୃତ ସାହିତ୍ୟ ଉପରେ ପ୍ରବନ୍ଧ ଲେଖୁଥିଲେ । ରୀତିଯୁଗର କବି ଦୀନକୃଷ୍ଣ ଏବଂ ଉପେନ୍ଦ୍ରଭଞ୍ଜଙ୍କ ସଂପର୍କରେ ଆଲୋଚନା କରୁଥିଲେ । ବିଭିନ୍ନ ସମୟରେ ଓରିଏଣ୍ଟାଲ୍ କନ୍‌ଫରେନ୍‌ସ ଓ



Digitized by srujanika@gmail.com

ସେମିନାର ମାନଙ୍କରେ ଯୋଗଦେଇ ସର୍ବଭାରତୀୟ ସ୍ତରରେ ନିଜର ଚିନ୍ତାଶୀଳ ସନ୍ଦର୍ଭମାନ ଉପସ୍ଥାପନା କରୁଥିଲେ ।

ପ୍ରଥମ ଜୀବନରେ ପିନ୍ଧୁଥିଲେ ସୁଟ୍ ଓ ଟାଇ । ଶେଷଜୀବନକୁ ପୋଷାକ ବଦଳିଗଲା । ପିନ୍ଧିଲେ ଖଦଡ ଧୋତି ଓ ପଞ୍ଜାବୀ । ବାର୍ଦ୍ଧକ୍ୟର ଧବଳ କେଶ ଓ ଶ୍ମଶ୍ରୁ ମହିମାମଣ୍ଡିତ କରିଥିଲା ତାଙ୍କର ସୁସ୍ଥ ଗୌରବୋଜ୍ଜ୍ୱଳ ଶରୀରକୁ ।

ଏଇ ଶ୍ମଶ୍ରୁ ସଂପର୍କରେ ଭାରି ମଜେଦାର ଘଟଣାଟିଏ ଘଟିଥିଲା ଥରଟିଏ । କୌଣସି କାର୍ଯ୍ୟରେ ଦିଲ୍ଲୀ ଯାଉଥିଲେ । ପ୍ରଥମ ଶ୍ରେଣୀ ବଗିରେ ତାଙ୍କର ସହଯାତ୍ରୀ ଥିଲେ ଜଣେ ଆର୍ମି ଅଫିସର ଏବଂ ତାଙ୍କର ପତ୍ନୀ । କୁଞ୍ଜବିହାରୀଙ୍କ ଶ୍ମଶ୍ରୁ ଦେଖି ତାଙ୍କୁ ସେ ଭିନ୍ନଧର୍ମାବଲମ୍ବୀ ବୋଲି ଭାବିଥିଲେ । ସେତେବେଳେ ଦୁଇ ସଂପ୍ରଦାୟ ଭିତରେ ଗଣ୍ଡଗୋଳ ଲାଗିଥାଏ । ଭଦ୍ରବ୍ୟକ୍ତି କିଞ୍ଚିତ୍ ଅସ୍ୱସ୍ତି ବୋଧ କରିଥିଲେ ।

ଟି.ଟି. ଆଇଙ୍କୁ ଡାକି ଅନୁରୋଧ କରିଥିଲେ କୁଞ୍ଜବିହାରୀଙ୍କୁ ଅନ୍ୟତ୍ର ଏକ ବର୍ଥ ଦେବାପାଇଁ । ଦୈବାତ୍ ଟି.ଟି.ଆଇ ଜଣକ ଥିଲେ କୁଞ୍ଜବିହାରୀଙ୍କ ପ୍ରାକ୍ତନ ଛାତ୍ର । କୁଞ୍ଜବିହାରୀଙ୍କ ଚରଣ ସ୍ପର୍ଶ କରି ଆର୍ମି ଅଫିସରଙ୍କୁ ବୁଝାଇ ଦେଇଥିଲେ ଯେ ତାଙ୍କର ସହଯାତ୍ରୀ ଜଣକ ଏକ ବିଶିଷ୍ଟ ସଂସ୍କୃତ ବିଶାରଦ । ଆର୍ମି ଅଫିସରଜଣକ ଏହାପରେ ଲଜ୍ଜାର ସହିତ କ୍ଷମାପ୍ରାର୍ଥନା କରିଥିଲେ କୁଞ୍ଜବିହାରୀଙ୍କ ଠାରୁ ।

ଧୀରେ ଧୀରେ ଚାକିରି ଜୀବନ ସରି ଆସୁଥିଲା କୁଞ୍ଜବିହାରୀଙ୍କର । ରେଭେନ୍ସା କଲେଜ୍‌ରୁ ବଦଳି ହୋଇ ଯାଇଥିଲେ ସମ୍ବଲପୁର - ଗଙ୍ଗାଧର ମେହେର କଲେଜର ପ୍ରିନ୍‌ସିପାଲ୍ ରୂପେ । ସେଠାରୁ ଅବସର ଗ୍ରହଣ କରି ଯୋଗ ଦେଇଥିଲେ ବରହମ୍‌ପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡିଆ ବିଭାଗର ପ୍ରଫେସର ଏବଂ ମୁଖ୍ୟ ଭାବରେ । କଟକ ଫେରିଆସିବାପରେ, ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଅନୁରୋଧକୁ ଏଡାଇ ନପାରି କଟକ ଥୋରିଆସାହି ସ୍ଥିତ ମହିଳା କଲେଜ୍‌ରେ ପ୍ରିନ୍‌ସିପାଲ୍ ରୂପେ କାର୍ଯ୍ୟ କରିଥିଲେ କିଛି ସମୟ ପାଇଁ ।

ସାରଳା ସମ୍ମାନଠାରୁ ଆରମ୍ଭ କରି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପର୍ଯ୍ୟନ୍ତ, ଅଜସ୍ର ପୁରସ୍କାର ଓ ସମ୍ମାନ ଲାଭ କରିଥିଲେ ଯା' ଭିତରେ । ପୁରୀର ଗଜପତି ମହାରାଜାଙ୍କ ଦ୍ୱାରା ସାହିତ୍ୟ ବିଶାରଦ ଉପାଧିରେ ଭୂଷିତ ହୋଇଥିଲେ । ଭାରତ ସରକାରଙ୍କ ତରଫରୁ ଯା' ଭିତରେ ମସ୍କୋ ଯିବାପାଇଁ ଅନୁମୋଦନ ଆସିଥିଲା । ରହିବା ଓ ଖାଇବାର ସମସ୍ତ ଖର୍ଚ୍ଚ ଭାରତ ସରକାର ବହନ କରୁଥିଲେ ସୁଦ୍ଧା ଶେଷ ପର୍ଯ୍ୟନ୍ତ ସୁରେଖା ରାଜି ହୋଇନଥିଲେ ଛାଡିବାଲାଗି । ବୟସ ତ କିଛି କମ୍ ହୋଇନି ।

ଘର ବର୍ତ୍ତମାନ ଏକରକମ ଶୂନ୍ୟ । ଶିଶୁମାନଙ୍କର କଳରୋଳରେ ଯେଉଁ ଗୃହାଙ୍ଗନ ଦିନେ ମୁଖରିତ ଥିଲା, ସେ ଅଙ୍ଗନ ଏବେ ନିର୍ଜନ । ପାଞ୍ଚୋଟି ଯାକ କନ୍ୟାଙ୍କୁ ସତ୍‌ପାତ୍ରରେ



Digitized by srujanika@gmail.com

ଅର୍ପଣ କରିଛନ୍ତି । ପଞ୍ଚ ଜାମାତା ଓ ତିନୋଟିଯାକ ପୁତ୍ର ସଭିଏଁ ପ୍ରତିଷ୍ଠିତ । ମଧ୍ୟମୟସ୍କ ସନ୍ତାନମାନଙ୍କୁ ଚାହିଁଲେ ସେମାନଙ୍କର ଶୈଶବର କୋମଳ ମୁଖଶ୍ରୀ ମନେପଡିଯାଏ କୁଞ୍ଜବିହାରୀଙ୍କର ।

ବୁଝିପାରନ୍ତି - ସମୟ ସରିସରି ଆସୁଛି । ଶରୀର ଏବେ ଅନେକାଂଶରେ ସ୍ଥବିର । ତେବେ ବି ବହି ପଢ଼ିବାର ନିଶା ଅହରହ ବ୍ୟଥିତ କରେ କୁଞ୍ଜବିହାରୀଙ୍କୁ । କାମ ଯେ ଅନେକ ବାକି ରହିଗଲା ! ଓଡିଆ ଭାଷାର ଉନ୍ନତି ନିମନ୍ତେ ଆଉ କିଛି କରିପାରିଥାଆନ୍ତେ କି !

ଏତିକି ବେଳକୁ ତାଙ୍କ ମନରେ ଆସିଲା ଭାଷାସମିତି ଗଠନ କରିବାର ସ୍ୱପ୍ନ । କୁଞ୍ଜବିହାରୀ ଥିଲେ ଭାଷାତତ୍ତ୍ୱର ପୂଜାରୀ । ତେଣୁ ଭାଷାତତ୍ତ୍ୱ ସମ୍ବନ୍ଧୀୟ ଗବେଷଣାତ୍ମକ କାର୍ଯ୍ୟ କରିବା ଉକ୍ତ ସମିତିର ଆଦର୍ଶ ହେଉ ବୋଲି ଘୋଷଣା କରିଥିଲେ । ଭାରତୀୟ ଭାଷାମାନଙ୍କର ତୁଳନାତ୍ମକ ଓ ଐତିହାସିକ ବିବରଣୀ ଏବଂ ଓଡିଆ ଭାଷାର ବିଭିନ୍ନ ଉପଭାଷା ଉପରେ ଆଲୋକପାତ କରିବା ଥିଲା ଏହାର ଲକ୍ଷ୍ୟ ।

ଭାଷା ସମିତିରେ ସଂପୂର୍ଣ୍ଣ ରୂପେ ତଲ୍ଲୀନ ହୋଇ କାମ କରୁଥିଲେ କୁଞ୍ଜବିହାରୀ । ସମିତିର ମିଟିଙ୍ଗ୍ ସବୁ ହେଉଥିଲା ତାଙ୍କ ନିଜ ବାସଭବନରେ । କୁଞ୍ଜବିହାରୀଙ୍କ ଚେଷ୍ଟାରେ ଊଣିଶଶହ ଏକାଅଣି ମସିହାରେ ଭାଷା ସମିତିର ପ୍ରଥମ ଜର୍ଣ୍ଣାଲ୍ ପ୍ରକାଶ ପାଇଥିଲା । ପ୍ରଥମ ସଂଖ୍ୟାରେ ପାଞ୍ଚଟି ଭାଷାତାତ୍ତ୍ୱିକ ପ୍ରବନ୍ଧ ସ୍ଥାନପାଇଥିଲା । ଜର୍ଣ୍ଣାଲଟିରେ କୁଞ୍ଜବିହାରୀ ଲେଖିଥିଲେ ଗବେଷଣାତ୍ମକ ପ୍ରବନ୍ଧ-ଇନ୍‌ସ୍କ୍ରିପ୍‌ସନ୍‌ସ୍ ଅଫ୍ ଓରିଶା ।

ଭାଷା ସମିତି ବ୍ୟତୀତ ଅନ୍ୟଗୋଟିଏ କାମ ମଧ ମିଳିଯାଇଥିଲା ତାଙ୍କୁ - ମହାକବି ଭାସଙ୍କର ସ୍ୱପ୍ନବାସବଦତ୍ତା ନାଟକର କାବ୍ୟିକ ରୂପାନ୍ତର ।

କୁଞ୍ଜବିହାରୀଙ୍କୁ ସତାଅଣି ବର୍ଷ ହେଲାବେଳକୁ ଛପାହେଲା ସେ ବହିର ପ୍ରଥମ ସଂସ୍କରଣ । ଯେଉଁ ବୟସରେ ମଣିଷର ମସ୍ତିଷ୍କ ତଥା ଶରୀର - ଉଭୟ ନିଜନିଜର କାର୍ଯ୍ୟ କ୍ଷମତା ହରାଇବସନ୍ତି, ସେଇ ବୟସରେ କୁଞ୍ଜବିହାରୀ ଅନୁବାଦ କରିଥିଲେ ସଂସ୍କୃତର ଏକ ପ୍ରଖ୍ୟାତ ନାଟକ - ତାହା ପୁଣି କବିତା ରୂପରେ ।

ନାଟକର ପ୍ରତ୍ୟେକଟି ଅଙ୍କ ଅନୁବାଦ ହୋଇଛି କାବ୍ୟିକ ରୂପ ନେଇ । ଗୀତ ଗୁଡିକ ରାଗପ୍ରଧାନ- ବଙ୍ଗଳାଶ୍ରୀ, ରସକୁଲ୍ୟା, କଳହଂସ କେଦାର, ଭୈରବ, ଚୋଖି, ରାମକେରୀ ଇତ୍ୟାଦି ବିଭିନ୍ନ ରାଗ ରାଗିଣୀ ଏବଂ ବୃତ୍ତର ବ୍ୟବହାର କରିଛନ୍ତି କୁଞ୍ଜବିହାରୀ ଅନୁବାଦରେ । ବହିଟିର ଦୀର୍ଘ ମୁଖବନ୍ଧ ଭାସଙ୍କର ଶୈଳୀ, ସମୟ ତଥା କାଳ୍ପନିକ କଥାବସ୍ତୁଭିତ୍ତିକ ସାହିତ୍ୟିକ କୃତିର ଏକ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା । କୁଞ୍ଜବିହାରୀଙ୍କ ମତରେ ଭାସଙ୍କର ନାଟକ ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଶ, ନିର୍ବହଣ - ଏଇ ପାଞ୍ଚଟି ଅଙ୍ଗରେ ସୁବିଭକ୍ତ ଏବଂ ଏଥିରେ କୈଶିକୀ, ସାତ୍ତ୍ୱତୀ, ଆରଭଟୀ ଏବଂ ଭାରତୀ - ଏହି ଚାରୋଟି ବୃତ୍ତିର ଲକ୍ଷଣ ସୁସ୍ପଷ୍ଟ । ମୁଖବନ୍ଧଟି ସ୍ୱୟଂ ଏକ ଗବେଷଣାତ୍ମକ ନିବନ୍ଧରୂପେ ପ୍ରତୀୟମାନ ହୁଏ ।



Digitized by srujanika@gmail.com

ଧୀରେଧୀରେ ବୟସ ବଢୁଥିଲା କୁଞ୍ଜବିହାରୀଙ୍କର । ସିଡ଼ି ଚଢ଼ି ପାରୁନଥିଲେ ସୁଦ୍ଧା ବହୁ କଷ୍ଟରେ ଲାଠିଟିଏ ଧରି ଚାଲି ଯାଉଥିଲେ ଉପର ମହଲାର ପଢ଼ାଘରକୁ । ପଢ଼ାଘରଟିର ଚତୁର୍ଦ୍ଦିଗରେ ପୁସ୍ତକର ସ୍ତୁପ । ଆଲମାରୀ ଭର୍ତ୍ତି ମୂଲ୍ୟବାନ ବହି ଓ ପୋଥି । ତାହାରି ଭିତରେ ବଡ ଲମ୍ୱାଟେବଲ୍ ସାମ୍ନାରେ ଥିବା କାଠଚୌକିରେ ବସି ବହଳ ଯବକାଚଟିଏ ଧରି କରୁଥିଲେ ଅଧ୍ୟୟନ । ପୁସ୍ତକାକୀର୍ଣ୍ଣ ବଖରାଟିରେ ପାଦ ପକାଇବାର ବି ସ୍ଥାନ ନଥିଲା । ଅନେକଥର ବହିଗଦା ଝୁଣ୍ଟି ଆଘାତ ପ୍ରାପ୍ତ ମଧ୍ୟ ହେଉଥିଲେ । କିନ୍ତୁ ପଢ଼ାର ଅଭ୍ୟାସ ଛାଡି ନଥିଲା ।

ଏଇ ସମୟରେ ଅଚାନକ ଷ୍ଟ୍ରୋକ୍ ହେଲା ସୁରେଖାଙ୍କର । ଷ୍ଟ୍ରୋକ ହେତୁ ଗୋଟିଏ ପଟ ଅଙ୍ଗ ପ୍ରତ୍ୟଙ୍ଗ ହୋଇଗଲା ପକ୍ଷାଘାତ ଗ୍ରସ୍ତ । ଦିନେ କୁଞ୍ଜବିହାରୀଙ୍କୁ ଡାକି କହିଲେ "ତମେ ତ ଜଣେ ସାଧୁପୁରୁଷ ବୋଲି ଲୋକେ କହନ୍ତି । ଦେବତା ଭଳିଆ । ମତେ କହିଦିଅ – ମୁଁ ଜୀବନରେ କି ପାପ କରିଥିଲି ଯେ ଏଭଳି କଷ୍ଟ ପାଉଛି" । କୁଞ୍ଜବିହାରୀ କିଛି ସମୟ ଆଖିବୁଜି ଧ୍ୟାନମଗ୍ନ ହୋଇ ବସିଲେ । ତା'ପରେ କହିଲେ "ତୁମେ ବିଶ୍ୱାସ କର । ତମେ ଭାରି ଭଲ ମଣିଷଟିଏ । ଜୀବନରେ କୌଣସି ନିଷିଦ୍ଧ କାମ କରିନେ । କିନ୍ତୁ ବେଳେବେଳେ କ୍ରୋଧିତ ହୋଇ ମୋତେ ବିତାଗିପେଦ କଥା କହିଚ । ସେଇଟା ତମର କରିବା ଉଚିତ୍ ନଥିଲା ।" ଏହା ପରେ କୁଞ୍ଜବିହାରୀଙ୍କୁ ଆଜ୍ଞା, ଆପଣ କରି କଥା କହିବାକୁ ଲାଗିଲେ ସୁରେଖା – ଆଜ୍ଞା, ଆପଣ ଭାତ ଖାଇଲେଣି ନା. ନାଇଁ ? ବାହାରେ ନବୁଲି ଖଟରେ ଆସି ଶୋଇ ପଡନ୍ତୁ ଇତ୍ୟାଦି ଇତ୍ୟାଦି । ସୁରେଖାଙ୍କର ଏତାଦୃଶ ବାର୍ତ୍ତାଳାପ ସନ୍ତାନମାନଙ୍କୁ କିଛିଟା ହସର ଖୋରାକ୍ ଯୋଗାଇଲା ମଧ୍ୟ ।

ତା'ପରେ ଦିନେ ଅଚାନକ ସୁରେଖାଙ୍କର ଅବସ୍ଥା ହୋଇଉଠିଲା ସାଂଘାତିକ, ନିଃଶ୍ୱାସ ନେବାରେ ଅସମ୍ଭବ କଷ୍ଟ । ଆମ୍ବୁଲାନ୍ସ୍ ଡାକି ନର୍ସିଂହୋମ୍‌କୁ ନେବାର ବନ୍ଦୋବସ୍ତ ହେଲା । ବିଛଣାରୁ ଟେକି ସୁରେଖାଙ୍କୁ ଷ୍ଟ୍ରେଚର୍‌ରେ ନେଲାବେଳେ ହଠାତ୍ ପିଣ୍ଡାରେ କୁଞ୍ଜବିହାରୀଙ୍କୁ ଠିଆ ହୋଇଥିବାର ଦେଖି ସୁରେଖା ଷ୍ଟ୍ରେଚରଟି ତଳେ ରଖିବା ପାଇଁ ଠାରିଲେ ଏବଂ ଷ୍ଟ୍ରେଚର୍‌ଟି ସ୍ୱାମୀଙ୍କ ନିକଟରେ ରଖିବା ପରେ, ଚଳପ୍ରଚଳ ହେଉଥିବା ଡାହାଣ ହାତଟି ବଢ଼ାଇ କୁଞ୍ଜବିହାରୀଙ୍କର ଚରଣ ସ୍ପର୍ଶ କଲେ । ତାଙ୍କ ଜୀବନକାଳ ଭିତରେ ସେଇ ବୋଧହୁଏ ସ୍ୱାମୀଙ୍କୁ ସୁରେଖାଙ୍କର ପ୍ରଥମ ପ୍ରଣାମ ଏବଂ ଶେଷ ମଧ୍ୟ ।

ନର୍ସିଂହୋମ୍‌ରେ ପହଞ୍ଚି ସାରିଲା ପରେ ଆଖି ବୁଜିଲେ ସୁରେଖା । ପିଲାମାନେ ଘରକୁ ନେଇ ଆସିଲେ ତାଙ୍କୁ । ପୁତ୍ର କୁଞ୍ଜବିହାରୀଙ୍କୁ କହିଲା, "ବାପା, ବୋଉ ଚାଲିଗଲା" । କୁଞ୍ଜବିହାରୀ କିଛି ବୁଝି ପାରିଲେନି । କହିଲେ "ଆଉ ଟିକିଏ ଭଲ ଡାକ୍ତର ଦେଖାଅ । ବୋଉ ନିଶ୍ଚୟ ସୁସ୍ଥ ହୋଇଯିବେ" । ଦାଣ୍ଡରେ ଅନ୍ତ୍ୟ ଢେଙ୍ଗୁରା ବାଜିଲା, ହଳଦୀପାଣିରେ ସୁରେଖା ଗାଧୋଇ ପିନ୍ଧିଲେ ରଂଗ ଟହଟହ ନାଲି ଶାଢ଼ି । କୁଞ୍ଜବିହାରୀଙ୍କୁ ଧରି ଧରି ପିଲାମାନେ ନେଇ ଆସିଲେ ବୋଉକୁ ସିନ୍ଦୂର ପିନ୍ଧାଇ ଦେବାପାଇଁ । ନୂଆ ସିନ୍ଦୂର ପୁଡିଆ ଖୋଲି, କୁଞ୍ଜବିହାରୀ ସୁରେଖାଙ୍କର ଧୋବଫରଫର ପାଚିଲାବାଳ ଆଢ଼େଇ



Digitized by srujanika@gmail.com

ସୁନ୍ଥାରେ ସିନ୍ଦୂର ଭରିଦେଲେ । ତାଙ୍କର ହାତ ଥରି କିଛି ସିନ୍ଦୂରଗୁଣ୍ଡ ଖସିପଡ଼ିଲା ସୁରେଖାଙ୍କର କପାଳରେ । କୁଞ୍ଜବିହାରୀ ତାକୁ ଲିପିଦେଲେ କପାଳସାରା । ଚିରନିଦ୍ରାରେ ଶୋଇଥିବା ସୁରେଖାଙ୍କର ହାତଟି ଥିଲା ତାଙ୍କ ଛାତି ଉପରେ । ଆଶ୍ଚର୍ଯ୍ୟ କଥା - ଠିକ୍ ଏତିକିବେଳକୁ ଛାତିରୁ ହାତଟି ଖସି ପଡ଼ିଲା ଯାଇ କୁଞ୍ଜବିହାରୀଙ୍କ ପାଦ ଉପରେ । କୁଞ୍ଜବିହାରୀଙ୍କ ମସ୍ତିଷ୍କ ଥିଲା ଧୂମାୟିତ । ଠିକ୍ କରି କଅଣ ଘଟୁଛି ବୁଝି ପାରୁ ନଥିଲେ । ପିଲାମାନେ ଆଣି ବାପାଙ୍କୁ ବିଛଣାରେ ଶୁଆଇ ଦେଲେ । ଗୁଚ୍ଛ ଗୁଚ୍ଛ ଲାଲ୍ ଗୋଲାପରେ ସୁରେଖାଙ୍କୁ ରାଜରାଣୀ ବେଶରେ ସଜାଇ ପୁଅମାନେ ବୋହି ନେଇଗଲେ ସ୍ୱର୍ଗଦ୍ୱାର ।

ଅସ୍ଥିକଳସ ନେଇ ପୁତ୍ରମାନେ ଫେରୁ ଫେରୁ ସକାଳ । ତୁଳସୀ ଚଉରା ପାଖରେ କଳସଟି ମାଟିରେ ପୋତିଲା ବେଳେ କୁଞ୍ଜବିହାରୀ ବାଡିଟି ଧରି ଧୀରେ ଧୀରେ ଚାଲିକି ଆସି ପିଣ୍ଡାକଡରେ ଠିଆହେଲେ । "କଅଣ କରୁଛ ସେଠି" ? ପଚାରିଲେ ଜ୍ୟେଷ୍ଠପୁତ୍ରକୁ । "ଏଇଟା ପରା ବୋଉର ଅସ୍ଥି ବାପା ! ପରେ ସୁବିଧା ଦେଖି ନେଇକି ସଙ୍ଗମରେ ପକେଇ ଦେଇ ଆସିବୁ" । ପୁତ୍ର ଉତ୍ତର ଦେଲା । ହଠାତ୍ କୁଞ୍ଜବିହାରୀଙ୍କ ମସ୍ତିଷ୍କରେ ଜମା ହୋଇଥିବା ବୁଢ଼ିଆଣୀ ଜାଲ ସବୁ ସଫା ହୋଇଗଲା ଅବା । ବୁଝି ପାରିଲେ ସୁରେଖା ଆଉ ନାହାନ୍ତି । ବୁଝିପାରିଲେ ଏକାନବେ ବର୍ଷରେ ତାଙ୍କୁ ଏକୁଟିଆ ସାହାହୀନ ଭାବରେ ଛାଡ଼ି ସୁରେଖା ବିଦାୟ ନେଇଛନ୍ତି ତାଙ୍କଠୁ । କହିଲେ "ମୋତେ ନଜଣେଇ କାହିଁକି ନେଇଗଲ ବୋଉକୁ ? ଆଗରେ ଖଇ କଉଡି ବିଞ୍ଚି ବିଞ୍ଚି ମୁଁ ଯେ ଯାଇଥାନ୍ତି ତାଙ୍କ ସାଥିରେ" । କୁଞ୍ଜବିହାରୀଙ୍କ ଗଳା ବାଷ୍ପରୁଦ୍ଧ ହେଲା । ଆଉ କଥା କହିପାରିଲେନି - ଥକା ହୋଇ ବସିପଡ଼ିଲେ ଆରାମଚୌକିରେ । ପିଲାମାନେ ଚକିତ ହୋଇ ବାପାଙ୍କୁ ଚାହିଁଲେ । ତାଙ୍କ ପେଦ୍ଧୁଆ ଆଖିରୁ ଆଷାଢର ଧାର ନିଗିଡି ଆସୁଥିଲା ।

ସେଇ ଦିନଠୁ ମୁହଁର ଜ୍ୟୋତି ମଉଳିଗଲା କୁଞ୍ଜବିହାରୀଙ୍କର । ଆଉ ଫେରି ଆସିଲାନି ସେ ଜ୍ୟୋତି । ପୃଥିବୀ ଅଚାନକ୍ ହରେଇବସିଲା ସବୁକିଛି ବର୍ଣ୍ଣବିଭା । ଦିନବେଳେ ସାମାନ୍ୟ ଭୋଜନ । ବାକି ସମୟତକ ନିଦ୍ରାଛନ୍ନ । ପିଲାମାନେ ଦେଖିବାକୁ ଆସନ୍ତି । କୁଞ୍ଜବିହାରୀ ଅନେକ ସମୟରେ ଚିହ୍ନିପାରନ୍ତିନି ସ୍ୱ ସନ୍ତାନମାନଙ୍କୁ । ତକିଆ ତଳେ କେତୋଟି ବହି । ସାମାନ୍ୟ ବାର୍ତ୍ତାଳାପ କରି ସେଇ ବହିକୁ ଚାହିଁ ପୁନର୍ବାର ଘୁମେଇ ପଡନ୍ତି । ବଳିଷ୍ଠ ଚେହେରା ଦିନକୁ ଦିନ ହେଉଉଠେ କ୍ଷୀଣତର ।

ଯୋଡାଖଟ ଉପରେ ପାଖାପାଖି ବସି ପିଲାମାନେ ବାଷ୍ପାକୁଳ କଣ୍ଠରେ ଆଲୋଚନା କରନ୍ତି - ବାପାଙ୍କର ସମୟ ଶେଷ ହେଇ ଆସୁଛି ଅବା । ଏଭଳି ପିତା ଯେ ଜଗତରେ ବିରଳ । କୌଣସି ସନ୍ତାନଉପରେ ଭୁଲ୍‌ରେ ବି ଥରଟେ କ୍ରୋଧିତ ହେଇନାହାନ୍ତି । କ୍ଷମା କରିଯାଇଛନ୍ତି ଅଜସ୍ର ଅମାନିଆ ପଣ । ଜୀବନର ନବରସ ଭିତରୁ ରୌଦ୍ରରସର ପରିସ୍ଫୁଟନ ତାଙ୍କଠାରେ ହେଇପାରିଲାନି ଶେଷପର୍ଯ୍ୟନ୍ତ । ବାକି ସବୁ ରସ ନିମଗ୍ନ ହେଇ ରହିଗଲେ ମାତ୍ରାଧିକ ପରିମାଣରେ ଥିବା ଶାନ୍ତରସର ପାରାବାରରେ ।

●●●



Digitized by srujanika@gmail.com

## ।। ୩୯ ।।

ଆଲ୍‌ହାବାଦ୍‌ର ତ୍ରିବେଣୀଠାରେ ନେଇ ପହଞ୍ଚାଇ ଦେଲା ଟ୍ରେନ୍‌ । ସେଦିନ ସକାଳେ ଆସି ସେଠାରେ ପହଞ୍ଚିଥିଲେ ଦୁଇଜଣଯାକ- କୁଞ୍ଜବିହାରୀଙ୍କ ମଧ୍ୟମପୁତ୍ର ଓ ଜ୍ୟେଷ୍ଠାକନ୍ୟା । ଗଙ୍ଗାର ଜଳବେଣୀ ତୀରଠାରୁ ଅନେକ ଦୂରରେ । କିନ୍ତୁ, କୋମଳ ବେଳାଭୂଇଁରେ ଅଜସ୍ର ମଣିଷଙ୍କର ଭିଡ । ସାରା ଭାରତବର୍ଷର ହିନ୍ଦୁ ଧର୍ମାବଲମ୍ବୀ ଲୋକମାନେ ଯାଉଛନ୍ତି ପ୍ରୟାଗରେ ସ୍ୱ ସ୍ୱ ପରିଜନମାନଙ୍କର ଅସ୍ଥି ବିସର୍ଜନ ପାଇଁ ।

ବିସ୍ତୀର୍ଣ୍ଣ ବାଲିଶେଯରେ ପାଟରାମାନେ ବିକ୍ରି କରୁଛନ୍ତି ବିନ୍ଦି, କ୍ଲିପ୍‌ ଓ ମାଳିହାର । ପରିବେଶ ଏକ ମେଳା ବା ମହୋତ୍ସବର । ଅଜସ୍ର ରଂଗଦାର ଫୁଲ ଫୁଟିଲା ପରି ବାଲୁକାଭୂଇଁ ଉପରେ ଗୁଚ୍ଛଗୁଚ୍ଛ ରଂଗବେରଂଗୀ ମଣିଷ- ସତେ ଅବା ଏକ ବିରାଟ କାନ୍‌ଭାସରେ ଅଙ୍କା ଏକ ପଟ୍ଟଚିତ୍ର ।

ନଦୀକୂଳରେ ଠାଏଠାଏ ଅସ୍ଥିବିସର୍ଜନ କରିବାପୂର୍ବରୁ ଶ୍ରାଦ୍ଧକର୍ମରେ ଲିପ୍ତ ମଣିଷ । ଚଉଦିଗରେ ହଟ୍ଟଗୋଳ- ପଣ୍ଡା, ପୁରୋହିତ ମାନଙ୍କର ଚିତ୍କାର ଓ ଶ୍ଳୋକଧ୍ୱନି । ପୁତ୍ର ଶ୍ରାଦ୍ଧକର୍ମ ସଂପାଦନ କଲେ । ସ୍ୱୟଂ ପୁରୋହିତ ନୌକା ବନ୍ଦୋବସ୍ତ କରିଦେଲେ ନଦୀର ମଧ୍ୟସ୍ଥଳସ୍ଥିତ ସଙ୍ଗମକୁ ଯିବାପାଇଁ - ଯେଉଁଠାରେ କି ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନ ଘଟିଛି । ଗଙ୍ଗା ଓ ଯମୁନା ପରିଦୃଶ୍ୟମାନା । ସରସ୍ୱତୀ ଅନ୍ତଃସ୍ରୋତା । ଦୁଗ୍ଧଧବଳ ଜଳବେଣୀ ନେଇ ପ୍ରକଟ ହୁଅନ୍ତି କେବଳ ମୌନୀ ଅମାବାସ୍ୟା ଦିନ ।

ନାବିକ, ପାରଂଗମହାତରେ ଆହୁଲା ଚଳାଇ ଅଗ୍ରସର ହେଲେ ସଙ୍ଗମସ୍ଥଳ ଆଡକୁ । ଗତି ସ୍ରୋତର ପ୍ରତିକୂଳରେ । ଚାରିପଟେ କୁନିକୁନି ଡଙ୍ଗାରେ ସଙ୍ଗମସ୍ଥଳକୁ ଯାତ୍ରା କରୁଥିବା ଦଳଦଳ ଯାତ୍ରୀ । ଶଙ୍ଖଧ୍ୱନି, ହରିବୋଲ ଡାକରେ ମସ୍‌ଗୁଲ୍‌ । ଦୁଇହାତ ଯୋଡି ନମସ୍କାର ଭଙ୍ଗୀରେ ବସିଥିଲେ କୁଞ୍ଜବିହାରୀଙ୍କ ପୁତ୍ର କନ୍ୟାଦ୍ୱୟ । ପୌଷବୁଡ ଲାଗି ଭିଡ ଅପେକ୍ଷାକୃତ ବେଶୀ ଆଜି ।

ନଦୀର ଠିକ୍‌ ମଝିରେ, ଯେଉଁଠି ଗଙ୍ଗା ଓ ଯମୁନା ମିଳିତ ହୋଇଛନ୍ତି ସେଇଠି ନାଉରୀ କହିଲେ, ସ୍ୱ ସ୍ୱ ପରିଜନମାନଙ୍କୁ ସ୍ମରଣ କରି ଏଇଠି ଜଳରେ ଅସ୍ଥି ବିସର୍ଜନ କରନ୍ତୁ ।

ନମସ୍କାରାନ୍ତେ, ଆଣିଥିବା ପିତଳଗଡୁର ମୁହଁଖୋଲି ଦୁଇଟିଯାକ ଗଡୁ ଓଲଟାଇ କୁଞ୍ଜବିହାରୀ ଓ ସୁରେଖାଙ୍କର ଶେଷଚିହ୍ନ ଜଳରେ ଅଜାଡିଦେଲେ ବିଷାଦଗ୍ରସ୍ତ ପୁତ୍ର । ଚାରିପଟରେ ଜଳ ଅଗଭୀର । ଏଠି ସେଠି ଭାସିବୁଲୁଛି ଅଜସ୍ର ଗେଣ୍ଡୁଫୁଲର ମାଳ ଏବଂ ଅନ୍ୟାନ୍ୟ ସୁବାସିତ ଫୁଲର ସ୍ତବକ । ତା'ରି ଭିତରେ ନିଶ୍ଚିହ୍ନ ହେଇଗଲା କୁଞ୍ଜବିହାରୀଙ୍କ ଶେଷ ଚିହ୍ନ । ପ୍ରବହମାନ ଜଳସ୍ରୋତରେ ଭାସିଭାସି ହୁଏତ ପହଞ୍ଚିବ ଦିନେ ମହାସାଗରରେ ।



Digitized by srujanika@gmail.com

ସଙ୍ଗମଠାରେ ଆଖି ଅପହୁଞ୍ଚ ଜଳର ଉପତ୍ୟକା-କଳକଳ ଧ୍ୱନି କରି ବହିଯାଉଛି ପବିତ୍ର ମନ୍ଦାକିନୀର ଧାରା । ଗଙ୍ଗାର ମାଟିଆ ଓ ଯମୁନାର ନୀଳଜଳବେଣୀର ଧାର ବେଶ୍ ସ୍ପଷ୍ଟ । ଆପଣଙ୍କ ପିତାଙ୍କର ଭସ୍ମ ଓ ଅସ୍ଥିକୁ କୋଳରେ ନେଇ ବହିଯାଉଥିବା ଗଙ୍ଗାଜୀ ଓ ଯମୁନାଜୀଙ୍କୁ ପ୍ରଣାମ କରନ୍ତୁ, ନାବିକ କହିଲେ ।

ଆଲ୍ଲାହାବାଦ୍‌ରୁ ଗୟା । ପିଣ୍ଡଦାନ ସକାଶେ ଭାରତ ସେବାଶ୍ରମରେ କାର୍ଯ୍ୟରତ ପୁରୋହିତ ଶ୍ରୀ ଖଣ୍ଡାଙ୍କ ଆଚାର୍ଯ୍ୟ ଟାଙ୍ଗାରେ ନେଇଗଲେ ଫଲଗୁନଦୀ କୂଳକୁ । ଫଲଗୁନଦୀ ଶୁଷ୍କ । କୂଳରେ ଏଠି ସେଠି ଜମା ସାମାନ୍ୟ ଜଳରାଶି । ଲମ୍ବା ଲମ୍ବା ପଥର ପାହାଚ ଓହ୍ଲାଇ ନଦୀଗୁ ଗଡ୍ଡୁରେ ଗଡ୍ଡୁଭର୍ତ୍ତି ଜଳଆଣି ତୀରଦେଶରେ କରିବାକୁ ହେଲା ଶ୍ରାଦ୍ଧକର୍ମ । ଶ୍ରାଦ୍ଧକର୍ମ ହେଲା ସନ୍ନିହିତ ବିଷ୍ଣୁପାଦ ମନ୍ଦିରରେ ଏବଂ ମନ୍ଦିରବେଢ଼ା ପାଖରେ ଗଜୁରିଥିବା ସୁବିଶାଳ ଅକ୍ଷୟବଟମୂଳେ ମଧ୍ୟ ।

ତିଳ, ଛତୁ, ଦୁଗ୍ଧ, ଶର୍କରା ମିଶାଇ ପିଣ୍ଡଦାନ କରି ଚିରଦିନ ଲାଗି କୁଞ୍ଜବିହାରୀଙ୍କୁ ସ୍ୱର୍ଗକୁ ପଠାଇଦେଲେ ପ୍ରାଣପ୍ରିୟ ପୁତ୍ର ।

ରାତିରେ ଫେରନ୍ତା ଯାତ୍ରା । ଟ୍ରେନ୍‌ର ତଳବାର୍ଥରେ ଭଉଣୀ, ଉପର ବାର୍ଥରେ ଭାଇ । ଭଉଣୀ ରାତ୍ରିରେ ନିଦ୍ରାଭଗ୍ନ ହେବା ପରେ ଦେଖନ୍ତି ଭାଇଟି ଉପର ବାର୍ଥରେ ଅନୁପସ୍ଥିତ । ବିବ୍ରତ ଚିତ୍ତରେ ଏପଟ ସେପଟ ଖୋଜିବୁଲିଲା ବେଳକୁ ଭାଇ ଅଦୂରରୁ ଡାକ ଛାଡିଲେ – ନାନୀ ମୁଁ ଏଇଠି ।

– ଶୋଇନୁ ଏ ଯାଏ ?

– ନିଦ ହେଉନି ।

– କାହିଁକିରେ ?

– ଏ ଯାବତ୍ ବାପା ଥିଲେ ଆମପାଖରେ । ଆମ ତୁଳସୀ ଚଉରାମୂଳେ ପିତଳ କଳସରେ ବନ୍ଧାପଡି । ଆମକୁ ଜଗି – ବଟବୃକ୍ଷ ପରି ଛାୟାପ୍ରଦ ଓ ସୁଶୀତଳ ହୋଇ । ସାହାଭରସା ହୋଇ ରହିଥିଲେ ସବୁ ଆପଦ ବିପଦ ପାଇଁ । ଆଜି ନିଜହାତରେ ବାପାଙ୍କୁ ଦୂରେଇଦେଲି ଆମଠାରୁ– ପଠେଇଦେଲି ସ୍ୱର୍ଗକୁ । ଆମେ ଯେ ପୂରାପୂରି ଏକା ହୋଇ ଗଲେ ନାନୀ ।

ଭାଇଟିର ଗଳା ବାଷ୍ପରୁଦ୍ଧ ହେଲା ।

ଭାଇଭଉଣୀ ଦିହେଁ ପରସ୍ପରର ହାତ ଧରାଧରି ହୋଇ ବସିରହିଲେ ନିରବରେ । ଦୁହିଁଙ୍କ ଆଖିର ଲବଣାକ୍ତ ଧାରା ଟୋପିଟୋପି ହୋଇ ଖସିପଡିଲା ଚଟାଣରେ ।

ଟ୍ରେନ୍ ଛୁଟି ଲାଗିଥିଲା ତୀବ୍ରବେଗରେ – ଜୀବନ ପରି ।

ପାଖ ବାର୍ଥର ଭଦ୍ରବ୍ୟକ୍ତି ଜଣକ ନିଜର ଜିନିଷପତ୍ର ସଜାଡିବାରେ ବ୍ୟସ୍ତ ଥିଲେ । ଆସନ୍ତା ଷ୍ଟେସନ୍‌ରେ ଓହ୍ଲାଇଯିବେ । ଯାତ୍ରା ସରିଆସିଲା ତାଙ୍କର ।

**ସମାପ୍ତ**



Digitized by srujanika@gmail.com

# ପରିଶିଷ୍ଟ

Digitized by srujanika@gmail.com

Digitized by srujanika@gmail.com

॥ ୧ ॥

ଜୀବନରେ ଗୋଟିଏ ସଉକ୍ ବାକି ରହିଗଲା । ବାପାଙ୍କର ଝିଅ ହୋଇ । ସାନବେଳେ ପରୀକ୍ଷାରେ ଖରାପ ହେଲେ କିମ୍ୱା ବହିଟିଏ ହଜିଗଲେ, ସାଙ୍ଗ ପିଲାମାନେ ବଡ଼ବଡ଼ ଆଖିଡୋଳା ନଚାଇ ବେଶ୍ ଷ୍ଟାଇଲ୍‌ରେ କହି ପାରୁଥିଲେ - ଆଜି ଘରେ ନିଶ୍ଚୟ ବାପା ଜାଣିଲେ ରାଗିବେ । ଖୁବ୍ ମନ ହେଉଥିଲା ଏଇ ଧରଣର କୌଣସି ଗୋଟିଏ ବାକ୍ୟ କେତେବେଳେ କେମିତି କହିବା ପାଇଁ । କିନ୍ତୁ ଆମେ ବାଧ ହୋଇ ସର୍ବଦା ଚୁପ୍ ରହୁଥିଲୁ । କାରଣ ଆମବାପା କେବେ ଆମ ଉପରେ ରାଗୁନଥିଲେ ।

ରାଗିବା, ମାଡ଼ ଦେବା ତ ଦୂରର କଥା । ସାରା ଜୀବନରେ ବାପା ଆମକୁ କେବେ ଜୋର୍ କରି ପଦେ କଥା କହିଥିବାର ବି ମନେ ପଡ଼େନି । ଜୀବନରେ ଥରେ ବି ସନ୍ତାନମାନଙ୍କୁ ଧମକ୍ ଦେଇନଥିବା କିମ୍ୱା ବଡ଼ ପାଟିରେ କଥା କହିନଥିବା ପିତାଟିଏ କଅଣ ସମ୍ଭବ ? କଥାଟି ଅନ୍ୟମାନଙ୍କୁ ନିଶ୍ଚୟ ଅବାସ୍ତବ ମନେ ହୋଇପାରେ । କିନ୍ତୁ ଆମ୍ଭମାନଙ୍କ ପାଇଁ, ପ୍ରତିଦିନ ପୂର୍ବାକାଶରେ ସୂର୍ଯ୍ୟୋଦୟ ହେଲାପରି, କଥାଟି ଧ୍ରୁବ ସତ୍ୟ । ତା' ବୋଲି ଆମେ ସବୁ କେହି ଆଦର୍ଶ ସନ୍ତାନ ନଥିଲୁ । ଶିଶୁ, କିଶୋର ଓ ତରୁଣ ବୟସରେ ଯାହା ସବୁ ଦୁଷ୍ଟାମି ବା ଚପଳତା ସ୍ୱାଭାବିକ, ତାହା ଆମେ କରିଛୁ । କଦବା କେମିତି ବେଶି ପରିମାଣରେ ମଧ୍ୟ । କିନ୍ତୁ ବାପାଙ୍କର ଧୈର୍ଯ୍ୟ, ସହନଶୀଳତା ଓ ଭଗବତ୍ ବିଶ୍ୱାସ ସେ ସବୁକୁ ଯେମିତି ଫୁଟ୍‌କି ମାରି ଉଡ଼ାଇ ଦେଇଛି । ବୋଧ ହୁଏ ବାପା ହିଁ ଠିକ୍ । ନହେଲେ ତାଙ୍କ ଏତେଗୁଡ଼ିଏ ସନ୍ତାନ ସମାଜରେ ସୁପ୍ରତିଷ୍ଠିତ ହେଲେ କେମିତି ?

ଅମାନିଆ ପିଲାଙ୍କ ପାଇଁ ଯେଉଁ ମଣିଷର ଏଭଳି ସହନଶୀଳତା, ସେଇ ମଣିଷଟିର ବ୍ୟବହାର-ନିଜର କର୍ମନିଷ୍ଠ ପତ୍ନୀ ପ୍ରତି, ଯେ ନିଶ୍ଚିତ ରୂପରେ ଉଦାର ଓ ସଦାଚାରପୂର୍ଣ୍ଣ ହେବ, ଏହା କହିବା ନିଷ୍ପ୍ରୟୋଜନ । କିନ୍ତୁ ସାରା ଜୀବନରେ ଅନ୍ୟମାନଙ୍କ ସାମ୍ନାରେ ବାପାଙ୍କୁ କେବେ ବୋଉର ପ୍ରଶଂସା କରିବା ଶୁଣିନି । କଥା ପ୍ରସଙ୍ଗରେ, ମଣିଷ କେତେବେଳେ ଅବା ନିଜ ସ୍ତ୍ରୀର କୌଣସି ଗୋଟିଏ ସୁଗୁଣ ସମ୍ପର୍କରେ ପଦଟିଏ କହିଦିଏ । ବାପା କେବେ ଏହା କରିଥିବାର ମନେ ପଡୁନି । ବସ୍ତୁତଃ, ବୋଉ ସମ୍ପର୍କରେ କୌଣସି ଆଲୋଚନା - ନିନ୍ଦା ବା ପ୍ରଶଂସା - ବାପା କେବେବି କରୁନଥିଲେ । ଦରକାରଠାରୁ ବେଶୀ କଥା କହୁ ବି ନଥିଲେ କାହାରି ସହିତ ।



Digitized by srujanika@gmail.com

ସୌଭାଗ୍ୟ ବଶତଃ ମୁଁ ହେଉଛି ପୃଥିବୀର ସେଇ ଏକମାତ୍ର ମଣିଷ ଯିଏ କି ଅଚାନକ୍ ଥରେ ବାପାଙ୍କ ମୁହଁରୁ ବୋଉର ପ୍ରଶଂସା ଶୁଣିଥିଲି । ବୋଉ ପ୍ରତି ବାପାଙ୍କ ସଂଭ୍ରମ, ସମ୍ମାନ ଓ ସ୍ନେହ ଯେ କେତେ ଗଭୀର ତାହା ବୁଝି ପାରି ବିସ୍ମିତ ହୋଇଥିଲି ସେଦିନ ।

ପ୍ରାୟ କୋଡ଼ିଏ ବର୍ଷ ଆଗର କଥା । ଭୁବନେଶ୍ୱରରେ ମୋ'ର ତିଆରି ହେଉଥିବା ବାସଗୃହଟିର ନିର୍ମାଣକାର୍ଯ୍ୟ ଦେଖାଶୁଣା କରି ବାପା ଓ ମୁଁ ଫେରି ଯାଉଥିଲୁ କଟକ-ରାତିର ଶେଷ ବସ୍ ଧରି । ବସ୍‌ଟି ବାଣୀବିହାର ପାଖରେ ଅନେକ ସମୟ ରହିଲା । ବସ୍ କଡ଼ରେ ଖବର କାଗଜର ଖୁଲରେ ଲୋକଟିଏ ବିକ୍ରି କରୁଥାଏ ବୁଟ ଭଜା । ବାପା ପଚାରିଲେ, "ମା ବୁଟଭଜା ଖାଇବୁ ?" ମନା କରିବାକୁ ଯାଉଯାଉ ଅଟକି ଗଲି । ବୁଝିପାରିଲି ବାପାଙ୍କୁ ତାଙ୍କର ମଧ ବୟସ୍କା ଝିଅଟି ଏବେ ବି ଦିଶୁଛି ସେଇ କୁନି ଦି' ବର୍ଷର ଶିଶୁଟିଏ ପରି ଯିଏ କି ପେଟ ପାଖରେ ନାଲି ବେତଟୋପିଟି ଜାକିଧରି ଏକଦା ବୁଟଭଜା ଖାଉଥିଲା ଆଉ ବୁଟର ପରିମାଣ କମ୍ ହେଲେ ବୁଟତକ ତଳେ ଢ଼ାଳିଦେଇ ଚଟାଣରେ ମୁହଁ ଫୁଲାଇ ରୁଷିକି ଶୋଉଥିଲା । କାହାଣୀଟି ବାପାଙ୍କ ମୁଖରୁ ଶୁଣା ।

ବାପା ବୁଟଭଜା କିଣାଇ ଦେଲେ । ଲୁଣିଆ ମସଲାଦାର ବୁଟଭଜା । ଖାଉଖାଉ ବାପଝିଅ କଥା ହେଉଥିଲୁ । ତା' ଆଗଦିନ ବୋଉ କୌଣସି ଗୋଟିଏ ସାଧାରଣ କଥାରେ ରାଗିଯାଇଥିଲା । ବୁଟ ଚୋବାଉ ଚୋବାଉ ବାପାଙ୍କୁ କହିଲି "ବୋଉ ବୋଧେ ବୁଢ଼ୀ ହୋଇଯାଉଛି କି କଅଣ । ସାନସାନ କଥାରେ ମୁଣ୍ଡର ଭାରସାମ୍ୟ ହରାଇ ବସୁଛି । କାଲି ଗୋଟେ ବେକାର କଥାରେ ଏତେ ରାଗିଗଲା ।" ବାପା ମୋ କଥାକୁ ମଝିରେ କାଟି ତାଙ୍କର ସ୍ୱଭାବସିଦ୍ଧ ଧୀର ଓ ଶାନ୍ତ ସ୍ୱରରେ କହିଲେ "ନାଇଁ ମା । ବୋଉକୁ କେବେ କିଛି କହିବୁନି । ତୁ କଅଣ ବା ଜାଣିଚୁ ତାଙ୍କ ବିଷୟରେ ? ସିଏ ନଥିଲେ ମୋ' ଭଳି ସଂସାର ପ୍ରତି ଉଦାସୀନ ଲୋକର କଅଣ ଅବସ୍ଥା ହୋଇଥାଆନ୍ତା କେବେ ଭାବିଚୁ ? ଘରର ସମସ୍ତ ଦାୟିତ୍ୱ ତ ଚିରଦିନ ସିଏ ବହନ କରି ଆସିଲେ । ତମେମାନେ ସବୁ ତ ତାଙ୍କରି ହାତରେ ମଣିଷ" । ଗୋଟିଏ ମୁହୂର୍ତ୍ତ ପାଇଁ ମୁଁ ସ୍ତବ୍ଧ ହୋଇଗଲି । ପତ୍ନୀ ପ୍ରତି ଏଭଳି କୃତଜ୍ଞତା ଓ ସଂଭ୍ରମ ଖୁବ୍ କମ୍ ଦେଖିବାକୁ ମିଳେ । ବାହାରକୁ ଆବେଗରହିତ ମନେ ହେଉଥିବା ହୃଦୟ ଭିତରେ ଏଭଳି ଏକ କୁଳୁକୁଳୁ ସରସ୍ୱତୀର ଧାରା ?

ଏବେ ବାପାଙ୍କ ଦ୍ୱାରା ଲିଖିତ ତାଙ୍କର ଗୋଟିଏ ବହି ପଢୁଥିଲି । ଜୀବନରେ ପ୍ରଥମ ଓ ଶେଷଥର ପାଇଁ ଜନତା ସମ୍ମୁଖରେ ଲିଖିତ ଭାବରେ ବୋଉ ପ୍ରତି ତାଙ୍କର କୃତଜ୍ଞତା ସ୍ୱୀକାର କରିଛନ୍ତି ମୁଖବନ୍ଧରେ ଏବଂ ସେଇ ଦୁଇଧାଡି ଲେଖା ଭିତରେ ସଂସାର ପ୍ରତି ତାଙ୍କର ଚରମ ଉଦାସୀନତାର ଜାଜ୍ୱଲ୍ୟମାନ ପ୍ରମାଣ ବି ଛାଡି ଯାଇଛନ୍ତି । ତାଙ୍କର ଉଦାସୀନତା ପ୍ରମାଣ କରିବାକୁ ମୋତେ ତେଣୁ ବିଶେଷ ପରିଶ୍ରମ କରିବାକୁ ପଡ଼ିବନି ।

ମୋ ବାହାଘର ବେଳେ, ମୁଁ ପାଇଥିବା ସବୁଠାରୁ ଦାମୀ ଯୌତୁକ ହିସାବରେ ଯାହାକୁ ମୁଁ ଗ୍ରହଣକରେ, ତାହା ହେଲା ବାପା ତାଙ୍କ ବଡ଼ ଜୋଇଁକୁ ଆଶୀର୍ବାଦ ସ୍ୱରୂପ ଦେଇଥିବା



Digitized by srujanika@gmail.com

ତାଙ୍କର ଇଂରାଜୀ ଥିସିସ୍‌ଟି । ପି.ଏଚ୍.ଡି. ଥିସିସ୍‌ଟିର ଏକ ସଂକ୍ଷିପ୍ତ ଓଡ଼ିଆ ଅନୁବାଦ ଯେ କରିଛନ୍ତି ତାହା ମୁଁ ଜାଣି ନଥିଲି । ବର୍ଷ ବର୍ଷ ଧରି ଥିଲି ଓଡ଼ିଶା ବାହାରେ । ଏବେ ଦିନେ ସେ ବହିଟି ପାଇ ପଢୁଥିଲି । ମୁଖବନ୍ଧରେ ଲେଖା ଅବିକଳ ବାପାଙ୍କର କଥା ଉଦ୍ଧାର କରୁଛି - "ମୋର ଲଣ୍ଡନ ଯାତ୍ରାର ମାସକ ମଧ୍ୟରେ ମୋର ପିତା ପରଲୋକ ଗମନ କଲେ । ଏହାର ଅଳ୍ପ ଦିନ ପରେ କେତେକ ସାମାଜିକ ବ୍ୟକ୍ତି ଆମ୍ଭ ଗ୍ରାମ ବାସଭବନର ସମସ୍ତ ଅସ୍ଥାବର ସମ୍ପତ୍ତି ଅପହରଣ କଲେ । ମୋର ଅଗ୍ରଜ ମକଦ୍ଦମାରେ ଜଡ଼ିତ ହେଲେ । ଏ ପରିସ୍ଥିତିରେ ଆମ୍ଭ ଏକାନ୍ନବର୍ତ୍ତୀ ପରିବାର, ବିଶେଷତଃ ମୋର ପତ୍ନୀ ତିନୋଟି ଶିଶୁ ସନ୍ତାନଙ୍କ ସହ ବହୁ ସଙ୍କଟ ଓ କଷ୍ଟରେ ଜୀବନ ନିର୍ବାହ କଲେ ।"

ବାପା ଲଣ୍ଡନ ଗଲା ବେଳକୁ ଆମେ ଥିଲୁ ଚାରୋଟି ସନ୍ତାନ । ମୋତେ ଛଅବର୍ଷ, ମୋ ତଳ ଭାଇ ଚାରିବର୍ଷର, ତା' ତଳ ଭଉଣୀଟି ଦୁଇବର୍ଷର ଓ ସବା ସାନ ଭାଇଟି ନିହାତି ଶିଶୁ । କଟକରେ ଏକୁଟିଆ ଚଳିପାରିବନି ବୋଲି ବୋଉ ଯାଇ ରହିଥିଲା ଗାଁରେ । ଗ୍ରାମ୍ୟ ପରିବେଶରେ, ଶାଶୁଘର କଟକଣା ଭିତରେ ଅଳ୍ପବୟସ୍କା ଅନଭିଜ୍ଞା ପତ୍ନୀ ଶିଶୁସନ୍ତାନମାନଙ୍କୁ ନେଇ ନିଶ୍ଚିତଭାବରେ ହଇରାଣ ହୋଇଥିବେ ବୋଲି ବାପା ବୁଝି ପାରିଥିଲେ ସତ, କିନ୍ତୁ ମୁଖବନ୍ଧଟି ଲେଖିଲା ବେଳେ ସ୍ୱପୁତ୍ରକନ୍ୟାମାନଙ୍କ ସଂଖ୍ୟା ତାଙ୍କର ମନେ ନଥିଲା । ଏଭଳି ଦ୍ୱିତୀୟ ଦୃଷ୍ଟାନ୍ତ ବୋଧହୁଏ ପୃଥିବୀରେ ବିରଳ । ବାପାଙ୍କର ଭୁଲାମନର ଏହା ଏକ ଚମତ୍କାର ଲିଖିତ ନିଦର୍ଶନ ।

ଏବେ ଥରେ ଘରକୁ ଗଲାବେଳେ ବାପାଙ୍କୁ ମଜା କରି କହିଲି "ବାପା ! ଆପଣ ଦେଇଥିବା ବହିଟିର ମୁଖବନ୍ଧଟି କିନ୍ତୁ ମୋତେ ବେଶ୍ କଷ୍ଟ ଦେଲା । ଆପଣ ଆମକୁ ଜମା ଭଲ ପାଆନ୍ତିନି । ଲଣ୍ଡନ ଗଲାବେଳକୁ ଆମେ କେତେଜଣଙ୍କୁ ଛାଡ଼ିକି ଯାଇଥିଲେ ତା' ବି ମନେ ନାହିଁ । ଚାରି ଜାଗାରେ ଲେଖିଛନ୍ତି ତିନି । ବୋଉ ଠିକ୍ କହେ, ଏଭଳି ଋଷିପ୍ରତିମ ଲୋକଙ୍କୁ ନେଇ ସଂସାର କରିବା ମୁସ୍କିଲ୍ ।

ବାପା କିଛି କହିଲେନି । ଖାଲି ବୋଉ ଆଡକୁ ଅନାଇଁ ସାମାନ୍ୟ ମୁରୁକି ହସିଲେ । ସେଇ ହସରୁ ମୋତେ ବାପାଙ୍କ ଜବାବ୍ ମିଳିଗଲା । ସେଇ ହସ ଦୋହରାଇଲା ବହୁତ ବର୍ଷ ଆଗରୁ ବସ୍‌ରେ ବସି ବାଣୀ ବିହାର ପାଖରେ କୁହୁଡି ଘେରା ଶୀତରାତିରେ ମୋତେ ସିଏ କହିଥିବା ବାକ୍ୟଟି - "ବୋଉ ନଥିଲେ ମୋ' ଭଳି ସଂସାର ପ୍ରତି ଉଦାସୀନ ଲୋକର କଅଣ ଅବସ୍ଥା ହୋଇଥାଆନ୍ତା କେବେ ଭାବିଚୁ ?"

●●●



Digitized by srujanika@gmail.com

## ॥ ୨ ॥

ଏଇ କଥାଟି ଶୁଣିବା ପାଇଁ ମିଛ ବୋଲି ପ୍ରତୀତ ହୋଇପାରେ - କିନ୍ତୁ ଏହା ନିରାଟ ସତ ଯେ ମୋ ବାପା ମିଛ କହିପାରନ୍ତିନି, ସତକଥା କହନ୍ତି ଏବଂ ତାହା କହନ୍ତି ସତତ, ସର୍ବପ୍ରକାର ପରିସ୍ଥିତିରେ । ଏଭଳି ସତ୍ୟବାଦୀ ଓ ସତ୍ୟନିଷ୍ଠ ମଣିଷଟିଏ ମୁଁ ଖୁବ୍ କମ୍ ଦେଖିଛି । ବେଳେବେଳେ ଅବଶ୍ୟ ସତ୍ୟପ୍ରତି ଥିବା ତାଙ୍କର ସୁତୀବ୍ର ନିଷ୍ଠା ସାଧାରଣ ଲୋକମାନଙ୍କର ବୋଧଗମ୍ୟ ହୁଏନି । କଦବା କେମିତି ତାଙ୍କର ସତ୍ୟବାଦିତା ଅନ୍ୟମାନଙ୍କୁ ହାସ୍ୟାସ୍ପଦ ମନେ ହୁଏ ମଧ୍ୟ । କିନ୍ତୁ ସତ୍ୟ ଓ ନ୍ୟାୟ ଉପରେ ବାପାଙ୍କୁ କେବେହେଲେ ଜୀବନରେ ସାଲିସ୍ କରିବାର ଦେଖିନି । ଯାହା ଉଚିତ୍ ଓ ସଙ୍ଗତ ବୋଲି ଭାବିଛନ୍ତି, କରିଛନ୍ତି । ଅପର ପକ୍ଷରେ, ଅନ୍ୟ କୌଣସି ବ୍ୟକ୍ତିର ଚରିତ୍ର ବା କାର୍ଯ୍ୟକଳାପ ସମ୍ପର୍କରେ ମତାମତ ବ୍ୟକ୍ତ କରିବା, ଅନୁଚିତ ବୋଲି ମଣିଛନ୍ତି ମଧ୍ୟ ।

ବୋଉଠାରୁ ଶୁଣା କଥା: - ବୋଉ ନୂଆ କରି ସଂସାର ଆରମ୍ଭ କଲା ସମୟରେ, ବାପାଙ୍କ ଭଉଣୀ ଶ୍ରଦ୍ଧାମଣିଙ୍କର ସାନପୁଅଟି ଆସି କିଛି ଦିନ ମାମୁ ଘରେ ସହରରେ ରହି ପାଠ ପଢୁଥିଲା । ନିରୀହ ଗ୍ରାମ୍ୟ କିଶୋରଟିଏ । ପୂଜାରୀ ବାଈା ମାମୁର ହାତଧରି ଯାଇଥିଲା ଦଶହରା ମେଲଣ ଦେଖି । ଗହଳି ଭିତରେ, ରାସ୍ତାକଡରେ ବସିଥିବା ଫେରିବାଲାଠାରୁ ଗେଟାପିଚାର ସାନ ପାନିଆଟିଏ ଉଠାଇ ନେଇ ଆସିଥିଲା ଦାମ୍ ନ ଦେଇ । କାର୍ଯ୍ୟଟି ନିଶ୍ଚିତ ଭାବରେ ଗର୍ହିତ ଥିଲା ଯଦିଓ ଅବୋଧ ବାଳକଟି ତାହା ହୃଦୟଙ୍ଗମ କରିପାରିନଥିଲା । ଭୁଲ୍‌ଟି ଧରାପଡିଥିଲା ଘରକୁ ଆସିଲାପରେ ଓ ତା' ପରଦିନ ସକାଳେ ସାରା ବଜାର ଏ ମୁଣ୍ଡରୁ ସେ ମୁଣ୍ଡ, ପାନିଆଟି ହାତରେ ଧରି, ବାପା ସେ ଫେରିବାଲାଟିକୁ ଖୋଜି ବୁଲିଥିଲେ - ପଇସା ଦେବା ପାଇଁ । ଦୋକାନୀମାନଙ୍କୁ ଯୁବକ ଅଧ୍ୟାପକଟିର ଏତାଦୃଶ କାର୍ଯ୍ୟକଳାପ ସେତେବେଳେ ବେଶ୍ ହାସ୍ୟାସ୍ପଦ ଓ ମଜେଦାର ମନେ ହୋଇଥିଲା ।

ଆମ କଲୋନୀ ତଥା ଆଖପାଖ ଇଲାକାରେ ବାପାଙ୍କର ସତ୍ୟନିଷ୍ଠ ସ୍ୱଭାବଟି ବେଶ୍ ରସାଳ ଭାବରେ ଖ୍ୟାତି ଲାଭ କରିଛି ଏବଂ ଏଥିପାଇଁ ଏକାଧିକ ମଜାର ଘଟଣା ବି ଘଟିଛି । ତନ୍ମଧ୍ୟରୁ ଗୋଟିଏ ଘଟଣା ଏଇଭଳି ।

ଥରେ ବାପା ବଜାର ଯାଇଥିଲେ- କାମରେ । ତେଜରାତି ଦୋକାନରୁ ହର୍ଲିକ୍ସ ବୋତଲଟିଏ କିଣି ଗଲେ ବହି ଦୋକାନ । ଦୁଇଟି ବହି କିଣି ଘରମୁହାଁ ହେଲେ ଏବଂ ବୋତଲଟି



Digitized by srujanika@gmail.com

ଛାଡ଼ି ଆସିଲେ ବହି ଦୋକାନର କାଉଣ୍ଟର ପଟା ଉପରେ । ଅଧାରାସ୍ତାରେ ହାତରେ ହର୍ଲିକ୍ସ ବୋତଲ ନଦେଖି ଭାବିଲେ ଦୋକାନୀ ହୁଏତ ଉଚିତ୍ ଦାମ୍ ନେଇ ସୁଦ୍ଧା ଭୁଲବଶତଃ ତାଙ୍କୁ ବୋତଲଟି ଦେବାକୁ ଭୁଲିଯାଇଛନ୍ତି । ଫେରି ଚାଲିଲେ ଦୋକାନଦାର ପାଖକୁ । ଅନ୍ୟ କୌଣସି ଖରିଦ୍‌ଦାର ହୋଇଥିଲେ ହୁଏତ ଦୋକାନୀ ଅବିଶ୍ୱାସ କରିଥାଆନ୍ତେ । କିନ୍ତୁ ବାପାଙ୍କର କ୍ଷେତ୍ରରେ କୌଣସି କୁଣ୍ଠାବୋଧର ପ୍ରଶ୍ନ ନଥିଲା । କାରଣ ବାପାଙ୍କ ସତ୍ୟବାଦିତା ସାଇପଡ଼ିଶାରେ ଏକ ପ୍ରଚଳିତ କାହାଣୀର ରୂପ ନେଇଥିଲା । ଦୋକାନୀ ତେଣୁ ତତ୍‌କ୍ଷଣାତ୍ ଥାକରୁ ଅନ୍ୟ ଏକ ହର୍ଲିକ୍ସ ବୋତଲ କାଢ଼ି ବାପାଙ୍କୁ ଦେଇଦେଇଥିଲେ ।

ଯା' ଭିତରେ ବହି ଦୋକାନର ମାଲିକ କାଉଣ୍ଟର ପଟା ଉପରେ ହର୍ଲିକ୍ସ ବୋତଲଟି ଦେଖି ପରିଚାରକ ହାତରେ ତାହା ଆମ ଘରକୁ ପଠାଇଦେଲେ । ବାପା ଘରେ ପହଞ୍ଚି ଦେଖନ୍ତି ଭୁଲ୍ ତାଙ୍କର । ସାଙ୍ଗେ ସାଙ୍ଗେ ଚାଲିଲେ କ୍ଷମା ପ୍ରାର୍ଥନା ସହ ଦୋକାନୀଙ୍କୁ ହର୍ଲିକସ୍ ବୋତଲଟି ଫେରାଇବା ପାଇଁ । ଅପେକ୍ଷା କରିବାକୁ ତର ସହି ନଥିଲା ସକାଳ ପର୍ଯ୍ୟନ୍ତ ।

ବାପାଙ୍କର ଅଭୂତପୂର୍ବ ସତ୍ୟନିଷ୍ଠା ତାଙ୍କୁ କେବେ କେମିତି ବିପନ୍ନ କରିଛି ମଧ୍ୟ । କିନ୍ତୁ ଏହା ସତ୍ତ୍ୱେ ମୁହୂର୍ତ୍ତକ ପାଇଁ ବି ସେ ପଥଚ୍ୟୁତ ହୋଇନାହାନ୍ତି । ମୁଁ ସ୍କୁଲ୍‌ରେ ପଢୁଥିବା ସମୟରେ କୌଣସି ରାଜନୈତିକ ନେତା, ଏମ୍.ଏ ପରୀକ୍ଷା ଦେଇଥିବା ତାଙ୍କର ଏକ ଆତ୍ମୀୟଙ୍କର ରୋଲ୍ ନମ୍ବର ବାପାଙ୍କୁ ଦେଇଥିଲେ । ସେତେବେଳେ ଆଜି ଭଳି କୋଡ ନମ୍ବରର ଝାମେଲା ନଥିଲା । ରୋଲ ନମ୍ବରଟି ଦେବାର କାରଣ ଥିଲା ସ୍ପଷ୍ଟ । ବାପା ଗୋଟିଏ ପ୍ରଶ୍ନ ପତ୍ରର ପରୀକ୍ଷକ ଥିଲେ । ତାଙ୍କୁ ଚାକିରି ଜୀବନରେ ଆଶୁ ଫଳପ୍ରାପ୍ତିର ପ୍ରତିଶ୍ରୁତି ମଧ୍ୟ ମିଳିଥିଲା । କିନ୍ତୁ ବାପାଙ୍କର ସତ୍ୟନିଷ୍ଠା ବାଦ ସାଧିଲା । ବାପା କହିଥିଲେ, "ଆପଣ ନିଶ୍ଚିତ ରୁହନ୍ତୁ । ପରୀକ୍ଷାର୍ଥୀଙ୍କର ଯାହା ପ୍ରାପ୍ୟ, ତା'ଠାରୁ ଗୋଟିଏ ନମ୍ବର ବି କମ୍ ହେବନି" ଏବଂ ହୋଇଥିଲା ମଧ୍ୟ ସେଇଆ । ବାପା ଉକ୍ତ ମହାପୁରୁଷଙ୍କର ରୋଷ ଓ ଅସନ୍ତୋଷର ପାତ୍ର ହୋଇପଡିଥିଲେ । ଏହି ପ୍ରସଙ୍ଗରେ କହି ରଖେ ଯେ ପରୀକ୍ଷା ଖାତା ଦେଖିଲା ବେଳେ ବାପାଙ୍କୁ ଯେପରି ପୁଙ୍ଖାନୁପୁଙ୍ଖ ଭାବରେ ପ୍ରତିଟି ଖାତା ପଢ଼ିବାର ଦେଖିଛି, ଆଉ କେଉଁଠି କିଏ କରୁଥିବ ବୋଲି ମୋର ବିଶ୍ୱାସ ହୁଏନି । ସର୍ବଦା ତାଙ୍କର ଭୟ ଥିଲା- କାଳେ ତାଙ୍କର ଅସାବଧାନତା ବଶତଃ ପରୀକ୍ଷାର୍ଥୀ ପ୍ରତି ଅନ୍ୟାୟ ହୋଇଯିବ, କାଳେ ଭଗବାନଙ୍କ ଆଗରେ ସେ ଅସତ୍ ପ୍ରମାଣିତ ହୋଇଯିବେ । କଦବା କେମିତି ହଇରାଣ ହୋଇଥିଲେ ସୁଦ୍ଧା, ବାପାଙ୍କର ସତ୍ୟନିଷ୍ଠା କିନ୍ତୁ ଅନେକଥର ତାଙ୍କୁ ସାହାଯ୍ୟ କରିଛି ଏବଂ କରିଛି ବେଶ୍ ଅଯାଚିତ ଭାବରେ ।

ଥରକର କଥା – ବାପା କୌଣସି କାର୍ଯ୍ୟବଶତଃ କଲିକତା ଯାଇଥିଲେ । ଫେରୁଥିଲେ ପୁରୀ ଏକ୍ସପ୍ରେସ୍‌ରେ । ହାବଡ଼ା ଷ୍ଟେସନର ଲୋକ ଗହଳି ଭିତରେ ବାପାଙ୍କର ପକେଟ୍‌ମାର



Digitized by srujanika@gmail.com

ହୋଇଗଲା । ଏହା ଅବଶ୍ୟ ବାପାଙ୍କ ପାଇଁ କିଛି ନୂଆ କଥା ନଥିଲା । କାରଣ ସଦା ଅନ୍ୟମନସ୍କ ରହୁଥିବା ବାପାଙ୍କର ସଦାସର୍ବଦା ପକେଟମାର୍ ହୁଏ । ଏତେ ବେଶୀ ପରିମାଣରେ ହୁଏ ଯେ ଶେଷ ପର୍ଯ୍ୟନ୍ତ ମୋ ଭାଇ ମଜା କରି କହେ "ବାପା ଘରୁ ବାହାରିଲେ ତାଙ୍କ ପଛେପଛେ ଦୁଇଟି ପକେଟ୍‌ମାର୍ ମାର୍ଚ୍ଚ କରି ଚାଲନ୍ତି ।"

ଏଥରକ ବି ପକେଟମାର ହୋଇଥିଲା ସମ୍ପୂର୍ଣ୍ଣ ଭାବରେ ବାପାଙ୍କର ଅସାବଧାନତା ହେତୁ । ବସ୍ତୁତଃ ନିଜର ସରଳତାପୂର୍ଣ୍ଣ କାର୍ଯ୍ୟକଳାପରେ ପକେଟ୍‌ମାର ଦୁଇଟିକୁ ଏକ ପ୍ରକାର ନିମନ୍ତ୍ରଣ କରି ବସିଥିଲେ ସିଏ । ଷ୍ଟେସନ୍‌ରେ କୁଲିକୁ ପଇସା ଦେବା ସମୟରେ ପକେଟ୍‌ରୁ ପର୍ସଟି ବାହାର କରି ଓ ତହିଁରୁ ଥାକେ ନୋଟ୍ କାଢ଼ି ନିର୍ଦ୍ଧାରିତ ପରିମାଣ କୁଲିକୁ ଦେଇଥିଲେ ଓ ଟଙ୍କା ଭର୍ତ୍ତି ମୋଟା ପର୍ସଟି ଯତ୍ନହୀନ ଭାବରେ ବାହାରକୁ ଅଧା ବାହାରିଥିବା ଅବସ୍ଥାରେ କୋର୍ଟର ଛାତି ପକେଟ୍‌ରେ ରଖିଥିଲେ । କମ୍ପାର୍ଟମେଣ୍ଟରେ ବାପା ଆସି ବସିସାରିଲା ପରେ ଦୁଇଟି ଅଜଣା ଲୋକ ଟ୍ରେନ୍‌ରେ ଯାତ୍ରୀ ରୂପରେ ପରିଚୟ ଦେଇ ଆସି ତାଙ୍କ ପାଖରେ ଆସନ ଗ୍ରହଣ କରିଥିଲେ ଓ ବନ୍ଦ ଥିବା କାଚ ଝର୍କାଟି ଖୋଲିବା ବାହାନାରେ ବାପାଙ୍କ ସାମ୍ନାରେ ଉହୁଙ୍କି ପଡ଼ିଥିଲେ । ସେଇ ସମୟରେ ବାପାଙ୍କ ଛାତି ପକେଟ୍‌ରୁ ପର୍ସଟି ହୋଇଥିଲା ଗାୟବ । ବାପାଙ୍କର ଭୁଲାମନ । ବୁଝି ପାରିନଥିଲେ ପର୍ସ ଚୋରିହୋଇ ଯାଇଛି ବୋଲି । ଗାଡ଼ି ଚାଲିବାପରେ ଆବିଷ୍କାର କରିଥିଲେ ଯେ ଲୋକ ଦୁଇଟି ନାହାନ୍ତି ଓ ପକେଟ୍‌ରୁ ଟିକେଟ ଓ ଟଙ୍କା ସହ ପଇସା ମୁଣିଟି ଅନ୍ତର୍ହିତ ହୋଇଛି ।

କର୍ତ୍ତବ୍ୟରତ ଟିକେଟ ଚେକରଙ୍କୁ ତାଙ୍କ ବିପତ୍ତିର କଥା ତତ୍‌କ୍ଷଣାତ୍ ଜଣାଇଥିଲେ । ଏକଥା ମଧ୍ୟ କହିଥିଲେ ଯେ ରେଲୱେ କର୍ମଚାରୀଟି ଯଦି ତାଙ୍କ କଥା ଅବିଶ୍ୱାସ କରୁଛନ୍ତି, ତେବେ ସରକାରୀ ନିୟମାନୁସାରେ ବିବେଚିତ ପଦକ୍ଷେପ ଗ୍ରହଣ କରିପାରନ୍ତି । ଟ୍ରେନ୍‌ର ରିଜର୍ଭେସନ ତାଲିକାରେ ଅବଶ୍ୟ ବାପାଙ୍କ ନାଁ ଥିଲା ।

ସୌଭାଗ୍ୟକ୍ରମେ, ଟ୍ରେନ୍‌ର ଟି.ଟି. ଆଇ ଜଣକ ଥିଲେ ଓଡ଼ିଆ ଓ ରେଭେନ୍ସା କଲେଜର ପ୍ରାକ୍ତନ ଛାତ୍ର । କଲେଜରେ ପାଠ ପଢ଼ିଲା ବେଳେ ବାପାଙ୍କୁ ଦେଖିଥିଲେ ଓ ବାପାଙ୍କ ତଥାକଥିତ ବଦନାମ - ଯେ ସେ ଜଣେ ନିରୀହ, ସତ୍ୟନିଷ୍ଠ ସାଧୁପୁରୁଷ - ସହିତ, ଭଲଭାବରେ ପରିଚିତ ଥିଲେ । ବାପା ମିଛ କହିବେନି ଓ ଟିକେଟ୍ ନ କାଟି ଟ୍ରେନ୍‌ରେ ଚଢ଼ିବେନି, ଏ ଧ୍ରୁବ ସତ୍ୟଟି ଟି.ଟି.ଆଇ ମହାଶୟଙ୍କୁ ଜଣାଥିଲା । ବାପାଙ୍କ କଥାକୁ ବିଶ୍ୱାସ କରିଥିଲେ, ସଶ୍ରଦ୍ଧ ପ୍ରଣାମ କରି କପର୍ଦ୍ଦକଶୂନ୍ୟ ଅଭୁକ୍ତ ବାପାଙ୍କର ସର୍ବପ୍ରକାର ଯତ୍ନ ନେଇ ତାଙ୍କୁ ଗନ୍ତବ୍ୟସ୍ଥଳର ଟିକେଟ୍ ଚେକିଙ୍ଗ ଦ୍ୱାର ପର୍ଯ୍ୟନ୍ତ ଆସି ବାଟେଇ ଦେଇଥିଲେ ମଧ୍ୟ ।

ଏଇ ପ୍ରସଙ୍ଗରେ ମନେ ପଡୁଛି ଜଣେ ବୟୋବୃଦ୍ଧ ପୁସ୍ତକ ବିକ୍ରେତାଙ୍କର କଥା । ବହୁତ ଦିନପରେ ତାଙ୍କର ନାତିଟିଏ ହୋଇଥିଲା । ଜାଣିଥିଲେ ବାପା କୌଣସି ଭୋଜିଭାତକୁ



Digitized by srujanika@gmail.com

ଯାଆନ୍ତିନି । ଏକୋଇଶିଆ ଦିନ ସନ୍ଧ୍ୟାରେ ଅପ୍ରତ୍ୟାଶିତ ଭାବରେ ଆମ ଘରେ ଆସି ହାଜର ହୋଇଥିଲେ ସିଏ - ହାତରେ ଅର୍ଖ ନୂଆ ନାଲି ଗାମୁଛାଟିଏ ଧରି । ଉଦ୍ଦେଶ୍ୟ - ପୌତ୍ର ପାଇଁ ବାପାଙ୍କର ପଦଧୂଳି ଟିକିଏ ନେବା । ସାରା ସହର ଖୋଜିଖୋଜି ତାଙ୍କୁ କୁଆଡେ ଏତାଦୃଶ ଋଷିପ୍ରତିମ ସତ୍ୟନିଷ୍ଠ ମଣିଷଟିଏ ମିଳିନଥିଲେ ।

ବାପା କେବେ ଖାଲି ପାଦରେ ରହନ୍ତି ନି । ମୁଁ ଖୁବ୍ ସାନ ଥିଲାବେଳେ ବାପା କଠାଉ ପିନ୍ଧୁଥିଲେ । ବଜାରକୁ ହାୱାଇ ଚପଲ ଆସିଲାଦିନଠୁ ସେଇ ଚପଲ ପିନ୍ଧନ୍ତି । ପାଦ ଦୁଇଟି ଅସମ୍ଭବ ପରିଷ୍କାର । ବାପାଙ୍କ ଅଜସ୍ର ଆପତ୍ତି ସତ୍ତ୍ୱେ ବୃଦ୍ଧ ଭଦ୍ରବ୍ୟକ୍ତି ଜଣକ ବାପାଙ୍କ ପାଦ ଦୁଇଟି ଗାମୁଛାରେ ପୋଛି ଅମୂଲ୍ୟ ରତନ ପରି ଗାମୁଛାଟି ପୁଟୁଳି କରି ନେଇ ଯାଇଥିଲେ ନାତି ମୁଣ୍ଡରେ ଛୁଆଇଁ ଦେବାପାଇଁ ।

ବାପା ଏମ.ଏ.ପାଶ୍ କଲା ପରେ ଲ' ପଢ଼ିଥିଲେ । କିନ୍ତୁ ଜୀବିକାରୂପେ ବରଣ କରିଥିଲେ ଅଧ୍ୟାପନାକୁ, ଓକିଲାତିକୁ ନୁହେଁ । ବୋଉ ବେଳେବେଳେ ସଂସାର ପ୍ରତି ଉଦାସୀନ ବାପାଙ୍କ ପ୍ରତି ଅସହିଷ୍ଣୁ ହୋଇ ପଡିଲେ ତାଙ୍କୁ ଗଞ୍ଜଣା ଦିଏ, "ତମ ବାପା ତମକୁ ତୁଚ୍ଛାଟାରେ ଏତିକି ପଇସା ଖର୍ଚ୍ଚ କରି ପାଟ୍‌ନାରେ ପାଠ ପଢ଼େଇଥିଲେ । ଓକିଲ ହୋଇଥିଲେ ମାସକୁ ଦଶଟା ଟଙ୍କା ବି ରୋଜଗାର କରିନଥାନ୍ତ ।" ବୋଉର କଥାଟିରେ ଅତିଶୟୋକ୍ତିର ଛାପ ଥିଲେ ସୁଦ୍ଧା କିଞ୍ଚିତ୍ ପରିମାଣର ସତ୍ୟତା ମଧ୍ୟ ତହିଁରେ ଅଛି । ମିତଭାଷୀ, ବାକ୍ ପଟୁତା ବିହୀନ ବାପା, ଯାହାଙ୍କର ଧର୍ମ ହେଲା ସର୍ବଦା ସତ କଥା କହିବା, ନିଶ୍ଚିତ ରୂପେ ଓକିଲ ହିସାବରେ ଯଥେଷ୍ଟ ସଫଳତା ଲାଭ କରି ପାରିନଥାନ୍ତେ ।

ଯାହାହେଉ, ଉପରୋକ୍ତ କଥାଟି ବାପାଙ୍କୁ ପ୍ରାୟତଃ ବୋଉ କହେ ଯେତେବେଳେ ସିଏ ତାଙ୍କ ଉପରେ ରାଗି ଯାଏ । କିନ୍ତୁ ମୋ ମୁଖରା ବୋଉର ନାଲି ପଡିଥିବା ରାଗ ତମ୍‌ତମ୍ ମୁହଁରେ ମୁଁ ସେତେବେଳେ ଏକ ଅଭୂତପୂର୍ବ ଦୀପ୍ତିର ଚମକ୍ ଦେଖିବାକୁ ପାଇଥାଏ । ସେ ଚମକ୍ ଗୋଟିଏ ସତ୍ୟନିଷ୍ଠ ମଣିଷର ପତ୍ନୀ ହେବାର ଗୌରବର ଚମକ୍ । ସଭିଙ୍କୁ ତ ତାହା ମିଳେନି ଜୀବନରେ ।

●●●



Digitized by srujanika@gmail.com

## ।। ୩ ।।

କଥା ଆରମ୍ଭ ହୋଇଥିଲା କୌଣସି ଏକ ସାମାନ୍ୟ କାରଣରୁ । ସାଧାରଣ ଯୁକ୍ତିତର୍କରୁ ଆରମ୍ଭ ହୋଇ ଶେଷ ହୋଇଥିଲା କଳହରେ ଓ ମୁଁ ବେବୀ ଉପରେ ବେଶ୍ ରାଗିଯାଇଥିଲି । ବୟସରେ ଯଥେଷ୍ଟ ସାନ ତରୁଣୀ ଭଉଣୀଟି ଉପରେ ବେକାର କଥାରେ ରୋଷାନ୍ୱିତ ହେବା ନିଶ୍ଚିତ ଭାବରେ ଥିଲା ଗର୍ହିତ ଓ ଅଶୋଭନୀୟ । କିନ୍ତୁ ମୁଁ ରାଗିଥିଲି - ମୋର ପଚାଶୋର୍ଦ୍ଧ ବୟସ ସତ୍ତ୍ୱେ ଓ ମୋର ଚରିତ୍ରର ଅମାର୍ଜନୀୟ ଅସହିଷ୍ଣୁତାକୁ ଅତ୍ୟନ୍ତ ଲଜ୍ଜାଜନକ ଭାବରେ ଜାହିର୍ କରି । ବାପା ପାଖରେ ବସି ନୀରବରେ ଚୁଡ଼ା ଓ ଛେନାଚକଟା ଖାଉଥିଲେ । ସମୟ ଅପରାହ୍ନ । ଶେଷ ଆଡ଼କୁ ରାଗ ତମ୍‌ତମ୍ ମୁହଁରେ ବାପାଙ୍କ ଆଡ଼କୁ ଘୂରି କହିଲି - "ବାପା ! ଆପଣ କିଛି କହୁନାହାନ୍ତି ଯେ ! ବେବୀ ଏମିତି କଳି କରୁଛି ମୋ ସାଥିରେ !" ବାପା ଉତ୍ତର ଦେଲେ, ଧୀର, ସମାହିତ ଓ ଅବିଚଳିତ ସ୍ୱରରେ "ତମ ଦି'ଭଉଣୀଙ୍କ ଭିତରେ କଥାବାର୍ତ୍ତା, ସେଥିରେ ମୁଁ କଅଣ କହିବି ?"

"ବାଃ ! କା'ର ଭୁଲ୍ ସେ କଥାଟା ଅନ୍ତତଃ କହିବେ ତ ! ବେବୀ ତ ପ୍ରଥମେ କଳି ଆରମ୍ଭ କଲା ମୋ ସାଥିରେ ।" ମୁଁ ଜବାବ ଦେଲି ।

ବାପା ସାମାନ୍ୟ ହସିଲେ । ପାଟିରେ ଥିବା ଛେନାଚକଟା ଢୋକିସାରି କହିଲେ, "ତୁ ଯେତେବେଳେ ନିହାତି ସାନଟିଏ ଥିଲୁ, ସେତେବେଳେ କୌଣସି କାରଣରୁ ରାଗିଗଲେ ହାତରେ ଧରିଥିବା ଜିନିଷଟି - ସିଏ ଗିନାଟିଏ ହେଉ ବା କଣ୍ଢେଇଟିଏ - ଜୋର୍‌ରେ ତଳେ କଚାଡ଼ି ଦେଉଥିଲୁ । ସେତେବେଳେ ତୋ ମୁହଁଟି ମତେ ଯେମିତି ଦିଶୁଥିଲା, ଏବେ ଠିକ୍ ସେମିତି ଦିଶୁଛି ।"

ଅଚାନକ୍ ମୋର କଥା କହିବା ବନ୍ଦ୍ ହୋଇଯାଇଥିଲା । ଗଳା ପାଖରେ କୌଣସି ଏକ ଶକ୍ତ ଗୋଲାକାର ପଦାର୍ଥ ଆସି କଣ୍ଠରୁଦ୍ଧ କଲା ଅବା । ଆଖିରୁନ୍ଧି ହେଇଗଲା ଗରମ ବାମ୍ଫରେ । ପିଣ୍ଡାରୁ ଉଠି ପଳାଇ ଆସିଥିଲି ଶୋଇବାଘର ଭିତରକୁ । ଏ ବୟସରେ ଭାବପ୍ରବଣ ହୋଇ ବାପା ଓ ସାନ ଭଉଣୀଟି ସାମ୍ନାରେ ଝର୍‌ଝର୍ ଲୁହ ଢ଼ାଳିବାକୁ ଲାଜ ଲାଗିଥିଲା ବୋଲି ।

ଏଇ ହେଉଛନ୍ତି ମୋ ବାପା - ଶାନ୍ତ, ସଂଯତ, କ୍ରୋଧଶୂନ୍ୟ ଓ ଋଷିପ୍ରତିମ ବିଦ୍ୱାନ ମଣିଷଟିଏ । ବିରଳ ମଣିଷଟିଏ ।

ବାପାଙ୍କ ପଢ଼ାଘରେ, କେବଳ ତାଙ୍କ ବସିବା ଚୌକିଟି ଛାଡ଼ିଦେଲେ, ବାକି ସର୍ବତ୍ର ପୁସ୍ତକର ଆକାଶଚୁମ୍ବୀ ସ୍ତୂପ ଓ ସମଗ୍ର ବଖରାଟି ପୋଥି, ପୁସ୍ତକ ଓ ପତ୍ରିକାରେ ରୁନ୍ଧି ହୋଇ



Digitized by srujanika@gmail.com

ଏକରକମ ଅଣନିଃଶ୍ୱାସୀ। ବସ୍ତୁତଃ, ଆମଘରର ପ୍ରତିଟି କୋଣ, ଅନୁକୋଣ, ବାପାଙ୍କ ଦୟାରୁ ବହିରେ ଠେସା। ବହି ହିଁ ତାଙ୍କର ପ୍ରଶ୍ୱାସ। ବହି ହିଁ ତାଙ୍କର ପ୍ରାଣ। ଆମେମାନେ ଘରୁ ବହିଟିଏ ଆଣିଲେ ରେଜିଷ୍ଟରରେ କିଏ କ'ଣ ବହି ନେଲା ଟିପିରଖନ୍ତି। ଥରଟେ ପଢ଼ିବା ପାଇଁ ଶ୍ରୀ ସୁନୀତିକୁମାର ଚାଟାର୍ଜୀଙ୍କ Languages and literatures of Modern India ବହିଟି ଆଣିଥିଲି। ଯେତେବେଳେ ଘରକୁ ଗଲି, ସେ ବହିକଥା ପଚାରିପଚାରି ମତେ ଏଭଳି ବ୍ୟତିବ୍ୟସ୍ତ କଲେ ଯେ ଦିନେ ରାଗିକି ଯାଇ ସେ ବହିଟି ଫେରାଇଦେଇ ଆସିଲି।

ବାପାଙ୍କ ଦାଉରେ, ଆମଘରେ ଛିଣ୍ଡା କାଗଜଟିଏ ବି ଫିଙ୍ଗିବା ଆମ ପକ୍ଷରେ ଅସମ୍ଭବ। ବୋଉ କାଠଚୁଲି ଲଗାଇଲାବେଳେ, ରଦ୍ଦିକାଗଜ ନେଇ ନିଆଁ ଧରାଇଲାବେଳକୁ, ବାପାଙ୍କ ଆଖିରେ ଯଦି କେତେବେଳେ କେମିତି ତାହା ପଡିଯାଇଛି, ବାପା ଚୁଲିରେ ହାତପୂରାଇ ସେ ଦରପୋଡା କାଗଜ ଭିଡ଼ି ଆଣିଛନ୍ତ- ହାତ ଝଲସି ଯିବା ସତ୍ତ୍ୱେ। ଉଦ୍‌ବେଗ - କାଳେ କୌଣସି ବହି ବା ପତ୍ରିକାର ଛିନ୍ନପୃଷ୍ଠା ତା' ଭିତରେ ଭୁଲ୍‌ରେ ରହି ଯାଇଥିବ।

ପରିଣତ ବୟସରେ ବାପାଙ୍କର ଦୁଇ ଆଖିରେ ହେଲା କାଟାରାକ୍ଟ। ଦୃଷ୍ଟିଶକ୍ତି କ୍ଷୀଣ। ତେବେ ସୁଦ୍ଧା ଗୋଟିଏ ହାଣ୍ଡଲ୍‌ବାଲା ବହଳ ଯବକାଚ ଧରି ନବେବର୍ଷରେ ବହି ପଢ଼ନ୍ତି। ବାପାଙ୍କ ପଢ଼ାଘରଟି ଉପର ମହଲାରେ। ସିଡ଼ି ଚଢ଼ିବାରେ ଅକ୍ଷମ। କାଳେ ଉପରକୁ ଚାଲିଯିବେ ବୋଲି, ସେ ତଳମହଲାରେ ରହୁଥିବା ବଖରାଟିର ବାହାରେ ମୋ ଭାଇ ଅନେକ ସମୟରେ ତାଲା ପକାଇଦିଏ। ତେବେ ବି ସୁଯୋଗ ଦେଖି ଲୁଚିଲୁଚି ପଢ଼ାଘରେ ଯାଇ ବସିଥାଆନ୍ତି ଏବଂ ଧୂମାୟିତ ସ୍ମୃତିଶକ୍ତି ହେତୁ, କବାଟ ବୋଲି ଭାବି ବନ୍ଦ ଝର୍କାକୁ ଠେଲୁଠେଲୁ ତତ୍‌ସନ୍ନିକଟ ବହିଗଦାକୁ ଝୁଣ୍ଟି, ତଳେ ପଡ଼ି ଗୋଡ଼କୁ ଜଖମ୍ କରନ୍ତି।

ବାପା ଲଣ୍ଡନ୍ ଗଲେ ପି.ଏଚ.ଡି ପାଇଁ। ଶିଖି ଆସିଲେ ଦୁଇଟି ଅଭ୍ୟାସ - ଚା'ପିଆ ଓ ସୁଟ୍‌କେଶ୍ ଧରା। ସେତେବେଳେ ଭି.ଆଇ.ପି.ର ଯୁଗ ନଥିଲା। ବଜାରରେ ମିଳୁଥିଲା କେବଳ ଟିଣ ସୁଟ୍‌କେଶ୍। ଆମକୁ ଲାଜ ଲାଗୁଥିଲା ସେ ସୁଟ୍‌କେଶ୍ ଧରିବା ପାଇଁ। ବାପା କିନ୍ତୁ ଆରାମ୍‌ରେ, ଲଣ୍ଡନରୁ ଆଣିଥିବା ଚକ୍‌ଚକ୍ ନେଭି ବ୍ଲୁ ରଙ୍ଗର ସୁଟ୍ ସହିତ ଟାଇ ଭିଡ଼ି ଓ ଫୁଲ୍ ସୁ ପିନ୍ଧି ସେ ସୁଟ୍‌କେଶ୍ ହାତରେ ଧରି କଲେଜ ଯାଉଥିଲେ। ତାଙ୍କୁ ଲାଜ ବା ସଂକୋଚ ଲାଗୁନଥିଲା। ଲଜ୍ଜାର ପରିଭାଷା, ବାପାଙ୍କ ପାଇଁ ଥିଲା ଭିନେ। ବିଶ୍ୱାସ କରୁଥିଲେ ଯେ କେବଳ ଅସଦାଚରଣ କଲେ ଲଜ୍ଜା ପାଇବାର କଥା-ଅନ୍ୟଥା ନୁହେଁ। ବାପାଙ୍କର ସବୁଠାରୁ ବଡ଼ଗୁଣ ହେଲା ଯେ ସାରା ଜୀବନ ଧରି ଯାହା ଉଚିତ୍ ଓ ସଙ୍ଗତ ଭାବିଛନ୍ତି, କରିଛନ୍ତି। ସାଂସାରିକ କ୍ଷେତ୍ରରେ ଧୂର୍ତ୍ତତା ବା ଚତୁରତା ତାଙ୍କର ନଥିଲା। ଥିଲା କିନ୍ତୁ ଶିଷ୍ଟ, ସରଳ, ସହିଷ୍ଣୁତା ଏବଂ ଅନମନୀୟ ଚାରିତ୍ରିକ ଦୃଢ଼ତା। ସତ୍ୟ ଓ ନ୍ୟାୟ ଉପରେ ସାଲିସ୍ କରିବା ଥିଲା ତାଙ୍କର ସ୍ୱଭାବ ବିରୁଦ୍ଧ। ଚିରଦିନ ରହି ଆସିଛନ୍ତି ନିର୍ବେଦ ଓ ନିର୍ବିଚଳ, ଉଭୟ ସୁଖରେ ଓ ଦୁଃଖରେ।



Digitized by srujanika@gmail.com

ଲଣ୍ଡନରୁ ବାପା ଆଉ ଗୋଟିଏ କଥା ମଧ୍ୟ ଶିଖି ଆସିଥିଲେ - ଛତାଧରା । ଲଣ୍ଡନର ପାଗ ବେଶ୍ ଚଗଲା । ପ୍ରାୟତଃ ମେଘୁଆ ଦିନ ବା ଅଚାନକ୍ ଟିପ୍‌ଟିପ୍ ବର୍ଷା । ଛତାର ପ୍ରୟୋଜନ ସେଠି ବେଶୀ । ବାପା କିନ୍ତୁ ଖରା ହେଉ ବା ବର୍ଷା ହେଉ, ଛତା ବ୍ୟବହାର କରୁଥିଲେ ସାରାବର୍ଷ ଏବଂ ବାପାଙ୍କର ଛତା ଉପାଖ୍ୟାନଟି ଥିଲା ଭାରି ମଜେଦାର । ନେଇକି ଯିବେ ନୂଆ ଛତାଟିଏ । ଦୋକାନରେ, ବ୍ୟାଙ୍କ୍‌ରେ, ଅଫିସ୍‌ରେ, ଜମା ହୋଇଥିବା ଛତା ମେଳରେ ରଖିବେ ନିଜ ଛତାଟି । ଆଉ ଆସିଲାବେଳେକୁ ଭୁଲ୍‌ରେ ନେଇ ଆସିବେ ଅନ୍ୟ କାହାର ଜରାଜୀର୍ଣ୍ଣ ପୁରୁଣା ଛତାଟିଏ । ପୁଣି କିଣାହେବ ନୂଆଛତା, ପୁଣି ସେଇ ପୁରୁଣା କାହାଣୀର ପୁନରାବୃତ୍ତି । ଆମ୍ଭେମାନେ ସବୁବେଳେ ଅପେକ୍ଷା କରୁଥିଲୁ; କେତେବେଳେ ତ ହେଲେ ବାପା ପୁରୁଣାଛତା ବଦଳରେ ନୂଆ ଛତାଟିଏ ଆଣିବେ! ତାହା କିନ୍ତୁ କଦାଚିତ୍ ସମ୍ଭବ ହେଲାନି ।

ବାପା ଏକ ବିରଳ ମଣିଷ । ସଂସାରରେ ଥାଇ ସୁଦ୍ଧା ସଂସାର ପ୍ରତି ଉଦାସୀନ ଓ ଅନାସକ୍ତ । ସାଧାରଣ ମଣିଷର ମାନସିକ ସ୍ତର ଅପେକ୍ଷା ସମ୍ପୂର୍ଣ୍ଣ ଏକ ଭିନ୍ନ ସ୍ତରରେ ସିଏ ଥିଲାଭଳି ମୋତେ ଲାଗେ । ସ୍ୱଭାବରେ ବୈରାଗୀ ଏବଂ ସେଇଥିପାଇଁ ବୋଧେ ଭାରି ଭୁଲାମନ ବାପାଙ୍କର । ଥରଟେ କଲେଜରେ ନିଜ ପ୍ରକୋଷ୍ଠରେ ବସି ଅଧ୍ୟୟନରେ ଏ ଭଳି ନିବିଷ୍ଟ ଥିଲେ ଯେ କଲେଜ ପିଅନ କଣ୍ଟୁରୀ ବାହାରେ ତାଲା ଲଗାଇ ଘରକୁ ଗଲାଣି ବାପା ଜାଣି ପାରିନଥିଲେ । ଘର ସାମ୍ନାରେ ପର୍ଦ୍ଦା ଥିବାରୁ ପିଅନଟି ବାପାଙ୍କୁ ଦେଖିପାରିନଥିଲା । ବାପାଙ୍କ ଝର୍କାପାଖରେ ଥିଲା ଇଷ୍ଟହଷ୍ଟେଲ୍ । ବାପା ପରେ ହଷ୍ଟେଲ୍ ଛାତ୍ରଙ୍କ ଦ୍ୱାରା କଣ୍ଟୁରୀକୁ ଡାକି କବାଟ ଖୋଲା କରାଇଥିଲେ ।

ଥରଟେ କଟକ ଷ୍ଟେସନରେ ଚଳନ୍ତି ଟ୍ରେନ୍‌ରୁ ଓହ୍ଲାଇ ଆଘାତପ୍ରାପ୍ତ ହୋଇଥିଲେ । ତାଙ୍କୁ ମନେ ହୋଇଥିଲା ଯେ ଟ୍ରେନ୍‌ଟି ବନ୍ଦ ହୋଇଗଲାଣି । ଏକାଧିକ ଥର ବାଣୀବିହାର ଅଫିସ୍‌କୁ କାମରେ ଯାଇ ଅଫିସ୍ ଟେବୁଲ୍ ଉପରେ ପଡ଼ିଥିବା ଚାବି ପେନ୍ଥାକୁ ନିଜ ଚାବି ପେନ୍ଥା ଭାବି ନେଇଆସିଛନ୍ତି । ତା' ପରଦିନ ବିବ୍ରତ କର୍ମଚାରୀମାନଙ୍କୁ ନେଇ ଚାବିଟି ଫେରାଇ ଦେଇ ଆସିଛନ୍ତି । ଆଉ ଭୁଲାମନ ବାପାଙ୍କ ପକେଟ୍‌ରୁ ଟଙ୍କା ପକେଟ୍‌ମାର ହେବାଟା ଏକ ସାଧାରଣ ଘଟଣା ।

ସମୟ ସମୟରେ ମୋର ମନେହୁଏ ଯେ ବାପାଙ୍କୁ ସୃଷ୍ଟି କଲାବେଳେ ମନମୁତାବିକ୍ ମଣିଷଟିଏ ବନାଇବାକୁ ଯାଇ ବୋଧହୁଏ ଭଗବାନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା । ବିନିଦ୍ର ରହିବାକୁ ପଡିଥିଲା ଅନେକଗୁଡ଼ିଏ ଅତନ୍ଦ୍ର ରାତି । ତେଣୁ ରାଗିକି ଠିକ୍ ପରେପରେ ସିଏ ଛାଞ୍ଚଟିକୁ ନଷ୍ଟ କରିଦେଲେ । ଆଉ ବାପା ରହିଗଲେ ବାପାଙ୍କ ପରି-ଏକକ ଏବଂ ଅଦ୍ୱିତୀୟ । ତାଙ୍କପରି ଆଉ ଦ୍ୱିତୀୟ ମଣିଷ ସୃଷ୍ଟି ହେଇ ପାରିଲାନି ପୃଥିବୀରେ । ଏବଂ ଅବଶୋଷର କଥା, ତାଙ୍କର ଜ୍ୟେଷ୍ଠ ସନ୍ତାନ ହୋଇ ସୁଦ୍ଧା, ତାଙ୍କର କୌଣସି ଗୁଣ ମୁଁ ପାଇପାରିଲିନି । ଯଦି କାଣିଚାଏ ତାଙ୍କ ଗୁଣ ମୁଁ ପାଇଥାଆନ୍ତି, ତାହେଲେ ତରିଯାଇଥାଆନ୍ତି ।

●●●



Digitized by srujanika@gmail.com

## ॥ ୪ ॥

ବାପାଙ୍କୁ ବର୍ଣ୍ଣନା କଲାବେଳେ ପ୍ରାୟତଃ ବିଜ୍ଞଜନମାନେ ଦେବୋପମ ଓ ଋଷିପ୍ରତିମ ଶବ୍ଦ ଦୁଇଟି ବ୍ୟବହାର କରନ୍ତି । ମତେ ଲାଗେ ଯେମିତି ବାପା ଅନ୍ୟ କାହା ସହିତ ନୁହନ୍ତି, କେବଳ ତାଙ୍କରି ସହିତ ହିଁ ତୁଳନୀୟ । କାରଣ ମୁନିଋଷିମାନେ କେବେ କେମିତି କ୍ରୋଧାନ୍ୱିତ ହେବାର ପ୍ରମାଣ ରହିଛି । ଦେବତାମାନଙ୍କର ସ୍ଖଳନର ଉଦାହରଣ ରହିଛି ମଧ । ବାପା କିନ୍ତୁ ଚିରଜୀବନ ରହିଗଲେ କ୍ରୋଧଶୂନ୍ୟ ଓ ନିଷ୍କଳୁଷ । ଧୂଳିମାଟିର ସଂସାରରେ ରହିସୁଦ୍ଧା ଧୂଳିକଣାଟିଏ କେଉଁଦିନ ଲାଗିଲାନି ଦେହରେ ବା ମନରେ । ପବିତ୍ର, ପରିଚ୍ଛନ୍ନ ଜୀବନଟିଏ ଯାପନ କରିଗଲେ ନବେବର୍ଷ ଧରି ।

ବାପାଙ୍କୁ କେବେ ଜୀବନରେ ଅସଂଯତ କଥାପଦେ କହିବାର ଶୁଣିନି । ସମ୍ଭାଷଣ ଥିଲା ମଧୁର ଓ ଆନ୍ତରିକ । ଭାଷା ଥିଲା ମୃଦୁ । ସ୍ୱର ଉତ୍ତୋଳନ କରି ଦିନେ କାହା ସହିତ କଥା କହିନାହାନ୍ତି ନା ଦେଇଛନ୍ତି କାହାରି ମନରେ କଷ୍ଟ । ପୃଥିବୀର ସବୁତକ ଗରଳ ନିଃଶବ୍ଦରେ ପାନକରି ନୀଳକଣ୍ଠ ହୋଇଯାଇଛନ୍ତି ପଛେ, ଦିନେ କାହାପ୍ରତି ହିଂସା, ଦ୍ୱେଷ ବା ବୈରଭାବ ପୋଷଣ କରିନାହାନ୍ତି । ନା ପରଚର୍ଚ୍ଚା କରିଛନ୍ତି ନା ପର ନିନ୍ଦା ଶୁଣିଛନ୍ତି । ଆତ୍ମପ୍ରଚାର ବିହୀନ, ଅନହଂକୃତ ସ୍ୱଭାବ । ଶେଷ ପର୍ଯ୍ୟନ୍ତ ତାଙ୍କ ଜୀବନ ରହିଯାଇଛି ଆଦର୍ଶବାଦର ଏକ ଖୋଲା, ଅମ୍ଳାନ ପୋଥି ହୋଇ ।

ତାଙ୍କ ସହିତ କିଏ କିପରି ବ୍ୟବହାର କଲା, ସେ ସଂପର୍କରେ ଥିଲେ ସଂପୂର୍ଣ୍ଣ ରୂପେ ନିର୍ବିକାର । ଅପରନ୍ତୁ ତାଙ୍କର ବ୍ୟବହାର ସଦାସର୍ବଦା ଥିଲା ସୌଜନ୍ୟମୂଳକ । ଏଇ ପରିପ୍ରେକ୍ଷୀରେ ଗୋଟିଏ ସାନଘଟଣା ମୋର ମନେପଡେ ।

ପରିଣତ ବୟସର ବାପା ଥରେ ଯାଇଥିଲେ ଗାଁକୁ । ଜେଜେବାପା ଥିଲେ ଜମିଦାର ଓ ପ୍ରଚୁର ଭୂସଂପତ୍ତିର ମାଲିକ । ଜେଜେବାପା ଓ ଦଦେଇଙ୍କ ମୃତ୍ୟୁପରେ ଗାଁ ଘର ହେଇଗଲା ମୁରବୀବିହୀନ । ସ୍ୱାଭାବିକ୍ ଭାବର କୁଟୁମ୍ବମାନଙ୍କ ଭିତରେ ଜମିସଂକ୍ରାନ୍ତୀୟ ଗଣ୍ଡଗୋଳ ବାରମ୍ବାର ଉପୁଜୁଥିଲା । ବାପା ଗାଁରେ ପହଞ୍ଚିଲା ପରେ, ଜଣୈକା ମହିଳା - ସଂପର୍କରେ ବାପାଙ୍କର ଦୂର ସଂପର୍କର ଭ୍ରାତୃଜାୟା - ଉକ୍ତ ଜମିଉପରେ ମାଲିକାନା ଜାହିର୍ କରି ବାପାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ । ବାପା ତାଙ୍କ ସ୍ୱଭାବ



Digitized by srujanika@gmail.com

ସୁଲଭ ଭଙ୍ଗୀରେ ନୀରବ ରହିଥିଲେ । ଏମିତିରେ ବି ବାପା କଥା କହନ୍ତି କମ୍ । ଦୈବାତ୍ ତା' ପରଦିନ ଉକ୍ତ ମହିଳାଙ୍କ ଘରେ ଚୋରି ହୋଇଥିଲା । ଏବଂ ବାପା କେବଳ କଟକ ପର୍ଯ୍ୟନ୍ତ ବସ୍‌ଭଡ଼ା ପକେଟ୍‌ରେ ରଖି, ନିଜପାଖରେ ଥିବା ସମସ୍ତ ମୁଦ୍ରା ତାଙ୍କୁ ଦେଇ ଆସିଥିଲେ । ଘରେ ପହଞ୍ଚିଲା ପରେ ତାଙ୍କଠୁ ଏ କଥା ଶୁଣି ବୋଉ ତାଙ୍କୁ ବିଲ୍‌କୁଲ୍ ବୋକାଲୋକଟିଏ ବୋଲି ବର୍ଣ୍ଣନା କରିଥିଲା ଏବଂ କହିଥିଲା "କିଏ ଶୁଖିଲା କାଠଖଣ୍ଡେ ଧରି ଭରା ନଈ ପାର ହୁଏ । ମୁଁ ବେକରେ ପଥରଟିଏ ବାନ୍ଧି ଏ ଭବସାଗର ପାର କରିବାକୁ ଚେଷ୍ଟା କରୁଛି ।" ବୋଉ ବାପାଙ୍କ ଉପରେ ରାଗିଥିଲେ ସୁଦ୍ଧା ଅବଶ୍ୟ ଠିକ୍ ବୁଝିଥିଲା ଯେ ସିଏ ବେକରେ ବାନ୍ଧିଥିବା ପଥରଟି କିଛି ସାଧାରଣ ପଥର ନ ଥିଲା, ଥିଲା ହୀରାମୁଣ୍ଡାଟିଏ ।

ଅଧ୍ୟାପନାରେ ବାପା ଥିଲେ ସଚ୍ଚୋଟ୍ । ସାରାଜୀବନ ଛାତ୍ରମାନଙ୍କୁ ପଢ଼ାଇ ଆସିଛନ୍ତି ନିଷ୍ଠା ସହିତ । ଥରଟିଏ ବି ଅନୁପସ୍ଥିତ ରହିନାହାନ୍ତି ଶ୍ରେଣୀରେ । ପଚାଶ ମିନିଟ୍ ପିରିୟଡ୍‌ରୁ ମିନିଟିଏ ବି ଅପବ୍ୟୟ କରିନାହାନ୍ତି ଥରଟିଏ ହେଲେ । ବାପା ଅବସର ଗ୍ରହଣ କରିସାରିଲା ପରେ ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଅନୁରୋଧରେ କଟକର ଏକ ମହିଳା କଲେଜରେ କିଛି ଦିନ ପାଇଁ ପ୍ରିନ୍‌ସିପାଲ ଥିଲେ । ଯେଉଁଦିନ ଯେଉଁ ଅଧ୍ୟାପିକା ଅନୁପସ୍ଥିତ ରହୁଥିଲେ, ସେଦିନର ସେଇ କ୍ଲାସ୍‌ଟି- ଇତିହାସର ହେଉ ବା ଇଂରାଜୀ କବିତାର, ବହିଟି ପଢ଼ି ଦେଇ ବାପା ନେଉଥିଲେ । ଉଦ୍ଦେଶ୍ୟ - ପିଲାମାନଙ୍କର ପାଠପଢ଼ା ଯେମିତି ବ୍ୟାଘାତ ନ ହୁଏ ।

ତାଙ୍କ ଲେଖା ଅଜସ୍ର ସାରଗର୍ଭକ ଇଂରାଜୀ ପ୍ରବନ୍ଧ - ଭାଷାତତ୍ତ୍ୱ ତଥା ଶିଳାଲେଖ ଉପରେ - ଭାରତବର୍ଷରେ ତଥା ଭାରତ ବାହାରେ, ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ତାଙ୍କର ଜୀବନଶୈଳୀ ପରି, ତାଙ୍କ ଇଂରାଜୀ ଲେଖା ଥିଲା ନିର୍ଭୁଲ ଓ ଅସ୍ପଷ୍ଟତାବର୍ଜିତ । ତାଙ୍କ ଦ୍ୱାରା ଇଂରାଜୀରେ ଲିଖିତ ତାଙ୍କର ପ୍ରାମାଣିକ ଗ୍ରନ୍ଥ - An evolution of Oriya language and script - ତାଙ୍କ ଜ୍ଞାନର ଗଭୀରତାର ଏକ ଜ୍ୱଳନ୍ତ ନିଦର୍ଶନ ।

ପାଠ ପଢ଼ିବା ଏବଂ ପଢ଼ାଇବା କଥା ବାଦ୍ ଦେଲେ, ଦ୍ୱିତୀୟ ଯେଉଁ ଗୁଣଟି ସଚରାଚର ଏ ପୃଥିବୀରେ ପରିଦୃଷ୍ଟ ହୁଏନି, ତାହା ହେଉଛି ବାପାର କର୍ତ୍ତବ୍ୟନିଷ୍ଠା । ତାଙ୍କୁ ସମର୍ପଣ କରାଯାଇଥିବା ଦାୟିତ୍ୱଟି ତୁଲାଉଥିଲେ ସୁଚାରୁ ଓ ସଚ୍ଚୋଟ ଭାବରେ । 'ଠକିବା' ଶବ୍ଦଟି ବାପାଙ୍କ ଅଭିଧାନରେ ନ ଥିଲା ।

ଥରଟିଏ ଅଧ୍ୟାପକ ନିର୍ବାଚନ କମିଟିର ମୁଖ୍ୟ ହୋଇ ବାପା ଯାଇଥିଲେ ଓଡ଼ିଶା ବାହାରକୁ । ବାପାଙ୍କ ସାଥିରେ ତାଙ୍କଠାରୁ କନିଷ୍ଠ ଆଉ ଦୁଇଜଣ ଅଧ୍ୟାପକ - ସର୍ବମୋଟ ତିନିଜଣିଆ ଦଳଟିଏ । ଟ୍ରେନ୍‌ରେ ସାରାସମୟ, ଚାକିରିପାଇଁ ଆସିଥିବା ଦରଖାସ୍ତତକ ବାପା ପୁଙ୍ଖାନୁପୁଙ୍ଖ ଭାବରେ ପଢ଼ି ଲାଗିଥିଲେ । ଟିକିନିଖି ଭାବରେ ଯାଞ୍ଚ କରିଲାଗିଥିଲେ ପ୍ରତ୍ୟେକଟି ଆବେଦନପତ୍ର । ଇଣ୍ଟରଭିଉ ଦିନ ଭୋର୍‌ରୁ ନିତ୍ୟକର୍ମ ସାରି ଗେଷ୍ଟହାଉସ୍‌ରେ ଥିବା ଅନ୍ୟ ଦୁଇଜଣ ଅଧ୍ୟାପକଙ୍କୁ ଡ଼ାକରା ପକାଇଥିଲେ - କାଗଜପତ୍ର ଆଉଥରେ



Digitized by srujanika@gmail.com

ଦେଖିନେବା ପାଇଁ । ଭୟ ଥିଲା - କାଳେ ଯୋଗ୍ୟ ପଦପାର୍ଥୀଟି ଚାକିରି ନ ପାଇ ଭ୍ରାନ୍ତିବଶତଃ ଅନ୍ୟଜଣେ କିଏ ନିର୍ବାଚିତ ହୋଇଯିବ । ଭୟ ଥିଲା - କାଳେ ଈଶ୍ୱରଙ୍କ ସାମ୍ନାରେ ସିଏ ଅସତ୍ ବୋଲି ପ୍ରମାଣିତ ହୋଇଯିବେ । ବାପାଙ୍କର ଏତାଦୃଶ ଉଚ୍ଛନ୍ନ ମନୋଭାବ ଦେଖି ଅନ୍ୟ ଅଧ୍ୟାପକଦ୍ୱୟ ମୃଦୁ ହସି ମନ୍ତବ୍ୟ ଦେଇଥିଲେ "ସାର୍, କାହିଁକି ଅଯଥାରେ ଏମିତି ବ୍ୟସ୍ତ ହେଉଛନ୍ତି ? ଆମର ଟି.ଏ., ଡି.ଏ ନେଇଯିବା କଥା । କିଏ ପାଇଲା କଅଣ ମିଳିବ ସେଥିରୁ ? ଆମକୁ କଣ କିଏ ଦି ପଇସା ଦବ ?" ବାପାଙ୍କ ସାଥିରେ ବୁଲିବାକୁ ଯାଇଥିବା ମୋ ସାନଭଉଣୀ ବୁଲୁ ଉପରୋକ୍ତ ଘଟଣାର ଥିଲା ପ୍ରତ୍ୟକ୍ଷଦର୍ଶୀ ଓ ଫେରିଆସି ଆମ ଆଗରେ ବିଷୟବସ୍ତୁଟିର ଅବତାରଣା କରିଥିଲା ।

ବାପାଙ୍କ ପରି ସତ୍ୟନିଷ୍ଠ ମଣିଷଟିଏ ମୁଁ ମୋ ଜୀବନରେ ଏ ପର୍ଯ୍ୟନ୍ତ ଦେଖିନି । ଅନେକବର୍ଷ ପୂର୍ବେ ଥରେ କୌଣସି ଏକ ମିଟିଙ୍ଗ୍ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯାଇଥିଲେ । ଯିବା ଆସିବାପାଇଁ ପ୍ରଥମଶ୍ରେଣୀର ଭଡା ମିଳୁଥିଲା । ବାପା କିନ୍ତୁ ବସ୍‌ରେ ଯାଇଥିଲେ ବୋଲି ଦେୟ ପରିମାଣ ନ ଆଣି ବସ୍‌ଭଡ଼ାର ମାତ୍ର ସାମାନ୍ୟ କେତୋଟି ଟଙ୍କା ଗ୍ରହଣ କରିଥିଲେ । ଥରଟେ ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ମିଟିଙ୍ଗ୍‌ରେ ଯୋଗଦେବାପାଇଁ ଆସିଥିଲେ ଭୁବନେଶ୍ୱର । ସେଇଦିନ ବି.ଏ. ପରୀକ୍ଷା ଦେଇଥିବା ମୋ ସାନଭଉଣୀ କୁନିର ପରୀକ୍ଷାଫଳ ବାଣୀବିହାରରେ ବାହାରିଥାଏ । ଘରେ ସନ୍ଧ୍ୟାବେଳେ ପହଞ୍ଚିଲାପରେ ମୁଁ ପଚାରିଲି, "ବାପା, କୁନିର ରେଜଲ୍‌ଟ ବାହାରିଯାଇଛି, କଅଣ ହେଲା ?" ବାପାଙ୍କର ଉତ୍ତରଟି ଥିଲା ଅବିଶ୍ୱସନୀୟ । ସେଦିନ କୁନିର ପରୀକ୍ଷାଫଳ ବାହାରୁଛି ବୋଲି ସିଏ ଜାଣି ବି ନ ଥିଲେ । ପରେ ପରୀକ୍ଷାଫଳ ଆମେ ଜାଣିଲୁ ଖବରକାଗଜ ପଢ଼ି ।

ବାପା ଥିଲେ ଏକାନ୍ତ ଭାବରେ ପୋଥିପୁସ୍ତକର ପୂଜାରୀ । ବହିକୁ ମଣୁଥିଲେ ଈଶ୍ୱରସମାନ । ସାରାଜୀବନ ଧରି, ସ୍ୱଳ୍ପ ଦରମା ସତ୍ତ୍ୱେ, ଗଦାଗଦା ବହି କିଣିଛନ୍ତି ଓ ପଢ଼ିଛନ୍ତି । ବସ୍ତୁତଃ, ଜୀବନରେ କେବଳ ପଢ଼ିବା ବ୍ୟତୀତ ଅନ୍ୟ କୌଣସି କାମ ସିଏ କରି ନାହାନ୍ତି । ଆମେ ଥିଲାବେଳେ ଥରଟେ ଦିଲ୍ଲୀ ଯାଇଥିଲେ । ପାଇଥିବା ସମସ୍ତ ଗସ୍ତଖର୍ଚ୍ଚ ବ୍ୟୟ କରି ବହି କିଣି ଆଣିଥିଲେ । ଖୋଜିଖୋଜି ନେପାଳୀ ଅଭିଧାନଟିଏ ପାଇଲେନି ବୋଲି ମନଦୁଃଖ କରିଥିଲେ ମଧ୍ୟ । ବାପାଙ୍କ ପଢ଼ାଘରଟିର, କେବଳ ତାଙ୍କର ବସିବା ସ୍ଥାନଟି ଛାଡିଦେଇ, ପ୍ରତ୍ୟେକଟି ଇଞ୍ଚଥିଲା ସ୍ତୂପୀକୃତ ପୁସ୍ତକରେ ଭରା ।

ଏଇ କେଇବର୍ଷ ତଳର କଥା । ଭୁବନେଶ୍ୱର ଅବସ୍ଥାପିତ ବାପାଙ୍କର ଜଣେ ପରିଚିତ ଅଧ୍ୟାପକଙ୍କ ପାଖରେ ଶିଳାଲେଖ ସଂପର୍କୀୟ ଦୁଷ୍ପ୍ରାପ୍ୟ ବହିଟିଏ ଥିଲା ଏବଂ ଥରେ କଟକରେ ଆମଘରକୁ ସିଏ ଯିବା ସମୟରେ ସେ ବହିଟି କିଛିଦିନ ପାଇଁ ମାଗି ପଢ଼ିବାପାଇଁ ବାପା ତାଙ୍କୁ ଅନୁରୋଧ କରିଥିବାରୁ ସିଏ ସମ୍ମତି ପ୍ରଦାନ କରିଥିଲେ । କିନ୍ତୁ ବହିଟି ପାଇଁ ବୃଦ୍ଧାବସ୍ଥାରେ ବସ୍‌ଚଢ଼ି ଓ ହଇରାଣ ହୋଇ ବାପା ବାରମ୍ବାର ଭୁବନେଶ୍ୱର ଆସୁଥିଲେ



Digitized by srujanika@gmail.com

ସୁଦ୍ଧା ସିଏ ବହିଟି ଦେଉନଥିଲେ । କେଉଁଦିନ କାରଣ ଦର୍ଶାଉଥିଲେ ଯେ ସିଏ ଉପରମହଲାକୁ ଯାଇପାରିବେନି, କେଉଁଦିନ କହୁଥିଲେ ତାଙ୍କର ଏବେ ବହିଘାଣ୍ଟିବାପାଇଁ ସମୟର ଅଭାବ, ଏବଂ ଆଉ କେବେ କହୁଥିଲେ ସିଏ ବର୍ତ୍ତମାନ ଭୀଷଣ ଭାବରେ ଅସୁସ୍ଥ । ତାଙ୍କର ବ୍ୟବହାର ନିଶ୍ଚିତରୂପେ ସମୁଚିତ ଓ ଭଦ୍ର ନ ଥିଲା । ତଥାପି ବୈରାଗୀ ବାପା ମୋର ପୁଣି କେଇଦିନ ପରେ ବହିପାଇଁ ପୁନର୍ବାର ଭୁବନେଶ୍ୱର ଆସୁଥିଲେ ଓ ପୁନର୍ବାର ଖାଲି ହାତରେ ଫେରୁଥିଲେ । ଶେଷ ପର୍ଯ୍ୟନ୍ତ ଅଧ୍ୟାପକଜଣଙ୍କର ଅଶାଳୀନ ବ୍ୟବହାରରେ ରାଗିଯାଇ ବିନୟ ଦିଲ୍ଲୀର ପ୍ରକାଶକଙ୍କୁ ଚିଠିଲେଖି ସେ ଦୁର୍ମୂଲ୍ୟ ବହିଟି ବାପାଙ୍କପାଇଁ ଆଣି ଦେଇଥିଲେ । ସେ ବହିଟି ପାଇ କି ଆନନ୍ଦ ବାପାଙ୍କର ! ସତେ ଅବା ତାହା ସ୍ୱର୍ଗର ଅମୃତକଳସ । କାଟାରାକ୍ଟ ଯୋଗୁ ଦୃଷ୍ଟିଶକ୍ତି ନିଷ୍ପ୍ରଭ ହୋଇ ଆସିଥିଲା । ତେବେ ବି ଗୋଟିଏ ହାଣ୍ଡଲବାଲା ମୋଟା ଲେନ୍‌ସରେ ଦେଖି ବହିଟି ଆମୂଳଚୂଳ ପାଠ କରିଥିଲେ, ବାରମ୍ବାର । ସେଇ ହେଲା ତାଙ୍କ ଜୀବନର ସର୍ବଶେଷ ବହି ।

ସନ୍ତାନମାନଙ୍କ ପ୍ରତି ଥିଲେ ଅତ୍ୟନ୍ତ ଧୈର୍ଯ୍ୟବାନ୍ ତଥା ସ୍ନେହଶୀଳ । ଅଧ୍ୟାପକର ଦରମା । ପିଲାମାନେ କିଏ ଏମ୍.ଏ ପଢୁଥିଲା ତ କିଏ ଡାକ୍ତରୀ, ଆଉ କିଏ ଅବା ଇଂଜିନିୟରିଂ । କେବେ ଆମେ ବାପାଙ୍କୁ ବହିଟିଏ କିଣେଇ ଦେବାକୁ କହିଛୁ ଆଉ ବାପା ମନା କରିଛନ୍ତି ମନେ ପଡ଼େନି । ପ୍ରତ୍ୟେକଟି ବହି, ପାଠ୍ୟ ହେଉ ବା ରେଫରେନ୍‌ସ, ଆମର ଥିଲା । ସିଏ ଯେତେ ଦାମୀ ହେଉନା କାହିଁକି । ବୁଲୁ ମେଡିକାଲ ଏଣ୍ଟ୍ରାନ୍‌ସ ପରୀକ୍ଷାରେ ପାଶ୍ କଲା ଦିନ ଘରକୁ ଫେରିଥିଲେ ମେଡ଼ିକାଲ ଶବ୍ଦର ଅଭିଧାନଟିଏ ନେଇ । ଇଂଜିନିୟର ପୁତ୍ର ବଦଳିର ଚକ୍କରରେ କେଇମାସ ଦରମା ପାଇନଥିଲା ବୋଲି ପେନ୍‌ସନ୍ ଭୋଗୀ ବାପା ମୋର ତାକୁ ପଇସା ଯାଚିଥିଲେ - କାଳେ ପୁତ୍ର ହଇରାଣ ହେଉଥିବ ଭାବି । ସବା ସାନଭାଇ ପିୟୁ ଯେଉଁଦିନ ପି.ଏଚ୍.ଡି. କରିବା ପାଇଁ କାନାଡା ଗଲା, କଟକ ଷ୍ଟେସନ୍‌ରେ ଦିଲ୍ଲୀଗାମୀ ଟ୍ରେନ୍‌ରେ ତାକୁ ଚଢ଼େଇ ଛଳଛଳ ଆଖିରେ ଥରଥର ହାତରେ ତାକୁ ଆଉଁଷି ଲାଗିଥିଲେ ବାରମ୍ବାର । ଇଂରାଜୀ ଏମ୍.ଏ. ପରୀକ୍ଷା ପୂର୍ବରୁ "ଏତେ ମୋଟାମୋଟା ବହି ପଢ଼ିପାରିବିନି" କହି ବେବୀ କାନ୍ଦିବାରୁ ତାର ପାଠ୍ୟ ଇଂରାଜୀ ଉପନ୍ୟାସଟି ପଢ଼ି ତାର ସଂକ୍ଷିପ୍ତ ସଂସ୍କରଣ ବହିଟିଏ ନିଜେ ହାତରେ ଲେଖିଦେଇଥିଲେ । ଆଉ ମୋର ଜନ୍ମା ଅଧୈର୍ଯ୍ୟ ନ ହେଉଥିବା ବାପା, ଚାଉଳଆଞ୍ଜୁଳି ଧରି ମୁଁ ଦୁଆରବନ୍ଧ ଡ଼େଇଁଲାବେଳକୁ ମତେ ଛାତିକୁ ଆଉଜେଇ ନେଇ କାନ୍ଦିଥିଲେ ଅଧୀର ହୋଇ । ସଦାସର୍ବଦା ଅଭିଜ୍ଞାନ ଶକୁନ୍ତଲମ୍ ନାଟକର ଗୋଟିଏ ନିର୍ଦ୍ଦିଷ୍ଟ ଶ୍ଳୋକ ଗାଉଥିଲେ- ସେଇ ଶ୍ଳୋକଟି ଯେଉଁଠି କଣ୍ୱମୁନି କହିଛନ୍ତି ଯେ ମୁଁ ବନବାସୀ ହୋଇ ସୁଦ୍ଧା ଶକୁନ୍ତଳାକୁ ଶାଶୁଘରକୁ ପଠାଇଦେଲାବେଳକୁ ମୋର ନୟନ ବାଷ୍ପାକୁଳ ହୋଇଉଠୁଛି । ଗୃହୀମଣିଷଟିଏ ତାର କନ୍ୟାସନ୍ତାନଟିକୁ ସ୍ୱାମୀଗୃହକୁ ପଠାଇଲାବେଳେ ତାର କେତେ କଷ୍ଟ ନ ହେଉଥିବ ସତେ !



Digitized by srujanika@gmail.com

ମୋ ପୁଅଟି ଯେତେବେଳେ ବର୍ଷକର, ମୁଁ ଏମ୍.ଏ. ପରୀକ୍ଷା ଦେବାପାଇଁ ଘରକୁ ଆସିଥିଲି । ସେତେବେଳେ ପ୍ରତ୍ୟହ ବାପା କଲେଜରୁ ଫେରିଲାବେଳକୁ ବବିପାଇଁ ଗୋଟିଏ ବ୍ରିଟାନିଆ ବିସ୍କୁଟ୍‌ର ସାନ ପ୍ୟାକେଟ୍ କିଣି ଆଣୁଥିଲେ । ସେତେବେଳେ ତାହାର ଦାମ୍ ଥିଲା ନବେ ପଇସା । ଦିନେ ମୋ ସାନଭଉଣୀ ଲୁସି ବିସ୍କୁଟ୍‌ତକ ଖାଇଦେଇଥିଲା । ବବି କାନ୍ଦୁଥିବାର ଦେଖି ବାପା କହିଲେ, "ମା, ତାକୁ ବିସ୍କୁଟ୍ ଦେଉନୁ !" ମୁଁ ରାଗ ତମ୍‌ତମ୍ ହୋଇ କହିଲି "ବିସ୍କୁଟ୍‌ତକ ତ ସବୁ ଲୁସି ଖାଇଦେଇଛି । ଆଉ କେଉଁଠୁ ଆଣିବି ?" କିନ୍ତୁ ବାପାଙ୍କର ଉତ୍ତରଟି ଶୁଣି ଚମକି ପଡ଼ିଥିଲି । ବାପା କହିଲେ "ହଉ ହଉ, ପୁଅ ପାଇଁ ଆଉ ଆଣିଦେବି । ଲୁସି ବି ତ ସାନପିଲା ।" ତାଙ୍କର କିଶୋରୀ କନ୍ୟାଟି ତାଙ୍କୁ ଦିଶୁଥିଲା ମୋ ପୁତ୍ରର ସମବୟସୀ । ମୁଁ ରାଗିଗଲେ ମୋତେ କହୁଥିଲେ "ତୁ ପିଲାଦିନେ ଗଷିକି ତଳେ ଗଡିଲା ବେଳେ ତୋ ମୁହଁଟି ଯେମିତି ଦିଶୁଥିଲା, ଏବେ ଠିକ୍ ସେମିତି ଦିଶୁଛି ।" ସବୁଠାରୁ ବଡ଼କଥା, ପ୍ରତ୍ୟେକ ମଣିଷ କେବେ ନା କେବେ ସ୍ୱସନ୍ତାନଠାରୁ କିଛି ନା କିଛି ପ୍ରତିଦାନ ଆଶା କରେ । ବାପା କିନ୍ତୁ ଦିନେ ହେଲେ ବି ତାହା ଆଶା କରିନାହାନ୍ତି । କେବଳ ସାରାଜୀବନ ଧରି ଦେଇଯାଇଛନ୍ତି ଆମକୁ । ନେଇ ନାହାନ୍ତି କିଛି ।

ସ୍ୱ ପରିବାରର ସଦସ୍ୟମାନଙ୍କର ଚର୍ଚ୍ଚା- ସିଏ ସନ୍ତାନସନ୍ତତି ହୁଅନ୍ତୁ ବା ପତ୍ନୀ - ବାପା କେବେ କାହା ଆଗରେ କରନ୍ତିନି । କିନ୍ତୁ ଥରଟିଏ କୌଣସି ଗୋଟିଏ ସଭାରେ ବୋଉର ପ୍ରଶଂସା କରିଥିଲେ । ସଭାଟି ଡ଼କା ହୋଇଥିଲା ବାପାଙ୍କ ସମ୍ମାନାର୍ଥେ । ବକ୍ତାମାନେ ବାପାଙ୍କୁ ଦେବୋପମ ମଣିଷଟିଏ ରୂପେ ବର୍ଣ୍ଣନା କରିଥିଲେ । ସଭା ଶେଷରେ ବାପା ତାଙ୍କ ବକ୍ତବ୍ୟରେ କହିଥିଲେ "ଆପଣମାନେ ମୋର ଏତାଦୃଶ ପ୍ରଶଂସା କରିଥିବା ହେତୁ ଆପଣମାନଙ୍କ ପ୍ରତି ମୁଁ କୃତଜ୍ଞ । କିନ୍ତୁ ବୋଧହୁଏ ମୁଁ ଏହାର ଯୋଗ୍ୟ ନୁହେଁ । ମୁଁ ଦୋଷ, ଦୁର୍ବଳତା ମିଶ୍ରିତ ସାଧାରଣ ମଣିଷଟିଏ ମାତ୍ର । ମୁଁ ଯେ କେତେମାତ୍ରାରେ ଅପାରଗ, ତାହା କେବଳ ମତେ ନେଇ ସଂସାର କରୁଥିବା ମିସେସ୍ ତ୍ରିପାଠୀ ହିଁ କହିପାରିବେ ।

ସେଠାରେ ଉପସ୍ଥିତ ଥିବା ଜଣେ ଅଧ୍ୟାପକ ଅବଶ୍ୟ ବାପାଙ୍କ କଥାଟିର ମର୍ମାର୍ଥ ବୁଝିପାରିନଥିଲେ ଓ ପରଦିନ ଆସି ବୋଉକୁ କହିଥିଲେ । "ମାଡାମ୍, ସାର୍ କାଲି ସଭାରେ ଆପଣଙ୍କୁ ଭାରି ନିନ୍ଦା କଲେ । ଆପଣ ଖାଲି ତାଙ୍କ ଦୋଷ ବାଛନ୍ତି ଓ ତାଙ୍କୁ ଅପାରଗ ବୋଲି କହନ୍ତି ବୋଲି କହିଲେ ।" ବୋଉ ପଚାରିଲା "ତମ ସାର୍ କଅଣ କହିଲେ ଠିକ୍‌ଠିକ୍ ମତେ କହିଲ !" ଏବଂ ଅଧ୍ୟାପକ ମହାଶୟ ବାପାଙ୍କର ବାକ୍ୟ ଗୁଡ଼ିକ ଦୋହରାଇଥିଲେ । ଏବଂ ତାହା ଶୁଣି ଦରପାଚୋଇ ବୋଉ ମୋର ଟିକିଏ ମୁରୁକିହସା ମାରିଥିଲା । ବସ୍ତୁତଃ ବୋଉପ୍ରତି ବାପାଙ୍କର ବ୍ୟବହାର ଥିଲା ଅତ୍ୟନ୍ତ ସୌଜନ୍ୟମୟ । ଦିନେ କେବେ ବୋଉକୁ ପଦେଟାଣ କଥା ବାପା କହିଛନ୍ତି ବୋଲି ମନେପଡ଼େନି, କଳିକଜିଆ ତ ବହୁ ଦୂରର କଥା । ଘରସଂସାର କଥା ବାପା କିଛି ବୁଝୁନଥିଲେ । ସମସ୍ତ



Digitized by srujanika@gmail.com

ଦାୟିତ୍ୱ ଥିଲା ବୋଉ ଉପରେ । ସଂସାରର ଦାଉରେ ବ୍ୟତିବ୍ୟସ୍ତ ହୋଇ ବାପାଙ୍କର ବୈରାଗ୍ୟପୂର୍ଣ୍ଣ ଜୀବନଦର୍ଶନପ୍ରତି ବୋଉ ଅନେକ ସମୟରେ ବିରକ୍ତି ପ୍ରକାଶ କରୁଥିଲା । ବାପା କିନ୍ତୁ ଥିଲେ ପାଷାଣ ପରି ନିଷ୍ଚଳ । ବୋଉ ପ୍ରତି ତାଙ୍କ ହୃଦୟଟି ଥିଲା ଏକନିଷ୍ଠ ଓ କ୍ଷମାଶୀଳ । ରୋଜଗାରର ସମସ୍ତ ଟଙ୍କା ବଢ଼େଇ ଦେଉଥିଲେ ବୋଉ ହାତକୁ । ଜୀବନରେ ଦିନେ ହିସାବ ମାଗିନାହାନ୍ତି ବା କଅଣ ଖର୍ଚ୍ଚ କଲ ବୋଲି ପଚାରିନାହାନ୍ତି । ମାମୁ ଓ ଅଜାଙ୍କର ମୃତ୍ୟୁପରେ, ଶେଷସମୟକୁ ଆଈ ଆସି ରହିଥିଲେ ଆମଘରେ । ତାଙ୍କର ଆପ୍ରାଣ ସେବା କରିଥିଲେ ବାପା । ବୋଉର ମା' ତାଙ୍କପାଇଁ ଥିଲେ ମାତୃବତ୍ । କେତେଜଣ ସ୍ୱାମୀ ଏଭଳି ମର୍ଯ୍ୟାଦା ଦେଇପାରନ୍ତି ସ୍ୱ ପତ୍ନୀକୁ ?

ବାପାଙ୍କ ଦୈନନ୍ଦିନ ଜୀବନର ବହୁତ ସାନସାନ ଘଟଣାରୁ ତାଙ୍କର ବିରଳ ବ୍ୟକ୍ତିତ୍ୱର ପରିଚୟ ମିଳୁଥିଲା । ଯେପରିକି ବେଦ, ଉପନିଷଦ, ବାଇବେଲ୍‌ର ପଦାବଳୀ, ରବୀନ୍ଦ୍ରନାଥଙ୍କ ଦେଶାତ୍ମବୋଧକ ଗୀତ, ମଧୁସୂଦନ ରାଓଙ୍କ ରଚିତ ଭକ୍ତିରସର ସଂଗୀତ - ସବୁକିଛି ସାମିଲ୍ ଥିଲା ତାଙ୍କ ପ୍ରାର୍ଥନାରେ । ପ୍ରତ୍ୟେହ ସନ୍ଧ୍ୟାରେ ପ୍ରାର୍ଥନା କରୁଥିଲେ ଆଖିବୁଜି । 'ତୁ' ବୋଲି କାହାକୁ ସମ୍ବୋଧନ କରୁନଥିଲେ, ଯେତେ କନିଷ୍ଠ ହେଲେ ସୁଦ୍ଧା । ବନ୍ଧୁକୁଟୁମ୍ବଙ୍କ ଘରକୁ ଖାଲି ହାତରେ ଯାଉନଥିଲେ । ସ୍ୱ ଆର୍ଥିକକ୍ଷମତାକୁ ଚାହିଁ ବିସ୍କୁଟ୍ ପ୍ୟାକେଟ୍‌ଟିଏ ହେଉ, କିମ୍ବା କଦଳୀ ଫେଣାଟିଏ ହେଉ, ନିଶ୍ଚିତରୂପେ ଧରି ନେଇଯାଉଥିଲେ । କଲେଜର କରିଡ଼ର୍‌ରେ ଚାଲିକି ଯାଉଯାଉ କୌଣସି ଖାଲି ପଡ଼ିଥିବା ରୁମ୍‌ରେ ପଙ୍ଖା ଚାଲୁଥିଲେ ତାକୁ ଯାଇ ତତ୍‌କ୍ଷଣାତ୍ ସୁଇଚ୍ ଟିପି ବନ୍ଦ କରୁଥିଲେ - ଦେଶରେ ବିଜୁଳିର ଅପଚୟ ନ ହେଉ ବୋଲି । ଏଭଳି ଗୋଟିଏ ମଣିଷର ମୂଲ୍ୟାୟନ କରିବା ସହଜସାଧ୍ୟ ନୁହେଁ । ମୋର ସୀମିତ ଜ୍ଞାନ ଏବଂ ଚର୍ମଚକ୍ଷୁ ଏଭଳି ଗୋଟିଏ ମଣିଷକୁ ଠିକ୍‌ରୂପେ ବର୍ଣ୍ଣନା କରିବାପାଇଁ ଅକୁଳାଣ ନିଶ୍ଚୟ ।

●●●



Digitized by srujanika@gmail.com

## ॥ ୫ ॥

ବାପାଙ୍କ ପଢ଼ାଘରଟି ଥିଲା ଉପର ମହଲାରେ । ବୋଉ ଏମିତିରେ ସେ ଘରକୁ କେବେ ଯାଉ ନଥିଲା । କିନ୍ତୁ ଥରଟେ କୌଣସି ପାରିବାରିକ ସମସ୍ୟା ଉପୁଜିବାରୁ, ବାପାଙ୍କ ସହିତ ତାହା ଆଲୋଚନା କରିବା ପାଇଁ ବୋଉ ଯାଇଥିଲା ତାଙ୍କ ପ୍ରକୋଷ୍ଠକୁ । ବାପାଙ୍କ ସାମ୍‌ନାରେ ଠିଆହୋଇ, ବିବ୍ରତ ଚିତ୍ତରେ, ବୋଉ ତାର ଘରକରଣାର ଜଂଜାଳ ବଖାଣିଲାଗିଲା । ବାପା ଚୌକିରେ ନିର୍ବେଦଭଙ୍ଗୀରେ ବସି ବୋଉ କଥା ଚୁପ୍‌ଚାପ୍ ଶୁଣିବାକୁ ଲାଗିଲେ । କଥା ଶେଷ କରି ବୋଉ ପଚାରିଲା, "କଅଣ ଆଉ ଭାବୁଛ ?" ବାପା ଉତ୍ତର ଦେଲେ, "ନାଇଁ, ଏଇ ପରୀକ୍ଷା ଖାତାତକ ଦୁଇଦିନ ଭିତରେ ଦେଖିକି ନ ପଠେଇଲେ ପରୀକ୍ଷାଫଳ ବାହାରିବାରେ ଡେ଼ରି ହେଇଯିବ । କେମିତି ତାକୁ ଶୀଘ୍ର ଦେଖିକରି ପଠେଇବି ସେଇ କଥା ଭାବୁଛି ।" କହିବା ବାହୁଲ୍ୟ, ବୋଉର ତକ୍‌ତକ୍ ଗୋରାମୁହଁ ରାଗରେ ଲାଲ୍ ପଡିଯାଇଥିଲା ।

ଏଇଥିଲେ ମୋ' ବାପା, ମୋର ଶାନ୍ତ, ସଂଯତ, ବିଦ୍ୱାନ୍ ଓ କର୍ତ୍ତବ୍ୟନିଷ୍ଠ ବାପା । ସ୍ୱଭାବ ଥିଲା ସରଳ, କିନ୍ତୁ ନିୟମକାନୁନ୍‌ରେ ଥିଲେ ଦୃଢ଼ ଓ ନିର୍ଭୀକ । ମନେଅଛି - ଥରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଥିବା ସମୟରେ ଛୁଟିରେ ଆସିଥିଲେ କଟକ । ବୋଉ ଓ ଆମେ ସବୁ ରହୁଥିଲୁ କଟକରେ । ତା' ପରଦିନ ବିଶ୍ୱବିଦ୍ୟାଳୟ ଖୋଲିବ । ବାପା ଠିକ୍ ଘରୁ ବାହାରିଲାବେଳକୁ ଅଜାଡିଲା ବର୍ଷା, ମୂଷଳଧାରରେ । ରାସ୍ତାରେ ପାଦେ ପାଦେ ପାଣିର ସ୍ରୋତ । ରହିଯିବାପାଇଁ ଯେତେ କହିଲେ ବି ମାନିଲେନି । ଗୋଟିଏ ହାତରେ ଛତା ଓ ଅନ୍ୟ ହାତରେ ସୁଟ୍‌କେଶ୍‌ଟିଏ ଧରି ବାହାରିଲେ ଷ୍ଟେସନ୍ । ଶେଷପର୍ଯ୍ୟନ୍ତ ବୋଉ ରାଗିକି ତାଙ୍କ ପାଦରୁ ଜବରଦସ୍ତି ଜୋତା ଦୁଇଟି କାଢ଼ିନେଇ ଲୁଚାଇଦେଲା । ଖୋଜିଖୋଜି ତଳିପାଘଷା ହାୱାଇଚପ୍‌ପଲ ଦୁଇଟି ପାଇ ଏବଂ ତାକୁ ପିନ୍ଧି ସେଇ ଖଣ୍ଡପ୍ରଳୟ ଭିତରେ ବାପା ବାହାରିଗଲେ ଘରୁ । ଘନ ଘୋର ବର୍ଷଣ ଭିତରେ ରିକ୍ସାଟିଏ ପାଇବା ଥିଲା ମୁସ୍‌କିଲ୍, ଗଲେ ପଦବ୍ରଜରେ । ଷ୍ଟେସନ୍‌ରେ ପହଞ୍ଚି ଦେଖନ୍ତି ଅଳ୍ପସମୟ ପୂର୍ବରୁ ଟ୍ରେନ୍‌ଟି ଛାଡିଦେଇଛି । ପ୍ଲାଟ୍‌ଫର୍ମରେ ରାତି ନଅଟାରୁ ଦୁଇଟା ପର୍ଯ୍ୟନ୍ତ ବସିରହି ପରବର୍ତ୍ତୀ ଟ୍ରେନ୍‌ରେ ଗଲେ ବରହମ୍‌ପୁର । କିନ୍ତୁ ଘରକୁ ଆସିଲେନି । କାଳେ ବୋଉ ତାଙ୍କୁ ଜୋର୍ କରି ଅଟକାଇ ଦେବବୋଲି ।



Digitized by srujanika@gmail.com

ବାପାଙ୍କ ଆଚରଣ ବିଧି ଥିଲା କଠୋର ଅନୁଶାସନ ଦ୍ୱାରା ଶୃଙ୍ଖଳିତ । ପରୀକ୍ଷା ସଂପର୍କୀୟ ସମସ୍ତ ବ୍ୟାପାରରେ ଗୋପନୀୟତା ବଜାୟ ରଖୁଥିଲେ ଏବଂ କୌଣସି ପ୍ରକାରର ଅନ୍ୟାୟକୁ ପ୍ରଶ୍ରୟ ଦେଉନଥିଲେ । ଏଇ ପ୍ରସଙ୍ଗରେ ଗୋଟିଏ ଚମତ୍କାର ଘଟଣା ଏବେ ମନେପଡୁଛି । ପ୍ରତ୍ୟେକ ବର୍ଷ, ଏମ୍.ଏ.ର ଭାଷାତତ୍ତ୍ୱ ପେପରଟିର ପରୀକ୍ଷକ ବାପା ହେଉଥିଲେ । ଥରଟେ, ବୋଉର ଦୂର ସଂପର୍କୀୟ ଜଣେ ଭାଇ ଆମଘରକୁ ଆସି ଓ ବାପାଙ୍କୁ ଭେଟି, ତାଙ୍କର ଜାମାତାଙ୍କର ରୋଲ୍‌ନମ୍ବର ଲେଖାଥିବା କାଗଜଟି ବାପାଙ୍କ ଆଡ଼କୁ ଅତ୍ୟନ୍ତ ବିନୀତ ଭଙ୍ଗୀରେ ବଢ଼ାଇବାକୁ ଉଦ୍ୟତ ହେଲେ । ଏବଂ କାଗଜଟିକୁ ନ ଛୁଇଁ, ତଥା ମୁହଁଟିକୁ କାନ୍ଥଆଡ଼କୁ ଘୂରାଇ ଦେଇ ବାପା ତାଙ୍କୁ ବାରମ୍ବାର କହିଲାଗିଲେ, "ତୁମ ନାନୀଙ୍କ ହାତକୁ ଦିଅ, ତୁମ ନାନୀଙ୍କ ହାତକୁ ଦିଅ ।" ଚରମ ଉତ୍କଣ୍ଠିତ ମୁହୂର୍ତ୍ତରେ ମଧ୍ୟ ବାପା ଉଚ୍ଚସ୍ୱରରେ କିମ୍ବା କଟୂ ଭାଷାରେ କଥା କହୁନଥିଲେ । ତେଣୁ ତାଙ୍କର ଗଳାର ସ୍ୱର୍ ଥିଲା ସ୍ନିଗ୍ଧ ଓ ଅବିଚଳିତ । ଆଗନ୍ତୁକ ଭଦ୍ରଲୋକ ଶେଷପର୍ଯ୍ୟନ୍ତ କିଛି ନ ବୁଝିପାରି ବୋଉ ହାତରେ କାଗଜଟି ଧରାଇଦେଇ ବିଦାୟ ନେଇଥିଲେ ଓ ବୋଉ କାଗଜଟି ଚିରି ପିଣ୍ଡାତଳକୁ ଫିଙ୍ଗି ଦେଇଥିଲା । ଆମେ ପଚାରିଲୁ "ବାପା, ତମେ ବି ତ କାଗଜଟିକୁ ରଖି ଚିରି ଦେଇପାରିଥାଆନ୍ତ । ବୋଉକୁ ଦବାପାଇଁ କାହିଁକି କହିଲ ?"

ବାପାଙ୍କ ଉତ୍ତରଟି ଥିଲା ଅନବଦ୍ୟ । କହିଲେ କାଳେ କାଗଜଟି ମୁଁ ହାତରେ ଧରିଥିବା ସମୟରେ ଭୁଲ୍‌ରେ ମୋ ଆଖି କାଗଜ ଉପରେ ପଡ଼ିଯାଇଥାଆନ୍ତା । କାଳେ ରୋଲ୍‌ନମ୍ବରଟି ମୋର ମନେ ରହିଯାଇଥାଆନ୍ତା । ଗୋଟିଏ ନିର୍ଦ୍ଦିଷ୍ଟ ରୋଲ୍‌ନମ୍ବର ଜାଣିଯିବା ବି ତ ଅନ୍ୟାୟ । ତେଣୁ ବୋଉଙ୍କ ହାତକୁ ଦେବା ପାଇଁ କହିଥିଲି ।

ବାପା ଯଦି ଜୀବନରେ ସବୁଠୁ କାହାକୁ ବେଶୀ ଭଲପାଇଛନ୍ତି ତାହା ହେଉଛି ବହି । ବାପାଙ୍କ ବହିପ୍ରୀତିର ଗୋଟିଏ ଚମତ୍କାର ଉଦାହରଣ ଏଇ ପରିପ୍ରେକ୍ଷୀରେ ମନେପଡ଼େ । ଜିଦ୍ଦି ଓ ଅମାନିଆ ସନ୍ତାନପ୍ରତି ବାପା ଯେ କେତେବେଶୀ କ୍ଷମାଶୀଳ ଓ ଧୈର୍ଯ୍ୟଶୀଳ ଥିଲେ ଘଟଣାଟି ତାହା ବି ପ୍ରମାଣ କରେ ।

ମୁଁ କଲେଜରେ ପଢ଼ିଲାବେଳର କଥା । ବପା ଯାଉଥିଲେ ଓରିଏଣ୍ଟାଲ୍ କନ୍‌ଫରେନ୍‌ସ୍‌ରେ ଯୋଗ ଦେବାପାଇଁ ଦିଲ୍ଲୀ । ବୁଲିବାପାଇଁ ସାଥିରେ ଗଲି ମୁଁ । ଫେରନ୍ତାବାଟରେ ଦିନେ ରହିଲୁ କଲିକତାରେ । କଥା ଥିଲା ମୁଁ ପ୍ଲାନେଟୋରିୟମ୍ ଦେଖିବି । ଦିନ ଦଶଟାରେ ଟାକ୍ସି ଧରି ବାହାରିଲୁ । ବାପା ଆଗ ଗଲେ ଏସିଆଟିକ୍ ସୋସାଇଟିର ଲାଇବ୍ରେରୀ । ପ୍ଲାନେଟୋରିୟମର ଶୋ ଥିଲା ଦିନ ଦୁଇଟାରେ । କେତୋଟି ପୁରୁଣା ସୋଫା ପଡ଼ିଥିବା ଓ ଜରାଜୀର୍ଣ୍ଣ କାଗଜର ଗନ୍ଧ ଉତୁରି ଆସୁଥିବା ଏକ ପ୍ରାୟାନ୍ଧକାର ବିଶ୍ରାମକକ୍ଷରେ ମୋତେ ବସାଇଦେଇ, ବାପା ଗଲେ ଭିତରକୁ । ବାପା ସେ ଲାଇବ୍ରେରୀର ଆଜୀବନ



Digitized by srujanika@gmail.com

ସଦସ୍ୟ ଥିଲେ । ମୁଁ ଚୁପ୍‌ଚାପ୍ ବସି ରହିଲି । ନୀରବ, ନିଃଶବ୍ଦ ପରିବେଶ । ମଝିରେ ମଝିରେ କିଛି ଲୋକମାନଙ୍କର ଆତଯାତ, ଘଣ୍ଟାକଣ୍ଟା ମିନିଟ୍ କଣ୍ଟା ଆଗେଇଚାଲିଲା । ଏବଂ ମୋ'ର ସଂପୂର୍ଣ୍ଣ ଧୈର୍ଯ୍ୟଚ୍ୟୁତି ଘଟି ସାରିବା ପରେ ବାପା ଭିତରୁ ବାହାରିଲେ ଅପରାହ୍ନରେ । ପ୍ଲାନେଟେରିୟମର ସୋ'ର ସମୟ ଅତିକ୍ରାନ୍ତ ହେବାର ଅନେକ ପରେ ।

ମୁଁ ବାପାଙ୍କ ଉପରେ ରାଗି ଏବଂ ତାଙ୍କ ସହିତ କଥା ନକହି, ତାଙ୍କଠାରୁ ବେଶ୍ ଦୂରରେ କଲିକତାର ରାଜରାସ୍ତାରେ ଧାରେଧାରେ ଡଗ୍‌ଡଗ୍ କରି କ୍ଷିପ୍ରଗତିରେ ଚାଲିଲାଗିଲି । ଆଉ ବାପା ବଡବଡ ପାହୁଣ୍ଡ ପକାଇ ମୋତେ ଅନୁସରଣ କରୁକରୁ ଅତ୍ୟନ୍ତ ସହିଷ୍ଣୁ ଓ ସ୍ନେହମୟ ଗଳାରେ ମୋତେ ବୁଝାଇ ଲାଗିଲେ - "ତୁ ରାଗ୍‌ନା ମା ! ଆଜି ଏତିକି ସମୟ ଭିତରେ ମୁଁ ଏଠି ଯେଉଁ ସବୁ ବହି ଦେଖିଲି ଓ ପଢ଼ିଲି ତାହାର ମୂଲ୍ୟ ଯେ ମୋ' ପାଇଁ କେତେବେଶୀ ତୁ ବୁଝିପାରିବୁନି । ତୁ ରାଗ୍‌ନା ।" ଏହାର ଠିକ୍ ପନ୍ଦର ବର୍ଷପରେ ସଦ୍ୟ ଏମ୍.ବି.ବି.ଏସ୍ ପାଶ୍ କରିଥିବା ମୋ ସାନଭଉଣୀ ବୁଲୁ ଯେବେ ବାପାଙ୍କ ସହିତ କଲିକତା ଯାଇଥିଲା, ଲାଇବ୍ରେରୀ ତଥା ପ୍ଲାନିଟୋରିୟମ୍ ସଂକ୍ରାନ୍ତୀୟ ଏଇସବୁ ଦୃଶ୍ୟାବଳୀର ପୁନରାବୃତ୍ତି ସେତେବେଳେ ମଧ୍ୟ ଠିକ୍ ଏଇଭଳି ଭାବରେ ଘଟିଥିଲା । ବହି ଗହଣରେ ପଶିଗଲେ, ବାପାଙ୍କ ପାଇଁ ସମୟ ହେଇ ଯାଉଥିଲା ପୂରାପୂରି ସ୍ଥିର । ବାପା ଯଦି ଜୀବନରେ ସବୁଠୁ କାହାକୁ ବେଶୀ ଭଲ ପାଉଥିଲେ, ତାହା ହେଉଛି ବହି । ଜୀବନର ଶେଷ ମୁହୂର୍ତ୍ତ ବହି ଚାରୋଟି ଧରି ଘରମୟ ଘୂରିବୁଲିଛନ୍ତି ଓ ତକିଆ ପାଖରେ ବହି କେତୋଟି ରଖି ନିଦ୍ରା ଯାଇଛନ୍ତି ।

ପିତା ହିସାବରେ ଥିଲେ ସଂପୂର୍ଣ୍ଣରୂପେ କ୍ରୋଧଶୂନ୍ୟ ଓ ସ୍ନେହଶୀଳ । ଥିଲୁ ତଳ ଉପର ଅନେକଗୁଡ଼ିଏ ଭାଇଭଉଣୀ । ସଭିଏଁ ପାଠ ପଢୁଥିଲୁ । ସ୍ୱାଭାବିକ ଭାବରେ, କେତେବେଳେ ପରୀକ୍ଷାଫଳ ଭଲ ହେଉଥିଲା, ଆଉ କେତେବେଳେ ବା ଖରାପ । ଆମେ କିନ୍ତୁ ପରୀକ୍ଷାରେ ଶହେରୁ ନବେ ରଖୁ ବା ପଚାଶ, ବାପା ପରୀକ୍ଷାଫଳ ବୁଝି ଘରକୁ ଫେରିଲା ବେଳକୁ ମିଠା ହାଣ୍ଡିଟିଏ ଧରି ଘରକୁ ଆସୁଥିଲେ । ଥରେ ବେବୀ କହିଲା "ବାପା, ମୋର ତ ଏଥରକ ପରୀକ୍ଷାରେ ସେତେ ଭଲ ହେଇନି । ତେବେ ବି ତମେ ମିଠା ନେଇକି ଆସିଚ ?" ବାପା କହିଲେ "ନ ଆଣିଥିଲେ ଯେ ତୁ ମନଦୁଃଖ କରିଥାଆନ୍ତୁ ବେବୀବୁଢ଼ୀ । ଭାବିଥାଆନ୍ତୁ ବାପା ବୋଧହୁଏ ମୋ' ଉପରେ ଅସନ୍ତୁଷ୍ଟ ।" ମୋର ତ ରୀତିମତ ସନ୍ଦେହ ହୁଏ ପୃଥିବୀରେ ଏଭଳି ପିତାଟିଏ ଆଉ କାହାର ଅଛନ୍ତି ବୋଲି । ବାପାଙ୍କର ନୀତି ଥିଲା - କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ । ମନଦେଇ ପଢ଼ାପଢ଼ି କର । ଫଳାଫଳ ପାଇଁ ବିବ୍ରତ ହୁଅନା ।

ବାରମ୍ବାର ବାପାଙ୍କ ମୁହଁରୁ ଶୁଣିଛି, ତାଙ୍କ ଜୀବନରେ ଦୁଇଟି ବଡ଼ ଦୁଃଖ ରହିଗଲା । ତାଙ୍କର ପଇସା ଥିଲେ ସେ ଆମ୍ଭମାନଙ୍କୁ ପ୍ରତିବର୍ଷ ଖରାଛୁଟିରେ କେଉଁ ଏକ ଦର୍ଶନୀୟ



Digitized by srujanika@gmail.com

ସ୍ଥାନକୁ ବୁଲେଇ ନେଇଥାଆନ୍ତେ ଏବଂ ପ୍ରତିଦିନ ଆମ୍ଭମାନଙ୍କୁ ରସଗୋଲା ଖାଇବାକୁ ଦେଇଥାଆନ୍ତେ । ଆମେ ଜଳଖିଆ କରୁଥିଲୁ ବରାପିଆଜି । ଆଉ ବାପାଙ୍କ ମୁଣ୍ଡରେ କେଜାଣି କାହିଁକି ଗୋଟିଏ ବଦ୍ଧମୂଳ ଧାରଣା ଥିଲା ଯେ ବିରି ବୁଦ୍ଧିନାଶ କରେ । ମଗଜକୁ ତୀକ୍ଷ୍ଣ କରାଏ ଛେନା । ଅବଶ୍ୟ ବାପା ତାଙ୍କର ପରିମିତ ଦରମାରେ ପିଲାମାନଙ୍କୁ ରସଗୋଲା ଖୁଆଇବାର ସ୍ୱପ୍ନ ଦେଖୁଦେଖୁ, କେବେ ଦିନେ ତାଙ୍କର ସନ୍ତାନମାନେ, ନିଜଖର୍ଚ୍ଚରେ ପ୍ରତିଦିନ ରସଗୋଲା ଖାଇପାରିଲା ଭଳିଆ ଯୋଗ୍ୟ ଓ ସମର୍ଥ ହେଇଗଲେ । ପ୍ରଚୁର ରସଗୋଲା ଖୁଆଇ ଲାଗିଲେ ବାପାଙ୍କୁ ମଧ୍ୟ । ରସଗୋଲା ଯେ ଭାରି ପ୍ରିୟ ଥିଲା ବାପାଙ୍କର ।

ପୌତ୍ରପୌତ୍ରୀ ନ ହେବା ପର୍ଯ୍ୟନ୍ତ କନ୍ୟାମାନଙ୍କ ଘରେ ଜଳସ୍ପର୍ଶ କରୁନଥିଲେ । ମୋ ସାନଭଉଣୀର ପ୍ରଥମ ସନ୍ତାନ ଜନ୍ମହେବାପରେ, ନାତୁଣୀକୁ ଦେଖିବା ପାଇଁ ଯାଇଥିଲେ ତା ଶାଶୁଘରକୁ । ଏବଂ ତାଙ୍କ ଘରେ ସେଦିନ ଭୋଜନ କରିବାପାଇଁ ରାଜି ହେଇଥିଲେ । ବୁଲୁ ଶାଶୁ ଅତ୍ୟନ୍ତ ଆଗ୍ରହରେ ଅନ୍ନବ୍ୟଞ୍ଜନ ରାନ୍ଧି ପରିବେଷଣ କଲେ ସମ୍ବନ୍ଧୀଙ୍କୁ । ବାପା ଭୋଜନ କରି ଉଠିଯିବାପରେ ଯେତେବେଳେ ଘର ଲୋକେ ଖାଇବସନ୍ତି, ସେମାନେ ଆବିଷ୍କାର କଲେ ଯେ ଡ଼ାଲିଟି ଥିଲା ସଂପୂର୍ଣ୍ଣରୂପେ ଅଲଣା । ରାନ୍ଧୁଣୀ ଲୁଣ ପକାଇବାକୁ ଭୁଲି ଯାଇଥିଲେ । କାଳେ ସମୁଦୁଣୀ ବିବ୍ରତ ହେବେ ବୋଲି, ସେ ସଂପର୍କରେ କୌଣସି ଉଚ୍ଚବାଚ୍ୟ ନ କରି, ବାପା ଗିନାକଯାକ ଅଲଣାଡ଼ାଲି ଚୁପ୍‌ଚାପ୍ ଖାଇଦେଇଥିଲେ ।

ବାପାଙ୍କ କଥା ଭାବିଲେ ବେଳେବେଳେ ଅବାକ୍ ଲାଗେ । ପୃଥିବୀରେ ଏଭଳି ମଣିଷଟିଏ କଅଣ ସତରେ ସମ୍ଭବ ଯିଏକି ପୂର୍ଣ୍ଣମାତ୍ରାରେ କ୍ରୋଧଶୂନ୍ୟ, ନିରହଙ୍କାର ଓ ସତ୍ୟନିଷ୍ଠ ? ଏଭଳି ଲୋକଟିଏ କଅଣ ସତରେ ସୃଷ୍ଟି ହେଇପାରନ୍ତି ଯିଏ କି ଜୀବନରେ ଥରଟିଏ ବି ଅନ୍ୟାୟ କରିନାହାନ୍ତି, ମିଛ କହିନାହାନ୍ତି କିମ୍ବା କାହାପ୍ରତି ଅସଦାଚରଣ କରିନାହାନ୍ତି ? ସତରେ କଅଣ ଏହା ସମ୍ଭବ ?

ପୂର୍ବଜନ୍ମରେ ଅନେକ ପୁଣ୍ୟ କରିଥିବି ନିଶ୍ଚୟ । ନ ହେଲେ ଏତାଦୃଶ ଦେବୋପମ ମଣିଷଟିର ସନ୍ତାନହେବାର ଏକକ ମର୍ଯ୍ୟାଦା ମତେ ମିଳିଥାଆନ୍ତା କାହିଁକି ?

●●●



Digitized by srujanika@gmail.com

## ॥ ୬ ॥

କାହାଣୀଟି ଅଧ୍ୟାପକ ଡକ୍ଟର ମହେଶ୍ୱର ମହାନ୍ତିଙ୍କଠାରୁ ଶୁଣା । ତାଙ୍କ ଛାତ୍ରଜୀବନର ଘଟଣା ।

ବାପା ଏମ୍.ଏ. ଶ୍ରେଣୀରେ ପଢ଼ାଉଥିଲେ ଭାଷାତତ୍ତ୍ୱ । ଘଣ୍ଟିବାଜିବା ସାଙ୍ଗେସାଙ୍ଗେ ଆସନ୍ତି କ୍ଲାସ୍‌କୁ । ପଚାଶ ମିନିଟ୍‌ର ପିରିୟଡ୍‌ରୁ ଗୋଟିଏ ମିନିଟ୍ ବି ନଷ୍ଟ କରିବାକୁ ନାରାଜ ।

ସେଦିନ କିନ୍ତୁ କେତୋଟି ମିନିଟ୍ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ବାପା କ୍ଲାସ୍‌ରେ ପହଞ୍ଚି ନଥିଲେ । ଜୀବନର ପ୍ରଥମଥର ପାଇଁ, ଦେବୋପମ ଅଧ୍ୟାପକଜଣଙ୍କର ଏତାଦୃଶ ବେନିୟମରେ, ଛାତ୍ରଗଣ କିଞ୍ଚିତ୍ ଆଶ୍ଚର୍ଯ୍ୟ ହେବାକୁ ଆରମ୍ଭ କରିଥିଲାବେଳେ ବାପା ପହଞ୍ଚିଥିଲେ ତରତର ହୋଇ । ପାଠପଢ଼ା ଚାଲିଲା ଠିକ୍‌ଠାକ୍ । ପିରିୟଡ୍ ଶେଷ ହେବା ପରେ ଜଣେ ଛାତ୍ର ବାପାଙ୍କୁ ତାଙ୍କ ବିଳମ୍ବର କାରଣ ପଚାରିବାରୁ, ବାପା ଯେଉଁ ଉତ୍ତରଟି ଦେଇଥିଲେ ତାହା ଥିଲା ବେଶ୍ ଚମକପ୍ରଦ ।

ସେଦିନ ସକାଳେ ଅସୁସ୍ଥ ବୋଉକୁ ନେଇ ବାପା ଯାଇଥିଲେ ହସ୍‌ପିଟାଲ୍ । ଡ଼ାକ୍ତରଙ୍କର ପରାମର୍ଶ ଅନୁଯାୟୀ ପାଖାପାଖି କୌଣସି ଏକ ଦୋକାନରେ ବୋଉର କେତେଗୁଡିଏ ପାଥୋଲୋଜିକାଲ ପରୀକ୍ଷା କରିବାକୁ ପଡ଼ିଲା । ପରୀକ୍ଷା ପରେ ନିର୍ଦ୍ଧାରିତ ପଇସା ପଇଠ କରିବାକୁ ଗଲାବେଳେ ବାପା ଆବିଷ୍କାର କଲେ ଯେ ତାଙ୍କ ପକେଟ୍‌ରୁ ଶହେଟଙ୍କିଆ ନୋଟ୍‌ଟି ହୋଇଯାଇଛି ଗାୟବ । ଘରକୁ ଯାଇ ଟଙ୍କା ଆଣିବାରେ ଆହୁରି ସମୟ ବରବାଦ ହେବ । କ୍ଲାସ୍ ନେଇପାରିବେନି । ତେଣୁ ବୋଉକୁ ଦୋକାନରେ ବସାଇଦେଇ ବାପା ଆସିଛନ୍ତି କଲେଜ । କଲେଜରୁ ଘରକୁ ଯାଇ ଓ ସେଠାରୁ ଟଙ୍କା ନେଇ ଦୋକାନରୁ ରିପୋର୍ଟ ଆଣିବେ ଓ ବୋଉକୁ ହସ୍‌ପିଟାଲ୍‌ରେ ଦେଖାଇବେ ।

ଅନେକ ବର୍ଷ ଆଗର କଥା । ଜଣେ ସ୍ୱଳ୍ପବେତନଭୋଗୀ ଅଧ୍ୟାପକଙ୍କ ପାଇଁ ଶହେଟଙ୍କାର ମୂଲ୍ୟ ଏମିତି କିଛି କମ୍ ନଥିଲା ସେତେବେଳେ । ଜଣେ ଛାତ୍ର କହିଲେ "କୁଆଡେ ଆଉ ଯିବ ସାର୍? ସେଇଠି କେଉଁଠି ହୁଏତ ଖସିପଡ଼ିଥିବ । ଟିକିଏ ଆଖପାଖ ଖୋଜିଲେନି?"

"ନୋଟ୍‌ଟି ଖୋଜିଥିଲେ ଇଆଡେ କ୍ଲାସ୍‌ରେ ପହଞ୍ଚିବାରେ ଡେ଼ରି ହୋଇଥାଆନ୍ତା ଯେ ।" ବାପା ଉତ୍ତର ଦେଇଥିଲେ । ଅଧ୍ୟାପକ ହିସାବରେ କେତେ ବେଶୀ ନିଷ୍ଠାବାନ୍ ଓ ସଚ୍ଚୋଟ ଥିଲେ, ତାହାର ଜ୍ୱଳନ୍ତ ଉଦାହରଣ ଏଇ ଉପାଖ୍ୟାନଟି ।

କର୍ତ୍ତବ୍ୟନିଷ୍ଠା ଥିଲା ଅପ୍ରମିତ । ଦେଖିଛି - ପରୀକ୍ଷା ଖାତା ମୂଲ୍ୟାଙ୍କନ କଲାବେଳେ ଖାତାର ପ୍ରତିଟି ବାକ୍ୟ, ପ୍ରତିଟି ଶବ୍ଦ ପୁନଃପୁନଃ ପଢୁଥିଲେ ବାପା । ଭୟ, କାଳେ ପିଲାଟିର ବିଦ୍ୟାବୁଦ୍ଧିର ମାନନିର୍ଦ୍ଧାରଣରେ କିଛି ତ୍ରୁଟି ରହିଯିବ । କାଳେ କେଉଁଠି ପିଲାଟି ପ୍ରତି



Digitized by srujanika@gmail.com

ଅନ୍ୟାୟ ହୋଇଯିବ । ମାର୍କିନ କନାବନ୍ଧା, ଜଉମୁଦମରା ଖାତା ବଣ୍ଡିଲ୍‌ଟି ଘରେ ପହଞ୍ଚିଲାପରେ, ବାପା ଏକରକମ୍ ଖିଆପିଆ ପାଶୋରି ଯାଉଥିଲେ । ମନଧ୍ୟାନ ରହୁଥିଲା ଖାତା ଉପରେ ।

ବାପା ଥିଲେ ଶାକାହାରୀ ଏବଂ ଲଙ୍କାମରିଚକୁ ଭୟ କରୁଥିଲେ ବ୍ୟାଘ୍ର ସଦୃଶ । ବଜାର କିଣା ଜଳଖିଆ କେବେ ବି ତାଙ୍କୁ ଖାଇବାର ଦେଖିନି; କିନ୍ତୁ ବାପା ପରିଣତ ବୟସରେ ପହଞ୍ଚିବା ପରେ ଥରଟେ ସାନଭଉଣୀ ଲୁସି ତାଙ୍କୁ ଦକ୍ଷିଣୀ ହୋଟେଲ୍‌ରୁ କିଣା ହୋଇ ଆସିଥିବା ଉପମା ଓ ସମ୍ବର ଜୋର ଜବରଦସ୍ତ କରି ଖୁଆଇଥିଲା ଏବଂ ବାପାଙ୍କୁ ତାହା ସ୍ୱାଦିଷ୍ଟ ଲାଗିଥିଲା ମଧ୍ୟ । କିନ୍ତୁ ଉପମା ଶବ୍ଦଟି ସିଏ ଯେତେ ଚେଷ୍ଟା କଲେ ବି ମନେ ରଖିପାରିଲେନି । ବି.ଏ. ପଢୁଥିବା ନାତୁଣୀ ବୁଦ୍ଧି ବତେଇଦେଲା । କହିଲା, "ବାପା, ତମେ ଅଳଙ୍କାର ପରିଚୟ ବୋଲି ବହିଟିଏ ଲେଖିଚ ନା । ସେଥିରେ ଉପମା ଅଳଙ୍କାର କଥା ବି ଲେଖିଚ । ତାକୁ ମନେରଖିଦିଅ ।" ଠିକ୍ ଠିକ୍ କହି ବାପା ମୁଣ୍ଡ ଟୁଙ୍ଗାରିଲେ । କେଇଦିନ ପର ବଜାର ଯାଇଥିବା ସମୟରେ କଲେଜ ଛକର ସାଉଥ୍ ଇଣ୍ଡିଆନ୍ ହୋଟେଲ୍ ସାମ୍ନାରେ ଠିଆହୋଇ ଦୋକାନଦାରଙ୍କୁ କହିଥିଲେ "ଦୟାକରି କିଛି ଉପମା ଅଳଙ୍କାର ଦିଅନ୍ତୁ ।" କାହାଣୀଟି ଆମକୁ କହି ମୋ ସାନଭଉଣୀ ହସିହସି ନୟାନ୍ତ । ମୁଁ କିନ୍ତୁ ଠିକ୍ ବୁଝିଥିଲି, ନରସିଂହ ଦେବ ବା ବୀରଭଦ୍ର ଦେବଙ୍କ ଅଜସ୍ର ଶିଳାଲେଖର ଚିକିନିଖି ଖବର ବହନ କରୁଥିବା ସେ ଉନ୍ନତ ମସ୍ତିଷ୍କ ଓ ମେଧା, ସାଧାରଣ ମଣିଷଙ୍କ ପରି ଦୋଷା, ଇଡ୍‌ଲିର ଚକ୍କର୍‌ରେ ନ ପଡ଼ିବାଟା ହିଁ ଥିଲା ସ୍ୱାଭାବିକ ।

ବାପାଙ୍କ ବିଷୟରେ ଯେତେବେଳେ ବି ଲେଖିବାକୁ ଚେଷ୍ଟା କରିଛି, ସାରା ଅଭିଧାନ ପୃଷ୍ଠା ଓଲଟାଇ ତାଙ୍କୁ ବର୍ଣ୍ଣନା କଲାପରି ଶବ୍ଦଟିଏ ଖୋଜି ପାଇନି । କଅଣ କହିବି ବାପାଙ୍କୁ ? ନିଷ୍କଳଙ୍କ, ସଦାଚରଣ, କ୍ରୋଧଶୂନ୍ୟ, ମଣିଷଟିଏ ? କିମ୍ବା ବିଦ୍ୱାନ, ଧୈର୍ଯ୍ୟବାନ୍, ଦେବୋପମ ମଣିଷଟିଏ ? ଅଥବା ଶାନ୍ତ, ସୁଶୃଙ୍ଖଳ, ଋଷିପ୍ରତିମ ମଣିଷଟିଏ ? କଅଣ କହିବି ବାପାଙ୍କୁ ? କିନ୍ତୁ ବାପା କଅଣ ଖାଲି ଏଇଆ ? ବାପା ଯେ ଏହାଠାରୁ ଆହୁରି ଅଧିକ କିଛି । ବାପା ଯେ ଏହାଠାରୁ ଆହୁରି ମହତ୍ତର । ଯିଏ ବି ବାପାଙ୍କ ସଂସ୍ପର୍ଶରେ ଆସିଛନ୍ତି, ସିଏ ନିଶ୍ଚୟ ବୁଝିପାରିବେ ମୋ କଥାର ସତ୍ୟାସତ୍ୟ ।

ମନେପଡୁଛି - କେଇବର୍ଷ ତଳେ ଗୋଟିଏ କାର୍ଟୁନ୍ ଦେଖିଥିଲି । ଆଜିଠୁ ହଜାର ବର୍ଷ ପରେ ଚିଡିଆଖାନାରେ ଯନ୍ତାଭିତରେ ସୁରକ୍ଷିତ ମଣିଷଟିଏ । କୁନି ଝୁଆଟି ଜେବ୍ରା, ପ୍ଲାଟିପସ୍ ଓ ପେଙ୍ଗୁଇନ୍ ଦେଖିସାରିଲାପରେ ମା'ଙ୍କୁ ପଚାରୁଛି । 'ଇଏ କିଏ ? ମା ଉତ୍ତର ଦେଉଛନ୍ତି, "ଯାକୁ ଭଲମଣିଷ କହନ୍ତି । ଏବେ ଇଏ ପୃଥିବୀରେ ବିରଳ ।" କେଜାଣି କାହିଁକି ସେ କାର୍ଟୁନଟି ଦେଖିଲାବେଳେ ମନେପଡିଥିଲା ମୋ ବାପାଙ୍କ କଥା । ମନେ ହେଉଥିଲା ହଜାର ବର୍ଷ ପରେ ନୁହେଁ, ଏବେ ବି ପୃଥିବୀରେ ତାଙ୍କପରି ଭଲ ମଣିଷଟିଏ ବିରଳ । ଅବଶେଷ, ତାଙ୍କର ଜ୍ୟେଷ୍ଠା କନ୍ୟା ହୋଇ ସୁଦ୍ଧା, ତାଙ୍କର ସେଇ ବିରଳ ଭଲପଣିଆରୁ ମୁଁ କାଣିଚାଏ ବି ପାଇପାରିଲିନି । ଶେଷପର୍ଯ୍ୟନ୍ତ ରହିଗଲି ତାଙ୍କର ଅଯୋଗ୍ୟ ସନ୍ତାନଟିଏ ହୋଇ ।

●●●



Digitized by srujanika@gmail.com

## ସଂକ୍ଷେପରେ କାନନ ମିଶ୍ର



ଜନ୍ମସ୍ଥାନ : କଟକ

ପିତା : ୰ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ

ମାତା : ୰ ଶ୍ରୀମତୀ ସୁରେଖା ତ୍ରିପାଠୀ

ଶିକ୍ଷା : ଏମ୍.ଏ. (ଇଂରାଜୀ), ଏମ୍.ଏ. (ଓଡ଼ିଆ),
ଏମ୍.ଲିଟ୍ (ତୁଳନାତ୍ମକ ସାହିତ୍ୟ) କୋବିଦ (ହିନ୍ଦୀ)

ପୁରସ୍କାର : ଓଡ଼ିଶା ସାହିତ୍ୟ ଏକାଡେମୀ, ଫକୀର ମୋହନ ସାହିତ୍ୟ ପରିଷଦ, ଭୁବନେଶ୍ୱର ପୁସ୍ତକ ମେଳା, ଭୁବନେଶ୍ୱର ସାମ୍ବାଦିକ ୟୁନିୟନ ଏବଂ ମାଣିକ ବିଶ୍ୱନାଥ ସ୍ମୃତିନ୍ୟାସ ଦ୍ୱାରା ପୁରସ୍କୃତା ।

ଏତଦ୍ ବ୍ୟତୀତ ସୁଧନ୍ୟା, ଆଗାମୀ ଶତାବ୍ଦୀ, ପ୍ରତିଭାସିକ୍ତ, ଝୁମୁକା, ସାହାଣମେଳା, ସକାଳ ପତ୍ରିକା ଏବଂ ଧ୍ୱନି ପ୍ରତିଧ୍ୱନି ସଂବାଦ ପତ୍ର ଦ୍ୱାରା ସମ୍ମାନିତା / ପୁରସ୍କୃତା ।

ରଚନାବଳୀ : ଶିଶୁ କବିତା : • ହୀରା ମୋତି ମାଣିକ • ଟୁପୁରୁ ଟୁପୁରୁ ବରଷେ ପାଣି • କାଗଜ ଡଙ୍ଗା • କାଇଁଚମାଛି • ଫୁଲବନ • ମନମଉଜ • ହସଖୁସି

କବିତା : • ମନର ମୁକୁଳ • ତୀର୍ଥ • ମନ୍ତ୍ର • ନବସାକ୍ଷରଙ୍କ ପାଇଁ କବିତା

ଗଳ୍ପ : • ବହି ମେଳାରୁ ବୟଫ୍ରେଣ୍ଡ୍ ପର୍ଯ୍ୟନ୍ତ • ଅଧାଲେଖା ଦସ୍ତାବିଜ୍ • ମିଶ୍ରସ୍ୱାଦ • ଆଖ୍ୟାନ • ମହାନାୟକ

ଫିଚର : • ଗପସପ • ଭିନ୍ନସ୍ୱର

ଅନୁବାଦ : • ସୂର୍ଯ୍ୟମୁଖୀର ସ୍ୱପ୍ନ (ଆସାମୀଜ୍ ଭାଷାରୁ ଅନୂଦିତ ଓଡ଼ିଆ ଉପନ୍ୟାସ)

ସମାଲୋଚନା : • ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ

ଇଂରାଜୀ ରଚନା : • A Tryst with Life - (A collection of features)

Digitized by srujanika@gmail.com